Click Here & Upgrade
Expanded Features
Unlimited Pages
PDF Complete



# ଆମେ ଓ ଆମର ସ୍ୱାଧୀନତା

ଗୁରୁକଲ୍ୟାଣ ମହାପାତ୍ର

୧୯୪୭ ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନ ହେବା ପୂର୍ବରୁ, ୧୯୪୨ର ଅଗଷ୍ଟ ବିପ୍ଳବ କିମ୍ବା ଭାରତଛାଡ଼ ଆନ୍ଦୋଳନ ହେଉ ନଚେତ୍ ଆଜାଦ୍ ହିନ୍ଦ୍ ଫୌଜର ଭୂମିକା ହେଉ, ସେସବୁକୁ ଅସ୍ୱୀକାର କରାଯାଇ ନପାରେ । ସେସବୁର ଭୂମିକା ଭାରତର ସ୍ୱାଧୀନତା ହାସଲ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ସୋଭିଏତ୍ ରୁଷର ତତ୍‌କାଳୀନ ଅକ୍ଟୋବର ବିପ୍ଳବ ସଦୃଶ ୧୯୪୨ ଅଗଷ୍ଟ ୮ ତାରିଖର ଭାରତଛାଡ଼ ଆନ୍ଦୋଳନର ଡାକରା ସହିତ ଆଜାଦ୍ ହିନ୍ଦ୍ ଫୌଜର ସରକାର ଗଠନ ପ୍ରଭୃତି ବିଷୟର ସୁଦୂର ପ୍ରସାରୀ ପ୍ରଭାବ ରହିଥିଲା । ସେହି ୧୯୪୨ ଅଗଷ୍ଟ ୮ ତାରିଖରେ ତତ୍କାଳୀନ ବ୍ରିଟିଶ ସରକାରଙ୍କୁ ଭାରତ ଛାଡ଼ି ଚାଲିଯିବା ପାଇଁ ଚେତାବନୀ ଦିଆଯାଇ ଦେଶବ୍ୟାପୀ ଆନ୍ଦୋଳନକୁ ତୀବ୍ରତର କରାଯାଇଥିଲା । ୧୯୪୩ରେ ମଧ୍ୟ ଆଜାଦ୍ ହିନ୍ଦ୍ ସରକାର ଭାରତ ସୀମାରେ ପହଞ୍ଚି ଯାଇଥିଲା । ଗାନ୍ଧିଜୀଙ୍କର ସେହି ଐତିହାସିକ ଭାରତଛାଡ଼ ଆନ୍ଦୋଳନର ଆହ୍ୱାନ ସମେତ ନେତାଜୀଙ୍କର ଆଜାଦ୍ ହିନ୍ଦ୍ ସରକାର ଗଠନ ସମଗ୍ର ଭାରତବାସୀଙ୍କ ମଧ୍ୟରେ ଆନ୍ଦୋଳନ ପାଇଁ ଅପୂର୍ବ ସାହସ ସୃଷ୍ଟି କରିଥିଲା । ବିଶେଷ କରି ଅହିଂସା ଆନ୍ଦୋଳନର ବହ୍ନି ତୀବ୍ର ଆକାର ଧାରଣ କରିବାରୁ ତତ୍କାଳୀନ ଇଂରେଜ ଶାସକ ଭାରତ ଛାଡ଼ିବା ବ୍ୟତୀତ ଗତ୍ୟନ୍ତର ନଥିଲା ଓ ଆମେ ସ୍ୱାଧୀନତା ହାସଲ କରିବା ଏକ ପ୍ରକାର ନିଶ୍ଚିତ ହୋଇଯାଇଥିଲା ।



ଅତୀତର ସେହି ଗୌରବମୟ ଇତିହାସକୁ ସ୍ମରଣ କଲେ ଆମେ ରୋମାଞ୍ଚିତ ହୋଇଥାଉ । ୧୯୪୨ର ସେହି ଅଗଷ୍ଟ ବିପ୍ଳବ ଯୋଗୁଁ ତତ୍କାଳୀନ ବ୍ରିଟିଶ ଶାସକ ପ୍ରକୃତରେ ଭୟ ପାଇ ଯାଇଥିଲେ ଓ ତହିଁ ପରଦିନ ଅର୍ଥାତ୍ ୧୯୪୨ ଅଗଷ୍ଟ ୯ ତାରିଖରେ ପୋଲିସ ଜାତିର ଜନକ ଗାନ୍ଧୀଙ୍କ ସମେତ ସମସ୍ତ ତୁଙ୍ଗ ନେତା ଓ ଆନ୍ଦୋଳନକାରୀମାନଙ୍କୁ ଗିରଫ କରିପକାଇଲେ । ବ୍ରିଟିଶ ସରକାର ଭାବିଥିଲେ ଯେ ତଦ୍ଦ୍ୱାରା ସେହି ଆନ୍ଦୋଳନ ଦବି ଯିବ । ମାତ୍ର ତାହା ସମ୍ଭବ ହେଲା ନାହିଁ । ନିଆଁ ପରି ଆନ୍ଦୋଳନ ଦେଶସାରା ବ୍ୟାପିଗଲା । ଦେଶ ବାହାରପଟୁ ଆଜାଦ୍ ହିନ୍ଦ୍ ଫୌଜ୍ ମଧ୍ୟ ବ୍ରିଟିଶ ସରକାରଙ୍କ ଉପରେ ଆକ୍ରମଣ କରିବ ବୋଲି ମଧ୍ୟ ତତ୍କାଳୀନ ବ୍ରିଟିଶ୍ ଶାସକବର୍ଗ ଭୟ ପାଇଗଲେ । ତେଣୁ ଭାରତକୁ ସ୍ୱାଧୀନ କରିବାକୁ ସେମାନେ ଚାହିଁଲେ । ନଚେତ୍ ସ୍ୱାଧୀନତା ଆହୁରି ବିଳମ୍ବିତ ହୋଇଥାନ୍ତା । ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗୀୟ ହରେକୃଷ୍ଣ ମହତାବ ଏକଦା ଅଗଷ୍ଟ ବିପ୍ଳବ ଆନ୍ଦୋଳନ ସଂପର୍କରେ ସୂଚନା ଦେଇ ଲେଖିଥିଲେ - '୧୮୫୭ର ସିପାହୀ ବିଦ୍ରୋହଠାରୁ ଏହା ଥିଲା ସ୍ୱତନ୍ତ୍ର । ଏଥର ଲୋକେ ନିରସ୍ତ୍ର ଓ ଅହିଂସ । କେହି କେହି ଭାବୁଥିଲେ ଯେ ବ୍ରିଟିଶ ସରକାର ଏହି ନିରସ୍ତ୍ର, ଅହିଂସ ଆନ୍ଦୋଳନକୁ ଅଚିରେ ଦମନ କରି ଦେଇପାରିବେ । ଆନ୍ଦୋଳନକୁ କଠୋର ଭାବରେ ଦମନ କରାଗଲା ସତ କିନ୍ତୁ ଏଥିଲାଗି ଚାରିମାସ ସମୟ ଲାଗି ଯାଇଥିଲା । ଶହ ଶହ ଲୋକଙ୍କୁ ହତ୍ୟା କରାଗଲା, ହଜାର ହଜାର ଲୋକଙ୍କୁ ବନ୍ଦୀ କରାଗଲା । କେବଳ ଓଡ଼ିଶାରେ ପ୍ରାୟ ଶହେ ଗ୍ରାମବାସୀଙ୍କୁ ହତ୍ୟା କରାଗଲା, ଜଣକୁ ଫାଶୀ ଦିଆଗଲା । ଶହ ଶହ ଲୋକଙ୍କୁ ଜେଲ୍‌ରେ ଭର୍ତ୍ତି କରାଗଲା । କିନ୍ତୁ ହୃଦୟ ଭିତରେ ଲେଲିହାନ ବିଦ୍ରୋହାନଳ ଅଲିଭା ରହିଲା । ... ଏହାପରେ ଏହି ଆନ୍ଦୋଳନର ପ୍ରଭାବ ବ୍ରିଟିଶ ସୈନ୍ୟ ବାହିନୀରେ ସାମିଲ୍ ହୋଇଥିବା ଭାରତୀୟମାନଙ୍କ ଉପରେ ପଡ଼ିଥିଲା । ଫଳରେ ଭୟାତୁର ବ୍ରିଟିଶ ଶେଷରେ ଭାରତରେ ଆଉ ଶାସନ କରିପାରିବେ ନାହିଁ ବୋଲି ଜାଣି ଭାରତ ଛାଡ଼ିବାକୁ ବାଧ୍ୟ ହୋଇଥିଲେ ।

ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ବହୁ କଷ୍ଟରେ ଅହିଂସ ଉପାୟରେ ସ୍ୱାଧୀନତା ହାସଲ କରିଥିଲା । ମାତ୍ର ବ୍ରିଟିଶ ସରକାରଙ୍କ

Click Here & Upgrade
Expanded Features
Unlimited Pages
PDF Complete Documents



କୂଟନୀତିକ ଦୁଷ୍ଟ ବୁଦ୍ଧି ଯୋଗୁଁ ଭାରତ ଦୁଇଭାଗରେ ବିଭାଜିତ ହୋଇ ପାକିସ୍ଥାନର ସୃଷ୍ଟି ସମ୍ଭବ ହେଲା । ସ୍ୱାଧୀନତା ପ୍ରାପ୍ତିର ପ୍ରାୟ ୫୮ ବର୍ଷ ପରେ କିନ୍ତୁ ଏପରି କର୍ମଫଳର ଶରବ୍ୟ ହୋଇଛି ଏବେ ବ୍ରିଟିଶ ସରକାର । ଗତ ଜୁଲାଇ ମାସରେ ଲଣ୍ଡନ ସହରରେ ଦୁଇ ଦୁଇଥର ବୋମା ବିସ୍ଫୋରଣ ହେବା ଫଳରେ ଲଣ୍ଡନବାସୀ ଖୁବ୍ ଆତଙ୍କିତ ହୋଇପଡ଼ିଛନ୍ତି । ଏପରି ଆତଙ୍କବାଦୀ କାର୍ଯ୍ୟକଳାପରେ ପାକିସ୍ଥାନର ମଦ୍ରାସାଗୁଡ଼ିକ ଦାୟୀ ବୋଲି ବ୍ରିଟିଶ ପ୍ରଧାନମନ୍ତ୍ରୀ ଟୋନି ବ୍ଲେଆର ଦୋଷାରୋପ କରିଛନ୍ତି । ପାକିସ୍ଥାନ ଦେଶବାସୀଙ୍କ ପକ୍ଷରୁ ମଧ୍ୟ ପାକିସ୍ଥାନର ସାମରିକ ଶାସକଙ୍କ ବିରୋଧରେ ବିଦ୍ରୋହ ଆରମ୍ଭ ହୋଇଛି । ତେଣୁ ପାକିସ୍ଥାନର ରାଷ୍ଟ୍ରପତି, ସେନାଧ୍ୟକ୍ଷ ପରଭେଜ୍ ମୁସାରଫ ଖୁବ୍ ବିଚଳିତ ହୋଇ ପଡ଼ିଛନ୍ତି ବୋଲି ବିଭିନ୍ନ ଗଣମାଧ୍ୟମଗୁଡ଼ିକ ପ୍ରକାଶ କରିଛନ୍ତି । ଗତ କିଛି ବର୍ଷ ତଳେ ଆମେରିକାରେ ପେଣ୍ଟାଗନ ଓ ବିଶ୍ୱ ବାଣିଜ୍ୟ ସଂଗଠନକୁ ମଧ୍ୟ ବୋମା ବିସ୍ଫୋରଣ ଦ୍ୱାରା ଧ୍ୱଂସ କରାଯାଇଥିଲା । ସେହି କାର୍ଯ୍ୟକଳାପ ଭିଆଇଥିବା ଆତଙ୍କବାଦୀମାନେ ପାକିସ୍ଥାନରେ ଆତ୍ମଗୋପନ କରିଥିବା ମଧ୍ୟ ସନ୍ଦେହ କରାଯାଉଛି । ତେଣୁ ଅଖଣ୍ଡ ଭାରତକୁ ଖଣ୍ଡ ଖଣ୍ଡ କରିବାର ପରିଣତି ଏବେ ଇଂଲଣ୍ଡ ସମେତ ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ର ଭୋଗ କରୁଛନ୍ତି ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ଜୁଲାଇ ଶେଷ ସପ୍ତାହରେ ଆତଙ୍କବାଦୀମାନେ ଇଜିପ୍ଟରେ ମଧ୍ୟ ନରସଂହାର କରିଥିବାର ସୂଚନା ମିଳିଛି ।

ସେ ଯାହାହେଉ, ଦେଶ ବିଭାଜନ ସର୍ତ୍ତରେ ହିଁ ଆମେ ସ୍ୱାଧୀନତା ଲାଭ କଲୁ । କିନ୍ତୁ ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ସବୁଠାରୁ କଷ୍ଟଦାୟକ ବ୍ୟାପାର ଥିଲା ପଂଜାବ ଓ ବଙ୍ଗ ପ୍ରଦେଶକୁ ଭାଗ ଭାଗ କରାଯିବା ସହିତ ଭାରତ ଆଉ ପାକିସ୍ଥାନ ମଧ୍ୟରେ ସୀମାରେଖା ନିରୂପଣ କରାଯିବା । ଦୁଃଖର କଥା, ଉଭୟ ରାଷ୍ଟ୍ରର ସୀମାରେଖା ଜଣାପଡ଼ିବା ପରେ ସୀମାନ୍ତରେ ଉଭୟ ସଂପ୍ରଦାୟ ମଧ୍ୟରେ ଚାଲିଲା ଘମାଘୋଟ ସଂଘର୍ଷ ଓ ନରସଂହାର । ମୃତାହତଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଲା । ଜୀବନ ବିକଳରେ ପିଲା କବିଲାଙ୍କୁ ଧରି ଭୟାତୁର ପଶ୍ଚିମ ପଂଜାବର ଲକ୍ଷ ଲକ୍ଷ ହିନ୍ଦୁ ଓ ଶିଖ୍ ପୂର୍ବ ପଂଜାବ ଦିଗକୁ ପଳାୟନ କଲେ । ସେହିପରି ପୂର୍ବ ପଂଜାବରୁ ଲକ୍ଷ ଲକ୍ଷ ମୁସଲମାନ ଭୟରେ ପଶ୍ଚିମ ପଂଜାବ ଆଡ଼କୁ ଜୀବନ ବିକଳରେ ଧାଇଁଲେ । ପୃଥିବୀର ଇତିହାସରେ ଏପରି ଲୋମହର୍ଷଣକାରୀ ଓ ଦୟନୀୟ ଦୃଶ୍ୟ ଥିଲା ଅତ୍ୟନ୍ତ ବିରଳ ଓ ଦୁର୍ଭାଗ୍ୟଜନକ ।

ମହାନ ବିପ୍ଳବୀ, ସ୍ୱାଧୀନତା ସଂଗ୍ରାମୀ ଓ ଧର୍ମଗୁରୁ ଶ୍ରୀ ଅରବିନ୍ଦ (ଘୋଷ) ଭାରତ ସ୍ୱାଧୀନତା ପ୍ରାପ୍ତିର ଅବ୍ୟବହିତ ପୂର୍ବରୁ ୧୯୪୭ ଅଗଷ୍ଟ ୧୪ ତାରିଖ ମଧ୍ୟରାତ୍ରରୁ ତିରୁଚିରାପଲ୍ଲୀ ଆକାଶବାଣୀ କେନ୍ଦ୍ର ଜରିଆରେ ଯେଉଁ ବାର୍ତ୍ତା ଦେଇଥିଲେ, ସେଥିରେ ସେ କ୍ଷୋଭର ସହିତ ଉଲ୍ଲେଖ କରିଥିଲେ, 'ବିପ୍ଳବାତ୍ମକ ପନ୍ଥା ମାଧ୍ୟମରେ ଏକ ସ୍ୱାଧୀନ ଓ ସଂଘବଦ୍ଧ ଅଖଣ୍ଡ ଭାରତ ପ୍ରତିଷ୍ଠା କରିବା ମୋର ପ୍ରଥମ ସ୍ୱପ୍ନ ଥିଲା । ଆଜି ଭାରତ ସ୍ୱାଧୀନ କିନ୍ତୁ ଅଖଣ୍ଡ ନୁହେଁ .... ।

ଭାରତ ସେତେବେଳେ ସ୍ୱାଧୀନତା ଲାଭ କଲା ଏବଂ ଯାହାଙ୍କ ଯୋଗୁଁ ଏହା ସମ୍ଭବ ହୋଇଥିଲା, ସେହି ଜାତିର ପିତା ମହାତ୍ମା ଗାନ୍ଧୀ ସ୍ୱାଧୀନତା ପ୍ରାପ୍ତି ସମୟରେ, ଅର୍ଥାତ୍ ୧୯୪୭ ଅଗଷ୍ଟ ୧୫ ତାରିଖରେ ଭାରତର ରାଜଧାନୀ ନୂଆଦିଲ୍ଲୀରେ ନଥିଲେ । ସ୍ୱାଧୀନତା ଆଗମନ ଯୋଗୁଁ ସେଦିନ ପ୍ରତ୍ୟୁଷରେ ଦିଲ୍ଲୀବାସୀ ଆନନ୍ଦ-ମୁଖରିତ ହୋଇପଡ଼ିଥିଲେ । ସ୍ୱାଧୀନତାର ଜୟଧ୍ୱନି ସମଗ୍ର ଭାରତର ଗଗନପବନକୁ ପ୍ରକମ୍ପିତ କରିପକାଉଥାଏ । ଦୀର୍ଘଦିନର ପରାଧୀନତା ପରେ ଦେଶବାସୀ ଯେତେବେଳେ ଆନନ୍ଦ ବିହ୍ୱଳିତ, ଦେଶର ଜନକ ତଥା ସ୍ୱାଧୀନତାର ପ୍ରାଣ ପ୍ରତିଷ୍ଠାତା ଗାନ୍ଧିଜୀ ସେତେବେଳେ ରାଜଧାନୀ ଦିଲ୍ଲୀଠାରୁ ବହୁ ଦୂରରେ କଲିକତା (ଏବର କୋଲକାତା)ଠାରେ ବିଷର୍ଣ୍ଣ ମନରେ ଥାଆନ୍ତି । ସ୍ୱାଧୀନତା ପ୍ରାପ୍ତିର ପ୍ରାୟ ସପ୍ତାହକ ପୂର୍ବରୁ ମହମ୍ମଦ ଅଲ୍ଲୀ ଜିନ୍ନା ଦିଲ୍ଲୀରୁ କରାଚୀ ଅଭିମୁଖେ ଚାଲିଗଲେ । ତାଙ୍କର ଉଦ୍ଦେଶ୍ୟ ଥିଲା ପାକିସ୍ଥାନର ଜନ୍ମ ଦିବସ ସେ ପାଳନ କରିବେ । ବାପୁଜୀ ସେତେବେଳେ କିନ୍ତୁ ଥିଲେ ପଶ୍ଚିମ ପଂଜାବରେ, ଯାହା ଭାରତରୁ ବିଚ୍ଛିନ୍ନ ହୋଇ ପାକିସ୍ଥାନ ସୀମା ଭିତରକୁ ଯିବାର ଥିଲା । ଲାହୋରରେ ଶଙ୍କାଗ୍ରସ୍ତ ହିନ୍ଦୁ ଓ ଶିଖ୍ମାନଙ୍କ ଅବସ୍ଥା ଦେଖିବାକୁ ଆସିଥିବା ଗାନ୍ଧିଜୀ ସେମାନଙ୍କୁ ଆଶ୍ୱାସନା ଦେଇ ଆସୁଥିଲେ ଯେ ସେ ତାଙ୍କର ଅବଶିଷ୍ଟ ଜୀବନ ସେଠାରେ (ପାକିସ୍ଥାନରେ) ହିନ୍ଦୁ ଓ ଶିଖ୍ମାନଙ୍କ ଗହଣରେ (ସ୍ୱାଧୀନତା ପ୍ରାପ୍ତି ପରେ) ବିତାଇବେ । ଏହାଫଳରେ ଶଙ୍କାଗ୍ରସ୍ତ ହିନ୍ଦୁ ଓ ଶିଖ୍ମାନେ ଆଶ୍ୱସ୍ତ ହେଲେ । ମାତ୍ର ବିଧିର ବିଚିତ୍ର ବିଚାର । ଖବର ମିଳିଲା ଯେ ଦେଶ ବିଭାଜନ ପ୍ରକ୍ରିୟା ଯୋଗୁଁ ପାକିସ୍ଥାନ ସୀମାର ଅନ୍ତର୍ଭୁକ୍ତ ହେବାକୁ ଥିବା ପୂର୍ବବଙ୍ଗ (ଏବର ବଙ୍ଗଳାଦେଶ)ର ନୋଆଖାଲିସ୍ଥିତ ହିନ୍ଦୁମାନଙ୍କୁ କୁଆଡ଼େ ସଂପୂର୍ଣ୍ଣ ଭାବେ ନିଶ୍ଚିହ୍ନ କରି ଦିଆଯିବ । ତେଣୁ ବାପୁଜୀ ତତ୍‌କ୍ଷଣାତ୍ ଲାହୋରରୁ ରେଳ ଯୋଗେ ନୋଆଖାଲି ଯିବା ରାସ୍ତାରେ କଲିକତାରେ ପହଞ୍ଚିଲେ । କଲିକତାରେ ସାଂପ୍ରଦାୟିକ ଦଂଗାହଙ୍ଗାମା ଅତି ତୀବ୍ର ରୂପ ଧାରଣ କରିବାର ଥାଏ । କଲିକତା ମହାନଗରୀ ପାକିସ୍ଥାନ ଭିତରେ ରହିବ ବୋଲି ମହମ୍ମଦ ଅଲ୍ଲୀ ଜିନ୍ନା କୁଆଡ଼େ ସେଠାକାର ମୁସଲମାନମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର କଲିକତା ଭାରତରେ ରହିବ ବୋଲି ଜଣାପଡ଼ିବା ପରେ କଲିକତାର ମୁସଲମାନମାନେ ଖୁବ୍ ଭୟଭୀତ ହୋଇପଡ଼ିଲେ । ସାଂପ୍ରଦାୟିକ ଦଂଗାହଙ୍ଗାମା ତୀବ୍ର ଆକାରରେ ହେବାର ସମ୍ଭାବନା ଦେଖା ଦେଇଥିଲା । ମାତ୍ର ଈଶ୍ୱର ପ୍ରେରିତ ଦୂତ ବା ପୟଗମ୍ବର ଭାବେ ଗାନ୍ଧିଜୀ କଲିକତାରେ ପହଞ୍ଚିଛନ୍ତି ବୋଲି ମୁସଲମାନମାନେ ଭାବି ଆଶ୍ୱସ୍ତ ହେଲେ । ଗାନ୍ଧିଜୀଙ୍କ ଉପସ୍ଥିତିରେ ସାଂପ୍ରଦାୟିକ ଦଙ୍ଗା ଆଉ ସମ୍ଭବ ହେଲା ନାହିଁ । ଭୀତତ୍ରସ୍ତ ମୁସଲମାନମାନେ ପ୍ରକୃତରେ ଗାନ୍ଧିଜୀଙ୍କୁ ଦେଖି ଓ ଶୁଣି ସାହସ ପାଇଲେ । ନୋଆଖାଲିରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କୁ ସୁରକ୍ଷା ଦେବା ପାଇଁ ମୁସଲମାନ ନେତାମାନେ ମଧ୍ୟ ବାପୁଜୀଙ୍କୁ ଦୃଢ଼ ପ୍ରତିଶ୍ରୁତି ଦେଲେ । ଫଳରେ ବାପୁଜୀ ଆଉ ନୋଆଖାଲି ନଯାଇ କଲିକତାରେ ଅଟକି ରହିଲେ ସ୍ୱାଧୀନତା ପ୍ରାପ୍ତି ସମୟରେ । ସେଠାରେ ସାଂପ୍ରଦାୟିକ ସଦ୍‌ଭାବ, ସଂପ୍ରୀତି ଓ ଶାନ୍ତି ବିରାଜମାନ

କଲା । ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଆମେ ସ୍ୱାଧୀନତା ପାଇବା ବେଳକୁ ୧୯୪୭ ଅଗଷ୍ଟ ୧୫ ତାରିଖରେ ପଂଜାବରେ ପ୍ରବଳ ଭାବରେ ସାଂପ୍ରଦାୟିକ ଦଂଗାଗୋଳ ଓ ହିଂସାକାଣ୍ଡ ଆରମ୍ଭ ହୋଇଯାଇଥାଏ । ନରସଂହାର ଯୋଗୁଁ ପଂଜାବରେ ରକ୍ତର ନଦୀ ପ୍ରବାହିତ ହେଉଥିଲା । ତତ୍କାଳୀନ ଭାରତର ବଡ଼ଲାଟ୍ ଲର୍ଡ଼ ମାଉଣ୍ଟବ୍ୟାଟେନ ମହାତ୍ମା ଗାନ୍ଧୀଙ୍କର ଅଦ୍‌ଭୁତ୍ ଶକ୍ତିକୁ କଲିକତାରେ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ତେଣୁ ସେ ଉଲ୍ଲେଖ କରିଥିଲେ - 'ପଂଜାବରେ ଆମର ୫୫ ହଜାର ସୈନ୍ୟଙ୍କୁ ମୁତୟନ କରାଯାଇ ମଧ୍ୟ ସେଠାରେ ବ୍ୟାପକ ହତ୍ୟାକାଣ୍ଡ ଚାଲିଛି । ବଙ୍ଗରେ ଆମର ସୈନ୍ୟଶକ୍ତି ମାତ୍ର ଜଣେ ବ୍ୟକ୍ତିଙ୍କୁ ନେଇ ଗଠିତ ଅଥଚ ସେଠାରେ ଦଂଗାହଙ୍ଗାମା ନାହିଁ । ଜଣେ ସାମରିକ ପଦାଧିକାରୀ ଓ ପ୍ରଶାସକ ରୂପେ ମୁଁ ସେହି ଜଣେ ବ୍ୟକ୍ତି ବିଶିଷ୍ଟ ସୀମା ସୈନ୍ୟ ବାହିନୀ ପ୍ରତି ମୋର ସମ୍ମାନ ଜ୍ଞାପନ କରୁଛି ।' (ଭାରତ ଇତିହାସ - ଡଃ ମନ୍ମଥନାଥ ଦାସ)

ଦୁଃଖର କଥା ଯେ ଦେଶ ବିଭାଜନ ସର୍ତ୍ତରେ ହିଁ ଆମେ ସ୍ୱାଧୀନତା ହାସଲ କଲୁ । କିନ୍ତୁ ୧୯୪୭ ଜୁନ୍ ୨ ତାରିଖରେ ଭାରତର ତତ୍କାଳୀନ ବଡ଼ଲାଟ୍ ମାଉଣ୍ଟବ୍ୟାଟେନ, କଂଗ୍ରେସ, ମୁସଲିମ୍ ଲିଗ୍ ଓ ଶିଖ୍ ନେତାମାନଙ୍କ ଗହଣରେ ଭାରତର ସ୍ୱାଧୀନତା ଲାଗି ଦେଶ ବିଭାଜନର ଚୁକ୍ତିକୁ ଗୃହୀତ କରାଇ ନେଇଥିଲେ ହେଁ ପରବର୍ତ୍ତୀ ଅବସ୍ଥାରେ ଗାନ୍ଧିଜୀ ତାହା ଜାଣିପାରି ଖୁବ୍ ବ୍ୟଥିତ ହୋଇ ପଡ଼ିଥିଲେ । ତେଣୁ ସେ କହିଥିଲେ - 'ମୁଁ ଯେଉଁ ବିପଦର ଆଶଙ୍କା କରୁଛି, ତାହା ଯଦି ଭାରତକୁ ଗ୍ରାସ କରେ ଏବଂ ତା'ର ସ୍ୱାଧୀନତା ସଂକଟାପନ୍ନ ହୁଏ, ମୁଁ ତାହା ଦେଖିବା ପାଇଁ ହୁଏ ତ ବଞ୍ଚି ରହି ନଥିବି । କିନ୍ତୁ ଉତ୍ତର ପୁରୁଷମାନେ ଜାଣନ୍ତୁ, କେତେ ପର୍ଯ୍ୟନ୍ତ ନିଦାରୁଣ ଯନ୍ତ୍ରଣା ମଧ୍ୟରେ ଏହି ବୃଦ୍ଧ ବ୍ୟକ୍ତିର ଆତ୍ମା ସେ କଥା ଚିନ୍ତା କରିଥିଲା । ଏ କଥା କୁହା ନଯାଉ ଯେ ଗାନ୍ଧୀ ଭାରତ ବ୍ୟବଚ୍ଛେଦ ପାଇଁ ପକ୍ଷଭୁକ୍ତ ।'

ସ୍ୱାଧୀନତା ପୂର୍ବରୁ କ୍ଷମତା ଲୋଭରେ ହୁଏ ତ ଆମେମାନେ ଜାତିର ଜନକ ଗାନ୍ଧୀଙ୍କୁ ମାନି ନଥିଲୁ କିମ୍ବା ସ୍ୱାଧୀନତା ପରେ ଆମେମାନେ ତାଙ୍କରି ନୀତି ଅନୁଯାୟୀ ଚାଲିବାକୁ ପ୍ରସ୍ତୁତ ନଥିଲୁ । ଜଣେ ଧର୍ମାନ୍ଧ ଯୁବକ ଗାନ୍ଧିଜୀଙ୍କୁ ଭୁଲ ବୁଝି ଗୁଳିବିଦ୍ଧ କରି ମଧ୍ୟ ହତ୍ୟା କରିଥିଲା । ଗାନ୍ଧିଜୀଙ୍କ 'ବିବେକ ରକ୍ଷକ' ଭାବେ ପରିଚିତ ରାଜାଜୀ (ରାଜଗୋପାଳାଚାରୀ) ତେଣୁ କହିଥିଲେ, 'ଗାନ୍ଧିଜୀଙ୍କୁ ଉଦ୍‌ଭ୍ରାନ୍ତ ହିନ୍ଦୁ ଯୁବକ ଗଡ୍‌ସେ ଗୁଳି କରି ମାରି ନଥିଲେ, ଦେଶର ଏ ଅବସ୍ଥା ଦେଖି ସ୍ୱାଧୀନତା ପରେ ଗାନ୍ଧିଜୀ ଭଗ୍ନ ହୃଦୟରେ ହୁଏ ତ ପ୍ରାଣତ୍ୟାଗ କରିଥାନ୍ତେ ।' ପ୍ରକୃତରେ ଦେଶ ଭିତରେ ବା ବାହାରେ ବିଚ୍ଛିନ୍ନତାବାଦୀ ଶକ୍ତିଗୁଡ଼ିକ ଯେପରି ସକ୍ରିୟ ହୋଇ ଆତଙ୍କବାଦ ସୃଷ୍ଟି କରି ଚାଲିଛନ୍ତି, ତଦ୍ୱାରା ଦେଶର ସ୍ୱାଧୀନତା ସଙ୍କଟାପନ୍ନ ହେବ ବୋଲି ଆମର ଆଶଙ୍କା ଜାତ ହେବା ସ୍ୱାଭାବିକ ।

'ଆମେ କେତେ ଦୂର ସ୍ୱାଧୀନ ? ବୋଲି ଜଣେ ଲେଖକ ଶ୍ରୀ ଅଭୟ ସିଂ କିଛି ବର୍ଷ ତଳେ ପ୍ରଶ୍ନ କରିଥିଲେ ବିଶିଷ୍ଟ ଗାନ୍ଧିବାଦୀ, ସଂଗ୍ରାମୀ ଓ ପୂର୍ବତନ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ମହାପାତ୍ରଙ୍କୁ । ତାହାର ଉତ୍ତର ସେ ଦେଇଥିଲେ ଏହିପରି - 'ଆମେ ସ୍ୱାଧୀନ ହୋଇ ପାରୁ, ମାତ୍ର ମୁଁ ସ୍ୱାଧୀନ ନୁହେଁ । କାରଣ ଭାରତବର୍ଷରୁ ଇଂରେଜ ଶାସନ ଚାଲିଗଲା ପରେ ଭାରତୀୟମାନଙ୍କ ରାଜୁତି ହେଲା ବୋଲି ଆମେ ଯେତେ ଉଲ୍ଲସିତ, ଆନନ୍ଦିତ ହୋଇଥିଲୁ, ବାସ୍ତବ ସ୍ୱାଧୀନତାର ସ୍ୱାଦଟା ସେପରି ଲାଗିଲା ନାହିଁ । ତା'ର ମୁଖ୍ୟ କାରଣ ହେଲା ଆମେ ଆଜି ଜାତିର ଜନକ ରୂପେ ସମ୍ମାନ ଦେଉଥିବା ମହାତ୍ମା ଗାନ୍ଧୀଙ୍କ ନିର୍ଦ୍ଦେଶ ଅନୁସାରେ ସ୍ୱାଧୀନ ହୋଇପାରିଲୁ ନାହିଁ ... ସବୁ ଦୃଷ୍ଟିରୁ ବିଚାର କଲେ ସବୁ କ୍ଷେତ୍ରରେ ଆମେ ନିଜସ୍ୱ ସ୍ୱାଧୀନତାକୁ ହରାଇ ଦେଇଛୁଁ । ମନେ ପଡୁଛି ମହାତ୍ମା ଗାନ୍ଧୀ କହିଥିଲେ - 'ସେହିଦିନ ଭାରତ ସ୍ୱାଧୀନ ହେବ, ଯେଉଁଦିନ ହରିଜନ ବ୍ୟକ୍ତିଟିଏ ଦେଶର ରାଷ୍ଟ୍ରପତି ଆସନରେ ଅଧିରୂଢ଼ ହେବ ।' ଏ କଥାର ଅର୍ଥ ଯାହା ମୁଁ ବୁଝିଛି, ସମାଜର ନିମ୍ନବର୍ଗର ଦରିଦ୍ରତମ ବ୍ୟକ୍ତିଙ୍କୁ ଯୋଗ୍ୟ କରାଇ ଆମେ ତାଙ୍କ ହାତରେ ଶାସନ କ୍ଷମତା ଅର୍ପଣ କରିପାରିଲେ, ସମସ୍ତଙ୍କୁ ସମାନ ଭାବରେ ଦେଖିପାରିଲେ, ପ୍ରକୃତ ସ୍ୱାଧୀନତା ହାସଲ ହୋଇଛି ବୋଲି ବୁଝି ହେବ । କିନ୍ତୁ ଆମେ ଶାସନ ବିଧାନ ଓ ସମ୍ବିଧାନ ତିଆରି କରିଛୁ, ସୁବିଧାବାଦୀ ଗୋଷ୍ଠୀକୁ ଅଧିକ ସୁବିଧା ଦେବା ପାଇଁ ସେ ଧାରା ଚାଲିଛି ।

ନେତାଜୀ ସୁଭାଷଚନ୍ଦ୍ର ବୋଷ ଓ ତାଙ୍କଦ୍ୱାରା ପ୍ରତିଷ୍ଠିତ ଆଜାଦ ହିନ୍ଦ ଫଉଜ୍ ସିଙ୍ଗାପୁରଠାରେ ସ୍ୱାଧୀନ ସରକାର ଗଠନ କରି ତତ୍କାଳୀନ ବ୍ରିଟିଶ ସରକାରଙ୍କ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ । ୧୯୪୩ରେ ଏହି ଫଉଜ ଆସାମର କୋହିମାଠାରେ ପହଞ୍ଚି ସ୍ୱାଧୀନ ପତାକା ଉଡ଼ାଇଥିଲେ । ଏହା ପରେ ନେତାଜୀଙ୍କର ଦିଲ୍ଲୀ ଚଲୋ' ପରି ଦୃପ୍ତ ଆହ୍ୱାନ ହିଁ ବ୍ରିଟିଶ ଶାସକବର୍ଗଙ୍କୁ ସେତେବେଳେ ଥରହର କରି ପକାଇଥିଲା । ଏହା ପୂର୍ବରୁ ଗାନ୍ଧିଜୀଙ୍କ ଡାକରାରେ ୧୯୪୨ରେ ଭାରତଛାଡ଼ର ଆହ୍ୱାନ ବ୍ରିଟିଶ ଶାସକଙ୍କ ମନରେ ଭୟ ସଞ୍ଚାର କରିଥିଲା । କୌଣସି ମତେ ଏସବୁ ଆହ୍ୱାନକୁ ଦମନ କରିବାକୁ ଚାହୁଁଥିବା ବ୍ରିଟିଶ ଶକ୍ତି ବିଫଳ ମନୋରଥ ହୋଇ ଶେଷରେ ଅବିଳମ୍ବେ ଭାରତର ସ୍ୱାଧୀନତା ପାଇଁ ଘୋଷଣା କରିଥିଲେ । ବାପୁଜୀଙ୍କ ତ୍ୟାଗପୂତ ଅହିଂସା ସଂଗ୍ରାମ ଓ ନେତାଜୀଙ୍କ ତ୍ୟାଗପୂତ ସଶସ୍ତ୍ର ସଂଗ୍ରାମ ବାସ୍ତବିକ ଆମ ସ୍ୱାଧୀନତା ସଂଗ୍ରାମର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ଆଜି ଆମେ ରାଜନୀତିକ ସ୍ୱାଧୀନତା ହାସଲ କରିଥିଲେ ହେଁ, ଏ ରାଷ୍ଟ୍ରର ବିକାଶ ପାଇଁ ମୋର ଯାହା ମନେହୁଏ ତାହା ଯଥେଷ୍ଟ ନୁହେଁ । ବରଂ ଅର୍ଥନୀତିକ ସ୍ୱାଧୀନତାର ଆବଶ୍ୟକତା ଏବେ ଅନୁଭୂତ ହେଉଛି । ଏଥିପାଇଁ ପରସ୍ପର ମଧ୍ୟରେ ସହଯୋଗ ଓ ବୁଝାମଣା ସହିତ ନୈତିକତା, ଶାନ୍ତି ଓ ସଦ୍‌ଭାବର ବାତାବରଣ ସ୍ୱାଧୀନୋତ୍ତର ଭାରତରେ ବିରାଜମାନ କରୁ । ଏହା ହିଁ କାମନା ପବିତ୍ର ସ୍ୱାଧୀନତା ଦିବସରେ ।

ଡି.-୧୦/୫
ୟୁନିଟ-୮, ଭୁବନେଶ୍ୱର-୧୨

Click Here & Upgrade
Expanded Features
Unlimited Pages
PDF Complete



# ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ

ଡ: ଚନ୍ଦ୍ରଭାନୁ ପଟେଲ୍

ଭାରତର ସ୍ୱାଧୀନତା ସଂଗ୍ରାମର ପୃଷ୍ଠାକୁ ଉନ୍ମୋଚନ କଲେ ଓଡ଼ିଶାର ଭୂମିକା, ଓଡ଼ିଶାର ଅବଦାନ, ସର୍ବୋପରି ଓଡ଼ିଶାର ସମ୍ବେଦନ ଅନସ୍ୱୀକାର୍ଯ୍ୟ । ପ୍ରାକ୍ ସ୍ୱାଧୀନତାର ଓଡ଼ିଶାକୁ ସମୀକ୍ଷା କଲେ ଜଣାଯାଏ- ସମ୍ରାଟ ଖାରବେଳଙ୍କଠାରୁ ଆରମ୍ଭ କରି ଗଜପତି ମହାରାଜା ପୁରୁଷୋତ୍ତମ ଦେବଙ୍କ ଯାଏ ଓଡ଼ିଶା ରାଜା ମହାରାଜାମାନଙ୍କ ସୌର୍ଯ୍ୟ, ବୀର୍ଯ୍ୟ, ପରାକ୍ରମ ଓ ରାଜ୍ୟ ବିସ୍ତାର ଦ୍ୱାରା ଓଡ଼ିଶା ଥିଲା ବିଭବଶାଳୀ । ମାତ୍ର ପରେ ବିଦେଶୀମାନଙ୍କ ଆକ୍ରମଣରେ ପରାଧୀନତା ସ୍ୱୀକାର କଲା । ୧୮୦୩ ଖ୍ରୀଷ୍ଟାବ୍ଦରେ ଇଷ୍ଟଇଣ୍ଡିଆ କମ୍ପାନୀ ଅଧୀନକୁ ଓଡ଼ିଶା ଚାଲିଯାଇଥିବାବେଳେ ଉପକୂଳବର୍ତ୍ତୀ କଟକ, ପୁରୀ, ଓ ବାଲେଶ୍ୱର ଜିଲ୍ଲା ବଙ୍ଗଳା ପ୍ରେସିଡେନ୍ସିରେ ଓ ସମ୍ବଲପୁର ଜିଲ୍ଲା ମଧ୍ୟପ୍ରଦେଶରେ ରହିଲା । ଓଡ଼ିଆ ଭାଷାଭାଷୀ ଜନସାଧାରଣଙ୍କ ନିମିତ୍ତ ଗୋଟିଏ ସ୍ୱତନ୍ତ୍ର ଶାସନ ସଂସ୍ଥା ନଥିବାରୁ ନିଷ୍ପେସିତ ଓଡ଼ିଆ ଜାତିର ଚିତ୍କାର କେବଳ ଆର୍ତ୍ତନାଦରେ ପରିଣତ ହୋଇଥିଲା । ଊନବିଂଶ ଶତାବ୍ଦୀର ଶେଷଭାଗ ଓ ବିଂଶ ଶତାବ୍ଦୀର ପ୍ରଥମ ଭାଗ ଥିଲା ଓଡ଼ିଶାର ଜନଜୀବନ ପାଇଁ ଏକ ସନ୍ଧିକ୍ଷଣ ସମୟ । ସେତେବେଳେ ଓଡ଼ିଶାର ସାମାଜିକ, ରାଜନୀତିକ, ଅର୍ଥନୀତିକ ଏବଂ ସର୍ବୋପରି ସାଂସ୍କୃତିକ ଚେତନାର ବିପୁଳ ପରିବର୍ତ୍ତନ ହୋଇଥିଲା । ଗୋଟିଏ ପଟେ ନଅଙ୍କ ଦୁର୍ଭିକ୍ଷର ଘୋର ଅର୍ଥନୀତିକ ବିପର୍ଯ୍ୟୟ ଏବଂ ଅନ୍ୟପଟେ ଓଡ଼ିଆ ଭାଷା ବିଲୋପ ଆନ୍ଦୋଳନ ସାଙ୍ଗକୁ ଫିରିଙ୍ଗୀ ଶାସନର ଅମାନୁଷିକ ଅତ୍ୟାଚାର ଓଡ଼ିଶାର ଜନଚେତନାକୁ ଦୋହଲାଇ ଦେଇଥିଲା ।



ଏସବୁ ଦୁର୍ଦ୍ଦିନରେ ଯେତେବେଳେ ଓଡ଼ିଆ ଭାଷାର ସତ୍ତା ନିଶ୍ଚିହ୍ନ ହେବାକୁ ବସିଥିଲା, ସେତେବେଳେ ଫକୀରମୋହନ, ରାଧାନାଥ ରାୟ, ମଧୁସୂଦନ ରାୟ ଓ ଗଙ୍ଗାଧର ମେହେର ପ୍ରମୁଖ ସାହିତ୍ୟିକ ଓ ଗୌରୀଶଙ୍କର ଏବଂ ନୀଳମଣି ବିଦ୍ୟାରତ୍ନଙ୍କ ପରି ସାମ୍ବାଦିକ ଭାଷା ସଂଗ୍ରାମ କ୍ଷେତ୍ରରେ ଆବିର୍ଭାବ ହୋଇଥିଲେ । ପୁନଶ୍ଚ ଏହି ପୃଷ୍ଠଭୂମିରେ ୧୮୬୬ର ଲୋମହର୍ଷଣକାରୀ ନଅଙ୍କ ଦୁର୍ଭିକ୍ଷ ମଧ୍ୟରୁ ପ୍ରଥମେ ଜନ୍ମ ଲାଭ କରିଥିଲା ଓଡ଼ିଆଭାଷୀ ଜନସାଧାରଣଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନର ଚିନ୍ତାଧାରା ।

ଏଭଳି ପରିସ୍ଥିତିରେ ଇଂରେଜମାନେ ତଥା ଓଡ଼ିଆ ବୁଦ୍ଧିଜୀବୀ ଗୋଷ୍ଠୀ ଓଡ଼ିଆ ଅଞ୍ଚଳମାନଙ୍କର ଏକତ୍ରୀକରଣର ଆବଶ୍ୟକତା ଉପଲବ୍ଧି କରିଥିଲେ । ୧୮୬୮ ମସିହାରେ ତତ୍କାଳୀନ ଭାରତର ସଚିବ ସାର୍ ଷ୍ଟାଫୋର୍ଡ ନର୍ଥକୋଟ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କୁ ଏକତ୍ର କରି ଏକ ଚିଫ୍ କମିଶନରଙ୍କ ଅଧୀନରେ ରଖିବା ଉଚିତ୍ ବୋଲି ମତ ଦେଇଥିଲେ । ଊନବିଂଶ ଶତାବ୍ଦୀର ଦ୍ୱିତୀୟ ଭାଗରେ ଓଡ଼ିଶାର ଏକ ବୁଦ୍ଧିଜୀବୀ ଗୋଷ୍ଠୀର ଅଭ୍ୟୁଦୟ ହେଲା । ଏହି ଗୋଷ୍ଠୀ ମୁଦ୍ରଣ ଯନ୍ତ୍ର, ପତ୍ରପତ୍ରିକା, ପାଠ୍ୟ ପୁସ୍ତକ, ପୁରାତନ ପୋଥିର ପ୍ରକାଶନ ଏବଂ ସାଂସ୍କୃତିକ ଅନୁଷ୍ଠାନ ମାଧ୍ୟମରେ ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ଏବଂ ପୁନରୁଦ୍ଧାର ପାଇଁ ଚେଷ୍ଟା ଚଳାଉଥିଲେ । ଏହି ଆନ୍ଦୋଳନରେ ଉତ୍କଳୀୟ ବଙ୍ଗାଳୀ ଗୌରୀଶଙ୍କର ରାୟ, ଓଡ଼ିଆ ଗଦ୍ୟସାହିତ୍ୟର ଜନକ ଫକୀର ମୋହନ ସେନାପତି, ଓଡ଼ିଆ ପଦ୍ୟସାହିତ୍ୟର ଜନକ ରାଧାନାଥ ରାୟ ଏବଂ ପ୍ୟାରୀ ମୋହନ ଆଚାର୍ଯ୍ୟ ପ୍ରମୁଖ ବ୍ୟକ୍ତିମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

୧୮୮୨ ମସିହାରେ କଟକରେ ଉତ୍କଳ ସଭା ନାମରେ ଏକ ସଂଘ ଗଠନ ହେଲା । କଟକରେ ନିର୍ବାଚନଭିତ୍ତିକ ସ୍ୱାୟତ୍ତଶାସନ ବ୍ୟବସ୍ଥା ପ୍ରଚଳନ ଏବଂ ସାଧାରଣ ଜନହିତକର କାର୍ଯ୍ୟ ସମ୍ପାଦନ ଏହାର ଉଦ୍ଦେଶ୍ୟ ଥିଲା । ଏହି ସଂଘ ମାଧ୍ୟମରେ ଓଡ଼ିଆ ଅଞ୍ଚଳମାନଙ୍କର ଏକତ୍ରୀକରଣ ପାଇଁ ପ୍ରଚେଷ୍ଟା ଆରମ୍ଭ ହୋଇଥିଲା ।

Click Here & Upgrade
Expanded Features
Unlimited Pages
PDF Complete Documents



ଓଡିଶାର ପ୍ରଥମ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀଧାରୀ, ପ୍ରଥମ ଓକିଲ, ପ୍ରଥମ ବିଦେଶୀ ଯାତ୍ରୀ ଏବଂ ପ୍ରଥମ ବିଧାୟକ ଓଡିଆ ଅଞ୍ଚଳମାନଙ୍କର ଏକତ୍ରୀକରଣ ତଥା ଓଡିଶାର ସାମୂହିକ ଉନ୍ନତି ପାଇଁ ଏକ ସ୍ଥାୟୀ ଅନୁଷ୍ଠାନ ଗଠନ କରିବା ପାଇଁ ପରିକଳ୍ପନା କରିଥିଲେ । ଏତିକିବେଳେ ୧୯୦୩ ମସିହା ଡିସେମ୍ବର ମାସର ପ୍ରଥମ ସପ୍ତାହରେ ଇଂରେଜ ସରକାର ଓଡିଆ ଅଞ୍ଚଳମାନଙ୍କର ଏକତ୍ରୀକରଣ ପାଇଁ ଏକ ଯୋଜନା ପ୍ରସ୍ତୁତ କରିଥିଲେ ।

ଖ୍ରୀ:୧୮୮୫ରେ ଭାରତୀୟ ଜାତୀୟ ମହାସଭା ବା ଇଣ୍ଡିଆନ ନେସ୍‌ନାଲ୍ କଂଗ୍ରେସର ପ୍ରତିଷ୍ଠାରେ ଭାରତବାସୀଙ୍କର ଶାସନାଧିକାର ପାଇଁ ବୈଧ ଆନ୍ଦୋଳନ ନାମ ରୂପ ପାଇଲା । ଏହି ଅନୁଷ୍ଠାନ ମି:ଅଲସନ ଅକ୍ଟାଭିଏନ୍ ହିଉମଙ୍କ ଦ୍ୱାରା ପ୍ରବର୍ତ୍ତିତ ହୋଇଥିଲା ଓ ସେତେବେଳର ଗଭର୍ଣ୍ଣର ଜେନେରାଲ୍ ଲର୍ଡ ଡଫରିନ୍ (୧୮୮୪-୧୮୮୮) ଏ ଅନୁଷ୍ଠାନକୁ ଆଶୀର୍ବାଦ ଦେଇଥିଲେ ।

ସେତେବେଳେ ଓଡିଶାରୁ ଅଳ୍ପଲୋକ କଂଗ୍ରେସରେ ଯୋଗ ଦେଇଥିଲେ । ଯେତେଦୂର ଜଣାଯାଏ ମଧୁସୂଦନ ଦାସ, ଗୌରୀଶଙ୍କର ରାୟ ଏ ଦୁଇଜଣ ମାତ୍ର କେତେ ବର୍ଷ ପାଇଁ କଂଗ୍ରେସରେ ଯୋଗ ଦେଇଥିଲେ । ୧୯୦୫ରେ ଯେତେବେଳେ ସଂପ୍ରଦାୟ ହିସାବରେ ବଙ୍ଗ ପ୍ରଦେଶ ଦୁଇ ଭାଗରେ ବିଭକ୍ତ ହେଲା, ଶୁଣାଯାଏ ସେହି ସମୟରେ ଓଡିଶାର ପ୍ରତିନିଧିମାନେ ଓଡିଆଭାଷୀ ଅଞ୍ଚଳକୁ ଏକ ଶାସନାଧୀନ କରିବାକୁ କଂଗ୍ରେସ ଆଗରେ ଏକ ପ୍ରସ୍ତାବ ଆଣିବା ପାଇଁ ଚାହିଁଥିଲେ ।

ଯାହାହେଉ ଖ୍ରୀ:୧୯୦୫ ଠାରୁ ଓଡିଶାର ରାଜନୀତି ଉତ୍କଳ ସମ୍ମିଳନୀରେ କେନ୍ଦ୍ରୀଭୂତ ରହିଲା । ଭାଷା ସୂତ୍ରେ ଦେଶ ମିଶ୍ରଣର ପ୍ରଥମ ଆନ୍ଦୋଳନ ଆରମ୍ଭ ହୁଏ ୧୯୦୨ ମସିହାରେ । ସେହି ବର୍ଷ ପ୍ରାକୃତିକ ଓଡିଶାର ପ୍ରତିନିଧିମାନଙ୍କୁ ଘେନି ଗଞ୍ଜାମର ବ୍ରହ୍ମପୁରଠାରେ ଏକ ଜାତୀୟ ସମ୍ମିଳନୀ ବସିଥିଲା । ତତ୍‌ପର ବର୍ଷ ଖ୍ରୀ:୧୯୦୩ରେ ମଧୁସୂଦନ ଦାସ କଟକରେ ଉତ୍କଳ ସମ୍ମିଳନୀ ସ୍ଥାପନ କଲେ ଓ ପ୍ରଥମ ଅଧିବେଶନର ସଭାପତି ହୋଇଥିଲେ ମୟୂରଭଞ୍ଜର ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ । ଓଡିଆଭାଷୀ ଅଞ୍ଚଳମାନଙ୍କ ଏକତ୍ରୀକରଣ ଏ ସମ୍ମିଳନୀର ଉଦ୍ଦେଶ୍ୟ ବୋଲି ବିଧିବଦ୍ଧ ହୋଇଥିଲା । ଉତ୍କଳ ସମ୍ମିଳନୀର ନିର୍ଦ୍ଦିଷ୍ଟ ନୀତି ହେଲା ଇଂରେଜ ଶାସନ ସାହାଯ୍ୟରେ ପ୍ରତିବେଶୀଙ୍କ କବଳରୁ ଓଡିଆ ସ୍ୱାର୍ଥ ରକ୍ଷା କରିବା ଓ ଓଡିଆଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ଲାଭ କରିବା ।

ଉତ୍କଳ ସମ୍ମିଳନୀରେ ଦେଶୀୟ ଶିଳ୍ପର ପୁନରୁଦ୍ଧାର ପାଇଁ ପ୍ରସ୍ତାବମାନ ମଧ୍ୟ ଗୃହୀତ ହୋଇଥିଲା । ମଧୁସୂଦନ ଦାସ ନିଜେ ସମ୍ମିଳନୀରେ ହାତକଟା ସୂତାରେ ତନ୍ତବୁଣା ଧୋତି ପିନ୍ଧି ଯୋଗ ଦେଇଥିଲେ । ସମ୍ମିଳନୀର ଚତୁର୍ଦ୍ଦଶ ଅଧିବେଶନରେ ଜଣେ ସଦସ୍ୟ ଅରଟଟିଏ ଆଣି ସମ୍ମିଳନୀ ମଣ୍ଡପରେ ପ୍ରଦର୍ଶନ କରିଥିଲେ । ମଧୁସୂଦନ ଦାସ ନିଜେ କଟକରେ ତାରକସି କାମ, ଚମଡା କାମ ପ୍ରଭୃତିର ଉନ୍ନତି ପାଇଁ ଅଗାଧ ପରିଶ୍ରମ ଓ ଅର୍ଥବ୍ୟୟ କରିଥିଲେ ।

ଉତ୍କଳ ସମ୍ମିଳନୀ ବାସ୍ତବିକ ଶେଷ ହୋଇଗଲା ଖ୍ରୀ:୧୯୨୦ ସିଂହଭୂମ ଜିଲ୍ଲା ଚକ୍ରଧରପୁର ଅଧିବେଶନରେ । ସ୍ୱର୍ଗୀୟ ବିଶ୍ୱନାଥ କର ସେତେବେଳେ ସଭାପତି ଥିଲେ । ପଣ୍ଡିତ ଗୋପବନ୍ଧୁଙ୍କ ପ୍ରସ୍ତାବ କ୍ରମେ କଂଗ୍ରେସର ସ୍ୱରାଜ୍ୟ ପ୍ରାପ୍ତି ଉତ୍କଳ ସମ୍ମିଳନୀର ଲକ୍ଷ୍ୟ ରୂପେ ବହୁ ମତରେ ଗୃହୀତ ହେଲା । ତାପରେ ଭାରତୀୟ ରାଜନୈତିକ ଆନ୍ଦୋଳନରେ ଓଡିଶା ନିମଗ୍ନ ହୋଇଗଲା ।

୧୯୧୪ ସାଲରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୁଏ । ଜର୍ମାନୀ ସହିତ ଇଂଲଣ୍ଡ ଯୁଦ୍ଧରେ ବ୍ୟସ୍ତ ଥିବା ସମୟରେ, କଳେବଳେ କୌଶଳେ ଜର୍ମାନୀର ସାହାଯ୍ୟ ଲାଭକରି ବଳପୂର୍ବକ ଇଂରେଜ ଶାସନକୁ ଏ ଦେଶରୁ ହଟାଇ ଦେଇ ଭାରତର ସ୍ୱାଧୀନତା ଲାଭ କରିବାର ସ୍ୱପ୍ନ ମଧ୍ୟ ଅନେକ ଉତ୍ସାହୀ ଯୁବକ ସେ ସମୟରେ ଦେଖୁଥିଲେ । ଏମାନେ ବାଲେଶ୍ୱରରେ 'ଏମ୍ପୋରିୟମ' ବୋଲି ଏକ ଦୋକାନ ଖୋଲି ତାହାରି ଜରିଆରେ ନିଷିଦ୍ଧ ଜର୍ମାନୀ ଜିନିଷ ସବୁ ଗୋପନରେ ବିକ୍ରୀ କରୁଥିଲେ । ସେହି ଦୋକାନ ଥିଲା କେନ୍ଦ୍ର, ତାହାରି ଜରିଆରେ ଯାହା କପ୍ତିପଦାରେ ଅସ୍ତ୍ରଶସ୍ତ୍ର ଶିକ୍ଷା ପାଉଥିବା ସ୍ୱେଚ୍ଛାସେବକମାନଙ୍କ ସହିତ ସେହିଭଳି ଅନେକ କାର୍ଯ୍ୟ କରୁଥିବା ଦଳମାନଙ୍କ ସହିତ ସଂପର୍କ ବଜାୟ ରହିଥିଲା ।

ଏହି ସମୟରେ ବାଲେଶ୍ୱରରେ ଦୁଇମାସ ପାଇଁ ସାମରିକ ଆଇନ ଜାରି ହୋଇଥିଲା । ଅନେକ ଭଦ୍ର ପରିବାରର ଯୁବକ 'ଏମ୍ପୋରିୟମ'ରେ ବସାଉଠା କରୁଥିବା ଅପରାଧରେ ବେତ ମାଡଠାରୁ ଆରମ୍ଭ କରି ବହୁ ପ୍ରକାର ନିର୍ଯ୍ୟାତନା ଭୋଗ କରିଥିଲେ । ଅଦିନ ମେଘ ଭଳି ଏ ଘଟଣା ଓଡିଶାରେ ଅଳ୍ପ କାଳ ପାଇଁ ଚାଞ୍ଚଲ୍ୟ ସୃଷ୍ଟି କରି ପୁଣି କୁଆଡେ ଉଭେଇ ଗଲା ।

ୟୁରୋପୀୟ ମହାଯୁଦ୍ଧ ଶେଷ ହେଲା ଖ୍ରୀ:୧୯୧୮ ଡିସେମ୍ବରରେ । ସେଥିରେ ଭାରତର ଧନ ଓ ଜନ ସାହାଯ୍ୟର ସୁଖ୍ୟାତି ବଡ ବଡ ଇଂରେଜ ଶାସନାଧ୍ୟକ୍ଷଙ୍କ ଠାରୁ ଶୁଣାଯାଇଥିଲା । ଯୁଦ୍ଧର ଉଦ୍ଦେଶ୍ୟ ସମସ୍ତ ଦେଶ ପାଇଁ ଆତ୍ମନିୟନ୍ତ୍ରଣ ଥିଲା ବୋଲି ଉଚ୍ଚ ସ୍ୱରରେ ଘୋଷଣା କରାଯାଉଥିଲା । ତେଣୁ ଭାରତ ମନରେ ସ୍ୱାଧୀନତାର ପ୍ରବଳ ଆକାଂକ୍ଷା ମଧ୍ୟ ଜାତ ହୋଇଥିଲା । ସେ ଆକାଂକ୍ଷା ପୂରଣ କରିବା ଦୂରେଥାଉ ୧୯୧୯ ଜାନୁୟାରୀରେ ଭାରତ ସରକାର ଦୁଇଟି ଆଇନ ପ୍ରଣୟନ କରିବା ପାଇଁ ବସିଲେ । ଏ ଆଇନରେ ବ୍ୟବସ୍ଥା ଥିଲା ଯେ, ସରକାର ରାଜଦ୍ରୋହ ଅପରାଧର କେବଳ ସନ୍ଦେହ କରି ଯେକୌଣସି ଲୋକଙ୍କୁ ବନ୍ଦୀ କରିପାରିବେ ଓ ଯେଉଁମାନେ ବିପ୍ଳବାତ୍ମକ ଅପରାଧରେ ଅପରାଧୀ, ତାଙ୍କର ତୁରନ୍ତ ବିଚାର ପାଇଁ ବିନା ଅପିଲରେ ସେମାନଙ୍କ ମକଦ୍ଦମା ଶୁଣାଣୀ ପାଇଁ ବିଶେଷ ବ୍ୟବସ୍ଥା କରାହୋଇଥିଲା ।

Click Here & Upgrade
Expanded Features
Unlimited Pages
PDF Complete Documents



ସେତେବେଳକୁ ମହାତ୍ମା ଗାନ୍ଧୀ ଭାରତ ଆସି ଯାଇ ଯୁଦ୍ଧରେ ଇଂରେଜ ସରକାରଙ୍କୁ ଯଥାସାଧ ସାହାଯ୍ୟ କରିଥିଲେ । ଉପରୋକ୍ତ ଆଇନ ପ୍ରଣୟନ ହେବା ସଂଗେସଂଗେ ସେ ତତ୍‌କାଳୀନ ଗଭର୍ଣ୍ଣର ଜେନେରାଲ୍ ଜେମସ୍ ଫୋର୍ଡଙ୍କୁ ସତ୍ୟାଗ୍ରହ ଦ୍ୱାରା ସେ ଆଇନର ପ୍ରତିରୋଧ କରିବେ ବୋଲି ସାବଧାନ କରାଇଲେ । ମାତ୍ର କାହାରି କଥା ନମାନି ସେ ଆଇନ ପାଶ ହୋଇଗଲା । ତେଣୁ ମହାତ୍ମା ଗାନ୍ଧୀ ସତ୍ୟାଗ୍ରହ ଆରମ୍ଭ କଲେ । ଅପ୍ରେଲ୍ ୬ ତାରିଖ ଦିନ ଭାରତ ସାରା ହରତାଳ କରାଯିବାର ସ୍ଥିର ହେଲା । ସେଥିରେ ଭାରତ ବ୍ୟାପୀ ତୁମୂଳ ଆନ୍ଦୋଳନ ଲାଗିଯାଇଥିଲା । ଅପ୍ରେଲ ୧୩ ତାରିଖ ବୈଶାଖ ସଂକ୍ରାନ୍ତି ଦିନ ପଞ୍ଜାବର ଜାଲିଆନାବାଲାବାଗଠାରେ ବିଶାଳ ଜନତା ଉପରେ ଗୁଳି ଚଳାଇ ଜେନେରାଲ୍ ଡାଏର ସହସ୍ରାଧିକ ପୁରୁଷ, ସ୍ତ୍ରୀ ଓ ବାଳକଙ୍କୁ ହତ୍ୟା କଲେ ।

କିନ୍ତୁ ଜାତୀୟତାର ବେଗ ଯେତେବେଳେ ପୂର୍ଣ୍ଣ ହୋଇ ବନ୍ଧ ବାଡ ଅତିକ୍ରମ କରି ପ୍ରବାହିତ ହେବାରେ ଲାଗିଲା, ସେତେବେଳେ ଓଡିଶା ମଧ ସେଥିରେ ସାମିଲ ହୋଇଗଲା । ନେତାମାନଙ୍କର ସଂକୀର୍ଣ୍ଣ ରାଜନୀତି ବାଲିବନ୍ଧ ଭଳି କୁଆଡେ ଭାସି ଚାଲିଗଲା । ୧୯୨୦ ସାଲ ସେପ୍ଟେମ୍ବର ମାସରେ କଲିକତାଠାରେ କଂଗ୍ରେସର ବିଶେଷ ବୈଠକରେ ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନ ବହୁ ମତରେ ଗୃହୀତ ହେଲା । ସେଥିରେ ମଣ୍ଟଫୋର୍ଡ ରିଫରମସ୍ ଅନୁସାରେ ପ୍ରବର୍ତ୍ତିତ ବ୍ୟବସ୍ଥା ସଭାମାନ ବର୍ଜନ କରିବା ଅନ୍ୟତମ କାର୍ଯ୍ୟକ୍ରମ ଥିଲା । ସେହି ନିର୍ଦ୍ଦେଶ ଅନୁସାରେ ପଣ୍ଡିତ ଗୋପବନ୍ଧୁ ଦାସ ବିହାର, ଓଡିଶା ବ୍ୟବସ୍ଥା ସଭାର ସଦସ୍ୟ ପଦ ପାଇଁ ପ୍ରାର୍ଥୀ ହେଲେ ନାହିଁ ଓ ପୁରୀ ଜିଲ୍ଲାରେ କାଉନ୍‌ସିଲ ବର୍ଜନ ପ୍ରଚାର କରି ଭୋଟଦାତାମାନଙ୍କୁ ଭୋଟ ଦେବାକୁ ନ ଆସିବା ପାଇଁ ପରାମର୍ଶ ଦେଇଥିଲେ । ଫଳରେ ସେ ଜିଲ୍ଲାରୁ ଅନେକ ଭୋଟ ବାକ୍ସ ଖାଲି ଫେରି ଆସିଥିଲା । ପୁଣି ଯେତେବେଳେ ୧୯୨୦ ଡିସେମ୍ବରରେ ନାଗପୁରଠାରେ କଂଗ୍ରେସର ସାଧାରଣ ଅଧିବେଶନରେ ସର୍ବସମ୍ମତ ଭାବେ ଅସହଯୋଗ ଆନ୍ଦୋଳନ ଗୃହୀତ ହେଲା, ସେତେବେଳେ ଓଡିଶାର ଯୁବକ ପ୍ରାଣ ଆଖିବୁଜି ସେ ଆନ୍ଦୋଳନରେ ଲମ୍ଫ ପ୍ରଦାନ କଲା । ସେହି ସମୟରେ ବହୁ ସଂଖ୍ୟାରେ ଛାତ୍ର ସ୍କୁଲ କଲେଜରୁ ପାଠପଢା ଛାଡି ଦେଇ ଆସି ଦେଶ ସେବା ବ୍ରତ ଗ୍ରହଣ କରି ଓଡିଶାରେ ନବଜାଗରଣ ସୃଷ୍ଟି କରିଥିଲେ ।

ଅସହଯୋଗ ଆନ୍ଦୋଳନର କାର୍ଯ୍ୟକ୍ରମ ପଞ୍ଚବିଧ ବର୍ଜନ ଥିଲା -(୧) ସରକାରୀ ଶିକ୍ଷାନୁଷ୍ଠାନ, (୨) ସରକାରୀ ବିଚାରାଳୟ, (୩) ବିଦେଶୀ ବସ୍ତ୍ର, (୪) ମାଦକ ଦ୍ରବ୍ୟ ଓ (୫) ସରକାରୀ ଉପାଧି । ଏହି ପାଞ୍ଚ ବସ୍ତୁର ବର୍ଜନ ।

ପଞ୍ଚବିଧ ବର୍ଜନର କାର୍ଯ୍ୟକ୍ରମ ଓଡିଶା ଭଳି ପ୍ରଦେଶମାନଙ୍କରେ ଉଣା ଅଧିକ କାର୍ଯ୍ୟକାରୀ ହୋଇଥିଲା । ସ୍କୁଲ କଲେଜରୁ ବହୁ ସଂଖ୍ୟକ ଛାତ୍ର ବିଦ୍ୟାଳୟର ଉପାଧି ମୋହ ତ୍ୟାଗ କରି ଚାଲି ଆସିଥିଲେ । ପ୍ରାୟ ସବୁ ଜିଲ୍ଲାରେ କେତେକ ବ୍ୟବସାୟୀ, ଓକିଲ, ମୁକ୍ତାର ନିଜର ବ୍ୟବସାୟ ଅଳ୍ପକାଳ ପାଇଁ ଛାଡି ଦେଇଥିଲେ । ଗ୍ରାମ ପଞ୍ଚାୟତମାନ ବହୁ ଗ୍ରାମରେ ସ୍ଥାପିତ ହୋଇଥିଲା । କେତେକ ସ୍ଥାନରେ ଏହା ଶକ୍ତିଶାଳୀ ହୋଇ ଉଠିଥିଲା । ବାଲେଶ୍ୱର ଜିଲ୍ଲା ଶ୍ରୀଜଙ୍ଗରେ ସ୍ଥାପିତ ପଞ୍ଚାୟତରେ ଜମି ଖରିଦ ଚିଠିର ଦଲିଲ ରେଜିଷ୍ଟ୍ରି ହେବା ମଧ ଚାଲିଥିଲା ।

ବିଦେଶୀ ବସ୍ତ୍ର ବର୍ଜନ କାର୍ଯ୍ୟକ୍ରମ ସବୁଠୁଁ ବେଶୀ କାର୍ଯ୍ୟକାରୀ ହୋଇଥିଲା । କୁଲି, ମଜୁରିଆ, ବଳଦଗାଡି ବାଲା କଂଗ୍ରେସର ପତାକା ତଳେ ସଂଘବଦ୍ଧ ହୋଇ ବିଦେଶୀ ବସ୍ତ୍ର ରେଳ ଷ୍ଟେସନରୁ ଆଣିବା ନାରାଜ ହେବା ଫଳରେ ଓ ବେପାରୀମାନଙ୍କ ଦୋକାନରେ ଜୋରରେ ପିକେଟିଂ ହେବା ଫଳରେ ବ୍ୟବସାୟୀମାନେ ବେପାର ବନ୍ଦ କରିବାକୁ ବାଧ ହୋଇଥିଲେ । କଲିକତାର ବଡ ବଜାରରେ ଅଧିକାଂଶ ମଜୁରିଆ ଓଡିଆ ଥିବାରୁ ସେଠା କଂଗ୍ରେସ ଅନୁଷ୍ଠାନର ଅନୁରୋଧକ୍ରମେ ପଣ୍ଡିତ ଗୋପବନ୍ଧୁ ସେଠାକୁ ଯାଇ ଓଡିଆ ଶ୍ରମଜୀବିମାନଙ୍କୁ ସଂଘବଦ୍ଧ କରି ବିଦେଶୀ ବସ୍ତ୍ର ବର୍ଜନରେ ଲଗାଇବାରୁ ବ୍ୟବସାୟୀମାନେ ବେପାର ବନ୍ଦ କରିବାକୁ ବାଧ ହୋଇଥିଲେ ।

ଏସବୁ କାର୍ଯ୍ୟକ୍ରମ ଛଡା ସାଧାରଣ ଉତ୍ସାହ ନାନାଭାବରେ ପ୍ରକାଶ ପାଇଥିଲା । ଯେଉଁଠି ଯାହା କିଛି ଅତ୍ୟାଚାର ହେଉଥିଲା, ତା ବିରୋଧରେ ଲୋକେ ସାହସ ସହକାରେ ଛିଡା ହେଲେ । ପୋଲିସ, ସରକାର, ହାକିମ, ଜମିଦାର ବା ମହାଜନ ଏମାନେ ଆଉ ଭୟରେ କାରଣ ହୋଇ ରହିଲେ ନାହିଁ ।

୧୯୨୧ ଡିସେମ୍ବର ମାସରେ କଂଗ୍ରେସର ଯେଉଁ ଅଧିବେଶନ ଅହମଦାବାଦରେ ହୋଇଥିଲା ସେଥିରେ ଯୋଗଦେବା ପାଇଁ ଓଡିଶାରୁ ୯୧୨ ଜଣ ପ୍ରତିନିଧି ଯାଇଥିଲେ । ଓଡିଶାର ଜନଜାଗରଣକୁ ଦବାଇବା ପାଇଁ ଯେଉଁ ନୀତି ଅବଲମ୍ବନ ହୋଇଥିଲା, ତାହା ଯେପରି କଠୋର, ସେହିପରି ମଧ ଅସାଧୁ ଥିଲା । ୧୯୨୨ ମସିହା ଅପ୍ରେଲ-ମେ ରେ କଟକ ସହରରେ ଭୀଷଣ ଘରପୋଡି ହୋଇଥିଲା ।

୧୯୨୯ ସାଲ ଡିସେମ୍ବର ଲାହୋର ଅଧିବେଶନରେ କଂଗ୍ରେସ ନିଜର ପୂର୍ଣ୍ଣ ସ୍ୱାଧୀନତା ଲକ୍ଷ୍ୟ ବୋଲି ଗ୍ରହଣ କଲା । ୧୯୩୦ ଏପ୍ରିଲ୍ ମାସରେ ଲବଣ ସତ୍ୟାଗ୍ରହ ଆଧାରରେ ଭାରତର ସ୍ୱାଧୀନତା ଯୁଦ୍ଧ ଆରମ୍ଭ ହେଲା । ଓଡିଶାର ସାଧାରଣ ଜନତା ଯେଉଁ ସାହସ ଓ ଧୈର୍ଯ୍ୟ ସହକାରେ ଲବଣ ଆଇନ ଭଙ୍ଗକରି ଜେଲ୍, ଲାଠିମାଡ ସହ୍ୟକରି ଲୁଣ ମାରିବାର ଅଧିକାର ଲାଭ କରିଛନ୍ତି, ତାହା ଇତିହାସ ପୃଷ୍ଠାର ଏକ ଗୌରବମୟ ବିଷୟ ।

୧୯୩୦ ମସିହା ନଭେମ୍ବର ମାସରେ ଲଣ୍ଡନରେ ଅନୁଷ୍ଠିତ ଗୋଲଟେବୁଲ ବୈଠକର ପ୍ରଥମ ଅଧିବେଶନରେ ପାରଳାଖେମଣ୍ଡିର ଜମିଦାର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ସ୍ୱତନ୍ତ୍ର ଓଡିଶା ଗଠନର ପ୍ରଶ୍ନ ଉଠାଇ ଥିଲେ ।

Click Here & Upgrade
Expanded Features
Unlimited Pages
PDF Complete Documents



୧୯୩୧ ମସିହା ସେପ୍ଟେମ୍ବର ମାସରେ ଇଂରେଜ ସରକାର ସାର୍ ସାମୁଏଲ୍ ଓଡନେଲଙ୍କ ଅଧକ୍ଷତାରେ ଏକ ତିନି ଜଣିଆ ସୀମା ନିର୍ଦ୍ଧାରଣ କମିଟି ନିଯୁକ୍ତି କରିଥିଲେ ।

୧୯୩୩ ମସିହା ମାର୍ଚ୍ଚ ମାସରେ ଇଂରେଜ ସରକାର ଯେଉଁ ଶ୍ୱେତପତ୍ର ବାହାର କରିଥିଲେ, ସେଥିରେ ଓଡିଶା ଏକ ରାଜ୍ୟପାଳ ଶାସିତ ପୂର୍ଣ୍ଣାଙ୍ଗ ପ୍ରଦେଶ ହେବ ବୋଲି ଉଲ୍ଲେଖ କରାଯାଇଥିଲା ।

୧୯୩୫ ମସିହାର ଭାରତ ଶାସନ ଆଇନରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ କରିବା ପାଇଁ ବ୍ୟବସ୍ଥା କରାଗଲା ।

ଏହି ଆଦେଶନାମା ଅନୁସାରେ ୧୯୩୬ ମସିହା ଏପ୍ରିଲ ପହିଲାରେ ନୂତନ ଓଡିଶା ପ୍ରଦେଶ ଜନ୍ମଲାଭ କଲା । ସେହିଦିନ ଓଡିଶାର ପ୍ରାଚୀନତମ ମହାବିଦ୍ୟାଳୟ ରେଭେନ୍ସା କଲେଜ ହଲରେ ସାର୍ ଜନ୍ ହଷ୍ଟିନ୍ ହବାକ୍ ଓଡିଶାର ପ୍ରଥମ ରାଜ୍ୟପାଳ ଭାବେ ଶପଥ ଗ୍ରହଣ କରିଥିଲେ ।

୧୯୩୯ ସାଲ ସେପ୍ଟେମ୍ବର ମାସରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଲାଗିଲା । ୧୯୪୦ ନଭେମ୍ବର ମାସରେ ମହାତ୍ମା ଗାନ୍ଧୀଙ୍କ ପରାମର୍ଶରେ କଂଗ୍ରେସ ବ୍ୟକ୍ତିଗତ ସତ୍ୟାଗ୍ରହ ଆରମ୍ଭ କଲା । ୧୯୪୨ ମସିହା ଅଗଷ୍ଟ ମାସରେ ଭାରତଛାଡ଼ ଆନ୍ଦୋଳନ ଆରମ୍ଭ ହେଲା । ସମଗ୍ର ଦେଶରେ କଂଗ୍ରେସର ପ୍ରଧାନ ବ୍ୟକ୍ତିମାନଙ୍କୁ ବନ୍ଦୀ କରାଗଲା । ନିରସ୍ତ୍ର ଜନତା ତା'ର ସମସ୍ତ ଶକ୍ତି ଖଟାଇ ଇଂରେଜ ଶାସନର ପ୍ରତିରୋଧ କଲା । ଏହି ଆନ୍ଦୋଳନରେ ଓଡିଶା ମଧ ବ୍ରିଟିଶ ଶାସନ ବିରୋଧରେ ବିଦ୍ରୋହ ଆରମ୍ଭ କରିଥିଲା । ଏହି ବିଦ୍ରୋହକ୍ରମେ ତୀବ୍ରରୁ ତୀବ୍ରତର ହେଲା- ଯାହାର ଫଳସ୍ୱରୂପ ଭାରତ ଦେଖିଲା ସ୍ୱାଧୀନତାର ସୂର୍ଯ୍ୟ । ସ୍ୱାଧୀନତାର ଏହି ସୂର୍ଯ୍ୟାଲୋକକୁ ଦେଖିବାକୁ ଓଡିଶା ଯେଉଁ ତ୍ୟାଗ ଅଜାଡି ଦେଇଥିଲା, ସେଥିପାଇଁ ସମଗ୍ର ଓଡିଶାବାସୀ ଆଜି ଗର୍ବିତ ।

ଅଧୀକ୍ଷକ
ଓଡ଼ିଶା ରାଜ୍ୟ ସଂଗ୍ରହାଳୟ
ଭୁବନେଶ୍ୱର

---

# ଗାନ୍ଧୀ ମନ୍ତ୍ର

ଓମ୍ ପ୍ରକାଶ ମହାପାତ୍ର



ସତ୍ୟ ଅହିଂସା ସ୍ୱଦେଶୀ ଗାନ୍ଧୀ ମନ୍ତ୍ରର
ଅମୋଘ ଅସ୍ତ୍ର, ଭାଙ୍ଗିଥିଲା ଦମ୍ଭ ଫିରିଙ୍ଗିର
ଦେଇଥିଲା ସ୍ୱାଧୀନତା ପରାଧୀନ ଭାରତର
ଅନାଦରେ ଉଠିଯିବାକୁ ହେଉଛି ଡରତର ।

ଏ ଏକ ଅବ୍ୟର୍ଥ ଔଷଧ ପରାଧୀନ ବ୍ୟାଧିର
ସରିଛି ତାହାର ପରୀକ୍ଷା ପରାକ୍ରମ ବହୁବାର
ହେ ଭବିଷ୍ୟ ବଂଶଧର ତାକୁ ନକର ଅନାଦର
ଏ ମନ୍ତ୍ରର ନୁହଁ କାହାର ଆମ ବାପୁର ।

ହିଂସାର ଜବାବ ହିଂସାରେ ତୁଟେନା ବିବାଦ
ଅହିଂସା ଅସ୍ତ୍ରେ ଗାନ୍ଧୀ ଭାରତେ ଜିନ୍ଦାବାଦ
ପୋଛି ତ ପାରିବ ଏ ଦେଶୁ ହିଂସା ଆତଙ୍କବାଦ
ତୁମେ ପରା କୁହ ତାଙ୍କ ଏକନିଷ୍ଠ ସଚ୍ଚା ଦାୟାଦ ।

ସତ୍ୟ କାଳଜୟୀ ମିଥ୍ୟା ହୁଏ ଧରାଶାୟୀ ପରାଜୟ ନେଇ
ସତ୍ୟର ଜୟ, ପାପର କ୍ଷୟ, ଗୀତା ଭାଗବତ କହଇ
ସତ୍ୟ ପଥେ ଯାଇ ସତ୍ୟର ପୂଜାରୀ ହୋଇ
ସୁନାର ଭାରତ ଗଢ଼ି ତୋଳ ଆମ କୁନା କୁନି ଭାଇ ।

କାଟିକୁଟି ଖାଇ ପ୍ରକୃତି କୋଳେ ଜୀବନ ବଢ଼ିଥାଇ
ବିଦେଶୀ ବିଲାତି ଆଡ଼ାଚଉଡ଼ା ଆଖଡ଼ା ଝଡ଼ି ପଡ଼ଇ
ଟେକା ପାଣିଦିଏ ଫସଲେ ଧୋକା ଛାଡ଼ି ଚାଲିଯାଏ ଏକା ଏକା
ଗାନ୍ଧୀ ଟୋପି ହଜିଛି କାହିଁ ମୁଣ୍ଡେ ଦିଶୁନି ତ ଠେକା ।

ଦାରିଦ୍ର୍ୟ ବେକାରୀ ଜାତୀୟ ସଂହତିରେ ଭୟଭ୍ରାନ୍ତି
ଧର୍ମ ରାଜନୀତି ସ୍ୱଜନେ ପୀରତି, ଦୁର୍ନୀତି
ଭାଙ୍ଗୁଛି ନିକିତି ସ୍ୱାଧୀନ ଗଣତନ୍ତ୍ରେ କରୁଛି କ୍ଷତି
ଶିଶୁ ଭବିଷ୍ୟତ ଆମ ଆଶା ଭରସାର ଆରତୀ ।

ଅଗଷ୍ଟ ପନ୍ଦରେ ସ୍ୱାଧୀନ ଭାରତେ ଗାଇ ତ୍ରିରଙ୍ଗା ଗୀତି
ବିଶ୍ୱ ଦରବାରେ ଗଢ଼ିବ ସେ ସୁନାର ଭାରତ ଛାଡ଼ି ଭୟଭୀତି ।

ଉପଶାସନ ସଚିବ
ସୂଚନା ଓ ଲୋକ ସଂପର୍କ ବିଭାଗ
ଭୁବନେଶ୍ୱର

# ଓଡ଼ିଆ କାବ୍ୟ କବିତାରେ ଜାତୀୟଚେତନା

ଡକ୍ଟର ସୋମା ଚାନ୍ଦ

**ବ**ହୁ ପ୍ରାଚୀନ କାଳରୁ ଭାରତର ବେଦ, ଉପନିଷଦ, ଗୀତା, ଭାଗବତ, ରାମାୟଣ, ମହାଭାରତ, ପୁରାଣ ପ୍ରଭୃତି ଧର୍ମ ସାହିତ୍ୟରେ ପ୍ରତିଫଳିତ ହୋଇଆସୁଛି ଭାରତୀୟ ଜୀବନ ଦର୍ଶନ - ଆତ୍ମତ୍ୟାଗ, ସତ୍ୟ, ଅହିଂସା, ଦୟା, କ୍ଷମା, ସ୍ୱାର୍ଥର ବଳିଦାନ, ଦେଶପ୍ରେମ ତଥା ମାନବ ସେବାର ପରାକାଷ୍ଠା । ଏହି ଦର୍ଶନ ଅନୁପ୍ରାଣିତ କରିଛି ଭାରତୀୟ ପରମ୍ପରା, ଐତିହ୍ୟ ଓ ସଂସ୍କୃତି । ଦେଶପ୍ରେମ, ଆତ୍ମତ୍ୟାଗ ଓ ବଳିଦାନର ପରମ୍ପରା ଯୁଗେ ଯୁଗେ ଭାରତୀୟ ମନିଷୀଙ୍କୁ ପ୍ରଭାବିତ କରିଛି । ସେମାନେ ଆତ୍ମ ସୁଖକୁ ଜଳାଞ୍ଜଳି ଦେଇ ସଂସାର ସୁଖ ପାଇଁ ନିଜକୁ ନିୟୋଜିତ କରିଛନ୍ତି ।



ମା', ମାତୃଭୂମି, ମାଟି - ସବୁକିଛି ମିଶିଯାଇ ରୂପାନ୍ତରିତ ହୋଇଛି ଦେଶଜନନୀକୁ । ଦେଶର ଅଧିବାସୀମାନେ ହୋଇ ଯାଇଛନ୍ତି ଏକ ପରିବାରର ଅଂଶବିଶେଷ - ଏକ ମନ, ଏକ ପ୍ରାଣ, ଏକ ଜାତି, ଏକ ଗୋଷ୍ଠୀ । ତେଣୁ ଦେଶ ତଥା ଦେଶବାସୀଙ୍କ ସେବା ପ୍ରାଧାନ୍ୟ ପାଇଛି ଭାରତୀୟ ସାହିତ୍ୟରେ ।

ସାହିତ୍ୟ ମାନବ ପ୍ରାଣର ଜ୍ୱଳନ୍ତ ପ୍ରତିଫଳନ । ମାନବ ଚେତନାର ଏକ ସକ୍ରିୟ ସ୍ଫୁରଣ ଓ ମନନ ପ୍ରକ୍ରିୟାର ଏକ ବଳିଷ୍ଠ ବିକୀରଣ । ବୈଦିକ ସାହିତ୍ୟରୁ ଆଧୁନିକ ସାହିତ୍ୟ - ସର୍ବତ୍ର ଆମେ ଦେଖିବାକୁ ପାଉ ଏଇ ପ୍ରକ୍ରିୟାର ଅନୁରଣନ । ତେଣୁ ସାହିତ୍ୟରେ ସଦାସର୍ବଦା ପରିସ୍ଫୁଟ ହେଉଛି ସମସାମୟିକ ରାଜନୀତି, ସମାଜ, ଅର୍ଥନୀତି ଓ ସଂସ୍କୃତିର ସୁରଭିତ ପୁଷ୍ପ । ଏହି ସାହିତ୍ୟ ମାନବର ହିତ ପାଇଁ, ମାନବ ସ୍ଥିତିର ଅବସ୍ଥିତି ପାଇଁ । ଫଳରେ ସାହିତ୍ୟ ଭିତରେ ଆମେ ଦେଖୁଛୁ ବିଭିନ୍ନ ପ୍ରକାର ଉପାଦାନର ସମଷ୍ଟି ଯାହା ମଧ୍ୟରୁ ଜାତୀୟତାବାଦର ଚେତନା ଅନ୍ୟତମ । ଜାତୀୟଚେତନା, ଦେଶପ୍ରୀତି, ଦେଶପ୍ରେମ, ସ୍ୱଦେଶଚିନ୍ତା ଆଦି ଉଚ୍ଚ ଆଦର୍ଶର ପ୍ରତିଫଳନ ଘଟିଛି କବିମାନଙ୍କ କାବ୍ୟ କବିତା ତଥା ସାହିତ୍ୟର ଅନ୍ୟାନ୍ୟ ବିଭାଗରେ ।

ଓଡ଼ିଆ ସାହିତ୍ୟ ମଧ୍ୟ ଏହାର ବ୍ୟତିକ୍ରମ ନୁହେଁ । ଏଥିରେ ମଧ୍ୟ ଭରି ରହିଛି ଶହୀଦ ଅମରଗାଥା, ନେତୃବନ୍ଦନା, ଜାତୀୟ ଚିନ୍ତାଚେତନାର ବୈପ୍ଳବିକ ସ୍ଫୁଲିଙ୍ଗ, ସର୍ବୋପରି ଦେଶପ୍ରେମର ଦୃପ୍ତ ଐକ୍ୟବୋଧ । ନିପୀଡ଼ିତ, ଶୋଷିତ, ଜର୍ଜରିତ ଜନତାଙ୍କୁ ଉଦ୍ଧାର କରିବା ପାଇଁ କବିମାନେ ତୋଳିଥିଲେ କଲମର ଖଣ୍ଡା । ଚଷି ଦେଇଥିଲେ ପୃଷ୍ଠା ପରେ ପୃଷ୍ଠା, ସୃଷ୍ଟି କରିଥିଲେ ଲେଖନୀର ପ୍ଳାବନ । ଏହା ହିଁ ତ ଦେଶମାତୃକା ପୂଜନର ପ୍ରକୃଷ୍ଟ ଉଦାହରଣ ତଥା ଦେଶସେବାର ଏକାନ୍ତ ନମୁନା ।

ଆଲୋଚ୍ୟ ପ୍ରବନ୍ଧଟି ପ୍ରାକ୍ ସ୍ୱାଧୀନତା ଯୁଗରେ ଉନବିଂଶ ଶତାବ୍ଦୀର ଶେଷଦୁଇ ଦଶକରୁ ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ ରଚିତ ଓଡ଼ିଆ କାବ୍ୟକବିତା ମଧ୍ୟରେ ସୀମିତ । ଏଠାରେ କତିପୟ ଜନପ୍ରିୟ ଓଡ଼ିଆ କବିଙ୍କ ଜାତୀୟତାବାଦ ଚେତନାର ଉଦ୍ଧୃତ ଦିଆଯାଇଛି । ଏମାନଙ୍କ ବ୍ୟତୀତ ଅଗଣିତ କବି, ଲେଖକ, ଦେଶପ୍ରେମୀ ସେମାନଙ୍କ ରଚିତ କାବ୍ୟକବିତା ମାଧ୍ୟମରେ ଜାତୀୟତା ଭାବକୁ ଉଦ୍‌ବୁଦ୍ଧ କରିଥିଲେ । ରଚନାଟିର ସ୍ୱଳ୍ପ ପରିସର ଭିତରେ ସମସ୍ତଙ୍କ ଉଦ୍ଧୃତି ସମ୍ଭବପର ନୁହେଁ । ଯେଉଁ କେତେଜଣଙ୍କ ଲେଖା ଜ୍ୱାଳାମୁଖୀ ଓ ପ୍ରଭାବଶାଳୀ ଥିଲା, ତାହାର ଅଳ୍ପ କିଛି ନମୁନା ଏଠାରେ ଦିଆଯାଇଛି ।

୧୮୦୩ ମସିହାରେ ଇଂରେଜମାନେ ମରହଟ୍ଟାମାନଙ୍କୁ ପରାସ୍ତ କରି ଓଡ଼ିଶାର ଶାସନଭାର ଗ୍ରହଣ କରିଥିଲେ । ଏହାର ବହୁପୂର୍ବରୁ ଅର୍ଥାତ୍ ୧୫୬୮ ମସିହାରେ ଓଡ଼ିଶାର ଶେଷ ସ୍ୱାଧୀନ ରବି ଅସ୍ତମିତ ହୋଇଥିଲା ଭଦ୍ରକର ଗୋହିରା ଟିକିରୀଠାରେ । ଓଡ଼ିଶାର ରାଜା ମୁକୁନ୍ଦ ଦେବଙ୍କୁ ପରାସ୍ତ କରି ବଙ୍ଗର ଆଫ୍‌ଗାନ ଶାସକ ଓଡ଼ିଶା ଅଧିକାର କରିଥିଲେ । ଏହା ପରଠାରୁ ଓଡ଼ିଶା ସମୟକ୍ରମେ ମୋଗଲ ଓ ମରହଟ୍ଟାଙ୍କ ପଦାନତ ହୋଇ ଶେଷରେ ବିଦେଶୀ ଶାସକଙ୍କ ଅଧୀନକୁ ଆସିଥିଲା । କିନ୍ତୁ ସ୍ୱାଧୀନତା ପ୍ରିୟ ବୀର ଓଡ଼ିଆ ଜାତି ଏହି ବଶ୍ୟତା

Click Here & Upgrade
Expanded Features
Unlimited Pages
PDF Complete Documents



ସ୍ୱୀକାର ନକରି ବିଭିନ୍ନ ସମୟରେ ବିଦ୍ରୋହ କରି ମଧ ସଫଳ ହୋଇନଥିଲା । ଏହି ପୃଷ୍ଠଭୂମିରେ ୧୮୧୭ର ପାଇକ ବିଦ୍ରୋହ, ୧୮୩୧ର ପାରଳାଖେମୁଣ୍ଡି ବିଦ୍ରୋହ, ୧୮୩୫ର ଘୁମୁସର ବିଦ୍ରୋହ ଏବଂ ୧୮୪୭ର ଅନୁଗୁଳ ଓ ବୌଦ ବିଦ୍ରୋହକୁ ଉଦାହରଣ ହିସାବରେ ଗ୍ରହଣ କରାଯାଇପାରେ । ୧୮୫୭ ମସିହାର ପ୍ରଥମ ଭାରତୀୟ ସ୍ୱାଧୀନତା ସଂଗ୍ରାମ ପରେ ଇଂରେଜ ଶକ୍ତି ନିଜକୁ ସୁପ୍ରତିଷ୍ଠିତ କରିଥିଲା । ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ ଓଡ଼ିଆ ସାହିତ୍ୟରେ ଅୟମାରମ୍ଭ ହୋଇଥିଲା ଆଧୁନିକ ଯୁଗର । ଧୀରେ ଧୀରେ ବିଦେଶୀ ଶାସନର କୁ-ପ୍ରଭାବ, ସ୍ୱାଧୀନତାବୋଧ, ଜାତୀୟଚେତନା, ଦେଶପ୍ରୀତିର ମହକ ପ୍ରତିଫଳିତ ହେବାକୁ ଲାଗିଲା ଓଡ଼ିଆ ସାହିତ୍ୟରେ ।

ଊନବିଂଶ ଶତାବ୍ଦୀର ଶେଷ ଦୁଇ ଦଶକରେ ଆଧୁନିକ ଓଡ଼ିଆ ସାହିତ୍ୟର ଶ୍ରେଷ୍ଠ ବିନ୍ଧାଣୀ ଥିଲେ କବିବର ରାଧାନାଥ, ବ୍ୟାସକବି ଫକୀରମୋହନ, ଭକ୍ତକବି ମଧୁସୂଦନ ଓ ସ୍ୱଭାବକବି ଗଙ୍ଗାଧର । ଏହି ଜାତୀୟ କବିଗଣ ସମସାମୟିକ ପରିସ୍ଥିତିକୁ ଆଖିରେ ରଖି ସ୍ୱଦେଶୀ ଭାବନାର ଉନ୍ମେଷ ଘଟାଇଥିଲେ ସେମାନଙ୍କ ଲେଖନୀ



ମାଧ୍ୟମରେ । ପ୍ରତ୍ୟକ୍ଷ ଭାବରେ ଉପସ୍ଥାପନ କରିଥିଲେ ସ୍ୱରାଜ୍ୟ ଓ ସ୍ୱାଧୀନତାର କଥା । ମାତୃଭୂମି, ମାତୃଭାଷା ଓ ସାଧାରଣ ଜନତାଙ୍କ କଥା ଶ୍ରେଷ୍ଠ ସ୍ଥାନ ପାଇଥିଲା ସେମାନଙ୍କ ରଚନାରେ ।

ମାତୃଭୂମିର ଯାତନା, ରାଜ୍ୟବାସୀଙ୍କ ନିର୍ଯ୍ୟାତନା, ମାତୃଭାଷା ପ୍ରତି ଅବହେଳା - ସବୁକିଛି ସେମାନଙ୍କ ପ୍ରାଣରେ ସୃଷ୍ଟି କରିଥିଲା ବେଦନାର ଅଶ୍ରୁଧାରା । ନିଜ ଭାବର ଆବେଗକୁ ସେମାନେ ପରିସ୍ଫୁଟ କଲେ ଲେଖନୀ ମାଧ୍ୟମରେ । ପାଶ୍ଚାତ୍ୟ ସଭ୍ୟତାର ସର୍ବଗ୍ରାସୀ କବଳରୁ ନିଜର ଭାଷା, ସଂସ୍କୃତି, ଐତିହ୍ୟକୁ ରକ୍ଷା କରି ସ୍ୱରାଜ୍ୟ ଚେତନାରେ ଦେଶବାସୀଙ୍କୁ ଉଦ୍‌ବୁଦ୍ଧ କରିବା ପାଇଁ ସେମାନେ ଅସି ଅପେକ୍ଷା ମସିକୁ ହିଁ ଆଦରି ନେଇଥିଲେ । ସେଥିପାଇଁ ସେମାନଙ୍କ ଅମର ଲେଖନୀରୁ ଝରି ଆସିଥିଲା ଜାତୀୟତାବାଦର ଝରଣାଧାରା ।

ଏହି ସମୟରେ ମହାରାଷ୍ଟ୍ରୀୟ ଲେଖକ ସଖାରାମ ଗଣେଶ ଦେଓସ୍କର ସରଳ ବଙ୍ଗଳାରେ ଶିବାଜୀଙ୍କର ଖଣ୍ଡିଏ ଜୀବନ ଚରିତ ରଚନା କରିଥିଲେ ଯହିଁରେ ସେ ପ୍ରଥମ ଥର କରି 'ସ୍ୱରାଜ୍ୟ' ଶବ୍ଦ ବ୍ୟବହାର କରିଥିଲେ । ସମସାମୟିକ ଦୁଇଟି ବିଖ୍ୟାତ ପତ୍ରିକା ଯୁଗାନ୍ତର ଓ ବନ୍ଦେମାତରମ୍ ମଧ ବଙ୍ଗଦେଶରୁ ପ୍ରକାଶିତ ହୋଇ ବିପ୍ଳବାତ୍ମକ ରଚନା ମାଧ୍ୟମରେ ଜନଜାଗରଣରେ ସହାୟକ ହୋଇଥିଲା । ୧୮୮୫ ମସିହାରେ ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠା ହେବା ଦ୍ୱାରା ଦେଶର ବୁଦ୍ଧିଜୀବୀ ଗୋଷ୍ଠୀ ଏଥିରେ ସକ୍ରିୟ ଭୂମିକା ନେଇଥିଲେ । ପରାଧୀନ ଦେଶର ଜାତୀୟ ଭାବନା ଉଦ୍ରେକ କରିବାରେ ଏହି ଅନୁଷ୍ଠାନର ଭୂମିକା ଥିଲା ଅନନ୍ୟ । ଫଳରେ ଅବସାଦଗ୍ରସ୍ତ, ନୈରାଶ୍ୟ ବିଜଡ଼ିତ ଭାରତୀୟ ସମାଜ ମଧରେ ଆସିଥିଲା କର୍ମ ପ୍ରବଣତାର ଚାଞ୍ଚଲ୍ୟ । ପ୍ରଥମଥର କରି ଅନ୍ଧକାର ଗର୍ଭରେ ଲୋକେ ଦେଖିବାକୁ ପାଇଥିଲେ ଆଲୋକର ରେଖା । ସାଧାରଣ ଜନତାଙ୍କ ଏହି ଭାବକୁ ଅଧିକ ରଢ଼ିମନ୍ତ ଓ ସକ୍ରିୟ କରି ଦେଶପ୍ରେମର ବହ୍ନି ଜଳାଇଥିଲେ । ଓଡ଼ିଆ ସାହିତ୍ୟର କାଣ୍ଡାରୀଗଣ ସେମାନଙ୍କ ଦୃପ୍ତ ଲେଖନୀ ମୁନରେ, ସ୍ୱଦେଶୀ ଭାବନା ପ୍ରଚାର କରିବା, ମାତୃଭୂମି ପାଇଁ ଆଗଭର ହେବା, ମାତୃଭାଷାର ସେବା କରିବା - ଏସବୁ ସ୍ଥାନ ପାଇଲା ସେମାନଙ୍କ ରଚନା ସମ୍ଭାରରେ । ସେଥିପାଇଁ ରାଧାନାଥ ଲେଖିଲେ :

ସର୍ବେଷାଂ ନୋ ଜନନୀ ଭାରତ
ଧରଣୀ କଳ୍ପଲତେୟଂ,
ଜନନୀବତ୍ସଳ ତନୟ ଗଣୈସ୍ତଦ୍
ସମ୍ୟକ ଶର୍ମ୍ମ ବିଧେୟଂ ।
ଏ ଭାରତ ଭୂମି ଆମର ଜନନୀ
ପୁଣ୍ୟଭୂମି ନାହିଁ ସରି ଏହାରି ।

ଊନବିଂଶ ଶତାବ୍ଦୀର ସତୁରୀ ଦଶକରେ ଓଡ଼ିଆ ଭାଷା ବିଲୋପ ଆନ୍ଦୋଳନ ଓ ନବେ ଦଶକରେ ସମ୍ବଲପୁରରେ ଓଡ଼ିଆ ପରିବର୍ତ୍ତେ ହିନ୍ଦୀ ପ୍ରଚଳନ ଓଡ଼ିଆ ପ୍ରାଣରେ ସୃଷ୍ଟି କରିଥିଲା ମାତୃଭୂମି ଓ ମାତୃଭାଷା ପ୍ରତି ଏକ ସୁତୀବ୍ର ଆକର୍ଷଣ । ଏମାନଙ୍କ ସୁରକ୍ଷା ସର୍ବାଦୌ ବିଧେୟ । ତେଣୁ ଭକ୍ତକବି ମଧୁସୂଦନ ତାଙ୍କର ଭକ୍ତିରସ ମଧରେ ଆପ୍ଳୁତ କଲେ ଜାତୀୟଚେତନା -

ମାତୃଭୂମୀ ମାତୃଭାଷା ଉଭୟେ ଜନନୀ,
ସେବି ତାଙ୍କୁ ଭକ୍ତିଭରେ ଦିବସ ରଜନୀ
ମାନବ ଜନମ ହେଉ ସଫଳ ମୋହର
ଏ ଭିକ୍ଷା କରନ୍ତୁ ପୂର୍ଣ୍ଣ ପ୍ରଭୁ ମହେଶ୍ୱର ।

ଓଡ଼ିଆଙ୍କ ମାତୃଭାଷା ବିଲୋପ ପାଇଁ ବିଦେଶୀ ଶକ୍ତିର ହୀନ ପ୍ରଚେଷ୍ଟା ପ୍ରତିବେଶୀମାନଙ୍କର ଜଘନ୍ୟ ଚକ୍ରାନ୍ତ, ଓଡ଼ିଆ ନିର୍ମୂଳ ପାଇଁ ପ୍ରଶାସନିକ ଉତ୍ସାହ - ଏସବୁ ଦେଖି କଣ ଜଣେ କବି ନିର୍ଲିପ୍ତ ରହିପାରେ ! କଲମ ମୁନରେ ସେମାନେ ସୂଚାଇ ଦେଇଥିଲେ ଓଡ଼ିଆମାନଙ୍କର ଆବେଗ ପ୍ରବଣତା, ବ୍ୟାସକବିଙ୍କ ଲେଖନୀରୁ ନିଃସୃତ ହେଲା -

ନାହିଁ ମା' ଯିବାର ଆଶା, କୀର୍ତ୍ତିର ମନ୍ଦିର
ସେବି ବି ମୋ ମାତୃଭାଷା କରି ଅଛି ସ୍ଥିର ।

ସ୍ୱଭାବକବି ଗଙ୍ଗାଧରଙ୍କ ଆହ୍ୱାନ ଥିଲା ଅଧିକ ତୀବ୍ର ଓ ପ୍ରଭାବଶାଳୀ -

Click Here & Upgrade
Expanded Features
Unlimited Pages
PDF Complete



ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ଆଗ ନିଜ ମାତୃଭାଷା ।
ମାତୃଭୂମି ମାତୃଭାଷାର ମମତା ଯା' ହୃଦେ ଜନମି ନାହିଁ,
ତାକୁ ଯେବେ ଜ୍ଞାନୀ ଗୁଣୀରେ ଗଣିବା ଅଜ୍ଞାନ ରହିବେ କାହିଁ ?

ଏହା ଥିଲା ଜାତି ପାଇଁ ଆହ୍ୱାନ ଯାହା ସୁପ୍ତଜନତାଙ୍କ ମଧ୍ୟରେ ଭରି ଦେଇଥିଲା ଭାଷା ପ୍ରତି ପ୍ରୀତି, ମାଟି ପ୍ରତି ଭକ୍ତି ଓ ଦେଶ ପାଇଁ ମୁକ୍ତି । ସମସାମୟିକ ବାତାବରଣରେ ପ୍ରଭାବିତ ହୋଇ ଦେଶପ୍ରାଣ ଗୋପବନ୍ଧୁ ୧୮୯୯ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ତାଙ୍କର 'ଅବକାଶ ଚିନ୍ତା' ପୁସ୍ତକରେ ଯୌବନର ଆବେଗକୁ ରୂପାୟିତ କରିଥିଲେ ନିଜ ଭାଷାରେ -

'ଉତ୍କଳମାତାର ଅତୀତ ଯଶ
ବିପୁଳ ବିଭବ ବଳ ସାହସ ।
ସୁମରିଣ ଫାଟିଯାଏ ହୃଦୟ
ଦେଖି ଅବସ୍ଥାର ଏ ବିପର୍ଯ୍ୟୟ
ରକ୍ତ ମାଂସ ଦେହ ଧରି
ଅଧୀର ଆତୁର କିଏ ସେ ନହେବ
ଦେଖି ମାତା ଏତେ ସରି ।

ମା' ଦୁଃଖରେ ସନ୍ତାନର ପ୍ରାଣ ନିଶ୍ଚୟ କାନ୍ଦିବ । ମା' କଷ୍ଟରେ ସନ୍ତାନ ଯନ୍ତ୍ରଣା ପାଇବ । ଓଡ଼ିଆ ଜାତି ଏ ନିୟମର ବ୍ୟତିକ୍ରମ ହେବ ଅବା କିପରି ? ଜାତୀୟ ଜୀବନରେ ପରାଧୀନତାର ଶୃଙ୍ଖଳ ଓଡ଼ିଆ ଭାଷାର ଅଧୋଗତି ଦେଖି ଉନବିଂଶ ଶତାବ୍ଦୀର ଶେଷ ଦୁଇ ଦଶକର ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରମୁଖ ସ୍ରଷ୍ଟାମାନେ ଜାତୀୟଚେତନାପ୍ଲୁତ କାବ୍ୟ ରଚନାରେ ନିମଜ୍ଜିତ ଥିଲେ । ଅଧିକନ୍ତୁ ଭାରତୀୟ ଜାତୀୟତାବାଦର ପ୍ରାଦେଶିକ ପ୍ରତିଫଳନ ହୋଇଥିଲା ସେମାନଙ୍କ ସୃଷ୍ଟିରେ । ଏହା ପରମ୍ପରା ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ ଲାଗି ରହିଥିଲା । ବିଂଶ ଶତାବ୍ଦୀର ପ୍ରଥମ ଦଶକରେ ପଲ୍ଲୀକବି ନନ୍ଦକିଶୋର ତାଙ୍କ 'ଶର୍ମିଷ୍ଠା' କାବ୍ୟରେ ଶର୍ମିଷ୍ଠା ମୁହଁରେ ପ୍ରକାରାନ୍ତରେ ଶୁଣାଇଥିଲେ ଦେଶପ୍ରୀତିର ବାର୍ତ୍ତା -

ଶୋଚନା ନାହିଁ ଲୋ ଜନନୀ ତହିଁ ମୋ
ସ୍ୱଜାତି ସ୍ୱଧର୍ମ ପାଇଁ
ଦିଏ ଯେହୁ ନିଜ ଜୀବନ ତା'ଠାରୁ
ପୁଣ୍ୟବତୀ କେହି ନାହିଁ
ପିତୃସତ୍ୟ, ଜାତି-ସ୍ୱାଧୀନତା ଲାଗି
ସମର୍ପିତ ଏ ଜୀବନ
ଦାନବ କୁଳରେ ଲାଗିବ କଳଙ୍କ
ନ ଦେଖା ମା' ପ୍ରଲୋଭନ ।

ପ୍ରଜାକୁଳ ପାଇଁ ଏ ପ୍ରକାର ଭାବନା ଅନ୍ତରାଳରେ ଯେ ନବଜାଗରଣ ଜନିତ ସ୍ୱଦେଶୀ ଭାବନା ଓ ଦେଶପ୍ରେମ ପ୍ରତିବିମ୍ବିତ ହେଉଥିଲା ଏହା କିନ୍ତୁ ଜଣେ ମୁକ୍ତକଣ୍ଠରେ ସ୍ୱୀକାର କରିବ ।

ଉତ୍କଳ ସମ୍ମିଳନୀ ଏହି ସମୟରେ ଅର୍ଥାତ୍ ୧୯୦୩ ମସିହାରେ ପ୍ରତିଷ୍ଠିତ ଉତ୍କଳୀୟ ଆଶା ଆକାଂକ୍ଷାକୁ ଅନ୍ତରରେ ବହନ କରି ପରିସ୍ଫୁଟ ହୋଇଥିଲା ଏକ ସର୍ବ ଉତ୍କଳୀୟ ଅନୁଷ୍ଠାନ ଭାବରେ । ଉତ୍କଳଗୌରବ ଦେଶପ୍ରାଣ ମଧୁସୂଦନ ଉତ୍କଳ ସମ୍ମିଳନୀର ମଞ୍ଚ ଉପରୁ ଆହ୍ୱାନ ଜଣାଇଥିଲେ -

କୋଟିଏ ସନ୍ତାନ ଗୋଟିଏ ସ୍ୱରରେ
ଜନନୀ ଜନନୀ ଡାକ,
ତୃଷାରେ କାତର ଗଗନକୁ ଚାହିଁ
ଯେସନେ ଡାକେ ଚାତକ
ଜାତିପ୍ରେମ ବହ୍ନି ପ୍ରଜ୍ୱଳିତ କର
ସ୍ୱାର୍ଥକୁ ଦିଅ ଆହୂତି
ସ୍ୱାର୍ଥମେଧ ଯଜ୍ଞେ ଚାରିଆଡ଼େ ନାଚ
ଛାତିକୁ ମିଶାଇ ଛାତି ।

ଭାରତର ସ୍ୱାଧୀନତା ସଂଗ୍ରାମରେ ଗାନ୍ଧୀଯୁଗର ପ୍ରବେଶ ଲୋକଙ୍କ ଭିତରେ ଆଣିଥିଲା ନୂତନ ସ୍ପନ୍ଦନ, ନବ ଚିନ୍ତନ ଓ ନୂଆ ସ୍ଫୁରଣ । ଅହିଂସା ଯୁଦ୍ଧର ଅସ୍ତ୍ର ହେଲା ମନୋବଳ । ମନର ଶକ୍ତି ହିଁ ଯୋଗାଏ ହିଂସା ତରବାରୀ ବିରୁଦ୍ଧରେ ଠିଆହେବା ପାଇଁ ଅହିଂସାର ଦୃଢ଼ତା । ସୁପ୍ତ, ଅର୍ଦ୍ଧମୃତ ଭାରତୀୟମାନଙ୍କ ପାଇଁ ଦରକାର ଜାଗୃତିର ସଞ୍ଚାର, ଗାନ୍ଧୀ ନିଜର ଲେଖନୀ, ଭାଷଣ ତଥା କର୍ମକାଣ୍ଡ ଦ୍ୱାରା ସେହି ପଥ ପ୍ରଶସ୍ତ କରିଥିଲେ ।

୧୯୨୦ ମସିହା ପର୍ଯ୍ୟନ୍ତ ଓଡ଼ିଶାରେ କଂଗ୍ରେସର କର୍ମସୂଚୀ ଥିଲା ସୀମିତ କାରଣ ବିଧିବଦ୍ଧ ଭାବେ ଓଡ଼ିଶାରେ କଂଗ୍ରେସର କୌଣସି ଅନୁଷ୍ଠାନ ନଥିଲା । ୧୯୨୦ ମସିହାରେ ସିଂହଭୂମିର ଚକ୍ରଧରପୁରଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଅଧିବେଶନରେ ଉତ୍କଳ ସମ୍ମିଳନୀର ଆଭିମୁଖ୍ୟକୁ ସଙ୍କୁଚିତ କରି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଗଠନ କରି ଅସହଯୋଗ ଆନ୍ଦୋଳନ ସହ ପ୍ରତ୍ୟକ୍ଷ ଭାବେ ଲିପ୍ତ ରହିଲେ । ଏହାପୂର୍ବରୁ ଓଡ଼ିଆ ଜାତୀୟତାବାଦର ବାର୍ତ୍ତାବହ ଉତ୍କଳ ସମ୍ମିଳନୀ ମଞ୍ଚ ଉପରୁ ଉତ୍କଳଗୌରବ ମଧୁସୂଦନ, ଲକ୍ଷ୍ମୀକାନ୍ତ, ଭିକାରୀଚରଣ, ରାଧାନାଥ, ବ୍ରଜସୁନ୍ଦର, ଗୋବିନ୍ଦଚନ୍ଦ୍ର, ଶୂରଦେଓ, କୃଷ୍ଣମୋହନ ପଟ୍ଟନାୟକ, ଗୋଦାବରୀଶ ମହାପାତ୍ରଙ୍କ ଜାତୀୟତାବୋଧକ ସଙ୍ଗୀତ ବୋଲାଯାଇ ଉତ୍କଳର ଜାତୀୟ ଜୀବନକୁ ପ୍ରଭାବିତ କରାଯାଉଥିଲା ।

ଓଡ଼ିଶାରେ କଂଗ୍ରେସର ପରିସର ବୃଦ୍ଧି ପାଇବାରୁ ଲେଖନୀରେ ମଧ୍ୟ ଆସିଥିଲା ବୈଚିତ୍ର୍ୟ । ଅତୀତ ଉତ୍କଳର ଗୌରବଗାଥାକୁ ଓଡ଼ିଆ

Click Here & Upgrade
Expanded Features
Unlimited Pages
PDF Complete



ପ୍ରାଣରେ ପ୍ରବେଶ କରାଇ କବିମାନେ ସୃଷ୍ଟି କରିଥିଲେ କାଳଜୟୀ ଜାତୀୟ ସଙ୍ଗୀତ, ଐତିହ୍ୟବିମଣ୍ଡିତ, ଯୋଗୀରଷି ସେବିତ ପରମ ପବିତ୍ର ଉତ୍କଳଭୂମିର ବନ୍ଦନା ସନ୍ତାନର ଏକମାତ୍ର କର୍ତ୍ତବ୍ୟ । ଅଧିକନ୍ତୁ ପ୍ରାକୃତିକ ଶୋଭାରାଜିଭରା ଏଇ ମାଟିର ଆବେଦନ ସନ୍ତାନ ପ୍ରାଣରେ ଆଣିଥିଲା ମା' ପ୍ରତି ଏକାତ୍ମବୋଧ, ମାଟି ପ୍ରତି ମମତାବୋଧ । ଏହାର ଜଳବାୟୁ ଆକାଶ ପ୍ରତି ସୌହାର୍ଦ୍ଦବୋଧ । କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ମର୍ମସ୍ପର୍ଶୀ ଭାଷାରେ -

ବନ୍ଦେ ଉତ୍କଳ ଜନନୀ
ଚାରୁହାସମୟୀ, ଚାରୁ ଭାଷମୟୀ
ଜନନୀ ଜନନୀ ଜନନୀ
ପୂତ ପୟୋଧି ବିଧୌତ ଶରୀରା
ତାଳତମାଳ ସୁଶୋଭିତ ତୀରା
ଶୁଭ୍ରତଟିନୀ କୂଳ ଶୀକର ସମୀରା
ଜନନୀ ଜନନୀ ଜନନୀ ।

ଉତ୍କଳମଣି ଗୋପବନ୍ଧୁଙ୍କ ନେତୃତ୍ୱରେ ସ୍ୱରାଜ ଆନ୍ଦୋଳନ ପ୍ରବଳତର ହୋଇ ଉଦୀୟମାନ ଯୁବପ୍ରାଣକୁ ଆକର୍ଷଣ କରିଥିଲା । ତାଙ୍କର ପ୍ରାଣସ୍ପର୍ଶୀ ନିବେଦନ ଥିଲା ।

ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ,
ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼,
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼
ସ୍ୱାଧୀନତା ପଥେ ତିଳେ ହେଲେ ନର
ମୋ ଜୀବନ ଦାନେ ହେଉ ଅଗ୍ରସର ।

ବଙ୍ଗଳାର ଲେଖକ ବଙ୍କିମଚନ୍ଦ୍ରଙ୍କ ରଚିତ 'ବନ୍ଦେ ମାତରମ୍' ରଚନାରେ ଉଦ୍‌ବୁଦ୍ଧ ହୋଇ କବି ରଘୁନାଥ ମହାନ୍ତି ଲେଖିଲେ -

ମନ୍ଦେ ମନ୍ଦେ ଛନ୍ଦେ ଛନ୍ଦେ ଗାଅ ବନ୍ଦେ ମାତରଂ
ବଜାଅ ସମର ତୂରୀ, ମାତା ଗୁଣ ଗାଅ ଝୁରି
କମ୍ପିଉଠୁ ପୁରପଲ୍ଲୀ ପୁରୀ, ଗାଅ ବନ୍ଦେ ମାତରଂ,
ଯାଉ ପଛେ ଧନପ୍ରାଣ, ରହୁ ଆମ ଜାତି ଟାଣ
ଧରି ବିଜୟ ନିଶାଣ, ଗାଅ ବନ୍ଦେ ମାତରଂ ।

ଔପନିବେଶିକ ଶାସକଙ୍କ ଶୋଷଣରେ ନିପୀଡ଼ିତ ହୋଇ ଜାତୀୟ ଅର୍ଥନୀତିରେ ଆସିଥିଲା ପତନର ଅବସ୍ଥା । ଶିଳ୍ପ ସମୃଦ୍ଧ ପାଶ୍ଚାତ୍ୟ ଜାତିର ଶିଳ୍ପ ବୈଶିଷ୍ଟ୍ୟ ସହିତ ଓଡ଼ିଶା ତଥା ଭାରତର କୁଟୀରଶିଳ୍ପୀଗଣ ପ୍ରତିଦ୍ୱନ୍ଦ୍ୱିତାରେ ହାରି ଯାଇଥିଲେ । ନିଜର ବାଣିଜ୍ୟିକ ସ୍ୱାର୍ଥ ପାଇଁ ଇଂରେଜ ଶାସକବର୍ଗ ଏ ଦେଶର ଶିଳ୍ପଗୁଡ଼ିକ ପ୍ରତି ଆଖି ବୁଜି ଦେଇଥିଲେ । ଭାରତର ଉତ୍ପାଦିତ ଦ୍ରବ୍ୟ ଯାହା ଯୁଗ ଯୁଗ ଧରି ସୁଦୂର ବିଦେଶରେ ଆଦୃତ ହୋଇ ଆସୁଥିଲା ସେହି କୁଟୀରଶିଳ୍ପ ସମୂଳେ ବିନାଶପ୍ରାପ୍ତ ହୋଇ ଭାରତର ଶିଳ୍ପଜଗତରେ ଆଣିଥିଲା ଏକ ହତୋତ୍ସାହିତ ଅବସ୍ଥା । ଏହାଛଡ଼ା ଏହି ଦେଶର ଅଧିବାସୀ ମହୋଦଧି କୂଳରେ ବସବାସ କରି ମଧ୍ୟ ସାମାନ୍ୟ ଲୁଣ ଟିକିଏ ପାଇବା ପାଇଁ ବିଦେଶର ଲିଭରପୁଲ୍ ସଲଟ୍‌କୁ ଅପେକ୍ଷା କରି ରହୁଥିଲା । ତେଣୁ ଉତ୍କଳଗୌରବ ମଧୁସୂଦନଙ୍କ ସୃଷ୍ଟ ଉତ୍କଳ ଟ୍ୟାନେରୀ, ଓଡ଼ିଶା ଆର୍ଟ ୱେରସ୍ ଆଦି ଶିଳ୍ପାନୁଷ୍ଠାନର ସୃଷ୍ଟି ହୋଇଥିଲା ଓଡ଼ିଆମାନଙ୍କୁ ଶିଳ୍ପକ୍ଷେତ୍ରରେ ଫଳପ୍ରସୂ ଆହ୍ୱାନ ଦେବା ନିମିତ୍ତ । ଏସବୁ ଚିତ୍ର ଯଥାର୍ଥରେ ରୂପାୟିତ ହୋଇଛି ବ୍ୟାସକବିଙ୍କ ରଚିତ 'ଉତ୍କଳଭୂମି' କବିତାରେ -

ଓଳି ତଳେ ଲୁଣ କୋଟିଏ ମହଣ
ଥାଉ ମୋହ କଥା ଶୁଣ,
ବୋଇଲେ କି ହେବ, ଖାଇବାକୁ ହେବ
ଲିଭରପୁଲ୍‌ରୁ ଲୁଣ ।
ମାଞ୍ଚେଷ୍ଟର ତନ୍ତୀ ଲୁଗା ବୁଣୁଛନ୍ତି
ତୁମ୍ଭମାନଙ୍କ ସକାଶେ
ବୁଡୁ ତନ୍ତୀବଂଶ ହେଉ ସର୍ବନାଶ
ଯାଆନ୍ତୁ ସେ ବନବାସେ
ସ୍ୱଦେଶର ଶିଳ୍ପ ସବୁ ଅଳ୍ପ ଅଳ୍ପ
ଦେଖୁଛ ଯାଉଛି ବୁଡ଼ି
ଦେଖୁନାହିଁ ଭାଳି ସରୁଛି ସଙ୍ଗାଳି
ଶୋଇଛ ମାଠଟି ଘୋଡ଼ି ।

୧୯୩୦ ମସିହାରେ ଓଡ଼ିଶା ଉପକୂଳର ବାଲେଶ୍ୱରର ଇଞ୍ଚୁଡ଼ିଠାରେ ଲୁଣମରା ଆନ୍ଦୋଳନ ହୋଇଥିଲା । ପଲ୍ଲୀକବି ନନ୍ଦକିଶୋରଙ୍କ ଐତିହାସିକ ଦାଣ୍ଡିଯାତ୍ରାର ପ୍ରତିଫଳନ । ପଲ୍ଲୀକବି ନନ୍ଦକିଶୋରଙ୍କ ଲେଖନୀରୁ ତେଣୁ ଝରିଲା -

ମୋ ବାଡ଼ି ଭିତରେ ଲୁଣର ଅମଳ
ଅଲଣା ଖାଆନ୍ତି ଦୁଃଖୀ ଓଡ଼ିଆ
ଲୁଚାଇ ଖାଇଲେ ପକଡ଼ି ନିଅନ୍ତି
ଖୋଲଟି କହି ତାଙ୍କୁ ନୀଳ ପଗଡ଼ିଆ ।

ଜାତୀୟ କବି ବୀରକିଶୋର ମଧ ଚୁପ୍ ହୋଇ ବସିନଥିଲେ । ମହାତ୍ମାଙ୍କୁ ଗୁରୁ ରୂପେ ଗ୍ରହଣ କରି ସେ ତାଙ୍କ ରଚନାରେ ଫୁଟାଇଥିଲେ ଗାନ୍ଧୀ ଆହ୍ୱାନର ତାତ୍ପର୍ଯ୍ୟ । ବାନର ସେନା ଆଗେଇ ଚାଲିଲେ ବନ୍ଧୁକ ମୁନର ମୁକାବିଲା ପାଇଁ । ସିଏ ଲେଖିଥିଲେ -

ଲୁଣ ମାରିବାକୁ ଚାଲ ଭାଇ
ମହାତ୍ମାଙ୍କ ଆଦେଶ ପାଳ ହେ
ଆମ ଘର ପାଖେ ବେଢ଼ିଛି ସାଗର
ଲୁଣ ମୁଠେ ପାଇଁ ନାହିଁ ଅଧିକାର

Click Here & Upgrade
Expanded Features
Unlimited Pages
PDF Complete Documents



ଏ ଅନ୍ୟାୟ, ଏ ଅନୀତି କୁହ ଭାଇ
ସହିବା କେତେ କାଳ ହେ ।

ଏହି ସମୟରେ ଓଡ଼ିଆ କବିତାରେ ଦୁଇଟି ସ୍ୱର ସ୍ପଷ୍ଟ ଭାବେ ଦେଖିବାକୁ ମିଳିଥାଏ । ପ୍ରଥମ ସ୍ୱରଟି ପ୍ରାକ୍ ସବୁଜ ସାହିତ୍ୟର ଅର୍ଥାତ୍ ସତ୍ୟବାଦୀ ଚିନ୍ତାଧାରାର ପ୍ରଧାବନତ ଅନ୍ୟଟି ଓଡ଼ିଆ କାବ୍ୟ ସାହିତ୍ୟର ଏକ ପାରମ୍ପରିକ ଉଚ୍ଛ୍ୱାସ - ଆଧିଭୌତିକ ଚେତନା । ସତ୍ୟବାଦୀ କବିଗୋଷ୍ଠୀ ଓଡ଼ିଶାର ଜାତୀୟ ଦୁର୍ଗତିକୁ ଚିତ୍ରଣ କରି ଏ ଜାତିର ଚିନ୍ତା ମାନସରେ ଏକ ଜୀବନ୍ତ ପ୍ରେରଣା ସୃଷ୍ଟି କରିବାରେ ଅନୁବ୍ରତୀ ଥିଲେ । ସେଇ ପ୍ରେରଣାର ରୂପ ଶଂସିତ କାଳରେ ଯେଉଁ କବିମାନଙ୍କୁ ବିଶେଷ ଉଦ୍‌ବୁଦ୍ଧ କରିଥିଲା ସେମାନଙ୍କ ମଧ୍ୟରେ କବି ପଦ୍ମଚରଣ, କୁନ୍ତଳାକୁମାରୀ, କାନ୍ତକବି ଓ ଗୋଦାବରୀଶ ମହାପାତ୍ର ଅଗ୍ରଗଣ୍ୟ । ରାଧାନାଥ-ମଧୁସୂଦନୋତ୍ତର ଓଡ଼ିଆ ସାହିତ୍ୟରେ ଏହି ଜାତୀୟତାବାଦୀ ଚେତନା ତଥା ଆଧିଭୌତିକ ଭାବଧାରା ପ୍ରାୟ ୧୯୩୫ ମସିହା ପର୍ଯ୍ୟନ୍ତ ସମାନ୍ତରାଳ ଭାବରେ ଗତି କରି ଆସିଛି । ଅଧିକନ୍ତୁ ଏହି ଚେତନା ଓଡ଼ିଆ ବିଚ୍ଛିନ୍ନାଞ୍ଚଳ ସମ୍ମିଶ୍ରଣ ଓ ଭାଷା ସାହିତ୍ୟ ଦୃଷ୍ଟିରୁ ଏକ ବୃହତ୍ତର ଉତ୍କଳ ଗଠନ ପରିକଳ୍ପନାରୁ ଆରମ୍ଭ ହୋଇଥିଲେ ମଧ୍ୟ ମୁକ୍ତି ସଂଗ୍ରାମର ଅସହଯୋଗ ଆନ୍ଦୋଳନ ଓ ଲବଣ ସତ୍ୟାଗ୍ରହରେ ଅଧିକ ଇନ୍ଧନ ଯୋଗାଇଛି । ଏପରିକି ସତ୍ୟବାଦୀର ଯେଉଁ କବିଗୋଷ୍ଠୀ ଓଡ଼ିଆ ଲୁପ୍ତ ଐତିହ୍ୟ ଓ ପରମ୍ପରାକୁ ଅବଲମ୍ବନ କରି କାବ୍ୟକବିତାରେ ଜାତୀୟତାର ସ୍ଫୁରଣ ଆଣି ଓଡ଼ିଆ ଚିନ୍ତାମାନସରେ ଉଦ୍ଦୀପନା ଆଣିଥିଲେ ସେମାନେ ସମସ୍ତେ ଊଣା ଅଧିକେ ମୁକ୍ତି ସଂଗ୍ରାମ ସହ ସଂଶ୍ଳିଷ୍ଟ ହୋଇ ପଡ଼ିଥିଲେ ।

୧୯୩୪ ମସିହାରେ ମଧୁବାବୁଙ୍କ ମୃତ୍ୟୁପରେ ଶଂସିତ ସମୟର କାବ୍ୟକବିତାରେ କ୍ଷୀଣାୟୁ ଉତ୍କଳୀୟ ଚେତନାର ବିରତି ଲକ୍ଷ୍ୟ କରାଯାଏ । ପୁଣି ୧୯୩୬ ମସିହା ସ୍ୱତନ୍ତ୍ର ଉତ୍କଳ ଗଠନ ପରେ ଓଡ଼ିଆ କାବ୍ୟ କବିତାରେ, ଭାରତୀୟ ମୁକ୍ତି ସଂଗ୍ରାମର ଆକୃତି ଭିତରେ ଏକ ଭିନ୍ନ ରୂପ ପରିସ୍ଫୁଟ ହୋଇଛି । ଏହି ପରିପ୍ରେକ୍ଷୀରେ ଓଡ଼ିଆ ସାହିତ୍ୟର ବାଣୀବିତାନରେ ଉତ୍କଳ ଭାରତୀ କୁନ୍ତଳା କୁମାରୀଙ୍କ କାବ୍ୟକୃତି ନିଶ୍ଚିତ ଭାବରେ ଉଲ୍ଲେଖନୀୟ । ବିଶେଷ କରି ଜଣେ ଏକକ ନାରୀକଣ୍ଠର ଏଇ ସ୍ୱରସମ୍ଭାର ସମସାମୟିକ ଓଡ଼ିଶାବାସୀଙ୍କୁ ବହୁତ ବେଶୀ ଚମତ୍କୃତ କରି ଜନମାନସରେ ଆଣିଥିଲା ସ୍ୱଦେଶ ପ୍ରୀତିର ଝଲକ, ସ୍ୱଦେଶବାସୀଙ୍କ ପ୍ରତି ପୁଲକ ତଥା ସ୍ୱଦେଶୀ ଭାବ ପ୍ରତି ମହକ । ସେ ଚେତାଇ ଦେଇଥିଲେ ଆମ ଘରେ ଆମେ ନିର୍ବାସିତ । 'ପଖାଳ ଗଣ୍ଡେକୁ ଲୁଣ ଟିପେ ନାହିଁ' ଏଇ ଅବସ୍ଥା କାହିଁକି ? ଏଇ ଗୋରା ସରକାରଙ୍କ ପାଇଁ । ତେଣୁ ଅହିଂସା ଉପାୟରେ ଆଇନ ଅମାନ୍ୟ ପାଇଁ କୁନ୍ତଳା କୁମାରୀ ଆହ୍ୱାନ ଦେଇଥିଲେ -

ଭାରତମାତାର ବୀର ପୁତ୍ରଗଣ
ରଣସ୍ଥଳ ଧୂଳି କର ଆଲିଙ୍ଗନ ।
ଶାନ୍ତି ଅସ୍ତ୍ର ତବ ଏ ଶାନ୍ତି ସମରେ
ବକ୍ଷ ମେଲି ଠିଆହେବ ଅକାତରେ
ଖୋଲା ଛାତି ପରେ କମାଣ ବନ୍ଧୁକ
ଦେଖାଇବେ କେତେ ଗୁଳିର କନ୍ଦୁକ
ହଣାହେବ ବୀର ଶିର ଗୋଟି ଗୋଟି
ତୁମ ରକ୍ତ ଭୂଇଁ ତଳେ ଯିବ ଲୋଟି
ଗଙ୍ଗାଧାରା ସଙ୍ଗେ ରଙ୍ଗାଧାରା ମିଶି
ପୋଛିଦେବ ଦୁଃଖ ଅତ୍ୟାଚାର ରାଶି ।

ଏହି ସମୟର କବି ପଦ୍ମଚରଣଙ୍କ ଜାତୀୟତାବାଦୀ କବିତାଗୁଡ଼ିକ ମଧ୍ୟ ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ । ରୋମାଣ୍ଟିକ କବି ରାଧାନାଥଙ୍କ କବିତାରେ ଯେଉଁ ଜାତୀୟତାର ସ୍ୱର ଊନବିଂଶ ଶତାବ୍ଦୀର ଶେଷ ଦଶକରେ ପ୍ରକଟିତ ହୋଇଥିଲା, ତାହା କ୍ରମେ ଉଗ୍ର ପ୍ରାଦେଶିକ ଚେତନା ମଧ୍ୟ ଦେଇ ପରବର୍ତ୍ତୀ ସମୟରେ ସମନ୍ୱୟୀ ଭାବଧାରାରେ ବ୍ରତୀ ହୋଇଥିଲା । ଜାତୀୟତାବାଦୀ କବିତାରେ ଅତୀତ ପାଇଁ ଯେଉଁ ପ୍ରଶଂସମାନ ଦୃଷ୍ଟିଭଙ୍ଗୀ, ବର୍ତ୍ତମାନର ହାହୁତାଶନ, ଅନୁଶୋଚନାର ସ୍ୱର ଓ ଭବିଷ୍ୟତ ପାଇଁ ଆଶା ଓ ବିଶ୍ୱାସ ପ୍ରକଟିତ ସେଇ ସ୍ୱର କବି ପଦ୍ମଚରଣଙ୍କ 'ତ୍ରିବେଣୀ ତଟେ' କବିତାରେ ମନୋଜ୍ଞ ଭାବେ ପ୍ରତିଫଳିତ ।

'ଅତୀତକୁ ସାକ୍ଷୀ ରଖି ଗଢ଼ିଯାଅ ବର୍ତ୍ତମାନ,
ଅନଙ୍ଗ ଯଯାତି ଦେଶ ନୁହେଁ ନୀଚ ନୁହେଁ ସାନ ।'

ବହୁ ଜାତୀୟତାବାଦୀ କବି ଏହି ସମୟରେ ସମସ୍ତ ପ୍ରାନ୍ତୀୟ ସ୍ୱର ଓ ସମସ୍ୟାକୁ ଭୁଲି ମୁକ୍ତିର ସ୍ୱପ୍ନରେ ମୋହିତ ହୋଇଥିଲେ । ଗାନ୍ଧୀଙ୍କ ଆହ୍ୱାନ, ଅହିଂସାର ଜାଗରଣ, ସର୍ବଭାରତୀୟ ଆଭିମୁଖ୍ୟ ସବୁ କିଛି ମିଶି ଯାଇଥିଲା କାବ୍ୟ ଉତ୍ସରେ । ଏହି ପରିପ୍ରେକ୍ଷୀରେ ଗୋଦାବରୀଶ ମହାପାତ୍ର ଲେଖିଲେ -

ଘନ ବନ୍ଧୁର ତବ ସମ୍ମୁଖ ଉଠ ଦୁର୍ବାର ଉଠ ଉନ୍ମୁଖ
ଉଠ ଦୁର୍ମଦ, ଉଠ ଭୀଷଣ କର୍ମଠ
ସତ୍ୟାଗ୍ରହ ଜଳେ ଅନ୍ତରେ,
ଆଜି ନାଚୁ ଚିର କଙ୍କାଳ ଅନ୍ତର ଅବିରଳ
ଉଠ ନବଯୁଗ ନବମନ୍ତ୍ରରେ ।

୧୯୨୧ ମସିହାର ଆନ୍ଦୋଳନ ଓ ୧୯୩୦ ସତ୍ୟାଗ୍ରହର ଘାତପ୍ରତିଘାତ ବହୁ କବିଙ୍କ କାବ୍ୟଚେତନାରେ ଜାତୀୟ ସ୍ପନ୍ଦନ ଆଣିଥିଲେ ବି ଜାତୀୟ କବି ବାଞ୍ଛାନିଧି ଓ ବୀରକିଶୋରଙ୍କ କାବ୍ୟ ଚେତନାରେ ଏଇ ସଂଗ୍ରାମର ପୃଷ୍ଠଭୂମି ରଚିତ ହୋଇ ବାରୁଦ ଭଣ୍ଡାରରେ ଅଗ୍ନି ସଂଯୋଗ ପ୍ରାୟ ପରିସ୍ଥିତି ସୃଷ୍ଟି କରିଥିଲା । ପୁନଶ୍ଚ ଏହି ସଂଗ୍ରାମର ବାର୍ତ୍ତାକୁ ଓଡ଼ିଶାର ଅଗଣିତ ନିରକ୍ଷର ଓ ଜୀବନଜଞ୍ଜାଳ ପିଷ୍ଟ ଜନସାଧାରଣଙ୍କ ପାଖରେ ସେମାନଙ୍କ ବୁଝିପାରିବା ପରି ଭାଷାରେ ଲେଖି ପହଞ୍ଚାଇବା ଯେ ଥିଲା ସେସମୟର ଏକ ବଡ଼ ପ୍ରୟୋଜନୀୟତା

Click Here & Upgrade
Expanded Features
Unlimited Pages
PDF Complete



ଏହା ସେମାନେ ଉପଲବ୍ଧି କରିଥିଲେ । ବାଞ୍ଛାନିଧିଙ୍କ ନିମ୍ନ ପଂକ୍ତିରେ ଏହି ଆଭାସ ଉପଲବ୍ଧି ହୁଏ -

ଆଉ କେତେ ଦିନ ହୋଇବୁ ଉଦାସୀ ଭାଇ ତୁ
ଦିନୁଁ ଦିନୁଁ ଦୁଃଖରାଶି
ବଢ଼ିଲା ଦେଶରେ ଆସି
ସୁଖ ଶାନ୍ତି ସବୁ ଗଲା ଭାସି ।
ଦାନାକନା ଜୁଟୁନାହିଁ
ବୁଲୁଥାଉ ଦେହି ଦେହି ତେବେ
କିଁପା ହେଉଛୁ ବିଳାସୀ
କର ବଢୁଛି ଯେପରି
ଦର ବଢୁଛି ସେପରି
ଏ ଶାସନ ହେଲାଣି ଗଳାଫାଶୀ ।

ସମସାମୟିକ ଆଉ କେତୋଟି ସ୍ୱାଧୀନତା ସଂଗ୍ରାମଭିତ୍ତିକ କାବ୍ୟ ସୃଷ୍ଟି ମଧ୍ୟରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ଆତ୍ମଦାନ, ମାୟାଧର ମାନସିଂହଙ୍କ ସ୍ୱରାଜ୍ୟଶ୍ରମର କେତୋଟି କବିତା, ନିତ୍ୟାନନ୍ଦ ମହାପାତ୍ରଙ୍କ ସ୍ୱରାଜ ସଂହିତାର ନାମ ଉଲ୍ଲେଖଯୋଗ୍ୟ । ମହତାବ ତାଙ୍କ 'ଆତ୍ମଦାନ' ନାଟ୍ୟକାବ୍ୟଟିରେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଚିତ୍ରକୁ କେତୋଟି କାଳ୍ପନିକ ଚରିତ୍ର ଓ ସ୍ଥାନ ମାଧ୍ୟମରେ ଉଦ୍ଦେଶ୍ୟମୂଳକ ଭାବେ ଚିତ୍ରଣ କରି ଜାତୀୟ ସ୍ପନ୍ଦନ ସୃଷ୍ଟି କରିଛନ୍ତି । ପରାଧୀନ ଭାରତର ଗ୍ଲାନି, ବିଭେଦ, ରାଜତୋଷଣ କର୍ମଚାରୀଙ୍କ ତୋଷାମଦିଆ ମନୋବୃତ୍ତି ଓ ସର୍ବୋପରି ଗାନ୍ଧୀ ବ୍ୟକ୍ତିତ୍ୱ ଓ ନୀତିର ଯୁକ୍ତିପୂର୍ଣ୍ଣ ବିଶ୍ଳେଷଣ ନାଟ୍ୟକାବ୍ୟଟିର ବୈଶିଷ୍ଟ୍ୟ ।

ଏଠାରେ ଆଉ ଗୋଟିଏ କଥା ଲକ୍ଷ୍ୟଣୀୟ ଯେ ଜାତୀୟତାବାଦୀ କବିମାନେ ବହୁକ୍ଷେତ୍ରରେ ଗାନ୍ଧୀବାଦ ପ୍ରତି ଆନ୍ତରିକ ଅନୁରାଗ ଓ ଶ୍ରଦ୍ଧା ପ୍ରଦର୍ଶନ କରି ଗାନ୍ଧୀଚେତନାକୁ ଜାତୀୟତାବାଦର ଏକ ବିଶିଷ୍ଟ ଅଙ୍ଗ ରୂପେ ଗ୍ରହଣ କରି ନେଇଛନ୍ତି । ଏକଥା ସତ ଯେ ଗାନ୍ଧୀଯୁଗର ଅୟମାରମ୍ଭ ସହିତ ମୁକ୍ତି ସଂଗ୍ରାମରେ ଆସିଥିଲା ନୂଆ ଆଭିମୁଖ୍ୟ, ନୂଆ ଚିନ୍ତାଧାରା । ତାଙ୍କର ଚିନ୍ତା, ଦର୍ଶନ, ବ୍ୟକ୍ତିତ୍ୱ ବିଶ୍ଳେଷଣର ନୂତନତ୍ୱରେ ପାରମ୍ପରିକ ଚିନ୍ତାର ବନ୍ଧନ ତୁଟିଯାଇ ଆସିଥିଲା ନୂତନ ସ୍ଫୁରଣ । ତେଣୁ କବିମାନେ କାବ୍ୟକୃତିରେ ଦେଶ, ମାଟି, ଜାତି ସହ ଗାନ୍ଧୀଙ୍କୁ ଏକ ଅବିଚ୍ଛେଦ୍ୟ ଅଙ୍ଗ ହିସାବରେ ରଚନାରେ ସ୍ଥାନ ଦେଇଥିଲେ । ଏହି ପୃଷ୍ଠଭୂମିରେ ଶଚୀ ରାଉତରାୟଙ୍କ 'ଚିରଜୟନ୍ତୀ' କବିତାରୁ ଗାନ୍ଧୀଙ୍କ ବିଷୟରେ କେତୋଟି ପଂକ୍ତି ଏଠାରେ ଉଦ୍ଧୃତ କରାଯାଇପାରେ -

ସେ ଆମରି ପରିଚୟ ସେ ଅମରି ଆମର ପ୍ରତୀକ
ଆମରି ସ୍ୱାକ୍ଷର ସେ ଯେ, ବଡ଼ ସାନ ଆମ ପ୍ରଶ୍ନଯାକ
ସବୁରିର ସେ ତ ଶିରୋନାମ
ଆମଠୁଁ ଛଡ଼ାଇ ନେଇ ମୂଲ୍ୟ ତା'ର କଳ ନାଇଁ ଜମା
ସେ ଆମର ସବୁତ୍ରୁଟି, ଗୌରବର ନିର୍ଭୁଲ ତର୍ଜମା ।

୧୯୨୧ ମସିହାଠାରୁ ୧୯୪୮ ମସିହା ମଧ୍ୟରେ ଓଡ଼ିଆ କାବ୍ୟକବିତାର ଏକ ମୁଖ୍ୟଧାରା ଯେ ଗାନ୍ଧୀ ଓ ତାଙ୍କ ନେତୃତ୍ୱରେ ପରିଚାଳିତ ସ୍ୱରାଜ୍ୟ ଆନ୍ଦୋଳନକୁ ନିୟନ୍ତ୍ରଣ କରିଛି ଏହା ଅବିସମ୍ବାଦିତ । ସାଂପ୍ରଦାୟିକତା, ଜାତିଆଣ ଭାବ ଉଚ୍ଚନୀଚ ବିଭେଦ ପ୍ରାଚୀର ଅତିକ୍ରମ କରି ସେ ବାହାରିଥିଲେ ମୁକ୍ତିର ମହାମନ୍ତ୍ର ଧରି । ଋଷ୍ୟଶୃଙ୍ଗ ମୁନିକୁ ଜରତା ଛଡ଼ାଇ ଆଣିଲା ପରି ସ୍ୱାଧୀନତା ଭୁଲାଇ ଆଣିଥିଲା କୋଟି କୋଟି ଭାରତବାସୀଙ୍କୁ । ସେମାନେ ମୁକ୍ତିର ମହାମନ୍ତ୍ରକୁ ଅନୁଭବ କରିଥିଲେ କବିତା ମାଧ୍ୟମରେ, କବିଙ୍କ ଉଚ୍ଛ୍ୱାସ ଭିତରେ, ସେମାନଙ୍କ ଆବେଗର ପ୍ଲାବନ ଭିତରେ । ପ୍ରଶସ୍ତ ହୋଇ ଉଠିଥିଲା ସ୍ୱାଧୀନତାର ମାର୍ଗ । ବିଶିଷ୍ଟ କବିମାନଙ୍କ ବ୍ୟତୀତ ବହୁ ଗୌଣକବି ସ୍ୱକୀୟ ରଚନା ଓ ଉପସ୍ଥାପନା ମାଧ୍ୟମରେ ଜାତୀୟତାର ବୀଜବପନ କରିଥିଲେ । ଜଡ଼ତା ଓ ମନ୍ଥରତା ବିରୁଦ୍ଧରେ ଆହ୍ୱାନ ଦେଇଥିଲେ । ଦେଶପ୍ରୀତିର ଝରଣାଧାରାରେ ଅବଗାହନ କରି ଏହି କବିମାନେ ସ୍ୱୀୟ ସର୍ଜନା ମାଧ୍ୟମରେ ମାର୍ଗ ପ୍ରସ୍ତୁତ କରିଥିଲେ ପୂର୍ଣ୍ଣ ସ୍ୱାଧୀନତା ସଂଗ୍ରାମର । ଆଉ ଏହାର ଫଳଲାଭ କରୁଛୁ ଆମେ ଉତ୍ତର ସୂରୀଗଣ ।

ପ୍ରାଧ୍ୟାପିକା, ଇତିହାସ ବିଭାଗ
ରେଭେନ୍ସା କଲେଜ, କଟକ

■ ■ ■ ■ ■

Click Here & Upgrade
Expanded Features
Unlimited Pages
PDF Complete





# ନୂଆ ସକାଳର କଥା

ଡକ୍ଟର ପ୍ରମୋଦ କୁମାର ପରିଡ଼ା

ଆଜି ଜଗତୀକରଣ ଯୁଗରେ ଠିଆ ହୋଇ ଜାତୀୟ ଦିବସ, ଜାତୀୟବୀର, ଜାତୀୟ ସଙ୍ଗୀତ, ଜାତୀୟ କର୍ତ୍ତବ୍ୟ ଇତ୍ୟାଦି ସମ୍ପର୍କରେ ଭାବିବାକୁ ଗଲାବେଳେ ସମୟେ ସମୟେ ଆଶ୍ଚର୍ଯ୍ୟ ହେବାକୁ ହୋଇଥାଏ । ବାସ୍ତବରେ ଆମର ଗତି କୁଆଡ଼େ ? ଜୀବନଧାରଣ ଓ କାର୍ଯ୍ୟଶୀଳତାର ଅର୍ଥ କ'ଣ ? କେଉଁଠି ପହଞ୍ଚିବାର ବ୍ୟାକୁଳତାରେ ଆମର ଏ ଗଣଦୌଡ଼ ? କାହାପାଇଁ କ'ଣ ସାଇତି ରଖିବା ପାଇଁ ଅକୁଣ୍ଠ ପ୍ରୟାସ ? କେଉଁଥିରେ ହିଁ ଆନ୍ତରିକତା ଶ୍ରଦ୍ଧା ଥିବାର ଉପଲବ୍ଧି କରି ହୁଏ ନାହିଁ, ଏକ କଳ୍ପିତ ମୂଲ୍ୟବୋଧ ପଛରେ ଦୌଡ଼ିବାର ମୋହରେ ଆମେ ପାଗଳ ସମସ୍ତେ ।

ମନେ ପଡୁଛି ବହୁ ଦିନ ତଳର ଅନୁଭୂତି - ତଥାପି କେତେ ସତେଜ ହୋଇ ମାଜି ଦେଉଛି ସ୍ମୃତିର ଦର୍ପଣକୁ । ଏହି ସ୍ୱାଧୀନତା ଦିବସ ହେଉ ବା କୌଣସି ଜାତୀୟ ବୀର କିମ୍ବା ନେତୃମାନ୍ୟ ବ୍ୟକ୍ତି ହୁଅନ୍ତୁ - ସେମାନଙ୍କର ଜନ୍ମ ଦିବସ ପାଳନ ସମ୍ପର୍କ ହେଉ - କେତେ ଅନ୍ତରଙ୍ଗତା ଥିଲା ସେଥିରେ ! ସୂର୍ଯ୍ୟୋଦୟକୁ ଘଣ୍ଟା ଭାବରେ ବ୍ୟବହାର କରାଯାଉଥିବା ଏକ ଅତ୍ୟନ୍ତ ମନୋଜ୍ଞ ଓ ସଚେତନ ପରିବେଶରେ ଧୋବ ଲୁଗା ପିନ୍ଧି ଏକତ୍ରିତ ହେଉଥିଲେ ସଭିଏଁ, ସ୍କୁଲରେ କିମ୍ବା ଗାଁର ମଝିଦାଣ୍ଡରେ । ଦେଶ ବନ୍ଦନାର ସମ୍ମିଳିତ ତାନରେ ପ୍ରକମ୍ପିତ ହେଉଥିଲା ପରିବେଶ । ଦେଖଣାହାରୀବି ଅନେକ । ପ୍ରଭାତଫେରୀ, ପତାକା ଉତ୍ତୋଳନ, ନାରା, ମିଷ୍ଟାନ୍ନ ବଣ୍ଟନ ସବୁଗୁଡ଼ିକ ଆନୁଷ୍ଠାନିକ ବାତାବରଣ ଭିତରେ ବି କେତେ ଅନ୍ତରଙ୍ଗତା ଥିଲା, ଶିକ୍ଷକଙ୍କର, ଛାତ୍ରଛାତ୍ରୀଙ୍କର ଓ ଅଭିଭାବକମାନଙ୍କର । ଦେଶ ଓ ଜାତି ପ୍ରତି ବ୍ୟକ୍ତିତ୍ୱ ସକଳ ଉତ୍ସର୍ଗୀକୃତ ଆତ୍ମାମାନେ, ପିଲାଟିର ଆଖିରେ କି ସମ୍ମୋହନର କଜ୍ଜଳ ଲଗାଇ ଦେଉଥିଲେ କେଜାଣି, ଭାବାବିଷ୍ଟ ଚିତ୍ତରେ କେତେକାଳ ପାଇଁ ସମ୍ମୋହିତ ହୋଇପଡୁଥିଲେ ସମସ୍ତେ ।

ଆଜି ସବୁ ଅଛି । ବରଂ ଏକ ଉନ୍ନତ ପରିବେଶର ଉପସ୍ଥିତି ଅଛି ଆମ ପାଖରେ । ଡାକବାଜି ଯନ୍ତ୍ରର ଉପଲବ୍ଧି ଅଛି । ଗମନାଗମନର ସାଧନ ଅଛି । ମାଟିକାଦୁଅ ଗାଁ ଦାଣ୍ଡ ଆଜି ପକ୍କା ସଡ଼କରେ ରୂପାନ୍ତରିତ ହୋଇଛି । ଗାଁର କୋଠାଘର ସବୁ ଚାଳଛପରର ସ୍ଥାନ ନେଇଛନ୍ତି । ବିଜୁଳି ଆଲୁଅରେ ଅନ୍ଧାର ଦୂର ହୋଇଯାଇଛି । ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥିତି ରୋଗର ହାର କମେଇ ଦେଇଛି । ବିଭିନ୍ନ ରୋଜଗାର ଯୋଜନା ମାଧ୍ୟମରେ ବେରୋଜଗାରୀ କମିଛି । କେବୁଲ ଟିଭିର ସଞ୍ଚାର ମାଧ୍ୟମରେ ଗ୍ରାମର ସବୁଲୋକ ଦେଶ ବିଦେଶ ସହିତ ମାନସିକ ସ୍ତରରେ ଯୋଗସୂତ୍ର ରକ୍ଷା କରିବାରେ ସମର୍ଥ ହେଲେଣି । କିନ୍ତୁ କାହିଁ ସେ ଆନ୍ତରିକତା, ଶ୍ରଦ୍ଧା ? ଏକ ଯାନ୍ତ୍ରିକ ଜୀବନର ଅଧିକାରୀ ହୋଇ ଆମେ ଭୁଲି ଯାଉଛେ ଆମର ଐତିହ୍ୟ - ଆମର ପରମ୍ପରା । ଜାତୀୟ ଦିବସମାନଙ୍କୁ ପାଳନ କଲାବେଳେ ଆନୁଷ୍ଠାନିକତା ରହିଯାଉଛି । ଆନ୍ତରିକତା କମ୍ ରହୁଛି । ସେ ଉଦ୍ଦୀପନା ନାହିଁ । ସେ ମନ କି ସମ୍ପୃକ୍ତି ନାହିଁ । ଏକ ଉଦାସୀନତାର ଶିକାର ହୋଇଯାଇଛେ ଆମେ ସଭିଏଁ । ଯେଉଁଥିପାଇଁ ଆମ ଜାତୀୟ ଦିବସମାନଙ୍କରେ ସଂକଳ୍ପର ପ୍ରତିବଦ୍ଧତା ସଞ୍ଚରିତ ହୋଇପାରୁନାହିଁ ଆମର ଉତ୍ତର ଦାୟାଦମାନଙ୍କ ନିକଟକୁ ।

ଗୋଟିଏ ସଚେତନ ନାଗରିକକୁ ଦେଶ କଥା, ଜାତି କଥା, ଜାତୀୟ ବୀରଙ୍କ କଥା, ଐତିହ୍ୟ କଥା, ପରମ୍ପରା କଥା, ଶୌର୍ଯ୍ୟକଥା ସମ୍ପର୍କରେ ମନେ ପକାଇ ଦେବା କଥା ନୁହେଁ । କାରଣ ଯେଉଁ ଦେଶର ଅତୀତ ଏତେ ସମ୍ପନ୍ନ, ଯାହାର ଐତିହ୍ୟର କାହାଣୀ ତଥାପି ଅନତିକ୍ରମ୍ୟ, ଉତ୍ସର୍ଗର ବିବରଣୀ ଉତ୍ସାହଜନକ, ସମର୍ପଣର ତାଲିକା ସ୍ମରଣଯୋଗ୍ୟ, ତାହାର ଉତ୍ତରଦାୟାଦଙ୍କ ପାଖରେ ସେଗୁଡ଼ିକ ନିରର୍ଥକ ହୋଇଯିବା ଶୁଭ ସଙ୍କେତ ନୁହେଁ । ଆମ ଜୀବନର ସକଳ ଅନମନୀୟ ବୈଶିଷ୍ଟ୍ୟକୁ ଛାଡ଼ି ଅନ୍ୟ ଜୀବନରୁ ଉଦ୍ଧାର ଆଣିବାରେ ଆମର ମହନୀୟତା ଜଣାପଡ଼ିବ ନାହିଁ । ମୌଳିକ ଉତ୍ସର ବିନିଯୋଗ କରିବା ପାଇଁ ଆହୃତ ଜ୍ଞାନକୌଶଳର ଉପଯୋଗ ଆବଶ୍ୟକ ହୋଇପାରେ । କିନ୍ତୁ ତାହା ହିଁ ଜୀବନର ଅପରିହାର୍ଯ୍ୟ - ଏହା ସଙ୍ଗତ ଚେତନା ନୁହେଁ ।

ଆଜି ମନେ ପଡ଼େ ସେଇମାନଙ୍କ କଥା । ମହାଭାରତୀୟ ପରମ୍ପରାରେ ଉଦ୍‌ବୁଦ୍ଧ ଜଣେ ସମ୍ଭ୍ରାନ୍ତ ଫୀକରର କଥା - ଯେ ନିଷ୍ଠା, ଧୈର୍ଯ୍ୟ, ସହନଶୀଳତା, ଜାତିପ୍ରେମ, ଉତ୍ସର୍ଗ, ତ୍ୟାଗ, ସ୍ୱାବଲମ୍ବନଶୀଳତାର ଜଣେ ମୂର୍ତ୍ତିମାନ ରୂପକାର ଥିଲେ । ତାଙ୍କର ସହକର୍ମୀ ସକଳ .. ବିଭିନ୍ନ ରୂପ ଓ ଚେତନାର ଦ୍ୟୁତିରେ ଉଦ୍ଭାସିତ

Click Here & Upgrade
Expanded Features
Unlimited Pages
PDF Complete



ହୋଇଥିଲେ ହେଁ ଗୋଟିଏ ଲକ୍ଷ୍ୟରେ ଆପଣାକୁ ବାନ୍ଧି ରଖିଥିଲେ - ସ୍ୱାର୍ଥ ସାଧନର ଉର୍ଦ୍ଧ୍ୱରେ ଅଗଣିତ ନୀରିହ ଜନତାର ପ୍ରତିନିଧିତ୍ୱ କରି ସେମାନଙ୍କୁ ପ୍ରାଣ ଦେଲେ, ଜୀବନ ଦେଲେ, ନୂଆ ସକାଳ ଦେଲେ, ନୂଆ ସ୍ୱାଦ ଦେଲେ - ବଞ୍ଚିବାର ମୋହ ଦେଲେ । ସେମାନଙ୍କର କଥା ଓ କାର୍ଯ୍ୟର ସଂଯୋଗ ଆମର ଧେୟ ହେଉ ଆଜି ।

ପୁଣି ସେମାନେ ଉତ୍କଳ ପ୍ରାନ୍ତରେ ଉତ୍କଳର ଉଚ୍ଛଳ ସ୍ୱପ୍ନର ରୂପକାରମାନେ, ବୌଦ୍ଧିକ ଜୀବନ ଶିଖାର ପ୍ରଜ୍ଜ୍ୱଳିତ ପୂର୍ବଜମାନେ । ଆଜି ଦିନର ପ୍ରତୀକ୍ଷାରେ ସେମାନେ ସ୍ୱପ୍ନଦର୍ଶୀ ହୋଇଥିଲେ । ଆମ ପାଇଁ ଏକ ଅନ୍ତହୀନ ପ୍ରଶାନ୍ତିର ରାଜକୀୟ ଉଦ୍ଦାମତା ଆଣିବା ପାଇଁ ନିଜକୁ ନିଃସ୍ୱ କରିଗଲେ ।

ଯେଉଁ ଜାତି ନିଜର ଅତୀତକୁ, ଐତିହ୍ୟକୁ, ପରମ୍ପରାକୁ ସମ୍ମାନ ଦେଇପାରିନାହିଁ - ଜାତିର ମହାମାନବମାନଙ୍କର ସମ୍ପତ୍ତିର ଅଧିକାରୀ ହୋଇ ସେମାନଙ୍କର ତ୍ୟାଗ, ଉତ୍ସର୍ଗ ମହନୀୟତାକୁ ଭୁଲିଯାଏ, ଜାତୀୟ ଦିବସର ତାତ୍ପର୍ଯ୍ୟ ଓ ମହତ୍ୱକୁ ପୁରୁଷ ପୁରୁଷକୁ ସଞ୍ଚାରିତ କରିପାରେ ନାହିଁ - ତାକୁ ଜାତିରେ କାହିଁକି ଗଣନା କରିବା ? ଜୀବନସାରା କ'ଣ କେବଳ ଶପଥ ନେଉଥିବା ଗୋଟିଏ ଦିନରେ ? ଗୋଟିଏ ଦିନ ପାଇଁ ମଧ ସେ ଶପଥର ମହତ୍ୱ ନରଖି - ଭୁଲିଯିବା ଆର ମୁହୂର୍ତ୍ତରେ ଦେଶ କଥା ? ଜାତିକଥା ? ମହାତ୍ମାଙ୍କ କଥା ।

ଆଜି ତେଣୁ ମନେ ପଡ଼େ - ପୃଥିବୀକୁ ସଂକୀର୍ଣ୍ଣ କରି ଦେଖୁଥିବା ଯୁବ, ବୃଦ୍ଧ, ସକଳ ସଚେତନ ଭାରତୀୟଙ୍କ ଦୃଷ୍ଟରେ ସେହି ସମ୍ମୋହନର ଚିତ୍ର - ସେହି ଶ୍ରଦ୍ଧାର ଆଲୋକ - ସେହି ଅନମନୀୟତାର ପ୍ରତିବିମ୍ବ - ପୁଣିଥରେ ତ୍ରିରଙ୍ଗାର ପବିତ୍ର ବହମାନତାରେ ବିଛେଇ ହୋଇପଡୁ ଭାରତର ଅଗଣାସାରା । ଜାତୀୟତାର ମନ୍ତ୍ରରେ ଅଭିମନ୍ତ୍ରିତ ହୋଇଉଠୁ ଏଇ ଭାରତର ମହାମାନବର ଉତ୍ତର ପୁରଷ ।

ଓଡ଼ିଆ ବିଭାଗ
ବି.ଜେ.ବି. କଲେଜ
ଭୁବନେଶ୍ୱର

---

# ଏକତା ହିଁ ଶ୍ରେଷ୍ଠ ପନ୍ଥା

ଦେବରାଜ ସାମନ୍ତରାୟ

ଦେଶର ଶ୍ରୀବୃଦ୍ଧି ଜାତିର ଉତ୍କର୍ଷ ଏକତା ଦିଅଇ ଆଣି,
ଏହାରି ବଳରେ ଜନସମାଜର ବଢ଼ଇ ମହତ ଠାଣି ।
ସାମାଜିକ-ରାଜନୀତିକ ସମତା-ସହାନୁଭୂତିର କଥା,
ରହିଛି ଆବର ପରାର୍ଥପରତା-ମଇତ୍ରୀର ଗୁଣବତ୍ତା ।
ଏକତା ହେଉଛି ଏସବୁର ପରା ପରିପୋଷଣର ଗୁଣ,
ଏହି ଗୁଣସବୁ ଧରିଲେ ହୃଦୟେ ବ୍ୟକ୍ତିତ୍ୱ ହୁଅଇ ପୂର୍ଣ୍ଣ ।
ପର ପାଇଁ ସ୍ୱାର୍ଥ ତ୍ୟାଗ ଯେ ନକରେ ଫେଡ଼େ ନାହିଁ ଦୁଃଖୀ ଦୁଃଖ,
କି ଲାଭ ତହିଁରେ ନିଜ ହିତ ପାଇଁ ପାଇଲେ ବିପୁଳ ସୁଖ ।
ସ୍ୱାର୍ଥାନ୍ୱେଷୀ ଲୋକ ହୃଦୟେ ଏକତା ପାରେ ନାହିଁ ବାସ କରି,
ଐକ୍ୟାମୃତ ପାନ କରିବା ସକାଶେ ସେ କାହୁଁ ହୋଇବ ସରି ?
ବୃହତ୍ ନାହିଁ କେ ସବୁଠୁ ବୃହତ୍ ହେଉଛି ମେଳର ବଳ,
ଏହି ଶକ୍ତିବଳେ କରିପାରେ ନର ଅଟଳକୁ ଟଳମଳ ।

ଏକତାର ଶକ୍ତି ଦେଖାଇଲେ ଯହୁଁ ଆମ ଏ ଭାରତ ଜନେ,
ସ୍ୱାଧୀନତା ଦେଇ ବ୍ରିଟିଶ୍ ସର୍କାର ଚାଲିଗଲା ତତ୍‌କ୍ଷଣେ ।
ଏକତା ଅଭାବେ ଦେଶ-ପରିବାର ଦୁର୍ଦ୍ଦଶା କରଇ ଭୋଗ,
ହାଣ୍ଡି ଭାଙ୍ଗିଗଲେ ଖପରା ହୁଅଇ ପଡ଼ଇ ଦୁଃସହ ଯୋଗ ।
ହାଣ୍ଡି ଯେଉଁ କାର୍ଯ୍ୟ ସଂପାଦନ କରେ ଖପରା ପାରେନି ତାହା,
ପ୍ରଗତି-ପଥରେ ଗତି କରିବାକୁ ଐକ୍ୟ ହିଁ ପ୍ରକୃଷ୍ଟ ରାହା ।
ମହତ୍ କରମ ସଂପାଦିଲେ ଆମେ ଏକତା-ମାର୍ଗରେ ରହି,
ଚହଟିବ ଦେଶ-ଗୃହ-ଗ୍ରାମ-ରାଜ୍ୟ ଉର୍ଜସ୍ୱଳ ହେବ ମହୀ ।
ଅନୈକ୍ୟ ଯେଉଁଠି ଦୁର୍ବଳତା ସେଠି ସତ୍ୟ ଅଟେ ଏହି କଥା,
ଜାତୀୟ ଜୀବନ ପ୍ରସ୍ଫୁଟନ ପାଇଁ ଏକତା ହିଁ ଶ୍ରେଷ୍ଠ ପନ୍ଥା ।

ଘର ନଂ-୪-୪୨/୨
ୟୁନିଟ୍-୧, ଭୁବନେଶ୍ୱର-୯

• • • • • •

PDF Complete
Click Here & Upgrade
Expanded Features
Unlimited Pages



# ସ୍ୱାଧୀନତା ସଂଗ୍ରାମରେ ବନ୍ଦୀ ଜୀବନ

କାଞ୍ଚ ନାରାୟଣ ମହାନ୍ତି

ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଭାରତର ସ୍ୱାଧୀନତା ସଂଗ୍ରାମର ଅନ୍ତିମ ପର୍ଯ୍ୟାୟ ଥିଲା ଅଗଷ୍ଟ ବିପ୍ଳବ । କଂଗ୍ରେସ ଉପରେ ଲୋକମାନଙ୍କର ଯେଉଁ ଅଖଣ୍ଡ ଓ ଅତୁଟ ବିଶ୍ୱାସ ଥିଲା, ତାହା ଇଂରେଜ ଶାସକ ହୃଦୟଙ୍ଗମ କରି ବହୁ ଅକଥନୀୟ ଅତ୍ୟାଚାର, ହତ୍ୟା, କାରାବାସ, ଫାଶୀ, ପୋଡ଼ାଜଳା ସତ୍ତ୍ୱେ ମଧ ଦମନ କରିପାରିଲା ନାହିଁ ।

ଇଂରେଜ ସାମ୍ରାଜ୍ୟରେ ସୂର୍ଯ୍ୟାସ୍ତ ହୁଏନା ଯାହା କୁହାଯାଏ, ସେଇ ଇଂରେଜ ଦିନେ ବୁଝିଲା ଯେ ବୀର ଭାରତୀୟମାନଙ୍କ ଭିତରେ ଦେଶପ୍ରେମ କେତେ ! ଜାତି ପ୍ରୀତି କେତେ ! ସୁପ୍ତ ସିଂହ ଥରେ ଜାଗ୍ରତ ହୋଇ ଉଠିଲେ ଆଉ କେହି ତାକୁ ଶାନ୍ତ କରି ଶୁଆଇ ଦେଇପାରିବେ ନାହିଁ ।

୧୯୪୨ ମସିହାର ଭାରତଛାଡ଼ ଆନ୍ଦୋଳନ ଭାରତକୁ ପୂର୍ଣ୍ଣ ସ୍ୱାଧୀନତା ଦେବାର ଅଧିକାର ସ୍ପଷ୍ଟ ହୋଇଯାଇଥିଲା । ସଂଗଠିତ ଭାବରେ ଭାରତର ପ୍ରତି କୋଣାନୁକୋଣରୁ ବ୍ରିଟିଶ ସରକାର ବିରୁଦ୍ଧରେ ଅଶାନ୍ତି ଓ ଅସନ୍ତୋଷର ବହ୍ନି ଖାଲି ଯେ ଲେଲିହାନ ଶିଖାରେ ଜଳି ଉଠିଥିଲା ବରଂ ଉପନିବେଶବାଦୀ ଇଂରେଜ ଶକ୍ତିର ମେରୁଦଣ୍ଡକୁ ଦୋହଲାଇ ଦେଇଥିଲା । ବିଦେଶୀ ବଣିକ, କ୍ରୁର ଶାସକଙ୍କର ହୃଦ୍‌ବୋଧ ହେଲା ଯେ ପ୍ରାଚୀନ ସଭ୍ୟତା ଓ ମହାନ୍ ଐତିହ୍ୟ ସଂପନ୍ନ ବିଶାଳ ଭାରତ ଭୂଖଣ୍ଡକୁ ଆଉ ଅଧିକ କାଳ କବଳିତ କରି ଶୋଷଣ କରିହେବ ନାହିଁ ।

ଗାନ୍ଧୀଙ୍କ ସହ ସ୍ୱର ମିଳାଇ ତାଙ୍କ ବାଣୀରେ ଦୀକ୍ଷିତ ହୋଇ ଓଡ଼ିଶାର ଅସଂଖ୍ୟ ବୀର ମୁକ୍ତି ସଂଗ୍ରାମରେ ହସି ହସି ପ୍ରାଣବଳି ଦେଇ ଅମର ହୋଇ ରହିଯାଇଛନ୍ତି । ଶିକ୍ଷାଦୀକ୍ଷା, ସଂସାର, ଚାକିରି, ସବୁକୁ ତୁଚ୍ଛମଣି ଯେଉଁ ସମର୍ପିତ ସେନାଗଣ ମାତୃଭୂମିର ମୁକ୍ତି ସଂଗ୍ରାମରେ ଝାସ ଦେଲେ, ସେମାନଙ୍କ ମଧ୍ୟରୁ କେତେକଙ୍କର ନାଁ ଇତିହାସରେ ଅଜ୍ଞାତ । ଦେଶ ପାଇଁ ଯେଉଁ ଜୀବନ ସମର୍ପିତ ସେ ହିଁ ଭାରତମାତାର ବରପୁତ୍ର ତଥା ଶ୍ରେଷ୍ଠ ଶହୀଦ । ଯେଉଁମାନେ ଛାର କେତେ ଏକର ମାଟି, କିଛି ଦିନ ସନନ୍ଦ ପାଇଁ ଅମିତ ବିକ୍ରମୀ ମୁକ୍ତି ସଂଗ୍ରାମୀମାନଙ୍କୁ ଇଂରେଜ ହାତକୁ ଟେକି ଦେଲେ ସେମାନେ ହେଲେ ନିମକହାରାମ ଓ ଦେଶଦ୍ରୋହୀ । ବିଦେଶୀ ଶୋଷକଠାରୁ ଶତଗୁଣେ ଆମର ଶତ୍ରୁ ଦ୍ୱିତୀୟ ବିଶ୍ୱଯୁଦ୍ଧର ଭୟାବହତା ପରିସ୍ଥିତି ଭାରତର ମେରୁଦଣ୍ଡକୁ ଦୋହଲାଇ ଦେଇଥିଲା । ଯୁଦ୍ଧକାଳୀନ ପରିସ୍ଥିତିରେ ମାତ୍ରାଧିକ ଦରଦାମ, ଅତ୍ୟାବଶ୍ୟକୀୟ ଜିନିଷର ଅଭାବ ସାଧାରଣ ଲୋକଙ୍କୁ ବହୁ ବାଧୁଥିଲା । ଦୁର୍ଭିକ୍ଷର କରାଳ ଛାୟା ମଧ ଅନେକ ରାଜ୍ୟକୁ ଗ୍ରାସ କରିଥିଲା । ସେହି ସମୟରେ ଗାନ୍ଧିଜୀଙ୍କର 'କର ଅବା ମର' ଡାକରାରେ ଭାରତୀୟ ଜନତା ସାମିଲ ହୋଇ ବରଂ ଦେଶ ପାଇଁ ମରିବାକୁ ବେଶୀ ପସନ୍ଦ କଲେ ।



୧୯୩୪ ମସିହାରେ ବିଶିଷ୍ଟ ଗାନ୍ଧୀବାଦୀ ନେତା ଗୋପବନ୍ଧୁ ଚୌଧୁରୀ ବରୀଠାରେ ସ୍ୱରାଜ ଆଶ୍ରମ ପ୍ରତିଷ୍ଠା କରି ଗାନ୍ଧୀବାର୍ତ୍ତା ପ୍ରଚାର କଲେ । ଏହାର ଶାଖାମାନ କାଇପଡ଼ା, ରାମଚନ୍ଦ୍ରପୁର, ଆନିକଣ ଓ ସନ୍ୟାସୀପୁରରେ ଖୋଲି ମୁକ୍ତି ସଂଗ୍ରାମ ପାଇଁ ତାଲିମ ଦେଲେ ।

ଏଥିସହିତ ବାନରସେନା ଗୋଷ୍ଠୀ ଗଠନ କରି ସରକାରଙ୍କର ସମସ୍ତ କାମକୁ ଅଚଳ କରି ଦେବା ପାଇଁ ଶପଥ ପର୍ବ ଆରମ୍ଭ ହେଲା । କୃଷ୍ଣନଗର ଗାଁର ବହୁଲୋକ ବାନରସେନାରେ ଯୋଗ ଦେଲେ । ଆରମ୍ଭ ହେଲା ଥାନା, କଚେରୀ, ଡାକଘର ପୋଡ଼ାଜଳା । ୧୯୪୨ ମସିହାରେ ଗୋପବନ୍ଧୁ ଚୌଧୁରୀ ଓ ରମା ଦେବୀଙ୍କୁ ଗିରଫ କରିବା ଖବର ପ୍ରଚାରିତ ହେବା ପରେ ବାନରସେନା ଉତ୍ତ୍ୟକ୍ତ ହୋଇ ଥାନା ଓ ଡାକଘର ପୋଡ଼ା ଆରମ୍ଭ କରିଦେଲେ ।

Click Here & Upgrade
Expanded Features
Unlimited Pages
PDF Complete



କେତେକ ନେତା ସୁଡ଼ଙ୍ଗ ତିଆରି କରି ତା' ଭିତରେ ଲୁଚି ଇଂରେଜ ସରକାରର ଗତିବିଧି ପ୍ରତି ତୀକ୍ଷ୍ଣ ନଜର ରଖି ଯୋଜନା ପ୍ରସ୍ତୁତ କରୁଥିଲେ । ସେମାନେ ହେଲେ ବୀରକିଶୋର ରାୟ, ହଳଧର ଦାସ, ଜୟମଣି ସାମଲ, ତ୍ରିଲୋଚନ ମହାନ୍ତି, ବିଚିତ୍ରାନନ୍ଦ ଶୁକ୍ଳ ଇତ୍ୟାଦି । ସନ୍ନ୍ୟାସୀପୁରଠାରେ ଅନ୍ନପୂର୍ଣ୍ଣା ମହାରଣାଙ୍କ ସଭାସ୍ଥଳରୁ ୯ ଜଣଙ୍କୁ ଡି.ଏସ୍.ପି. ଗିରଫ କରି ନେଲେ । ଜନତାଙ୍କ ପ୍ରତିବାଦ ନଶୁଣି ବରଂ ଗୁଳିଚାଳନା କଲେ ।

ହଜାର ହଜାର ଜନତା ବିଂଝାରପୁରରେ ଗିରଫର ପ୍ରତିବାଦ କରି ଧରାଶାୟୀ କାଇପଡ଼ା କଳାମାଟିଆରୁ ଆନ୍ଦୋଳନ, ଗିରଫଦାରୀ, ଗୁଳିଗୋଳା ଆରମ୍ଭ ହୋଇ ସହରରୁ ସହର ଗାଁରୁ ଗାଁ ବ୍ୟାପିବାକୁ ଲାଗିଲା ।

କଟକର ବଡ଼ଚଣା, ମାହାଙ୍ଗା, ଗୋବିନ୍ଦପୁର, ବାଗଲପୁର ଯାଜପୁର, ତିର୍ତ୍ତୋଲ, ଏରସମା ପ୍ରଭୃତି ଅଞ୍ଚଳ ବିଦ୍ରୋହର ଅଗ୍ନିଶିଖାରେ ବହ୍ନିମାନ ହେଲା । ମାହାଙ୍ଗାରେ କୃଷ୍ଣମୋହନ ରାଉତରାୟ, ଏରସମାରୁ ଗୌରୀଶ୍ୟାମ ନାୟକ, ଗୋବିନ୍ଦପୁରର ବାଗଲପୁରରୁ ଗୌରାଙ୍ଗ ଚରଣ ଦାସଙ୍କ ନେତୃତ୍ୱରେ ଇଂରେଜ ବିରୁଦ୍ଧରେ ଲଢ଼େଇ ପାଇଁ ନେତୃତ୍ୱ ନେଇ ଲାଠିଚାଳନା ଅଭ୍ୟାସ ଆରମ୍ଭ କଲେ । ପୋଲିସର ଅକଥନୀୟ ଅତ୍ୟାଚାରକୁ ମୁକାବିଲା କରିବା ପାଇଁ ଅହିଂସାର ପଥ ଅପେକ୍ଷା ଚରମପନ୍ଥୀ ହୋଇ ବାଟେମୁରା ଗାଁରେ ପ୍ରଥମେ 'ରକ୍ତବାହିନୀ' ଗଢ଼ା ହେଲା । ଏହି ସଂଗଠନ ଅନ୍ତର୍ଘାତୀ କାର୍ଯ୍ୟ, ଯଥା- ରାସ୍ତାଘାଟ ଅବରୋଧ, ଟେଲିଫୋନ ତା'ର କାଟିବା କାର୍ଯ୍ୟରେ ଲିପ୍ତ ରହିଲେ । ଗୋବିନ୍ଦପୁର ଗାଁର ଲୋକେ ଉଗ୍ର ହିଂସାତ୍ମକ କାର୍ଯ୍ୟ, ଯଥା- ପୋଲିସର ଗୁପ୍ତ ଯୋଜନା ପଣ୍ଡ କରି ସରକାରୀ କୋଠାବାଡ଼ିରେ ନିଆଁ ଲଗାଇ ଦେବାରେ ମତ୍ତ ହେଲେ । 'ମରଣବାହିନୀ' ଗଠନ ହେଲା କଂଗ୍ରେସର କେତେକ ଉଗ୍ର ସଂଗଠକମାନଙ୍କୁ ନେଇ । ସେମାନେ ଭାରତବର୍ଷର ବିଭିନ୍ନ ଅଞ୍ଚଳରେ ଥିବା ସଂଗଠନ ସହ ଯୋଗସୂତ୍ର ରକ୍ଷା କରୁଥିଲେ ।

ସୁଡଙ୍ଗ ଭିତର ଜୀବନ ବନ୍ଦୀ ଜୀବନଠାରୁ ମଧ୍ୟ ଅଧିକ କଷ୍ଟକର । ତେବେ ପୋଲିସ ଆଖିରେ ଧୂଳି ଦେଇ କେତେଦିନ ସେମାନେ ଆଉ ଲୁଚି ରହନ୍ତେ । ବହୁ କଷ୍ଟରେ ପୋଲିସ ସେହି ଡୁଙ୍ଗ ନେତାମାନଙ୍କୁ କବଳିତ କରି ସେମାନଙ୍କ ବିରୁଦ୍ଧରେ ହତ୍ୟା ଷଡଯନ୍ତ୍ର ମାମଲା ରୁଜୁ କଲା । ସେମାନେ ରାଜବନ୍ଦୀ ଭାବେ ବର୍ଷ ବର୍ଷ ଧରି କାରାବରଣ କରି ନିଜ ଦେଶ ମାତୃକାକୁ ମୁକ୍ତ କରିଥିଲେ ।

ସର୍ବଶ୍ରୀ ସୁରେନ୍ଦ୍ର ନାଥ ଦ୍ୱିବେଦୀ ୬ ବର୍ଷ ସଶ୍ରମ କାରାଦଣ୍ଡ, ନିଶାମଣି ଖୁଣ୍ଟିଆ ୫ ବର୍ଷ ସଶ୍ରମ କାରାଦଣ୍ଡ, ନରସିଂହ ଚରଣ ମହାନ୍ତି ୫ ବର୍ଷ ସଶ୍ରମ କାରାଦଣ୍ଡ, ଗୌରଚନ୍ଦ୍ର ଦାସ ୫ ବର୍ଷ କାରାଦଣ୍ଡ, ନବଘନ ବେହେରା ୫ ବର୍ଷ କାରାଦଣ୍ଡ, ଲୋକନାଥ ମିଶ୍ର ୫ ବର୍ଷ କାରାଦଣ୍ଡ, ପ୍ୟାରୀମୋହନ ଦାସ ୫ ବର୍ଷ କାରାଦଣ୍ଡ, ଦୁଃଖିଶ୍ୟାମ ପାଢ଼ୀ ୫ ବର୍ଷ କାରାଦଣ୍ଡ, ଭୈରବ ଚରଣ ମହାନ୍ତି ୪ ବର୍ଷ କାରାଦଣ୍ଡ, ନାରାୟଣ ପ୍ରସାଦ ମହାନ୍ତି ୫ ବର୍ଷ କାରାଦଣ୍ଡ, ବାଙ୍କ ବିହାରୀ ଦାସ ୨ ବର୍ଷ କାରାଦଣ୍ଡ, ରମାକାନ୍ତ ଦାସ ୫ ବର୍ଷ କାରାଦଣ୍ଡ ଓ ଘନଶ୍ୟାମ ପଟ୍ଟନାୟକ ୪ ବର୍ଷ କାରାଦଣ୍ଡ ଭୋଗୀ ଥିଲେ ।

**ବନ୍ଦୀ ଜୀବନର କରୁଣ ଅଧ୍ୟାୟ**

ଦେଶ ଯଶ ପାଇଁ ଜୀବନକୁ ପଣ କରି ଯେତେବେଳେ ଇଂରେଜମାନଙ୍କୁ ହଟାଇବାକୁ ଭୋକ ଉପାସ ଭୁଲି ସକଳ ସ୍ୱାର୍ଥ ତ୍ୟାଗ କରି ଦେଶପ୍ରେମର ଆଦର୍ଶରେ ଉଦ୍‌ବୁଦ୍ଧ ହୋଇଥିଲେ, ସେମିତି କିଛି ସ୍ୱାର୍ଥପର ଇଂରେଜର ଚାମଚା ସାଜି ନିଜ ଭାଇକୁ ସେମାନଙ୍କ ହାତରେ ଧରାଇ ଦେଇ ଦେଶଦ୍ରୋହୀ ବନ୍ଧୁଦ୍ରୋହୀ କୁକୁର ସାଜି ସ୍ୱାଧୀନତା ପ୍ରାପ୍ତିକୁ ବିଳମ୍ବିତ କରି ଦେଇଥିଲେ । କଳାପାଣି ପାର, ଫାଶୀ ଖୁଣ୍ଟରେ ଝୁଲିବା, କାରାବରଣ, ଇଜତ ଲୁଣ୍ଠନ, ଭୟରେ ଗାଁ ପରେ ଗାଁ ଗୃହ ଶୂନ୍ୟ, ସବୁ ଥାଇ ବି ଚୂଲି ଜଳେ ନାହିଁ । ନୀରବତାର ଅଶୁଭ ଆତଙ୍କରେ ପଲ୍ଲୀ ପ୍ରକୃତି ସତେ ଯେପରି ବିଳାପ କରୁଛି । ବାଘ ହାବୁଡ଼ରେ ପଡ଼ିଛି ଯେମିତି ଏ ମଣିଷ, ତଥାପି ସେମାନଙ୍କ କାନ ମୁକ୍ତି ସଂଗ୍ରାମର ଗୀତି ଶୁଣୁଥାଏ -

କିଏରେ ତୁମେ ବିଦେଶୁ ଆସି କରୁଛ ହୁକୁମ ଜାରି
ବାନ୍ଧରେ ତୁମେ ପେଡ଼ି ପୁଟୁଳା ଛାଡ଼ରେ ଜୁଆ ଚୋରି ।

ଇଂରେଜମାନଙ୍କର ଅକଥନୀୟ ଅତ୍ୟାଚାରର କାହାଣୀ ଶୁଣିଲେ ପଥର ବି ପାଣି ହୋଇଯିବ । ଏରସମାର ଗୌରୀଶ୍ୟାମଙ୍କୁ ଖାଇବା ପାଖରୁ ଉଠାଇ ନିଆଗଲା ଜେଲ, ବିଶିଷ୍ଟ ଯୋଦ୍ଧା ଖୋର୍ଦ୍ଧା ଯୁବକ ବାହୁ ବଳେନ୍ଦ୍ରଙ୍କୁ ଚାରିପାଖରୁ ଘେରି ନିର୍ମମ ଗୁଳିଚାଳନା, ଜୟୀ ରାଜଗୁରୁଙ୍କୁ ବରଗଛ ଡାଳରେ ବାନ୍ଧି ଦୁଇଫାଳ କରି ଚିରି ଦିଆଗଲା । ଏଇଭଳି ବହୁ ଲୋମହର୍ଷଣ ଅଧ୍ୟାୟରେ ଇତିହାସର ପୃଷ୍ଠା ରକ୍ତରଞ୍ଜିତ ହୋଇ ଉଠିଛି ।

ବହୁ କ୍ଷେତ୍ରରେ ସଂଗ୍ରାମୀମାନଙ୍କୁ ଅଖିଆ-ଅପିଆ ଗାଁମାନଙ୍କରୁ ମାଡ଼ ମାରି ଚଲେଇ ଚଲେଇ ତିରିଶ-ଚାଳିଶ କିଲୋମିଟର ବାଟ ପରେ ଯେଉଁ ହାଜତ କିମ୍ବା ଥାନାରେ ରଖାଯାଉଥିଲା, ସେଠି କୌଣସି ପଶୁ ମଧ୍ୟ ରହିପାରିବ ନାହିଁ । ଏମିତିକି ପୋଲିସମାନେ ଲୋକଙ୍କ ଦେହରେ ପଇତା ବି ରଖୁ ନଥିଲେ । ମୁଠାଏ ମୁଢ଼ି କେବଳ ରାତିର ଖାଦ୍ୟ । ଘୋଡ଼ାପରି ଠିଆ ହୋଇ ଶୋଇବା ଛଡ଼ା ଗତି ନଥିଲା । ତା'ଛଡ଼ା ପୋଲିସ କେତେବେଳେ ଜୀବନରୁ ମାରି ନ ଦେବ, ଏ କଥା ବି ମୁଣ୍ଡକୁ ଅଥୟ କରୁଥିଲା ।

ଚାଲି ଚାଲି ଦି' ଦିନପରେ କଟକ ଜେଲ୍ ଭିତରକୁ ପ୍ରବେଶ କଲା ବେଳକୁ କରଡ଼ି ଜଳୁ ଥିଲା । କିଏ ମାଗିବ ଯେ ଆମେ ଭୋକରେ ମଲୁଣି ବୋଲି ବରଂ ପୋଲିସମାନେ ସେମାନଙ୍କୁ ଅଧା ଲଙ୍ଗଳା କରି କାହା ଦେହରେ କି ଦାଗ ଅଛି, କାହା ପାଖରେ ଛୁରୀ କି ନିଶାଦ୍ରବ୍ୟ ଅଛି ଦରାଣ୍ଡି ବସିଲେ ।

Click Here & Upgrade
Expanded Features
Unlimited Pages
PDF Complete



କଟକ ଜେଲରେ ସେତେବେଳେ ଥାଏ ୧୭ଟି ୱାର୍ଡ଼, ଅଞ୍ଚଳ ଅନୁସାରେ ବନ୍ଦୀମାନେ ୱାର୍ଡ଼ରେ ରହୁଥାନ୍ତି । ୧୫ ନଂରେ ରହୁଥାନ୍ତି ଧର୍ମଶାଳା, ବରୀ, ବଡ଼ଚଣାର ସଂଗ୍ରାମୀମାନେ । ଏମିତି ପରିସ୍ଥିତି ହେଲା ଯେ ତାରଜାଲି ଘେରା ଘର ଭିତରେ ଏରସମାର ସଂଗ୍ରାମୀମାନଙ୍କୁ ରଖାଯାଇଥିଲା । ସେମାନଙ୍କୁ ଅର୍ଥାତ୍ ବିଚାରାଧୀନ ରାଜବନ୍ଦୀମାନଙ୍କୁ ତିନି ଛଟାଙ୍କି ଚାଉଳ ଓ ସଶ୍ରମ କାରାବାସ ସଂଗ୍ରାମୀଙ୍କୁ ପାଞ୍ଚ ଛଟାଙ୍କି ଚାଉଳ ମିଳୁଥାଏ । ଏତିକିରେ କି ପେଟପୂରେ ? ନିର୍ମମ ମାଡ଼, ମାନସିକ ଯନ୍ତ୍ରଣା ପୁଣି ଦରପେଟ ଖିଆ ଯା'ଠୁ ଦୁଃଖ ସରି ଯାଇଥିଲା । ଦୁଃଖଯନ୍ତ୍ରଣା ଦିନୁ ଦିନ ବଢ଼ି ଚାଲିଥିଲା । ଜେଲ୍‌ରେ ଅଧିକାଂଶ 'ସି' କ୍ଲାସ ବନ୍ଦୀ ଥିଲେ । 'ବି' କ୍ଲାସ ବନ୍ଦୀମାନଙ୍କୁ ଭଲ ଖାଇବାକୁ ମିଳୁଥିଲା । 'ସି' କ୍ଲାସକୁ ତିନି ଅଣା ଓ 'ବି' କ୍ଲାସକୁ ଟଙ୍କାଏ ହାରରେ ମିଲ୍ ଦିଆଯାଉ ଥିଲା ।

ଜେଲ୍ ଭିତରେ ଜୀବନକୁ ଯେ ଯେମିତି ଭାବେ ଗ୍ରହଣ କରି ନେଲା ତାକୁ ଜେଲ୍ ସେହିପରି କଷ୍ଟଦାୟକ ହେଲା । ପରିବାରର ରୋଜଗାରକ୍ଷମ ମଣିଷ ଜେଲ୍ ଗଲେ ଘର ଉଜୁଡ଼ି ପଡ଼େ । ସେ ସବୁକୁ ଏବେ କାରାବାସରେ ଭାବିଲେ ବରଂ ଦୁଃଖ ବହୁଗୁଣିତ ହୋଇପଡ଼ିବ, ତେଣୁ ଯେଉଁ ସଂଗ୍ରାମୀ ବହୁ ଜ୍ଞାନୀମାନୀଙ୍କର ସାନ୍ନିଧ ଲାଭ କଲେ ସେ ତାଙ୍କ ସଂଗ୍ରାମୀ ଜୀବନୀ ବ୍ରତକୁ ତେଜୋମୟ କଲେ । ଗୌରୀଶ୍ୟାମଙ୍କ ପରି କିଛି ବନ୍ଦୀ ବଙ୍ଗଳା, ହିନ୍ଦୀ, ଉର୍ଦ୍ଦୁ ଭାଷା ଖୁବ୍ ଭଲ ଭାବରେ ଆୟତ୍ତ କରିପାରିଥିଲେ ।

ଉତ୍କଳମଣି ଗୋପବନ୍ଧୁ ଦାସ ତାଙ୍କ ବନ୍ଦୀ ଜୀବନକୁ ଅପଚୟ ନକରି ଲେଖିଥିଲେ 'କାରାକବିତା', ଜବାହରଲାଲ ଲେଖିଥିଲେ 'ଭାରତ ଆବିଷ୍କାର' ଭଳି କାଳଜୟୀ ସୃଷ୍ଟି ।

ଜେଲ୍ ଭିତରେ କ୍ୟାମ୍ପ କୋର୍ଟ ହୁଏ । ବନ୍ଦୀମାନେ ଆତଙ୍କିତ, କାହାକୁ କି ଦଣ୍ଡାଦେଶ ହେବ । ହାକିମ ବନ୍ଦୀମାନଙ୍କୁ ପଚାରନ୍ତି କିଏ ଥାନା ପୋଡ଼ିଛି ? କାତର କଣ୍ଠରେ ଶୁଣିବାକୁ ମିଳେ 'ମୁଁ ନିର୍ଦ୍ଦୋଷ ହଜୁର୍ ।'

କୋର୍ଟରେ ଚୌକିଦାର ଓ ସିପାହୀମାନେ ସାକ୍ଷୀ ଦିଅନ୍ତି । ଯେଉଁ ବନ୍ଦୀ ବିରୁଦ୍ଧରେ ତିନୋଟି ଚୌକିଦାର ସାକ୍ଷୀ ଦିଅନ୍ତି ତାକୁ ଦଣ୍ଡାଦେଶ ହୋଇଯାଏ ।

କେତେକ କ୍ଷେତ୍ରରେ ଫାଶୀ ହୋଇଗଲା ମିଛ ସମ୍ବାଦ ପାଇ ଗାଁରେ ଥିବା ବିଚରା ସଂଗ୍ରାମୀର ନିରୀହା ସ୍ତ୍ରୀଟି ମଧ ବେକରେ ଦଉଡ଼ି ଦେଇ ଦେବାର ଦୃଷ୍ଟାନ୍ତ ରହିଛି ।

ଜେଲ୍ ମଧ୍ୟରେ କବି, ନାଟ୍ୟକାର, ଶିଳ୍ପୀ, ଅଭିନେତା ସମୂହର ମିଳନ ହୋଇଥିଲା । କଟକର ମଧ୍ୟସ୍ଥଳର ଦରଘାବଜାରଠାରେ ୩୦ ହଜାର ଟଙ୍କା ବ୍ୟୟରେ ବ୍ରିଟିଶ ସରକାର ରାମଚନ୍ଦ୍ର ସୋମ ନାମକ ଜଣେ ଠିକାଦାରଙ୍କ ଦ୍ୱାରା ଜେଲ୍‌ଖାନା ନିର୍ମାଣ କରିଥିଲେ । ସେଥିରେ ସର୍ବମୋଟ ୧୩ଟି ୱାର୍ଡ଼ ଥିଲା । ୯ ନମ୍ବର ୱାର୍ଡ଼ଟିରେ କେବଳ ଫାଶୀ ଆସାମୀ ରହୁଥିଲେ । ୧୧ ନମ୍ବର ୱାର୍ଡ଼ଟି ମହିଳାମାନଙ୍କ ପାଇଁ ଏବଂ ୧୩ ନମ୍ବର ୱାର୍ଡ଼ଟି ଥିଲା ଜେଲ୍ ହସ୍ପିଟାଲ ।

ସଶ୍ରମ ଓ ଅଶ୍ରମ ବନ୍ଦୀମାନଙ୍କ ମଧ୍ୟରୁ ପ୍ରାପ୍ତ ଦଣ୍ଡାଦେଶ ଅନୁଯାୟୀ ସେମାନଙ୍କ ଗୋଡ଼ରେ ବେଡ଼ି ପଡ଼ିଥିବା ଅବସ୍ଥାରେ ମଧ ସେମାନେ ରାସ୍ତାଘାଟ ନିର୍ମାଣ କରିବା ପରି କଠିନ ଶ୍ରମ କରୁଥିବା ବେଳେ ଆଉ ଅନେକ ଜେଲ ଭିତରେ ବସି ବାଉଁଶିଆ ବୁଣିବା, ସତରଞ୍ଜି ବୁଣିବା, ତେଲ ଘଣା ପେଡ଼ିବା, କତା ବାଢ଼େଇବା, ବସ୍ତା, ଦରି ଇତ୍ୟାଦି ତିଆରି କରୁଥିଲେ ।

ସଂଗ୍ରାମୀ ସ୍ମରଣେ ପୁସ୍ତକ (୧୦୬) ଅନୁଯାୟୀ ଜେଲରେ ସକାଳ ସାତଟା ବେଳକୁ ଉଷୁନା ଚାଉଳର ଖେଚୁଡ଼ି । ଭୋକ ବେଳେ ସବୁ ସୁଆଦ ଭଳି ନିର୍ବିକାର ଭାବେ ସମସ୍ତେ ଭୋକରେ ଖାଇ ଯାଉଥିଲେ । ବାରଟା ବେଳକୁ ଭାତ, ଡାଲି, ତରକାରୀ । ବର୍ଷରେ ଥରେ-ଅଧେ ଆମିଷ ହେଉଥିଲା । ସେ ପୁଣି ନୂଆବର୍ଷ କିମ୍ବା ଦଶହରାବେଳେ ।

ପୋଷାକପତ୍ର କଥା ସାଧାରଣତଃ ଜେଲ ଭିତରେ କଏଦୀମାନଙ୍କ ଦ୍ୱାରା ବୁଣା ଯାଉଥିବା ଲୁଗାପଟାକୁ ବନ୍ଦୀମାନଙ୍କୁ ଦିଆଯାଉଥିଲା । ଜେଲ୍‌ଖାନାରେ ତିଆରି ହେଉଥିବା ସାବୁନ ପ୍ରତି ସପ୍ତାହକୁ ଖଣ୍ଡେ ଖଣ୍ଡେ ଦିଆଯାଉଥିଲା ଲୁଗାପଟା ସଫା କରିବା ପାଇଁ । ବି' ଗ୍ରେଡ଼ ବନ୍ଦୀମାନଙ୍କୁ ଭଲ ସାବୁନ, ମାଛ ମାଂସ ଦିଆଯାଉଥିବା ବେଳେ ସି ଗ୍ରେଡ଼ଙ୍କୁ ସେ ସବୁ ମିଳେ ନାହିଁ ।

ବଗଡ଼ା ଡାଲି ଚାଉଳରେ ସାଲୁବାଲୁ ଗୋଡ଼ି ଭାତ ବେଳେବେଳେ ଫିଙ୍ଗାଫିଙ୍ଗି କରି ବନ୍ଦୀମାନେ ପାଟିତୁଣ୍ଡ କରନ୍ତି, ଅଗତ୍ୟା ଗୋଡ଼ି ବାଛି ଭୋକ ମେଣ୍ଟାନ୍ତି । ଶୁଣିବ କିଏ ?

କାରାଗାରରେ ରାତି ଭୋଜନ ନିଷିଦ୍ଧ । ସାଢ଼େ ଚାରିରେ ଜେଲ୍ ଘଣ୍ଟି ବାଜେ, ବନ୍ଦୀମାନଙ୍କର ସାଢ଼େ ପାଞ୍ଚଟା ବେଳକୁ ଖାଇବା ପିଇବା ଶେଷ । ସନ୍ଧ୍ୟା ପୂର୍ବରୁ ଯେ ଯାହା କୋଠରୀକୁ ଗଲେ ସିପାହୀମାନେ ବନ୍ଦୀମାନଙ୍କୁ ଗଣତି କରନ୍ତି । ଯଦି କୌଣସି ବନ୍ଦୀ ଉଣାହୁଏ ତେବେ ସଙ୍ଗେ ସଙ୍ଗେ ବିପଦକାଳୀନ ଘଣ୍ଟି ବାଜି ଉଠେ । ୱାର୍ଡ଼ରମାନେ କିରୋସିନି ବଳିତା ଧରି ଜେଲଖାନା ସାରା ଧନ୍ଦି ହୋଇ ଯାଆନ୍ତି ।

ବନ୍ଦୀ ସଂଖ୍ୟା ଠିକ୍ ଥିଲେ କୋଠରୀଗୁଡ଼ିକର ବାହାରପଟୁ ବଡ଼ ବଡ଼ ତାଲା ପଡ଼େ । ନିଜ ନିଜ ଖାଇବା ଥାଳିକୁ ବାଢ଼େଇ ବନ୍ଦୀମାନେ ନାମ ଭଜନ କରନ୍ତି । କିଏ ଖବରକାଗଜ ତ କିଏ ଉପାଦେୟ ଧର୍ମ ପୁସ୍ତକ ପଢ଼ନ୍ତି । ଜେଲ୍‌କୁ ସେତେବେଳେ ଖଣ୍ଡିଏ

Click Here & Upgrade
Expanded Features
Unlimited Pages
PDF Complete Documents



'ସମାଜ' ଆସୁଥିଲା । ଜଣେ କାଗଜ ପଢ଼େ, ଅନ୍ୟମାନେ ଶୁଣନ୍ତି । ପାଟକୁରାର ଧନୀ ଜମିଦାର ସଂଗ୍ରାମୀ ବନ୍ଧୁ ଲୋକନାଥ ମିଶ୍ରଙ୍କର କେବଳ ନିଜ ଖର୍ଚ୍ଚରେ ଦୈନିକ ଅନେକ ଖବରକାଗଜ ଓ ପତ୍ରପତ୍ରିକା ଆସୁଥିଲା । ଅନ୍ୟମାନେ ତାହା ପଢ଼ିବାର ସୁଯୋଗ ପାଉଥିଲେ ।

ବନ୍ଦୀମାନେ ଶୋଇବା ପାଇଁ ଇଟା ଓ ମାଟି ଯୋଡ଼େଇ ପିଣ୍ଡି ତିଆରି ହୋଇଥିଲା । ପ୍ରତ୍ୟେକ ପିଣ୍ଡି ଥିଲା ଉଚ୍ଚତା ୩ ଫୁଟ, ଲମ୍ବ ୬ ଫୁଟ ଓ ଓସାର ଦେଢ଼ଫୁଟ । ମୁଣ୍ଡରେ ଟିକିଏ ଉଚ୍ଚା କରାଯାଇ ବେଶା ଚେରରେ ବୁଣା ଚଟ ଖଣ୍ଡେ ପଡ଼ିଥିଲା । ଖଣ୍ଡେ ସତରଂଜି, ବିଛଣା, ଚଦର, ଖଣ୍ଡେ କମ୍ବଳ ମିଳୁଥିଲା ।

ବନ୍ଦୀମାନଙ୍କୁ ଗୋଟିଏ କାର୍ଡ଼ ମିଳିଥିଲା । ତାଟିଆ ଥାଳି କିମ୍ବା ଚଦର କମ୍ବଳ ଫଟା ତୁଟା ଥିଲେ କାର୍ଡ଼ ଦେଖାଇ ବଦଳାଇ ପାରୁଥିଲେ ।

ସଶ୍ରମ କାରାଦଣ୍ଡ ମଧ୍ୟରେ ବଗିଚା କାମ, ଚକିପେଷା ମୁଖ୍ୟ ଥିଲା । ଗୋପବନ୍ଧୁ ଚୌଧୁରୀ ମଧ୍ୟ ଚକି ପୋଷୁଥିଲେ । ସେ ସଶ୍ରମ କାରାଦଣ୍ଡର ପକ୍ଷପାତୀ ଥିଲେ । ଶରୀରକୁ କାର୍ଯ୍ୟକ୍ଷମ ରଖିବା ପାଇଁ ଏହା ଉଚିତ ମାଧ୍ୟମ ।

ସେତେବେଳେ ବନ୍ଦୀମାନେ ବଗିଚାରେ ଏତେ ପରିବା ଅମଳ କଲେ ଯେ ବାହାରୁ କିଛି କିଣିବାକୁ ପଡ଼ିଲା ନାହିଁ ।

ବେଶୀ ଦୁଃଖ ହେଉଥିଲା ଆମିଷ ଭୋଜିମାନଙ୍କ ପାଇଁ । ଅତି ଦୁଃଖ ଲାଗେ ଯେ ଜେଲ୍ ଭିତରେ ଥିବା ଗଛରେ ବଗ ଗହନ ଥିଲା । ବଗମାନେ ଥଣ୍ଟରେ ତାଙ୍କ ଶାବକମାନଙ୍କ ପାଇଁ ଚୁନା ମାଛ ଧରି ବସାକୁ ଆସିଲା ବେଳେ ତାଙ୍କ ଥଣ୍ଟରୁ କିଛି ମାଛ ଖସି ପଡ଼ନ୍ତି, ସେଇ ଚୁନା ମାଛରୁ କିଛି ଗୋଟେଇ ବନ୍ଦୀମାନେ ପୋଡ଼ି ଚଟଣି କରି ଭାତରେ ଖାଇଲାବେଳେ ଦୁଃଖରେ ସେମାନଙ୍କର ଆଖିରୁ ଲୁହ ଝରିପଡ଼େ ।

ଜେଲ୍ ଭିତରେ ଦୁଃଖ ଓ ବାହାରେ ଭୋକ ଉପାସରେ ମରୁଥିବା ସଂସାରର ଦୁଃଖ ସହି ନପାରି ଥରେ ଜଣେ ସଂଗ୍ରାମୀ ଏରସମାର ଗାନ୍ଧୀବାଦୀ ନେତା ଗୌରୀଶ୍ୟାମ ବାବୁଙ୍କୁ କହିଲା - ଆଜି ମୁଁ ତୋ' ନାଁରେ ଦଉଡ଼ି ଦେବି । ତୋ' ସକାଶେ ମୋ ଘର ସଂସାର ଇଜ୍ଜତ ମହତ ସବୁ ଚାଲିଗଲା । ମୋ ପିଲାଏ ବଡ଼ଦାଣ୍ଡକୁ ଗଲେ । ଆମକୁ କାହିଁକି ତୁ ଜେଲ୍‌ରେ ପୂରାଇ ମାରୁଛୁ, ତୋର ସିନା ଅମାର ଅମାର ଧାନ ଅଛି ... । ଗୌରୀଶ୍ୟାମ ତାଙ୍କ ଘରକୁ ଚିଠିଲେଖି ଶହ ଶହ ଭରଣ ଧାନ ଭୋକିଲା ପେଟ ପାଇଁ ଦାନ କରି ଦେଇଥିଲେ । ବୀର ଓଡ଼ିଆର ଦୁଃଖ କାହାଣୀ ଓ ବୀରତ୍ୱର ଅନେକ ଅନ୍ଧାରୀ ଇତିହାସ ଲେଖି ବସିଲେ ଗ୍ରନ୍ଥଟିଏ ହେବ ।

'ଆଶ୍ରମ' ଶ୍ରୀବିହାର କଲୋନୀ
କଟକ - ୮

---

# ଭିନ୍ନକ୍ଷମ ମାଗୁଣୀର ଉଦ୍ୟମ ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣା
## (ସଫଳ କାହାଣୀ)

ପୁରୀ ଜିଲ୍ଲା ଡେଲାଙ୍ଗ ଗ୍ରାମର ୨୨ ବର୍ଷର ମାଗୁଣୀ ଜନ୍ମରୁ ଶାରୀରିକ ଅକ୍ଷମ ଥିଲା । ବୋଝ ଉପରେ ନଳିତା ବିଡ଼ା ସଦୃଶ ପିଲାଟି ଦିନରୁ ମାଗୁଣୀର ବାପା ମାଗୁଣୀ ଓ ତା' ମାଆକୁ ଏ ସଂସାରରେ ଛାଡ଼ି ସବୁଦିନ ପାଇଁ ଇହଲୀଳା ସମ୍ବରଣ କରିଥିଲେ । ପରିବାରର ଦୈନନ୍ଦିନ ଚଳଣି ନିମନ୍ତେ ବିଶେଷ ଭାବରେ କୌଣସି ପ୍ରକାର ସ୍ଥାବର ଓ ଅସ୍ଥାବର ସଂପତ୍ତି ମଧ୍ୟ ନଥିଲା । ମାଆ ବହୁ କଷ୍ଟରେ ବ୍ୟସ୍ତବହୁଳ ସମାଜରେ କାଳାତିପାତ କରୁଥିଲେ ।

ରାଜ୍ୟରେ ବେକାର, ଅସହାୟ ଓ ଭିନ୍ନକ୍ଷମ ଯୁବକଯୁବତୀଙ୍କ ଆତ୍ମନିର୍ଭରଶୀଳ ନିମନ୍ତେ ବହୁ ଯୋଜନା କାର୍ଯ୍ୟକାରୀ କରାଯାଇ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ମାଗୁଣୀ ଅକ୍ଷମ ହେଲେ ମଧ୍ୟ ତା'ର ଉଦ୍ୟମ ଓ ମନୋବଳ ବହୁତ ଦୃଢ଼ । ସମାଜରେ ଅନ୍ୟମାନଙ୍କ ସହ କାନ୍ଧକୁ କାନ୍ଧ ମିଳାଇ ଚଳିବା ଏବଂ ବୃଦ୍ଧମାତାର ଖାଇବା ପିଇବା ନିମନ୍ତେ କୌଣସି ଏକ ପନ୍ଥା ଗ୍ରହଣ କରିବାକୁ ମନ ବଳାଇଲା । ଶାନ୍ତା ମେମୋରିଆଲ ଥଇଥାନ କେନ୍ଦ୍ର ପକ୍ଷରୁ ଏକ ତିନିଚକିଆ ସାଇକେଲ ତାକୁ ପ୍ରଦାନ କରାଗଲା ପରେ ସେ ପୁରୀ ସମନ୍ୱିତ ଶିଶୁ ବିକାଶ ଯୋଜନା ତରଫରୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ପାଇଥିଲା । ସେହି ଟଙ୍କାରେ ମାଗୁଣୀ ଏକ ପରିବା ଦୋକାନ କରି ରୋଜଗାରକ୍ଷମ ହୋଇପାରିଛି । ମାଗୁଣୀର ଅମାୟିକ ବ୍ୟବହାରରେ ଗ୍ରାହକମାନେ ଅଧିକ ସଂଖ୍ୟାର ପନିପରିବା କିଣିବା ପାଇଁ ତାଙ୍କ ଦୋକାନକୁ ଆସୁଛନ୍ତି । ଦୋକାନରେ ବିକ୍ରୀବଟା ଭଲ ହେଉଥିବାରୁ ରୋଜଗାର ବୃଦ୍ଧି ପାଇଛି । ଫଳରେ ପରିବାରର ଭରଣପୋଷଣ ଖର୍ଚ୍ଚ ମେଣ୍ଟାଇବା ସହିତ ପ୍ରତିଦିନ କିଛି କିଛି ସ୍ୱଳ୍ପ ସଂଚୟ ଯୋଜନାରେ ସେ ଟଙ୍କା ଗଚ୍ଛିତ କରି ରଖୁଥିଲା । ସେହି ଟଙ୍କାରେ ମାଗୁଣୀ ବାହାଡୋଳା ହୋଇ ସୁଖରେ ମାଆ, ପିଲା ଓ ସ୍ତ୍ରୀ ସହିତ କାଳାତିପାତ କରୁଛି ।

ମାଗୁଣୀ ଶାରୀରିକ ଅକ୍ଷମ ହୋଇ ମଧ୍ୟ ନିଜର ଦୃଢ଼ ମନୋବଳ, ନିଷ୍ଠାପର ଉଦ୍ୟମ, ସରକାରଙ୍କର ଆର୍ଥିକ ସହାୟତା ଦ୍ୱାରା ସେ ବର୍ତ୍ତମାନର ସମାଜରେ ଅନ୍ୟମାନଙ୍କ ସହ ସମକକ୍ଷ ହୋଇ ବଞ୍ଚିପାରିଛି । ଏହା ହିଁ ଭିନ୍ନକ୍ଷମ ସମାଜ ପାଇଁ ଗର୍ବ ଏବଂ ପ୍ରେରଣାର ଉତ୍ସ ।

Click Here & Upgrade
Expanded Features
Unlimited Pages
PDF Complete Documents



# ଖୋର୍ଦ୍ଧାରେ ଇଂରେଜ ଶକ୍ତି ପ୍ରତିବାଦର ପ୍ରତିଧ୍ୱନି

ଡକ୍ଟର ଜନ୍ମେଜୟ ଚୌଧୁରୀ

୧୮୦୩ରେ ଇଂରେଜମାନଙ୍କ ଦ୍ୱାରା ଉପକୂଳବର୍ତ୍ତୀ ଓଡ଼ିଶା ଅଧିକାରକୁ ଓଡ଼ିଶାବାସୀ ପ୍ରତିରୋଧ ନକରିବାର କାରଣ ଥିଲା ମରହଟ୍ଟାମାନଙ୍କ କବଳରୁ ରକ୍ଷା ପାଇବା । ସେମାନଙ୍କର ସମସ୍ତ ଆଶା ଏବଂ ଆକାଙ୍କ୍ଷା ଭୂଲୁଣ୍ଠିତ ହୋଇଥିଲା, ଯେତେବେଳେ ବ୍ରିଟିଶ ସାମ୍ରାଜ୍ୟବାଦ ଏବଂ ଅର୍ଥନୈତିକ ଶୋଷଣ ତାଙ୍କୁ ସମ୍ପୂର୍ଣ୍ଣ କବଳିତ କରିଥିଲା । ତତ୍‌ସହିତ ଇଂରେଜମାନଙ୍କ ଏକଚାଟିଆ ରାଜସ୍ୱ ଆଦାୟ ପ୍ରଥା, ଲବଣ ଉପରେ ଏକଚାଟିଆ ଅଧିକାର, ସ୍ଥାନୀୟ ବ୍ୟକ୍ତିବିଶେଷଙ୍କୁ ଚାକିରିରୁ ବଞ୍ଚିତ କରିବା ଓ କଉଡ଼ି ମୁଦ୍ରା ପ୍ରଚଳନ ବନ୍ଦ ଆଦି ପଦକ୍ଷେପମାନ ଓଡ଼ିଶାବାସୀଙ୍କ କ୍ରୋଧକୁ ବହୁଗୁଣିତ କରିଥିଲା । ଇଂରେଜ ସାମ୍ରାଜ୍ୟବାଦ ଉଗ୍ରରୂପ ଧାରଣ କରିଥିଲା ଯେତେବେଳେ ଖୋର୍ଦ୍ଧାର ରାଜା ଦ୍ୱିତୀୟ ମୁକୁନ୍ଦଦେବଙ୍କର ମନ୍ତ୍ରୀ ଜୟୀ ରାଜଗୁରୁଙ୍କୁ ଇଂରେଜମାନେ ଫାଶୀ ଦେଇଥିଲେ ଏବଂ ଖୋର୍ଦ୍ଧାର ଶାସନ ପ୍ରତ୍ୟକ୍ଷ ଭାବରେ ୧୮୦୫ରୁ ନିୟନ୍ତ୍ରଣ କରିଥିଲେ । ଏହି ଦିନଠାରୁ ଆରମ୍ଭ ହେଲା ଅକଥନୀୟ ସାମ୍ରାଜ୍ୟବାଦ ନୀତି । ପ୍ରଥମତଃ ଖୋର୍ଦ୍ଧାର ରାଜାଙ୍କୁ ଗାଦିଚ୍ୟୁତ କରି ମେଜର ଫ୍ଲେଚର ଶାସନ ଭାର ଗ୍ରହଣ କରିଥିଲେ । ଏହାଙ୍କ କଡ଼ା ଶାସନ ସାଧାରଣ ଜନତାଙ୍କ ପାଇଁ ଆଦୌ ସନ୍ତୋଷଜନକ ନଥିଲା । ଇଂରେଜ ଶାସନର 'ସୂର୍ଯ୍ୟାସ୍ତ ନିୟମ' ଅନୁସାରେ ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିମାନ ନିଲାମ ହୋଇଯାଉଥିଲା । ଦ୍ୱିତୀୟତଃ 'କଳା ଲବଣ ଆଇନ' ଦ୍ୱାରା ଲୁଣ ଉପରେ ଇଂରେଜମାନଙ୍କର ଏକଚାଟିଆ ଅଧିକାର ପରିଚାଳିତ ହେଲା । ଲବଣର ବର୍ଦ୍ଧିତ ମୂଲ୍ୟ ଓଡ଼ିଶାର ସମସ୍ତଙ୍କୁ ହତାଶ କରିଥିଲା । William Trawer ଏହି ଲବଣ ଆଇନକୁ ଅନୁଧ୍ୟାନ କରି କହିଛନ୍ତି - 'ମୁଁ ନିଜେ ସ୍ୱୀକାର କରୁଅଛି ଯେ ଲବଣ ପାଇଁ ସମଗ୍ର ଜିଲ୍ଲାରେ ଚହଳ ପଡ଼ିଯାଇଛି । ଏହାର ବର୍ଦ୍ଧିତ ମୂଲ୍ୟ ସମ୍ବନ୍ଧରେ ଯେ କେବଳ ଅଭିଯୋଗ ଆସିଛି ତାହା ନୁହେଁ, ସାଧାରଣ ଜନତାଙ୍କ ପକ୍ଷେ ଏହା କ୍ରୟ କରିବା କଷ୍ଟ ମଧ୍ୟ ହୋଇଛି । ପୁନଶ୍ଚ କ୍ରୟ କରିବାର କ୍ଷମତା ଥିବା ବ୍ୟକ୍ତିମାନେ ଏହାକୁ କିଣିବାକୁ ମଧ୍ୟ ନାପସନ୍ଦ କରିଛନ୍ତି ... ।' Edward Impey ଲବଣ ଆଇନ ଉପରେ ନିଜର ମନ୍ତବ୍ୟ ପ୍ରକାଶ କରିଛନ୍ତି ଯେ - '... ଜୀବନର ସୁଖଶାନ୍ତିର ପ୍ରତୀକ ଲବଣ ପରି ଏକ ସହଜଲଭ୍ୟ ପଦାର୍ଥକୁ ହାସଲ କରିନପାରି ଓଡ଼ିଶାର ଅନ୍ୟ ଜିଲ୍ଲା ଅପେକ୍ଷା ଖୋର୍ଦ୍ଧାର ଲୋକମାନେ ଏହି ଲବଣର ଏକଚାଟିଆ ଅଧିକାରକୁ ବହୁ ପରିମାଣରେ ଅନୁଭବ କରିଥିଲେ ... ।' ତୃତୀୟତଃ ୧୮୦୪ରେ ଇଂରେଜ ସରକାରଙ୍କ ଦ୍ୱାରା ଓଡ଼ିଶାରେ ପ୍ରଚଳିତ କଉଡ଼ି ପ୍ରଥାକୁ ଉଚ୍ଛେଦ କରି ରୁପା 'ସିକା' ନାମରେ ନୂତନ ମୁଦ୍ରା ପ୍ରଚଳନ କରିବାରୁ ସାଧାରଣ ଲୋକେ ଏହାର ହାର ନିର୍ଦ୍ଧାରଣ କରିପାରିନଥିଲେ । ଇଂରେଜ ଶାସନର ଏ ସମସ୍ତ ସାମ୍ରାଜ୍ୟବାଦ ନୀତି ଖୋର୍ଦ୍ଧା ଜନସାଧାରଣଙ୍କର ପୁଞ୍ଜିଭୂତ ଅସନ୍ତୋଷର ପରିପ୍ରକାଶ କରିବା ସାଙ୍ଗକୁ ଖୋର୍ଦ୍ଧା ରାଜାଙ୍କର ବକ୍ସି ବା ମୁଖ୍ୟ ସେନାପତି ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାୟଙ୍କର ଅସନ୍ତୋଷ ଖୋର୍ଦ୍ଧା ବିଦ୍ରୋହକୁ ସଂଗଠିତ କରିଥିଲା । ଖୋର୍ଦ୍ଧା ରାଜାଙ୍କର ବକ୍ସି ପଦ ବଂଶାନୁକ୍ରମିକ ଥିଲା ଏବଂ ଏଥିନିମିତ୍ତ ସେ ରାହଙ୍ଗ, ଲେମ୍ବାଇ, ସରାଇ ଏବଂ ଛବିଶକୁଦ ଆଦି ଚାରିଗୋଟି ପ୍ରଗଣା ସହିତ ରୋରଙ୍ଗ ଜିଲ୍ଲା ଜାଗିରି ଆକାରରେ ପାଇଥିଲେ । ଏ ସମସ୍ତଙ୍କୁ ମିଶାଇ ବକ୍ସିବାଦ କୁହାଯାଉଥିଲା । ଏ ସମସ୍ତ ଅଞ୍ଚଳକୁ ଖୋର୍ଦ୍ଧା ରାଜା କର ମୁକ୍ତ କରିଥିଲେ । ମେଜର ଫ୍ଲେଚର୍ ଖୋର୍ଦ୍ଧାର ଶାସନ ପରିଚାଳନା କଲାବେଳେ ବକ୍ସିଙ୍କୁ ରୋରଙ୍ଗ ଜିଲ୍ଲାରୁ ହଟାଇ ଦେଇଥିଲେ । ଚନ୍ଦ୍ରପ୍ରକାଶ ସିଂହଙ୍କ ଚକ୍ରାନ୍ତରେ ବକ୍ସିଙ୍କର ଚାରିଗୋଟି ପ୍ରଗଣା ଲକ୍ଷ୍ମୀନାରାୟଣଙ୍କୁ ବିକ୍ରି କରି ଦିଆଗଲା ଏବଂ ସେ କୃଷ୍ଣଚନ୍ଦ୍ର ସିଂହଙ୍କୁ ଏହା ବିକ୍ରି କରିଥିଲେ । ବକ୍ସି ଏହା ଜାଣିପାରି କମିଶନର ରିଚାର୍ଡ଼ସନ୍‌ଙ୍କ ନିକଟରେ ଅଭିଯୋଗ କରିଥିଲେ । କୋର୍ଟରେ



Click Here & Upgrade
Expanded Features
Unlimited Pages
PDF Complete Documents



କୃଷ୍ଣଚନ୍ଦ୍ର ଏହାକୁ ବିରୋଧ କରିଥିଲେ ଏବଂ ବକ୍ସିଙ୍କ ନିଜ ପୁତୁରା ଗଦାଧର ବିଦ୍ୟାଧର ଏହି ସମ୍ପତ୍ତି ଉପରେ ତାଙ୍କର ଅଧିକାର ଅଛି ବୋଲି କୋର୍ଟରେ ଦାବି କରିଥିଲେ । ଫଳରେ କମିଶନର ବକ୍ସିଙ୍କୁ ଏହି ଚାରି ପ୍ରଗଣାର ମାଲିକ ରୂପେ ମାନି ନଥିଲେ । ଏହା ବକ୍ସିଙ୍କୁ ହତାଶ କରିଥିଲା । ପୁନଶ୍ଚ ସରବାକାର ଚରଣ ପଟ୍ଟନାୟକ ବକ୍ସି ଜଗବନ୍ଧୁ ପିଣ୍ଡାରୀମାନଙ୍କ ସହିତ ସମ୍ପର୍କ ରଖିଥିବାର ମିଥ୍ୟା ତଥ୍ୟ ଖୋର୍ଦ୍ଧାର ଦାରୋଗାଙ୍କୁ ଦେଇଥିଲେ ଏବଂ ଦାରୋଗା ବକ୍ସିଙ୍କୁ ଧରିବା ପାଇଁ ପ୍ରସ୍ତୁତ ହୋଇଥିଲେ । ଏହି ସମସ୍ତ ପ୍ରତାରଣା ଓ ମିଥ୍ୟା ଅଭିଯୋଗର ଶିକାର ହୋଇ ବକ୍ସି ଖୋର୍ଦ୍ଧା ପାଇକମାନଙ୍କ ସହଯୋଗରେ ଇଂରେଜମାନଙ୍କ ସାମ୍ରାଜ୍ୟବାଦ ନୀତି ବିରୁଦ୍ଧରେ ପ୍ରତିବନ୍ଧକ ସୃଷ୍ଟି କରିଥିଲେ ।

ଏହି ପ୍ରତିବନ୍ଧକର ପ୍ରତିଧ୍ୱନି ପ୍ରଥମେ ଖୋର୍ଦ୍ଧାରେ ଆରମ୍ଭ ହେଲା ୨୯ ମାର୍ଚ୍ଚ ୧୮୧୭ ମସିହାରେ । ସର୍ବପ୍ରଥମେ ବିଦ୍ରୋହୀମାନେ ବାଣପୁରର ଥାନା ଓ ସରକାରୀ ଅଟ୍ଟାଳିକାଗୁଡ଼ିକୁ ଆକ୍ରମଣ କରି ୧୦୦ ଜଣଙ୍କୁ ହତ୍ୟା କରିବା ସହିତ ୧୫,୦୦୦ ଟଙ୍କା ଲୁଣ୍ଠନ କରିଥିଲେ । ତତ୍ପରେ ଦକ୍ଷିଣ ଡିଭିଜନର ଲୁଣ ଏଜେଣ୍ଟଙ୍କୁ ଆକ୍ରମଣ କରିଥିଲେ ଓ ଚିଲିକା ହ୍ରଦରେ ଥିବା ତାଙ୍କ ଜାହାଜକୁ ଲୁଣ୍ଠନ କରିଥିଲେ । ଖୋର୍ଦ୍ଧାର ବିଦ୍ରୋହୀମାନେ ବକ୍ସିଙ୍କ ନେତୃତ୍ୱରେ ଘୁମୁସରର ତୁହାର (କନ୍ଧ)ମାନଙ୍କ ସହ ପୂର୍ଣ୍ଣ ପ୍ରାଣରେ ମିଶି ଖୋର୍ଦ୍ଧାର ସରକାରୀ ଦପ୍ତରକୁ ଭାଙ୍ଗିରୁଜି ଦେଇଥିଲେ ଏବଂ ଟ୍ରେଜେରିକୁ ନଷ୍ଟଭ୍ରଷ୍ଟ କରିଥିଲେ । ଏହାପରେ ବିଦ୍ରୋହୀମାନେ ଲେମ୍ବାଇ ଅଭିମୁଖେ ଦ୍ରୁତଗତିରେ ପ୍ରଧାବିତ ହୋଇଥିଲେ ଏବଂ ରଥିପୁରଠାରେ ଚରଣ ପଟ୍ଟନାୟକଙ୍କୁ ହତ୍ୟା କରିଥିଲେ । ଖୁବ୍ ଅଳ୍ପ ସମୟ ମଧ୍ୟରେ ଖୋର୍ଦ୍ଧାର ଏହି କଥା ସମଗ୍ର ଓଡ଼ିଶା କାହିଁକି ସମଗ୍ର ଭାରତବର୍ଷକୁ ବ୍ୟାପୀ ଯାଇଥିଲା । ବିଦ୍ରୋହୀମାନଙ୍କର ଏହି କାର୍ଯ୍ୟକଳାପକୁ ମୁକାବିଲା କରିବା ପାଇଁ Edward Impey ଲେଫ୍‌ଟନାଣ୍ଟ ପ୍ରିଡିଭକ୍ସ ଏବଂ ଫାରିସ୍‌ଙ୍କ ନେତୃତ୍ୱରେ ଇଂରେଜ ସରକାର ଖୋର୍ଦ୍ଧା ଅଭିମୁଖେ ସୈନ୍ୟ ପ୍ରେରଣ କଲା । ଲେଫ୍‌ନାଣ୍ଟ ଟ୍ରାଭିସ୍‌ଙ୍କୁ ସଙ୍ଗରେ ନେଇ କିଛି ସୈନ୍ୟଙ୍କ ସହିତ ଏପ୍ରିଲ ୧ ତାରିଖ ୧୮୧୬ ମସିହାରେ ଖୋର୍ଦ୍ଧା ଅଭିମୁଖେ ଯାତ୍ରା ସମୟରେ ଖୋର୍ଦ୍ଧାର ବିଦ୍ରୋହୀ ଜଙ୍ଗଲ ମଧ୍ୟରେ ଲୁଚି ରହି ଏହି ଅଭିଯାନକୁ ଯେଉଁଭଳି ଭାବରେ ପ୍ରତିହତ କରିଥିଲେ, ବାଧ୍ୟ ହୋଇ ଇଂରେଜ ସେନା ପଛଘୁଞ୍ଚା ଦେଇ କଟକ ଚାଲି ଯାଇଥିଲେ । ସେଠାରେ ଇମ୍ପେ କହିଥିଲେ - 'ମୁଁ ଫେରିବାକୁ ବାଧ୍ୟ ହେଲି । ସମଗ୍ର ଖୋର୍ଦ୍ଧା ଅଞ୍ଚଳରେ ବିଦ୍ରୋହର ଅଗ୍ନି ଜଳୁଛି ।' କ୍ୟାପ୍‌ଟେନ୍ ୱେଲିଙ୍ଗଟନ୍‌ଙ୍କ ନିର୍ଦ୍ଦେଶ ଅନୁସାରେ ଲେଫ୍‌ଟନାଣ୍ଟ ଫାରିସ୍ ବିଦ୍ରୋହୀମାନଙ୍କୁ ଗୋଡାଇବାରୁ ଜଣେ ସୁବେଦାରଙ୍କ ସହିତ ସେ ବିଦ୍ରୋହୀମାନଙ୍କ ଗୁଳିରେ ପ୍ରାଣତ୍ୟାଗ କରିଥିଲେ । ଏହି ପରିପ୍ରେକ୍ଷୀରେ ପିପିଲିଠାରେ ସରକାରୀ ଥାନା ଓ ଦପ୍ତରକୁ ବିଦ୍ରୋହୀମାନେ ଅଗ୍ନି ସଂଯୋଗ କରିଥିଲେ । ଏପ୍ରିଲ ୭ ତାରିଖ ୧୮୧୬ ମସିହାରେ ସେଠାର କେତେକ ବିଦ୍ରୋହୀ ରାଜବଲ୍ଲଭ ଛୋଟରାୟଙ୍କ ନେତୃତ୍ୱରେ ହରିହରପୁର ଆକ୍ରମଣ କରିଥିଲେ ଓ ତହସିଲଦାର କୋଥ୍‌ଦେଶଙ୍କୁ ନିସ୍ତୁକ ମାଡ଼ ଦେଇଥିଲେ । ତତ୍‌ସହିତ ବଳରାମପୁର ଓ ବୁଧଖେରାର ନୂତନ ଜମିଦାରମାନଙ୍କୁ ବିତାଡ଼ିତ କରିଥିଲେ । ଲେମ୍ବାଇ, ପିପିଲି ଏବଂ କୋଥ୍‌ଦେଶ୍‌ର ବହୁ ସାଧାରଣ ବ୍ୟକ୍ତି ବିଦ୍ରୋହରେ ଯୋଗ ଦେଇ ଏହାକୁ ବ୍ୟାପକ କରିଥିଲେ । ଏହିମାନେ ଇଂରେଜ ସରକାରଙ୍କଠାରୁ ପାନେଗଡ଼ର ଜାଗିରୀ ଲାଭ କରି ସେଠାରେ ବାସ କରୁଥିବା ସମ୍ବଲପୁର ରାଣୀ ମୁକ୍ତାଦେଈଙ୍କୁ ବନ୍ଦୀ କରିଥିଲେ ଓ ତାଙ୍କ ଉଆସ ଲୁଣ୍ଠନ କରିଥିଲେ । ବକ୍ସିଙ୍କ ନିର୍ଦ୍ଦେଶରେ ତାଙ୍କ ବିରୁଦ୍ଧରେ ଗୁପ୍ତଚର ବୃତ୍ତି କରୁଥିବା ଜଗବନ୍ଧୁ ପଟ୍ଟନାୟକ ଏବଂ ତାଙ୍କ ପରିବାରକୁ ବିଦ୍ରୋହୀମାନେ ହତ୍ୟା କରିଥିଲେ । ଏହାପରେ ବିଦ୍ରୋହୀମାନେ ପୁରୀରେ ପ୍ରବେଶ କରି ବହୁ ସରକାରୀ ଗୃହ ଓ ବେସରକାରୀ ଗୃହରେ ଅଗ୍ନି ସଂଯୋଗ କରିଥିଲେ । ଏପ୍ରିଲ ୧୪ ତାରିଖ ୧୮୧୬ ମସିହାରେ ବକ୍ସି ନିଜର ଅନେକ ଅନୁଚରଙ୍କ ସହିତ ପୁରୀରେ ପ୍ରବେଶ କରି ରାଜା ମୁକୁନ୍ଦଦେବଙ୍କୁ ସେମାନଙ୍କର ରାଜା ରୂପେ ଘୋଷଣା କରିଥିଲେ । ଫଳରେ ବିଦ୍ରୋହ ଗୋପ, କୁଜଙ୍ଗ, ପଟ୍ଟାମୁଣ୍ଡାଇ, ଗୋଲରା, ହରିଶପୁର ଓ ପ୍ରହରାଜପୁର ଆଦି ସ୍ଥାନକୁ ବ୍ୟାପିଗଲା ।

ଏ ସବୁକୁ ଦୃଷ୍ଟିରେ ରଖି ଇଂରେଜ ସରକାର ପ୍ରଥମେ ମିଲିଟାରୀ ଆଇନ ପୁରୀ, ପିପିଲି ଓ ଲେମ୍ବାଇ ଆଦି ସ୍ଥାନରେ ଲାଗୁ କଲା । କ୍ୟାପଟେନ୍ ଲେ ଫେଭରେ ଏକ ବିଶାଳ ସୈନ୍ୟବାହିନୀ ନେଇ ଏ ସମସ୍ତ ସ୍ଥାନରେ ଅଗ୍ନି ସଂଯୋଗ କରି ବିଦ୍ରୋହର ବହ୍ନିକୁ ପ୍ରଶମିତ କରିଥିଲେ ମଧ୍ୟ ଇଂରେଜ ସରକାରର ଏହି ଦମନ ଲୀଳାକୁ ଖାତିର ନକରି ଅନ୍ୟାନ୍ୟ ସ୍ଥାନରେ ବିଦ୍ରୋହ ଅବ୍ୟାହତ ରହିଥାଏ । କ୍ୟାପଟେନ୍ ଫେଭରେ ରାଜା ଓ ତାଙ୍କ ଦୁଇପୁତ୍ରଙ୍କୁ ଏହି ସମୟରେ କଟକ ପ୍ରେରଣ କରିଥିଲେ । ଏହାପରେ କ୍ୟାପ୍‌ଟେନ୍ ସି.ଆର୍. କେନ୍ନେଟ ଓ କ୍ୟାପଟେନ୍ ଏ ମ୍ୟାକ୍‌ଲିଓଡ଼ ଅନ୍ୟାନ୍ୟ ସ୍ଥାନର ବିଦ୍ରୋହକୁ ଦମନ କରିବା ପାଇଁ ପଦକ୍ଷେପ ନେବା ସାଙ୍ଗକୁ ବିଦ୍ରୋହର ମୁଖ୍ୟ ପରାମର୍ଶଦାତା ନାରାୟଣ ପରମଗୁରୁ ଓ ବାମଦେବ ପଟ୍ଟଯୋଶୀଙ୍କୁ ଗିରଫ କରି ବାରବାଟୀ ଦୁର୍ଗକୁ ପ୍ରେରଣ କରିଥିଲେ । ଫଳରେ ବିଦ୍ରୋହ ପରିବର୍ତ୍ତେ ଶାନ୍ତ ବାତାବରଣ ଆରମ୍ଭ ହେଲା । ଇଂରେଜମାନଙ୍କର ଏହି ଦମନ ଲୀଳା ଯୋଗୁଁ ବକ୍ସି ଜଗବନ୍ଧୁ ଓ ତାଙ୍କର ଅନୁଚରମାନେ ନୟାଗଡ଼ ଓ ରଣପୁରରେ ଲୁଚି ରହିଥିଲେ । ବକ୍ସିଙ୍କ ଉପଦେଶ ଅନୁଯାୟୀ ତାଙ୍କ ଅନୁଚର କୃଷ୍ଣଚନ୍ଦ୍ର ଭ୍ରମରବର ରାୟ, ଦାସୁ ସୁବୁଦ୍ଧି, ଗୋପାଳ ଛୋଟରାୟ ଆଦି ଜଙ୍ଗଲକୁ ପଳାୟନ କରି ସେଠାରେ ବାସସ୍ଥାନ ନିର୍ମାଣ କରି ଲୁଚି ରହିଲେ । ବିଦ୍ରୋହୀମାନେ ସର୍ବାକାରମାନଙ୍କୁ ଇଂରେଜମାନଙ୍କ ସହିତ କୌଣସି ରାଜସ୍ୱ ସମ୍ପର୍କୀୟ ସମ୍ବନ୍ଧ ରଖିବାକୁ ମନା କରି ଦେଇଥିଲେ । ଏଣେ ବକ୍ସି ଜଗବନ୍ଧୁଙ୍କୁ ଧରିବା ପାଇଁ ମେଜର

Click Here & Upgrade
Expanded Features
Unlimited Pages
PDF Complete Documents



ଇ. ରଭସେଦ୍, ଲେଫ୍‌ଟନାଣ୍ଟ ଡି. ରୁଢ୍ଭେଲ୍‌ଙ୍କ ସହାୟତାରେ ଉଦ୍ୟମ ଆରମ୍ଭ ହେଲା । ତେଣୁ ସେପ୍ଟେମ୍ବର ମାସ ୧୮୧୮ ମସିହାରେ ଦଶପଲ୍ଲାର ରାଜାଙ୍କ ସହାୟତାରେ ବକ୍ସି ନିଜର ବିଶ୍ୱସ୍ତ ଅନୁଚର ବିଶ୍ୱନାଥ ହରିଚନ୍ଦନ, ଆଦିକନ୍ଦ ବିଦ୍ୟାଧର, ଦୀନବନ୍ଧୁ ସାମନ୍ତରା, ଗୋପାଳ ଛୋଟରାୟ, ପଦ୍ମନାଭ ଛୋଟରାୟ ଆଦିଙ୍କୁ ବୌଦକୁ ପ୍ରେରଣ କରିଥିଲେ । ନୟାଗଡ଼ର ରାଜାଙ୍କୁ ସତର୍କ କରି ଇଂରେଜମାନେ ଧମକ ଦେଇଥିଲେ ଯେ ବକ୍ସିଙ୍କୁ ସମର୍ଥନ କଲେ ତାଙ୍କର ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ କରାଯିବ । ଇତି ମଧ୍ୟରେ ବକ୍ସିଙ୍କର କେତେକ ଅନୁଚର ଧରାପଡ଼ିଲେ । ବକ୍ସି ଜଗବନ୍ଧୁଙ୍କୁ ଧରାଇ ଦେଲେ ୫୦୦୦ ଟଙ୍କା ଓ ତାଙ୍କ ଅନୁଚର ଦେଓ୍ୱାନ ଭ୍ରମରବର ରାୟଙ୍କୁ ଧରାଇ ଦେଲେ ୨୦୦୦ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା । ଏ ଘୋଷଣା ଫଳପ୍ରଦ ନ ହେବାରୁ କଟକର ବଡ଼ଲାଟଙ୍କ କାଉନ୍‌ସିଲ ଘୋଷଣା କରିଥିଲା ଯେ ଯଦି ବକ୍ସି ସ୍ୱଇଚ୍ଛାରେ ଆତ୍ମ ସମର୍ପଣ କରନ୍ତି ତେବେ ତାଙ୍କୁ ମାସିକ ଦୁଇ ଶହ ଟଙ୍କା ଭତ୍ତା ଆକାରରେ ପ୍ରଦାନ କରାଯିବ । ଏହାପରେ ବକ୍ସି ନିଜର ପୌଷ୍ୟ ପୁତ୍ର ମାଧ୍ୟମରେ ଇଂରେଜମାନଙ୍କ ପାଖକୁ ପତ୍ର ଲେଖି ଜଣାଇଥିଲେ ଯେ, ମେଜର ଫ୍ଲେଚରଙ୍କ ମନମୁଖୀ ଶାସନ, ଲବଣ କଳା ଆଇନ ଆଦିର ତର୍ଜମା ଆବଶ୍ୟକ । ମାତ୍ର ବକ୍ସିଙ୍କର ଏ ସମସ୍ତ ଅନୁରୋଧ ପ୍ରତି ଇଂରେଜ ସରକାର ଖାତିର କରି ନଥିଲା । ଏହା ମଧ୍ୟରେ ବକ୍ସିଙ୍କର ଦୁଇ ଜଣ ପତ୍ନୀ ଓ ବହୁ ଅନୁଚର ଇଂରେଜ ହସ୍ତରେ ଧରାପଡ଼ିଥିଲେ । ମାତ୍ର ବକ୍ସି ଆତ୍ମ ସମର୍ପଣ ନକରିବାରୁ କଟକର କମିଶନର ଡବ୍ଲ୍ୟୁ. ବ୍ଲଣ୍ଟ ବକ୍ସି ଏବଂ ତାଙ୍କର ଏକାନ୍ତ ଅନୁଚର କୃଷ୍ଣଚନ୍ଦ୍ର ଭ୍ରମରବର ରାୟଙ୍କୁ କ୍ଷମା ଦେବା ପାଇଁ ଘୋଷଣା କରିଥିଲେ । ଏହି ଘୋଷଣାର ମଧ୍ୟ ସର୍ତ୍ତ ଥିଲା ସେମାନେ ଆତ୍ମ ସମର୍ପଣ କଲେ ସେମାନଙ୍କୁ ମାସିକ ୧୦୦ ଟଙ୍କା ଓ ୫୦ ଟଙ୍କା ପ୍ରଦାନ କରାଯିବ । ଏହି ଘୋଷଣା ପରେ ଡିସେମ୍ବର ୧ ତାରିଖ ୧୮୨୨ ମସିହାରୁ ଦୁଇ ମାସ ମଧ୍ୟରେ ସେମାନେ ଆତ୍ମ ସମର୍ପଣ କରିବାକୁ ବକ୍ସିଙ୍କ ପାଖକୁ ନିଜର ପୋଷ୍ୟପୁତ୍ର ମାଧ୍ୟମରେ ଜଣାଇ ଦିଆଗଲା । ଯଦିଓ ବକ୍ସି ଏହି ଆଦେଶକୁ ଜାନୁଆରୀ ମାସ ୧୮୨୩ ମସିହାରେ ଗ୍ରହଣ କରିଥିଲେ, ମାତ୍ର ସେ ଏହି ପ୍ରସ୍ତାବରେ ରାଜି ନଥିଲେ । ଦୀର୍ଘ ଦୁଇ ବର୍ଷ ଧରି ସେ ନୀରବତା ଅବଲମ୍ବନ କରିଥିଲେ । ଏହି ପରିପ୍ରେକ୍ଷୀରେ ତାଙ୍କର ସହକର୍ମୀ ଦେଓ୍ୱାନ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ ତାଙ୍କୁ ଛାଡ଼ି ଅନ୍ୟତ୍ର ଚାଲି ଯାଇଥିଲେ । ବକ୍ସିଙ୍କ କେତେକ ଅନୁଚରମାନେ ଇଂରେଜ ପାଖରେ ଆତ୍ମସମର୍ପଣ କରିଥିଲେ ତ କେତେକ ଇଂରେଜମାନଙ୍କ ହସ୍ତରେ ବନ୍ଦୀ ହୋଇଥିଲେ । ଶେଷରେ ବକ୍ସି ଆତ୍ମସମର୍ପଣ ପାଇଁ ମନସ୍ଥ କରିଥିଲେ । କଟକର କମିଶନର ଡବ୍ଲ୍ୟୁ.ବ୍ଲଣ୍ଟ ଟ୍ରିବୁଟାରୀ ମହଲର ଅଧିକ୍ଷକଙ୍କ ଅଫିସର ସେରିସ୍ତାଦାର ଓ୍ୱାଜ୍ ମହମ୍ମଦଙ୍କୁ ବକ୍ସି ସହିତ କଥାବାର୍ତ୍ତା ପାଇଁ ପଠାଇଥିଲେ । ଏହି ଆଲୋଚନା ନୟାଗଡ଼ଠାରେ ହୋଇଥିଲା । ଶେଷରେ ମେ ମାସ ୨୬ ତାରିଖ ୧୮୨୫ ମସିହାରେ ବକ୍ସି ନିଜର ଅବଶିଷ୍ଟ ଅନୁଚରଙ୍କ ସହିତ କଟକଠାରେ ଆତ୍ମସମର୍ପଣ କଲେ । ବକ୍ସି ଏବଂ ତାଙ୍କ ଅନୁଚରମାନଙ୍କୁ କ୍ଷମା ପ୍ରଦାନ କରାଯିବା ସାଙ୍ଗକୁ ବକ୍ସିଙ୍କର ମାସିକ ଭତ୍ତା ୧୫୦ ଟଙ୍କା ସ୍ଥିର କରାଗଲା । ସେ ବସ୍ତୁତଃ ଏକ ବନ୍ଦୀ ରୂପେ କଟକଠାରେ ଜୀବନ ଅତିବାହିତ କରିବାକୁ ଲାଗିଲେ, କାରଣ ତାଙ୍କୁ କଟକ ବ୍ୟତୀତ ବାହାରକୁ ଯିବା ପାଇଁ ଅନୁମତି ମିଳି ନଥିଲା । ଏହି ଜୀବନ କାଳରେ ବକ୍ସି ପୂର୍ବେ ତାଙ୍କ ଅଧୀନରେ ଥିବା ଚାରି ପ୍ରଗଣାମାନ ଫେରାଇ ଦେବା ପାଇଁ ଏବଂ ନିଜେ ରୋରଙ୍ଗରେ ରହିବା ପାଇଁ ଇଂରେଜ ସରକାରଙ୍କୁ ଆପତ୍ତି କରିଥିଲେ । ମାତ୍ର ତାଙ୍କର ଏହି ଆପତ୍ତି ବଡ଼ଲାଟଙ୍କ କାଉନ୍‌ସିଲରେ ଖାରଦ ହୋଇଯାଇଥିଲା । ଏହି କଟକରେ ରହଣି କାଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା । ତେଣୁ ବଣ ଜଙ୍ଗଲରେ ଲୁଚି ଛପି ବକ୍ସି ଜଗବନ୍ଧୁ ଯେପରି ଇଂରେଜ ଶକ୍ତିର ମୁକାବିଲା କରିଥିଲେ, ତାହା ବାସ୍ତବିକ ଇତିହାସରେ ଅନନ୍ୟ । ତାଙ୍କର ଏହି ଅଭୂତପୂର୍ବ ସାହସ ଓ ବୀରତ୍ୱ ପାଇଁ ସେ ଖୋର୍ଦ୍ଧା ବା ଓଡ଼ିଶା କାହିଁକି ସମଗ୍ର ଭାରତବାସୀମାନଙ୍କ ନିକଟରେ ଚିର ସ୍ମରଣୀୟ ହୋଇ ରହିଛନ୍ତି ।

ଅଧ୍ୟାପକ, ଇତିହାସ ବିଭାଗ
ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ
କାଇପଦର, ଖୋର୍ଦ୍ଧା

Click Here & Upgrade
Expanded Features
Unlimited Pages
PDF Complete



# ନୟାଗଡ଼ରେ ସ୍ୱାଧୀନତା ବିଦ୍ରୋହ

ପଙ୍କଜ ସାହୁ

ଭାରତ ଇତିହାସରେ ସ୍ୱାଧୀନତା ବିଦ୍ରୋହ ଉପସ୍ଥାପନାରେ ଐତିହାସିକଗଣ ଓଡ଼ିଶାର ମୁକ୍ତି ସଂଗ୍ରାମ ବା ବିଦ୍ରୋହଗୁଡ଼ିକୁ ନ୍ୟୁନ କରି ପକାଇଥିଲେ ମଧ୍ୟ ଭାରତର ଅନ୍ୟାନ୍ୟ ଅଞ୍ଚଳ ସଦୃଶ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶା ଯେ ଏକ ଅଗ୍ରଣୀ ତଥା ଉଲ୍ଲେଖନୀୟ ଭୂମିକା ନିର୍ବାହ କରି ସର୍ବଭାରତୀୟ ସ୍ତରରେ ଓଡ଼ିଶାବାସୀଙ୍କ ମହିମାନ୍ୱିତ କରିପାରିଛି, ଏଥିରେ ଅତିରଞ୍ଜନର ସ୍ପର୍ଶ ନାହିଁ ।

ବ୍ରିଟିଶରାଜ ପ୍ରତିଷ୍ଠା କ୍ଷେତ୍ରରେ ସମଗ୍ର ଭାରତବର୍ଷକୁ ଅଧିକାରଭୁକ୍ତ କରିବା ପରେ ଓଡ଼ିଆ ପାଇକମାନଙ୍କ ପ୍ରତିରୋଧ ଫଳରେ ସର୍ବଶେଷରେ ଓଡ଼ିଶାକୁ ଶାସନ କବଳିତ କରିବାପାଇଁ ଶକ୍ତିଶାଳୀ ଇଂରେଜମାନଙ୍କୁ ଯେପରି ୧୮୦୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ କସରତ କରିବାକୁ ପଡ଼ିଥିଲା, ପକ୍ଷାନ୍ତରରେ ସେହିପରି ୧୮୫୭ ମସିହାରେ ଭାରତବର୍ଷରେ ସର୍ବତ୍ର ସ୍ୱାଧୀନତା ସଂଗ୍ରାମର ସୂତ୍ରପାତ ହୋଇଥିଲେ ହେଁ ଇଂରେଜ କବଳରୁ ମୁକ୍ତି ପାଇବା ନିମନ୍ତେ ୧୮୦୪ ଖ୍ରୀଷ୍ଟାବ୍ଦରେ ଖୋର୍ଦ୍ଧାର ଓଡ଼ିଆ ବୀର ଜୟୀ ରାଜଗୁରୁ ଇଂରେଜ ବିରୁଦ୍ଧରେ ବିଦ୍ରୋହ କରି ମୁକ୍ତି ସଂଗ୍ରାମୀ ରୂପେ ପ୍ରାଣବଳି ଦେଇ ଦେଶର ସର୍ବପ୍ରଥମ ଶହୀଦ ରୂପେ ଗୌରବମଣ୍ଡିତ ହୋଇପାରିଛନ୍ତି । କେବଳ ସେତିକି ନୁହେଁ ୧୮୧୭ ଖ୍ରୀ:ରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟ ମହାପାତ୍ର ଓଡ଼ିଆ ପାଇକମାନଙ୍କର ନେତୃତ୍ୱ ନେଇ ଇଂରେଜ ବିରୁଦ୍ଧରେ ଯେଉଁ ବିଦ୍ରୋହ ପରିଚାଳନା କରିଥିଲେ, ଉକ୍ତ ପାଇକ ବିଦ୍ରୋହକୁ ଦୃଢ଼ ହସ୍ତରେ ଦମନ କରିବା ପାଇଁ ଦୁର୍ଦ୍ଧର୍ଷ ଇଂରେଜମାନଙ୍କୁ ଦୀର୍ଘ ୮ ବର୍ଷ ସମୟ ବ୍ୟୟ କରିବାକୁ ପଡ଼ିଥିଲେ ହେଁ ଓଡ଼ିଶାରେ ଏହା ଯେ ଇଂରେଜମାନଙ୍କର ସ୍ଥିତିକୁ ଦୋହଲାଇ ଦେଇଥିଲା, ଜର୍ଜ ଟଏନବି ଇଂରେଜ ଐତିହାସିକ ହେଲେ ମଧ୍ୟ, ଏତାଦୃଶ ସତ୍ୟକୁ ସ୍ୱୀକାର କରିବାକୁ ବାଧ୍ୟ ହୋଇଛନ୍ତି । ଏହିପରି ଓଡ଼ିଶାରେ ସଂଘଟିତ ଅଗଣିତ ବିଦ୍ରୋହ ସମ୍ବନ୍ଧରେ ଆଲୋଚନା କଲେ ମନ୍ଦିର ଅପେକ୍ଷା ମୁଖଶାଳା ଯେ ଅପେକ୍ଷାକୃତ ବୃହତ୍ତର ହୋଇ ପଡ଼ିବ, ଏଥିରେ ଦ୍ୱିରୁକ୍ତିର ଅବକାଶ ନାହିଁ ।

ଇଂରେଜମାନେ ଓଡ଼ିଶା ଅଧିକାର କରିବା ପରେ ଯେପରି ଓଡ଼ିଶାବାସୀ ଭବିଷ୍ୟତରେ ସେମାନଙ୍କ ପାଇଁ ବିପଦର କାରଣ ନ ହୁଅନ୍ତି ସେହି ଉଦ୍ଦେଶ୍ୟରେ ସୁଶ୍ରୀ ଓଡ଼ିଶାକୁ ଖଣ୍ଡ ବିଖଣ୍ଡିତ କରି ଦେଇ ଦକ୍ଷିଣରେ ଗଞ୍ଜାମ ସମେତ ଅନ୍ୟାନ୍ୟ ଅଞ୍ଚଳକୁ ମାନ୍ଦ୍ରାଜ ସହିତ, ସମ୍ବଲପୁର ସମେତ ମହାନଦୀର ଅପରପାର୍ଶ୍ୱସ୍ଥ ଅଞ୍ଚଳକୁ ସେଣ୍ଟ୍ରାଲ ପ୍ରୋଭିନ୍‌ସ ଚିଫ୍ କମିଶନରଙ୍କ ଅଧୀନରେ ଓ ସୁବର୍ଣ୍ଣରେଖା ନଦୀର ଅପରପାର୍ଶ୍ୱରେ ଅବସ୍ଥିତ ମେଦିନୀପୁର ସମେତ ଅନ୍ୟାନ୍ୟ ସମୀପବର୍ତ୍ତୀ ଅଞ୍ଚଳକୁ ବଙ୍ଗଳା ସରକାରଙ୍କ ଅଧୀନରେ ଅବସ୍ଥାପିତ କରାଇ ଓଡ଼ିଶାର ଶାସନ କାର୍ଯ୍ୟ ବାହାରୁ ନିୟନ୍ତ୍ରଣ କରାଯାଉଥିଲା । ପୁନଶ୍ଚ ଓଡ଼ିଶାରେ ମରହଟ୍ଟା ଶାସିତ ପୁରୀ, କଟକ, ବାଲେଶ୍ୱରକୁ ନେଇ ସୃଷ୍ଟ ମୋଗଲବନ୍ଦୀ ଅଞ୍ଚଳ ଇଂରେଜମାନଙ୍କ ପ୍ରତ୍ୟକ୍ଷ କର୍ତ୍ତୃତ୍ୱାଧୀନ ହୋଇଥିବା ସହିତ ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲା ଓ ଛୋଟ ଛୋଟ ଜମିଦାରୀଗୁଡ଼ିକରେ ଦେଶୀୟ ରାଜବଂଶର ରାଜାମାନେ ରାଜୁତି କରି ମୋଗଲବନ୍ଦୀ ଶାସକମାନଙ୍କୁ ନିଜର ପ୍ରଭୁ ବୋଲି ସ୍ୱୀକାର କରି ନେଇଥିଲେ । ତେଣୁ ବ୍ରିଟିଶ୍ ଶାସିତ ଓଡ଼ିଶାରେ ରାଜନୈତିକ ଅସ୍ଥିରତା, ଶାସନଗତ ବିଶୃଙ୍ଖଳା, ଦୁର୍ଯୋଗ ଓ ଦୁର୍ବିପାକ ଦ୍ୱାରା ଅତିଷ୍ଠ ଓଡ଼ିଶାବାସୀ ଇଂରେଜମାନଙ୍କ ବିରୁଦ୍ଧରେ ବିଦ୍ରୋହ ପରେ ବିଦ୍ରୋହ ପରିଚାଳନା କରି ଇଂରେଜମାନଙ୍କର ମୁଣ୍ଡ ବ୍ୟଥାର କାରଣ ହୋଇଥିଲେ ।

ବିଚ୍ଛିନ୍ନ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପରିପ୍ରେକ୍ଷୀରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନପୂର୍ବକ ଓଡ଼ିଶାର ଲୁପ୍ତ ଗୌରବ ଫେରାଇ ଆଣିବା ପାଇଁ ଓଡ଼ିଶାରେ ସର୍ବପ୍ରଥମ ପ୍ରତିନିଧିମୂଳକ ସଂଗଠନ ଉତ୍କଳ ସମ୍ମିଳନୀ ଗଠିତ ହୋଇ ଏହାର ପ୍ରଥମ ଅଧିବେଶନ କଟକସ୍ଥିତ ଇଦ୍‌ଗା ପଡ଼ିଆରେ ଖ୍ରୀ:୧୯୦୩ ଡିସେମ୍ବର ୩ ତାରିଖରେ ଅନୁଷ୍ଠିତ ହୋଇ ତତ୍କାଳୀନ ଭାଇସ୍‌ରାୟ ଲର୍ଡ଼ କର୍ଜନଙ୍କ ନିକଟରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦାବୀପତ୍ର ଉପସ୍ଥାପିତ ହେବାରୁ ଖ୍ରୀ:୧୯୦୫ରେ ସମ୍ବଲପୁରକୁ ଓଡ଼ିଶା ସହ ମିଶ୍ରଣ କରାଯାଇଥିଲା । କ୍ରମେ ବଙ୍ଗ-ବିହାର-ମଧ୍ୟପ୍ରଦେଶ ଓ ମାନ୍ଦ୍ରାଜରେ ମିଶି ରହିଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ର କରି ୧୯୩୬ ମସିହା ଅପ୍ରେଲ ପହିଲାରେ ସମଗ୍ର ଭାରତରେ ଭାଷାଭିତ୍ତିରେ ସର୍ବପ୍ରଥମ ପ୍ରଦେଶ ରୂପେ ସ୍ୱତନ୍ତ୍ର 'ଓଡ଼ିଶା' ପ୍ରଦେଶ ଆତ୍ମପ୍ରକାଶ କଲା । ନବଗଠିତ ଓଡ଼ିଶା ପ୍ରଦେଶରେ ପୁରୀ, କଟକ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ ଓ କୋରାପୁଟ ପ୍ରଭୃତି

Click Here & Upgrade
Expanded Features
Unlimited Pages
PDF Complete Documents



୬ଟି ଜିଲ୍ଲା ବ୍ୟତୀତ ୨୬ ଗୋଟି ଗଡ଼ଜାତ ବା ଦେଶୀୟ ରାଜ୍ୟ ମଧ୍ୟ ଥିଲେ ।

ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେଲାବେଳକୁ ଆସ୍ତେ ଆସ୍ତେ ଓଡ଼ିଶା ଗଡ଼ଜାତର ରାଜାମାନେ ରାଜ୍ୟର ସର୍ବମୟକର୍ତ୍ତା ହୋଇଯାଇଥିଲେ । ପ୍ରୋକ୍ତ ଗଡ଼ଜାତ ରାଜ୍ୟଗୁଡ଼ିକରେ ଆଇନର ଶାସନ ବୋଲି କିଛି ନଥିଲା । କାରଣ ପୃଥକ୍ ପୃଥକ୍ ଭାବେ ଶାସନ କାର୍ଯ୍ୟ ପରିଚାଳନା କରୁଥିବା ଏହି ଆଞ୍ଚଳିକ କରଦ ରାଜାମାନଙ୍କ ମଧ୍ୟରୁ ଅଙ୍ଗୁଳିମେୟ ରାଜାଙ୍କୁ ବାଦ ଦେଲେ ପ୍ରାୟ ଅଧିକାଂଶ ଦେଶୀୟ ରାଜା ଇଂରେଜମାନଙ୍କ ଛତ୍ରଛାୟା ତଳେ ରହି ସମ୍ପୃକ୍ତ ରାଜ୍ୟର ପ୍ରଜାମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ଚଳାଉଥିଲେ । ପକ୍ଷାନ୍ତରେ ସୁବିଧାବାଦୀ ଇଂରେଜ ସରକାର ତାଙ୍କର ପ୍ରାପ୍ୟ ଖଜଣା ଓ ଅନ୍ୟାନ୍ୟ ମାହାସୁଲ ଖୁବ୍ ସୁବିଧାରେ ପାଇଯିବା ଦ୍ୱାରା ଗଡ଼ଜାତ ରାଜାମାନଙ୍କର ଯେକୌଣସି ଅନ୍ୟାୟ ପ୍ରତି ନିର୍ଲିପ୍ତ ରହୁଥିଲେ । ଉକ୍ତ କରଦ ରାଜାମାନଙ୍କର ସ୍ୱୀୟ ରାଜ୍ୟର ଆୟବ୍ୟୟ ଉପରେ ସମ୍ପୂର୍ଣ୍ଣ ଅଧିକାର ତଥା ନିୟନ୍ତ୍ରଣ ରହିଥିଲେ ହେଁ ସେମାନେ ପ୍ରଜାଙ୍କର ସାମାନ୍ୟତମ ହିତପ୍ରତି ଦୃକ୍‌ପାତ କରୁନଥିଲେ । ବିଶେଷତଃ ସେମାନେ ନିଜସ୍ୱାର୍ଥ ଓ ଇଂରେଜମାନଙ୍କ ସ୍ୱାର୍ଥରକ୍ଷା ପାଇଁ ପ୍ରଜାମାନଙ୍କଠାରୁ ବେଠି, ବେଗାରୀ, ସଲାମି, ଭେଟି, ମାଗଣ, ରସଦ ଆଦି ବେଆଇନ ପାଉଣା ଓ ବହୁବିଧ ଅନୈତିକ କର ଆଦାୟପୂର୍ବକ ଜନସାଧାରଣଙ୍କୁ ଶୋଷଣ କରି ସେହି ଅର୍ଥରେ ଦେଶୀୟ ରାଜାମାନେ ସ୍ୱୟଂ ବିଳାସବ୍ୟସନରେ କାଳଯାପନ କରୁଥିଲେ ।

ଭାରତର ଅନ୍ୟାନ୍ୟ ଦେଶୀୟ ରାଜ୍ୟ ପରି ଓଡ଼ିଶାର ଏହି ଗଡ଼ଜାତ ରାଜ୍ୟର ରାଜାମାନଙ୍କର ବ୍ୟକ୍ତିଗତ ସ୍ୱାଧୀନତା କିମ୍ବା ମୌଳିକ ଅଧିକାର ବୋଲି କିଛି ନଥିଲା । ଇଂରେଜ ପ୍ରଶାସକମାନଙ୍କ ପୃଷ୍ଠପୋଷକତା ବଳରେ ଏହି ଗଡ଼ଜାତ ରାଜା ତଥା ସେମାନଙ୍କର ଅନୁଗତ ରାଜକର୍ମଚାରୀ ଏପରି ଯଥେଚ୍ଛାଚାରୀ ହୋଇପଡ଼ିଥିଲେ ଯେ ସେମାନଙ୍କ ବିରୁଦ୍ଧରେ ସ୍ୱରୋତ୍ତଳନ କରିବା ପାଇଁ ପ୍ରଜାମାନଙ୍କର ସାହସ ନଥିଲା । ଆଚାରବିଚାରରେ ଅସାଧୁତା, ଯାନବାହନ ବ୍ୟବହାରରେ କଟକଣା, ନିର୍ଦ୍ଦିଷ୍ଟ ଗହଣା ଅଳଙ୍କାର ପିନ୍ଧିବାରେ ରାଜାଙ୍କଠାରୁ ଅନୁମତି ନେବାକୁ ପଡୁଥିଲା । ବର୍ଷସାରା ବିନା ପାରିଶ୍ରମିକରେ ପ୍ରଜାଙ୍କୁ ବେଠି ଖଟିବାକୁ ପଡୁଥିଲା ମଧ୍ୟ । ଏପରିକି ରାଜା ଜମିଦାରମାନେ ରାଜ୍ୟର ଯେକୌଣସି ପରିବାରର ଝିଅ-ବୋହୂଙ୍କୁ ଜବରଦସ୍ତ ଉଠେଇ ଆଣି ଉପଭୋଗ କରିବାକୁ କୁଣ୍ଠିତ ହେଉ ନଥିଲେ । ସର୍ବୋପରି ବହୁ କର ବା ଟିକସ ଦ୍ୱାରା ଭାରାକ୍ରାନ୍ତ ପ୍ରଜାବର୍ଗ ଦୀର୍ଘଦିନ ଧରି ନିଷ୍ପେଷିତ ଅବସ୍ଥାରେ ଦୟନୀୟ ଜୀବନଯନ୍ତ୍ରଣା ସହ୍ୟକରି କ୍ରମେ ସେମାନଙ୍କ ହୃଦୟରେ ବିଦ୍ରୋହୀ ମନୋଭାବ ଜାଗ୍ରତ ହେବା ଫଳରେ ସେମାନଙ୍କ ମଧ୍ୟରେ ଯେଉଁ ଜନଜାଗରଣ ଦେଖା ଦେଇଥିଲା, ତାହା ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ ଯଥେଷ୍ଟ ପରିପୁଷ୍ଟ କରିଥିଲା ।

ସ୍ୱାଧୀନତା ସଂଗ୍ରାମରେ ଏହି ପ୍ରଜାଗଣ କେବଳ ବ୍ରିଟିଶ ଶାସନ ବିରୁଦ୍ଧରେ ଲଢ଼େଇ କରି ନଥିଲେ, ତତ୍‌ସହିତ ପ୍ରଜାପୀଡ଼କ ତଥା ଇଂରେଜ ଅନୁଗତ ରାଜାଜମିଦାର, ରାଜକର୍ମଚାରୀ ଓ ଦେଶଦ୍ରୋହୀଙ୍କ ଷଡ଼ଯନ୍ତ୍ର ଏବଂ ନିର୍ମମ ଅତ୍ୟାଚାରର ମୁକାବିଲା ମଧ୍ୟ ଏମାନଙ୍କୁ କରିବାକୁ ପଡ଼ିଥିଲା । ଓଡ଼ିଶାର ମୋଗଲବନ୍ଦୀ ଅଞ୍ଚଳରେ ସଂଘଟିତ ସ୍ୱାଧୀନତା ଆନ୍ଦୋଳନର ବିଭିନ୍ନ ଘଟଣାଦ୍ୱାରା ଗଡ଼ଜାତ ରାଜ୍ୟର ଜନସାଧାରଣ ପ୍ରଭାବିତ ହୋଇ ନିଜ ନିଜ ରାଜ୍ୟର ଅତ୍ୟାଚାରୀ ଶାସକମାନଙ୍କ ବିରୁଦ୍ଧରେ ଅନୁରୂପ ଆନ୍ଦୋଳନର ସୂତ୍ରପାତ ପାଇଁ ଆଗ୍ରହୀ ହେଲେ । ବିଶେଷତଃ ଖ୍ରୀ:୧୯୩୦ରେ ମୋଗଲ ବନ୍ଦୀ ଅଞ୍ଚଳର ଆଇନ୍ ଅମାନ୍ୟ ଆନ୍ଦୋଳନ ପ୍ରଭାବରେ ଲୋକମାନଙ୍କୁ ଶିକ୍ଷା ଦେଇ ରାଜନୈତିକ ଆନ୍ଦୋଳନ ପାଇଁ ପ୍ରସ୍ତୁତ କରିବା ଲକ୍ଷ୍ୟରେ ଖ୍ରୀ:୧୯୩୧ରେ 'ଗଡ଼ଜାତ ପ୍ରଜା ସମ୍ମିଳନୀ' ନାମରେ ଏକ କ୍ଷୁଦ୍ର ଅନୁଷ୍ଠାନ ଗଢ଼ି ଉଠିଲା ।

ପୁନଶ୍ଚ କେନାପୁରଠାରେ ଖ୍ରୀ:୧୯୩୮ ସେପ୍‌ଟେମ୍ବର ପହିଲାରେ ଆହୂତ କୃଷକ ସମ୍ମିଳନୀରେ ସମସ୍ତ ଗଡ଼ଜାତ ରାଜ୍ୟର ନେତାମାନେ ଯୋଗ ଦେଇ ପ୍ରତ୍ୟେକ ରାଜ୍ୟରେ 'ପ୍ରଜାମଣ୍ଡଳ' ନାମରେ ରାଜନୈତିକ ଅନୁଷ୍ଠାନ ଗଠନ କରାଯିବାର ନିଷ୍ପତ୍ତି ହୋଇଥିଲା । ତଦନୁସାରେ କ୍ରମେ କ୍ରମେ ଓଡ଼ିଶାର ସମସ୍ତ ଗଡ଼ଜାତ ରାଜ୍ୟରେ ପ୍ରଜାମଣ୍ଡଳ ଗଠନ କରାଯାଇ ଏହାରି ମାଧ୍ୟମରେ ନାଗରିକ ସ୍ୱାଧୀନତା ହାସଲ, ମୋଗଲବନ୍ଦୀ ସହିତ ସମପରିମାଣରେ ରାଜସ୍ୱ ଧାର୍ଯ୍ୟ ତଥା ବେଆଇନ କରର ଉଚ୍ଛେଦ ସାଧନ ପ୍ରଭୃତି ବିଭିନ୍ନ ସମସ୍ୟା ସମ୍ବଳିତ ଦାବିପତ୍ର ଏକ ସଙ୍ଗରେ ରାଜା ଏବଂ ପଲିଟିକାଲ ଏଜେଣ୍ଟମାନଙ୍କ ନିକଟରେ ଉପସ୍ଥାପିତ ହେଲା ।

ଇଂରେଜମାନଙ୍କ କୁଶାସନ ଓ ରାଜାରାଜୁଡ଼ାଙ୍କ ଶୋଷଣ ସର୍ବସ୍ୱ ନୀତି ବିରୁଦ୍ଧରେ ଓଡ଼ିଶାରେ ସଂଘଟିତ ଅନେକ ଆନ୍ଦୋଳନ ତଥା ବିଦ୍ରୋହ ମଧ୍ୟରୁ ନୟାଗଡ଼ ପ୍ରଜାମଣ୍ଡଳର ଆନ୍ଦୋଳନ ଏକ ଉଲ୍ଲେଖନୀୟ ଐତିହାସିକ ଘଟଣା । ୧୯୩୭ ମସିହାରେ ନୟାଗଡ଼ ରାଜା ଜନସାଧାରଣଙ୍କଠାରୁ ବହୁପ୍ରକାରା କର ଆଦାୟ କରୁଥିଲେ । ନାମମାତ୍ର ପାରିଶ୍ରମିକ ଦେଇ ସଡ଼କ ନିର୍ମାଣ କାର୍ଯ୍ୟରେ ବେଠି ଖଟାଉ ଥିବାରୁ ଗୋଡ଼ିପଡ଼ା ଗ୍ରାମ ନିବାସୀ ଶ୍ରୀଧର ଦାସ ତା' ବିରୁଦ୍ଧରେ ସଂଗଠନ କରି ଦୃଢ଼ ପ୍ରତିବାଦ ଜଣାଇଲେ । ନୟାଗଡ଼ରେ ତତ୍କାଳରେ କୃଷକମାନଙ୍କର ନିଜ ସମ୍ପତ୍ତି ଉପରେ କୌଣସି ଅଧିକାର ନଥିଲା । ପୁନଶ୍ଚ ଗଞ୍ଜାମ, ପୁରୀ ଜିଲ୍ଲା ତୁଳନାରେ ନୟାଗଡ଼ବାସୀଙ୍କଠାରୁ ଅଧିକମାତ୍ରାରେ କର ଆଦାୟ କରାଯାଉଥିଲା ।

ପୂର୍ବେ ଜନସାଧାରଣ ଅରଣ୍ୟରୁ ଯେଉଁ ସୁବିଧା ସୁଯୋଗ ପାଉଥିଲେ, ନୟାଗଡ଼ ରାଜା ବନ ଆଇନ ପ୍ରଣୟନ କରି ତାହା ହ୍ରାସ କରି ଦେଲେ । କେହି ବନ ଆଇନ ଭଙ୍ଗ କଲେ ତାକୁ ଗୁରୁତର ଦଣ୍ଡ ଭୋଗିବାକୁ ପଡୁଥିଲା । ଜଙ୍ଗଲରେ ଗୋରୁ ଚରାଇବା ପାଇଁ ରାଜାଙ୍କ ତରଫରୁ ଚାରି ଅଣା (୨୫ ପଇସା) ଚାରଣ ଫିସ୍ ଆଦାୟ ବିରୁଦ୍ଧରେ

Click Here & Upgrade
Expanded Features
Unlimited Pages
PDF Complete Documents



ପ୍ରତିବାଦ କଲେ । ରାଜା କିନ୍ତୁ ସେ ସବୁକୁ ଦୃଢ଼ ହସ୍ତରେ ଦମନ କରୁଥିଲେ । ପୁନଶ୍ଚ ରାଜାଙ୍କ ଦଲାଲ ରୂପେ ପରିଚିତ ଜନୈକ ପାନ ବ୍ୟବସାୟୀ ଠିକା ନେଇ ପାନ ଦର ଆଶାତୀତ ଭାବେ ବଢ଼ାଇ ଦେବାରୁ କେତେକ ଲୋକ ପାନ ଖାଇବା ପରିତ୍ୟାଗ କରିବା ସହିତ ପାନ ଦର ବୃଦ୍ଧି ବିରୁଦ୍ଧରେ ଆନ୍ଦୋଳନ ତୀବ୍ର ହେଲା ।

୧୯୩୮ ମସିହାରେ କମ୍ ବୃଷ୍ଟିପାତ ଜନିତ ମରୁଡ଼ି ହେତୁ ଶସ୍ୟ ଉତ୍ପାଦନ କମିଯିବାରୁ ସାଧାରଣ ଜୀବନଚର୍ଯ୍ୟା ଦୁଃସହ ହୋଇ ପଡ଼ିବା ସ୍ଥଳେ ରାଜାଙ୍କର ଶୋଷଣ ନୀତି ପ୍ରଜାମାନଙ୍କୁ ବେଢ଼ି ଉପରେ କୋରଡ଼ା ଭଳି ବାଧି ଥିଲା । ସର୍ବୋପରି ଓଡଗାଁ ରଘୁନାଥ ଜୀଉ ଓ ଶରଣକୁଳ ଲଡୁବାବାଙ୍କ ମନ୍ଦିରରେ ପୂଜା ଉପାସନା ପାଇଁ ରାଜାଙ୍କ କର୍ତ୍ତୃକ ନିର୍ଦ୍ଧାରିତ ଫିସ୍ : ଧର୍ମପ୍ରାଣ ନୟାଗଡ଼ବାସୀଙ୍କ ଆଧାମ୍ୱିକ ପ୍ରବଣତାକୁ ଯଥେଷ୍ଟ ଆଘାତ ଦେଇଥିଲା । ଏତାଦୃଶ ଜନ ଅସନ୍ତୋଷରୁ ଅନ୍ୟ ଦେଶୀୟ ରାଜ୍ୟ ସଦୃଶ ନୟାଗଡ଼ ଗଡ଼ଜାତରେ ୧୯୩୮ ମସିହାରେ ଶ୍ରୀ ନାରାୟଣ ନନ୍ଦଙ୍କ ନେତୃତ୍ୱରେ ଜନ୍ମଲାଭ କଲା ୧୧ ଜଣ ସଦସ୍ୟ ବିଶିଷ୍ଟ ନୟାଗଡ଼ ପ୍ରଜାମଣ୍ଡଳ । ଠିକ୍ ଏହି ସମୟରେ ନୟାଗଡ଼ର ଗାନ୍ଧୀ ନାମରେ ସୁପରିଚିତ ଶ୍ରୀ ସାରଙ୍ଗଧର ଦାସଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ନୟାଗଡ଼ ଅଞ୍ଚଳରୁ ଶହ ଶହ ଯୁବବନ୍ଧୁ ଇଂରେଜ ସରକାର ତଥା ରାଜ୍ୟ ଶାସନ ବିରୁଦ୍ଧରେ ଆନ୍ଦୋଳନ କରିବା ପାଇଁ କୃତ ସଂକଳ୍ପ ହେଲେ ।

ଓଡ଼ିଶାରେ ରାଜନୈତିକ କାର୍ଯ୍ୟକ୍ରମର ଅନ୍ୟତମ କେନ୍ଦ୍ରସ୍ଥଳୀ ଖୋର୍ଦ୍ଧା : ନୟାଗଡ଼ର ସମୀପବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ସେଠାକାର ରାଜନୈତିକ ପାଣିପାଗ ପ୍ରୋତ୍ସାହିତ ହୋଇ ନୟାଗଡ଼ରେ ରାଜ ବିରୋଧୀ ତଥା ଇଂରେଜ ବିରୋଧୀ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇଥିଲା । ବିଶେଷତଃ ପାର୍ଶ୍ୱବର୍ତ୍ତୀ ଗଡ଼ଜାତ ଯଥା- ରଣପୁର, ଖଣ୍ଡପଡ଼ା ଓ ଦଶପଲ୍ଲାରେ ସଂଗଠିତ ବିଭିନ୍ନ ରାଜନୈତିକ ଘଟଣାବଳୀ ଦ୍ୱାରା ପ୍ରଭାବିତ ହୋଇ ନୟାଗଡ଼ ପ୍ରଜାମଣ୍ଡଳ ଆନୁକୂଲ୍ୟରେ ଗୋଡ଼ିପଡ଼ା ଗ୍ରାମର ଶ୍ରୀଧର ଦାସଙ୍କ ପୌରୋହିତ୍ୟ ତଥା ତାଙ୍କର ଅନେକ ସହକର୍ମୀଙ୍କ ସହଯୋଗରେ ପ୍ରଥମେ ନନ୍ଦିଘୋର ଗ୍ରାମରେ ଏକ ସଭା ଆହୂତ ହୋଇ ୧୭ ଦଫା ସମ୍ବଳିତ ଏକ ଦାବିପତ୍ର ନୟାଗଡ଼ ରାଜାଙ୍କୁ ଦିଆଗଲା ।

୧୯୩୮ ମସିହା ଡିସେମ୍ବର ମାସରେ ଓଡ଼ିଶାର ସବୁ କରଦ ରାଜ୍ୟରେ ପ୍ରଜାମଣ୍ଡଳ ନେତୃତ୍ୱରେ ପରିଚାଳିତ ଗଣଆନ୍ଦୋଳନ ଜାତୀୟ ମୁକ୍ତି ଆନ୍ଦୋଳନ ସହିତ ସମ୍ମିଳିତ ହୋଇଯିବା ପରେ ନୟାଗଡ଼ ରାଜାଙ୍କ କୁଶାସନ ବିରୁଦ୍ଧରେ ମଧ୍ୟ ଆନ୍ଦୋଳନ ସକ୍ରିୟ ହୋଇ ଉଠିଲା । ପ୍ରତ୍ୟେକ ଗ୍ରାମରେ ପ୍ରଜାମଣ୍ଡଳ ସଭା କରାଯାଇ ରାଜାଙ୍କ ବେଠି ବେଗାରୀ ନ କରିବାକୁ ଜନମତ ସୃଷ୍ଟି କରାଯାଇ ସତ୍ୟାଗ୍ରହ ଚାଲିଲା । ଇଂରେଜମାନଙ୍କ ବାହୁଚ୍ଛାୟା ତଳେ ଆଶ୍ରିତ ତଥା ଭୋଗବିଳାସ ପ୍ରାଚୁର୍ଯ୍ୟରେ ବିମୋହିତ ନୟାଗଡ଼ ରାଜା ଓ ତାଙ୍କର ଅନୁଗତ ବ୍ୟକ୍ତିବିଶେଷ ପୂର୍ବବତ୍ ଏଥର ବିପ୍ଳବକୁ ଦମନ କରିବା ପାଇଁ ଇଂରେଜ ସରକାରର ସହାୟତା ଲୋଡ଼ିଲେ । ଜନବିରୋଧୀ ନୟାଗଡ଼ ରାଜା : ସଭାସମିତି ଶୋଭାଯାତ୍ରା ଉପରେ ନିଷେଧାଦେଶ ଜାରି କରି ଅନେକଙ୍କୁ ଜେଲକୁ ପଠାଇ ଯନ୍ତ୍ରଣା ଜର୍ଜରିତ କଲେ ।

ଗଡ଼ଜାତ ଲୋକମାନଙ୍କର ସମସ୍ୟା ଅନୁସନ୍ଧାନ କରିବା ନିମିତ୍ତ ଗଠିତ ରାଜ୍ୟ ତଦନ୍ତ କମିଟିରେ ବୋଲଗଡ଼ଠାରେ ସାକ୍ଷୀ ଦେବାରୁ ହରିପୁର ନିବାସୀ ଶ୍ରୀ ନାରାୟଣ ବେହେରାଙ୍କୁ ନୟାଗଡ଼ ରାଜ୍ୟ ସରକାର ମିଥ୍ୟା କାଠ ଚୋରି କେଶ୍‌ରେ ଅଭିଯୁକ୍ତ କରି ଜେଲ ଜୋରିମାନା ଉଭୟ ଦଣ୍ଡରେ ଦଣ୍ଡିତ କରିଥିଲେ । ଏତାଦୃଶ ଦମନମୂଳକ ଅତ୍ୟାଚାର ଯେତିକି ବଢ଼ିଲା ପ୍ରଜାମଣ୍ଡଳର ବିଦ୍ରୋହ ତଦନୁପାତରେ ତୀବ୍ରତର ହେଲା । ରାଜା କ୍ରୋଧାନ୍ୱିତ ହୋଇ ପ୍ରଜାମଣ୍ଡଳ କର୍ମୀମାନଙ୍କୁ ଅତ୍ୟଧିକ ଉତ୍ତେଜିତ କରିବାରୁ ମହୁଲିଆ ଗ୍ରାମରେ ଏକ ବିରାଟ ସଭାର ଆୟୋଜନ କରାଯାଇ କଚେରିଥାନା ସମେତ ରାଜ୍ୟର ସମସ୍ତ କାର୍ଯ୍ୟାଳୟ ଦଖଲ କରିବା ପାଇଁ ନିଷ୍ପତ୍ତି ନିଆଗଲା । ଫଳରେ କର୍ମୀମାନେ ୧୯୩୮ ମସିହା ଡିସେମ୍ବର ୨୮ ତାରିଖରୁ ତିନିଦିନ ବ୍ୟାପୀ ନୟାଗଡ଼ ରାଜ୍ୟର ରାଜଧାନୀ ଅବରୋଧ କଲେ । ଏ ଖବର ପାଇ ରାଜାଙ୍କ ସୈନ୍ୟ ଓ ଇଂରେଜ ପୋଲିସ ସେଠାରେ ପହଞ୍ଚି ଉପସ୍ଥିତ କର୍ମୀମାନଙ୍କୁ ଲାଠି ପ୍ରହାର ଫଳରେ ଲଡୁକେଶ୍ୱର ମିଶ୍ର, ଭୁବନେଶ୍ୱର ଭୂୟାଁ ଓ ଗୌରାଙ୍ଗ ମହଲା ପ୍ରଭୃତି ଆହତ ହୋଇଥିଲେ । ଏତଦ୍‌ବ୍ୟତୀତ ସଭାସ୍ଥଳରୁ ଉଦୟନାଥ ପୁଷ୍ଟି, ବିନାୟକ ମିଶ୍ର ଓ ଭରତ ସାହୁ ପ୍ରମୁଖଙ୍କ ସମେତ ୧୬ ଜଣ କର୍ମୀଙ୍କୁ ଗିରଫ କରାଯାଇଥିଲା ।

ଏସବୁ ସତ୍ତ୍ୱେ ଅଗଣିତ ପ୍ରଜାମାନଙ୍କର ଅହିଂସା ବିପ୍ଳବ ସମ୍ମୁଖରେ ମସ୍ତକ ଅବନତ କରି ରାଜା ବନ୍ଦୀ କରି ନେଇଥିବା ପ୍ରଜାମଣ୍ଡଳର ନେତା ତଥା କର୍ମୀମାନଙ୍କୁ କାରାମୁକ୍ତ କରିବା ସହିତ ପ୍ରଜାମଣ୍ଡଳର ଦାବିକୁ ଆଂଶିକ ଭାବେ ଗ୍ରହଣ କରିନେଇ ଥିଲେ । ରାଜା ବାଧ୍ୟ ହୋଇ ପ୍ରଜାମାନଙ୍କ ଉପରୁ ତାରଣ ଫିସ୍ ପ୍ରତ୍ୟାହାର କରିନେବା ସହିତ ସୁଲଭ ମୂଲ୍ୟରେ ପାନ ପାଇବା ପାଇଁ ଠିକାଦାରର ଠିକା ରଦ୍ଦ କରି ଦେଇଥିଲେ । ଆନ୍ଦୋଳନରେ ସଫଳତା ଲାଭ କରିବା ପାଇଁ ପ୍ରଜାଗଣ ଅପୂର୍ବ ଉନ୍ମାଦନାରେ ଆନ୍ଦୋଳନକୁ ଆହୁରି ଶକ୍ତ କରିଦେଲେ । ଆନ୍ଦୋଳନକୁ ଦବାଇ ଦେବା ପାଇଁ ଶ୍ରୀଧର ଦାସଙ୍କ ସଦୃଶ ନେତୃତ୍ୱ ନେଉଥିବା ବ୍ୟକ୍ତି ବିଶେଷଙ୍କୁ ଚାକିରି ପ୍ରଲୋଭନ ଦେଖାଇ ବିଫଳ ହେଲେ ରାଜା । ତା' ପରେ ଚାଲିଲା ଅକଥନୀୟ ଦମନ ଲୀଳା । ରାଜା ବ୍ରିଟିଶ୍ ପୋଲିସ ସହାୟତାରେ ଅନେକଙ୍କୁ ବନ୍ଦୀ କଲେ । ଏବକାର ରାଜନୈତିକ ବନ୍ଦୀଙ୍କ ପରି ତତ୍କାଳରେ କୌଣସି ସୁବିଧା ସୁଯୋଗ ଦିଆଯାଉ ନଥିଲା । ଚୋର ଖୁନୀ ଆସାମୀଙ୍କ ସହିତ ରାଜନୈତିକ ବନ୍ଦୀମାନଙ୍କୁ ଏକତ୍ର ରଖାଯାଇ ପାଣ୍ଡୁସଜ ଓ ବେତ୍ରାଘାତ କରାଯାଉଥିଲା ।

ଇତ୍ୟବସରରେ ରଣପୁର ପ୍ରଜାମଣ୍ଡଳର ବନ୍ଦୀ ଥିବା ନେତା ଓ କର୍ମୀମାନଙ୍କର ମୁକ୍ତିପାଇଁ ୧୯୩୯ ଜାନୁଆରୀ ୫ ତାରିଖ ପୌଷ

Click Here & Upgrade
Expanded Features
Unlimited Pages
PDF Complete Documents



ପୂର୍ଣ୍ଣିମା ଗୁରୁବାର ଅପରାହ୍ନରେ ପ୍ରଜାମଣ୍ଡଳ ତରଫରୁ ରଣପୁର ରାଜବାଟି ଘେରାଉ କରିବା ସହିତ ରାଜବାଟି ସଂଲଗ୍ନ ଜଗନ୍ନାଥ ମନ୍ଦିର ସମ୍ମୁଖରେ ପ୍ରଜାମଣ୍ଡଳର ଏକ ବିରାଟ ସଭାର ଆୟୋଜନ କରାଯାଇଥିଲା । ରଣପୁର ରାଜାଙ୍କ ଅନୁରୋଧ କ୍ରମେ ନୟାଗଡ଼ରେ ଅବସ୍ଥାନ କରୁଥିବା ତତ୍କାଳୀନ ପଲିଟିକାଲ ଏଜେଣ୍ଟ ମେଜର ବେଜେଲଗେଟ୍ ସଙ୍ଗରେ କେତେକ ଦେହରକ୍ଷୀ ସଶସ୍ତ୍ର ପୋଲିସ ବାହିନୀ ସହ ରାଜସୁନାଖଳା ବାଟେ ରଣପୁର ଆସିବା ବାଟରେ ଲୋଧାଚୁଆଠାରେ ନିରୀହ ପ୍ରଜାମାନଙ୍କୁ ମାଡ଼ ମାରି ରାସ୍ତାରେ ଜଣକୁ ଅଚେତ ଅବସ୍ଥାରେ ପକାଇ ଦେଇ ଚାଲି ଆସିଲା ପରେ ଉପସ୍ଥିତ କର୍ମୀମାନେ ଆହତ ବ୍ୟକ୍ତିମାନଙ୍କୁ ରଣପୁର ଡାକ୍ତରଖାନାକୁ ନେଇ ଚିକିତ୍ସା କଲେ । ଏହି ସମ୍ବାଦ ବିଦ୍ୟୁତ୍ ବେଗରେ ପ୍ରଚାର ହୋଇଯିବାରୁ ରାଜବାଟି ସାମ୍ନାରେ ସମବେତ ଜନସମୁଦ୍ର ଦିଗକୁ ଅଗ୍ରସର ହେବା ଅବସରରେ ପଲଟିକାଲ ଏଜେଣ୍ଟ ଆଗେଇ ଆସୁଥିବା ଜନସାଧାରଣଙ୍କୁ ଛତ୍ରଭଙ୍ଗ କରାଇବା ଉଦ୍ଦେଶ୍ୟରେ ଗୁଳି ଫୁଟାଇବା ଫଳରେ ମୟୂରଝାଲିଆର ଅର୍ଜ୍ଜୁନ ରାଉତ ଘଟଣାସ୍ଥଳରେ ମୃତ୍ୟୁବରଣ କରିବାରୁ ଉତ୍ତ୍ୟକ୍ତ ଜନତା ବେଜଲଗେଟ୍‌ଙ୍କୁ ପିଟିପିଟି ହତ୍ୟା କଲେ । ଏହି ଘଟଣାର ପ୍ରଭାବ ନୟାଗଡ଼ ପ୍ରଜାମଣ୍ଡଳ କର୍ମୀମାନଙ୍କ ଶରୀରରେ ଶତ ସିଂହର ବଳ ଭରି ଦେଇଥିଲା । ଫଳରେ ନୟାଗଡ଼ରେ ପ୍ରଜାମଣ୍ଡଳ ଆନ୍ଦୋଳନ ପୁନର୍ଜୀବନ ଲାଭ କଲା ।

୧୯୩୯ ମସିହା ସେପ୍ଟେମ୍ବର ୩ ତାରିଖରେ ଇଂଲଣ୍ଡ ଓ ଜର୍ମାନୀ ମଧ୍ୟରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେଲା । ପ୍ରଥମ ବିଶ୍ୱଯୁଦ୍ଧରେ ପ୍ରତାରିତ ଭାରତୀୟମାନେ ଏହି ଯୁଦ୍ଧରେ ଇଂଲଣ୍ଡକୁ ସାହାଯ୍ୟ କରିବାକୁ ଚାହୁଁ ନଥିଲେ । ମାତ୍ର ସାମ୍ରାଜ୍ୟବାଦୀ ଇଂରେଜ ସରକାର ଭାରତୀୟ ଜନତାର ମତାମତ ପ୍ରତି ଗୁରୁତ୍ୱ ନ ଦେଇ ତତ୍କାଳୀନ ଭାଇସ୍‌ରାଏ ଏକ ଘୋଷଣାନାମା ଜାରି ପୂର୍ବକ ଭାରତକୁ ଇଂଲଣ୍ଡର ପକ୍ଷଭୁକ୍ତ କରାଇ ବିଶ୍ୱଯୁଦ୍ଧ ସହ ସାମିଲ କରିଦେଲେ ।

ଭାରତର ସ୍ୱାଧୀନତା ପ୍ରେମୀ ତଥା ଜାତୀୟ କଂଗ୍ରେସ ଇଂରେଜମାନଙ୍କର ଏତାଦୃଶ ଅନୈତିକ କାର୍ଯ୍ୟର ବିରୋଧ କରିବା ସହିତ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ସର୍ବତ୍ର ଅସହଯୋଗ ଆନ୍ଦୋଳନ ଚାଳିଲା । ଯୁଦ୍ଧ ବିରୋଧୀ କାର୍ଯ୍ୟକଳାପ ଯୋଗୁଁ ସମଗ୍ର ଭାରତର ବ୍ରିଟିଶ୍ ଶାସିତ ଅଞ୍ଚଳରେ ଲକ୍ଷାଧିକ ଲୋକ ଭାରତ ରକ୍ଷା ଆଇନ ବଳରେ ଜେଲ ଗଲେ । ନୟାଗଡ଼ ରାଜା ଏହି ସୁଯୋଗକୁ ବିନିଯୋଗ କରି ଶ୍ରୀଧର ଦାସ ସମେତ ନୟାଗଡ଼ ପ୍ରଜାମଣ୍ଡଳର ଅନେକ ନେତାଙ୍କୁ ୧୯୪୦ରେ ଭାରତ ରକ୍ଷା ଆଇନବଳରେ ଦଣ୍ଡିତ କରିବା ସହିତ ପ୍ରଜାମଣ୍ଡଳରେ ଅନ୍ୟ କର୍ମୀଙ୍କ ଉପରେ ଅକଳ୍ପନୀୟ ଅତ୍ୟାଚାର ଚଳାଇଲେ ମଧ୍ୟ କର୍ମୀମାନେ ଗଠନମୂଳକ କାର୍ଯ୍ୟରୁ ନିବୃତ୍ତ ହେଲେ ନାହିଁ ।

ଗଣତନ୍ତ୍ରର ସୁରକ୍ଷା ଆଳରେ ନାଜି ସରକାର ବିରୁଦ୍ଧରେ ଲଢୁଥିବା ଇଂରେଜମାନେ, ଗଣତନ୍ତ୍ରପ୍ରେମୀ ଭାରତୀୟ କଂଗ୍ରେସକୁ ଅଗଣତାନ୍ତ୍ରିକ ଭାବେ ବ୍ୟବହାର କରିବାରୁ ପୃଥିବୀରେ ସର୍ବତ୍ର ତାଙ୍କର ସମାଲୋଚନା କରାଗଲା । ତେଣୁ ଇଂରେଜ ସରକାର ବାଧ ହୋଇ କଂଗ୍ରେସ ନେତାମାନଙ୍କୁ ବନ୍ଦୀମୁକ୍ତ କରି ଆଲୋଚନା ପାଇଁ ଆଗେଇ ଆସିଲେ । କଂଗ୍ରେସ ନେତାଗଣ ଜେଲମୁକ୍ତ ହେବା ଅବସରରେ ନୟାଗଡ଼ ରାଜା ଗୃହବନ୍ଦୀ ରୂପେ ରଖିଥିବା ପ୍ରଜାମଣ୍ଡଳର ନେତାମାନଙ୍କୁ ମୁକ୍ତ କରିଦେଲେ । ଇଂରେଜମାନଙ୍କ ସହିତ କଥାବାର୍ତ୍ତା ବିଫଳ ହେବାରୁ ମହାତ୍ମା ଗାନ୍ଧୀ ଭାରତଛାଡ଼ ଆନ୍ଦୋଳନର ଧ୍ୱନି ଦେଲେ, ଯାହାକୁ ପାଥେୟ କରି ନୟାଗଡ଼ ପ୍ରଜାମଣ୍ଡଳ ଭବିଷ୍ୟତ ସଂଗ୍ରାମ ପାଇଁ କ୍ଷେତ୍ର ପ୍ରସ୍ତୁତ କଲା ।

ନୟାଗଡ଼ ପ୍ରଜାମଣ୍ଡଳ ଭାରତଛାଡ଼ ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଲୋକଙ୍କୁ ସଂଗଠିତ କରିବାରୁ ରାଜା କ୍ରୋଧାନ୍ୱିତ ହୋଇ ପ୍ରଜାମଣ୍ଡଳ ନେତାମାନଙ୍କୁ ଗିରଫ କଲେ । ରାଜ୍ୟସାରା ଏହାର ପ୍ରତିବାଦ ସଭାମାନ ହେଲା ଓ ଅରକ୍ଷିତ ସାହୁଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା । ମାତ୍ର ପୋଲିସ୍‌ବାହିନୀ ତାଙ୍କ ଉପରେ ଲାଠି ପ୍ରହାର କରି ଦୁଇଜଣ ନେତାଙ୍କ ସମେତ ବହୁ କର୍ମୀଙ୍କୁ ଗିରଫ କରିଥିଲେ । ତା'ର ପ୍ରତିବାଦରେ ନରସିଂହ ନନ୍ଦ ଓ ଶ୍ୟାମସୁନ୍ଦର ସାହୁ ଲାଠିପଡ଼ାରେ ଏକ ବିରାଟ ସଭାର ଆୟୋଜନ କରିବାରୁ ପୋଲିସ ସେଠାରେ ପହଞ୍ଚି ଲାଠି ପ୍ରହାର କରିବା ଫଳରେ ନରସିଂହ ସାହୁ ନାମକ ଜନୈକ କର୍ମୀ ଗୁରୁତର ଭାବେ ଆହତ ହେବା ସହିତ ସଭାସ୍ଥଳରୁ ଭାଗବତ ଜାନି, କୁଶିଆ ପ୍ରଧାନ, ମୁଳି ପ୍ରଧାନ ଓ ଲକ୍ଷ୍ମୀ ପ୍ରଧାନ ପ୍ରମୁଖ ଆଦିବାସୀ ସମ୍ପ୍ରଦାୟର କିଛି ନେତା ମଧ୍ୟ ଗିରଫ ହୋଇଥିଲେ ।

ଏହିସବୁ ଦମନମୂଳକ ପଦକ୍ଷେପ ଯୋଗୁଁ ପ୍ରଜାମଣ୍ଡଳର କେତେକ କର୍ମୀ ଉତ୍ତେଜନାବଶତଃ ରାଜାଙ୍କର ଜନୈକ ପ୍ରଧାନ ସ୍ତାବକ ଓଡ଼ଗାଁର ମହାଜନ ଭଗବାନ ଚୌଧୁରୀଙ୍କ ଘର ୧୯୪୨ ମସିହା ଅଗଷ୍ଟ ୧୭ ତାରିଖ ଦିନ ଲୁଟ କରିବା ଫଳରେ ସଶସ୍ତ୍ର ସୈନ୍ୟ ଓ ପୋଲିସବାହିନୀ ଓଡ଼ଗାଁ ଅବରୋଧ କରି ସ୍ଥାନୀୟ ନେତାମାନଙ୍କ ଘରୁ ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ଲୁଟ କରିବା ସହିତ ସ୍ଥଳ ବିଶେଷରେ ପାଶବିକ ଅତ୍ୟାଚାର କରିବା ପାଇଁ କୁଣ୍ଠାବୋଧ କରିନଥିଲେ । ଏପରିକି ୮୦ ବର୍ଷ ବୟସ୍କ ଭୁବନେଶ୍ୱର ରାୟଗୁରୁ ନାମକ ଜନୈକ ବୃଦ୍ଧ ଏହାର ପ୍ରତିବାଦ କରିବାରୁ ତାକୁ ପୋଲିସର ବୁଟ୍‌ଗୋଇଠା ପ୍ରହାର ସହ୍ୟ କରିବାକୁ ପଡ଼ିଥିଲା ।

କ୍ରମେ କ୍ରମେ ଅବସ୍ଥା ଗୁରୁତର ହେବାରୁ ଏ ସବୁର ପ୍ରତିବାଦରେ ଅହିଂସା ଆନ୍ଦୋଳନ ହିଂସାତ୍ମକ ରୂପ ନେଲା । ୧୯୪୨ ମସିହା ଅକ୍ଟୋବର ୮ ତାରିଖରେ ନୟାଗଡ଼ ପ୍ରଜାମଣ୍ଡଳର ଶ୍ରୀଧର ଦାସ ଓ ଶୁକ୍ର ବେହେରା ପ୍ରମୁଖ ନେତାମାନେ ଗୋପନରେ ବାହାଡ଼ାଝୋଳାଠାରେ ପ୍ରଜାମଣ୍ଡଳର କାର୍ଯ୍ୟକାରୀ କମିଟି ବୈଠକ ଆୟୋଜନ କରାଇ ନୟାଗଡ଼ ରାଜବାଟି ଦଖଲ କରିବା ସଂଗେସଂଗେ

Click Here & Upgrade
Expanded Features
Unlimited Pages
PDF Complete Documents



ରାଜାଙ୍କୁ ବହିଷ୍କାର କରିବା ପାଇଁ ନିଷ୍ପତ୍ତି ନେଲେ । ବରକୋଲା, ବାହାଡ଼ାଝୋଲା ଓ ଥୁଆବାଡ଼ି ଗ୍ରାମର ହଜାର ହଜାର ଲୋକ ଉପଯୁକ୍ତ ପ୍ରସ୍ତାବରେ ଯୋଗଦେବା ପାଇଁ ପ୍ରତିଶ୍ରୁତି ଦେବା ସହିତ କଷ୍ଟି ଡାକୁଆ, ଆନନ୍ଦଚନ୍ଦ୍ର ସ୍ୱାଇଁ, ସଦାଶିବ ଷଡଙ୍ଗୀ, କଣ୍ଟୁରି ପରିଡ଼ା, ଲକ୍ଷ୍ମଣ ସାହୁ, ପୂର୍ଣ୍ଣ ମଲିକ ପ୍ରଭୃତି ନେତାମାନେ ସଭାରୁ ଫେରି ଏହି ପରିପ୍ରେକ୍ଷୀରେ ପଥପ୍ରାନ୍ତ ସଭାମାନ କରି ସାଧାରଣ ଜନତା ହୃଦୟରେ ଜାଗୃତି ଭରି ଦେଲେ । ହଜାର ହଜାର ବିଦ୍ରୋହୀ ପ୍ରଜା ସରକାରୀ ଅଫିସ୍, ଥାନା, କଚେରୀ, ଡାକବଙ୍ଗଳା, ଡାକଘର, ସ୍କୁଲ ଆଦିରେ ଅଗ୍ନି ସଂଯୋଗ କରିବା ସଂଗେ ସଂଗେ କେତେକ ସରକାରୀ କର୍ମଚାରୀଙ୍କୁ ଆନୁଗତ୍ୟ ସ୍ୱୀକାର କରାଇ ସେମାନଙ୍କୁ ଆନ୍ଦୋଳନ ସହିତ ସମ୍ପୃକ୍ତ କରାଇଲେ ।

ବାହାଡ଼ାଝୋଲାଠାରୁ ବାହାରିଥିବା ଆନ୍ଦୋଳନକାରୀଙ୍କର ନେତୃତ୍ୱ ନେଇଥିଲେ କଣ୍ଟୁରି ପରିଡ଼ା । ସେମାନେ ବରକୋଲାଠାରେ ପହଞ୍ଚିବା ପରେ ରାଜାଙ୍କ ଅତିଥି ଭବନକୁ ନଷ୍ଟ କରିଦେବା ପାଇଁ ଉଦ୍ୟମ କରିବା ଅବସରରେ ତା' ମଧ୍ୟରେ ଥିବା ଆଠଜଣ କନେଷ୍ଟବଳ ନିଜର ବନ୍ଧୁକ ଓ ଗୁଳିବାକ୍ସ ଛାଡ଼ି ଦେଇ ପ୍ରାଣଭୟରେ ଝରକା ଭାଙ୍ଗି ପଳାଇଲେ । ବିଦ୍ରୋହୀମାନେ ଏହି ସୁଯୋଗରେ ସମସ୍ତ ଜିନିଷପତ୍ର ଦଖଲ କରିନେଇ ଅତିଥି ଭବନରେ ଅଗ୍ନି ସଂଯୋଗ କଲେ । ଇତ୍ୟବସରରେ ମହିପୁରଠାରୁ ନୟାଗଡ଼ ଆଡ଼କୁ ଅନ୍ୟ ଏକ ବିଦ୍ରୋହୀ ଦଳ ଆଗମନ କରିବା ପଥରେ ଥିବା ଜଙ୍ଗଲ ବିଭାଗ ଅଫିସ ଓ ପୋଲିସ ଫାଣ୍ଡିରେ ଅଗ୍ନି ସଂଯୋଗ କରିବା ସହିତ ଟେଲିଗ୍ରାଫ ତାର କାଟି ଦେଇଥିଲେ । ସୁଦର୍ଶନ ପୃଷ୍ଟି ଓ ତାଙ୍କ ସହଯୋଗୀଙ୍କ ସମେତ ଦୁଇହଜାରରୁ ଅଧିକ ବିଦ୍ରୋହୀ ନୟାଗଡ଼ ଯିବା ବାଟରେ ବଡ଼ପଣାସଠାରେ ଥିବା ରାଜ୍ୟର ଏକ ବିଶ୍ରାମାଗାର ଓ ହରେକୃଷ୍ଣପୁରଠାରେ ଥିବା ଏକ ବିଦ୍ୟାଳୟ ପୋଡ଼ି ଦେଇ ନୟାଗଡ଼ ଥାନା ଦଖଲ କରିଥିଲେ ।

ବାହାଡ଼ାଝୋଲା ଓ ମହିପୁରଠାରେ ଏତାଦୃଶ ଆନ୍ଦୋଳନର ତୀବ୍ରତା ବୃଦ୍ଧି ପାଇବାରୁ ସ୍ୱୟଂ ପଲିଟିକାଲ ଏଜେଣ୍ଟଙ୍କ ତତ୍ତ୍ୱାବଧାନରେ ସଶସ୍ତ୍ର ସୈନ୍ୟବାହିନୀ ଏହାର ଦୃଢ଼ ମୁକାବିଲା କଲେ । କାର୍ଯ୍ୟାନୁଷ୍ଠାନ ପୂର୍ବାପେକ୍ଷା ଅଧିକ ନିର୍ମମ ଓ ବର୍ବରୋଚିତ ହୋଇଥିଲା । ଇଂରେଜ ସୈନ୍ୟମାନେ ଗାଁ ଗାଁରେ ପ୍ରତି ଘରେ ପଶି ଲୁଟତରାଜ ଓ ଅଗ୍ନି ସଂଯୋଗ ପୂର୍ବକ ଧ୍ୱଂସର ତାଣ୍ଡବଲୀଳା ସୃଷ୍ଟି କଲେ । ଅନେକ ଯୁବତୀଙ୍କୁ ଧର୍ଷଣ ପୂର୍ବକ ହତ୍ୟା କଲେ ମଧ୍ୟ ।

ପ୍ରଜାମଣ୍ଡଳର କର୍ମୀମାନେ ମଧ୍ୟ ଧ୍ୱଂସାତ୍ମକ କାଣ୍ଡମାନ ଘଟାଇ ୧୯୪୨ ମସିହା ଅକ୍ଟୋବର ୧୦ ତାରିଖ ସକାଳ କଷ୍ଟି ଡାକୁଆଙ୍କ ନେତୃତ୍ୱରେ ବହୁ ଆଦିବାସୀ ଲୋକ ନୂଆଗାଁ ଥାନା ଆକ୍ରମଣ କରିବାକୁ ଅଗ୍ରସର ହେବା ଅବସରରେ ନୂଆଗାଁ ଥାନା ସବ୍ଇନିସ୍ପେକ୍ଟର ବେଣୁଧର ପଟ୍ଟନାୟକ ପ୍ରଥମେ କିଛି ରାଉଣ୍ଡ ଫାଙ୍କା ଗୁଳି ଚଳାଇଲେ । ମାତ୍ର ବିଦ୍ରୋହୀମାନେ ଭୟଭୀତ ନହୋଇ ଅଗ୍ରସର ହେବାରୁ ଜନତାଙ୍କୁ ନିରସ୍ତ୍ର ଦେଶୀ ପୋଲିସଫୌଜ ଗୁଳିବର୍ଷଣ କରିବା ଫଳରେ ଶହ ଶହ ଲୋକ ଗୁଳି ଚୋଟରେ କ୍ଷତବିକ୍ଷତ ହେଲେ । ଲିଙ୍ଗ ନାୟକ ନାମକ ଜନୈକ କନେଷ୍ଟବଳ ଗୁଳି ମାରିବା ଫଳରେ ତାହା କଷ୍ଟି ଡାକୁଆଙ୍କ ପେଟରେ ଆଘାତଲାଗି ଅନ୍ତବୁଜୁଳା ବାହାରି ପଡ଼ିଲା । ଯନ୍ତ୍ରଣାରେ ଛଟପଟ ହୋଇ ସେ ପାଣି ମୁନ୍ଦାଏ ମାଗିବା ଅବସ୍ଥାରେ ଛ'ଜଣ କନେଷ୍ଟବଳ ତାଙ୍କୁ ଘୋଷାରି ଘୋଷାରି ନେବା ସମୟରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା । ପୋଲିସ ଗୁଳିରେ କୁସୁବିଦା ନିବାସୀ କଷ୍ଟି ଡାକୁଆ ଶହୀଦ ହୋଇଥିବାରୁ ଅକ୍ଟୋବର ୧୦ ତାରିଖକୁ ନୟାଗଡ଼ରେ ଶହୀଦ ଦିବସ ରୂପେ ପାଳିତ ହୋଇଆସୁଛି ।

ସୈନ୍ୟବାହିନୀ ଦ୍ୱାରା ବିପ୍ଳବକୁ ଦବାଇ ଦେବାପରେ ପଲିଟିକାଲ ଏଜେଣ୍ଟ ସଶସ୍ତ୍ର ସୈନ୍ୟବାହିନୀ ଦ୍ୱାରା ପ୍ରାୟ ୮୦ ଖଣ୍ଡ ଗ୍ରାମକୁ ଘେରାଉକରି ଯାହାକୁ ଯେଉଁଠି ଦେଖିଲେ ନିର୍ମମଭାବେ ମାଡ଼ ଦେଲେ । ରାସ୍ତା ଉପରେ ଶୁଆଇ ଦେଇ ବୁଟ୍‌ରେ ଚକଟି ବେତ୍ରାଘାତ କଲେ । ଶହ ଶହ ଲୋକଙ୍କୁ ଗିରଫ କରି ନେଲେ । ସ୍ପେଶାଲ କୋର୍ଟ ବସାଇ ଗିରଫ ହୋଇଥିବା ବ୍ୟକ୍ତିଙ୍କର ବିଚାର କରି ଅନେକ ଲୋକଙ୍କୁ ବେତସଜା ଓ ଅର୍ଥଦଣ୍ଡ ଦେବାସହ ପ୍ରାୟ ୬୦ ଜଣ ପ୍ରଜାମଣ୍ଡଳ କର୍ମୀଙ୍କୁ ୬ ମାସରୁ ଆରମ୍ଭ କରି ୬ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଆଦେଶ ଦେଇ କାରାଗାରକୁ ପଠାଇଦେଲେ ।

ତତ୍କାଳରେ ନୟାଗଡ଼ରେ କ୍ୟାମ୍ପ ଜେଲ ନଥିଲା । ରାଜାଙ୍କ ଘୋଡ଼ାଶାଳ, ମଠ, କଚେରୀ ପ୍ରଭୃତିକୁ ଅସ୍ଥାୟୀଭାବେ ବନ୍ଦୀଶାଳା ରୂପେ ବ୍ୟବହାର କରାଗଲା । ନୟାଗଡ଼ ଜେଲ ମଧ୍ୟରେ ୩୦ ଜଣ ରହିବା ପାଇଁ ଜାଗା ଉଦ୍ଦିଷ୍ଟ ଥିଲେ ମଧ୍ୟ ତାହା ଭିତରେ ୨୦୦ ଜଣଙ୍କୁ ଅତି ଦୟନୀୟ ଅବସ୍ଥାରେ ପଶୁପରି ରଖାଯାଇଥିଲା । ଇଂରେଜ ପରିଚାଳିତ ଆସାମ ଚା' ବଗିଚାକୁ କୁଲି ହୋଇ ନଯିବା ପାଇଁ ଲୋକଙ୍କୁ ପ୍ରବର୍ତ୍ତାଇ ଥିବାରୁ ବାହାଡ଼ାଝୋଲା ପୋଲିସ ନାରାୟଣ ବେହେରା ନାମକ ଜନୈକ ବିଦ୍ରୋହୀକୁ ଅଚଳ କରିଦେବା ଭଳି ବେତ୍ରାଘାତ କରି ୧ ବର୍ଷ ଜେଲଦଣ୍ଡ ଦେଇଥିଲେ । ୧୯୪୨ ଅକ୍ଟୋବର ୧୯ ତାରିଖ ୧୦ଟା ସମୟରେ ଜେଲରେ ଧାନ କୁଟିବାକୁ ମନା କରିବାରୁ ୨୦ ପ୍ରହାର ବେତ୍ରାଘାତ କରିବା ଫଳରେ ତାଙ୍କ ଶରୀରରେ ବିଭିନ୍ନ ସ୍ଥାନରୁ ପିଚ୍ ପିଚ୍ ରକ୍ତ ବାହାରିବାରୁ ନିର୍ଦ୍ଦୟଭାବେ କ୍ଷତ ଉପରେ ଆୟୋଡ଼ିନ ଢାଳି ଦେଇଥିଲେ ।

ଜେଲ ଭିତରେ ପୋଲିସର ନିର୍ଯ୍ୟାତନା ସହ୍ୟ କରିନପାରି ଥୁଆବାରି ଗ୍ରାମର କଣ୍ଟୁରି ପରିଡ଼ା, ବୁଧି ପରିଡ଼ା ଓ ଜୟା ବେହେରା ପ୍ରଭୃତି ଅଗଷ୍ଟ ବିପ୍ଳବର ଶହୀଦ ରୂପେ ପ୍ରାଣବଳି ଦେଇଥିଲେ । ଜେଲରେ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ସଢ଼ି ସଢ଼ି ଅନେକ ରୋଗ ଭୋଗ କଲେ । ଏପରିକି ଜଣେ କର୍ମୀ ଚକ୍ଷୁ ହରାଇ ଅନ୍ଧ ହୋଇଯାଇଥିଲେ । ଯେଉଁଠାରେ ଆଇନର ଶାସନ ନଚାଲେ, ସେଠାରେ ସବୁକିଛି ସମ୍ଭବ, ଏହା ତା'ର ଏକ ନିଚ୍ଛକ ଉଦାହରଣ ।

Click Here & Upgrade
Expanded Features
Unlimited Pages
PDF Complete



୧୯୪୩ ମସିହା ଶେଷ ଆଡ଼କୁ ବନ୍ଦୀ ହୋଇଥିବା ସ୍ୱାଧୀନତା ସଂଗ୍ରାମୀମାନେ କ୍ରମେ ଜଣ ଜଣ କରି ମୁକ୍ତ ହୋଇ ଘରକୁ ଫେରି ଗାଁ ଗାଁ ବୁଲି ଗଠନମୂଳକ କାର୍ଯ୍ୟ କଲେ । ଏହିଭଳି କିଛିକାଳ ଅବ୍ୟବହିତ ପରେ ଜନଜାଗରଣ ତୀବ୍ରତର ହେଲା । ତେଣୁ ୧୯୪୬ ମସିହା ମେ ମାସରେ ପ୍ରଜାମଣ୍ଡଳର ୩ୟ ଅଧିବେଶନ ସହ ଓଡ଼ିଆଭାଷୀ ଗଡ଼ଜାତ ପ୍ରଜାମଣ୍ଡଳ ନେତାମାନଙ୍କର ଏକ ସମ୍ମିଳନୀ ମଧ୍ୟ ଅନୁଷ୍ଠିତ ହୋଇ ଓଡ଼ିଶାର ୨୬ଟି ଗଡ଼ଜାତକୁ ଓଡ଼ିଶା ପ୍ରଦେଶ ସହ ସାମିଲ କରିବାକୁ ପ୍ରସ୍ତାବ ଗୃହୀତ ହେଲା । ନୟାଗଡ଼ ପ୍ରଜାମଣ୍ଡଳର ଆହ୍ୱାନକ୍ରମେ ନୟାଗଡ଼ ରାଜ୍ୟର ଶ୍ରୀଧର ଦାସଙ୍କ ଅଧକ୍ଷତାରେ ଏକ ସମାନ୍ତରାଳ ସରକାର ଗଠନ କରାଯାଇ ପରିଶେଷରେ ସ୍ୱାଧୀନତା ସଂଗ୍ରାମୀମାନଙ୍କର ବିଦ୍ରୋହ ସଫଳ ହେଲା । ଗଡ଼ଜାତ ବା ଦେଶୀୟ ରାଜ୍ୟ ମିଶ୍ରଣ ସର୍ବପ୍ରଥମେ ଓଡ଼ିଶାରେ ହିଁ ଆରମ୍ଭ ହେଲା । ୧୯୪୭ ଅଗଷ୍ଟ ୧୫ରେ ଦେଶ ସ୍ୱାଧୀନତା ପାଇଲା ପରେ ରାଜ୍ୟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଡଃ ହରେକୃଷ୍ଣ ମହତାବଙ୍କ ନିବେଦନକ୍ରମେ କେନ୍ଦ୍ରରୁ ଉପପ୍ରଧାନମନ୍ତ୍ରୀ ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓଡ଼ିଶା ଗସ୍ତରେ ଆସି ୧୯୪୭ ଡିସେମ୍ବର ୧୫ ତାରିଖ ଦିନ ଦେଶୀୟ ରାଜାମାନଙ୍କ ସହ ଆଲୋଚନା ପରେ ଓଡ଼ିଆ ଭାଷାଭାଷୀ ଗଡ଼ଜାତଗୁଡ଼ିକ ଭାରତ ସହିତ ସର୍ବପ୍ରଥମେ ମିଶିବାକୁ ସମ୍ମତ ହେଲେ । ଫଳରେ ୧୯୪୮ ଜାନୁଆରୀ ପହିଲା ଦିନ ମୟୂରଭଞ୍ଜ ବ୍ୟତୀତ ଓଡ଼ିଆ ଭାଷାଭାଷୀ ଅନ୍ୟ ଯେଉଁସବୁ ଗଡ଼ଜାତ ଓଡ଼ିଶା ସହିତ ମିଶି ଯାଇଥିଲେ, ତନ୍ମଧ୍ୟରେ ନୟାଗଡ଼ ଥିଲା ଅନ୍ୟତମ । ମିଶ୍ରଣ ସମ୍ପର୍କରେ ମତ ଦେଇ ସର୍ଦ୍ଦାର ବଲ୍ଲଭଭାଇ ପଟେଲ କହିଲେ ଦେଶୀୟ ରାଜ୍ୟ ମିଶ୍ରଣ କ୍ଷେତ୍ରରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ସମଗ୍ର ଭାରତବାସୀଙ୍କ ପଥ ପ୍ରଦର୍ଶକ ହୋଇପାରିଛି ।

ନୂଆଗାଁ, ଇଟିପୁର
ଭୁବନେଶ୍ୱର - ୨

---

# ନୂଆପଡ଼ା ଜିଲ୍ଲା ମାର୍କେଟ କମ୍ପ୍ଲେକ୍ସ ଯୋଜନାରେ ତଫସିଲଭୁକ୍ତ ଜାତି ଓ ଉପଜାତିର ଶିକ୍ଷିତ ବେକାର ଯୁବକଯୁବତୀ ଉପକୃତ

## (ସଫଳ କାହାଣୀ)



ସରକାରଙ୍କ ସଂପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନା ଆର୍ଥିକ ଅନୁଦାନର ୨୨୧/୨ % ଆର୍ଥିକ ଅଂଶ ଯୋଜନାରେ ଗ୍ରାମାଞ୍ଚଳର ତଫସିଲଭୁକ୍ତ ଜାତି ଓ ଉପଜାତି ଶ୍ରେଣୀର ଶିକ୍ଷିତ ଯୁବକଯୁବତୀମାନଙ୍କର ଆତ୍ମନିଯୁକ୍ତି ଲକ୍ଷ୍ୟ ନେଇ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯାଇଅଛି । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି ଯୋଜନାରେ ଜିଲ୍ଲାରେ ଅଦ୍ୟାବଧି ୧୪୬.୧୫ ଲକ୍ଷ ଟଙ୍କା ବିନିଯୋଗ କରାଯାଇ ମୋଟ ୩୨୮ ଗୋଟି ମାର୍କେଟ କମ୍ପ୍ଲେକ୍ସ ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତିରେ ନିର୍ମାଣ କରାଯାଇଛି । ଏହି ଯୋଜନାରେ ସଂପୃକ୍ତ ଅଞ୍ଚଳର ଆଦିବାସୀ ହରିଜନ ଶ୍ରେଣୀର ଶିକ୍ଷିତ ବେକାର ଯୁବକଯୁବତୀମାନଙ୍କ ଅର୍ଥନୈତିକ ଉନ୍ନତି ପାଇଁ ଅଗ୍ରାଧିକାର ଭିତ୍ତିରେ ଦୋକାନ ଗୃହ ଯୋଗାଇ ଦିଆଯାଇଅଛି । ୩୨୮ ଗୋଟି ଦୋକାନ ଗୃହ ମଧ୍ୟରୁ ୧୯୭ଟି ଗୃହ ଆଦିବାସୀ ଓ ୧୩୧ ଗୃହ ହରିଜନ ବର୍ଗର ହିତାଧିକାରୀମାନଙ୍କୁ ଦୀର୍ଘମିଆଦୀ ସୂତ୍ରରେ ମାସିକ ଭଡ଼ା ଆକାରରେ ଯୋଗାଇ ଦିଆଯାଇଛି । ଏହି ଯୋଜନାର ସଫଳ ରୂପାୟନ ସ୍ୱରୂପ ଏଠାରେ ନୂଆପଡ଼ା ବ୍ଲକର ସାରାବଙ୍ଗ ଗ୍ରାମ ପଞ୍ଚାୟତରେ ନିର୍ମିତ ମାର୍କେଟ୍ କମ୍ପ୍ଲେକ୍ସର ଫଟୋଚିତ୍ର ଦିଆଯାଇଛି । ଏହି ଦୋକାନ ଗୃହଗୁଡ଼ିକ ମାସିକ ୩୦୦ ଟଙ୍କା ଭଡ଼ା ସୂତ୍ରରେ ହିତାଧିକାରୀମାନଙ୍କୁ ପ୍ରଦାନ କରାଯାଇଛି । ଏହି ଯୋଜନାର ହିତାଧିକାରୀମାନଙ୍କ ମଧ୍ୟରେ ଶ୍ରୀ ସୋହନ ଲାଲ ମାଝୀ ଜଣେ ତଫସିଲଭୁକ୍ତ ଉପଜାତିର ହିତାଧିକାରୀ ଅଟନ୍ତି । ସେ ବିଗତ ତିନି ବର୍ଷ ହେବ ମନୋହରି ଦୋକାନ ଦେଇ ବର୍ତ୍ତମାନ ମାସିକ ଟ.୫୦୦୦/- ପର୍ଯ୍ୟନ୍ତ ଆୟ କରିପାରୁଛନ୍ତି । ଏଥିପୂର୍ବରୁ ତାଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲା । ଏହି ବ୍ୟବସାୟ ଦ୍ୱାରା ସେ ଆତ୍ମନିର୍ଭରଶୀଳ ହୋଇ ନିଜର ପରିବାରର ସାମାଜିକ ଓ ଆର୍ଥିକ ମାନଦଣ୍ଡ ବୃଦ୍ଧି କରିପାରିଛନ୍ତି । ନିଜର ପିଲାମାନଙ୍କୁ ନିୟମିତ ବିଦ୍ୟାଳୟକୁ ପଠାଉଛନ୍ତି । ସେହିପରି ଶ୍ରୀ ଗେନ୍ଦରାମ ସତନାମୀ ଜଣେ ତଫସିଲଭୁକ୍ତ ଜାତିର ହିତାଧିକାରୀ ଏଠାରେ ଜୋତା ଦୋକାନ କରି ମାସିକ ଟ.୩୦୦୦/- ପର୍ଯ୍ୟନ୍ତ ଆୟ କରିପାରୁଛନ୍ତି । ଯାହାକି ପୂର୍ବର ଆର୍ଥିକ ଅବସ୍ଥା ଅପେକ୍ଷା ବର୍ତ୍ତମାନ ଯଥେଷ୍ଟ ସ୍ୱଚ୍ଛଳ ହୋଇପାରିଛି । ଏହି ଯୋଜନାରେ ଅଧିକ ଆତ୍ମନିଯୁକ୍ତି ହୋଇପାରିବା ଦିଗରେ ଧ୍ୟାନ ଦେଇ ଅଧିକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯିବାର କାର୍ଯ୍ୟକ୍ରମ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଦ୍ୱାରା ତ୍ୱରାନ୍ୱିତ କରାଯାଉଛି ।

ସୌଜନ୍ୟ : ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ନୂଆପଡ଼ା

PDF Complete
Click Here & Upgrade
Expanded Features
Unlimited Pages



# ମୁକ୍ତି ସଂଗ୍ରାମରେ ବୀର ସୁରେନ୍ଦ୍ର ସାଏ

ଡକ୍ଟର ସତ୍ୟଭାମା ପତି

ମରହଟ୍ଟା ଶାସିତ ଓଡ଼ିଶା ୧୮୦୩ ମସିହାରେ ବ୍ରିଟିଶ୍ କବଳିତ ହୋଇଥିଲା କିନ୍ତୁ ଓଡ଼ିଶାରେ ବିଦେଶୀ ଶାସନ ସୂଚାରୁ ରୂପେ ସମାହିତ ହୋଇ ପାରିନଥିଲା । ପ୍ରଥମରୁ ଶେଷଯାଏ ଇଂରେଜ ଶାସନ ବିରୁଦ୍ଧରେ ଆନ୍ଦୋଳନ ବିରୁଦ୍ଧାଚରଣ ଏବଂ ରାଜନୈତିକ ପ୍ରତିବନ୍ଧକମାନ ସୃଷ୍ଟି ହୋଇଥିଲା । ଧୀରେ ଧୀରେ ସ୍ୱାଧୀନଚେତା ମହାମନିଷୀମାନେ ଦେଶକୁ ସ୍ୱାଧୀନ କରିବାର ସ୍ୱପ୍ନ ଦେଖିଲେ । ଏହି ଦେଶପ୍ରେମୀମାନଙ୍କ ମଧ୍ୟରୁ କେତେକ ଅହିଂସା ପଥ ଗ୍ରହଣ କରିଥିବାବେଳେ ଅନ୍ୟମାନେ ହିଂସାକୁ ପାଥେୟ ରୂପେ ଗ୍ରହଣ କରି ସ୍ୱାଧୀନତାର ବହ୍ନିରେ ଝାସ ଦେଇଥିଲେ । ଏହି ବରପୁତ୍ରମାନଙ୍କ ମଧ୍ୟରେ ଜୟକୃଷ୍ଣ ରାଜଗୁରୁ, ବକ୍ସି ଜଗବନ୍ଧୁ, ଦୋରା ବିଶୋୟୀ, ଚକ୍ରା ବିଶୋୟୀ, କମଳ ଲୋଚନ ପାଇକରାୟ, ସୁରେନ୍ଦ୍ର ସାଏ, ରତ୍ନା ନାୟକ, ଅର୍ଜୁନ ପାଇକରାଏ, ଧରଣୀଧର ନାଏକ, ନିର୍ମଳ ମୁଣ୍ଡା, ଲକ୍ଷ୍ମଣ ନାଏକ, ମଧୁସୂଦନ ଦାସ, ଗୋପବନ୍ଧୁ ଦାଶ, ବୈଷ୍ଣବ ଚରଣ ପଟ୍ଟନାୟକ, ପବିତ୍ର ମୋହନ ପ୍ରଧାନ, ହରେକୃଷ୍ଣ ମହତାବ ପ୍ରଭୃତିଙ୍କର ନାମ ଅଗ୍ରଗଣ୍ୟ । ଦେଶର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ବୀର ସୁରେନ୍ଦ୍ର ସାଏଙ୍କ କୃତିତ୍ୱ ବହୁଚର୍ଚ୍ଚିତ ।



ଦ୍ୱିତୀୟ ଆଂଗ୍ଲୋ-ମରହଟ୍ଟା ଯୁଦ୍ଧ ସମୟରେ ସମ୍ବଲପୁର ଇଂରେଜମାନଙ୍କର ଅଧୀନ ହୋଇଥିଲା କିନ୍ତୁ ତୃତୀୟ ଆଂଗ୍ଲୋ-ମରହଟ୍ଟା ଯୁଦ୍ଧ ପରେ ଏହା ସମ୍ପୂର୍ଣ୍ଣ ଭାବେ ଇଂରେଜ ଶାସନ ଅନ୍ତର୍ଭୁକ୍ତ ହେଲା । ଇଂରେଜ ଶାସକ ଗୋଷ୍ଠୀ ଚୌହାନ ବଂଶଧରମାନଙ୍କୁ ଶାସକଭାବେ ନିର୍ବାଚିତ କରିଥିଲେ । ଦୁଇଟି ଘଟଣାରେ ସମ୍ବଲପୁରର ଲୋକମାନେ ଇଂରେଜ ସରକାରଙ୍କ କାର୍ଯ୍ୟକୁ ସମାଲୋଚନା କରିଥିଲେ ଏବଂ ସୁରେନ୍ଦ୍ର ସାଏଙ୍କୁ ରାଜା କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଏହି ପ୍ରସ୍ତାବ ସରକାରଙ୍କ ଦ୍ୱାରା କାଟଖାଇ ଯାଇଥିଲା । ଏହାଦ୍ୱାରା ସମ୍ବଲପୁରର ଜନସାଧାରଣ ଏବଂ ସୁରେନ୍ଦ୍ର ସାଏ ଊନବିଂଶ ଶତାବ୍ଦୀର ତ୍ରୟୋଦଶ ଭାଗରେ ଇଂରେଜ ସରକାରଙ୍କ ପ୍ରତି ଅସନ୍ତୁଷ୍ଟ ପ୍ରକାଶ କରିଥିଲେ ।

ଏହି ସମୟରେ ସମ୍ବଲପୁରର ରାଜନୈତିକ ଅବସ୍ଥା ଦୁର୍ନୀତିଗ୍ରସ୍ତ ଶାସକଙ୍କର ଦ୍ୱାରା ସଂକଟାପନ୍ନ ଅବସ୍ଥାରେ ଗତି କରୁଥିଲା । ଅର୍ଥନୈତିକ ଅବସ୍ଥା ମଧ୍ୟ ଅତି ଦୁର୍ବଳ ହୋଇଯାଇଥିଲା । ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଲୋକମାନେ ସୁରେନ୍ଦ୍ର ସାଏଙ୍କ ନେତୃତ୍ୱ ପ୍ରତି ଆଶାବାଦୀ ହୋଇ ପଡ଼ିଲେ ଏବଂ ଏହି ସୁଯୋଗକୁ ହାତଛଡ଼ା ନକରି ସୁରେନ୍ଦ୍ର ସାଏ ଇଂରେଜ ସରକାରଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ । ଲୋକମାନଙ୍କ ମଧ୍ୟରେ ଇଂରେଜ ବିରୋଧୀ ମତବାଦ ଏତେ ପ୍ରବଳ ହୋଇଗଲା ଯେ ସାଧାରଣ ଲୋକମାନଙ୍କଠାରୁ ଆରମ୍ଭ କରି ଜମିଦାରମାନେ ମଧ୍ୟ ସୁରେନ୍ଦ୍ର ସାଏଙ୍କୁ ସହଯୋଗ କରିବାକୁ ଆଗେଇ ଆସିଲେ । ଅପରପକ୍ଷେ ଇଂରେଜ ଶାସନ ପକ୍ଷରୁ କଠୋର ପଦକ୍ଷେପମାନ ଗ୍ରହଣ କରାଗଲା । ୧୮୪୦ ଖ୍ରୀଷ୍ଟାବ୍ଦରେ ସୁରେନ୍ଦ୍ର ସାଏଙ୍କୁ କାରାଗାରରେ ନିକ୍ଷେପ କରାଗଲା ପରେ ମଧ୍ୟ ଜନମାନସରୁ ଇଂରେଜ ବିରୋଧୀ ଭାବଧାରା ଲିଭିଯାଇ ନଥିଲା । ରାଜା ନାରାୟଣ ସିଂଙ୍କର ମୃତ୍ୟୁପରେ ସମ୍ବଲପୁର ଇଂରେଜ ଶାସକଙ୍କର ପ୍ରତ୍ୟକ୍ଷ ଶାସନାଧୀନ ହେଲା କାରଣ ନାରାୟଣ ସିଂ ଅପୁତ୍ରିକ ଥିଲେ । ଏହା ସତ୍ତ୍ୱେ ମଧ୍ୟ ୧୮୪୯ରୁ ୧୮୫୭ ପର୍ଯ୍ୟନ୍ତ ପରିସ୍ଥିତି ବଦଳି ନଥିଲା ଏବଂ ଏହା ବ୍ରିଟିଶ୍ ଶାସକଙ୍କର ବିଫଳତାର ଏକ ଚରମ ନିଦର୍ଶନ କହିଲେ ଅତ୍ୟୁକ୍ତି ହେବ ନାହିଁ । ୧୮୪୯ ପର୍ଯ୍ୟନ୍ତ ସମ୍ବଲପୁର ଶାସନ ପଦ୍ଧତିରେ ଇଂରେଜ ସରକାର କୌଣସି ଆଗ୍ରହ ପ୍ରକାଶ କରି ନଥିଲେ । ପ୍ରଥମ ଜମି ବନ୍ଦୋବସ୍ତ ୩ ବର୍ଷ ପାଇଁ ୧୮୫୦ ମସିହାରେ ଆରମ୍ଭ କରାଗଲା ଏବଂ ତାହାପରେ ଏହାକୁ ପାଞ୍ଚ ବର୍ଷିଆ କରାଗଲା ଯାହା ୧୮୫୮ରେ ସମାପ୍ତ ହେଲା । ଏହି ଜମି ବନ୍ଦୋବସ୍ତ ଅତୀବ ମନୋମୁଖୀ ଥିଲା ଏବଂ ଏହାଦ୍ୱାରା ଲୋକମାନେ ଚରମ ଦୁର୍ଦ୍ଦଶାର ସମ୍ମୁଖୀନ ହେଲେ ।

Click Here & Upgrade
Expanded Features
Unlimited Pages
PDF Complete Documents



୧୮୫୮ ମସିହାରେ କଟକ ଟ୍ରିବ୍ୟୁଟାରୀ ମହଲର ସୁପରିଟେଣ୍ଡେଣ୍ଟ୍ ଏବଂ କମିଶନର ଜି.ଏଫ୍. କକ୍‌ବର୍ଣ୍ଣଙ୍କ ମତରେ, 'It has usually been too much the practice to regard an Estate lapsing to Government as a milch cow from which the last drop mayjustifiably be squeezed rather than as a property to be attended and managed for the joint benefit of landlord and tenantry.' ଏହାବ୍ୟତୀତ କେତେକ ଇଂରେଜ କର୍ମଚାରୀ ଯଥା- ଲେଫ୍‌ଟନାଣ୍ଟ୍ ବାବିଂଟନ୍, କ୍ରାଫୋର୍ଡ଼ ଏବଂ କ୍ୟାମ୍ବେଲ ସମ୍ବଲପୁରର ଆଭ୍ୟନ୍ତରୀଣ ପ୍ରଦେଶରେ ବାଣିଜ୍ୟ ବ୍ୟବସାୟରେ ଲିପ୍ତ ଥିଲେ । ଏହା ସ୍ଥାନୀୟ ବ୍ୟବସାୟୀମାନଙ୍କର ସ୍ୱାର୍ଥରେ ବାଧା ଦେଉଥିଲା ଏବଂ ସେମାନେ ଇଂରେଜ ବିରୋଧୀ ହୋଇ ପଡ଼ିଥିଲେ । ଚାଷବାସ ମଧ୍ୟ ପ୍ରଭୁତ ପରିମାଣରେ କ୍ଷତିଗ୍ରସ୍ତ ହୋଇଥିଲା । ଇଂରେଜମାନଙ୍କର ଖଜଣା ଆଦାୟ ପଦ୍ଧତି ଦ୍ୱାରା ସ୍ଥାନୀୟ ବ୍ୟବସାୟୀ ଗୋଷ୍ଠୀ, ଜନସାଧାରଣ ଏବଂ ଗଡ଼ଜାତ ରାଜାମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ବିଭିନ୍ନ ପ୍ରକାର ଅନ୍ତର୍ନିହିତ ଅସନ୍ତୋଷ, ଅର୍ଥନୈତିକ ଶୋଷଣ ଏବଂ ରାଜନୈତିକ ଅସ୍ଥିରତା ସମ୍ବଲପୁରବାସୀଙ୍କୁ କ୍ରୋଧାନ୍ୱିତ କରିବା ସମୟରେ ୧୮୫୭ ମସିହା ସିପାହୀ ବିଦ୍ରୋହ ସମୟରେ ବୀର ସୁରେନ୍ଦ୍ର ସାଏ ଆନ୍ଦୋଳନର ଅଗ୍ନି ପ୍ରଜ୍ୱଳିତ କରିଥିଲେ । ୧୮୫୭ ମସିହା ମଇ ୧୦ ତାରିଖରେ ମିରଟ୍‌ଠାରେ ଭାରତୀୟ ଆନ୍ଦୋଳନର ସୂତ୍ରପାତ ହେଲା ଏବଂ ଓଡ଼ିଶାରେ ମଧ୍ୟ କମ୍ପନ ସୃଷ୍ଟି ହୋଇଥିଲା । କିନ୍ତୁ ଦୀର୍ଘ ୫୦ ବର୍ଷ ଧରି ବିଦ୍ରୋହ ବନ୍ୟାରେ ପ୍ଲାବିତ ଓଡ଼ିଶା ଆଶାନୁରୂପ ଫଳ ପ୍ରଦର୍ଶନ କରିପାରିନଥିଲା । ବକ୍ସି ଜଗବନ୍ଧୁ ୧୮୧୭ ମସିହା ମାର୍ଚ୍ଚ ମାସରେ ଆନ୍ଦୋଳନର ସୂତ୍ରପାତ କରିଥିଲେ ଯାହା ୧୮୨୫ ମସିହା ମଇ ମାସରେ ନିର୍ବାପିତ ହୋଇଯାଇଥିଲା ଏବଂ ଦକ୍ଷିଣ ଓଡ଼ିଶାରେ ଦୋରା ବିଶୋୟୀଙ୍କ ନେତୃତ୍ୱରେ ଘୁମୁସର ଆନ୍ଦୋଳନ ୧୮୧୫ରୁ ୧୮୩୭ ମସିହା ପର୍ଯ୍ୟନ୍ତ ଚାଲିଥିଲା । ଶେଷରେ ନେତାଙ୍କର ନିର୍ବାସନ ଦଣ୍ଡ ସହ ମାନ୍ଦ୍ରାସର ଗୁଟିଠାରେ ବନ୍ଦୀ ହୋଇ ରହିବା ପରେ ଆନ୍ଦୋଳନ ପ୍ରଶମିତ ହୋଇଥିଲା । ବାଣପୁରରେ କୃତିବାସ ପାଟଶାଣୀ ଏବଂ ସାଧୁ ଜାନିଙ୍କ ନେତୃତ୍ୱରେ ଆନ୍ଦୋଳନ ତେଜି ଉଠିଥିଲା । ୧୮୪୬ ମସିହାରେ ପୁନଶ୍ଚ ଘୁମୁସର, ବୌଦ ଏବଂ କନ୍ଧମାଳରେ ଚକ୍ରା ବିଶୋୟୀଙ୍କ ନେତୃତ୍ୱରେ ଆନ୍ଦୋଳନ ମୁଣ୍ଡଟେକି ଥିଲା ଏବଂ ୧୮୪୯ ମସିହାରେ କମଳଲୋଚନ ପାଇକରାଏଙ୍କ ନେତୃତ୍ୱରେ ନୟାଗଡ଼ କୃଷକ ସମାଜ ଆନ୍ଦୋଳନ ପନ୍ଥା ଗ୍ରହଣ କରିଥିଲେ ।

ଏସବୁ ଦୃଷ୍ଟିରୁ ୧୮୫୭ ମସିହା ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ସ୍ଥାନରେ ଲୋକମାନେ ଇଂରେଜ ବିରୋଧୀ ଆନ୍ଦୋଳନମାନ ଚଳାଇ ରଖିଥିଲେ । କିନ୍ତୁ ସର୍ବଭାରତୀୟ ସ୍ତରକୁ ଉନ୍ନୀତ ହେବା ପାଇଁ ଏକ ଜାତୀୟ ନେତୃତ୍ୱର ଆବଶ୍ୟକତା ଅନୁଭୂତ ହୋଇଥିଲା । ସୌଭାଗ୍ୟବଶତଃ ୧୮୫୭ ମସିହାର ବିଦ୍ରୋହୀମାନେ ହଜାରୀବାଗର ୨ଟି ଜେଲକୁ ଭାଙ୍ଗି ଦେଇଥିଲେ ଏବଂ ସୁରେନ୍ଦ୍ର ସାଏ ଓ ଉଦନ୍ତ ସାଏ ମୁକ୍ତ ହୋଇଥିଲେ । ମୁକ୍ତ ସୁରେନ୍ଦ୍ର ସାଏ ସମ୍ବଲପୁରବାସୀଙ୍କର ନେତୃତ୍ୱ ନେବା ପାଇଁ ଆଗେଇ ଆସିଥିଲେ । ଗଣ୍ଡ ଏବଂ ବିଞ୍ଝାଲ ପ୍ରଭୃତି ଆଦିବାସୀମାନେ ସୁରେନ୍ଦ୍ର ସାଏଙ୍କର ଅସ୍ତ୍ର ସାଜିଥିଲେ ଏବଂ ଜମିଦାର ଓ ଗୌନ୍ତିଆମାନେ ଅର୍ଥ ଏବଂ ଲୋକବଳ ଦେଇ ଆନ୍ଦୋଳନକୁ ମଜବୁତ୍ କରିଥିଲେ । ଆନ୍ଦୋଳନକାରୀମାନେ ସେମାନଙ୍କର ପାରମ୍ପରିକ ଅସ୍ତ୍ରଶସ୍ତ୍ର ଏବଂ ରଣକୌଶଳ ଦ୍ୱାରା ପାଞ୍ଚ ବର୍ଷ ଧରି ଅତ୍ୟାଚାରୀ ବିଦେଶୀ ଶାସନ ବିରୁଦ୍ଧରେ ସଂଗ୍ରାମ ଜାରି ରଖିଥିଲେ ।

ସୁରେନ୍ଦ୍ର ସାଏଙ୍କର ମୁକ୍ତି ଏବଂ ତାଙ୍କର ସମ୍ବଲପୁର ଅଭିମୁଖେ ଆଗମନ ସିନିଅର ଆସିଷ୍ଟାଣ୍ଟ କମିଶନର ଆର୍.ଟି. ଲେଘ୍‌ଙ୍କ ମନରେ ଭୀତି ସଂଚାର କରିଥିଲା । ସୁଦୂର ପରିବେଶରେ କମିଶନରଙ୍କର ଅଗତ୍ୟା ସାହାଯ୍ୟ ପାଇବାର କୌଣସି ପନ୍ଥା ନଥିଲା । ସୁରେନ୍ଦ୍ର ସାଏ ମଧ୍ୟ ତାଙ୍କର ୧୬୦୦ ଅନୁଗାମୀମାନଙ୍କ ସହ ସମ୍ବଲପୁରର ପୁରୁଣା କିଲ୍ଲାରେ ଦେଶୀୟ ଶାସନ ଅବସ୍ଥାପିତ ପାଇଁ ପ୍ରସ୍ତାବ ଗ୍ରହଣ କରିଥିଲେ । ସେମାନେ ସମ୍ପୂର୍ଣ୍ଣ ଗଣତନ୍ତ୍ର ପଦ୍ଧତି ଅବଲମ୍ବନ ପାଇଁ ପ୍ରସ୍ତାବ ରଖିଥିଲେ ଯାହାକି କ୍ୟାପଟେନ୍ ଲେଘ୍‌ଙ୍କ ସନ୍ଦେହ ଘନୀଭୂତ କରିଥିଲା । କ୍ୟାମ୍ପବେଲ ସମାଧାନ ସୂତ୍ରରେ କଥାବାର୍ତ୍ତା ପାଇଁ ସୁରେନ୍ଦ୍ର ସାଏଙ୍କୁ ବାର୍ତ୍ତା ପ୍ରେରଣ କଲେ । କିନ୍ତୁ ଏହା ପରିଷ୍କାର ରାଜନୈତିକ ଚାଲ୍ ଥିଲା । ସନ୍ଧି ସର୍ତ୍ତ ଅନୁଯାୟୀ ସୁରେନ୍ଦ୍ର ସାଏ ତାଙ୍କର ମାତ୍ର ୨୦ ଜଣ ସହଯୋଗୀଙ୍କ ସହ ସମ୍ବଲପୁରରେ ରହିବାକୁ ରାଜି ହୋଇଥିଲେ । ଏହା ଏକ ବିରାଟ ଧୋକା ଥିଲା । କାରଣ ସୁରେନ୍ଦ୍ର ସାଏ ପ୍ରକୃତରେ ରାଜନୈତିକ ବନ୍ଦୀ ହୋଇଯାଇଥିଲେ । ତାହାପରେ ମଧ୍ୟ ସୁରେନ୍ଦ୍ର ସାଏଙ୍କୁ ତାଙ୍କର ଭାଇ ଉଦନ୍ତ ସାଏଙ୍କ ସହିତ ସମ୍ବଲପୁରରୁ ବହିଷ୍କାର କରିବା ପାଇଁ ମସୁଧା ଚାଲିଲା । ବିଦ୍ରୋହୀମାନେ ଦେଶୀୟ ଶାସନ ପ୍ରତିଷ୍ଠା ପାଇଁ ଅଡ଼ି ବସିଥିବାବେଳେ ସୁରେନ୍ଦ୍ର ସାଏଙ୍କ ନିର୍ବାସନ ଲୋକମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିବ ବୋଲି କମିଶନର ଅନୁଭବ କଲେ ।

ବୀର ସୁରେନ୍ଦ୍ର ସାଏଙ୍କୁ ବହିଷ୍କାର ନିଷ୍ପତ୍ତି ଏବଂ ତତ୍‌ସହିତ ସୈନ୍ୟ ଛାଉଣୀ ତାଙ୍କ ମନରେ ସଂଶୟ ସୃଷ୍ଟି କଲା ଏବଂ ତାଙ୍କ ଅନୁଧ୍ୟାୟୀମାନଙ୍କ ମନରେ ବିଦ୍ରୋହର ଅଗ୍ନି ସଂଚାର କଲା । ଉଦନ୍ତ ସାଏଙ୍କ ନେତୃତ୍ୱରେ ୧୫୦୦ ଲୋକ ସୁରେନ୍ଦ୍ର ସାଏଙ୍କ ଜନ୍ମପୀଠ ଖୀଣ୍ଡାରେ ଏକତ୍ରିତ ହେଲେ ଏବଂ ୮୦୦ ଲୋକ ପରିସ୍ଥିତିର ମୁକାବିଲା ପାଇଁ ସଜାଗ ରହିଲେ । ଉପଯୁକ୍ତ ବ୍ୟବସ୍ଥା ସହ ସୁରେନ୍ଦ୍ର ସାଏ ୩୧ ଅକ୍ଟୋବର ୧୮୫୭ ମସିହାରେ ଇଂରେଜ ବିରୁଦ୍ଧରେ ପ୍ରତ୍ୟକ୍ଷ ଆନ୍ଦୋଳନର ଡାକରା ଦେଲେ ।

ପ୍ରଥମତଃ ସୁରେନ୍ଦ୍ର ସାଏ ଖୀଣ୍ଡା ଏବଂ ଝାରଘାଟୀକୁ ନିଜର ସଂଗ୍ରାମସ୍ଥଳୀ ରୂପେ ବାଛି ନେଲେ । ଏକ ବିଦ୍ରୋହୀ ଦଳ ଝାରଘାଟୀରେ

Click Here & Upgrade
Expanded Features
Unlimited Pages
PDF Complete Documents



କ୍ୟାପଟେନ୍ ନକରଙ୍କ ଉପରେ ଆକ୍ରମଣ କଲେ ଏବଂ ଅନ୍ୟ ଦଳ କଟକ ରାସ୍ତାର ସବୁ ଡାକ ଚଳାଚଳ ବନ୍ଦ କରି ଦେଲେ । ରେଢ଼ାଖୋଲ ଏବଂ ବାମଣ୍ଡା ବିଦ୍ରୋହୀମାନଙ୍କ ଦ୍ୱାରା ଅଧିକୃତ ହେଲା । ନଭେମ୍ବର ୧୭ ତାରିଖରେ ଡକ୍ଟର ହାନ୍ସନ୍ ଏବଂ ଡକ୍ଟର ମୁରେଙ୍କ ଉପରେ ଆକ୍ରମଣ ହେଲା ଏବଂ ଡକ୍ଟର ମୁରେ ମୃତ୍ୟୁବରଣ କଲେ । ସୁରେନ୍ଦ୍ର ସାଏ ଏବଂ ତାଙ୍କର ସାଥୀମାନେ ସମ୍ବଲପୁର ବ୍ୟତୀତ ଅନ୍ୟ ଗଡ଼ଜାତ ରାଜ୍ୟଗୁଡ଼ିକରେ ଆନ୍ଦୋଳନ ପାଇଁ ଡାକରା ଦେଲେ । ଡାକ କର୍ମଚାରୀମାନେ ବିଦ୍ରୋହୀମାନଙ୍କ ସହଯୋଗ ଦେଉଥିଲେ ଏବଂ ଅନୁଗୋଳ, ସମ୍ବଲପୁର ଏବଂ ରାଇପୁର ପ୍ରଭୃତି ସ୍ଥାନମାନ ବିଦ୍ରୋହୀମାନଙ୍କ ଦ୍ୱାରା କବଳିତ ହୋଇଥିଲା । କ୍ୟାପ୍ଟେନ୍ ସାକ୍ସଟନ୍, ଲେଫ୍ଟନାଣ୍ଟ ହାଡୋ, ଲେଫ୍ଟନାଣ୍ଟ ଚିଷ୍ଟୋଲେନ୍ ଏବଂ ହରିନାଥ ସିଂ ପ୍ରଭୃତି ସରକାରୀ କର୍ମଚାରୀଙ୍କ ଉପରେ ଆକ୍ରମଣ ହୋଇଥିଲା ।

କୁଦୋପାଲିଠାରେ ସୁରେନ୍ଦ୍ର ସାଏ ଏବଂ ବିଦ୍ରୋହୀମାନଙ୍କ ଉପରେ କ୍ୟାପ୍ଟେନ୍ ଉଡ୍ ଆକ୍ରମଣ କରିଥିଲେ । ସେଥିରେ ୫୩ ଜଣ ବିଦ୍ରୋହୀ ମୃତ୍ୟୁବରଣ କଲେ ଏବଂ ସୁରେନ୍ଦ୍ର ସାଏଙ୍କ ଭାଇ ଛବଲୋ ସାଏ ମଧ୍ୟ ମୃତ୍ୟୁବରଣ କଲେ । ଭାଙ୍ଗି ପଡ଼ିଥିଲେ ମଧ୍ୟ ଲୋକମାନଙ୍କର ପ୍ରେରଣା ସୁରେନ୍ଦ୍ର ସାଏଙ୍କୁ ପୁନଃ ଜାଗରିତ କରିଥିଲା । ୧୮୫୮ ମସିହା ଫେବୃଆରୀ ମାସରେ ପୋକ୍ଲିକୋଲଠାରେ ଇଂରେଜ ସୈନ୍ୟବାହିନୀ ପରାସ୍ତ ହୋଇଥିଲେ ଏବଂ କ୍ୟାପ୍ଟେନ୍ ଉଡବ୍ରିଜ୍ ମୃତ୍ୟୁବରଣ କଲେ । ସୁରେନ୍ଦ୍ର ସାଏ ଅଧିକ ଅନୁଗାମୀ ସୃଷ୍ଟି କରିଥିଲେ ଏବଂ ସିତାପାଲି ବୈରାଖଣ୍ଡ, ବରପାହାଡ଼ ଏବଂ ବିଞ୍ଜୁରୀ ପ୍ରଭୃତି ସ୍ଥାନରେ ବିଦ୍ରୋହ ଆରମ୍ଭ କରିଥିଲେ ।

କୋଲୋନେଲ୍ ଫୋଷ୍ଟର ସମ୍ବଲପୁର କମିଶନର ରକ୍ତମୁଖା ହୋଇ ଉଠିଲେ । ସେ ସୁରେନ୍ଦ୍ର ସାଏଙ୍କୁ ଧରିବା ପାଇଁ ସ୍ଥାନୀୟ ଜନସାଧାରଣ, ଜମିଦାର ଏବଂ କରଦ ରାଜାମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରିଥିଲେ । ୧୮୫୮ ମସିହା ଏପ୍ରିଲ ୨୮ ତାରିଖରେ ୯୦ ଜଣଙ୍କ ପାଇଁ ନିର୍ମିତ କୋଠରୀରେ ୩୦୦ ଲୋକଙ୍କୁ ବନ୍ଦୀ କରାଯାଇଥିଲା ଏବଂ ମୃତ୍ୟୁର ହିସାବ ମଧ୍ୟ ନଥିଲା । ଏହା ଇଂରେଜ ଶାସନର ଅନ୍ଧକୂପ ହତ୍ୟା ଅଟେ । ସୁରେନ୍ଦ୍ର ସାଏ ରାଇପୁରର ଯାସ୍‌ପୁରକୁ ପଳାୟନ କରିବାକୁ ବାଧ୍ୟ ହେଲେ ଏବଂ ସେଠାରେ ପୁନଃ ଜାଗରଣ ପାଇଁ ତାଙ୍କୁ ୨ ବର୍ଷ ସମୟ ଲାଗିଥିଲା । ୧୮୬୦ ମସିହାରେ ବିଦ୍ରୋହୀ ବନ୍ଧୁଙ୍କ ସହିତ ସୁରେନ୍ଦ୍ର ସାଏ ଜଙ୍କ ନଦୀ ପାର ହୋଇ ଖୁଲାରୀ ଏବଂ ମାନିକଗଡ଼ଠାରେ ସୈନ୍ୟ ଛାଉଣୀ କଲେ ଏବଂ ଖଡ଼ିଆଳର ରାଜା ତାଙ୍କୁ ସାହାଯ୍ୟ କରିଥିଲେ । ଇଂରେଜ ଦମନ କାର୍ଯ୍ୟ ଯୋଗୁଁ ବିଦ୍ରୋହ ତେଜି ପାରିଲା ନାହିଁ । ସମ୍ବଲପୁରର ଡେପୁଟି କମିଶନର ଏଚ୍.ବି. ଇମ୍ପେ, ସୁରେନ୍ଦ୍ର ସାଏଙ୍କ ବିରୁଦ୍ଧରେ ଗୁପ୍ତ ମନ୍ତ୍ରଣା କଲେ ଏବଂ ବାମଣ୍ଡା, ପାଟନାଗଡ଼ ଓ ସାରଙ୍ଗଗଡ଼ ରାଜାମାନେ ତାଙ୍କୁ ସହଯୋଗ କଲେ । ସୁରେନ୍ଦ୍ର ସାଏ ସେମାନଙ୍କୁ ଶିକ୍ଷା ଦେବାପାଇଁ ସମଗ୍ର ସିଙ୍ଘଭୂମ ଏବଂ ସମ୍ବଲପୁର ମଧ୍ୟବର୍ତ୍ତୀ ଅଞ୍ଚଳରେ ନିଜର ପ୍ରଭାବ ବିସ୍ତାର କଲେ । ସେସମୟରେ ବହୁତ ବିଶିଷ୍ଟମାନେ ବନ୍ଧୁ ସୁରେନ୍ଦ୍ର ସାଏଙ୍କୁ ତ୍ୟାଗ କରିଥିଲେ ମଧ୍ୟ ସାଧାରଣ ଜନସମ୍ପ୍ରଦାୟ ତାଙ୍କୁ ସହଯୋଗ କରୁଥିଲେ ।

ଇଂରେଜ ସରକାର ସୁରେନ୍ଦ୍ର ସାଏ ଏବଂ ତାଙ୍କ ଭାଇମାନଙ୍କ ଜୀବନରକ୍ଷା ଓ ତାଙ୍କ ପୁଅ ମିତ୍ରଭାନୁ ସାଏଙ୍କୁ କ୍ଷମା ଘୋଷଣା କଲେ ମଧ୍ୟ କିଛି ଫଳ ମିଳି ନଥିଲା । ଏକ ହଜାର ବିଦ୍ରୋହୀ ସୁଗ୍ରା, ଗାଙ୍ଗପୁର, ବାମଡ଼ା, ସିଙ୍ଘଭୂମ, ସିସ୍‌ପଡ଼ା, ସାନିରା ଏବଂ ସୁକ୍ରାଂ ପ୍ରଭୃତି ସ୍ଥାନ ଅଧିକାର କରିଥିଲେ । ଏହାପରେ ୧୮୬୧ ମସିହାରେ ରାଜକ୍ଷମା ଘୋଷଣା କରାଗଲା । ମାତ୍ର କେହି ଆତ୍ମସମର୍ପଣ କରିନଥିଲେ । ଏହି ପରିସ୍ଥିତିରେ ମେଜର ଇମ୍ପେ ତାଙ୍କର ନରମ ନୀତି ପ୍ରତ୍ୟାହାର କରିଥିଲେ ଯାହାଦ୍ୱାରାକି ୧୮୬୨ ମସିହା ଫେବୃଆରୀ ସୁଦ୍ଧା ସଂଖ୍ୟାଧିକ ବିଦ୍ରୋହୀ ଆତ୍ମସମର୍ପଣ କରିଥିଲେ । ସୁରେନ୍ଦ୍ର ସାଏ କିଛି କ୍ଷଣ ପାଇଁ ହତୋତ୍ସାହ ହୋଇ ଯାଇଥିଲେ ଏବଂ ନିଜର ଏବଂ ଭାଇମାନଙ୍କର କ୍ଷମା ଓ ମୁକ୍ତି ପାଇଁ ସୁପାରିଶ କରିବା ପାଇଁ ପାଟନାଗଡ଼ ରାଜାଙ୍କୁ ଅନୁରୋଧ କରିଥିଲେ । ପର ମୁହୂର୍ତ୍ତରେ ଶେଷ ଚେଷ୍ଟା ପାଇଁ ସ୍ଥିର କଲେ । ସଂଗ୍ରାମୀ ବନ୍ଧୁମାନଙ୍କୁ ନେଇ କୁକୁମରା, ଧାମରା, ଗର୍‌ପାଲି, କୋଲାବିରା, ଝାରଘାଟି, ଝାରବେଢ଼ା, ଗୁରଡଗା, ତାଲମୁଣ୍ଡା, ବାମନ ଶାସନ, ସୋମାସିଙ୍ଗା, ଖର୍‌ସୁଆଲ୍ ତଥା ସିଙ୍ଘଭୂମ ଘାଟଠାରେ ବିଦ୍ରୋହ ଆରମ୍ଭ କରିଥିଲେ । ମେଜର ଇମ୍ପେ ଏବଂ ମେଜର ରାଟରେଙ୍କ ମିଳିତ ପ୍ରଚେଷ୍ଟାରେ ଦୟାଲ ସିଂ, କରୁଣାକର ନାଏକ ଏବଂ ଜଗବନ୍ଧୁ ନାଏକ ପ୍ରଭୃତି ସର୍ତ୍ତବିହୀନ ଭାବେ ଆତ୍ମସମର୍ପଣ କରି ବନ୍ଦୀ ହୋଇଥିଲେ ।

ଏହି ସମୟରେ ସୁରେନ୍ଦ୍ର ସାଏ ଖୋଲାରେ ଥିଲେ ଏବଂ ନିଜକୁ ଅସୁରକ୍ଷିତ ମନେକରି ଆତ୍ମସମର୍ପଣ କରିବାକୁ ଇଚ୍ଛା ପ୍ରକାଶ କଲେ । ୧୮୬୨ ମସିହା ମେ ୧୬ ତାରିଖରେ ୪୦ ଜଣ ଅନୁଧ୍ୟାୟୀମାନଙ୍କ ସହ ଆତ୍ମସମର୍ପଣ କଲେ । ବାର୍ଷିକ ଟ.୧୨୦୦ଙ୍କା ଓ ଟ.୪,୬୦୦ଙ୍କା ତାଙ୍କର ପେନ୍‌ସନ୍ ଏବଂ ତାଙ୍କ ପରିବାରବର୍ଗଙ୍କ ପାଇଁ ବ୍ୟବସ୍ଥା ହୋଇଥିଲା । ସେ ବଡ଼ଗାଁରେ ଅବସ୍ଥାନ କରିବାପାଇଁ ଅନୁମତି ପାଇଥିଲେ । ବିଦ୍ରୋହର କିନ୍ତୁ ମୃତ୍ୟୁ ଘଟି ନଥିଲା । ୧୮୬୩ ମସିହାରେ କୁଞ୍ଜଳ ସିଂ ଏବଂ ହାତୀ ସିଂ ପ୍ରଭୃତି ସିଂହର ଶୃଗାଳମାନେ ଅଛନ୍ତି ବୋଲି ମନ୍ତବ୍ୟ ଦେଇ ଆନ୍ଦୋଳନ ଆରମ୍ଭ କରିଥିଲେ । ଏଇ ଆନ୍ଦୋଳନ ସୁରେନ୍ଦ୍ର ସାଏଙ୍କ ନାମରେ ପ୍ରଜ୍ୱଳିତ ହୋଇ ଉଠିଥିଲା । ମାତ୍ର ଇଂରେଜ ସରକାର ଏହାକୁ ଦୃଢ଼ ହସ୍ତରେ ଦମନ କଲେ । ୧୮୬୩ ମସିହା ଡିସେମ୍ବର ମାସରେ କମାଲ ସିଂଙ୍କ କ୍ୟାମ୍ପ ଆଗରୁ ସୁରେନ୍ଦ୍ର ସାଏଙ୍କ ଠିକଣାରେ ଏକ ପତ୍ର ଆବିଷ୍କୃତ ହୋଇଥିଲା, ଯାହାକି ତାଙ୍କୁ ରାଜଦ୍ରୋହୀ ଭାବେ ପ୍ରମାଣିତ କଲା । ତତ୍‌କ୍ଷଣାତ୍ ସୁରେନ୍ଦ୍ର ସାଏଙ୍କ ବିରୁଦ୍ଧରେ କାର୍ଯ୍ୟପନ୍ଥା ଗ୍ରହଣ କରାଗଲା ଏବଂ ୧୮୬୪ ମସିହା ଜାନୁଆରୀ ୨୩ ତାରିଖ ଦିନ ବଡ଼ଗାଁଠାରେ ତାଙ୍କ ବାସଗୃହ ଅବରୁଦ୍ଧ କରାଗଲା ।

Click Here & Upgrade
Expanded Features
Unlimited Pages
PDF Complete Documents



ମାତ୍ର ସେ ଉକ୍ତ ସ୍ଥାନ ଛାଡ଼ି ସମ୍ବଲପୁରକୁ ପଳାୟନ କରିଥିଲେ ଏବଂ ସେଠାରେ ତାଙ୍କୁ ବନ୍ଦୀ କରାଗଲା । ଜାନୁଆରୀ ୨୬ ତାରିଖରେ ଅନ୍ୟ ୧୪ ଜଣଙ୍କ ସହିତ ତାଙ୍କୁ ରାଇପୁର ପଠାଗଲା । ରାଇପୁରର ସେସନ୍ ଜଜ୍ ଜେ. ଜିବାଲସେନ୍‌ଙ୍କ ଦ୍ୱାରା ପ୍ରସିଦ୍ଧ ଶୁଣାଣି ଆରମ୍ଭ ହୋଇଥିଲା । ୧୮୬୪ ମସିହା ଜୁନ୍ ମାସ ୨୩ ତାରିଖ ଦିନ ଏବଂ ସୁରେନ୍ଦ୍ର ସାଏଙ୍କ ସମସ୍ତ ସମ୍ପତ୍ତି ବାଜ୍ୟାପ୍ତି ସହ ତାଙ୍କୁ ଆଜୀବନ ନିର୍ବାସନ ଦଣ୍ଡରେ ଦଣ୍ଡିତ କରାଗଲା । ଜୁଡ଼ିସିଆଲ୍ କମିଶନରଙ୍କର ଶୁଣାଣି ତାଙ୍କ ପକ୍ଷରେ ଥିଲେ ମଧ ଏହି ମହାମହିମ ନେତାଙ୍କର ଅବସ୍ଥିତି ପୁନଶ୍ଚ ଏକ ବିଦ୍ରୋହ ବହ୍ନିର ସ୍ଫୁଲିଙ୍ଗ ହୋଇପାରେ ଭାବି ଇଂରେଜ ସରକାର ତାଙ୍କୁ ଚିରଦିନ ପାଇଁ ସ୍ମୃତିର ଅନ୍ତରାଳରେ ଅବସ୍ଥାପିତ କରିବା ପାଇଁ ସ୍ଥିର କଲେ । ୧୮୬୪ ମସିହା ନଭେମ୍ବର ମାସ ୧୯ ତାରିଖ ଦିନ ତାଙ୍କୁ ରାଇପୁରଠାରୁ ନାଗପୁରକୁ ସ୍ଥାନାନ୍ତରିତ କରାଗଲା ଏବଂ ୧୮୬୫ ମସିହା ଏପ୍ରିଲରେ ଚିରଦିନ ପାଇଁ ଆଶିରଗଡ଼ ଦୁର୍ଗକୁ ସ୍ଥାନାନ୍ତରିତ କରାଗଲା । ତାଙ୍କ ପକ୍ଷ ଓକିଲ ୧୮୬୬ ମସିହା, ୧୮୭୧ ମସିହା ଏବଂ ୧୮୭୬ ମସିହାରେ ୩ ଥର ତାଙ୍କର ମୁକ୍ତିପାଇଁ ନିଷ୍ଫଳ ଆବେଦନ ପତ୍ର ଲେଖିଥିଲେ କିନ୍ତୁ ସର୍ବଶେଷରେ ୧୮୮୪ ମସିହା ଫେବୃଆରୀ ୨୮ ତାରିଖ ଦିନ ଓଡ଼ିଶାର ଏହି ଚିରଭାସ୍ୱର, ସ୍ୱାଭିମାନୀ ବରେଣ୍ୟ ବରପୁତ୍ର ଏକ ଅବହେଳିତ କାଳକୋଠରୀରେ ଅଲକ୍ଷ୍ୟ, ଅଯତ୍ନ ଏବଂ ଅସମ୍ମାନିତ ଅବସ୍ଥାରେ ମୃତ୍ୟୁର ଶୀତଳ ଛାୟାରେ ଚିରଦିନ ପାଇଁ ଆଶ୍ରୟ ଗ୍ରହଣ କରିଥିଲେ ।

ଇତିହାସ ବିଭାଗ
ରେଭେନ୍‌ସା କଲେଜ, କଟକ

---

# ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଗ୍ରାମାଞ୍ଚଳ ଗରିବ ନିଃସ୍ୱଅସହାୟ ଲୋକମାନଙ୍କ ପାଇଁ ଅତ୍ୟନ୍ତ ସହାୟକ ହୋଇପାରିଛି

## (ସଫଳ କାହାଣୀ)



ନୂଆପଡ଼ା ଜିଲ୍ଲାର ବିଶେଷକରି ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟ ନେଇ ଗତ ୨୦୦୪ ମସିହାରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ୟୁନିଟ୍ ସରକାରଙ୍କ କେ.ବି.କେ. ଓ ଆର୍.ଏଲ୍.ଟି.ଏ.ପି. ଯୋଜନାର ଆର୍ଥିକ ଅନୁଦାନରେ ସଫଳତାର ସହିତ କାର୍ଯ୍ୟକାରୀ କରାଯାଉଅଛି । ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଦ୍ୱାରା ପରିଚାଳିତ ଏହି ଯୋଜନାରେ ଜିଲ୍ଲାରେ ୭ ଗୋଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଗାଡ଼ି ଯୋଗାଇ ଦିଆଯାଇଅଛି । ଜିଲ୍ଲାର ଖରିଆରରୋଡ଼, କୋମନା, ଭେଲା, ଖରିଆର, ବୋଡ଼େନ, ସିନାପାଲି ଆଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧୀନରେ ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ କାର୍ଯ୍ୟ କରୁଅଛି । ଗ୍ରାମାଞ୍ଚଳର ଏହି ସେବା ୟୁନିଟ୍ ଦ୍ୱାରା ଗ୍ରାମାଞ୍ଚଳ ଲୋକମାନଙ୍କୁ ସପ୍ତାହରେ ୫ ଦିନ ବିଭିନ୍ନ ଅଞ୍ଚଳରେ ଭ୍ରମଣ କରି ସ୍ୱାସ୍ଥ୍ୟସେବା କ୍ୟାମ୍ପ ଜରିଆରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଅଛି । ପ୍ରତ୍ୟକ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍‌ରେ ଜଣେ ଡାକ୍ତର, ଫାରମାସିଷ୍ଟ, ସ୍ୱାସ୍ଥ୍ୟ କର୍ମୀ ଓ ସହାୟକଙ୍କୁ ନିୟୋଜିତ କରାଯାଇ ନିୟମିତ ସ୍ୱାସ୍ଥ୍ୟ ସେବା ଲୋକମାନଙ୍କୁ ଯୋଗାଇ ଦିଆଯାଉଅଛି । ଏହି ସେବା କାର୍ଯ୍ୟକ୍ରମରେ ଯଥେଷ୍ଟ ପରିମାଣ ଔଷଧ ଲୋକମାନଙ୍କୁ ଆବଶ୍ୟକମତେ ସଂପୃକ୍ତ ସ୍ୱାସ୍ଥ୍ୟ ଅଧିକାରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଯୋଗାଇ ଦିଆଯାଉଅଛି । ଏହି ସ୍ୱାସ୍ଥ୍ୟସେବାର ଗସ୍ତ କାର୍ଯ୍ୟକ୍ରମ ସମସ୍ତ ଗ୍ରାମପଞ୍ଚାୟତର ଏ.ଏନ୍.ଏମ୍. ଅଙ୍ଗନୱାଡ଼ି କର୍ମୀ, ବ୍ଲକ୍, ତହସିଲ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କୁ ଆଗୁଆ ଜଣାଇ ଦିଆଯାଇଥାଏ ଯାହାକି ସଂପୃକ୍ତ ଅଞ୍ଚଳର ସ୍ୱାସ୍ଥ୍ୟ କର୍ମୀ ଓ ଅଙ୍ଗନୱାଡ଼ି କର୍ମୀମାନଙ୍କ ଦ୍ୱାରା ଲୋକମାନେ ସଠିକ୍ ସୂଚନା ପାଇ ନିର୍ଦ୍ଧାରିତ ଥିବା ସ୍ଥାନରେ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରାଇଥାନ୍ତି । ଜିଲ୍ଲାର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବାର ସଫଳ ରୂପାୟନ ସ୍ୱରୂପ ଏଠାରେ ଖରିଆରରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ କାର୍ଯ୍ୟକାରୀ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ୟୁନିଟ୍‌ର କାର୍ଯ୍ୟରତ ଫଟୋ ଚିତ୍ର ପ୍ରଦାନ କରାଯାଇଅଛି । ଏହି ୟୁନିଟ୍‌ର ଡାକ୍ତର ଏସ୍.କେ. ମିଶ୍ରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ନୂଆପଡ଼ା ବ୍ଲକ୍ ଅଞ୍ଚଳର ଖକସା ଓ ଧ୍ୱନନ୍ତରୀ ଗ୍ରାମରେ ଲୋକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକୀୟ ଔଷଧ ଯୋଗାଇ ଦିଆଯାଇଅଛି । ଏଥିରେ ୧୫୦ ଜଣ ଲୋକ ଏହି ସେବା ଗ୍ରହଣ କରିଛନ୍ତି । ଏହିପରି ଭାବରେ ଅନ୍ୟାନ୍ୟ ୬ ଗୋଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ୟୁନିଟ୍ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ସୂଚାରୁରୂପେ କାର୍ଯ୍ୟ କରାଯାଇଆସୁଅଛି । ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଗ୍ରାମାଞ୍ଚଳ ଗରିବ ନିଃସ୍ୱ ଅସହାୟ ଲୋକମାନଙ୍କ ପାଇଁ ଅତ୍ୟନ୍ତ ସହାୟକ ହୋଇପାରିଥିବା ବେଳେ ଅନ୍ୟାନ୍ୟ ସମସ୍ତ ସ୍ୱଚ୍ଛଳ ବର୍ଗର ଲୋକମାନେ ମଧ ବିଶେଷ ଖର୍ଚ୍ଚାନ୍ତ ନହୋଇ ନିଜ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା ପାଇପାରୁଛନ୍ତି । ଗତ ୨୦୦୪-୦୫ ବର୍ଷରେ ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଯୋଜନା ସହାୟତାରେ ୧,୯୧,୬୬୨ ଜଣ ଲୋକ ଉପକୃତ ହୋଇପାରିଛନ୍ତି ।

ସୌଜନ୍ୟ : ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ନୂଆପଡ଼ା

Click Here & Upgrade
Expanded Features
Unlimited Pages
PDF Complete



# ମୁକ୍ତି ଯୁଦ୍ଧରେ ଓଡ଼ିଶାର ଆଦିବାସୀ ସଂପ୍ରଦାୟ

ଆରତୀରାଣୀ ଡାକୁଆ

ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସ ବିଂଶ ଶତାବ୍ଦୀର ଏକ ଉଲ୍ଲେଖନୀୟ ଘଟଣାବହୁଳ ଅଧ୍ୟାୟ । ଶତାବ୍ଦୀ-ଶତାବ୍ଦୀ ବ୍ୟାପୀ ରହିଥିବା ପରାଧୀନତାର ଶୃଙ୍ଖଳକୁ ଛିନ୍ନ କରିବା ପାଇଁ ଭାରତୀୟମାନେ ଯେଉଁ ଶୌର୍ଯ୍ୟ, ବୀରତ୍ୱ, ଧୈର୍ଯ୍ୟ, ସାହସ ଓ ନିର୍ଭୀକତାର ପରିଚୟ ଦେଇଛନ୍ତି, ତାହା ବିଶ୍ୱ ଇତିହାସରେ ଏକ ଦୃଷ୍ଟାନ୍ତମୂଳକ ବିରଳ ଘଟଣା । ମୁକ୍ତି ଯୁଦ୍ଧର ନିର୍ଭୀକ ସୈନିକମାନଙ୍କର ରକ୍ତାକ୍ତ ସଂଗ୍ରାମ ଇତିହାସର ଇତିକଥାରେ ସ୍ୱର୍ଣ୍ଣାଭ ଅଧ୍ୟାୟ । ଜନନୀ-ଜନ୍ମଭୂମିର ଦାସତ୍ୱ ବନ୍ଧନକୁ ଛିନ୍ନ କରିବା ପାଇଁ ତା'ର ସୁଯୋଗ୍ୟ ସନ୍ତାନମାନଙ୍କର ଆତ୍ମୋତ୍ସର୍ଗ ଓ ବଳିଦାନକୁ ଏ ଜାତି କେବେ ଅସ୍ୱୀକାର କରିପାରିବ ନାହିଁ । ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ମାତୃଭୂମିର ମମତାରେ ଆକର୍ଷିତ ହୋଇ ଭାରତୀୟ ଜନସାଧାରଣ ସ୍ୱାଧୀନତା ସଂଗ୍ରାମ ରୂପକ ମହାସମୁଦ୍ରରେ ଲମ୍ଫ ପ୍ରଦାନ କରିଥିଲେ । ଜାତୀୟ ମୁକ୍ତି ଯୁଦ୍ଧକୁ ଓଡ଼ିଶାର ଅନବଦ୍ୟ ଅବଦାନ ଅବିସ୍ମରଣୀୟ । ଓଡ଼ିଶାର ନିଘଞ୍ଚ ଅରଣ୍ୟାନୀର ଅଧିବାସୀ ଆଦିବାସୀ ସଂପ୍ରଦାୟର ମୁକ୍ତି ସଂଗ୍ରାମରେ ଯୋଗଦାନ ଯେପରି ବିସ୍ମୟୋଦ୍ଦୀପକ ସେହିପରି ରୋମାଞ୍ଚକର । ଶୋଷଣ, ଅତ୍ୟାଚାର, ନିଷ୍ଠୁରତା ଓ ଅବିବେକିତା ବିରୋଧରେ ପ୍ରତିବାଦ କରି ସାମ୍ରାଜ୍ୟବାଦୀ ଶାସକ ଇଂରେଜମାନଙ୍କ ବିରୋଧରେ ଅସ୍ତ୍ର ଧାରଣ କରିବାକୁ ସେମାନେ ବାଧ୍ୟ ହୋଇଥିଲେ । ସ୍ୱାଧୀନତା ଆନ୍ଦୋଳନର ପ୍ରତ୍ୟେକ ପର୍ଯ୍ୟାୟରେ ଓଡ଼ିଶାର ଆଦିବାସୀ ସମାଜ ସମସ୍ତ ପ୍ରତିବନ୍ଧକକୁ ଅତିକ୍ରମ କରି ସେମାନଙ୍କର ଦେଶପ୍ରେମ, ଜାତୀୟତାବୋଧ ଓ ସ୍ୱାଭିମାନର ପରିଚୟ ଦେବାକୁ କେବେ ଭୁଲି ନାହାନ୍ତି । ସେହି ସମର ଯୁଗର ଅମର ଗାଥା ଆଜି ଇତିହାସର ମୂକସାକ୍ଷୀ ।



ସମଗ୍ର ପଶ୍ଚିମ ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଯଥା- ସମ୍ବଲପୁର, ବଲାଙ୍ଗୀର, କୋରାପୁଟ ଓ କଳାହାଣ୍ଡି ପ୍ରଭୃତିର କନ୍ଧ, ଭୂୟାଁ ଓ ମୁଣ୍ଡା ସଂପ୍ରଦାୟ ସକ୍ରିୟ ଭାବେ ଇଂରେଜ ବିରୋଧୀ ଆନ୍ଦୋଳନରେ ଯୋଗଦାନ କରିଥିଲେ । ଅଦମ୍ୟ ବୀରତ୍ୱ, ଅସୀମ ସାହସ, ଅପୂର୍ବ ଉତ୍ସାହ ଓ ଅବର୍ଣ୍ଣନୀୟ ଉଦ୍ଦୀପନାର ଉତ୍ତଙ୍ଗ ତରଙ୍ଗ ଆଦିବାସୀମାନଙ୍କ ମଧ୍ୟରେ ପ୍ରବଳ ବେଗରେ ପ୍ରବାହିତ ହୋଇଥିଲା । ନିରୀହ, ନିରପରାଧ ତଥା ପ୍ରକୃତି ମା'ର କୋଳରେ ବଢ଼ି ଆସିଥିବା ସରଳ ଆଦିବାସୀମାନଙ୍କର ହୃଦୟରେ ବିପ୍ଳବର ବହ୍ନି ପ୍ରଜ୍ୱଳିତ କରିବା ଦିଗରେ କ୍ଷମତା ଲୋଭୀ ତଥା ସୁବିଧାବାଦୀ ଇଂରେଜମାନଙ୍କର ସେ ଜାତିପ୍ରତି ସ୍ୱାର୍ଥ ବିରୋଧୀ କାର୍ଯ୍ୟ ହିଁ ମୁଖ୍ୟତଃ ଦାୟୀ । କନ୍ଧ, ଗଣ୍ଡ, ଭୂୟାଁ ଓ ବିଝାଲମାନେ ବହୁ ପୁରାତନ କାଳରୁ ରାଜ୍ୟ ସ୍ଥାପନ କରି ଶାସନ କରିଆସୁଥିବାର ଜଣାଯାଏ । ସୋନପୁର, ବଉଦ, ଫୁଲବାଣୀ, ଆଠମଲ୍ଲିକ, ବଲାଙ୍ଗୀର, କଳାହାଣ୍ଡି, ପାଲଲହଡ଼ା ଇତ୍ୟାଦି ସ୍ଥାନରେ ଆଦିବାସୀ ସଂପ୍ରଦାୟ ସେମାନଙ୍କର ପ୍ରାଧାନ୍ୟ ସୃଷ୍ଟି କରିପାରିଥିଲେ । ଦକ୍ଷିଣ ଓଡ଼ିଶାର ଗଂଜାମ ଜିଲ୍ଲାର ଘୁମୁସର କନ୍ଧ ସଂପ୍ରଦାୟର ଇଂରେଜ ବିରୋଧୀ ମନୋଭାବ ସ୍ୱାଧୀନତା ସଂଗ୍ରାମ ଇତିହାସର ଏକ ଗୌରବମୟ ଅଧ୍ୟାୟ । ଘୁମୁସର ରାଜା କୃଷ୍ଣ ଭଞ୍ଜ ଓ ଧନଞ୍ଜୟ ପ୍ରଭୃତି ଶାସକ ଇଂରେଜ ବିରୋଧୀ ଆନ୍ଦୋଳନରେ ନେତୃତ୍ୱ ଗ୍ରହଣ କରିଥିଲେ । ଘୁମୁସର କନ୍ଧ ସଂପ୍ରଦାୟର ଦୁଇଜଣ ଅପ୍ରତିଦ୍ୱନ୍ଦୀ ବ୍ୟକ୍ତିତ୍ୱ ଦୋରା ବିଶୋଇ ଓ ଚକ୍ରା ବିଶୋଇ ସରଳ ଆଦିବାସୀମାନଙ୍କର ଭଞ୍ଜ ରାଜବଂଶର ଉଚ୍ଛେଦ କରିବା ପ୍ରତିବାଦରେ କନ୍ଧ ବିଦ୍ରୋହର ସୂତ୍ରପାତ କରିଥିଲେ । କମଳ ଲୋଚନ ଦୋରା ବିଶୋଇ ଓ ଚକ୍ରା ବିଶୋଇ ସରଳ ଆଦିବାସୀମାନଙ୍କର ନେତୃତ୍ୱ ନେଇଥିଲେ । ୧୮୧୭ ଖ୍ରୀଷ୍ଟାବ୍ଦର ଐତିହାସିକ ଖୋର୍ଦ୍ଧା ପାଇକ ବିଦ୍ରୋହରେ ଆଦିବାସୀ କନ୍ଧ ସଂପ୍ରଦାୟର ଯୋଗଦାନକୁ କେବେ ଭୁଲି ହେବ ନାହିଁ । ପାଇକ ବିଦ୍ରୋହକୁ ସାହାଯ୍ୟ କରିବା ନିମନ୍ତେ

Click Here & Upgrade
Expanded Features
Unlimited Pages
PDF Complete Documents



କମଳଲୋଚନ ଦୋରା ବିଶୋଇ ଚାରିଶହ କନ୍ଧ ପାଇକଙ୍କୁ ଖୋର୍ଦ୍ଧାର ବାଣପୁର ଅଞ୍ଚଳକୁ ପ୍ରେରଣ କରିଥିଲେ । ନିର୍ଭୀକ କନ୍ଧ ପାଇକମାନଙ୍କର ଅଭୂତପୂର୍ବ ରଣକୌଶଳ ଓ ସାମରିକ କ୍ଷମତା ଇଂରେଜମାନଙ୍କୁ ନିରୁତ୍ସାହିତ କରିଥିଲା । କମଳଲୋଚନ ଦୋରା ବିଶୋଇ ଇଂରେଜମାନଙ୍କ ବିରୋଧରେ ନିରବଚ୍ଛିନ୍ନ ଭାବରେ ବିଦ୍ରୋହକରି ସେମାନଙ୍କର ମନୋବଳକୁ ଶକ୍ତ ଆଘାତ ଦେଇଥିଲେ । ପରବର୍ତ୍ତୀ ସମୟରେ ୧୮୩୭ ଖ୍ରୀଷ୍ଟାବ୍ଦରେ ଅନୁଗୋଳ ରାଜା ସୋମନାଥ ସିଂହ ପାଞ୍ଚ ହଜାର ଟଙ୍କାର ଲୋଭ ସମ୍ବରଣ କରିନପାରି ଦୋରା ବିଶୋଇଙ୍କୁ ଇଂରେଜମାନଙ୍କ ହସ୍ତରେ ଅର୍ପଣ କରିଥିଲେ ।

ମାନ୍ଦ୍ରାଜ ନିକଟବର୍ତ୍ତୀ ଓଟି ଜେଲ୍‌ରେ ଥିବା ସମୟରେ ୧୮୪୬ ମସିହାରେ ଉତ୍କଳ ଜନନୀର ମହାନ୍ ବୀରଙ୍କର ମହାପ୍ରୟାଣ ଘଟିଥିଲା । ଘୁମୁସରର ଇଂରେଜ ବିରୋଧୀ ଆନ୍ଦୋଳନର ଦ୍ୱିତୀୟ ପର୍ଯ୍ୟାୟ ୧୮୪୬ ମସିହାରେ କନ୍ଧବୀର ଚକ୍ରା ବିଶୋଇଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା । ୧୮୪୬ ଖ୍ରୀଷ୍ଟାବ୍ଦରୁ ୧୮୫୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଦଶବର୍ଷ ଧରି ଚକ୍ରା ବିଶୋଇ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ବୃହତ୍ତର ବିଦ୍ରୋହର ବୀଜ ବପନ କରିଥିଲେ । କନ୍ଧ ସଂପ୍ରଦାୟ ମଧ୍ୟରେ ସୁଦୂର ଅତୀତରୁ ପ୍ରଚଳିତ ହୋଇ ଆସୁଥିବା ମେରିଆ ପ୍ରଥାକୁ ଇଂରେଜ ପ୍ରଶାସକ ବନ୍ଦ କରିବା ନିମନ୍ତେ ନିଷ୍ପତ୍ତି ନେଇଥିବାରୁ ଏହାକୁ ଏକ ଆଳକରି ଚକ୍ରା ବିଶୋଇ ବିଦ୍ରୋହ ଆରମ୍ଭ କରିଥିଲେ । ଧନଞ୍ଜୟ ଭଞ୍ଜଙ୍କର ବାର ବର୍ଷ ବୟସର ଅବୈଧ ସନ୍ତାନ ପିତାମ୍ବର ଭଞ୍ଜଙ୍କୁ ଇଂରେଜମାନେ କୌଶଳକ୍ରମେ ନିଜର ଅକ୍ତିଆରକୁ ଆଣିଥିଲେ । ପିତାମ୍ବର ଭଞ୍ଜ ନିଜର ଆନୁଗତ୍ୟ ଚକ୍ରା ବିଶୋଇଙ୍କ ନିକଟରୁ ପ୍ରତ୍ୟାହାର କରି ଇଂରେଜମାନଙ୍କର ଶରଣାପନ୍ନ ହୋଇ ଶୂନ୍ୟ ରାଜସିଂହାସନ ଅଳଙ୍କୃତ କରିବା ସହିତ ଇଂରେଜମାନଙ୍କ ଦ୍ୱାରା ମାସିକ ଭତ୍ତା ମଧ୍ୟ ପାଇଥିଲେ । ଏଥିରେ ଉତ୍‌କ୍ଷିପ୍ତ ହୋଇ ଚକ୍ରା ବିଶୋଇ ଇଂରେଜମାନଙ୍କ ବିରୋଧରେ ବିଦ୍ରୋହ ଘୋଷଣା କରିଥିଲେ । ଚକ୍ରା ବିଶୋଇଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା କନ୍ଧ ବିଦ୍ରୋହ ଘୁମୁସର ସମେତ ବୌଦ୍ଧ, ଅନୁଗୁଳ, ସୋନପୁର, ମଦନପୁର, ବଲାଙ୍ଗୀର, ତେଲନଦୀ ଉପତ୍ୟାକାର କନ୍ଧ ଅଞ୍ଚଳ, କଳାହାଣ୍ଡି, ଜୟପୁର ଇତ୍ୟାଦି ଅଞ୍ଚଳକୁ ସଂପ୍ରସାରିତ ହୋଇଥିଲା । ପଶ୍ଚିମ ଓଡ଼ିଶାର ଅନେକ ଗଡ଼ଜାତ ରାଜମାନେ ଚକ୍ରା ବିଶୋଇଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସାହାଯ୍ୟ ଓ ସମର୍ଥନ ପ୍ରଦାନ କରି ଆସୁଥିଲେ । ୧୮୪୮ ମସିହାରେ ତତ୍କାଳୀନ ବଡ଼ଲାଟ ଲର୍ଡ଼ ଡେଲ ହାଉସି ଚକ୍ରା ବିଶୋଇଙ୍କୁ ଯେକୌଣସି ଉପାୟରେ ଧରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ୧୮୫୭ ମସିହାର ପ୍ରଖ୍ୟାତ ଭାରତୀୟ ମୁକ୍ତି ଆନ୍ଦୋଳନ ସମୟରେ ଚକ୍ରା ବିଶୋଇଙ୍କର ନାମ ଶୁଣାଯାଉନଥିଲା । ଅନୁମାନ କରାଯାଏ, ୧୮୫୭ ମସିହାରେ ବିପ୍ଳବ ଆରମ୍ଭ ପୂର୍ବରୁ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ଏହି ବୀର ଶ୍ରେଷ୍ଠ ଦେଶପ୍ରେମୀ କେଉଁ ପରିସ୍ଥିତିରେ ଇହଲୀଳା ସମ୍ବରଣ କଲେ ତାହା ବର୍ତ୍ତମାନ ପର୍ଯ୍ୟନ୍ତ ରହସ୍ୟାବୃତ୍ତ ।

୧୮୫୭ ଖ୍ରୀଷ୍ଟାବ୍ଦର ମହାନ୍ ବିପ୍ଳବ ସମୟରେ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏଙ୍କୁ ଅନେକ ଆଦିବାସୀ ନେତା ଅକୁଣ୍ଠ ଚିତ୍ତରେ ସମର୍ଥନ କରିଥିଲେ । ସୁରେନ୍ଦ୍ର ସାଏଙ୍କ ସହିତ ନିଃସ୍ୱାର୍ଥପର ଭାବରେ ବିଦ୍ରୋହରେ ନିଜକୁ ଆତ୍ମାହୂତି ପ୍ରଦାନ କରିଥିଲେ । ସୁରେନ୍ଦ୍ର ସାଏଙ୍କ ପ୍ରତି ଇଂରେଜମାନଙ୍କର ଅବିଚାରର ପ୍ରତିବାଦ କରି ଅନେକ ଗଣ୍ଡା, ବିଂଝାଲ, ଜମିଦାର ତାଙ୍କୁ ସାହାଯ୍ୟ କରିବା ନିମନ୍ତେ ଆଗେଇ ଆସିଥିଲେ । ଲୋଚନପୁର ଗଣ୍ଡ ଜମିଦାର ବଳଭଦ୍ର ଦେଓ ଥିଲେ ଅଗ୍ରଗଣ୍ୟ । କଳାହାଣ୍ଡି ଗଡ଼ଜାତ ରାଜ୍ୟର ରାମପୁର-ମଦନପୁର ଅଞ୍ଚଳର ରେଣ୍ଡୋ ମାଝୀ ଏବଂ ତାଙ୍କର ଆତ୍ମୀୟ ଓ ଅନୁଗତମାନେ ଇଂରେଜମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ଇଂରେଜମାନେ ଜାଣିବାକୁ ପାଇଲେ, ଘୁମୁସର କନ୍ଧବୀର ଚକ୍ରା ବିଶୋଇ ମଦନପୁର ଅଞ୍ଚଳରେ ଆଶ୍ରୟ ନେଇଛନ୍ତି । ଇଂରେଜ ପ୍ରତିନିଧି ମେକନିଲ୍ ସାହେବ ସେଠାରେ ପହଞ୍ଚି ମେରିଆ ପ୍ରଥାରେ ବିଶ୍ୱାସ କରୁଥିବା ରେଣ୍ଡୋ ମାଝୀଙ୍କୁ ଗିରଫ କରିଥିଲେ । ଏହାପରେ ତାଙ୍କ ପୁତ୍ର ପଲାସୋ ମାଝିଙ୍କୁ ଗିରଫ କରି ଉଭୟେ ପିତା-ପୁତ୍ରଙ୍କୁ ଦୁଇବର୍ଷ କାରାଦଣ୍ଡରେ ଦଣ୍ଡିତ କରିଥିଲେ । ପରବର୍ତ୍ତୀ ସମୟରେ କୁଟିଆ କନ୍ଧ ଓ ବରକିୟା କନ୍ଧମାନେ ମେକନିଲ୍ ସାହେବଙ୍କ କୁଟୀର ଉପରେ ଆକ୍ରମଣ କରିଥିଲେ । ତହସିଲ୍‌ଦାର ଦୀନବନ୍ଧୁ ପଟ୍ଟନାୟକଙ୍କ ଉପସ୍ଥିତ ବୁଦ୍ଧି ଓ କୌଶଳ ଯୋଗୁଁ ମେକନିଲ୍ ସାହେବଙ୍କ ଜୀବନ ରକ୍ଷା ହୋଇଥିଲା । ଦୁଇ କନ୍ଧ ସଂପ୍ରଦାୟଙ୍କୁ ଏକତ୍ରିତ କରି ଇଂରେଜ ଶିବିର ଉପରେ ଆକ୍ରମଣ କରାଇବାରେ ଚକ୍ରା ବିଶୋଇଙ୍କର ହାତ ଥିଲା ବୋଲି ତାଙ୍କୁ ଅଭିଯୁକ୍ତ କରାଯାଇଥିଲା ।

୧୮୬୮ ଓ ୧୮୯୧ ଖ୍ରୀଷ୍ଟାବ୍ଦରେ କେନ୍ଦୁଝର ରାଜ୍ୟ ଭୂୟାଁ ସଂପ୍ରଦାୟର ଦୁଇଜଣ ବ୍ୟକ୍ତି ରାଜା ଓ ଇଂରେଜ ସରକାରଙ୍କ ବିରୋଧରେ ଦୁଇଟି ବିଦ୍ରୋହ ସଂଘଟିତ କରି ଓଡ଼ିଶା ଇତିହାସରେ ଉଲ୍ଲେଖନୀୟ ଅଧ୍ୟାୟ ସୃଷ୍ଟି କରିଛନ୍ତି । ସେହି ଦୁଇ ମହାନ୍ ସଂଗ୍ରାମୀ ଅସୀମ ସାହସର ଅଧିକାରୀ ହେଉଛନ୍ତି ରତ୍ନା ନାଏକ ଓ ଧରଣୀଧର ନାଏକ । ସେମାନଙ୍କର ବିଦ୍ରୋହକୁ ଯଥାକ୍ରମେ ରତ୍ନା ମେଳି ଓ ଧରଣୀଧର ମେଳି ବୋଲି କୁହାଯାଏ । ଏହି ଦୁଇ ଆଦିବାସୀ ନେତା ନିଜ ସଂପ୍ରଦାୟର ନେତୃତ୍ୱ ନେଇ ରାଜା ଓ ଇଂରେଜମାନଙ୍କ ବିରୋଧରେ ସେମାନଙ୍କର ଅସନ୍ତୋଷକୁ ବ୍ୟକ୍ତ କରିପାରିଥିଲେ । କେନ୍ଦୁଝରର ରାଣୀ ବିଷ୍ଣୁପ୍ରିୟା ସିଂହାସନରେ ବୃନ୍ଦାବନ ଚନ୍ଦ୍ର ଭଞ୍ଜଙ୍କୁ ଅଧିଷ୍ଠିତ କରିବା ନିମନ୍ତେ ଇଂରେଜ ସରକାରଙ୍କୁ ଅନୁରୋଧ କଲେ । କିନ୍ତୁ ଇଂରେଜ ସରକାର ରାଣୀଙ୍କ ଆବେଦନକୁ ପ୍ରତ୍ୟାଖାନ କରିବାରୁ ସେ କ୍ଷୁବ୍ଧ ହୋଇ ଭୂୟାଁ ସର୍ଦ୍ଦାର ରତ୍ନା ନାଏକ ସହିତ ଯୋଗାଯୋଗ କରି ଇଂରେଜମାନଙ୍କ ବିରୋଧରେ ବିଦ୍ରୋହ କରିବାକୁ ପ୍ରସ୍ତୁତ ହେଲେ । ରାଣୀଙ୍କୁ ସମର୍ଥନ କରି ରତ୍ନା ନାଏକ ଓ ଅନ୍ୟାନ୍ୟ ଭୂୟାଁ ସର୍ଦ୍ଦାର ନନ୍ଦ ନାଏକ, ବାବୁ ନାଏକ, ଦାଶରଥୀ କୁଅଁର, ପଦୁ ନାଏକ ପ୍ରମୁଖ

Click Here & Upgrade
Expanded Features
Unlimited Pages
PDF Complete



ବିଦ୍ରୋହରେ ଯୋଗ ଦେଲେ । ରତ୍ନା ମେଳିର ତେତିଶ ବର୍ଷ ପରେ କେନ୍ଦୁଝରର ରାଜା ସ୍ଥିର କଲେ ମାଛ କାନ୍ଦଣା ଝରରେ ଏକ ବନ୍ଧ ନିର୍ମାଣ କରିବା ପାଇଁ । ଏହି ବନ୍ଧର ଦାୟିତ୍ୱ ଆସିଷ୍ଟାଣ୍ଟ ମ୍ୟାନେଜର ଅତ୍ୟାଚାରୀ ବିଚିତ୍ରା ନନ୍ଦ ଦାସ ଓ ହେଡ୍ କନେଷ୍ଟବଳ ନାରାୟଣ ପହିଙ୍କ ଉପରେ ନ୍ୟସ୍ତ କରାଗଲା । ଭୂୟାଁ ପ୍ରଜାମାନଙ୍କର ବେଠିରେ ବନ୍ଧ ନିର୍ମାଣ କରିବା ପାଇଁ ବିଚିତ୍ରା ନନ୍ଦ ଦାସ ସ୍ଥିର କଲେ । ଧରଣୀଧର ନାଏକ ଏହାର ପ୍ରତିବାଦ କରିବାରୁ କେନ୍ଦୁଝର, ବଣାଇ ଓ ସିଂହଭୂମିର ସହସ୍ରାଧିକ କୋହ୍ଲ, ବାଥୁଡ଼ି, ସାଉଁତି, ଭୂୟାଁ ଆସି ତାଙ୍କ ବିଦ୍ରୋହରେ ସାମିଲ ହେଲେ । ସେହି ଆଦିବାସୀମାନଙ୍କର ସଂଖ୍ୟା ପ୍ରାୟ ୨୦ ହଜାର ଥିଲା । ସେ ନିଜକୁ ରାଣୀଙ୍କର ଧର୍ମପୁତ୍ର ଓ ରାଜ୍ୟର ଟିକାୟତ ବୋଲି ଘୋଷଣା କଲେ । ପରିଶେଷରେ ଇଂରେଜ ସରକାର ଧରଣୀଧରଙ୍କର ମେଳିକୁ ଦମନ କରିବାରେ ସମର୍ଥନ ହୋଇଥିଲେ ।

ଊନବିଂଶ ଶତାବ୍ଦୀର ଶେଷ ଦଶକରେ ବିପ୍ଳବୀ ବୀର ବିର୍ସାମୁଣ୍ଡା ଇଂରେଜ ଶକ୍ତି ବିରୋଧରେ ନିର୍ଭୀକ ଭାବରେ ସ୍ୱର ଉତ୍ତୋଳନ କରିଥିଲେ । ଜମିଦାର, ଜାଗୀରିଦାର, ଠିକାଦାର ଓ ଇଂରେଜ ପ୍ରଶାସକମାନେ ମୁଣ୍ଡା ସଂପ୍ରଦାୟର ପ୍ରଗତିର ଅନ୍ତରାୟ ବୋଲି ବିର୍ସା ମୁଣ୍ଡା ହୃଦୟଙ୍ଗମ କଲେ । ମୁଣ୍ଡାମାନଙ୍କ ପ୍ରତି ହେଉଥିବା ଶୋଷଣ, କଷଣ ଓ ଅତ୍ୟାଚାରରେ ଅତିଷ୍ଠ ହୋଇ ବିର୍ସା ମୁଣ୍ଡା ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ ପାଇଁ ମୁଣ୍ଡା ସଂପ୍ରଦାୟକୁ ଆହ୍ୱାନ ଜଣାଇଲେ । ବିର୍ସାମୁଣ୍ଡାଙ୍କ ସହିତ ଅନ୍ୟ କେତେଜଣ ମୁଣ୍ଡା ସର୍ଦ୍ଦାର ଯୋଗ ଦେଇଥିଲେ । ସେମାନେ ହେଲେ ଗୟାମୁଣ୍ଡା, ଡୋଙ୍କାମୁଣ୍ଡା ଓ ମାଝିଆମୁଣ୍ଡା । କେତେଜଣ ଦେଶଦ୍ରୋହୀ ଅର୍ଥ ଲୋଭରେ ପ୍ରଲୁବ୍ଧ ହୋଇ ବିର୍ସା ମୁଣ୍ଡାଙ୍କୁ ଇଂରେଜ ସରକାରଙ୍କ ହାତରେ ଧରାଇ ଦେଇଥିଲେ । ପରିଶେଷରେ ୧୯୦୦ ମସିହା ଜୁନ୍ ମାସ ୯ ତାରିଖ ରାଞ୍ଚି ଜେଲ୍‌ରେ ପ୍ରଖ୍ୟାତ ଦେଶପ୍ରେମୀ ଜାତୀୟ ବୀରଙ୍କର ଜୀବନଦୀପ ନିର୍ବାପିତ ହେଲା । ରାଜଗାଙ୍ଗପୁରର ରାଣୀଙ୍କ ଶାସନରେ ଅତିଷ୍ଠ ହୋଇ ଆଦିବାସୀମାନେ ନିର୍ମଳ ମୁଣ୍ଡାଙ୍କର ନେତୃତ୍ୱରେ ବିଦ୍ରୋହ ଆରମ୍ଭ କଲେ । ଇଂରେଜ ସୈନ୍ୟଙ୍କ ଗୁଳିମାଡ଼ରେ ସିମ୍‌କୋ ଗ୍ରାମ ନିକଟରେ ଶତାଧିକ ବିଦ୍ରୋହୀ ଆଦିବାସୀ ଅକାଳରେ ମୃତ୍ୟୁ ମୁଖରେ ପଡ଼ିଲେ । ଶେଷରେ ନିର୍ମଳ ମୁଣ୍ଡା ଇଂରେଜମାନଙ୍କ ଦ୍ୱାରା ଗିରଫ ହୋଇଥିଲେ । କୋରାପୁଟ ଜିଲ୍ଲାରେ ଭାରତଛାଡ଼ ଆନ୍ଦୋଳନର ନେତୃତ୍ୱ ନେଇଥିବା ଆଦିବାସୀ ବୀର ଲକ୍ଷ୍ମଣ ନାଏକଙ୍କୁ ମିଥ୍ୟା ହତ୍ୟା ଅଭିଯୋଗରେ ୧୯୪୩ ଖ୍ରୀଷ୍ଟାବ୍ଦ ଅଗଷ୍ଟ ୨୯ ତାରିଖ ଦିନ ବ୍ରହ୍ମପୁରରେ ଫାଶୀ ଦିଆଯାଇଥିଲା । ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଆଦିବାସୀ ସଂପ୍ରଦାୟର ଯୋଗଦାନ ଅତୁଳନୀୟ । ସେମାନଙ୍କର ଅସାଧାରଣ ଦେଶପ୍ରେମ, ଅଦମ୍ୟ ସାହସ, ନିର୍ଭୀକ ସଂଗ୍ରାମୀ ଜୀବନ ଓ ଅସୀମ ତ୍ୟାଗ ଏ ଜାତି ପାଇଁ ଗର୍ବ ଓ ଗୌରବ । ସେମାନଙ୍କ ପ୍ରତି କୃତଜ୍ଞ ଓଡ଼ିଆ ଜାତିର ବିନମ୍ର ଶ୍ରଦ୍ଧାଞ୍ଜଳି ।

ରାଜେନ୍ଦ୍ରପଡ଼ା
ବଲାଙ୍ଗୀର- ୭୬୭୦୦୧

---

# ପ୍ରଣାମ

ଶାନ୍ତନୁ କୁମାର ଦାସ

ତମେ ଯାଇଥିଲ
ବିଜୟ ତିଳକ ପିନ୍ଧି
ରଖିବାକୁ ମାଆର ସମ୍ମାନ
ସୀମାନ୍ତକୁ ଧୋଇ ଦେଲ
ଉଷୁମ ରକ୍ତରେ
ସୀମାନ୍ତର ଧାରେ ଧାରେ
ଗଡୁଥିଲା ଶତ୍ରୁଙ୍କର
ଅସୁମାରି ଶବ ।
ବିଜୟ ଗାଥା ତମର
ପଢୁଥିଲୁ ସମ୍ବାଦପତ୍ରରେ ।

ଆଜି କିନ୍ତୁ
ରକ୍ତ ଜୁଡୁବୁଡୁ
ତବ ଶବାଧାର
ଫେରିଆସେ ଏ ଗାଆଁକୁ
କଫିନରେ
ତ୍ରିରଙ୍ଗା ପତାକା ସାଥେ
ଅସୁମାରି ପୁଷ୍ପଗୁଚ୍ଛ ତଳେ !

କଡ଼େ କଡ଼େ ଜନସ୍ରୋତ
ଯଓ୍ୱାନ ଓ ମନ୍ତ୍ରୀ ପ୍ରଶାସକ
ଜାତୀୟ ସଂଗୀତ ବାଜେ
ଗର୍ଜି ଉଠେ ତୋପ ଓ ବନ୍ଧୁକ
ଆହେ ମହାରଥୀ
ଜାତିର ନମସ୍ୟ ତମେ
ମୃତ୍ୟୁରେ ଶହୀଦ୍
କାଳଜୟୀ ନଚିକେତା
ଘେନ ଆଜି ଏ ଜାତିର
ଅଶ୍ରୁଳ ପ୍ରଣାମ !

ଅତିରିକ୍ତ ତହସିଲଦାର
ଭୁବନେଶ୍ୱର

Click Here & Upgrade
Expanded Features
Unlimited Pages
PDF Complete



# ବର୍ଷୀୟାନ ସଂଗ୍ରାମୀ ଓ କବି ଗୌରଚନ୍ଦ୍ର ମହାପାତ୍ର

କୃଷ୍ଣଚନ୍ଦ୍ର ସୁଆର

ଭାରତୀୟ ମୁକ୍ତି ସଂଗ୍ରାମରେ ଗ୍ରାମଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ବିଭିନ୍ନ କୋଣ ଅନୁକୋଣରୁ ଯେଉଁ କେତେଜଣ ଉତ୍କଳୀୟ ସାହସିକତାର ସହିତ ଯୋଗ ଦେଇଥିଲେ, ସେମାନଙ୍କ ମଧ୍ୟରେ ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧୀବାଦୀ, ଜନସେବକ, ଗ୍ରାମ ସଂଗଠକ, ଶିକ୍ଷକ ଓ ସାହିତ୍ୟିକ ଶ୍ରୀ ଗୌରଚନ୍ଦ୍ର ମହାପାତ୍ର ହେଉଛନ୍ତି ଅନ୍ୟତମ ।

ରାଜନୀତିକ ଓ ସାଂସ୍କୃତିକ ଉଭୟ ଦୃଷ୍ଟିରୁ ସେ ଏକ ଉଜ୍ଜ୍ୱଳ ପରମ୍ପରାର ଅଧିକାରୀ ।

ତାଙ୍କ ପରିବାରରେ ପାଞ୍ଚ ଛଅ ଜଣ ସତ୍ୟାଗ୍ରହରେ ଯୋଗ ଦେଇ କାରାବରଣ କରିଥିଲେ । ତାଙ୍କ ପିତା କାନ୍ତକବି ଲକ୍ଷ୍ମୀକାନ୍ତ, ଭାଇ ଔପନ୍ୟାସିକ ନିତ୍ୟାନନ୍ଦ ମହାପାତ୍ର, ଦାଦା କମଳାକାନ୍ତ, ହେମେନ୍ଦ୍ର, ଦୁଇ ପିଉସୀ ଯଥାକ୍ରମେ ଜାହ୍ନବୀ ଦେବୀ ଓ କୋକିଳା ଦେବୀ, ପିଉସା ସ୍ୱର୍ଗୀୟ ମୁକୁନ୍ଦ ପ୍ରସାଦ ଦାସ (ଓଡ଼ିଶା ବିଧାନସଭାର ପ୍ରଥମ ବାଚସ୍ପତି) ଓ ତାଙ୍କ ପୁତ୍ର ଗାନ୍ଧିବାଦୀ, ଆଡଭୋକେଟ ଗୌର ଗୋପାଳ ଦାସଙ୍କ ସମେତ ତାଙ୍କ ଜେଜେ ସ୍ୱର୍ଗୀୟ ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ମହାପାତ୍ର ଗାନ୍ଧୀଙ୍କ ଡାକରାରେ ବ୍ରିଟିଶ ବିରୋଧରେ କିଛି ନା କିଛି କାର୍ଯ୍ୟ କରିଥିଲେ । ଭାରତର ସ୍ୱାଧୀନତା ଆନ୍ଦୋଳନରେ କଟକ ଅଞ୍ଚଳର ଚୌଧୁରୀ ପରିବାର ଭଳି ସର୍ବାଧିକ ସଭ୍ୟ ଯୋଗ ଦେଇ କାରାବରଣ କରିବା ଓ ନିର୍ଯ୍ୟାତନା ଭୋଗ କରିବାରେ ଭଦ୍ରକ ଅଞ୍ଚଳର କାନ୍ତକବିଙ୍କ ପରିବାର ହେଉଛି ଅବିସ୍ମରଣୀୟ ।

ପବିତ୍ର ପୁଣ୍ୟତୋୟା ସାଳନ୍ଦୀ ନଦୀର ପାର୍ଶ୍ୱରେ ଅବସ୍ଥିତ ଭଦ୍ରକ ସହରରେ ସେ ୧୯୧୫ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ପ୍ରତ୍ୟେକ କବି, ଲେଖକଙ୍କ ଗାଁ ପ୍ରତି ରହିଥିବା ମୋହପରି କବି ଗୌରଚନ୍ଦ୍ରଙ୍କ ଜନ୍ମମାଟି, ମାଆର ବର୍ଣ୍ଣନା ଏକାନ୍ତ ପ୍ରଣିଧାନଯୋଗ୍ୟ -

'ଯେ ମାଟି ଦେଇଛି    ଜନମ ମୋତେରେ
ଆହାର ଦେଇଛି ମୋହରି ମୁଖେ,
ମନରେ ଦେଇଛି    ଅକଳନ୍ତି ବଳ
ସାହସ ଦେଇଛି ମୋହରି ବୁକେ ।



କେତେ ଫୁଲ ଫଳ    ନିରିମଳ ଜଳ
ପବନ ଶୀତଳ ରହିଛି ଯହିଁ,
ସେଇ ମୋର ଗାଆଁ    ସେଇ ମୋର ମାଆ
ତା'ପରି ମହୀରେ କେହିତ ନାହିଁ ।'
(ତା' ଛବି ଅଭୁଲା)

ତାଙ୍କ ପିତାଙ୍କ ନାମ ସ୍ୱର୍ଗତଃ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର । 'ବନ୍ଦେ ଉତ୍କଳ ଜନନୀ'ର ସ୍ରଷ୍ଟା ଭାବରେ ସେ ଓଡ଼ିଶାର ଘରେ ଘରେ ପରିଚିତ । ମାତା ଥିଲେ ଲବଙ୍ଗଲତା ଦେବୀ । ବାପା ମାଆଙ୍କ କନିଷ୍ଠ ପୁତ୍ର ରୂପେ ସେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପିତା, ମାତା, ବଡ଼ଭାଇ ଓ ଅନ୍ୟାନ୍ୟ ଗୁରୁଜନଙ୍କ ଆଦର୍ଶ ଗୌରଚନ୍ଦ୍ରଙ୍କ ଜୀବନକୁ ବହୁ ଭାବରେ ପ୍ରଭାବିତ କରିଥିଲା ।

ପିତାଙ୍କ ବଳିଷ୍ଠ ଆଦର୍ଶ ଏବଂ ସ୍ୱାଧୀନତା ସଂଗ୍ରାମରେ ଉତ୍ସର୍ଗୀକୃତ ଯୋଗଦାନ ଯୋଗୁଁ ଗୌରଚନ୍ଦ୍ର କୌଣସି ଶିକ୍ଷାନୁଷ୍ଠାନରେ ଆନୁଷ୍ଠାନିକ ଶିକ୍ଷା ଗ୍ରହଣ କରିପାରିନଥିଲେ ମଧ୍ୟ ପଢ଼ିବା ପାଇଁ ତାଙ୍କର ବିଶେଷ ଆଗ୍ରହ ଥିବାରୁ ସେ ଜେଲରୁ ଫେରିବା ପରେ ମାଟ୍ରିକ୍ ଓ ମାଟ୍ରିକ୍ ପାଶ୍‌ର ପ୍ରାୟ ଦଶବର୍ଷ ପରେ ସେ ଆଇ.ଏ. ଓ ବି.ଏ. ପାଶ୍ କରିଥିଲେ । ବି.ଏ. ପାଶ୍‌ର ଦଶ ବର୍ଷ ପରେ ସେ ବି.ଏଡ୍. ଶିକ୍ଷକ ଟ୍ରେନିଂ ପ୍ରାପ୍ତ ହୋଇଥିଲେ । ଘରୋଇ ହାଇସ୍କୁଲରେ ଜଣେ ସହକାରୀ ଶିକ୍ଷକ ଭାବେ ସେ କାର୍ଯ୍ୟ ଆରମ୍ଭ କରିଥିଲେ । ଚାଷବାସ ଖବର

Click Here & Upgrade
Expanded Features
Unlimited Pages
PDF Complete Documents



ବୁଝିବା, ଫୁଲଫଳ ବଗିଚା କରିବା ପିତାଙ୍କ ପ୍ରତିଷ୍ଠିତ 'ଡଗର' ପତ୍ରିକା ଚଳାଇବା ମଧ୍ୟରେ ସେ ଅନେକ କାବ୍ୟ କବିତା ଓ ଗଳ୍ପ ରଚନା କରିଥିଲେ । ପରେ ହାଇସ୍କୁଲର ପ୍ରଧାନ ଶିକ୍ଷକ ମଧ୍ୟ ହୋଇଗଲେ ।

ସେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ ଦୁଇ ବର୍ଷରୁ ଅଧିକ କାଳ ସେ କାରାଦଣ୍ଡ ଭୋଗ କରିଥିଲେ । ତାଙ୍କ ରଚନାବଳୀ ମଧ୍ୟ ହରିଜନ ଗୀତ, ଶାସନର ଚକ ତଳେ (କବିତା), ଅର୍ଥଶକ୍ତି କବଳରୁ ଗଣତନ୍ତ୍ରକୁ ବଞ୍ଚାଅ (ଅନୁବାଦ) ଏବଂ 'ଆମ ଗାଁ', କବିତା ପୁସ୍ତକ ଅତ୍ୟନ୍ତ ଶିକ୍ଷଣୀୟ ଓ ଉପାଦେୟ ମନେହୁଏ ।

ସେତେବେଳେ ବ୍ରିଟିଶ ବିରୋଧୀ ସଂଗୀତ ଓ ଓଜସ୍ୱିନୀ ବକ୍ତୃତା ଶୁଣି ଗାନ୍ଧିଜୀଙ୍କର ଆଦର୍ଶ, ଆଚରଣରେ ତାଙ୍କର ଯୁବମାନସ ପ୍ରଭାବିତ ହୋଇଥିଲା । ନିରୀହ ଲବଣ ସତ୍ୟାଗ୍ରହୀମାନଙ୍କ ପିଠିରେ ଲାଠିମାଡ଼, ଜୋତା ମାଡ଼ ଦେଖି ଛାତ୍ରାବସ୍ଥାରେ ତାଙ୍କ ମନ ବିଦ୍ରୋହ କରି ଉଠିଥିଲା । ଦେଶର ହଜାର ହଜାର ଛାତ୍ର ଓ ଅଗଣିତ ନରନାରୀ ତେଣୁ ସେଥିରେ ସାମିଲ ହୋଇଥିଲେ । ବିଶେଷତଃ ପିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଜାତୀୟ କବି ବାଞ୍ଛାନିଧି ଓ ବୀର କିଶୋରଙ୍କ ଦେଶାତ୍ମବୋଧକ ସଂଗୀତ ତାଙ୍କ ମନରେ ଗଭୀର ପ୍ରଭାବ ପକାଇବା ସଙ୍ଗେସଙ୍ଗେ ତାଙ୍କୁ ଦେଶ ପ୍ରେମରେ ଉଦ୍‌ବୁଦ୍ଧ କରିଥିଲା । ତେଣୁ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ତାଙ୍କର ସହପାଠୀ ଥିଲେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ, ସ୍ୱର୍ଗୀୟ ଡାକ୍ତର ନିହାର ଘୋଷ, ସ୍ୱର୍ଗତଃ କୈଳାସ ମହାନ୍ତି ଓ ଲାଲା । ୧୯୩୨ ମସିହାରେ ଛାତ୍ରାବସ୍ଥାରେ ସେ କେତେକ ସହପାଠୀ ଓ ବନ୍ଧୁମାନଙ୍କ ସହ ବନ୍ଦୀ ହୋଇଥିଲେ । କାରଣ ସେମାନେ ଭଦ୍ରକର କୁଆଁସ ପଡ଼ିଆରେ ସଭା କରିବାକୁ ଯାଇଥିଲେ । ସଭା ଆରମ୍ଭ ହୋଇଛି କି ନାହିଁ ସମସ୍ତଙ୍କୁ ପୋଲିସ୍ ଧରି ନେଇ ଯାଇଥିଲା । ସଂଗ୍ରାମୀ ଗୌର ବାବୁଙ୍କ ସହିତ ଆଉ ଜଣକୁ ହାଜତରୁ ଛାଡ଼ି ଦେଲେ । ଅନ୍ୟମାନଙ୍କୁ ଅଳ୍ପ ଦିନ ପାଇଁ ଦଣ୍ଡ ହୋଇଥିଲା । ସେତେବେଳେ ଏହି ସମସ୍ତ ଛାତ୍ର ପ୍ରାୟ ଭଦ୍ରକ ହାଇସ୍କୁଲରେ ପଢୁଥିଲେ । ସେମାନଙ୍କ ମଧ୍ୟରୁ ସୁଧାକର ମିଶ୍ର ନାମକ ଜନୈକ ଛାତ୍ର ଭଦ୍ରକ କଚେରୀରେ ଅଦାଲତ କୋଠି ଉପରେ ତ୍ରିରଙ୍ଗା ପତାକା ଉଡାଇଥିଲେ । କବି ବାଞ୍ଛାନିଧି ମହାନ୍ତିଙ୍କର 'ଲାଗିଲାରେ ଯୁଦ୍ଧ ଲାଗିଲା, ଦେଶ ସ୍ୱାଧୀନତା ଯୁଦ୍ଧ ଲାଗିଲା', 'ଛୁଇଁ ଦେଲେ ଛୁଅନ୍ତା ମୁଁ ହେଲି' ଓ କାନ୍ତକବିଙ୍କର 'ଗାନ୍ଧୀବୁଢ଼ା' ଓ 'ଅଛବ ଗୁହାରୀ' ଖୁବ୍ ବୋଲା ହେଉଥିଲା ଓ ଚାରିଆଡ଼େ ଚହଳ ପକାଇ ଦେଉଥିଲା । ବ୍ରିଟିଶ ସରକାରଙ୍କ ବିରୋଧରେ ଅନେକ ପ୍ରଚାର ଚାଲିବା ଭିତରେ ଗୋଟିଏ ପ୍ରଚାରପତ୍ର ଭଦ୍ରକସ୍ଥ ତାଙ୍କ ଗୋପୀନାଥ ପ୍ରେସ୍‌ରେ ଛପା ହୋଇଥିଲା । ସେଥିରେ ପ୍ରେସ୍‌ର ମୁଦ୍ରାକର ଭାବେ ତାଙ୍କ ନାମ ଥିଲା । ତେଣୁ ତାଙ୍କୁ ସେତିକି ବେଳେ ଅର୍ଥଦଣ୍ଡ କରାଯାଇଥିଲା । ହାଇକୋର୍ଟ ପର୍ଯ୍ୟନ୍ତ ସେ ଏଥିପାଇଁ ଲଢ଼ି ଥିଲେ ମାତ୍ର ଦଣ୍ଡ କାଏମ୍ ରହିଥିଲା । କିନ୍ତୁ ପ୍ରକୃତ ସଂଗ୍ରାମୀଙ୍କ କଷ୍ଟ ତୁଳନାରେ ସେ ଦଣ୍ଡ କିଛି ନଥିଲା ।

ସେ ମାଇନର କ୍ଲାସରେ ପଢୁଥିଲା ବେଳୁ ଦେଶରେ ବ୍ରିଟିଶ ରାଜୁତି ଆରମ୍ଭ ହୋଇଥିଲା । ସେତେବେଳର ଯୁବକମାନଙ୍କ ଆଗରେ ଗାନ୍ଧୀ ଆଉ କଂଗ୍ରେସ ବ୍ୟତୀତ ଆଉ କିଛି ନଥିଲା । ପିଲାମାନେ ସେତେବେଳେ ଜାମାପଟା ନପିନ୍ଧି ଖାଲି ଧୋତି ଚାଦର ପିନ୍ଧିବା ଆରମ୍ଭ କଲେ । କେତେକ ଆଜୀବନ ପିନ୍ଧିବାକୁ ମଧ୍ୟ ପଣ କରିଥିଲେ । ପଢ଼ା ପିଲାମାନଙ୍କ ଭିତରେ କ୍ରମେ ବ୍ରିଟିଶ ରାଜତ୍ୱ ପ୍ରତି ତିକ୍ତ ଭାବ ବୃଦ୍ଧି ପାଇଥିଲା । କାରଣ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇ ଯେଉଁମାନେ ଜେଲ୍ ଯାଉଥିଲେ, ସେମାନେ ବିଭିନ୍ନ ନିର୍ଯ୍ୟାତନା ଭୋଗିବା ସାଙ୍ଗକୁ ତାଙ୍କ ଘରର ଆସବାବପତ୍ର, ଦୁଧିଆଳୀ ଗାଈ, ବାଛୁରୀ ସବୁ ନିଲାମ ହୋଇଯାଇଥିଲା । ଜୋରିମାନା ବାବଦକୁ ଭରଣା କରାଗଲା ବୋଲି ପୋଲିସ୍‌ବାଲା ମିଛରେ କହୁଥିଲେ । ଶୀତ ଦିନ ରାତିରେ ବାଲେଶ୍ୱର ଥାନା ପାଖ ପୋଖରୀରେ ପୋଲିସ ସତ୍ୟାଗ୍ରହୀମାନଙ୍କୁ ରାତି ୯ଟା ୧୦ ଟା ବେଳେ ଜବରଦସ୍ତ ପାଣିରେ ବୁଡ଼ାଇବା, ଆଉ କେତେକ କର୍ମୀଙ୍କୁ ଛୋଟିଆ ଘର ଭିତରେ ରଖି ଲଙ୍କା ଧୂଆଁ ଦେବା ଓ କଂଗ୍ରେସରେ ନ ମିଶିବା ପାଇଁ ବାରଣ କରିବା ସମେତ ବିଭିନ୍ନ ଅତ୍ୟାଚାର କରୁଥିଲେ । ତଥାପି ସ୍ୱରାଜ୍ୟର ସ୍ୱପ୍ନ ସେମାନଙ୍କୁ ପାଗଳ କରିଥିଲା ଓ ସେମାନେ ଦୃଢ଼ ନିଶ୍ଚିତ ଥିଲେ ଯେ ସତ୍ୟାଗ୍ରହରେ ପରାଜୟ ନାହିଁ । କିନ୍ତୁ ଆଜିର ପରିସ୍ଥିତି ଓଲଟା ହୋଇଯିବାରେ ତାଙ୍କର ସଂଗ୍ରାମୀ ପ୍ରାଣ କହେ, 'ଆଜି ପିଲାଙ୍କ ମନରେ କ୍ରିକେଟ ଖେଳାଳୀ ଆଉ ସିନେମା ଷ୍ଟାର ଯେମିତି ଜମାଟ ବାନ୍ଧି ରହିଛନ୍ତି, ସେତେବେଳେ ଗାନ୍ଧୀ ଓ ଗୋପବନ୍ଧୁ ସେମିତି ଆମ ହୃଦୟରେ ଆସ୍ଥାନ ଜମାଇ ଥିଲେ ।' ୧୯୨୮ ମସିହାରେ ଆମ ଦେଶକୁ ସାଇମନ କମିଶନ୍ ଆସିବାବେଳେ ଆମର ନେତା ଓ କଂଗ୍ରେସ କର୍ମୀମାନେ ଦୃଢ଼ ବିରୋଧ କରିଥିଲେ । ସେତିକିବେଳେ ଅନେକ ଲୋକଙ୍କ ମନରେ ଜାତୀୟ ଚେତନା ଓ ସ୍ୱଦେଶୀ ଭାବନା ଆସିଥିଲା । ପୁନଶ୍ଚ ୧୯୩୦ର ଲବଣ ସତ୍ୟାଗ୍ରହବେଳେ ଦେଶର ବହୁ ମାନ୍ୟଗଣ୍ୟ କର୍ମୀମାନେ କାରାବରଣ କରିବାରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ଭଦ୍ରକସ୍ଥିତ ବାସଭବନ 'ଭାଗବତ ଭବନ'ରେ ଜାତୀୟ ଆନ୍ଦୋଳନର ଗୁପ୍ତ ପରାମର୍ଶ ଓ ଆଲୋଚନା ଚାଲିଥିଲା । ଆନନ୍ଦପୁର ଓରାଳିର ଶ୍ରୀରାମ ପଟ୍ଟନାୟକ, ଭଣ୍ଡାରିପୋଖରୀର ଧନେଶ୍ୱର ଦାସ ପ୍ରଭୃତି ବ୍ରିଟିଶ ବିରୋଧୀ ପ୍ରଚାରପତ୍ର 'ବୁଲେଟିନ୍' ବାଣ୍ଟି ଆନ୍ଦୋଳନକୁ ସକ୍ରିୟ କରି ରଖିଥିଲେ । ସେହି ପ୍ରଚାରପତ୍ରଗୁଡ଼ିକ ଲିଥୋ କରାଯାଉଥାଏ । ଏପରି ଭାଷା ଏବଂ ଭାବର ଲେଖା କେଉଁଠି, କିଏ କେମିତି ପ୍ରକାଶ କରୁଛି ବୋଲି ଲୋକେ ଆଶ୍ଚର୍ଯ୍ୟ ହୋଇ ଯାଉଥାନ୍ତି । କିନ୍ତୁ ଏ ସମସ୍ତ ପ୍ରଚାରପତ୍ରର ଭାଷା ଓ ଭାବକାର ଥିଲେ, 'ପଞ୍ଚାମୃତ'ର ଛଦ୍ମଲେଖକ ତାଙ୍କ ପିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର । ଏତଦ୍‌ବ୍ୟତୀତ ବିହାର ଓଡ଼ିଶା ବ୍ୟବସ୍ଥା ସଭାରେ ତାଙ୍କ ଜେଜେ ସ୍ୱର୍ଗୀୟ ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ମହାପାତ୍ର ଓଡ଼ିଶାର ଲୋକଙ୍କୁ ଲୁଣ ମାରିବାର ଅଧିକାର ଦେବା ସକାଶେ ବହୁବାର ଦାବି କରିଥିଲେ । ବିହାର-ଓଡ଼ିଶା ବ୍ୟବସ୍ଥା ସଭାରେ ସେ

Click Here & Upgrade
Expanded Features
Unlimited Pages
PDF Complete Documents



ତିନିଥର ଉପ-ସଭାପତି (ବାଚସ୍ପତି) ହେବାର ଗୌରବ ମଧ ଅର୍ଜନ କରିଥିଲେ ।

ଗାନ୍ଧିଜୀଙ୍କର ଲୁଣ ମାରିବା କଥା ଶୁଣି ଚୌଧୁରୀ ଭାଗବତ ବାବୁ ଆନନ୍ଦିତ ହୋଇ କଂଗ୍ରେସରେ ଯୋଗ ଦେଇଥିଲେ । ପୁଣି ଯେତେବେଳେ ସତ୍ୟାଗ୍ରହୀଙ୍କ ଉପରେ ମାଡ଼ ହେଲା ଭାଗବତ ବାବୁ ପ୍ରତିବାଦ କରି ବ୍ୟବସ୍ଥା ସଭାର ସଭ୍ୟ ପଦରୁ ଇସ୍ତଫା ଦେଇଥିଲେ । ସେ ଜେଲ ଯାଇ ନଥିଲେ ମଧ ଗାନ୍ଧୀଙ୍କର ରଚନାତ୍ମକ କାର୍ଯ୍ୟରେ ସଂପୂର୍ଣ୍ଣ ଭାବେ ଲିପ୍ତ ଥିଲେ । ସେ 'ଉତ୍କଳ ସମ୍ମିଳନୀ'ର ଜଣେ ପ୍ରମୁଖ ସଭ୍ୟ ତଥା ମଧୁସୂଦନଙ୍କର ଏକାନ୍ତ ଅନୁଗତ ଥିଲେ । ମଧୁବାବୁଙ୍କ ଭଳି ସେ ମଧ ଓଡ଼ିଆମାନଙ୍କର ସ୍ୱାଭିମାନର ପ୍ରତୀକ 'ପଗଡ଼ି' ପିନ୍ଧି ସଭା ସମିତି ଓ ବିହାର ଓଡ଼ିଶା କାଉନସିଲକୁ ଯାଉଥିଲେ । ମଧୁବାବୁଙ୍କ ଆଦର୍ଶରେ ନିଜ ଅଞ୍ଚଳରେ କୁଟୀର ଶିଳ୍ପର ପ୍ରଚାର ଓ ପ୍ରସାର ପାଇଁ ବିଭିନ୍ନ ଅନୁଷ୍ଠାନ ଗଢ଼ିଥିଲେ ।

ପୁନଶ୍ଚ ଗୌରବାବୁ ୧୯୪୨ ମସିହାରେ ବିଦେଶୀ ଜିନିଷ ବର୍ଜନ କରିବା ପାଇଁ ଲୋକଙ୍କୁ ପ୍ରବର୍ତ୍ତାଇବା ସଂଗେ ସରକାରୀ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିବା ଯୋଗୁଁ ଗାଁର କେତେକ ସହକର୍ମୀଙ୍କ ସହ ତାଳପଦାରେ ଗିରଫ ହୋଇଥିଲେ । ସେତେବେଳେ ସେ ନିଜେ ଖଦଡ଼ ବସ୍ତ୍ର ପିନ୍ଧୁଥିଲେ ଓ ବିଭିନ୍ନ ହାତ ଲେଖା ପତ୍ରିକା ମାଧମରେ ସ୍ୱଦେଶୀ ଭାବନା ଓ ଗାନ୍ଧୀବାଣୀ ପ୍ରଚାର କାର୍ଯ୍ୟରେ ନିମଗ୍ନ ଥିଲେ ।

ଭାରତଛାଡ଼ ଆନ୍ଦୋଳନ ବେଳର କଥା ମନେ ପକାଇ ସେ କହନ୍ତି - ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବ୍ରିଟିଶ ସରକାର ଗାଁ ଗହଳରୁ ଜୋରଜବରଦସ୍ତ ଯୁଦ୍ଧ ଚାନ୍ଦା ଆଦାୟ କରୁଥିଲେ । ଚାରିଆଡ଼େ ଆତଙ୍କରାଜ ଖେଳି ଯାଇଥିଲା । ବ୍ରିଟିଶ ବିରୋଧୀ ପ୍ରାଚୀରପତ୍ର ଗୌର ଚନ୍ଦ୍ରଙ୍କ ଘରୁ ଖାନତଲାସି କରିବା ପାଇଁ ଭଦ୍ରକ ଥାନାର ତତ୍କାଳୀନ ପୋଲିସ ଅଫିସର ଆସି ହାତରେ ବେଡ଼ି ଓ ଅଣ୍ଟାରେ ଦଉଡ଼ି ବାନ୍ଧି ତାଙ୍କୁ ଘରୁ ଚଲେଇ ଚଲେଇ ଭଦ୍ରକ ଜେଲ୍ ପଠାଇଥିଲେ । ଭଦ୍ରକ ଜେଲ୍‌ରେ ଅନେକ ସହବନ୍ଦୀଙ୍କ ସହିତ ଲୁଣିଆ ଆନ୍ଦୋଳନର ସର୍ଦ୍ଦାର ମୂରଲୀ ପଣ୍ଡାଙ୍କ ସହିତ ତାଙ୍କର ସାକ୍ଷାତ ହୋଇଥିଲା । କାରଣ ଲୁଣିଆର ଆନ୍ଦୋଳନକୁ ସେଠାରେ ସୀମିତ ନରଖି ଭଦ୍ରକକୁ ନେବାକୁ ଲୁଣିଆର ପୋଲିସ୍ ଗୁଳିରେ ଲୋକମାନେ ମରିବାର ଅବ୍ୟବହିତ ପୂର୍ବରୁ ସେ ଏବଂ ତାଙ୍କର କଂଗ୍ରେସ ପ୍ରେମୀ ଦାଦା ହେମେନ୍ଦ୍ର ମହାପାତ୍ର ଲୁଣିଆ ଯାଇଥିଲେ । ଭଦ୍ରକ ଜେଲ୍‌ରେ ସେ କିଛିଦିନ ରହିବା ପରେ ତାଙ୍କୁ କଟକ ଜେଲ୍‌କୁ ସ୍ଥାନାନ୍ତରିତ କରାଯାଇଥିଲା । ସାଧାରଣ ଲୋକେ କିନ୍ତୁ ସେ ରାଜନୈତିକ ବନ୍ଦୀ ଥିବା କଥା ନଜାଣି ନିଶ୍ଚୟ ଚୋର, ଡକାୟତି କରିଥିବ ବୋଲି ସନ୍ଦେହ କରୁଥିଲେ ।

ଜେଲ୍‌ରେ ଖିଆପିଆ ସରିବା ପରେ ଆଉ କେହି କାହାରିକୁ ଦେଖିବାର ସୁଯୋଗ ନଥାଏ । କେବଳ ନିଜ ୱାର୍ଡ଼ ମଧରେ ବନ୍ଦୀମାନଙ୍କ ସହ ବାର୍ତ୍ତାଳାପ ହେଉଥାଏ । ସେହି ଜେଲ୍‌ରେ ସେତେବେଳେ 'ସମାଜ'ର ତତ୍କାଳୀନ ସଂପାଦକ ଲିଙ୍ଗରାଜ ମିଶ୍ର ବନ୍ଦୀ ଥିଲେ ଓ ସେ ସମସ୍ତ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଉଥିଲେ । ସେତେବେଳେ ଜାନୁଆରୀ ୨୬କୁ ସ୍ୱାଧୀନତା ଦିବସ ବୋଲି ସେମାନେ ମାନୁ ଥିଲେ । କାରଣ କଂଗ୍ରେସର ଗୋଟିଏ ଖୋଲା ଅଧିବେଶନରେ ଏହି ଭଳି ଏକ ଜାନୁଆରୀ ୨୬ ତାରିଖରେ ଭାରତ ପୂର୍ଣ୍ଣ ସ୍ୱାଧୀନତା ଚାହେଁ ଏବଂ ତାହା ଭାରତୀୟମାନଙ୍କର ଜନ୍ମଗତ ଅଧିକାର ବୋଲି ଘୋଷଣା କରାଯାଇଥିଲା । ତେଣୁ ଭାରତ ସ୍ୱାଧୀନତା ହେବା ପୂର୍ବରୁ ଜାନୁଆରୀ ୨୬କୁ ଗଣତନ୍ତ୍ର ଦିବସ ନକହି ସ୍ୱାଧୀନତା ଦିବସ ବୋଲି କହି ସେମାନେ ସମ୍ମାନ ଦେଉଥିଲେ । କଟକ ଜେଲ୍‌ରେ ସେ ବନ୍ଦୀ ଥିଲାବେଳେ ୧୯୪୮ ମସିହା ଜାନୁଆରୀ ୨୬ ତାରିଖ ଦିନ ପତାକା ଉତ୍ତୋଳନ ଉତ୍ସବରେ ସହବନ୍ଦୀମାନଙ୍କ ସହିତ 'ଝଣ୍ଡା ଉଁଚା ରହେ ହମାରା' ଗୀତ ବୋଲି ଥିଲେ । ତତ୍‌ପରେ ପରେ ଲାଠିଧାରୀ ପୋଲିସର ଦମନଲୀଳା ଆରମ୍ଭ ହୋଇ ଯାଇଥିଲା । ତା'ପରଠୁ ବନ୍ଦୀମାନଙ୍କୁ ଆଉ ଏକାଠି ହେବାର ସୁଯୋଗ ଦିଆଯାଇ ନଥିଲା । କିନ୍ତୁ ବନ୍ଦୀମାନେ ନ ଖାଇ ନ ପିଇ ଅନଶନ କରିବାରୁ ମୁଖ୍ୟ ଦାବିଗୁଡ଼ିକ ଜେଲ୍ କର୍ତ୍ତୃପକ୍ଷ - ମାନି ନେବା ସହିତ ବନ୍ଦୀମାନେ ଭାବର ଆଦାନ ପ୍ରଦାନ ସ୍ୱରୂପ ପୂର୍ବଭଳି ମିଳିମିଶି ପାରିଥିଲେ । ଶ୍ରୀ ମହାପାତ୍ର ଯେଉଁ ୱାର୍ଡ଼ରେ ରହିଥିଲେ ସେହି ୱାର୍ଡ଼ରେ ଗଞ୍ଜାମର ତେଲୁଗୁଭାଷୀ ଲୋକ ମାଷ୍ଟର ସାନ୍ନାୟାଁ ରହୁଥିଲେ । ସେ ଥିଲେ ଜଣେ ଦେବ ପ୍ରତିମ ବ୍ୟକ୍ତି । ଏତଦ୍‌ବ୍ୟତୀତ ସେହି ୱାର୍ଡ଼ରେ ସେତେବେଳେ ସ୍ୱର୍ଗତଃ ସୁରେନ୍ଦ୍ର ନାଥ ଦ୍ୱିବେଦୀ, ସ୍ୱର୍ଗୀୟ ରାମକୃଷ୍ଣ ପତି ଓ ସ୍ୱର୍ଗତ ଭୈରବ ମହାନ୍ତିଙ୍କ ଭଳି ଟାଣୁଆ ନେତାମାନେ ଥିଲେ । ସ୍ୱର୍ଗତଃ ନିଶାମଣି ଖୁଣ୍ଟିଆ ଓ ଶରତ ମହାରଣା ମଧ ସେହି ଜେଲ୍‌ରେ କିଛି ଦିନ ରହିଥିଲେ । ସେତେବେଳେ ଗୌରବାବୁଙ୍କ ବିରୋଧରେ ହତ୍ୟା, ଘରପୋଡ଼ି, ରେଳଧାରଣା ଉଠାଇବା ଓ ଟେଲିଗ୍ରାଫ୍ ତାର କାଟି ନେବା ପରି ଗୁରୁତର ମିଥ୍ୟା ଅଭିଯୋଗମାନ ଥିଲା । ବିଚାରପତି ମାଜିଷ୍ଟ୍ରେଟ୍ ମନୀନ୍ଦ୍ର ଗୁହଙ୍କ ଉପସ୍ଥିତିରେ ପୋଲିସ୍ ଏ ସବୁ ଅଭିଯୋଗର ସାକ୍ଷୀ ଦେଇ ନପାରିବାରୁ ହାକିମ୍ ନିର୍ଦ୍ଦୋଷରେ ତାଙ୍କୁ ଖଲାସ କରିଥିଲେ । କିନ୍ତୁ ପୋଲିସ ତାଙ୍କୁ ପୁଣି ଭାରତ ରକ୍ଷା ଆଇନ୍ (Defence Act of India) ବଳରେ ଅଟକବନ୍ଦୀ ବା Security Prisioner କରିଥିଲେ । କିଛିଦିନ ପରେ ତାଙ୍କୁ ପୋଲିସ୍ ଘେରରେ କଟକ ଜେଲ୍‌ରୁ ବ୍ରହ୍ମପୁରସ୍ଥିତ ସେଣ୍ଟ୍ରାଲ ଜେଲ୍‌କୁ ପଠାଯାଇଥିଲା । ସେଠାରେ ସେ ପ୍ରାୟ ଦୁଇ ବର୍ଷ କାଳ ରହିଥିଲେ ଏବଂ ତାଙ୍କର ସଂଗ୍ରାମୀ ଜୀବନ ଯଶଃଯୁକ୍ତ ହୋଇଥିଲା ।

ଗାନ୍ଧିଜୀ କହୁଥିଲେ ଆମେ ଯେଉଁ କାମ କରିବା ତାହାଦ୍ୱାରା ଆମେ ଦେଖିଥିବା ସବୁଠାରୁ ଗରିବ ଲୋକ କିପରି ଉପକୃତ ହେଉଛି ତାହା ବିଚାରିବା କଥା । ରାତି ଅଧରେ ସ୍ୱରାଜ୍ୟରେ ଜଣେ ନାରୀ ନିରାପଦରେ ବିଚରଣ କରିପାରିବ । ଆପତ୍ତି ଅଭିଯୋଗ ପ୍ରତି ଧାନ

Click Here & Upgrade
Expanded Features
Unlimited Pages
PDF Complete



ଦେବ, ସବୁଠାରୁ ତଳେ ରହିଥିବା ଲୋକ ଅନୁଭବ କରୁଥିବ ଯେ ପ୍ରଶାସନର ପରିଚାଳନାରେ ମୋର କିଛି ଭୂମିକା ଅଛି । ମୋର କହିବା ଅଧିକାର ଅଛି । ନ୍ୟାୟର ଶାସନ ଚାଲିବା ସଙ୍ଗେସଙ୍ଗେ ଜନସାଧାରଣଙ୍କୁ ନିର୍ଭୟ, ନିରାପଦ ଓ ନିରୋଗ କରିବାରେ ପ୍ରଶାସନ ଯଥେଷ୍ଟ ସହାୟକ ହେବ । ଏଭଳି ସ୍ୱପ୍ନ ଦେଖି ଭବିଷ୍ୟତକୁ ଜଳାଞ୍ଜଳି ଦେଇ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ ।

ସ୍ୱାଧୀନତା ପ୍ରାପ୍ତିର ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ହୋଇଥିଲେ ମଧ୍ୟ ପରିଣତ ବୟସରେ ସେ ସ୍ୱାଧୀନତା ପ୍ରାପ୍ତିର ସ୍ୱପ୍ନ ସାକାର ହୋଇନଥିବା ନେଇ କ୍ଷେଦୋକ୍ତି ପ୍ରକାଶ କରନ୍ତି । ତେଣୁ ତାଙ୍କର କବି ପ୍ରାଣରୁ ନିଷ୍ପନ୍ନ ପଂକ୍ତି ଏକାନ୍ତ ପ୍ରଣିଧାନଯୋଗ୍ୟ ମନେହୁଏ -

'ତୁମେ କହିଥିଲ ଫେରିବାକୁ ଗ୍ରାମେ
ଆମେ କି ପାରିଲୁ ଫେରି,
ତୁମ କଳପନା କଥାରେ ରହିଛି
କାମରେ ତ ଖାଲି ଡେରି ।
କହିଥିଲ ପରା ସବୁଠୁଁ ଗରିବ
ପାଇବ ସ୍ୱରାଜ୍ୟ ସୁଖ,
କୁଟୀରେ କୁଟୀରେ ଧନ୍ଦା ଲାଗିଯିବ
ନଥିବ ଅଭାବ ଦୁଃଖ ।
ଗ୍ରାମର ଉନ୍ନତି ପାଇଁ କେତେ ଭାଁତି
ପାଣି ପରି ଧନ ଛୁଟେ,
ତଥାପି କାହିଁକି ଗରିବ କଷଣ
ତିଳେ ହେଲେ ନାହିଁ ତୁଟେ ।'
(ଗାନ୍ଧୀ ଓ ଗ୍ରାମ)

ଏତଦ୍‌ବ୍ୟତୀତ ଆମର ଆତ୍ମକୈନ୍ଦ୍ରିକତା, ସମାଜ ପ୍ରତି କର୍ତ୍ତବ୍ୟବୋଧ, ପରସ୍ପର ପ୍ରତି ସହାନୁଭୂତି ଓ ମମତାବୋଧର ଢେର ଅଭାବ ନେଇ ସେ ଅଧିକ ମର୍ମାହତ ହୋଇଥିବା ଜଣାଯାଏ ।

ଦେଶ ସ୍ୱାବଲମ୍ବୀ ତଥା ଉନ୍ନତ ଓ ସ୍ୱଚ୍ଛଳ ହେବା ପାଇଁ କର୍ମପ୍ରେରଣାର ଆବଶ୍ୟକତା ଉପରେ ସେ ଅଧିକ ଗୁରୁତ୍ୱାରୋପ କରନ୍ତି । ଆଜିର ଯୁବମାନସରେ ସେହି ପ୍ରକାର ପ୍ରତ୍ୟୟ ସୃଷ୍ଟି କରିବାକୁ ହେଲେ ଯେଉଁମାନେ ଆଜି ସମାଜରେ ପ୍ରତିଷ୍ଠିତ, ସଙ୍ଗତି ସମ୍ପନ୍ନ ସେମାନେ କିଛି ଚିନ୍ତା କରିବା ଆବଶ୍ୟକ । ପ୍ରତ୍ୟେକ ଉଚ୍ଚପଦସ୍ଥ ରାଜନେତା ହୁଅନ୍ତୁ, ରାଜ କର୍ମଚାରୀ ହୁଅନ୍ତୁ, ଧନୀ ବ୍ୟବସାୟୀ ହୁଅନ୍ତୁ ସେମାନେ ନିଜ ପରିବାରର ସନ୍ତାନସନ୍ତତିଙ୍କ ପାଇଁ ଯେପରି ଚିନ୍ତା କରୁଛନ୍ତି, ସେହିପରି ସାରା ସମାଜର ଯୁବକମାନଙ୍କ ପାଇଁ ତାଙ୍କର କର୍ତ୍ତବ୍ୟ ଅଛି ବୋଲି ବିଚାରିବା ବିଧେୟ । କାରଣ ସମାଜ ହିଁ ତାଙ୍କୁ ଯେଉଁ ଆସନ, ଅଧିକାର ଦେଇଛି ସମାଜ ପ୍ରତି କୃତଜ୍ଞତାବୋଧ ନ୍ୟାୟରେ ସମାଜର ଯୁବକମାନଙ୍କ ପାଇଁ ସ୍ୱଚ୍ଛଳ ଲୋକମାନେ କୌଣସି ସଂଗଠନ ବା ସଂସ୍ଥା ମିଳିତ ଉଦ୍ୟମରେ ଦିଗଦର୍ଶନ ଦେବା ସହିତ ନିଯୁକ୍ତି ବା ଆତ୍ମନିଯୁକ୍ତିର ବ୍ୟବସ୍ଥା କରିବା ବାଞ୍ଛନୀୟ । କେବଳ ସରକାର ନୁହେଁ, ସମାଜ ସଙ୍ଗତି ସମ୍ପନ୍ନ ବ୍ୟକ୍ତି, ବିଭିନ୍ନ ବେସରକାରୀ ଅନୁଷ୍ଠାନ ଯଦି ମିଳିତ ଭାବେ ଗୋଟିଏ ସଂଗଠନ କରିଥାରେ ଏତିକି ଆତ୍ମନିଯୁକ୍ତି ପାଇଁ ଯୁବକମାନଙ୍କୁ ସହାୟତା କରନ୍ତି - ତେବେ ଦେଶ ଅବସ୍ଥାର ଉନ୍ନତି ହେବ ଓ ଦେଶ ସ୍ୱାବଲମ୍ବନଶୀଳ ହେବ । ବହୁମୁଖୀ ପ୍ରତିଭାର ଅଧିକାରୀ, ବିଶିଷ୍ଟ ଚିନ୍ତାନାୟକ ଶ୍ରୀ ମହାପାତ୍ର ସାମାଜିକ ହିତ ଦୃଷ୍ଟିରୁ ଏ ଦିଗରେ ଯେଉଁ ଅଙ୍ଗୁଳି ନିର୍ଦ୍ଦେଶ କରି ସୁଚିନ୍ତିତ ମତାମତ ଦେଇଛନ୍ତି, ତାହା ବାସ୍ତବରେ ଶିକ୍ଷଣୀୟ ଓ ଉପାଦେୟ ମନେହୁଏ ।

ଶ୍ରୀ ମହାପାତ୍ର ସଂପ୍ରତି ୯୦ ବର୍ଷ ବୟସରେ ପଦାର୍ପଣ କରି ମଧ୍ୟ ସକ୍ରିୟ ଅଛନ୍ତି । ଭଦ୍ରକ ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତିର ସେ ସଭାପତି ଭାବେ କାର୍ଯ୍ୟ ନିର୍ବାହ କରୁଛନ୍ତି । ଏତଦ୍‌ବ୍ୟତୀତ ପ୍ରତ୍ୟହ ଲେଖା ଲେଖି କରିବା ସାଙ୍ଗକୁ ବିଭିନ୍ନ ସ୍ୱେଚ୍ଛାସେବୀ ଓ ସାଂସ୍କୃତିକ ଅନୁଷ୍ଠାନ ସହ ଓତଃପ୍ରୋତଃ ଭାବରେ ଜଡ଼ିତ ରହି ସମାଜରୁ ଦୁର୍ନୀତିକୁ ମୂଳୋତ୍ପାଟନ କରିବା ପାଇଁ ସେ ସଂକଳ୍ପ ନେଇ ବିଭିନ୍ନ ଲୋକ ହିତକର କାର୍ଯ୍ୟରେ ଯେଉଁ ଦିଗ୍‌ଦର୍ଶନ ଦେଉଛନ୍ତି, ତାହା ଯୁବପିଢ଼ିଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ଜ୍ୱଳନ୍ତ ଦୃଷ୍ଟାନ୍ତ ।

ତାଙ୍କ ଭଳି ସ୍ନେହୀ, ପରୋପକାରୀ, ମିଷ୍ଟଭାଷୀ, କଷ୍ଟ ସହିଷ୍ଣୁ ଓ ସଂଗ୍ରାମୀ ବାସ୍ତବରେ ବିରଳ । ଶ୍ରୀ ମହାପାତ୍ରଙ୍କ ସଂଗ୍ରାମ ଓ ସାହିତ୍ୟିକ ଜୀବନରେ ତାଙ୍କର ପତ୍ନୀ ଶ୍ରୀମତୀ ମୀରା ଦେବୀଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।

ତାଙ୍କର କର୍ମରେ ଥିବା ଅଗାଧ ବିଶ୍ୱାସ, ସେବାରେ ଅସୀମ ଶ୍ରଦ୍ଧା ଓ ଦେଶ ପ୍ରୀତି ଆମ ସମସ୍ତଙ୍କର ଧ୍ୟେୟ ହେଉ ।

ଏମ୍.ଆଇ.ଜି.-ଓ୍ୱାନ୍ ୪୨/୧
ଚନ୍ଦ୍ରଶେଖରପୁର ହାଉସିଂ ବୋର୍ଡ଼ କଲୋନୀ
ଭୁବନେଶ୍ୱର-୧୬

Click Here & Upgrade
Expanded Features
Unlimited Pages
PDF Complete Documents



# ଅଲିଭା ସଳିତା ସରଳା ଦେବୀ

ପ୍ରଶାନ୍ତ କୁମାର ଦାଶ

**କ**ଳା ଓ ସଂସ୍କୃତିର ଦେଶ ଭାରତ ପରାଧୀନ ଥିଲାବେଳେ ଗାନ୍ଧିଜୀଙ୍କ ଡାକରା ପାଇ ଅନେକ ଦେଶପ୍ରେମୀ ଭାରତୀୟମାନେ ଆଗେଇ ଆସିଥିଲେ ଇଂରେଜ ସରକାରଙ୍କ ବିରୁଦ୍ଧରେ ଲଢ଼େଇ କରିବା ପାଇଁ । ସେମାନେ ଉପାସ ଭୋକରେ ରହି ରାତିଦିନ ଅହରହ ଆନ୍ଦୋଳନ ଚଳାଇ ଥିଲେ । ଏଥିରେ ଇଂରେଜ ସରକାର ଅତିମାତ୍ରାରେ ରାଗିଯାଇ ଥିଲେ । ନିଜର କଳ, ବଳ ଓ କୌଶଳ ଖଟାଇ ଆନ୍ଦୋଳନକୁ ଚପାଇ ଦେବାକୁ ପ୍ରୟାସ ଜାରି ରଖିଥିଲେ । ଘର କବାଟ କୋଣରେ ଆବଦ୍ଧ ହୋଇଥିବା କୁଳୀନ ନାରୀମାନେ ଏହି ଆନ୍ଦୋଳନରେ ପ୍ରଭାବିତ ହୋଇଥିଲେ । ସେମାନଙ୍କ ମନରେ ଦେଶପ୍ରେମର ନିଆଁ ଜଳି ଉଠିଥିଲା । କ୍ରମଶଃ କୁଳବଧୂମାନେ ଜାଗି ଉଠିଥିଲେ । ଘର କବାଟ କୋଣରୁ ବାହାରି ଆସି ସେମାନେ ଅଣ୍ଡାଭିଡ଼ି ବାହାରିଲେ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିବାକୁ । ଦେଶପ୍ରେମୀ ପୁରୁଷମାନଙ୍କ ପରି ସେମାନଙ୍କୁ ମଧ୍ୟ ସ୍ୱାଧୀନତା ଆନ୍ଦୋଳନରେ ଭାଗ ନେଇ ବାରମ୍ବାର କାରାବରଣ କରିବାକୁ ପଡୁଥିଲା । ଅନ୍ଧକାରରୁ କାରାଗାର କକ୍ଷରେ ରହି ଯେଉଁମାନେ ଦେଶର ଦୁର୍ଦ୍ଦଶା କଥା ଭାବି ଭାବି ଶୋଉ ନଥିଲେ କି ଖାଉ ନଥିଲେ, ସେମାନଙ୍କୁ ଇଂରେଜ ସରକାର ଜେଲ ଭିତରେ ନାନା ଅତ୍ୟାଚାର କରୁଥିଲେ । ପିଠିରେ ଚାବୁକ ପ୍ରହାର ଲଗାଉଥିଲେ ହେଁ ସେମାନେ ଲେଖୁଥିଲେ ଦେଶ ସ୍ୱାଧୀନତା ତଥା ଜନ ଜାଗରଣ ନିମିତ୍ତ ନାନାପ୍ରକାର ଦେଶପ୍ରେମ ଏବଂ ଜାତୀୟ ପ୍ରୀତି ପୂର୍ଣ୍ଣ କବିତା । ଦୀପାଳିର ସଳିତାପରି ଜଳି ଯାଉଥିବା ସେଇ ମହିୟସୀ ମହିଳାମାନେ ହେଲେ ରମା ଦେବୀ, ଶୈଳବାଳା ଦାସ, ସରଳା ଦେବୀ ଓ କୁନ୍ତଳା କୁମାରୀ ପ୍ରଭୃତି । ସରଳା ଦେବୀ ଥିଲେ ସେମାନଙ୍କ ମଧ୍ୟରୁ ଅନନ୍ୟା ଓ ଅନ୍ୟତମା । ସେ ଓଡ଼ିଶାରେ ମହିଳାମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଦୁର୍ବାର ପ୍ରଚେଷ୍ଟା ଓ ସଫଳ ଉଦ୍ୟମ ଜାରି ରଖୁଥିଲେ । ଓଡ଼ିଶାରେ ନାରୀ ଜାତିର ଉନ୍ନତି ପାଇଁ ସେ ଗଠନ କରିଥିଲେ ଉତ୍କଳ ମହିଳା ସମ୍ମିଳନୀ । ରାଜ୍ୟର ଅବହେଳିତ, ଅଶିକ୍ଷିତ ତଥା ନିରୀହା ମହିଳାମାନଙ୍କ ଉନ୍ନତି ନିମନ୍ତେ ସେ ନିଜକୁ ଚଉଦ ଘଣ୍ଟା ନିୟୋଜିତ କରୁଥିଲେ । ରାତି ଉଜାଗର ରହି ବହୁ ଉପାଦେୟ ତଥା ଉତ୍କୃଷ୍ଟ ମାନର ପ୍ରବନ୍ଧ ରଚନା କରୁଥିଲେ । ସରଳା ଦେବୀଙ୍କର ସେଇ ମହାନ ଜାତୀୟତାପୂର୍ଣ୍ଣ ଲେଖା ସବୁରି ମନକୁ ଛୁଉଁ ଥିଲା । ସମସ୍ତେ ସେହି ଜାତୀୟତାପୂର୍ଣ୍ଣ ପ୍ରବନ୍ଧ ପାଠ କରି ଜାତି ଓ ଦେଶପ୍ରତି ଆକୃଷ୍ଟ ହେଲେ । ସେଇ କାଳଜୟୀ ନିବନ୍ଧ ଅନ୍ୟ ରାଜ୍ୟଗୁଡ଼ିକୁ ମଧ୍ୟ ପ୍ରଭାବିତ କଲା । ପରବର୍ତ୍ତୀ କାଳରେ ସରଳାଙ୍କ ମନରେ ଗଠନମୂଳକ ଇଚ୍ଛାଶକ୍ତିର ପ୍ରଚଣ୍ଡ ବିକାଶ ଘଟିଲା । ସେ ପୁଣି ଏକ ନାରୀ କଲ୍ୟାଣ ସମିତି ଗଠନ କଲେ । ଗଞ୍ଜାମରେ ବହୁ ଜନହିତକର ତଥା ଜନସେବା କରି ସରଳା ଲୋକ ପ୍ରିୟତା ଅର୍ଜନ କରିଥିଲେ । ନିଜର ଅମାୟିକ ବ୍ୟବହାର ପାଇଁ ସମସ୍ତେ ତାଙ୍କୁ ବହୁ ଆଦର କଲେ । ଲବଣ ସତ୍ୟାଗ୍ରହ ଆନ୍ଦୋଳନ ସମୟରେ ହୁମାରେ ଆରମ୍ଭ ହେଲା ଲୁଣମରା ଅଭିଯାନ । ସେଥିରେ ସରଳା ଥିଲେ ଅଗ୍ରଣୀ । ସେଥିପାଇଁ ତାଙ୍କୁ ଇଂରେଜ ସରକାରଙ୍କ ଦ୍ୱାରା ଛଅମାସ କାରାବରଣ କରିବାକୁ ପଡ଼ିଥିଲା । ସେ ଥିଲେ ଓଡ଼ିଶାର ପ୍ରଥମ ରାଜନୈତିକ ବନ୍ଦୀ, ପରେ ସେ ହୋଇଥିଲେ ସନ୍ତାନପ୍ରସୂ ଜନନୀ । ଆପଣାର ଶିଶୁ ସନ୍ତାନଟିକୁ ଚାଟରା ଗାଁରେ ଛାଡ଼ି ଦେଇ ସେ ଜେଲ ଭୋଗିଥିଲେ । ଜେଲ ଭିତରେ ସେ ଅନେକ ଦୁଃଖ କଷ୍ଟ ଭୋଗିଥିଲେ । ହିନ୍ଦୁଧର୍ମର ନିୟମ ମାନି ବିବାହ ପରେ ସେ ଯେଉଁ ସଧବା ବେଶ ସାଜିଥିଲେ, ଜେଲ ଭିତରେ ତାଙ୍କ ଦେହରୁ ସେ ସବୁକୁ କାଢ଼ି ନିଆଯାଇଥିଲା । ବିନା ଶେଯରେ ମାଟି ଉପରେ ଶୋଇବାକୁ ପଡୁଥିଲା । ଖାଲି ଭାତ ଦି' ମୁଠା ଆଉ ଖଟା ଟିକେ ଖାଇ ସେ ବନ୍ଦୀ ଜୀବନ କାଟୁଥିଲେ । ଅନେକ ଦିନ ଜେଲରେ ରହିବା ପରେ ସେ ଯେତେବେଳେ ଖଲାସ ହେଲେ, ସେତେବେଳେ ସେ ହୋଇଥିଲେ ଜାତୀୟସ୍ତରର ଜଣେ ସୁପ୍ରସିଦ୍ଧ



Click Here & Upgrade
Expanded Features
Unlimited Pages
PDF Complete Documents



ନାରୀନେତ୍ରୀ । ସରଳା ଦେବୀ ନାରୀର ନ୍ୟାଯ୍ୟ ଅଧିକାର ପାଇଁ ସବୁବେଳେ ଦାବି କରୁଥିଲେ । ନାରୀ ସମସ୍ୟା, ଅନାଥ ଶିଶୁର ଅଭାବ ଅସୁବିଧା ଓ ଦେଶର ଦୁଃଖ ଦେଖି ତାଙ୍କ ଆଖିରୁ ସବୁବେଳେ ଲୁହ ଝରି ପଡୁଥିଲା । ଇଂରେଜ ସରକାରଙ୍କର ଜୁଲମ ତାଙ୍କର କଅଁଳ କଳିଜାକୁ ଥରାଇ ଦେଇଥିଲା । ସେ ସାରା ରାଜ୍ୟରେ ଜନଜାଗରଣ ସୃଷ୍ଟି କରିବା ପାଇଁ ଅନେକ ଦେଶାତ୍ମକବୋଧକ ପ୍ରବନ୍ଧମାନ ରଚନା କରୁଥିଲେ । ନିଜର ଦୁଃସାହସିକ କାର୍ଯ୍ୟ ପାଇଁ ସମାଜର ନିନ୍ଦା ଅପବାଦକୁ ସେ ମଥାପାତି ସହି ଯାଉଥିଲେ । କାହାପାଖରେ କିନ୍ତୁ ମୁଣ୍ଡ ନୁଆଉନଥିଲେ । ଅନେକ କୁଳୀନ ନାରୀଙ୍କୁ ସେ ଘର ଭିତରୁ ଆନ୍ଦୋଳନର ମଝିଦାଣ୍ଡକୁ ଟାଣି ଆଣିଛନ୍ତି । ହରିଜନମାନଙ୍କୁ ସମସ୍ୟା ମଧ ସରଳାଙ୍କ ମନକୁ ବ୍ୟଥିତ କରିପକାଇ ଥିଲା । ସେତେବେଳର ଛୁଆଁଅଛୁଆଁ ଭେଦଭାବକୁ ସେ କଳଙ୍କ ବୋଲି ସଭିଁଙ୍କୁ କହୁଥିଲେ । ହରିଜନ ପିଲାମାନଙ୍କୁ ବାଧତାମୂଳକ ଶିକ୍ଷାଦେବା, ସିଲଟ, ଖଡ଼ି, ବହି ପ୍ରଭୃତି ପାଠ୍ୟ ଉପକରଣ ମାଗଣାରେ ଯୋଗାଇଦେବା ପାଇଁ ସେ ଗୋରା ସରକାରଙ୍କ ଉପରେ ଚାପ ପକାଉଥିଲେ । ନିଶା ନିବାରଣ, ଜାତିପ୍ରଥା, ବାଲ୍ୟ ବିବାହ ଓ ଯୌତୁକ ଦାବି ବିରୁଦ୍ଧରେ ମଧ ସେ ସବୁବେଳେ ସ୍ୱର ଉଠାଇଥିଲେ । ସରଳା ଦେବୀ ଓଡ଼ିଶାର ପ୍ରଥମ ବିଧାୟିକା ଭାବରେ ଅନେକ ଉନ୍ନତିମୂଳକ କାର୍ଯ୍ୟ କରିଯାଇଛନ୍ତି । ନାରୀ ଶିକ୍ଷାର ପ୍ରସାର, ବିଧବା ବିବାହ ପ୍ରଚଳନ ପାଇଁ ସେ ସମସ୍ତଙ୍କୁ ପ୍ରବର୍ତ୍ତାଇଛନ୍ତି । କ୍ରୀଡ଼ା, କସରତ, ଜୁଡ଼ୋ ପ୍ରଭୃତି ନାରୀମାନଙ୍କ ପାଇଁ ନିତାନ୍ତ ଦରକାରୀ ବୋଲି ସେ ସବୁବେଳେ ସଭିଁଙ୍କୁ କହି ଆସିଛନ୍ତି । ସ୍ୱାଧୀନତା ଆନ୍ଦୋଳନରେ ନିଜକୁ ସାମିଲ କରି ନିଜର ଜୀବନକୁ ଜାଳିପୋଡ଼ି ପାଉଁଶ କରିଥିବା ଏହି କଲ୍ୟାଣମୟୀ ମହିଳାଙ୍କର ଜନ୍ମ ୧୯୦୪ ମସିହା ଅଗଷ୍ଟ ମାସ ୧୪ ତାରିଖରେ ବର୍ତ୍ତମାନର ଜଗତସିଂହପୁର ଜିଲ୍ଲାର ନରିଲୋ ଗ୍ରାମରେ । ତାଙ୍କ ପିତାଙ୍କ ନାମ ବାସୁଦେବ କାନୁନ୍‌ଗୋ । ମାତାଙ୍କ ନାମ ପଦ୍ମାବତୀ ଦେବୀ । ପିଲାଦିନୁ ସେ ନିଜର ଦେଶ, ଜାତି ଓ ଜନ୍ମଭୂମିକୁ ଭଲ ପାଉଥିଲେ । ସେ ମନ ଦେଇ ଭଲ ପାଠ ପଢୁ ଥିଲେବି ନିଜର ପ୍ରବଳ ଆଗ୍ରହ ଓ କଠିନ ପରିଶ୍ରମ ବଳରେ ସେ ପ୍ରତ୍ୟେକ ଶ୍ରେଣୀରେ ପ୍ରଥମ ହୋଇ ପାଶ୍ କରୁଥିଲେ । ନିଜର ହସ ହସ ମୁଖ ଓ ମିଷ୍ଟଭାଷୀ ପାଇଁ ସମସ୍ତେ ତାଙ୍କୁ ଖୁବ୍ ଭଲ ପାଉଥିଲେ । ମାତ୍ର ୧୪ ବର୍ଷ ବୟସରେ ତାଙ୍କର ପାଠପଢ଼ାରେ ଡୋର ବନ୍ଧା ହୋଇଥିଲା । ସେ ସେହି ବର୍ଷ ଏକ ଜମିଦାର ପରିବାରରେ ବିବାହ କରିଥିଲେ । ତାଙ୍କ ସ୍ୱାମୀଙ୍କ ନାମ ଥିଲା ଭାଗିରଥୀ ମହାପାତ୍ର । ବଡ଼ଘରର ଝିଅ ଓ ବୋହୂ ବୋଲି ମଧ ସରଳା ଦିନେ ହେଲେ ଗର୍ବ କରୁନଥିଲେ । ନାରୀ ଜାତିର ଘୋର ଦୁଃଖ ଦୁର୍ଦ୍ଦଶା ଦେଖି ସେ ପର୍ଦ୍ଦା ପ୍ରଥାକୁ ଭାଙ୍ଗି ଦାଣ୍ଡକୁ ବାହାରି ପଡ଼ିଲେ ଆନ୍ଦୋଳନ କରିବା ଲାଗି । ନବବଧୂର ସାଜ ଖୋଲି ସେ ପିନ୍ଧିଲେ ଖଦୀ ପୋଷାକ । ଗାନ୍ଧିଜୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେ ନିଜ ଦେହର ଗହଣା ଗାଣ୍ଠି ସବୁକୁ ସ୍ୱରାଜ ଆଶ୍ରମ ପାଣ୍ଠିକୁ ଦାନ କରି ଦେଇଥିଲେ । ତତ୍କାଳୀନ ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସ ସାକ୍ଷୀଗୋପାଳରେ ଜାତୀୟ ବନବିଦ୍ୟାଳୟ ସ୍ଥାପନ କରିଥାନ୍ତି । ସେଇ ମହାନ୍ ମଣିଷ ଗଢ଼ା ଆଦର୍ଶ ଶିକ୍ଷାନୁଷ୍ଠାନର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ସରଳା ତାଙ୍କ ସ୍ୱାମୀଙ୍କ ସହ ମିଶି ପୁଣ୍ୟତୋୟା ଅଳକା ନଦୀକୂଳରେ ଏକ ଅଳକା ଆଶ୍ରମ ଗଢ଼ି ଥିଲେ । ଏଥିପାଇଁ ସବୁ ସଂପତ୍ତି ଆଶ୍ରମକୁ ଦାନ କରିଥିଲେ । ସେଇ ମହାନ୍ ମନ୍ଦିରସମ ନିଜର ଆଶ୍ରମରେ ବହୁ ମହାମନିଷିମାନେ ଆସି ରହୁଥିଲେ । ସେମାନଙ୍କ ଭିତରେ ରମା ଦେବୀ ଓ ଗୋପବନ୍ଧୁ ଚୌଧୁରୀ ଥିଲେ ଅନ୍ୟତମ । କିଛି ଦିନ ପରେ ଝାଟିମାଟିର ସେଇ ଛୋଟ ଚାଳଘରଗୁଡ଼ିକ ବିଖ୍ୟାତ ହୋଇଥିଲା ସାରା ରାଜ୍ୟରେ ମହାନ୍ ଏକ ଆଶ୍ରମ ହୋଇ । ସମଗ୍ର ଓଡ଼ିଆ ଜାତିର ସାମଗ୍ରିକ କଲ୍ୟାଣ ନିମନ୍ତେ ନିଜକୁ ଉତ୍ସର୍ଗ କରିଥିବା ଏହି ମହିୟସୀ ମହିଳା ଜଣକ ବୟସର ଉତ୍ତୀର୍ଣ୍ଣ ପାହାଚରେ ପାଦ ପକାଇ ଚାଲିଥିବାବେଳେ ତାଙ୍କର ସ୍ୱାମୀ ଓ ପୁତ୍ରଙ୍କ ବିୟୋଗ ତାଙ୍କୁ ମର୍ମାହତ କରିଥିଲା । ନିଜର ପ୍ରିୟ ପରିଜନଙ୍କ ବିଚ୍ଛେଦଜନିତ ଯନ୍ତ୍ରଣାରେ ଛଟପଟ ହୋଇ ସେ ୧୯୮୫ ମସିହା ଅକ୍ଟୋବର ୪ ତାରିଖ ଦିନ ଶେଷ ନିଃଶ୍ୱାସ ତ୍ୟାଗ କଲେ । ତେଜିୟାନ ହୋଇ ଜଳୁଥିବା ଏହି ଅଲିଭା ଦୀପାଳିଟି ଲିଭିଗଲା ଚିର ଦିନ ପାଇଁ । କିନ୍ତୁ ସେଇ ତ୍ୟାଗପୂତ ଆଦର୍ଶ ଓ ଜାତୀୟତାପୂର୍ଣ୍ଣ ପ୍ରାଣ ଅଭୁଲା ଇତିହାସ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଗଲା କାଳକାଳକୁ ।

ଶିଶୁ ସାହିତ୍ୟିକ ଓ ସମ୍ପାଦକ
ସ୍ନେହ ସୁଧା ଶିଶୁ ସାହିତ୍ୟ ବିକାଶ ପରିଷଦ
କୁଞ୍ଜର, ସଙ୍ଗଳାଇ, ପିପିଲି, ପୁରୀ-୪

# ସ୍ୱାଧୀନତା ସଂଗ୍ରାମୀ ଅନନ୍ତ ଚରଣ ବେଉରାୟ

ସୁରେଶ କୁମାର ପ୍ରଧାନ

ଭାରତ ଭୂମିରୁ ଇଂରେଜ ଶାସନର ମୂଳୋତ୍ପାଟନ ନିମିତ୍ତ ଏହି ମାଟିର ବହୁ ଜାତୀୟସ୍ତରର ସୁଯୋଗ୍ୟ ସଂଗ୍ରାମୀବୃନ୍ଦ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ କାଳ କାଳକୁ ଅକ୍ଷୟ ଯଶ ରଖିଯାଇଛନ୍ତି । ଏହିମାନଙ୍କ ଶକ୍ତି, ସାମର୍ଥ୍ୟ, ତ୍ୟାଗ ଓ ସର୍ବୋପରି ଆତ୍ମବଳୀ ଦ୍ୱାରା ଏହି ଦେଶର ସଂଗ୍ରାମର ଇତିହାସ ପୃଷ୍ଠା ରକ୍ତରଞ୍ଜିତ ତଥା ଚଳଚଞ୍ଚଳ । ପ୍ରାତଃ ସ୍ମରଣୀୟ ଏହି ଅମର ବୀରମାନଙ୍କ ଶୌର୍ଯ୍ୟ ଓ ସାମର୍ଥ୍ୟ ନିମିତ୍ତ ସେମାନେ ଆଜି ପ୍ରତ୍ୟେକଙ୍କ ହୃଦୟ ସ୍ମୃତିପଟରେ ଉଜ୍ଜ୍ୱଳ ତାରକାର ପ୍ରତୀକ ରୂପେ ପ୍ରତିଭାତ ଓ ପ୍ରତିବିମ୍ବିତ । ଏହି ଜାତୀୟ ସ୍ତରୀୟ ସଂଗ୍ରାମୀ ବୀରମାନଙ୍କ ଛଡ଼ା, ମୁକ୍ତି ସଂଗ୍ରାମକୁ ଓଡ଼ିଆ ବୀର ଯୋଦ୍ଧାମାନଙ୍କ ଅନବଦ୍ୟ ଅବଦାନ ଅତୁଳନୀୟ । ଯେଉଁମାନେ ଜନ୍ମଭୂମିକୁ ସ୍ୱାଧୀନ କରିବା ପାଇଁ ବିଦେଶୀମାନଙ୍କ ବିରୁଦ୍ଧରେ ତୁମୁଳ ସଂଗ୍ରାମ କରି ବୀରତ୍ୱ ଓ ଅସୀମ ଦେଶପ୍ରେମର ପରାକାଷ୍ଠା ପ୍ରଦର୍ଶନ କରିଥିଲେ, ବିଡ଼ମ୍ବନା ଏହି ଯେ ନିଜ ସୁଖ ସଂପଦକୁ ତ୍ୟାଗ କରି ଜୀବନକୁ ତିଳତିଳ କରି ନଷ୍ଟ କରି ଦେଇଥିବା ବୀର ସଂଗ୍ରାମୀମାନଙ୍କୁ ଏ ଜାତି ଓ ଇତିହାସ ମନେରଖି ନାହିଁ । ଯେଉଁମାନଙ୍କ ଅସୀମ ସାହସ ଓ ବୀରତ୍ୱ ଯୋଗୁଁ ସମଗ୍ର ଭାରତବର୍ଷ ଇଂରେଜମାନଙ୍କ ଅକ୍ତିଆରଭୁକ୍ତ ହୋଇ ସାରିବା ପରେ ଶେଷ ପର୍ଯ୍ୟାୟରେ ଏହି ଶକ୍ତିଶାଳୀ ଭୂଖଣ୍ଡ ଓଡ଼ିଶା ଇଂରେଜମାନଙ୍କ ଶାସନକୁ ଯାଇଥିଲା ।



କୁଟକ୍ରୀ ଇଂରେଜମାନେ ଓଡ଼ିଶା ଅଧିକାର ପରେ ୧୮୦୫ରେ (ଓଡ଼ିଶା ଗଡ଼ଜାତ, ମୁଖ୍ୟତଃ ୨୬ ଗୋଟି ଛୋଟ ବା କରଦ ସାମନ୍ତ ଅଞ୍ଚଳ)କୁ ଜମିଦାରୀ ଭାବେ ତିନୋଟି ଭାଗରେ ବିଭକ୍ତ କଲେ । ଏହି ତିନିଗୋଟି ଶ୍ରେଣୀ ମଧ୍ୟରୁ ଦ୍ୱିତୀୟ ଶ୍ରେଣୀ ରାଜ୍ୟ ସଂଖ୍ୟା ଥିଲା ୧୮ ଗୋଟି । ଏହି ଦ୍ୱିତୀୟ ଶ୍ରେଣୀ ରାଜ୍ୟରେ ବୀରଭୂମି 'ଆଠଗଡ଼' ଭୂଖଣ୍ଡ ଅନ୍ତର୍ଭୁକ୍ତ । ଏହି ମାଟିରେ ଯେଉଁ କେତେଜଣ ଯୋଗଜନ୍ମା ସଂଗ୍ରାମୀପୁତ୍ର ନିଜ ଜୀବନକୁ ଉତ୍ସର୍ଗ କରି ଭାରତମାତାକୁ ବିଦେଶୀ କବଳରୁ ଉଦ୍ଧାର ନିମିତ୍ତ ଚେଷ୍ଟିତ ଥିଲେ, ସେମାନଙ୍କ ମଧ୍ୟରୁ ସ୍ୱାଧୀନତା ସଂଗ୍ରାମୀ ପୁଣ୍ୟାତ୍ମା ସ୍ୱର୍ଗତଃ ଅନନ୍ତ ଚରଣ ବେଉରାୟ ଅନ୍ୟତମ । ସେ ଖ୍ରୀ:ଅ: ୧୯୦୨ ମସିହା ବୈଶାଖ କୃଷ୍ଣପକ୍ଷ ତୃତୀୟା ତିଥିରେ ଆଠଗଡ଼ ଅନ୍ତର୍ଗତ କୁଲାଇଲୋ ଗ୍ରାମପଞ୍ଚାୟତରେ ଜନ୍ମ ଗ୍ରହଣ କରିଥିଲେ ଏବଂ ଦୀର୍ଘ ୭୮ ବର୍ଷର ସଂଗ୍ରାମୀ ଜୀବନ ଅତିବାହିତ କରି ଆଷାଢ଼ କୃଷ୍ଣପକ୍ଷ ଖ୍ରୀ:ଅ: ୧୯୮୦ରେ ସ୍ୱର୍ଗବାସୀ ହୋଇଥିଲେ ।

ଜାତୀୟ ଆନ୍ଦୋଳନକୁ ଆଠଗଡ଼ର ଭୂମିକା ଥିଲା ବହୁ ଗୁରୁତ୍ୱପୂର୍ଣ୍ଣ । କାରଣ ଆଠଗଡ଼ 'ପ୍ରଜା ମଣ୍ଡଳ ଆନ୍ଦୋଳନ' ଦ୍ୱାରା ଭାରତୀୟ ମୁକ୍ତି ଆନ୍ଦୋଳନ ବହୁ ମାତ୍ରାରେ ପ୍ରଭାବିତ ହୋଇଥିଲା । ଆଠଗଡ଼ ପ୍ରଜାମଣ୍ଡଳ ଆନ୍ଦୋଳନର ମୁଖ୍ୟ କର୍ଣ୍ଣଧାର ରାଧାନାଥ ରଥ (ବାବୁଜୀ)ଙ୍କର ଅନନ୍ତଚରଣ ବେଉରାୟ ଥିଲେ ଜଣେ ଘନିଷ୍ଠ ସହଯୋଗୀ ସଂଗ୍ରାମୀ ବନ୍ଧୁ । ଏହାଛଡ଼ା ଅନ୍ୟ ସଂଗ୍ରାମୀ ବିପ୍ଳବୀମାନେ ହେଲେ ଅଚ୍ୟୁତାନନ୍ଦ ଦାସ (ଆଠଗଡ଼), ଦୁର୍ଯ୍ୟୋଧନ ଜେନା (ନୂଆବନ୍ଧ), କ୍ଷେତ୍ରବାସୀ ସୁବୁଦ୍ଧି (ଖୁଣ୍ଟୁଣୀ), କବିରାଜ ଗୋବିନ୍ଦ ଚନ୍ଦ୍ର ମିଶ୍ର (ରାଧାଦାମୋଦରପୁର), ଗୋପାଳ ଚନ୍ଦ୍ର ସାହାଣୀ (ଗୁରୁଡ଼ିଝାଟିଆ), ବୈରାଗୀ ପଢ଼ିହାରୀ, ବ୍ରଜକିଶୋର ପଟ୍ଟନାୟକ, ଲିଙ୍ଗରାଜ ଜେନା, ବିବେକାନନ୍ଦ ରଥ, ନନ୍ଦକିଶୋର ପଟ୍ଟନାୟକ, ମାୟାଧର ଦାସ, ରଘୁନାଥ ଦଳ ସିଂହାର । ଇଂରେଜ ସରକାର ଅଗଷ୍ଟ ୧୭ ତାରିଖ ଦିନ ବିବେକାନନ୍ଦ ରଥ, ମାୟାଧର ଦାସ, ବ୍ରଜକିଶୋର ପଟ୍ଟନାୟକଙ୍କୁ ଗିରଫ କଲେ । ଶେଷରେ ସେପ୍ଟେମ୍ବର ୭ ତାରିଖ ଦିନ ଅଚ୍ୟୁତାନନ୍ଦ, ଅନନ୍ତ ଚରଣ ବେଉରାୟ ଓ ଗୋପାଳ ଚନ୍ଦ୍ର ସାହାଣୀଙ୍କୁ ଗିରଫ କଲେ । ଆଗଧାଡ଼ି ନେତୃବୃନ୍ଦ ଜେଲ ବନ୍ଦୀ ହେବା ପରେ ଆନ୍ଦୋଳନର ଚକ ଅଟକି ଯାଇ ନଥିଲା । ସେଥିପାଇଁ ବିପ୍ଳବୀ କବି ଗାଇ ଉଠିଥିଲେ -

Click Here & Upgrade
Expanded Features
Unlimited Pages
PDF Complete



'ନ ଅଟକେ କର୍ମ ନେତାର ଅଭାବେ
ଧର୍ମନାବ ଚଳେ ଧର୍ମର ପ୍ରଭାବେ,
ବିଶେଷେ ଉତ୍କଳେ ନାହିଁ ପ୍ରୟୋଜନ
ଉତ୍କଳର ନେତା ନିଜେ ନାରାୟଣ ।'

ଆଠଗଡ଼ ପ୍ରଜାମଣ୍ଡଳର ଘନିଷ୍ଠ ସହଯୋଗୀ ଅନନ୍ତ ବେଉରାୟ ଗୁପ୍ତ ଭାବରେ ସଂଗ୍ରାମ ଚଳାଇଥାନ୍ତି । ଏହିମାନଙ୍କ ସଂଗ୍ରାମୀ ଧାରା ସ୍ୱରୂପ ୧୯୩୮ ମସିହା ସେପ୍ଟେମ୍ବର ୧୧ ତାରିଖରେ ଖୁଣ୍ଟୁଣୀଠାରେ ଆଠଗଡ଼ ପ୍ରଜାମଣ୍ଡଳର ବିରାଟ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ରାଧାନାଥ ବାବୁ ସଂଗ୍ରାମୀମାନଙ୍କୁ ଉଦ୍‌ବୋଧନ ଦେଇ ପ୍ରତ୍ୟେକଙ୍କ ମନୋବଳକୁ ଦୃଢ଼ କରିଥିଲେ । ତଦନୁରୂପ ଅନନ୍ତବାବୁ ସଂଗ୍ରାମୀ ଜନତାଙ୍କୁ ଏକତ୍ରିତ କରି ବିପ୍ଳବାତ୍ମକ ଚିନ୍ତାଧାରାକୁ ତେଜିଆନ କରାଇଥିଲେ । ୧୯୩୯ ମସିହାରେ ଅନନ୍ତ ବେଉରାୟଙ୍କୁ ପୋଲିସ୍ ଗିରଫ କରି ବନ୍ଦୀ ଭାବେ ଅଟକ ରଖିଲେ । ମାତ୍ର ସେ ମୁକ୍ତ ହେବାପରେ କଟକ ଶାସନାଧୀନ ଆଠଗଡ଼ ଅନ୍ତର୍ଗତ କଖଡ଼ି, କୟଳପଡ଼ା, ନୂଆପାଟଣା, ବିଦ୍ୟାଧରପୁର, ଡିହସାହି ପ୍ରଭୃତିରେ ଆତ୍ମଗୋପନ କରି ପରୋକ୍ଷରେ ଆନ୍ଦୋଳନକୁ ଚାଲୁ ରଖିଲେ । ଅନନ୍ତବାବୁଙ୍କ ପିତା ବୈଦ୍ୟରାଜ ଶ୍ରୀ ଗୋବିନ୍ଦଚନ୍ଦ୍ର ଶ୍ରୀଚନ୍ଦନରାୟ ବିଶିଷ୍ଟ ସର୍ବରାକାର ତଥା ସଂଗ୍ରାମୀ ଥିଲେ । ତାଙ୍କ ଅନ୍ତେ ଆଠଗଡ଼ ରାଜା ସାହେବ ୧୯୧୯ ମସିହାରେ ତାଙ୍କୁ ପଗଡ଼ି ପିନ୍ଧାଇ ସର୍ବରାକାର ପଦବୀରେ ଅଧିଷ୍ଠିତ କରାଇଲେ । ନିର୍ଲୋଭ ଅନନ୍ତବାବୁ ପଦ ମର୍ଯ୍ୟାଦା ତ୍ୟାଗ କରି ଦେଶମାତୃକାର ମହାନ୍ ସେବା ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଲେ । ଯାହାପାଇଁ ସେ ବହୁ ସୁନା ଅଳଙ୍କାର, ଟଙ୍କା, ଗୋରୁ, ମଇଁଷି ସହ ଏକଶହ ଏକରରୁ ଊର୍ଦ୍ଧ୍ୱ ଜମି ହରାଇଲେ ।

ଅନନ୍ତଚରଣ ବେଉରାୟ ସଂଗ୍ରାମୀ ଜୀବନ ନେଇ ଫେରାର ଥିବା ସମୟରେ ତାଙ୍କ ପିତା ସ୍ୱର୍ଗତଃ ଗୋବିନ୍ଦ ଚନ୍ଦ୍ର ଶ୍ରୀଚନ୍ଦନ ରାୟ ୧୯୩୯ ମସିହାରେ ଇହଧାମ ତ୍ୟାଗ କଲେ । ବଡ଼ ଦୁଃଖର ବିଷୟ ସେ ନିଜ ପିତାଙ୍କ ଅନ୍ତିମ ଦର୍ଶନ ତଥା ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗ ଦେଇପାରି ନଥିଲେ । କାରଣ ପୋଲିସ ତାଙ୍କ ବାସଗୃହକୁ ଘେରାଉ କରି ରଖିଥିଲେ ତାଙ୍କୁ ଧରିବା ନିମିତ୍ତ । ସେଥିପାଇଁ ସେ କଟକ ଗଡ଼ଗଡ଼ିଆ ଘାଟରେ ଶୁଦ୍ଧି ହୋଇ ହିନ୍ଦୁଧର୍ମର ରୀତିକୁ ସମ୍ମାନ ଦେବାପୂର୍ବକ ପୁତ୍ରର କର୍ତ୍ତବ୍ୟ କରିଥିଲେ ।

୧୯୪୨ ମସିହାରେ ଆଠଗଡ଼ ରାଜା ରାଧାନାଥ ଦେବ ବର୍ମା ରାଜସିଂହାସନ ତ୍ୟାଗ କରି ହରଦ୍ୱାରକୁ ପ୍ରସ୍ଥାନ କରିବା ସମୟରେ, ସମସ୍ତ ସଂଗ୍ରାମୀଙ୍କୁ ଡକାଇ ଥିଲେ । ୧୯୪୪ରେ ଦେଶୀୟ ପଞ୍ଚାୟତ ପାଞ୍ଚ ନମ୍ବର ସର୍କଲରେ ଅନନ୍ତବାବୁଙ୍କୁ ସରପଞ୍ଚ ପଦବୀରେ ଅଧିଷ୍ଠିତ କରାଇଥିଲେ । ସେ ଏହି ସରପଞ୍ଚ ପଦବୀରେ ୧୯୫୧ ପର୍ଯ୍ୟନ୍ତ ରହି, ୧୯୫୨ରୁ ୧୯୬୭ ମସିହା ପର୍ଯ୍ୟନ୍ତ ନିର୍ବାଚିତ ସରପଞ୍ଚ ଭାବେ ଲୋକ ସେବାରେ ନିଜକୁ ଉତ୍ସର୍ଗ କରାଇଥିଲେ । ଏହାଛଡ଼ା ୧୯୬୧ରୁ ୧୯୬୩ ପର୍ଯ୍ୟନ୍ତ ଆଠଗଡ଼ ପଞ୍ଚାୟତ ସମିତିର ଭାଇସ୍-ଚେୟାରମ୍ୟାନ ଥିଲେ । ୧୯୫୬ରୁ ୧୯୬୮ ପର୍ଯ୍ୟନ୍ତ ନିଜଗ୍ରାମ କୁଲାଇଲୋ ସେବା ସମିତିର ସଭାପତି ପଦ ମଣ୍ଡନ କରିଥିଲେ ।

ସଂଗ୍ରାମୀ ସ୍ୱର୍ଗତଃ ଅନନ୍ତବାବୁ ଏକାଧାରରେ ଜଣେ ସମାଜସେବୀ, ମହାନ ସଂଗ୍ରାମୀ, ଅଭିଜ୍ଞ ବୈଦ୍ୟ, ଧୂରୀଣ ରାଜନୈତିକ ବ୍ୟକ୍ତି ଓ ସର୍ବୋପରି ଜଣେ ଶିକ୍ଷାବିତ୍ ଥିଲେ । ଜଣେ ଶିକ୍ଷାପ୍ରେମୀ ହିସାବରେ ସେ କୁଲାଇଲୋ ଅଞ୍ଚଳରେ ଦଶଗୋଟି ପ୍ରାଥମିକ ବିଦ୍ୟାଳୟ, ଗୋଟିଏ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଏକ ମଧ୍ୟ ଇଂରାଜୀ ବିଦ୍ୟାଳୟ ସ୍ଥାପନ କରିଥିଲେ । ନିଜ ଗ୍ରାମ କୁଲାଇଲୋ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରତିଷ୍ଠାତା ସଂପାଦକ ହିସାବରେ ୧୯୮୦ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇଥିଲେ । ସେ କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ ଓ ଶିକ୍ଷାପ୍ରେମୀ ନଥିଲେ । ତା'ଛଡ଼ା ସେ ଜଣେ ସ୍ୱନାମଧନ୍ୟ ସଫଳ ଚିକିତ୍ସକ ଥିଲେ । ପୁରୁଷାନୁକ୍ରମିକ ଭାବେ ସ୍ୱର୍ଗତଃ ସତ୍ୟବାଦୀ ମଙ୍ଗରାଜ, ତାଙ୍କ ପୁତ୍ର ସ୍ୱର୍ଗତଃ ଗୋବିନ୍ଦଚନ୍ଦ୍ର ଶ୍ରୀଚନ୍ଦନରାୟ ଆୟୁର୍ବେଦିକ ପଦ୍ଧତିରେ ଅସ୍ଥି ଚିକିତ୍ସା କରୁଥିଲେ । ତତ୍କାଳୀନ ରାଜା ସାହେବ ତାଙ୍କୁ ଖୋର୍ଦ୍ଧା ଅଞ୍ଚଳରୁ ଅଣାଇ ଆଠଗଡ଼ ରାଜ୍ୟରେ ଅବସ୍ଥାପିତ କରାଇଥିଲେ ।

ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଅନନ୍ତବାବୁଙ୍କ ଅବଦାନ ଅତୁଳନୀୟ । ତାଙ୍କ ସ୍ୱହସ୍ତ ନିର୍ମିତ ବିରଳ ଆୟୁର୍ବେଦ ଅସ୍ଥି ଚିକିତ୍ସା କେନ୍ଦ୍ର ଆଜି ଓଡ଼ିଶାର ଅଗଣିତ ରୋଗୀମାନଙ୍କୁ ଅର୍ଥମୁକ୍ତ ସ୍ୱାସ୍ଥ୍ୟସେବା (ଅସ୍ଥି ଚିକିତ୍ସା) ଯୋଗାଇ ଆସୁଛି । ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଏହା ହେଉଛି ତାଙ୍କର ଏକ ଶ୍ରେଷ୍ଠ ଅବଦାନ । ତାଙ୍କର ସେବା ମନୋବୃତ୍ତିର ଅନ୍ୟତମ ନମୁନା ହେଲା, ତାଙ୍କ ଦ୍ୱାରା ଆଠଗଡ଼ ପଞ୍ଚାୟତ ସମିତିରେ ପ୍ରଥମ ପି.ଏଚ୍.ସି. ଡାକ୍ତରଖାନା ବ୍ରହ୍ମପୁରଠାରେ ବସାଯାଇ ସ୍ୱ-ସେବା ଯୋଗାଣର ବ୍ୟବସ୍ଥାକୁ ଦୃଢ଼ କରିଥିଲା । ସଂଗ୍ରାମୀ ଅନନ୍ତଚରଣ ବେଉରାୟଙ୍କ ନାମରେ 'ଅନନ୍ତ ଦଳାଇ ସ୍ମୃତି ବିଦ୍ୟାପୀଠ' ନାମକ ଏକ ଉଚ୍ଚବିଦ୍ୟାଳୟ ୧୯୮୦ ମସିହାରେ ତାଙ୍କ ଗ୍ରାମ କୁଲାଇଲୋରେ ଗଢ଼ା ହୋଇଥିଲା । ତାଙ୍କର ଏକମାତ୍ର ପୁତ୍ର ତଥା ମୁଖ୍ୟ ପରିଚାଳକ, ପୃଷ୍ଠପୋଷକ, ମୁଖ୍ୟ ଚିକିତ୍ସକ, 'ଅନନ୍ତ ବେଉରାୟ ଆୟୁର୍ବେଦିକ ଅସ୍ଥି ଚିକିତ୍ସା ସେବା ସଦନ'ର ଶ୍ରୀ ପ୍ରତାପରୁଦ୍ର ବେଉରାୟ (ଦେବ) ଏହି ବିଦ୍ୟାଳୟକୁ ସ୍ୱଭୂମି ଓ ଅର୍ଥରାଶି ମୁକ୍ତ ହସ୍ତରେ ପ୍ରଦାନ କରି ଦୀର୍ଘ ଦଶବର୍ଷ ଚଳାଇଥିଲେ ।

ମୋଟ ଉପରେ ଉଲ୍ଲେଖ କଲେ ସଂଗ୍ରାମୀ ଅନନ୍ତ ଚରଣ ବେଉରାୟଙ୍କ ବିପ୍ଳବୀ ଜୀବନଧାରା ଏକ ସଫଳ ଅଧ୍ୟାୟର ସ୍ମୃତିଚାରଣ କରି ବସେ । ଦୀର୍ଘ ସଂଗ୍ରାମୀ ପଥ ଅତିକ୍ରାନ୍ତ କରି ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ଭାଙ୍ଗି ନ ପଡ଼ି ଦୃଢ଼ ମନୋବଳ ନେଇ ମାନବ ସେବା ଓ ମାଧବ ସେବାକୁ ଆପଣେଇ ନେଇ ଆଜି ଆଠଗଡ଼ବାସୀଙ୍କ ସ୍ମୃତିପଟ୍ଟରେ ସମୁଜ୍ଜ୍ୱଳିତ । ତେଣୁ ଆଜି ସ୍ୱାଧୀନତା ଦିବସ ଅବସରରେ ସେହି ପୁଣ୍ୟାତ୍ମାଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଛୁ ।

ସାମ୍ବାଦିକ
ଖୁଣ୍ଟୁଣୀ, ଆଠଗଡ଼, କଟକ

Click Here & Upgrade
Expanded Features
Unlimited Pages
PDF Complete



# ଗଡ଼ଜାତ ସ୍ୱାଧୀନତା ସଂଗ୍ରାମରେ ସଂଗ୍ରାମୀ କାହ୍ନୁଚରଣ ଦାଶ

ବୀରକିଶୋର ଦାଶ

ଅନ୍ଧାରୀ ଗଡ଼ଜାତ ମୂଲକର କେନ୍ଦୁଝର ଜିଲ୍ଲାର ଅଖ୍ୟାତ ପଲ୍ଲୀ ସ୍ୱାମବୀରଜୟ ଗୋବିନ୍ଦପୁର ଶାସନରେ ଏକ ଦରିଦ୍ର କୃଷକାରୀ ବ୍ରାହ୍ମଣ ପରିବାରରେ ତା.୨୧.୦୫.୧୯୦୮ ରିଖରେ ଜନ୍ମ ଗ୍ରହଣ କରିଥିଲେ । ସ୍ୱାଧୀନତା ସଂଗ୍ରାମୀ କାହ୍ନୁଚରଣ ଦାଶ, ପିତା ବଳଭଦ୍ର ଦାଶ ପୁତ୍ରର ହେତୁ ହେବା ପୂର୍ବରୁ (ଆନନ୍ଦପୁର ସବ୍‌ଡିଭିଜନ ଅନ୍ତର୍ଗତ) ଜଅଁରା ନିବାସୀ ଅପୁତ୍ରିକ ଦାଶରଥି ଦାଶଙ୍କ (କାହ୍ନୁବାବୁଙ୍କ ଅଜା) ହାତକୁ ଟେକି ଦେଲେ ପୋଷ୍ୟ ସନ୍ତାନ ଭାବରେ । କାହ୍ନୁବାବୁଙ୍କ ବୟସ ସେତେବେଳେ ମାତ୍ର ୧୨ ବର୍ଷ, ମାଇନର ସେକେଣ୍ଡ କ୍ଲାସକୁ ପ୍ରମୋଶନ୍ ପାଇଥିଲେ । ଚାଟଶାଳୀ ଶିକ୍ଷକ ରଙ୍ଗାଧର ପଟ୍ଟନାୟକଙ୍କଠାରୁ ସ୍ୱାଧୀନତା ସଂଗ୍ରାମ କଥା ଶୁଣି ବାଳୁତ କାହ୍ନୁଙ୍କ ଶରୀରରେ ଶିହରଣ ସୃଷ୍ଟି ହୋଇଥିଲା, ସ୍ୱାଧୀନତା ସଂଗ୍ରାମରେ ଝାସ ଦେବା ପାଇଁ । ମାତ୍ର ଶଙ୍କା ଥାଏ ସେ ଏଡୁଟିଏ ବାଳକ ତାଙ୍କୁ ସଂଗ୍ରାମରେ ସାମିଲ କରାଯିବ କି ନାହିଁ ? ଯୋଗକୁ ସ୍ୱର୍ଗତଃ ମୁରଲିଧର ମହାନ୍ତି, ବଳରାମ ପଟ୍ଟନାୟକଙ୍କ ସହ କାହ୍ନୁବାବୁଙ୍କର ସାକ୍ଷାତ ଓ ଗୋପନ ମନ୍ତ୍ରଣା ହୁଏ ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ ଗୋନାସା ପ୍ରବାହ ପୁଣ୍ୟତୋୟା ବୈତରଣୀ ନଦୀର ବାଲୁକା ଶଯ୍ୟାରେ । ହରେକୃଷ୍ଣ ମହତାବଙ୍କ ଡାକରାରେ ସ୍ୱର୍ଗତଃ ମୁରଲୀଧର ମହାନ୍ତି, କାହ୍ନୁଚରଣ ଦାଶ, ସ୍ୱର୍ଗତଃ ବଳରାମ ପଟ୍ଟନାୟକ ପୂର୍ବ ନିର୍ଦ୍ଧାରିତ ଯୋଜନା ମୁତାବକ ପବିତ୍ର ପଣା ସଂକ୍ରାନ୍ତି ଦିନ ଅନ୍ଧାର ରାତ୍ରିରେ ଘରୁ ଲୁଚି ଭଦ୍ରଖ ଆଶ୍ରମରେ ପହଞ୍ଚିଲେ । ଭଦ୍ରଖ କଂଗ୍ରେସ ଅଫିସରେ ସ୍ୱର୍ଗୀୟା କୋକିଳ ଦେବୀ, ସ୍ୱର୍ଗତଃ ଗୋକୁଳାନନ୍ଦ ମହାନ୍ତି ଓ ହରେକୃଷ୍ଣଙ୍କ ସହ ବାଳକ କାହ୍ନୁଙ୍କର ଭେଟ ହେଲା । ପ୍ରଥମେ ସେମାନେ ବାଳକ ଭାବରେ କାହ୍ନୁକୁ ସ୍ୱାଧୀନତା ସଂଗ୍ରାମରେ ସାମିଲ କରିବାକୁ ନେଇ ଶଙ୍କାଗ୍ରସ୍ତ ହୋଇ ପଡ଼ିଥିଲେ । ତପ୍ରରେ କାହ୍ନୁ ଆଶ୍ରମରେ ନିୟମ ଓ କଂଗ୍ରେସର ନୀତି ସମ୍ପର୍କରେ ଅବଗତ ହୋଇଥିଲେ, ଯା' ପରେ ସେ ସଂଗ୍ରାମପଥରୁ କେବେ ବି ଫେରି ଚାହିଁ ନଥିଲେ ପଛକୁ । ତାଙ୍କର ସାଲିସ ବିହୀନ ସଂଗ୍ରାମର ଜୀବନ ଯେତିକି କୌତୁହଳପୂର୍ଣ୍ଣ ତତୋଧିକ ଅନିଶ୍ଚିତତାର ସଂଘର୍ଷ ।



ମଦନ ଦାସଙ୍କର ଅହିଂସାର ଅସ୍ତ୍ର ଆଉ ମନ୍ତ୍ର ହୃଦୟରେ ତ ସୁଭାଷଙ୍କର ଅଟଳ- ଅଚଳ ଜିଦ୍‌ଖୋର ସଂଗ୍ରାମ ମସ୍ତିଷ୍କରେ, ସ୍ୱାଧୀନତା ସଂଗ୍ରାମରେ ଦୁଇ ଯୁଗ ପୁରୁଷ ଗାନ୍ଧୀ ଓ ସୁଭାଷଙ୍କ ମଧ୍ୟରେ ଥିବା ବିପରୀତ ଆଦର୍ଶଗତ ପାର୍ଥକ୍ୟର ଅପୂର୍ବରେ ସମନ୍ୱୟ ଦେଖିବାକୁ ମିଳେ କାହ୍ନୁବାବୁଙ୍କ ସଂଗ୍ରାମୀ ଜୀବନରେ । ସେ ସୁଭାଷଙ୍କୁ ସାଲ୍ୟୁଟ ମାରି ଶାରୀରିକ ଭାବରେ ସଂଗ୍ରାମୀ ଜୀବନର ବିପ୍ଳବର ତୂର୍ଯ୍ୟନାଦ କରୁଥିଲେ ତ ପୁଣି କାୟ ମନ ବାକ୍ୟରେ ଗାନ୍ଧିଜୀଙ୍କ ପ୍ରଦର୍ଶିତ ଅହିଂସାତ୍ମକ ଆନ୍ଦୋଳନ ଜାରି ରଖିଥିଲେ ।

ଉତ୍କଳକେଶରୀ ହରେକୃଷ୍ଣ ମହତାବଙ୍କ ଆହ୍ୱାନରେ ସେ ଭଦ୍ରଖର କଂଗ୍ରେସ ଅଫିସରେ ଯୋଗ ଦେଇଥିଲେ । ସେ ଆଗରପଡ଼ା କଂଗ୍ରେସ ଆଶ୍ରମ ପରିଚାଳକ, ଗାନ୍ଧୀକର୍ମ ମନ୍ଦିରର ପରିଚାଳକ ରୂପେ କାର୍ଯ୍ୟକରି ତୂଳାଭିଣା, ପାଞ୍ଜିବଳଣା, ସୂତାକଟା ଆଦି ଗଠନମୂଳକ ଶିକ୍ଷା ଦେଉଥିଲେ । ଏ କ୍ଷେତ୍ରରେ ତାଙ୍କୁ ସୁଭଦ୍ରା ଦେବୀ, ମଇନା ବିବି, ଗୋପୀନାଥ ଦାସ ପ୍ରମୁଖ ସହଯୋଗ କରୁଥିଲେ ।

ତତ୍କାଳୀନ ସ୍ୱାଧୀନୋତ୍ତର ଭାରତରେ ସେ ଚାହିଁଥିଲେ ହୋଇପାରିଥାନ୍ତେ ବିଧାୟକ କିମ୍ବା ସାଂସଦ ମାତ୍ର ସେ ତାଙ୍କ ସ୍ୱାଧୀନତା ସଂଗ୍ରାମୀର ପୁଞ୍ଜିକୁ ନେଇ ସଉଦା କରିନଥିଲେ । ମାତ୍ର ସ୍ୱାଧୀନ ପରବର୍ତ୍ତୀ ଜନ୍ମଭୂମି କେନ୍ଦୁଝରକୁ ଫେରିଆସି ଜିଲ୍ଲାର ଉନ୍ନତି ପାଇଁ ସେ ଜାରି ରଖିଥିଲେ ସାଲିସ୍ ବିହୀନ ସଂଗ୍ରାମ ।

ଆଜି ଜୀବନର ସାୟାହ୍ନରେ ୯୮ ବର୍ଷ ବୟସରେ ଶଯ୍ୟାଶାୟୀ କାହ୍ନୁବାବୁ କେନ୍ଦୁଝର ଜିଲ୍ଲାର ସୁଆମ ଶାସନରେ ନଡ଼ାଛପର ଘରେ

Click Here & Upgrade
Expanded Features
Unlimited Pages
PDF Complete Documents



ସରଳ ନିରାଡ଼ମ୍ବର ଜୀବନଯାପନ କରୁଛନ୍ତି ତାଙ୍କର ବିରାଟ ପରିବାରକୁ ନେଇ । ଏ ପରିଣତ ବୟସରେ ବି ସେ ଭୁଲି ନାହାନ୍ତି ଖଦଡ଼ ଗାମୁଛା ଓ ଗଞ୍ଜି ପିନ୍ଧିବା । ତାଙ୍କର ସରଳ ତଥା ନିରାଡ଼ମ୍ବର ଜୀବନ ନିକଟରେ ତତ୍କାଳୀନ ସଂଗ୍ରାମୀ ସାଥୀ ହରେକୃଷ୍ଣ ମହତାବ, ସୁରେନ୍ଦ୍ରନାଥ ଦ୍ୱିବେଦୀ, ଚିନ୍ତାମଣି ପାଣିଗ୍ରାହୀ, ଭାଗବତ ସାହୁ, ବିଜୁ ପଟ୍ଟନାୟକ, ଗୋକୁଳାନନ୍ଦ ମହାନ୍ତି, ବଂଶୀଧର ପଟ୍ଟନାୟକ, ନୀଳମଣି ରାଉତ, ଭବାନୀ ପଟ୍ଟନାୟକ ତନ୍ମୟ ତଥା ମନ୍ମୟ ହୋଇଯାଆନ୍ତି ।

ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ପାଇଁ ସେ ବହୁବାର ଜାତୀୟ ସମ୍ମାନରେ ସମ୍ମାନିତ ହୋଇଛନ୍ତି ।

ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ କରି ସେ ବହୁବାର ଗିରଫ ଏବଂ ଜେଲ୍ ଦଣ୍ଡ ଭୋଗିବା ସଂଗେସଂଗେ ଶାରୀରିକ ନିର୍ଯ୍ୟାତନା ମଧ୍ୟ ପାଇଥିଲେ । ୧୯୩୦ ମସିହାରେ ବାଲେଶ୍ୱରର ଇଞ୍ଚୁଡ଼ିଠାରେ ଲବଣ ସତ୍ୟାଗ୍ରହରେ ଲୁଣ ମାରି ୩ ମାସ ଜେଲ୍ ଦଣ୍ଡ ଭୋଗି ଥିଲେ । ପୋଲିସର ମାଡ଼ରେ ତାଙ୍କ ହାତ ପାପୁଲି ଫାଟି ମାଂସ ବାହାରକୁ ବାହାରି ପଡ଼ିଥିଲା । ମାତ୍ର ସେହି ରକ୍ତବୋଳା ହାତ ଦେଖାଇ ସେ ପୋଲିସକୁ କହିଥିଲେ - ଏ ହାତ କଟି ଗଲେ ବି ଆମେ ଆମ କାମ କରିବୁ । ଉତ୍ତ୍ୟକ୍ତ ହୋଇ ସେ ପୋଲିସ ତାଙ୍କ ହାତରେ ଲୁଣ ମକଚି ଦେଇଥିଲା । ଏ ସମୟରେ ପ୍ରଥମେ ବାଲେଶ୍ୱର ଓ ପରେ କଟକ ଜେଲ୍‌କୁ ତାଙ୍କୁ ସ୍ଥାନାନ୍ତରିତ କରାଯାଇଥିଲା । ଗାନ୍ଧୀ ଇରଉଇନ୍ ଚୁକ୍ତି ଫଳରେ ତାଙ୍କୁ ଦୁଇ ମାସ ପନ୍ଦର ଦିନରେ ଜେଲ୍‌ରୁ ଖଲାସ କରି ଦିଆଯାଇଥିଲା ।

୧୯୩୦ ମସିହାରେ ଭଦ୍ରଖରେ ନିଶା ନିବାରଣ ଆନ୍ଦୋଳନରେ ପିକେଟିଂ କରିବାରୁ ତାଙ୍କୁ ୭ ମାସ ଜେଲ୍ ଦଣ୍ଡ ହୋଇଥିଲା । ଭଦ୍ରଖ, କଟକ, ପାଟଣା ଜେଲ୍‌ରେ ୫ ମାସ ରହିବା ପରେ ଛୋକରା ବୋଲି ଖଲାସ କରି ଦିଆଯାଇଥିଲା ।

୧୯୩୧ ମସିହାରେ ସେ ବାଲେଶ୍ୱରର ଆଗରପଡ଼ାଠାରେ ବିଦେଶୀ ଲୁଗା ପୋଡ଼ି ଦେଇଥିବାରୁ ତାଙ୍କୁ ୯ ମାସ ଜେଲ୍ ଦଣ୍ଡ ହୋଇଥିଲା । ଏ ସମୟରେ ସେ ଭଦ୍ରଖ, କଟକ ଓ ପାଟଣା କ୍ୟାମ୍ପ ଜେଲ୍‌ରେ ୫ ମାସ ରହିବାପରେ ପୁନଶ୍ଚ ଛୋକରା ବୋଲି ଖଲାସ ପାଇଥିଲେ ।

୧୯୩୨ ମସିହାରେ ସ୍ୱର୍ଗତଃ ଭାଗବତ ସାହୁ ଓ କାହ୍ନୁଚରଣ ଦାଶ ଭଦ୍ରଖରେ ଏକ ଜନସଭାର ନେତୃତ୍ୱ ନେଇଥିବାରୁ ତାଙ୍କୁ ୧୧ ମାସ ଜେଲ୍ ଆଦେଶ ହୋଇଥିଲା । ଏ ସମୟରେ ସେ ପାଟଣା କ୍ୟାମ୍ପ ଜେଲ୍‌ରେ ରହିଥିଲେ, କାହ୍ନୁବାବୁ ଓ ତାଙ୍କ କର୍ମୀମାନେ ଅନଶନ କରିଥିଲେ ଗାନ୍ଧୀ ଗୋଲଟେବୁଲ ବୈଠକରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ନକରିବା ପର୍ଯ୍ୟନ୍ତ ।

ଏ ସମୟରେ ସେ ଭଦ୍ରଖରେ ପୁରୁଣା ବଜାରରେ କର୍ମୀମାନଙ୍କ ସହ ବିଦେଶୀ ଜିନିଷ ବର୍ଜନ ନିମନ୍ତେ ପିକେଟିଂ କରୁଥିବାରୁ ପୋଲିସର ଇଙ୍ଗିତରେ ଦୋକାନୀମାନେ କାହ୍ନୁବାବୁ ଓ ୮/୧୦ ଜଣ ସହକର୍ମୀଙ୍କର ଗୋଡ଼କୁ ବାନ୍ଧି ମୁଣ୍ଡ ତଳକୁ ଓ ଗୋଡ଼ ଉପରକୁ କରି ଟାଙ୍ଗି ଦେଇଥିଲେ । କାହ୍ନୁବାବୁଙ୍କ ନାକ ଦେଇ ଟୋପା ଟୋପା ରକ୍ତ ପଡ଼ିବାରୁ ସ୍ୱର୍ଗତଃ ଗୋକୁଳାନନ୍ଦ ମହାନ୍ତି ସହି ନପାରି ପ୍ରତିବାଦ କରିବା ଫଳରେ ପୋଲିସର ହଣ୍ଟର ପାହାରରେ ଗୋକୁଳାନନ୍ଦ ମହାନ୍ତିଙ୍କ ମୁଣ୍ଡ ଫାଟିଯିବା ସଂଗେସଂଗେ ସେ ଅଚେତ୍ ହୋଇପଡ଼ିଥିଲେ ।

ମହାତ୍ମା ଗାନ୍ଧୀ ୧୯୩୪ ମସିହାରେ ଭଦ୍ରଖକୁ ପଦଯାତ୍ରାରେ ଆସିଥାନ୍ତି । ସାଧାରଣ ସଭା ବେଆଇନ ଘୋଷଣା କରିଥିବାରୁ ଗାନ୍ଧିଜୀ ଜୀବରାମ କଲ୍ୟାଣ ଆଶ୍ରମରେ ରହୁଥାନ୍ତି । ମହାତ୍ମା ଗାନ୍ଧୀଙ୍କ ସହ ଏଇଠି କାହ୍ନୁବାବୁଙ୍କ ସାକ୍ଷାତ ହୋଇଥିଲା, କାହ୍ନୁବାବୁ ଓ ଗାନ୍ଧିଜୀଙ୍କ ଆଳାପର ଓଡ଼ିଆର ରୂପାନ୍ତର - 'ଆମେ ଗଡ଼ଜାତର ଲୋକ, ଗଡ଼ଜାତରେ ଆନ୍ଦୋଳନ ନକରି ଏଇଠି କାହିଁକି କରିବୁ ?' ଗାନ୍ଧିଜୀ - 'ବର୍ତ୍ତମାନ ଗଡ଼ଜାତର ରାଜାମହାରାଜାମାନେ ବ୍ରିଟିଶ୍ ସରକାରଙ୍କ ଛତ୍ର ତଳେ ଆଶ୍ରୟ ନେଇଛନ୍ତି । ବ୍ରିଟିଶ୍ ସରକାରଙ୍କ ସେଇ ଛତ୍ରଟିକୁ ଆମେ ଛଡ଼ାଇ ଆଣି ଧରିବାପରେ ଗଡ଼ଜାତର ରାଜାମାନେ ମନକୁ ମନ ଆସି ଆମ ଛତ୍ରଛାୟାରେ ଆଶ୍ରୟ ନେବାକୁ ବାଧ୍ୟ ହେବେ ।' ଏହାପରେ କାହ୍ନୁବାବୁ ଗଡ଼ଜାତର ଲୋକ ହୋଇଥିଲେ ମଧ୍ୟ ଓଡ଼ିଶାର ଯେକୌଣସି ସ୍ଥାନରେ ଆନ୍ଦୋଳନ କରିବାକୁ ପଛଘୁଞ୍ଚା ଦେଇନଥିଲେ ।

ସେତେବେଳେ କେତେକ ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀ ରାଜାନୁଗତ - ରାଜାଙ୍କ ସପକ୍ଷରେ ୟୁନିୟନ ଗଠନ ପୂର୍ବକ କେନ୍ଦୁଝରରେ ରାଜାଙ୍କ ପ୍ରତିନିଧିମୂଳକ ଶାସନ ଚଳାଇବା ପାଇଁ ଚକ୍ରାନ୍ତ ଚଳାଇଥିଲେ । ମାତ୍ର କାହ୍ନୁବାବୁ ଏବଂ କେନ୍ଦୁଝରର ସ୍ୱର୍ଗତଃ ବଂଶୀଧର ପଟ୍ଟନାୟକ କେନ୍ଦୁଝରରୁ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ନେଇ କଟକ ଯାଇ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କୁ ତା.୧୩.୧୨.୧୯୪୭ରିଖରେ ଭେଟି ଦୃଢ଼ ଦାବି କରିଥିଲେ, 'କେନ୍ଦୁଝରକୁ ଓଡ଼ିଶା କଂଗ୍ରେସ ଶାସନ ସହିତ ସାମିଲ କରିବାକୁ ।'

ସ୍ୱାଧୀନତା ପ୍ରାପ୍ତିର ଅବ୍ୟବହିତ ପୂର୍ବରୁ ସ୍ୱର୍ଗତଃ ହରେକୃଷ୍ଣ ମହତାବଙ୍କ ନିର୍ଦ୍ଦେଶରେ କାହ୍ନୁବାବୁ ଓ ତାଙ୍କ ସହକର୍ମୀ ଶଙ୍କର୍ଷଣ ପଟ୍ଟନାୟକ କେନ୍ଦୁଝରରେ ପହଞ୍ଚିଥିଲେ, ପ୍ରଜାମାନଙ୍କ ଉପରେ ହେଉଥିବା ଜୁଲମ୍ ସଂପର୍କରେ ତଥ୍ୟ ଆଣିବା ପାଇଁ । କେନ୍ଦୁଝରଗଡ଼ ବଡ଼ ଡାକ୍ତରଖାନା ସାମ୍ନାରେ କୃଷ୍ଣଗୁଡ଼ିଆ ଜଳଖିଆ ଦୋକାନ ଉପରକୁ ଜଣେ ମଦ୍ୟପ ଟେକା ଫୋପାଡୁଥାଏ । ଦୋକାନ ଭିତରୁ କେହି ବାହାରକୁ ବାହାରି ପାରୁନଥାନ୍ତି । ରାସ୍ତାରେ ଗମନାଗମନ ବନ୍ଦ, ସାହସ ବାନ୍ଧି କାହ୍ନୁବାବୁ ଓ ଶଙ୍କର୍ଷଣ ସେ ମଦ୍ୟପକୁ ମଦ ପରିବର୍ତ୍ତେ ଦୁଧ ପିଇବାକୁ ପ୍ରବର୍ତ୍ତାଇବାରୁ ସେ ମଦ୍ୟପଟି ହଠାତ୍ ତଳେ ପଡ଼ିଯିବାରୁ ଏ ଦୁହେଁ ମଦ୍ୟପକୁ ଚେଷ୍ଟାକରି ତଳୁ ଉଠାଇବାରୁ ହଠାତ୍ ସେ କାହ୍ନୁବାବୁଙ୍କ ବେକରେ ପଡ଼ିଥିବା ଖଦଡ଼ ଚାଦର ଗୁଡାଇବାକୁ ଲାଗିଲା । ଫଳରେ ତାଙ୍କ ଶ୍ୱାସରୁଦ୍ଧ ହୋଇଯାଉଥାଏ । ତା'ପରେ ସେ ଏକ ସ୍ପ୍ରିଂ

Click Here & Upgrade
Expanded Features
Unlimited Pages
PDF Complete Documents



ଛୁରୀ ବାହାରକରି କାହ୍ନୁବାବୁଙ୍କୁ ଭୁଷିବା ପାଇଁ ଉଦ୍ୟତ ହୋଇ କହୁଥାଏ 'ଶାଳା ହମାରା ପାକିଟ୍ ମେଁ ପାଞ୍ଚ ଶୌ ରୁପିଆ ଥା, ତୁମ ଲେ ଗୟେ ।' ଅନେକ ଚେଷ୍ଟା କରି ମଧ ସେ ତା' କବଳରୁ ଖସିପାରୁ ନଥାନ୍ତି । ଘୋଷଡ଼ା ଘୋଷଡ଼ି ହୋଇ କାହ୍ନୁବାବୁ ଓ ସେ ମଦ୍ୟପ ନଗର ଭବନ ଆମ୍ବତୋଟା ନିକଟରେ ପହଞ୍ଚିଲେ । ସେତେବେଳେ ଶହ ଶହ ଲୋକଙ୍କ ଭିଡ଼ । ସେଇ ଦୁର୍ଦ୍ଧାନ୍ତ ବ୍ୟକ୍ତିଟି ଯେତେବେଳେ ଶଙ୍କର୍ଷଣ ବାବୁଙ୍କୁ ଧରିବାକୁ ଚେଷ୍ଟା କଲା, ସେତେବେଳେ କାହ୍ନୁବାବୁଙ୍କ ଚଦରଟି ଢିଲା ପଡ଼ିଗଲା । ଏ ସୁଯୋଗରେ ସେ ଦୌଡ଼ିପଳାଇ ଯାଇ ରାମଚନ୍ଦନ ତ୍ରିବେଦୀଙ୍କ ଘରେ ପଶିଗଲେ । ଏ ଖବର ବିଦ୍ୟୁତ୍ ବେଗରେ କେନ୍ଦୁଝର ବଜାରରେ ପ୍ରଚାର ହୋଇଗଲା । କାହ୍ନୁବାବୁଙ୍କ ବନ୍ଧୁ ସ୍ୱର୍ଗତଃ ବଂଶୀଧର ପଟ୍ଟନାୟକ ଖବର ପାଇ ନିଜ ଗାଡ଼ି ନେଇ କାହ୍ନୁବାବୁ ଓ ଶଙ୍କର୍ଷଣ ପଟ୍ଟନାୟକଙ୍କୁ ଉଦ୍ଧାର କରିଥିଲେ । ପରେ ଜଣା ପଡ଼ିଲା ଯେ ସଂପୃକ୍ତ ମଦ୍ୟପ ଜଣକ କେନ୍ଦୁଝର ଏସ୍.ପି.ଙ୍କ ଦ୍ୱାରା ନିଯୁକ୍ତ ଜଣେ ଛଦ୍ମବେଶୀ କର୍ମଚାରୀ ଯିଏ କି କାହ୍ନୁବାବୁଙ୍କୁ ହତ୍ୟା କରିବା ପାଇଁ ନିଯୁକ୍ତି ପାଇଥିଲା ।

ସ୍ୱାଧୀନତାର ପରବର୍ତ୍ତୀ ସମୟରେ ସେ ପାଟଣା ତଥା କେନ୍ଦୁଝର ଜିଲ୍ଲାର ଉନ୍ନତି ସକାଶେ ଅନେକ ସଂଗ୍ରାମ କରିଛନ୍ତି । ପାଟଣାର ହିନ୍ଦୁ ମୁସଲିମ୍ ସମ୍ପ୍ରଦାୟିକ ଗଣ୍ଡଗୋଳକୁ ବହୁ ପରିଶ୍ରମରେ ୧୯୬୪ ମସିହାରେ ଆପୋଷ ଶାନ୍ତି ମାଧ୍ୟମରେ ସମାଧାନ କରିଥିଲେ । ସେହିଭଳି ୧୯୭୧ ମସିହାରେ ଆନନ୍ଦପୁର ସବ୍‌ଡିଭିଜନ୍‌ର ମହାବାତ୍ୟାରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟର ନେତୃତ୍ୱ ନେଇଥିଲେ । ପାଟଣାରେ ବାଳକ ବାଳିକା ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରତ୍ୟକ୍ଷ ସହଯୋଗ କରିବା ସଂଗେସଂଗେ ପାଟଣାରେ ଏକ ମହାବିଦ୍ୟାଳୟ କରିବା ପାଇଁ ତାଙ୍କୁ ଚାଷୀ ମୂଲିଆ, ବେପାରୀ, ଚାକିରିଆ ସମସ୍ତେ ପେଟରୁ କାଟି ପାରୁ ପର୍ଯ୍ୟନ୍ତ କଲେଜକୁ ଆର୍ଥିକ ସାହାଯ୍ୟ କରିଥିଲେ । ପାଟଣାରୁ ବାହାରକୁ ସଦର ମହକୁମା ଯିବାପାଇଁ କୌଣସି ପରିବହନ ବ୍ୟବସ୍ଥା ନଥିଲା । ଏଥିପାଇଁ ସେ ଆମରଣ ଅନଶନ କରିବାରୁ ଏକ ସରକାରୀ ବସ୍ ଚାଲିଥିଲା । ପାଟଣା ଡାକ୍ତରଖାନା ପାଇଁ ଏକ ପୋଷ୍ଟମୋର୍ଟମ ଗୃହ ନିର୍ମାଣ ଦାବିରେ ଆମରଣ ଅନଶନ କରି ସେ ଅହିଂସା ଉପାୟରେ ସଫଳତା ପାଇପାରିଥିଲେ ।

ତାଙ୍କ ମତରେ ବର୍ତ୍ତମାନ ଯେଉଁମାନେ ରାଜନୀତିରେ ସକ୍ରିୟ ଅଛନ୍ତି, ସେମାନେ ଜଣେ ଜଣେ ସୁବିଧାବାଦୀ ବେପାରୀ । ନେତାମାନେ ଯଦି ପ୍ରକୃତରେ ଦେଶ ସବା କରିବାକୁ ଚାହାଁନ୍ତି ତେବେ ବିନା ପଦବୀରେ ଦେଶସେବା କରିବାକୁ ସେ ଆହ୍ୱାନ ଦିଅନ୍ତି । ତାଙ୍କ ମତରେ କୌଣସି ରାଜନୈତିକ ଦଳରେ ଆଜି ଆଉ ନୀତି କିମ୍ବା ସ୍ୱତନ୍ତ୍ର ଆଦର୍ଶ ନାହିଁ । ଦୁର୍ନୀତିର ମୂଳପ୍ରାଟନ ପାଇଁ ସଚ୍ଚୋଟ ଦେଶପ୍ରେମୀମାନେ ରାଜନୀତି ମଇଦାନକୁ ଓହ୍ଲାଇବା ଆବଶ୍ୟକ ବୋଲି ସେ କହନ୍ତି ।

ସ୍ୱାମ ଶାସନ
କେନ୍ଦୁଝର

## ସ୍ୱାସ୍ଥ୍ୟସେବା ଉନ୍ନୟନ ପ୍ରକଳ୍ପ ପକ୍ଷରୁ ୬୦ କୋଟି ୭୬ ଲକ୍ଷ ଟଙ୍କାର ଯନ୍ତ୍ରପାତି ଯୋଗାଣ

ସରକାର ରାଜ୍ୟର ଜନସାଧାରଣଙ୍କୁ ବିଶେଷତଃ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବାସ କରୁଥିବା ଗରିବ ଲୋକଙ୍କୁ ମୌଳିକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ପ୍ରୟାସ ଜାରି ରଖିଛନ୍ତି । ଏହି ପରିପ୍ରେକ୍ଷୀରେ ଆଶାନୁରୂପ ଅର୍ଥ ବରାଦ ଓ ସ୍ୱାସ୍ଥ୍ୟାନୁଷ୍ଠାନଗୁଡ଼ିକର ବିକାଶ, ନୀତି ନିର୍ଦ୍ଧାରଣ ତଥା ସ୍ୱାସ୍ଥ୍ୟ ସମ୍ବଳର ସଦୁପଯୋଗ ଦ୍ୱାରା ସ୍ୱାସ୍ଥ୍ୟସେବାକୁ ଅଧିକ ବ୍ୟାପକ, ଫଳପ୍ରଦ ଓ ଲୋକାଭିମୁଖୀ କରାଯିବା ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ବିଶ୍ୱବ୍ୟାଙ୍କ ଋଣ ସହାୟତାରେ ରାଜ୍ୟରେ ୧୯୯୮ ମସିହା ସେପ୍ଟେମ୍ବର ମାସଠାରୁ କାର୍ଯ୍ୟକାରୀ ହେଉଥିବା ଓଡ଼ିଶା ସ୍ୱାସ୍ଥ୍ୟ ବ୍ୟବସ୍ଥା ଉନ୍ନୟନ ପ୍ରକଳ୍ପ ମାଧ୍ୟମରେ ପ୍ରଚଳିତ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଦୃଢ଼ୀଭୂତ କରାଇବା ପାଇଁ କାର୍ଯ୍ୟ ଚାଲିଛି । ଏହି ପ୍ରକଳ୍ପ ପକ୍ଷରୁ ଚିହ୍ନିତ ୧୫୬ଟି ହସ୍‌ପିଟାଲର ଉନ୍ନତିକରଣ କରାଯାଉଥିବାବେଳେ ୨୦୦୪-୦୫ ବର୍ଷ ସୁଦ୍ଧା ୪ଟି ପର୍ଯ୍ୟାୟରେ ୬୦ କୋଟି ୭୬ ଲକ୍ଷ ଟଙ୍କାର ଯନ୍ତ୍ରପାତି ଓ ଆସବାବପତ୍ର ଯୋଗାଇ ଦିଆଯାଇଛି । ପ୍ରଥମ ପର୍ଯ୍ୟାୟରେ ୧୯୯୯-୨୦୦୦ରେ ୯ କୋଟି ୨୩ ଲକ୍ଷ, ଦ୍ୱିତୀୟ ପର୍ଯ୍ୟାୟ ୨୦୦୨-୦୩ରେ ୬ କୋଟି ୧୪ ଲକ୍ଷ, ତୃତୀୟ ପର୍ଯ୍ୟାୟ ୨୦୦୩-୦୪ରେ ୯ କୋଟି ୯୨ ଲକ୍ଷ ଏବଂ ଚତୁର୍ଥ ପର୍ଯ୍ୟାୟ ୨୦୦୪-୦୫ରେ ୨୩ କୋଟି ୩୦ ଲକ୍ଷ ଟଙ୍କାର ଯନ୍ତ୍ରପାତି ଓ ଆସବାବପତ୍ର ଯୋଗାଇ ଦିଆଯାଇଛି । ଚଳିତବର୍ଷ ମଧ ଏଥିପାଇଁ ବ୍ୟବସ୍ଥା କରାଯାଇଛି । ବିଶ୍ୱବ୍ୟାଙ୍କ ନୀତି ନିୟମ ଅନୁଯାୟୀ ରୋଗ ନିରୀକ୍ଷଣ, ଡାକ୍ତରଖାନା ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମ, ତାଲିମ୍, ସ୍ୱାସ୍ଥ୍ୟ ଶିବିର ଓ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ କେନ୍ଦ୍ର ଆଦି କାର୍ଯ୍ୟକ୍ରମ ଉପରେ ମଧ ପ୍ରକଳ୍ପ ପକ୍ଷରୁ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଉଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂତ୍ରରୁ ପ୍ରକାଶ ।

Click Here & Upgrade
Expanded Features
Unlimited Pages
PDF Complete Documents



# ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅମ୍ଳାନ ଜ୍ୟୋତି ସଂଗ୍ରାମୀ ଗୌରୀଶ୍ୟାମ ନାୟକ

ବ୍ରଜ ପାଇକରାୟ

ବ୍ରିଟିଶ ଶାସନାଧୀନ ଭାରତବର୍ଷକୁ ବିଦେଶୀମାନଙ୍କ କବଳରୁ ମୁକ୍ତ କରିବା ପାଇଁ ବହୁ ଦେଶପ୍ରେମୀ ଭାରତୀୟ ନିଜର ଭବିଷ୍ୟତକୁ ଜଳାଞ୍ଜଳି ଦେଇ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ଦେଶରୁ ଇଂରେଜ ଶାସନକୁ ବିଲୋପ କରିବା ପାଇଁ ସଂଗ୍ରାମୀମାନେ ବଜ୍ର ଶପଥ ଗ୍ରହଣ କରିଥିଲେ । ନିଜର ପାରିବାରିକ ସୁଖ ସ୍ୱାଚ୍ଛନ୍ଦ୍ୟକୁ ବଳି ଦେଇ ଦେଶବାସୀଙ୍କ ଦୁଃଖ ଦୁର୍ଦ୍ଦଶା ମୋଚନ କରିବା ସଂଗ୍ରାମୀମାନଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ ଥିଲା । ଅତ୍ୟାଚାରିତ ଦେଶବାସୀଙ୍କୁ ବ୍ରିଟିଶ ନିର୍ଯ୍ୟାତନାରୁ ରକ୍ଷା କରିବା ଲାଗି ପୋଲିସ୍‌ର ଲାଠି, ଗୁଳିକୁ ଖାତିର ନକରି ଓଡ଼ିଶାର ଯେଉଁ ସ୍ୱାଧୀନତା ସଂଗ୍ରାମୀମାନେ ଅସୀମ ତ୍ୟାଗ ଓ କଷ୍ଟ ସ୍ୱୀକାର କରିଥିଲେ, ସେମାନଙ୍କ ମଧ୍ୟରେ ସଂପ୍ରତି ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ହାଜିପୁର ଗ୍ରାମର ସଂଗ୍ରାମୀ ଗୌରୀଶ୍ୟାମ ନାୟକ ଥିଲେ ଅନ୍ୟତମ ।



ସଂଗ୍ରାମୀ ଗୌରୀଶ୍ୟାମ ଉତ୍କଳ ସଂସ୍କୃତିର ପ୍ରାଣକେନ୍ଦ୍ର ଶ୍ରୀକ୍ଷେତ୍ର ପୁରୀଠାରେ ୧୯୧୮ ମସିହା ଅଗଷ୍ଟ ମାସ ୧୮ ତାରିଖ ପବିତ୍ର ଗଣେଶ ଚତୁର୍ଥୀର ଶୁଭ ଲଗ୍ନରେ ଭୂମିଷ୍ଠ ହୋଇଥିଲେ । ତାଙ୍କ ମାତାଙ୍କ ନାମ ଶ୍ରୀମତୀ ମୋତି ଦେବୀ ଏବଂ ପିତାଙ୍କ ନାମ ଥିଲା ଶ୍ରୀଯୁକ୍ତ ମାଧବ ଚରଣ ନାୟକ । ମାଧବବାବୁ ତତ୍କାଳୀନ ସମୟରେ ପୁରୀର ଡି.ଆଇ. ଅଫ୍ ସ୍କୁଲସ୍ ଭାବେ ଅବସ୍ଥାପିତ ହୋଇଥିଲେ । ପୁରୀରେ ଗୌରୀଶ୍ୟାମଙ୍କ ବାଲ୍ୟଶିକ୍ଷା ଆରମ୍ଭ ହୋଇଥିଲେ ମଧ୍ୟ ପିତାଙ୍କର ବାଲେଶ୍ୱର ବଦଳି ହୋଇଯିବାରୁ ସେ ବାଲେଶ୍ୱର ଜିଲ୍ଲା ସ୍କୁଲର ଛାତ୍ରଭାବେ ନାଁ ଲେଖାଇଥିଲେ । ୧୯୩୫ ମସିହାରେ ଗୌରୀଶ୍ୟାମ ବାଲେଶ୍ୱର ଜିଲ୍ଲା ସ୍କୁଲର ଏକାଦଶ ଶ୍ରେଣୀରେ ଅଧ୍ୟୟନ କରୁଥିଲେ । ପିତାଙ୍କ ଅକାଳ ବିୟୋଗ ହେବାରୁ ୧୯୩୬ ମସିହାରେ ଗୌରୀଶ୍ୟାମ ବାଲେଶ୍ୱର ଛାଡ଼ି ଗାଁକୁ ଫେରି ଆସିଲେ । ୧୯୩୭ ମସିହାରେ ଗୌରୀଶ୍ୟାମ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ ।

କଟକର ବାଙ୍କି ସାହିଠାରେ ଗୌରୀଶ୍ୟାମ ପିତାଙ୍କର ନିଜସ୍ୱ ଗୃହ ଥିବାରୁ ସେ କଟକରେ ଅବସ୍ଥାନ କରୁଥିବା ବିଶିଷ୍ଟ କଂଗ୍ରେସ ନେତା ରାଜକୃଷ୍ଣ ବୋଷ, ଭାଗିରଥି ମହାପାତ୍ର ଏବଂ ସରଳା ଦେବୀଙ୍କ ସହ ପରିଚିତ ଥିଲେ ଏବଂ ସେମାନଙ୍କ ଦେଶ ପ୍ରାଣତା ଚିନ୍ତାଧାରା ଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇଥିଲେ । ଫଳସ୍ୱରୂପ ୧୯୪୧ ମସିହାରେ ଗୌରୀଶ୍ୟାମ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ୧୯୪୨ ମସିହାରେ ମହାତ୍ମା ଗାନ୍ଧୀ ଇଂରେଜମାନଙ୍କ ଭାରତ ଛାଡ଼ି ବ୍ରିଟେନ ଚାଲିଯିବା ଲାଗି 'ଭାରତ ଛାଡ଼ ଆନ୍ଦୋଳନ' (Quit India Movement) କରିଥିଲେ । ଭାରତୀୟମାନଙ୍କୁ ଆହ୍ୱାନ ଦେଇ ଗାନ୍ଧିଜୀ କହିଥିଲେ 'କର ବା ମର' (Do or die) । ଗାନ୍ଧିଜୀଙ୍କ ଉକ୍ତ ଆହ୍ୱାନ ସମଗ୍ର ଭାରତବର୍ଷରେ ଚମକ ସୃଷ୍ଟି କରିଥିଲା । ସଂଗ୍ରାମୀ ଗୌରୀଶ୍ୟାମଙ୍କ ମନରେ ଗାନ୍ଧିଜୀଙ୍କ ବିପ୍ଳବ ବାର୍ତ୍ତା ବାରମ୍ବାର ଅନୁରଣିତ ହେଉଥିଲା ।

୧୯୪୨ ମସିହା ସେପ୍ଟେମ୍ବର ମାସ ୬ ତାରିଖ । ସେ ସମୟକୁ ଭାରତ ଛାଡ଼ ଆନ୍ଦୋଳନର ପ୍ରଭାବ ଧୀରେ ଧୀରେ କମି ଆସୁଥାଏ । ହେଲେ ଗୌରୀଶ୍ୟାମ ନାୟକଙ୍କ ବ୍ରିଟିଶ ବିରୋଧୀ ମନୋଭାବ ସେଇମିତି ଅପରିବର୍ତ୍ତିତ ରହିଥାଏ । ବ୍ରିଟିଶ ଅତ୍ୟାଚାର ଓ ନିର୍ଯ୍ୟାତନାର ମୂଳ କ୍ଷେତ୍ର ପୋଲିସ୍ ଥାନାକୁ ଧ୍ୱଂସ କରିଦେବା ପାଇଁ ଗୌରୀଶ୍ୟାମ ମନସ୍ଥ କରି ସାଥୀ କଂଗ୍ରେସ କର୍ମୀମାନଙ୍କ ସହ ମନ୍ତ୍ରଣା କଲେ ଏବଂ ତାରି ଫଳସ୍ୱରୂପ ସଂଗ୍ରାମୀ ଗୌରୀଶ୍ୟାମଙ୍କ ନେତୃତ୍ୱରେ ଶହ ଶହ କଂଗ୍ରେସ କର୍ମୀ ଶୋଭାଯାତ୍ରାରେ ଯାଇ ଦିନବେଳା ଏରସମା ଥାନାରେ ଅଗ୍ନି ସଂଯୋଗ ପୂର୍ବକ ଥାନାକୁ ସଂପୂର୍ଣ୍ଣ ଧ୍ୱଂସ ସ୍ତୂପରେ ପରିଣତ କରିଦେଲେ । ବ୍ରିଟିଶ ସରକାର ଏରସମା ଥାନା ପୋଡ଼ିର ମୁଖ୍ୟ ନାୟକ ଗୌରୀଶ୍ୟାମଙ୍କୁ ୧୯୪୨ ମସିହା ସେପ୍ଟେମ୍ବର ମାସ ୧୦ ତାରିଖ ଦିନ ଗିରଫ କରି କଟକ ଜେଲକୁ ପ୍ରେରଣ କଲେ ।

Click Here & Upgrade
Expanded Features
Unlimited Pages
PDF Complete



କଟକ ଜେଲର ଓ୍ୱାଡ଼ ନମ୍ବର ୧୫ରେ କାରାରୁଦ୍ଧ ଥିବା ଅବସ୍ଥାରେ ଗୌରୀଶ୍ୟାମଙ୍କ ସହବନ୍ଦୀ ଥିଲେ ଓଡ଼ିଶାର ବିଶିଷ୍ଟ କଂଗ୍ରେସ ନେତା ନବକୃଷ୍ଣ ଚୌଧୁରୀ, ଗୋପବନ୍ଧୁ ଚୌଧୁରୀ, ବିଜୁ ପଟ୍ଟନାୟକ, ସୁରେନ୍ଦ୍ର ନାଥ ଦ୍ୱିବେଦୀ, ନିଶାମଣି ଖୁଣ୍ଟିଆ ଏବଂ ବୈଦ୍ୟନାଥ ଦାଶ । ସଂଗ୍ରାମୀ ଗୌରୀଶ୍ୟାମ ଉକ୍ତ ନେତାମାନଙ୍କ ସାହଚର୍ଯ୍ୟ ଲାଭ କରି ନିଜକୁ ଧନ୍ୟ ମନେ କରିଥିଲେ ଏବଂ ଦେଶର ସ୍ୱାଧୀନତା ସଂଗ୍ରାମରେ ନିଜକୁ ସଂପୂର୍ଣ୍ଣ ଭାବେ ଉତ୍ସର୍ଗ କରିଥିଲେ ।

୧୯୪୫ ମସିହା ଅପ୍ରେଲ ମାସ ୨୩ ତାରିଖରେ ଜେଲ୍ ମିଆଦ ପୂର୍ଣ୍ଣ ହେବା ପରେ ଗୌରୀଶ୍ୟାମ ମୁକ୍ତିଲାଭ କରି ନିଜ ଗାଁ ହାଜିପୁରକୁ ଫେରି ଆସିଲେ । ହେଲେ ସଂଗ୍ରାମୀ ଗୌରୀଶ୍ୟାମ ଚୁପ୍‌ଚାପ ହୋଇ ବସିଯିବା ଭଳି ବ୍ୟକ୍ତି ନଥିଲେ । ଗାନ୍ଧିଜୀଙ୍କ ରଚନାତ୍ମକ କାର୍ଯ୍ୟ ଦ୍ୱାରା ଅନୁପ୍ରାଣିତ ଗୌରୀଶ୍ୟାମ ଅରଟରେ ସୂତା କାଟିବା, ହରିଜନ ବସ୍ତି ସଫେଇ ଏବଂ ଖଦଡ଼ ବସ୍ତ୍ରର ପ୍ରଚାର ଓ ପ୍ରସାର ପାଇଁ ସ୍ୱ-ଉଦ୍ୟମ ଜାରି ରଖିଥିଲେ । ନିଜକୁ ଜଣେ ସଚ୍ଚା କଂଗ୍ରେସ କର୍ମୀଭାବେ ଉପସ୍ଥାପନ କରିବା ପାଇଁ ସେ ସର୍ବଦା ଖଦଡ଼ ବସ୍ତ୍ର ପରିଧାନ କରୁଥିଲେ ।

୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ବହୁ ପ୍ରତିକ୍ଷିତ ସ୍ୱାଧୀନତା ଲାଭ କରି ଭାରତୀୟମାନେ ବ୍ରିଟିଶ ଶାସନ ଶୃଙ୍ଖଳରୁ ମୁକ୍ତ ହେଲେ । ସ୍ଥାନୀୟ ଜନସାଧାରଣଙ୍କ ଅନୁରୋଧ ଓ ସମର୍ଥନକ୍ରମେ ସଂଗ୍ରାମୀ ଗୌରୀଶ୍ୟାମ ଏରସମା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀଭାବେ ନିର୍ବାଚନ ଲଢ଼ି ୧୯୫୧ ମସିହା ଡିସେମ୍ବର ମାସରେ ଓଡ଼ିଶା ବିଧାନସଭାକୁ ବିଧାୟକ ଭାବେ ନିର୍ବାଚିତ ହୋଇ ଆସିଲେ ।

୧୯୫୨ ମସିହାରେ ଓଡ଼ିଶାର ନୂଆ ରାଜଧାନୀ ଭୁବନେଶ୍ୱରସ୍ଥ ସର୍ଦ୍ଦାର ପଟେଲ ହଲ୍‌ଠାରେ ସ୍ୱାଧୀନତା ପରବର୍ତ୍ତୀ ପ୍ରଥମ ବିଧାନସଭା ଅଧିବେଶନ ଆରମ୍ଭ ହୋଇଥିଲା । ସେ ସମୟକୁ ଏମ୍.ଏଲ୍.ଏ. କଲୋନୀ ନିର୍ମିତ ହୋଇ ନଥିଲା । ବିଧାୟକମାନେ ୟୁନିଟ୍-୩ ସ୍ଥିତ ପିଅନ୍ କ୍ୱାଟରରେ ବାସ କରୁଥିଲେ ଏବଂ ପାଦରେ ଚାଲି ଚାଲି ବିଧାନସଭା ଅଧିବେଶନରେ ଯୋଗଦାନ କରୁଥିଲେ । ଏଥିଲାଗି ବିଧାୟକମାନେ ନିଜକୁ କେବେ ଲଜ୍ଜିତ ମନେ କରୁନଥିଲେ । କାରଣ ସେମାନଙ୍କ ମନ ମଧ୍ୟରେ ଜନସାଧାରଣଙ୍କ ପ୍ରତିନିଧି ଭାବରେ କିଛି କାର୍ଯ୍ୟ କରିବାର ଅଦମ୍ୟ ପ୍ରେରଣା ରହିଥିଲା ।

୧୯୬୨ ମସିହାରେ ସଂଗ୍ରାମୀ ଗୌରୀଶ୍ୟାମ ଏରସମା ପଞ୍ଚାୟତ ସମିତିର ପ୍ରଥମ ଚେୟାରମ୍ୟାନ ଭାବେ ନିର୍ବାଚିତ ହୋଇ ୧୯୬୭ ମସିହା ପର୍ଯ୍ୟନ୍ତ ଉକ୍ତ ପଦବୀ ଅଳଙ୍କୃତ ସହ ଏରସମା ଅଞ୍ଚଳର ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ । ୧୯୬୨ ମସିହାରେ ଚୀନ-ଭାରତ ଯୁଦ୍ଧ ସମୟରେ ଦେଶପ୍ରେମରେ ଉଦ୍‌ବୁଦ୍ଧ ଗୌରୀଶ୍ୟାମଙ୍କ ପ୍ରଚେଷ୍ଟାରେ ୧୪୦ ଭରି ସୁନା ଏବଂ ଦଶ ହଜାର ଟଙ୍କା ସଂଗୃହୀତ ହୋଇ ଭାରତୀୟ ଜାତୀୟ ପ୍ରତିରକ୍ଷା ପାଣ୍ଠିକୁ ପ୍ରେରଣ କରାଯାଇଥିଲା ।

ଏରସମା ଅଞ୍ଚଳରେ ଶିକ୍ଷାର ବିକାଶ ନିମିତ୍ତ ସଂଗ୍ରାମୀ ଗୌରୀଶ୍ୟାମଙ୍କ ଅବଦାନ ବିଶେଷ ଉଲ୍ଲେଖଯୋଗ୍ୟ । ତାଙ୍କର ଅକ୍ଳାନ୍ତ ଉଦ୍ୟମ ଓ ପ୍ରଚେଷ୍ଟାର ଫଳସ୍ୱରୂପ ୧୯୮୪-୮୫ ମସିହାରେ ଏରସମା ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁରଠାରେ କଲେଜ ପ୍ରତିଷ୍ଠିତ ହେଲା ଏବଂ ସର୍ବସମ୍ମତିକ୍ରମେ ସେ ପରିଚାଳନା ସମିତିର ପ୍ରଥମ ସଭାପତି ଭାବେ ନିର୍ବାଚିତ ହୋଇଥିଲେ ।

ଭାରତୀୟ ସ୍ୱାଧୀନତା ସଂଗ୍ରାମ ପ୍ରତି ତାଙ୍କର ଉଲ୍ଲେଖନୀୟ ଅବଦାନ ଲାଗି ୧୯୭୨ ମସିହା ଅଗଷ୍ଟ ୧୫ ତାରିଖ ଦିନ ଦିଲ୍ଲୀର ଲାଲକିଲ୍ଲାଠାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ସଂଗ୍ରାମୀ ଗୌରୀଶ୍ୟାମଙ୍କୁ ତାମ୍ର ଫଳକ ଓ ଉପାୟନ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ । ୧୯୭୩ ମସିହାରେ ତତ୍କାଳୀନ ରାଷ୍ଟ୍ରପତି ଭି.ଭି. ଗିରି ମଧ୍ୟ ରାଷ୍ଟ୍ରପତି ଭବନଠାରେ ସଂଗ୍ରାମୀ ଗୌରୀଶ୍ୟାମଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ୧୯୯୨ ମସିହାରେ ତିର୍ତ୍ତୋଲସ୍ଥିତ ଚେଳିତୋଳ ସାଂସ୍କୃତିକ ପରିଷଦ ଦ୍ୱାରା 'ଚେଳିତୋଳ ସମ୍ମାନ' ଏବଂ ୧୯୯୭ ମସିହାରେ ଭାରତର ପଚାଶତମ ସ୍ୱାଧୀନତା ବର୍ଷ ବା ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟ ଆନୁକୂଲ୍ୟରେ ସଂଗ୍ରାମୀ ଗୌରୀଶ୍ୟାମଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ପୁନଶ୍ଚ ଠିକ୍ ସେଇ ୧୯୯୭ ମସିହାରେ ଗୌରୀଶ୍ୟାମଙ୍କ ସଂଗ୍ରାମମୟ ଜୀବନକୁ ଆଧାର କରି ଏକ ପ୍ରାମାଣିକ ଚଳଚ୍ଚିତ୍ର (Documentary Film) ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ତରଫରୁ ପ୍ରସ୍ତୁତ କରାଯାଇଥିଲା । ୨୦୦୪ ମସିହାରେ ଭାରତର ରାଷ୍ଟ୍ରପତି ଏ.ପି.ଜେ. ଅବ୍‌ଦୁଲ କାଲାମ ରାଷ୍ଟ୍ରପତି ଭବନର ଅଶୋକା ହଲ୍‌ଠାରେ ସଂଗ୍ରାମୀ ଗୌରୀଶ୍ୟାମଙ୍କୁ ସମ୍ମାନିତ କରିବା ବିଶେଷ ଉଲ୍ଲେଖଯୋଗ୍ୟ । ୨୦୦୫ ମସିହା ଫେବୃଆରୀ ମାସରେ ଭୁବନେଶ୍ୱରସ୍ଥିତ ସ୍ୱାଧୀନତା ସଂଗ୍ରାମୀ ବିନାୟକ ମହାପାତ୍ର ଜୟନ୍ତୀ କମିଟି ଦ୍ୱାରା ସ୍ୱାଧୀନତା ସଂଗ୍ରାମୀ ଗୌରୀଶ୍ୟାମ ନାୟକଙ୍କୁ ମାନପତ୍ର ଓ ଉପାୟନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି ।

ସରକାରୀ ଓକିଲ
୩୪୨/ବି, ଜାଗମରା (ବରବାରି)
ଭୁବନେଶ୍ୱର - ୩୦

▪▪▪▪▪▪

PDF Complete
Click Here & Upgrade
Expanded Features
Unlimited Pages



# ସ୍ୱାଧୀନତା ଆନ୍ଦୋଳନରେ ନିମାପଡ଼ାର ମୋହନ ଦାଶ

ଶ୍ରୀନିବାସ ଆଚାର୍ଯ୍ୟ

**ସ୍ୱା**ଧୀନତାର ସ୍ୱାଦ ପୂର୍ବରୁ ଅର୍ଥାତ୍ ଶହ ଶହ ବର୍ଷ ତଳୁ ପୁରୀ ଜିଲ୍ଲାର ନିମାପଡ଼ା (କୋଠଦେଶ) ଅଞ୍ଚଳକୁ ସଦାସର୍ବଦା ବନ୍ୟା, ବାତ୍ୟା, ମରୁଡ଼ି, ଦୁର୍ଭିକ୍ଷ, ମହାମାରୀ ପ୍ରଭୃତି ଦୁର୍ବିପାକମାନ ଗ୍ରାସ କରି ଆସୁଥିଲା । କିନ୍ତୁ ଏହି ଅଞ୍ଚଳର ପ୍ରାକୃତିକ ଗଠନ ସୁଜଳା ସୁଫଳା ଶସ୍ୟ ଶ୍ୟାମଳା, ସମତଳ ପୃଷ୍ଠଭୂମି, ସମୁଦ୍ର ଉପକୂଳ ଓ ନଦୀ ଉପତ୍ୟକାର ପଟ୍ଟଭୂମି ଦ୍ୱାରା ପରିପୁଷ୍ଟ । ତତ୍କାଳୀନ ସମୟରେ ନିମାପଡ଼ାର ଅନ୍ୟନାମ ଥିଲା କୋଠଦେଶ । ଏହାର ଇଲିକା ବର୍ତ୍ତମାନର ନିମାପଡ଼ା, ଗୋପ ଓ କାକଟପୁର ଅଞ୍ଚଳକୁ କୁହାଯାଉଥିଲା । ଏହାର ପରିସୀମା ଥିଲା ୧୭୨ ବର୍ଗ ମାଇଲ । ୧୮୦୩ ମସିହାରେ ନିଷ୍ଠୁର, ନିର୍ଦ୍ଦୟ ଓ ପ୍ରଜା ଶୋଷଣକାରୀ ଇଂରେଜ ସରକାର ଓଡ଼ିଶା ଅଧିକାର କରି, କେବଳ ଓଡ଼ିଶା କାହିଁକି ସମଗ୍ର ଭାରତବର୍ଷର ଆର୍ଥିକ, ସାମାଜିକ, ରାଜନୈତିକ ଓ ଭୌଗଳିକ ମାନଦଣ୍ଡକୁ ଦୁର୍ବଳ କରି ପକାଇଥିଲା ।



ନିମାପଡ଼ାବାସୀଙ୍କର ନୈତିକ ଅଧିକାର ସରକାରଙ୍କ ପାଖରେ ଉପସ୍ଥାପନ କରାଇବା ତ ଦୂରର କଥା ବରଂ ଇଂରେଜ ସରକାରଙ୍କ ଦ୍ୱାରା ହେଉଥିଲା ଅବହେଳିତ, ଲାଞ୍ଛିତ, ପଦଦଳିତ ଓ ନିଷ୍ପେସିତ । ସେତେବେଳେ ସରକାରଙ୍କ ପ୍ରତିନିଧି ଭାବେ ଜମିଦାର, ମକଦ୍ଦମ ଓ ମଠର ମହନ୍ତ ଓ ଗୁମାସ୍ତାମାନେ ପରୋକ୍ଷଭାବେ ଶାସନ କରୁଥିଲେ । ଗୋଟିଏ ଗୋଟିଏ ଇଲିକାକୁ ନେଇ ଏମାନେ ଶାସନ କରୁଥିଲେ । ସେମାନେ ଜୁଲମ କରି ପ୍ରଜାମାନଙ୍କୁ ଶୋଷଣ କରୁଥିଲେ । ସେମାନେ ଇଂରେଜମାନଙ୍କ ବାହୁଛାୟା ତଳେ ରହି ବିଭିନ୍ନ ଆଳ ଦେଖାଇ ଜବରଦସ୍ତ ବା ବେଆଇନ ଭାବରେ ଖଜଣା ବା କର ଆଦାୟ କରି ପ୍ରଜାମାନଙ୍କୁ ଅତିଷ୍ଠ କରି ପକାଉଥିଲେ । ଏତଦ୍ବ୍ୟତୀତ ଚାଷୀମାନଙ୍କଠାରୁ ସୁନିଆ ଭେଟି, ଜଳକର, ପିଆଦା ଖର୍ଚ୍ଚ, ଡାକସେବା ଖର୍ଚ୍ଚ, ଦାଖଲ ଖାରଜ, ରସମ, ଦୋଳଯାତ୍ରା, ଚନ୍ଦନଯାତ୍ରା, ପୂର୍ଣ୍ଣିମା, ଗୁମାସ୍ତା ଖର୍ଚ୍ଚ, ରୟତଖର୍ଚ୍ଚ ସହିତ କିସ୍ତି ଖିଲାପ ଖର୍ଚ୍ଚ ବିପୁଳ ପରିମାଣରେ ଆଦାୟ କରୁଥିଲେ । ଦେବାପାଇଁ ଅସମର୍ଥ ହେଲେ ଜୁଲମ କରି ଘରେ ପଶି ଜବରଦସ୍ତ ଭାବରେ ଆସବାବପତ୍ର ଯଥା- ସୁନା, ରୁପା, କଂସା, ଗିନା, ଥାଳି, ଥାଳିଆ, ଗାଈ ଓ ବଳଦ ନେଇଯାଉଥିଲେ । ଏପରିକି ଗଛରୁ ଫଳ, ପନିପରିବା, ନଡ଼ିଆ, ପଣସ, ଆମ୍ବ, କଦଳୀ ଓ ପୋଖରୀରୁ ମାଛ ନେଇ ଯାଉଥିଲେ । ସେତେବେଳେ ଚାଷୀର କିଛି ନୈତିକ ଅଧିକାର ନଥିଲା । କାରଣ ସେମାନେ ଆଖି ଦେଖାଇ, ଅସଭ୍ୟ ଭାବରେ ଗାଳିଗୁଲଜ ଦେବା ସଂଗେସଂଗେ ମାଡ଼ ଦେବାକୁ ପଛାଉ ନଥିଲେ । ଚାଷୀକୁଳ ଜମିଦାରଙ୍କ ଅତ୍ୟାଚାରରେ ଭୟଭୀତ ହୋଇ ଅଣନିଃଶ୍ୱାସୀ ଭାବେ କାଳାତିପାତ କରୁଥିଲେ । ଗୋଟିଏ ପକ୍ଷରେ ଜମିଦାରମାନଙ୍କର ଜୁଲମ ଥିଲା ଏକ ସାଧାରଣ କଥା ଓ ଅପରପକ୍ଷରେ ଚାଷୀମାନଙ୍କର ନୈତିକ ଅଧିକାର, ବୀରତ୍ୱ ଓ ସାହସ ଇତ୍ୟାଦି ଦୁର୍ବଳ ହୋଇପଡ଼ିଲା । ଏଥିରୁ ତତ୍କାଳୀନ ସମୟର ପ୍ରଜା ଶାସନପଦ୍ଧତି ତଥା ସାମାଜିକ, ଆର୍ଥିକ, ମାନସିକ, ସାଂସ୍କୃତିକ ଓ ରାଜନୈତିକ ମାନଦଣ୍ଡ ଅନୁମେୟ । ଭାରତୀୟ ସ୍ୱାଧୀନତା ସଂଗ୍ରାମର କର୍ଣ୍ଣଧାର ତଥା ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ଅହିଂସା ଆନ୍ଦୋଳନ ଓ ଭାରତଛାଡ଼ ଆନ୍ଦୋଳନ ଇତ୍ୟାଦିର ଆହ୍ୱାନ ଆଣି ଦେଇଥିଲା କୋଟି କୋଟି ଜନତାଙ୍କ ମନରେ ନୂତନ ଭାରତ ସ୍ୱାଧୀନତାର ବାତାବରଣ ।

୧୯୧୮ ମସିହାଟି ଥିଲା ନିମାପଡ଼ାର ଚାଷୀକୂଳ ପାଇଁ ଏକ ଦୁଃଖଦାୟକ ଓ ଅକାଳଚଡ଼କର ସମୟ । କାରଣ ଏହି ବର୍ଷ ଓଡ଼ିଶାର ବିଭିନ୍ନ ସ୍ଥାନରେ ଅନାବୃଷ୍ଟି ସୃଷ୍ଟି କରିଥିଲା ଭୟାବହ ମରୁଡ଼ି ଓ ଦୁର୍ଭିକ୍ଷ । ୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷ ପରି ଖାଇବାକୁ ନପାଇ ପେଟ ବିକଳରେ ନିମାପଡ଼ାର ହଜାର ହଜାର କୃଷକ, ଶ୍ରମିକ ଓ ଦିନ ମଜୁରିଆ ଗାଁଗଣ୍ଡା ଛାଡ଼ି କଲିକତା, ଆସାମ ଓ ରେଙ୍ଗୁନ ପରି ଦୂର ସ୍ଥାନକୁ

Click Here & Upgrade
Expanded Features
Unlimited Pages
PDF Complete Documents



ପଳାଇ ଯାଉଥିଲେ । ପୁନରାୟ ସେହିବର୍ଷ କରାଳ ବନ୍ୟା ଫଳରେ ନିମାପଡ଼ାବାସୀଙ୍କର ଆର୍ଥିକ ମାନଦଣ୍ଡ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଚୁରମାର ହୋଇଯାଇଥିଲା । ଏହି ଦୁର୍ଦ୍ଦିନ ସମୟରେ ଇଂରେଜ ସରକାରଙ୍କର ଉଦାସିନତା ଓ ଖାମଖିଆଲ ଶାସନ ଲୋକମାନଙ୍କ ପାଇଁ ଥିଲା ଶକ୍ତ ପ୍ରହାର । ଏହାର ପ୍ରତିକାର ସ୍ୱରୂପ ଲୋକମାନଙ୍କ ପେଟକୁ ଖାଦ୍ୟ ଯୋଗାଇବା ପାଇଁ ଯେଉଁ କେତେଜଣ ଯୁବପ୍ରେମୀ ତଥା ସମାଜସେବକ ସ୍ୱତଃସ୍ଫୂର୍ତ୍ତ ଭାବରେ ଅଣ୍ଟା ଭିଡ଼ିଥିଲେ ସେମାନଙ୍କ ଭିତରେ ଥିଲେ ସତ୍ୟବାଦୀ ବନ ବିଦ୍ୟାଳୟର ୧୪ ବର୍ଷର ଛାତ୍ର ମୋହନ ଦାଶ । ଓଡ଼ିଶାର ମହାନ ସମାଜସେବକ ତଥା ସତ୍ୟବାଦୀ ବନବିଦ୍ୟାଳୟର ପ୍ରତିଷ୍ଠାତା ଉତ୍କଳମଣି ଗୋପବନ୍ଧୁ ଓ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଉତ୍ସାହ ଓ ପ୍ରେରଣାରେ ଅନୁପ୍ରାଣିତ ହୋଇ ଉତ୍ସର୍ଗ କରିଥିଲେ ତାଙ୍କ ଜୀବନଟିକୁ ଦେଶ ମାତୃକାର ସେବା କାର୍ଯ୍ୟରେ । ପରବର୍ତ୍ତୀ କାଳରେ ୧୯୨୦ର ଅସହଯୋଗ ଓ ୧୯୩୦ର ଆଇନ ଅମାନ୍ୟ ଆନ୍ଦୋଳନର ମୋହନ ବାବୁ ଥିଲେ ନିମାପଡ଼ାର ଅଗ୍ରଗାମୀ ସଂଗ୍ରାମୀ । ଏହିସବୁ ଆନ୍ଦୋଳନ ଓ ଦୁର୍ଦ୍ଦିନ ସମୟର ସମସ୍ୟା ସେ ଜାତୀୟ ସ୍ତରରେ ଉପସ୍ଥାପନ କରି ଲୋକପ୍ରିୟ ହୋଇଯାଇଥିଲେ । ତାଙ୍କର ଅତୁଳନୀୟ ତ୍ୟାଗ ଓ ଅସୀମ ସାହସ, ସାଧନା ବଳରେ ସେ ହୋଇଯାଇଥିଲେ ନିମାପଡ଼ାବାସୀଙ୍କର ଆତ୍ମୀୟ, ବିଶ୍ୱାସୀ ଓ ପ୍ରୟଭାଜନ ।

୧୯୩୪ ମସିହାରେ ମୁମ୍ବାଇଠାରେ ରାଜେନ୍ଦ୍ର ପ୍ରସାଦଙ୍କ ସଭାପତିତ୍ୱରେ ଜାତୀୟ କଂଗ୍ରେସର ଏକ ଅଧିବେଶନ ବସି କଂଗ୍ରେସ ସୋସିଆଲିଷ୍ଟ ପାର୍ଟି ନାମକ ଏକ ଦଳ ଗଠନ ହୋଇଥିଲା । ସର୍ବୋଦୟ ନେତା ନବକୃଷ୍ଣ ଚୌଧୁରୀଙ୍କ ନେତୃତ୍ୱରେ ଓଡ଼ିଶାରେ ମଧ୍ୟ ଏହି ଦଳ ଗଠନ ହୋଇଥିଲା । ଅବିଭକ୍ତ ପୁରୀ ଜିଲ୍ଲାର ପ୍ରାଣନାଥ ପଟ୍ଟନାୟକ, ମୋହନ ଦାଶ, ଗତିକୃଷ୍ଣ ସ୍ୱାଇଁ, ଭଗବତୀ ଚରଣ ପାଣିଗ୍ରାହୀ, ପୂର୍ଣ୍ଣାନନ୍ଦ ସ୍ୱାଇଁ, ଅନନ୍ତ ପଟ୍ଟନାୟକ ଓ ଗଙ୍ଗାଧର ପାଇକରାୟ ଇତ୍ୟାଦି ଏହି ଦଳରେ ସାମିଲ ହୋଇ ଦଳର ନୀତି, ଆଦର୍ଶ ଓ କାର୍ଯ୍ୟକ୍ରମକୁ ପ୍ରସାରଣ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ତତ୍କାଳୀନ ସମୟରେ ମୋହନବାବୁ ନିମାପଡ଼ା ଚାଷୀମାନଙ୍କର ଦୁଃଖ ଓ ଦୁର୍ଦ୍ଦଶା ଦେଖି ସହି ପାରିଲେ ନାହିଁ । ନେତା ନବକୃଷ୍ଣ ଚୌଧୁରୀ, ନାରୀନେତ୍ରୀ ମାଳତୀ ଚୌଧୁରୀ ଓ ବିଶିଷ୍ଟ ଗଡ଼ଜାତ ଓ ସ୍ୱାଧୀନତା ଆନ୍ଦୋଳନର ରଥୀ ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କ ପରାମର୍ଶ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ମୋହନବାବୁ ନିମାପଡ଼ାରେ ଏକ ବିରାଟ ଚାଷୀ ଆନ୍ଦୋଳନର ଡାକରା ଦେଇଥିଲେ । ଅତୀତରେ ଘଟି ଯାଇଥିବା ୧୯୨୦ର ଅସହଯୋଗ ଆନ୍ଦୋଳନ ଓ ୧୯୩୦ର ଲବଣ ସତ୍ୟାଗ୍ରହ ଆନ୍ଦୋଳନଗୁଡ଼ିକ ନିମାପଡ଼ାର ଚାଷୀ ଆନ୍ଦୋଳନକୁ ଗତିଶୀଳ କରାଇବାରେ ଖୋରାକ ଯୋଗାଇଥିଲା । ଫଳରେ ଶହ ଶହ ଚାଷୀ ଏହି ଆନ୍ଦୋଳନରେ ଯୋଗ ଦେଇ ନିଜର ସ୍ୱାଧୀନ ଅଧିକାର ସାବ୍ୟସ୍ତ କରିଥିଲେ ।

ଇଂରେଜ ସରକାରଙ୍କର ପ୍ରତ୍ୟକ୍ଷ ଇଙ୍ଗିତରେ ପରିଚାଳିତ ନିମାପଡ଼ାର ପୋଲିସ କର୍ମଚାରୀ, ଗ୍ରାମ ଚୌକିଦାର, ମକଦ୍ଦମୀ, ଜମିଦାର, ମହନ୍ତ ଓ ଗୁମାସ୍ତାଙ୍କ ବିରୁଦ୍ଧରେ ଆନ୍ଦୋଳନ କରିବାକୁ ସ୍ୱତଃସ୍ଫୂର୍ତ୍ତ ଭାବେ ଆଗେଇ ଆସିଥିଲେ ଶହ ଶହ କୃଷକ, ଶ୍ରମିକ, ଦିନ ମଜୁରିଆ ଓ ପ୍ରଜାଗଣ । ଏହି ଆନ୍ଦୋଳନରେ ମୁଖ୍ୟ ଦାବି ତିନୋଟି ଥିଲା । ଯଥା- ଜମିଦାର ପ୍ରଥାର ବିଲୋପ, (୨) ଲଙ୍ଗଳ ଯା'ର ଜମି ତା'ର, (୩) ମଠଧନ କୋଠ ହେଉ । ଯାହାଫଳରେ ଜମି, ଗଛ, ମାଛ ଇତ୍ୟାଦି ଉପରେ ପ୍ରଜାମାନେ ସେମାନଙ୍କର ନୈତିକ ଅଧିକାର ଦାବି କରିବା ସଂଗେସଂଗେ ଜୁଲମ ଓ ଅତ୍ୟାଚାର ବିରୁଦ୍ଧରେ ପ୍ରବଳ ଜନମତ ଜାଗ୍ରତ କରାଇଥିଲେ ।

ବହୁ ବାଧାବିଘ୍ନ ଓ ଘାତ ପ୍ରତିଘାତର ମୁକାବିଲା କରି କେତେଗୁଡ଼ିଏ ଗ୍ରାମକୁ ନେଇ ଗୋଟିଏ ଗୋଟିଏ ସଂଗଠନ (ଆଶ୍ରମ) ଗଢ଼ିଥିଲେ ମୋହନ ବାବୁ । ତାଙ୍କର ପ୍ରଥମ ଓ ଶ୍ରେଷ୍ଠ କର୍ମକ୍ଷେତ୍ର ଭାବେ ବାଛି ନେଇଥିଲେ ଚଉଁରପଦା ଗ୍ରାମ ପଞ୍ଚାୟତର ହଂସପଡ଼ା ଗ୍ରାମର କେଉଟତୋଟା ମେଳଣ ପଡ଼ିଆର ଆଶ୍ରମ । ଦ୍ୱିତୀୟ ଥିଲା ନିମାପଡ଼ାସ୍ଥିତ ଗୋପୀନାଥ ପାଟଣା ଆଶ୍ରମ । ଏହିଭଳି ସମସ୍ତ ଆଶ୍ରମଗୁଡ଼ିକରେ କର୍ମୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଥିଲା । ଆଶ୍ରମକୁ ପ୍ରାଦେଶିକ ସ୍ତରୀୟ ନେତା ସୁରେନ୍ଦ୍ରନାଥ ଦ୍ୱିବେଦୀ, ମାଳତୀ ଚୌଧୁରୀ ଓ ଭାଗବତ ପାଣିଗ୍ରାହୀ ପ୍ରଭୃତି ଆସି ପ୍ରଶିକ୍ଷଣ ମାଧ୍ୟମରେ ଶହ ଶହ କର୍ମୀଙ୍କୁ ବୁଝାଉଥିଲେ । ଫଳରେ କୃଷକ ଆନ୍ଦୋଳନ ଅଗ୍ନିଶିଖା ପରି ତୀବ୍ରତର ରୂପ ଧାରଣ କରିଥିଲା । ସର୍ବପ୍ରଥମେ ମୋହନବାବୁଙ୍କର ବଳିଷ୍ଠ ନେତୃତ୍ୱରେ ଲକ୍ଷ୍ମଣ ବାରିକ, ମହେଶ୍ୱର ମହାନ୍ତି, ଗୋପୀନାଥ ମିଶ୍ର, ପ୍ରହ୍ଲାଦ ସାହୁ ଓ ସୋମନାଥ ପଣ୍ଡାଙ୍କ ସାହାଯ୍ୟରେ ଚଉଁରପଦା ଗ୍ରାମରେ ମଢ଼ା ଉଠାଇବା (ଗୋରୁ ଗାଈଙ୍କ ଶବ), ଲୁଗାକାଚିବା, ବେଠି ଓ ଭେଟି ବନ୍ଦ କରିବା କାର୍ଯ୍ୟ ହାତକୁ ନେଇ କୃତକାର୍ଯ୍ୟ ହୋଇଥିଲେ । ଫଳରେ ନିମାପଡ଼ାର ଜନସମାଜ ମୋହନବାବୁଙ୍କ ଆହ୍ୱାନକୁ ସମର୍ଥନ କରିବା ସଂଗେସଂଗେ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଇଥିଲେ । ସେତେବେଳେ ଡେଣ୍ଡୁଅଁବସ୍ତ ଗ୍ରାମରେ କଟକର ଜମିଦାର ରାଧାପ୍ରସାଦ ଭଗତଙ୍କର ଏକ ବଡ଼ ଖମାର ଥିଲା । ଏହି ଖମାର ଅଧୀନରେ ଡେଣ୍ଡୁଅଁ, ଡେଣ୍ଡୁଅଁବସ୍ତ, ଆଳିପିଙ୍ଗଳ, ବିଷ୍ଣୁପୁର, ଚଉଁରପଦା, ହଂସପଡ଼ା, ନାକଡେଇ ଓ ଛେନୁଅ ଇତ୍ୟାଦି ଗ୍ରାମଗୁଡ଼ିକ ଥିଲା । ଏହାର ଗୁମାସ୍ତା ଥିଲେ ବରଜୁ ମହାନ୍ତି । ସେ ଥିଲେ ଅତ୍ୟନ୍ତ ନିଷ୍ଠୁର, ଗର୍ବି ଓ ଅହଂକାରୀ । ସେ କାହାରିକୁ ଖାତିର କରୁନଥିଲେ ଓ ଚାଷୀମାନଙ୍କୁ ପଶୁ ପରି ବ୍ୟବହାର କରୁଥିଲେ । ଭେଟି ଓ ବେଠି ମାଧ୍ୟମରେ ଶୋଷଣ କରୁଥିଲେ ପ୍ରଜାମାନଙ୍କୁ । ଗୋଟି ଶ୍ରମିକ ଓ କ୍ରୀତଦାସ ପରି ଖଟାଉଥିଲେ । କାହାରି ପ୍ରତିବାଦ କରିବାର ଅଧିକାର ନଥିଲା । ଚାଷୀମାନଙ୍କ ଘରୁ ଜବରଦସ୍ତ ଧନରତ୍ନ, ସୁନା ଅଳଙ୍କାର, ଧାନ, ଚାଉଳ, କଂସା ବାସନ ସମେତ ପୋଖରୀରୁ ମାଛ ଓ ଗଛରୁ ଫଳ ବୋହି ନେଇ ଯାଉଥିଲେ । କିନ୍ତୁ ମୋହନବାବୁ ତାଙ୍କର କେତେଜଣ ସହକର୍ମୀଙ୍କ ସହିତ ବରଜୁ ମହାନ୍ତିଙ୍କର ଗର୍ବ ଓ ଅହଂକାରକୁ ଭାଙ୍ଗି ଚୁରମାର କରିବାରେ ସମର୍ଥ ହୋଇଥିଲେ । ଏଥିପାଇଁ ମୋହନ ବାବୁଙ୍କ ବିରୁଦ୍ଧରେ ବରଜୁ ମହାନ୍ତି ମକଦ୍ଦମା କରିଥିଲେ ମଧ୍ୟ ସେ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ । ଏହିପରି ଭାବରେ ସମଗ୍ର ନିମାପଡ଼ା ଅଞ୍ଚଳରେ

Click Here & Upgrade
Expanded Features
Unlimited Pages
PDF Complete



ସମସ୍ତ ଜମିଦାର, ଗୁମାସ୍ତା ଓ ମକଦ୍ଦମୀଙ୍କର ଔଦ୍ଧତ୍ୟକୁ ଦମନ କରି ଚାଷୀମାନଙ୍କୁ ତାଙ୍କର ନ୍ୟାଯ୍ୟ ଦାବି ଓ ଅଧିକାର ସାବ୍ୟସ୍ତ କରାଇବାରେ ମୋହନ ବାବୁ ଥିଲେ ସିଦ୍ଧହସ୍ତ ।

ପୁନରାୟ ମଠର ମହନ୍ତ ଓ ଗୁମାସ୍ତାମାନଙ୍କର ଦୌରାତ୍ମ୍ୟ ଓ ଭେଟି ବିରୁଦ୍ଧରେ ମୋହନବାବୁଙ୍କ ନେତୃତ୍ୱରେ ଅଗ୍ନିଶିଖା ପରି ହୋଇଥିଲା ଚାଷୀକୂଳ ଓ ହରିଜନମାନଙ୍କର ଆନ୍ଦୋଳନ । ରେସିଙ୍ଗା ମଠ, ତେରୁଣ୍ଡିଆ ମହିପ୍ରକାଶ ମଠ, ଗମ୍ଭାରିପଦାର ମିଆଁ ଜମିଦାର, କୁରୁଜଙ୍ଗ ଅଞ୍ଚଳର ପୁରୀ ମିଶ୍ର ଜମିଦାର, ଚିତ୍ରେଶ୍ୱର ଓ ଉଦୟପୁରର ମହିପ୍ରକାଶ ଓ ଏମାରମଠ ବିରୁଦ୍ଧରେ ସଂଗ୍ରାମ କରି ସେଠାକାର ଚାଷୀମାନଙ୍କର ଜମି ଓ ନୈତିକ ଅଧିକାର ସାବ୍ୟସ୍ତ କରିବାରେ ମୋହନବାବୁ ଥିଲେ ନିମାପଡ଼ାର ଅଦ୍ୱିତୀୟ ପୁଅ ।

୧୯୩୪-୩୫ ମସିହାରେ ମୋହନବାବୁ ପୁରୀ ଜିଲ୍ଲାର ଲୋକାଲ ବୋର୍ଡ଼ର ଭାଇସ୍‌ଚେୟାରମ୍ୟାନ ଥିବାବେଳେ ନିମାପଡ଼ାର ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ପ୍ରଭୃତିର ସର୍ବାଙ୍ଗୀନ ଉନ୍ନତି କରାଇଥିଲେ । ତାଙ୍କର ଅତୁଳନୀୟ ତ୍ୟାଗ ଓ ନିଷ୍ଠାପର ଉଦ୍ୟମ ଫଳରେ ନିମାପଡ଼ା ତଥା ଅବିଭକ୍ତ ପୁରୀ ଜିଲ୍ଲାର ଦୁଃଖୀ, ରଙ୍କି, ଦରିଦ୍ର, ଚାଷୀ ଓ ମୂଲିଆଙ୍କ ଆର୍ଥିକ, ସାମାଜିକ, ମାନସିକ ମାନଦଣ୍ଡ କ୍ରମଶଃ ବିକାଶ ଲାଭ କରିଥିଲା । ଶିକ୍ଷାର ଅଭାବ ଯୋଗୁଁ ଲୋକମାନେ କୁସଂସ୍କାର ଓ ଅନ୍ଧବିଶ୍ୱାସରେ ବୁଡ଼ି ରହି ନୈତିକ ଅଧିକାର ସମ୍ପର୍କରେ ସଚେତନ ନଥିଲେ । ତେଣୁ ଶିକ୍ଷାକୁ ଅଗ୍ରାଧିକାର ଦେଉଥିଲେ । ଏହାର ଜ୍ୱଳନ୍ତ ଉଦାହରଣ ଗୋପର ସୋରଡ଼ା ଗ୍ରାମରେ ଜମିଦାର ଖଜଣା ଆକାରରେ ପ୍ରଜାମାନଙ୍କଠାରୁ ବିପୁଳ ଟଙ୍କା ନେଇ, ଅଳ୍ପ ଟଙ୍କାର ପାଉତି ଦେଉଥିଲେ । କାରଣ ଲୋକମାନେ ପାଠ ପଢ଼ାପଢ଼ି ଜାଣି ନଥିଲେ । ମୋହନବାବୁ ସ୍ଥାନୀୟ ଲୋକମାନଙ୍କ ସାହାଯ୍ୟରେ ସେଠାରେ ବିଦ୍ୟାଳୟ ବସାଇଥିଲେ । କିନ୍ତୁ ସୋରଡ଼ା ଗ୍ରାମର ଜମିଦାର ଅଭିଭାବକମାନଙ୍କୁ ପ୍ରବର୍ତ୍ତାଇ ବିଦ୍ୟାଳୟ ସ୍ଥାପନର କାର୍ଯ୍ୟ ବନ୍ଦ କରିଥିଲେ । ଏହାଶୁଣି ମୋହନବାବୁ ସେଠାରେ କିଛି ଦିନ ଡେରା ପକାଇ ବିଦ୍ୟାଳୟର କାର୍ଯ୍ୟ ପୁନରାୟ ଆରମ୍ଭ କରିଥିଲେ । ଏହିପରି ଜମିଦାରମାନଙ୍କର ଶୋଷଣ ନୀତି ତଥା ଲୋଲୁପ ଦୃଷ୍ଟିକୁ ଦୂର କରିବାରେ ମୋହନବାବୁ ଥିଲେ ନିମାପଡ଼ାର କୃତୀ ସନ୍ତାନ ।

ତତ୍କାଳୀନ ସମୟରେ ସମାଜରେ ଥିବା କୁସଂସ୍କାର, ଘୃଣ୍ୟପ୍ରଥା, ଏକ ଘରକିଆ କରି ନିଆଁ, ପାଣି ବାସନ୍ଦ, ଶବ ସଂସ୍କାର କରାଇ ନଦେବା, ଘରୁ ଜବରଦସ୍ତ କଂସା ବାସନ ନେଇଯିବା, ବାଲ୍ୟ ବିବାହ ଉଚ୍ଛେଦ, ବିଧବା ବିବାହ ପ୍ରଚଳନ, ହଇଜା, ବସନ୍ତ ରୋଗର ନିରାକରଣ ଇତ୍ୟାଦି ଅନ୍ଧବିଶ୍ୱାସ କାର୍ଯ୍ୟକୁ ଦୂର କରିବାରେ ମୋହନବାବୁ ଥିଲେ ନିମାପଡ଼ାର ପଥ ପ୍ରଦର୍ଶକ ଓ ସୁଯୋଗ୍ୟ ପୁରୁଷ ।

ନିମାପଡ଼ା ତଥା କୋଠଦେଶର ଭିଟାମାଟି ଉପରେ ଇଂରେଜ ସରକାରଙ୍କର ପ୍ରଜା ଶୋଷଣକାରୀ ଓ ଅମାନୁଷିକ ଶାସନ କବଳରୁ ସରଳ ଓ ନିରୀହ ଜନତାଙ୍କୁ ମୁକ୍ତି କରାଇବାରେ ଯେଉଁ କେତେଜଣ ନିଷ୍ଠାପର ଓ ନିଃସ୍ୱାର୍ଥପର ସୁଯୋଗ୍ୟ ପୁରୁଷ ଆନ୍ଦୋଳନ କରିଥିଲେ, ସେମାନଙ୍କ ଭିତରେ ବିପ୍ଳବୀ ମୋହନ ଦାଶ ଥିଲେ ସର୍ବାଗ୍ରେ । ୧୯୦୪ ମସିହା ଫେବୃଆରୀ ୨୩ ତାରିଖରେ ପିତା ଦୈତାରୀ ଦାଶ ଓ ମାତା ସେରେନ୍ତି ଦେବୀଙ୍କ ଔରଷରୁ ନିମାପଡ଼ାର ବିଷ୍ଣୁପୁର ଗ୍ରାମରେ ଏକ କୁଳିନ ବ୍ରାହ୍ମଣ ପରିବାରରେ ମୋହନ ଦାଶ ଜନ୍ମ ଗ୍ରହଣ କରିଥିଲେ । ଗ୍ରାମରେ ବାଲ୍ୟଶିକ୍ଷା ପରେ ଗୋପବନ୍ଧୁ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ସତ୍ୟବାଦୀ ବନବିଦ୍ୟାଳୟରେ ଅଧ୍ୟୟନ କରିଥିଲେ । ତୁଳସୀ ଦୁଇପତ୍ରରୁ ବାସେ । ଠିକ୍ ସେହିପରି ଛାତ୍ର ଜୀବନରୁ ମୋହନବାବୁଙ୍କ ପ୍ରତିଭା ପ୍ରସ୍ଫୁଟିତ ହୋଇଥିଲା । ଗୋପବନ୍ଧୁ ଓ ନୀଳକଣ୍ଠ ଦାସଙ୍କ ପରି ମହାନ ସମାଜ ସେବକଙ୍କ ସଂସ୍ପର୍ଶରେ ଆସି ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରଥମେ ସମାଜ ସେବା କାର୍ଯ୍ୟରେ ଆକୃଷ୍ଟ ହୋଇଥିଲେ । ଛାତ୍ର ଅବସ୍ଥାରେ ତାଙ୍କର ଜାତି ପ୍ରୀତି ଓ ଦେଶାତ୍ମକ ଭାବ ଉଦ୍ରେକ ହୋଇଥିଲା । ତତ୍‌ପରେ ସେ ଓଡ଼ିଶାର ସର୍ବୋଦୟ ନେତା ନବକୃଷ୍ଣ ଚୌଧୁରୀ, ନାରୀନେତ୍ରୀ ମାଳତୀ ଚୌଧୁରୀ ଓ ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କର ନୀତି, ଆଦର୍ଶ, କର୍ତ୍ତବ୍ୟ ଇତ୍ୟାଦିରେ ଅନୁପ୍ରାଣିତ ହୋଇ ତାହାକୁ ନିଜର କର୍ମମୟ ଜୀବନରେ ପ୍ରତିପାଦିତ କରାଇପାରିଥିଲେ । ସେ ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ଓ ପିକେଟିଂରେ ସକ୍ରୀୟ ଅଂଶ ଗ୍ରହଣ କରିଥିଲେ । କଂଗ୍ରେସର ସମାଜବାଦୀ କିଷାନ ଆନ୍ଦୋଳନରେ ଯୋଗ ଦେଇ ନିମାପଡ଼ା, ପୁରୀ, ଗଞ୍ଜାମ, କୋରାପୁଟ ଓ ସିଂହଭୂମିରେ ଜଣେ ଦକ୍ଷ ଓ ନିଷ୍ଠାପର କର୍ମୀଭାବରେ କାର୍ଯ୍ୟ କରିଥିଲେ । ୧୯୪୨ର ଭାରତଛାଡ଼ ଆନ୍ଦୋଳନ ସମୟରେ ଅଟକବନ୍ଦୀ ରୂପେ ରହି ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଏକ ସଦସ୍ୟ ହେଲେ । ସେ ୧୯୩୦, ୧୯୩୨ ଓ ୧୯୪୧ ମସିହାରେ ତିନିଥର ବନ୍ଦୀ ହୋଇ କାରାବରଣ କରିଥିଲେ । ସେ ପୁରୀ ଜିଲ୍ଲା ଲୋକାଲ ବୋର୍ଡ଼ର ଭାଇସ ଚେୟାରମ୍ୟାନ, ୧୯୩୫ରେ ଓଡ଼ିଶା ବିଧାନସଭାର ସଭ୍ୟ ଓ କାକଟପୁର-ନିମାପଡ଼ା ଯୁଗ୍ମ ନିର୍ବାଚନ ମଣ୍ଡଳୀରୁ ଦୁଇଥର ପାଇଁ ଓଡ଼ିଶା ବିଧାନସଭାର ସଭ୍ୟ ରୂପେ ନିର୍ବାଚିତ ହୋଇଥିଲେ । ସେ ମଧ ଭାରତ ସୋଭିଏତ୍ ମୈତ୍ରୀ ସଂଗଠନର ଉପଦେଷ୍ଟା ଥିଲେ ।

୧୯୯୫ ମସିହା ଜାନୁଆରୀ ୧ ତାରିଖଟି ଥିଲା ନିମାପଡ଼ା ପାଇଁ ଏକ ଦାରୁଣ ଓ ଦୁଃଖ ଦାୟକ ଦିବସ । କାରଣ ଏହିଦିନ ନିମାପଡ଼ାର ଗୌରବ ମୋହନ ଦାଶ ଚିରଦିନ ପାଇଁ ଅସ୍ତମିତ ହୋଇଗଲେ । ସେ ଆଜି ନାହାନ୍ତି ସତ, କିନ୍ତୁ ଓଡ଼ିଶା ଇତିହାସରେ ଜଣେ ମହାନ୍ ସ୍ୱାଧୀନତା ସଂଗ୍ରାମୀ, ବିପ୍ଳବୀ କୃଷକ ନେତା ଓ ପ୍ରଜା ଆନ୍ଦୋଳନର କର୍ଣ୍ଣଧାର ରୂପେ ଚିରଦିନ ପାଇଁ ଅମର ହୋଇଗଲେ । ନିମାପଡ଼ା ଭୂମିକୁ ଅବହେଳିତ, ନିଷ୍ପେଷିତ ଓ ଶୋଷଣରୁ ରକ୍ଷା କରିବାକୁ ଯାଇ ସେ ଯେଉଁ ନୀରବ ଜୀବନଟି ଉତ୍ସର୍ଗ କରିଛନ୍ତି, ତାହା ଯୁଗ ଯୁଗ ଧରି ନିମାପଡ଼ାବାସୀଙ୍କୁ ସ୍ମରଣ କରାଉଥିବ । ଆଜିର ଯୁବ ସମାଜ ତାଙ୍କରି ବଳିଷ୍ଠ ନେତୃତ୍ୱ, ନିସ୍ୱାର୍ଥପର ସେବା, ନିର୍ଭୀକ ଉଦ୍ୟମ ଓ ସାହସିକତା ସମେତ ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବା ଏକାନ୍ତ କାମ୍ୟ । ଆଶା ଓ ବିଶ୍ୱାସ ଏହି ମହାନ୍ ପୁରୁଷଙ୍କର ଅପୂରଣୀୟ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଇପାରିଲେ, ତାଙ୍କର ଅମର ଆତ୍ମା ମୁକ୍ତି ପାଇବା ସଂଗେ ସଂଗେ ଆଜିର ସମାଜ ପ୍ରଗତିର ଶୀର୍ଷ ସୋପାନରେ ପହଞ୍ଚି ପାରିବ ।

ଘ.ନଂ.-ଟୁ.ଆର୍.ଏ-୩୫/୭
ୟୁନିଟ୍-୮, ଭୁବନେଶ୍ୱର

Click Here & Upgrade
Expanded Features
Unlimited Pages
PDF Complete



# ସ୍ୱାଧୀନତା ସଂଗ୍ରାମରେ ବରଗଡ଼ ଜିଲ୍ଲାର ନାରୀ

ଅଧ୍ୟାପକ ପବିତ୍ର ମୋହନ ବାରିକ

ପଶ୍ଚିମ ଓଡ଼ିଶାର ନାରୀ ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରେ ବରଗଡ଼ ଜିଲ୍ଲାରେ କେତେ ଜଣ ଦୁଃସାହସୀ ବରେଣ୍ୟ ବିପ୍ଳବିନୀମାନଙ୍କର ଅସୀମ ତ୍ୟାଗ, ନିଃସ୍ୱାର୍ଥପର ଆତ୍ମୋତ୍ସର୍ଗ ଓ ଅଦମ୍ୟ ସାହସ ପାଇଁ ସେମାନେ ଓଡ଼ିଆ ଜାତିର ଇତିହାସର କାଳଜୟୀ ପୃଷ୍ଠା ବିମଣ୍ଡନ କରିଛନ୍ତି । ଦୁଃସାହସୀ ସାମ୍ରାଜ୍ୟବାଦୀ ଇଂରେଜ ଶକ୍ତି ବିରୋଧରେ ବିପ୍ଳବର ସ୍ୱର ଓ ନିରବଚ୍ଛିନ୍ନ ସଂଗ୍ରାମ ଚଳାଇ ଇତିହାସର ଗତିପଥରେ ଯେଉଁ ମହାନ ପରିବର୍ତ୍ତନ ସୃଷ୍ଟି କଲେ, ସେଥିପାଇଁ ସେହି ମହିୟସୀ ମହିଳାମାନେ ସମଗ୍ର ନାରୀ ଜାତିର ଆଦର୍ଶ ଓ ସମ୍ମାନରପାତ୍ର । ବରଗଡ଼ ଜିଲ୍ଲାର ବୀରାଙ୍ଗନାମାନେ ଘାତ, ପ୍ରତିଘାତ, ସଂଘାତ ଓ ସଂଘର୍ଷର କଣ୍ଟକିତ ପଥକୁ ସାହସର ସହିତ ଅତିକ୍ରମ କରି ଇଂରେଜ ଶକ୍ତି ବିରୋଧରେ ସେମାନଙ୍କର ସଂଗ୍ରାମ ଅବ୍ୟାହତ ରଖିଥିଲେ । ପରାଧୀନତାର ଶୃଙ୍ଖଳତାକୁ ଛିନ୍ନ କରିବା ସହିତ ସ୍ୱାଧୀନତାର ସ୍ୱାଦକୁ ଭାରତୀୟମାନଙ୍କ ନିକଟରେ ପହଞ୍ଚାଇବାକୁ ଯେଉଁ ଅକ୍ଲାନ୍ତ ପରିଶ୍ରମ ଓ ଉଦ୍ୟମ କରିଥିଲେ, ସେଥିପାଇଁ ସେମାନେ ଚିର ନମସ୍ୟ ।





ପ୍ରଭାବତୀ ଦେବୀ

ବରଗଡ଼ ଜିଲ୍ଲାର ଯେଉଁ ସ୍ୱଳ୍ପ ସଂଖ୍ୟକ ମହିଳା ସଂଗ୍ରାମୀମାନେ ମୁକ୍ତିଯୁଦ୍ଧର ରଣାଙ୍ଗନାରେ ଅବତୀର୍ଣ୍ଣ ହୋଇ ଜାତିପ୍ରେମ, ଦେଶ ଭକ୍ତି, ଜାତୀୟତା ଓ ସ୍ୱଦେଶ ବତ୍ସଳତା ଓ ସ୍ୱରାଜ୍ୟ ପ୍ରୀତିର ଯେଉଁ ପରାକାଷ୍ଠା ପ୍ରଦର୍ଶନ କଲେ, ତାହା ଜାତି ପ୍ରତି ମହାର୍ଘ୍ୟ ଅବଦାନ ।

ବରଗଡ଼ ଜିଲ୍ଲାର ବରିଷ୍ଠ ବରେଣ୍ୟ ନାରୀ ସ୍ୱାଧୀନତା ସଂଗ୍ରାମୀ ରୂପେ ଶ୍ରୀମତୀ ଜାମ୍ବୋବତୀ ପଟ୍ଟନାୟକ, ପ୍ରଭାବତୀ ଦେବୀ ଏବଂ ପାର୍ବତୀ ଗିରି ଥିଲେ ଅଗ୍ରଗଣ୍ୟ । ପୁରୁଷ ପ୍ରାଧାନ୍ୟ ସମାଜର ସମସ୍ତ ପ୍ରତିବନ୍ଧକକୁ ଅତିକ୍ରମ କରି ଦେଶ ଓ ଜାତିର ମୁକ୍ତି ପାଇଁ ରାଜରାସ୍ତାରେ ବିଦେଶୀ ଅହଂକାରୀ ଓ ଅତ୍ୟାଚାରୀ ଇଂରେଜ ଶକ୍ତିକୁ ପ୍ରତିରୋଧ କରିବା ନିମନ୍ତେ ଆଗେଇ ଆସିଥିଲେ । ଶ୍ରୀମତୀ ଜାମ୍ବୋବତୀ ପଟ୍ଟନାୟକ ସମଗ୍ର ପଶ୍ଚିମ ଓଡ଼ିଶାର ପ୍ରଥମ ନାରୀ ସ୍ୱାଧୀନତା ସଂଗ୍ରାମୀ ହିସାବରେ ମୁକ୍ତି ସଂଗ୍ରାମରେ ନିଜକୁ ଝାସ ଦେଇଥିଲେ । ବରଗଡ଼ ଜିଲ୍ଲାର ବରପାଲିର ଆଜୀବନ ସଂଗ୍ରାମୀ ଭାଗିରଥି ପଟ୍ଟନାୟକଙ୍କର ସେ ସତୀର୍ଥ ସହଧର୍ମିଣୀ । ସ୍ୱାମୀଙ୍କ ପଦାଙ୍କ ଅନୁସରଣ କରି ମୁକ୍ତି ଆନ୍ଦୋଳନରେ ସେ ସକ୍ରିୟ ରୂପେ ସହଯୋଗ କରିଥିଲେ । ଏକ ସଂଗ୍ରାମୀ ପରିବାରର ସେ କୁଳବଧୂ । ତାଙ୍କ ସୁପୁତ୍ର ସ୍ୱତନ୍ତ୍ର ସେନାନୀ ପ୍ରଫୁଲ୍ଲ ପଟ୍ଟନାୟକ ସ୍ୱାଧୀନତା ସଂଗ୍ରାମର ଜଣେ ଜ୍ୱଳନ୍ତ ଅଗ୍ନିଶିଖା । ଜାମ୍ବୋବତୀ ନିଜର ସମସ୍ତ ସ୍ୱର୍ଣ୍ଣ ଅଳଙ୍କାର ମୁକ୍ତହସ୍ତରେ ମୁକ୍ତିଯୁଦ୍ଧର ପରିଚାଳନା ପାଇଁ ନିଜ ସ୍ୱାମୀଙ୍କୁ ଅର୍ପଣ କରିଥିଲେ । ସେ ସେହିଦିନଠାରୁ କୌଣସି ଗହଣା କେବେ ବ୍ୟବହାର କରିନଥିଲେ ।

ଜାମ୍ବୋବତୀ ଦେବୀ ୧୯୩୨ ମସିହାରେ ଇଂରେଜ ସରକାରଙ୍କ ଶୋଷଣନୀତି ଓ ଅତ୍ୟାଚାର ବିରୋଧରେ ଦୃଢ଼ ସ୍ୱର ଉତ୍ତୋଳନ କରିଥିଲେ । ମାତୃଭୂମିର ମୁକ୍ତି ପାଇଁ ଜାମ୍ବୋବତୀ ଦେବୀଙ୍କୁ ଇଂରେଜ ସରକାରଙ୍କ ଦ୍ୱାରା ଜେଲ୍‌ରେ ବନ୍ଦୀ ଜୀବନ ବିତାଇବାକୁ ପଡ଼ିଥିଲା । ପଶ୍ଚିମ ଓଡ଼ିଶାର ସର୍ବପ୍ରଥମ ନାରୀ ବିପ୍ଳବିନୀ, ଯେ କି ଦୁଃଖ, ଯାତନା, ନିର୍ଯାତନାକୁ ଭୁଲି ସହାସ୍ୟ ବଦନରେ ବନ୍ଦୀ ଜୀବନ ଅତିବାହିତ କଲେ । ସମ୍ବଲପୁର ଓ ଭାଗଲପୁର ଜେଲ୍‌ରେ ତାଙ୍କୁ ବନ୍ଦୀ କରାଯାଇଥିଲା । ପରବର୍ତ୍ତୀ ସମୟରେ ସେ ଗାନ୍ଧିଜୀଙ୍କର ରଚନାତ୍ମକ କାର୍ଯ୍ୟରେ ଅଂଶଗ୍ରହଣ କଲେ । ଅସ୍ପୃଶ୍ୟତା ନିବାରଣ କାର୍ଯ୍ୟରେ ନିଜକୁ ନିୟୋଜିତ କଲେ । ସେ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ ଓ ସମାଜସେବୀ । ମହାତ୍ମା ଗାନ୍ଧୀ ଝାରସୁଗୁଡ଼ା ଆସିଥିବା ସମୟରେ ସେ ତୁଳସୀ ଦେବୀଙ୍କ ସହିତ ମିଶି ହରିଜନ ଓ ଦୁଃସ୍ଥ ଜନତାର ସେବାରେ ନିଜକୁ ହଜାଇ ଦେଇଥିଲେ । ଐତିହାସିକ ଭାରତ ଛାଡ଼

Click Here & Upgrade
Expanded Features
Unlimited Pages
PDF Complete



ଆନ୍ଦୋଳନ ସମୟରେ ଗାନ୍ଧିଜୀଙ୍କ ଆହ୍ୱାନକ୍ରମେ ସେ ଆନ୍ଦୋଳନକୁ ସଫଳ କରିବା ନିମନ୍ତେ ଯୋଗଦାନ କରି ଇଂରେଜ ସରକାରଙ୍କ ଦ୍ୱାରା ଗିରଫ ହେଲେ । ୧୯୪୩ ମସିହା ଜୁଲାଇ ମାସ ୧୫ ତାରିଖ ଦିନ ସେ ଶେଷ ନିଃଶ୍ୱାସ ତ୍ୟାଗ କରିବା ଦ୍ୱାରା ଏକ ସଂଗ୍ରାମୀ ଜୀବନର ପୂର୍ଣ୍ଣଚ୍ଛେଦ ପଡ଼ିଲା । ମୁକ୍ତି ସଂଗ୍ରାମ ପ୍ରତି ଏହି ମହିୟସୀ ମହିଳାଙ୍କ ଅନବଦ୍ୟ ଅବଦାନ ଅବିସ୍ମରଣୀୟ ।

ଅନ୍ୟ ଜଣେ କୃତବିଦ୍ୟ ନାରୀ ସଂଗ୍ରାମୀ ପ୍ରଭାବତୀ ଦେବୀ ବରଗଡ଼ ତଥା ସମଗ୍ର ଓଡ଼ିଶାର ଏକ ସୁପରିଚିତ ନାମ । ତାଙ୍କ ଘଟଣା ବହୁଳ ସଂଗ୍ରାମୀ ଜୀବନର ଇତିହାସ ଅତି ରୋମାଞ୍ଚକର ତଥା ହୃଦୟସ୍ପର୍ଶୀ । ପ୍ରଭାବତୀ ଦେବୀ ବରଗଡ଼ ନାୟକପଡ଼ାର ଥାନପତି ଦାଶଙ୍କ କନ୍ୟା । ବାଲ୍ୟବିଧବା ପ୍ରଭାବତୀଙ୍କର ବାଲ୍ୟକାଳରୁ ଦେଶମୁକ୍ତି ଆନ୍ଦୋଳନ ଓ ସଂଗ୍ରାମୀମାନଙ୍କ ପ୍ରତି ଥିଲା ତାଙ୍କର ଅହେତୁକ ଆକର୍ଷଣ ଓ ଦୁର୍ବଳତା । ବରଗଡ଼ର ସୁନାମଧନ୍ୟ କଂଗ୍ରେସ କର୍ମୀ ଫକୀର ବେହେରାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ମାତୃକାର ସେବା ପାଇଁ ସଂକଳ୍ପ ନେଲେ । ମାଳତୀ ଦେବୀଙ୍କର ବରଗଡ଼ ଆଗମନ ସମୟରେ ତାଙ୍କର ପ୍ରେରଣା ଓ ଉତ୍ସାହ ପ୍ରଭାବତୀଙ୍କ ହୃଦୟକୁ ସ୍ପର୍ଶ କଲା । ରମାଦେବୀଙ୍କର ବରି ଆଶ୍ରମରେ ରହି ସମାଜସେବା, ରଚନାତ୍ମକ କାର୍ଯ୍ୟକ୍ରମ ସମ୍ବନ୍ଧରେ ଶିକ୍ଷାଲାଭ କଲେ । ବରି ଆଶ୍ରମରେ ସୂତାକଟା, ଲୁଗାବୁଣା, ବଗିଚା କାମ, ସଫେଇ ଇତ୍ୟାଦି ବିଷୟରେ ଶିକ୍ଷାଲାଭ କରି ପ୍ରତ୍ୟେକ କ୍ଷେତ୍ରରେ ଉପଯୋଗ କରିବା ନିମନ୍ତେ ପ୍ରୟାସ କଲେ । ଅସ୍ପୃଶ୍ୟତା ନିବାରଣ, ଜାତୀୟତା ମନୋଭାବ ସୃଷ୍ଟି, ଶିକ୍ଷାର ପ୍ରଚାର ଓ ପ୍ରସାର ଦିଗରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଗାଁକୁ ଗାଁ ବୁଲି ବହୁ କଷ୍ଟ ସ୍ୱୀକାର କରିଥିଲେ । ୧୯୪୨ ମସିହାର ଭାରତ ଛାଡ଼ ଆନ୍ଦୋଳନରେ ବରଗଡ଼ର ଅନ୍ୟାନ୍ୟ ସତ୍ୟାଗ୍ରହୀମାନଙ୍କ ସହିତ ମିଶି ଇଂରେଜ ସରକାରଙ୍କର ହୃଦୟହୀନ ତଥା ଅବିବେକି କାର୍ଯ୍ୟ ସଂପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ଇଂରେଜ ବିରୋଧୀ ପ୍ରଚାରପତ୍ର ବାଣ୍ଟିବା, ସଭା ସମିତି ଓ ଶୋଭାଯାତ୍ରାର ନେତୃତ୍ୱ ନେଉଥିବା ରାଜଦ୍ରୋହ ଅଭିଯୋଗରେ ଇଂରେଜ ସରକାର ତାଙ୍କୁ ୨୨ ଅଗଷ୍ଟ ୧୯୪୨ ମସିହାରେ ଗିରଫ କରି ସମ୍ବଲପୁର ଜେଲ୍‌କୁ ପଠାଇ ଦେଇଥିଲେ । ସେଠାରେ ଦେଢ଼ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହେବା ପରେ କଟକ ଜେଲ୍‌କୁ ସ୍ଥାନାନ୍ତରିତ ହୋଇଥିଲେ । କଟକ ଜେଲ୍‌ରେ ଗୋଟେ ବର୍ଷ ଅତିବାହିତ କଲାପରେ ତାଙ୍କୁ ଇଂରେଜ ସରକାର କାରାମୁକ୍ତ କରିଥିଲେ । ପରବର୍ତ୍ତୀ ସମୟରେ ଉତ୍ସର୍ଗୀକୃତ ମନୋଭାବ ନେଇ ସମାଜସେବା କାର୍ଯ୍ୟରେ ମନୋନିବେଶ କଲେ । ୧୯୫୦ ମସିହାରେ ବରଗାଁଠାରେ ଏକ ମାତୃମଙ୍ଗଳ କେନ୍ଦ୍ର ସ୍ଥାପନ କରି ନାରୀମାନଙ୍କୁ ଶିକ୍ଷିତ, ସ୍ୱାବଲମ୍ବୀ ଓ ସଚେତନ କରିବା ପାଇଁ ଉଦ୍ୟମ କରିଥିଲେ । ପ୍ରଭାବତୀ ଦେବୀଙ୍କର ସେବା, ସାଧନା, ତପସ୍ୟା ପାଇଁ ଓଡ଼ିଆ ଜାତି ତାଙ୍କ ନିକଟରେ ଚିର ଋଣୀ ।

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସହିତ ଓ୍ୱାର୍ଦ୍ଧା ଆଶ୍ରମରେ ପ୍ରଭାବତୀ ଦେବୀଙ୍କର କାର୍ଯ୍ୟ କରିବାର ସୁଯୋଗ ମିଳିଥିଲା । ବିନୋଭାବେଙ୍କର ଭୂଦାନ ଆନ୍ଦୋଳନରେ ଯୋଗଦେଇ ପ୍ରଭାବତୀ ଦେବୀ ନିଜର ପ୍ରଭାବ ବିସ୍ତାର କରି ଗରିବ, ଖଟିଖିଆ, ମୂଲିଆ, ଚାଷୀ ଓ ସର୍ବହରା ଅନାଥମାନଙ୍କ ପାଇଁ ସଂଘର୍ଷରତ ଥିଲେ । ଜଣେ ଓଡ଼ିଆ ନାରୀ ଭାବରେ ତାଙ୍କର ଉଲ୍ଲେଖନୀୟ ସଫଳତା ଆମ୍ଭ ପାଇଁ ଗର୍ବ ଓ ଗୌରବର ବିଷୟ । ଅନେକ ସମ୍ମାନ ଓ ସ୍ୱୀକୃତିରେ ପ୍ରଭାବତୀ ଦେବୀ ବିଭୂଷିତା । ଅତି ଆଦର ଓ ଶ୍ରଦ୍ଧାରେ ସମସ୍ତେ 'ପ୍ରଭାବତୀ ନାନୀ' ବୋଲି ତାଙ୍କୁ ସମ୍ବୋଧନ କରନ୍ତି । ୧୯୭୨ ମସିହାରେ ଇନ୍ଦିରା ଗାନ୍ଧୀ ତାଙ୍କୁ ତାମ୍ରଫଳକ ପ୍ରଦାନ କରି ସମ୍ମାନିତ କରିଥିଲେ । ୧୯୮୪ ମସିହାରେ କଟକରେ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ପରିଷଦ ତାଙ୍କୁ 'ରାଷ୍ଟ୍ର ଗୌରବ ପତ୍ର' ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

ବରଗଡ଼ର ପବିତ୍ର ମାଟିରେ ବହ୍ନି କନ୍ୟା ଥିଲେ ପାର୍ବତୀ ଗିରି । ପ୍ରଚଣ୍ଡ ଦେଶ ଓ ଜାତିପ୍ରେମୀ ପାର୍ବତୀ ଗିରି ଇଂରେଜ ସରକାରଙ୍କର ଗର୍ବ ଓ ଅହଂମିକା ପ୍ରତି ଶକ୍ତ କୁଠାରଘାତ କରିଥିଲେ । ୧୯୨୨ ମସିହା ଜାନୁଆରୀ ୧୯ ତାରିଖ ଦିନ ବରଗଡ଼ ଜିଲ୍ଲାର ବିଜୁପୁର ଥାନା ଅନ୍ତର୍ଗତ ସମଲାଇ ପଦର ଗ୍ରାମରେ ପାର୍ବତୀ ଗିରି ଜନ୍ମଗ୍ରହଣ କରିଥିଲେ । ପିତା ଗଉଁନ୍ତିଆ ଧନଞ୍ଜୟ ଗିରିଙ୍କ ଧନସଂପଦ, ଐଶ୍ୱର୍ଯ୍ୟ, ପ୍ରାଚୁର୍ଯ୍ୟର ମୋହ କେବେ ପାର୍ବତୀ ଗିରିଙ୍କୁ ବାନ୍ଧି ରଖିପାରି ନଥିଲା । ତାଙ୍କ ଜମିଦାରୀ ଘରେ କାର୍ଯ୍ୟ କରୁଥିବା ହରିଜନ ବ୍ୟକ୍ତିମାନଙ୍କୁ ପରିବାରର ସଦସ୍ୟମାନଙ୍କର ଅପମାନ ସୂଚକ ତଥା ଆପତ୍ତିଜନକ ବ୍ୟବହାର ପିଲାଦିନରୁ ତାଙ୍କ ହୃଦୟକୁ ବ୍ୟଥିତ କରୁଥିଲା । ଏହା ବିରୋଧରେ ଘରେ ଅସ୍ପୃଶ୍ୟତା ବିରୋଧରେ ସେ ପ୍ରଥମେ ସଂଗ୍ରାମ ଆରମ୍ଭ କରିଥିଲେ । ଦୁଃସ୍ଥ, ଦୁର୍ଗତ ତଥା ଅସହାୟମାନଙ୍କର ସେବାକୁ ନିଜର ତପସ୍ୟା ରୂପେ ସେ ଗ୍ରହଣ କରିନେଇଥିଲେ । ସମାଜ ସେବା, ସଂସ୍କାର ଓ ଦେଶ ମୁକ୍ତି ଥିଲା ତାଙ୍କ ଜୀବନର ପରମ ଲକ୍ଷ୍ୟ ତଥା ଚରମ ଉଦ୍ଦେଶ୍ୟ । ଏ କ୍ଷେତ୍ରରେ ତାଙ୍କର ଯୋଗଦାନ ଅଲଂଘନୀୟ । ତାଙ୍କର ୧୨ ବର୍ଷ ବୟସରେ ମାଳତୀ ଚୌଧୁରୀ, ଫକୀର ବେହେରା, ବୋଧରାମଦୁବେ ତାଙ୍କ ଗ୍ରାମରେ ସଭା, ସମିତି ଆୟୋଜନ କରିବା ଦ୍ୱାରା ଗାନ୍ଧିଜୀଙ୍କର ସ୍ୱରାଜବାର୍ତ୍ତା, ସତ୍ୟାଗ୍ରହ ଓ ରଚନାତ୍ମକ କାର୍ଯ୍ୟ ତାଙ୍କ ହୃଦୟକୁ ଆନ୍ଦୋଳିତ କଲା । ୧୯୪୦ ମସିହାରେ ରମା ଦେବୀ ଓ ପ୍ରଭାବତୀ ଦେବୀଙ୍କର ପ୍ରତ୍ୟକ୍ଷ ସଂପର୍କରେ ଆସିବା ଦ୍ୱାରା ସେ ଜାତୀୟ କାର୍ଯ୍ୟ କରିବା ପାଇଁ ଅଧିକ ଉତ୍ସାହିତ ହୋଇପଡ଼ିଥିଲେ । ୧୭ ବର୍ଷ ବୟସରେ ୧୯୪୨ ମସିହାରେ ଭାରତଛାଡ଼ ଆନ୍ଦୋଳନରେ ପାର୍ବତୀ ଗିରି ବରଗଡ଼ ଏସ୍.ଡି.ଓ.ଙ୍କ କୋର୍ଟ ଦଖଲ କରି କୋର୍ଟରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସ୍ୱାଧୀନତା ସଂଗ୍ରାମ ଇତିହାସରେ ତାଙ୍କ ଏ କାର୍ଯ୍ୟରେ ସତୀର୍ଥ ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ଗିରି ଓ ବିରଞ୍ଚି ପ୍ରଧାନଙ୍କ ସହ ଯୋଗ କଲେ । ଆଇନଜୀବିମାନେ

Click Here & Upgrade
Expanded Features
Unlimited Pages
PDF Complete Documents



ଇଂରେଜମାନଙ୍କୁ ପରୋକ୍ଷ ସମର୍ଥନ କରୁଥିବାରୁ ବରଗଡ଼ର ଓକିଲ ବ୍ରଜମୋହନ ପ୍ରଧାନ ଓ ଅନ୍ୟ କେତେଜଣଙ୍କୁ ସେ ଚୁଡ଼ି ପିନ୍ଧାଇ ଦେଇଥିଲେ । ପାର୍ବତୀ ଗିରିଙ୍କର ଏଭଳି ଦୁଃସାହସିକ କାର୍ଯ୍ୟ ଓଡ଼ିଶା ତଥା ଭାରତବର୍ଷର ସ୍ୱାଧୀନତା ସଂଗ୍ରାମ ଇତିହାସର ଇତିକଥାରେ ଏକ ସ୍ୱର୍ଦ୍ଧିତ ସ୍ୱାଭିମାନ ତଥା ପ୍ରଚଣ୍ଡ ଦେଶ ପ୍ରେମର ପରିଚୟ । ୧୮ ବର୍ଷ ବୟସରୁ କମ୍ ଥିବାରୁ ଇଂରେଜ ସରକାର ତାଙ୍କୁ ଏହି କାର୍ଯ୍ୟ ପାଇଁ ଅଧିକ ଦିନ ଦଣ୍ଡିତ ନକରି ଦୁଇବର୍ଷ ଜେଲଦଣ୍ଡ ଦେଇଥିଲେ । ୧୯୪୪ ମସିହାରେ ଜେଲରୁ ମୁକ୍ତି ପାଇବା ପରେ ବରି ଆଶ୍ରମ ଓ ଓ୍ୱାର୍ଦ୍ଧା ଆଶ୍ରମରେ ସମାଜସେବା ବିଷୟରେ ଶିକ୍ଷାଲାଭ କଲେ । ସ୍ୱାଧୀନତା ପରବର୍ତ୍ତୀ ସମୟରେ ପାର୍ବତୀ ଗିରି ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳର ଅନାଥ ଶିଶୁମାନଙ୍କୁ ନେଇ ମାତୃନିକେତନ ଗଠନ କରିଥିଲେ । ସମ୍ବଲପୁରର ଫୁଲଝରନଠାରେ ଜରାନିବାସ, ହାତିବାଡ଼ିଠାରେ ଡାକ୍ତର ଆଇଜାକ ସାନ୍ତା ବାଳାଶ୍ରମ ଓ ବଲାଙ୍ଗୀର ପଥର ଚେପାଠାରେ ବାଳାଶ୍ରମ ତାଙ୍କ ହାତଗଢ଼ା ଅନୁଷ୍ଠାନ । ମମତାମୟୀ, ସ୍ନେହଶୀଳା ଦରଦି ହୃଦୟର ଅଧିକାରିଣୀ ପାର୍ବତୀ ଗିରି ନାରୀ ଜାତିର ଚିର ନମସ୍ୟ । ତାଙ୍କ ନିଃସ୍ୱାର୍ଥପର ସେବା ଓ ତ୍ୟାଗ ପାଇଁ ୧୯୭୫ ମସିହାରେ ହରେକୃଷ୍ଣ ମହତାବ ତାଙ୍କୁ ବିଧାନସଭାର ସଭ୍ୟପଦ ଓ ପରେ ବିଜୁ ପଟ୍ଟନାୟକ ରାଜ୍ୟସଭାର ସଦସ୍ୟ ହେବାପାଇଁ କରିଥିବା ଅନୁରୋଧକୁ ସେ ବିନମ୍ରତାର ସହିତ ପ୍ରତ୍ୟାଖ୍ୟାନ କରିଥିଲେ । ସେବା ଓ ତ୍ୟାଗର ସେ ଥିଲେ ମୂର୍ତ୍ତିମନ୍ତ ଅବତାର । ସେବା ଥିଲା ତାଙ୍କ ଜୀବନର ସର୍ବସ୍ୱ । ଦୁଃସ୍ଥ ଜନତାର ସେବା ପାଇଁ ସେ ବଞ୍ଚି ରହିଥିଲେ । ବରଗଡ଼ ଜିଲ୍ଲାର ଅନ୍ୟ କେତେଜଣ ମାନନୀୟା ସମଦର୍ଶୀ ମହିଳାମାନେ ପରୋକ୍ଷ ଭାବରେ ମୁକ୍ତି ସଂଗ୍ରାମକୁ ସମର୍ଥନ ଜ୍ଞାପନ କରି ଆସୁଥିଲେ ।

ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟଙ୍କର ଧର୍ମପତ୍ନୀ ଚଞ୍ଚଳା ଆଚାର୍ଯ୍ୟଙ୍କର ମୁକ୍ତି ସଂଗ୍ରାମକୁ ଅବଦାନ କେବେ ଭୁଲିବାର ନୁହେଁ । ଫକୀର ବେହେରାଙ୍କ ପୁତ୍ରବଧୂ ଗାନ୍ଧର୍ବୀ ଦେବୀ ଓ ଇଲା ମେହେରଙ୍କର ସ୍ୱାଧୀନତା ସଂଗ୍ରାମ ପ୍ରତି କର୍ତ୍ତବ୍ୟ, ନିଷ୍ଠା ଓ ଦାୟିତ୍ୱବୋଧତା ଉତ୍ସାହପ୍ରଦ ଓ ପ୍ରଶଂସନୀୟ ଥିଲା । ବରଗଡ଼ ଜିଲ୍ଲାର ଦୁଇଜଣ ମହିଳା ଚିତ୍ରା ଓ ଉତ୍ତରାମୁଣ୍ଡରେ ପସରାଧରି ଗାଁ ଗାଁ ବୁଲି ବିକ୍ରୟ କରୁଥିଲେ । ପସରା ମଧ୍ୟରେ ବନ୍ଦେ ପ୍ରସ୍ତାବ, ଗାନ୍ଧୀ ବାର୍ତ୍ତା, ସ୍ୱରାଜ୍ୟ ବାର୍ତ୍ତା ଇତ୍ୟାଦି ପତ୍ରିକା ଜନସାଧାରଣଙ୍କ ନିକଟରେ ଗୁପ୍ତରେ ପହଞ୍ଚାଉଥିଲେ । ଏହି ଦୁଇ ଜଣ ସ୍ୱଦେଶ ପ୍ରେମୀ ମହିଳା ନିଜ ଜୀବନକୁ ବିପନ୍ନ କରି ଗୁପ୍ତରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଗୋପନୀୟ ତଥ୍ୟ ଓ ସମ୍ବାଦ ପ୍ରଦାନ କରୁଥିଲେ ।

ବରଗଡ଼ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମର ସମୁଜ୍ଜ୍ୱଳ ସ୍ୱାକ୍ଷର ନିଜ ଦେହରେ ବହନ କରିଥିବା ପୁଣ୍ୟ ମାଟି ପାଣିମୋରା ଗ୍ରାମ ଆଜି ମଧ୍ୟ ଶିହରଣ ସୃଷ୍ଟି କରେ । ୧୯୪୨ ମସିହାର ଭାରତଛାଡ଼ ଆନ୍ଦୋଳନ ସମୟରେ ଏହି ଗ୍ରାମରୁ ୩୨ ଜଣ ସଂଗ୍ରାମୀକୁ ଗିରଫ କରାଯାଇଥିଲା । ଗ୍ରାମର ମା' ଓ ବୋହୂମାନେ ନିଜ ଘର ସମ୍ମୁଖରେ ପୂର୍ଣ୍ଣ କୁମ୍ଭ ଏବଂ ଦୀପ ଜାଳି ସଂଗ୍ରାମୀମାନଙ୍କୁ ବିଦାୟ ଦେବା ସହିତ ମୁକ୍ତି ପ୍ରେମୀମାନଙ୍କୁ ପ୍ରେରଣା ଓ ଉତ୍ସାହ ପ୍ରଦାନ କରିଥିଲେ । ଆଜି ପର୍ଯ୍ୟନ୍ତ ଏହି ପାଣିମୋରା ଗ୍ରାମରେ ପ୍ରତ୍ୟେକ ଶୁକ୍ରବାର ଦିନ ଗାନ୍ଧୀ ଭଜନ ଗାନ କରାଯାଏ । ଗାନ୍ଧିଜୀଙ୍କ ଜୟନ୍ତୀ, ଶ୍ରାଦ୍ଧ ଓ ଶୁକ୍ରବାର ଦିନ ଗ୍ରାମରେ ଆମିଷ ଭକ୍ଷଣ କରାଯାଏ ନାହିଁ । ପ୍ରତିଦିନ ଗ୍ରାମର ରମଣୀମାନେ ପୁଷ୍କରିଣୀରେ ସ୍ନାନ ସାରି ଫେରିବା ବେଳେ ଗାନ୍ଧୀ ସ୍ମୃତି ସ୍ତମ୍ଭରେ ଜଳ ଅର୍ପଣ କରନ୍ତି । ବରଗଡ଼ ଜିଲ୍ଲାର ମହିୟସୀ, ସତ ସାହସୀ, ନିର୍ଭୀକ ବୀରାଙ୍ଗନା ଯେପରି ମୁକ୍ତିଯୁଦ୍ଧରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଯୋଗଦାନ କଲେ, ଇତିହାସରେ ଏହାର ପଟାନ୍ତର ନାହିଁ । ବରଗଡ଼ ଜିଲ୍ଲାର ଏହି ଯୋଗଜନ୍ମା ରମଣୀମାନଙ୍କର ସ୍ୱାଧୀନତା ସଂଗ୍ରାମକୁ ଅତୁଳନୀୟ ଅବଦାନ ପାଇଁ ଓଡ଼ିଆ ଜାତିର ସେମାନଙ୍କ ପ୍ରତି ସଭକ୍ତି ଶ୍ରଦ୍ଧାଞ୍ଜଳି ଓ ବିନମ୍ର ପ୍ରଣିପାତ ।

ଇତିହାସ ବିଭାଗ
ସନାତନ ହରିଚନ୍ଦନ ମହାବିଦ୍ୟାଳୟ
ମଦନପୁର, ଖୋର୍ଦ୍ଧା-୭୫୨୦୫୪

---

## ଚାରିଗୋଟି ସହରରେ ପରିମଳ ବ୍ୟବସ୍ଥାର ଉନ୍ନତି ଲାଗି ୧ କୋଟି ୭୬ ଲକ୍ଷ ଟଙ୍କା ମଂଜୁର

ରାଜ୍ୟ ସରକାର ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର ଏବଂ କଟକ ସହରର ସ୍ୱାସ୍ଥ୍ୟ ସୁରକ୍ଷା, ପରିମଳ ବ୍ୟବସ୍ଥା, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ମଇଳା ଜଳ ନିଷ୍କାସନ ଲାଗି ଏକ ପ୍ରକଳ୍ପ ଆରମ୍ଭ କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏହି ପ୍ରକଳ୍ପ ନିମନ୍ତେ ରାଜ୍ୟ ସରକାର ୨୦୦୫-୦୬ ଆର୍ଥିକ ବର୍ଷ ନିମନ୍ତେ ୧ କୋଟି ୭୬ ଲକ୍ଷ ଟଙ୍କା ମଂଜୁର କରିଥିବା ଜଣାଯାଇଛି । ଏହି ପ୍ରକଳ୍ପ ଜାପାନର ଆନ୍ତର୍ଜାତିକ ବ୍ୟାଙ୍କ ସହାୟତାରେ କାର୍ଯ୍ୟକାରୀ କରାଯିବ ।

ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ ଅର୍ଥମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ମିଳିତ ଭାବେ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏହି ପ୍ରକଳ୍ପ ଦ୍ୱାରା କଟକ ସହରର ମଇଳା ଜଳ ନିଷ୍କାସନ ଏବଂ ଭୁବନେଶ୍ୱର, ବ୍ରହ୍ମପୁର ଓ ସମ୍ବଲପୁର ସହରର ପରିମଳ ବ୍ୟବସ୍ଥାରେ ଉନ୍ନତିସାଧିତ ହୋଇପାରିବ । ରାଉରକେଲା, ଟିଟିଲାଗଡ଼ ଏବଂ ଅନୁଗୁଳର ଜଳ ଯୋଗାଣ ପ୍ରକଳ୍ପ ଚଳିତ ବର୍ଷ ଶେଷ କରାଯିବ ବୋଲି ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ପ୍ରକାଶ କରିଛନ୍ତି ।

Click Here & Upgrade
Expanded Features
Unlimited Pages
PDF Complete



# ସ୍ୱାଧୀନତା ପୂର୍ବବର୍ତ୍ତୀ ଉପନ୍ୟାସ 'ଶାସ୍ତି'ରେ ଜୀବନବୋଧ

ଡକ୍ଟର ସୀମାଞ୍ଚଳ ପ୍ରଧାନ

ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ ଉପନ୍ୟାସ ରଚନା କ୍ଷେତ୍ରରେ ଯେଉଁ କେତେଜଣ ଔପନ୍ୟାସିକ ଉପନ୍ୟାସର ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଯାଇଛନ୍ତି, ସେମାନଙ୍କ ମଧ୍ୟରେ ରାମଶଙ୍କର ରାୟ, ଫକୀର ମୋହନ ସେନାପତି, ଉମେଶ ଚନ୍ଦ୍ର ସରକାର, ଗୋପାଳ ବଲ୍ଲଭ ଦାସ, ରାମଚନ୍ଦ୍ର ଆଚାର୍ଯ୍ୟ, କମଳାକାନ୍ତ ଦାସ, ବୈଷ୍ଣବ ଚରଣ ଦାସ, ଅନନ୍ତ ପ୍ରସାଦ ପଣ୍ଡା, କାଳିନ୍ଦୀଚରଣ ପାଣିଗ୍ରାହୀ, ବଟକୃଷ୍ଣ ପ୍ରହରାଜ, ନନ୍ଦକିଶୋର ବଳ, ହରେକୃଷ୍ଣ ମହତାବ, କାହ୍ନୁଚରଣ ମହାନ୍ତି, ଚିନ୍ତାମଣି ମହାନ୍ତି, ଗୋଦାବରୀଶ ମହାପାତ୍ର, ଚକ୍ରଧର ମହାପାତ୍ର, ଜଗତବନ୍ଧୁ ମହାପାତ୍ର, ନିତ୍ୟାନନ୍ଦ ମହାପାତ୍ର, ଲକ୍ଷ୍ମୀକାନ୍ତ ମହାପାତ୍ର, ଗୋଦାବରୀଶ ମିଶ୍ର, ତାରିଣୀ ଚରଣ ରଥ, ମୃତ୍ୟୁଞ୍ଜୟ ରଥ, କୁନ୍ତଳା କୁମାରୀ ସାବତ, ପ୍ରାଣକୃଷ୍ଣ ସାମଲ, ରାମପ୍ରସାଦ ସିଂହ ପ୍ରଭୃତିଙ୍କ ନାମ ଉଲ୍ଲେଖନୀୟ ।

ଉପଯୁକ୍ତ ଔପନ୍ୟାସିକଗଣ ଏକାଧିକ ଉପନ୍ୟାସ ସୃଷ୍ଟି କରି ଉପନ୍ୟାସ ଜଗତକୁ ଯେ ମହିମା ମଣ୍ଡିତ କରିଯାଇଛନ୍ତି କହିବା ଅନାବଶ୍ୟକ । ସେମାନଙ୍କ ରଚିତ ଉପନ୍ୟାସଗୁଡ଼ିକ ମଧ୍ୟରେ ସୌଦାମିନୀ (୧୮୭୮), ବିବାସିନୀ (୧୮୯୧), ଛ'ମାଣ ଆଠଗୁଣ୍ଠ (୧୮୯୭), ଲଛମା (୧୯୦୧), ମାମୁଁ (୧୯୧୩), ପ୍ରାୟଶ୍ଚିତ (୧୯୧୫), ପଦ୍ମମାଳୀ (୧୮୮୮), କେନ୍ଦୁଝର-ବିଦ୍ରୋହ (୧୯୦୭), ଭୀମାଭୂୟାଁ (୧୯୦୮), ବୀର ଓଡ଼ିଆ (୧୯୨୫), ବୋଉ (୧୯୨୬), ଭାଉଜ ବୋଉ (୧୯୩୫), ମନେ ମନେ (୧୯୨୬), ଭାଗ୍ୟଚକ୍ର (୧୯୩୯), ମୁକ୍ତ ଆକାଶର ବିହଙ୍ଗ (୧୯୪୫), ମାଟିର ମଣିଷ (୧୯୩୧), ଅମର ଚିତା (୧୯୩୩), ମୁକ୍ତାଗଡ଼ର କ୍ଷୁଧା (୧୯୩୩), ଲୁହାର ମଣିଷ (୧୯୪୬), ମାତା ମଠ (୧୯୪୭), କନକଲତା (୧୯୨୫), ପ୍ରତିଭା (୧୯୪୬), ଅବ୍ୟାପାର (୧୯୪୭), ପଳାତକ (୧୯୧୯), ବାଲିରାଜା (୧୯୩୧), ସ୍ୱପ୍ନ ନା ସତ୍ୟ (୧୯୩୨), ଦୁନିଆର ଦାଉ (୧୯୩୪), ହା ଅନ୍ନ (୧୯୩୫), ଉଦଣ୍ଡୀ (୧୯୩୯), ଅଦେଖା ହାତ (୧୯୪୦), ଶାସ୍ତି (୧୯୪୬), ଭୁଲି ହୁଏନା (୧୯୪୭), ରୂପାଚୁଡ଼ି (୧୯୩୩), ରାଜଦ୍ରୋହୀ (୧୯୨୫), ବନ୍ଦୀର ମାୟା (୧୯୩୪), ବୀର ଯୁବକ (୧୯୨୬), ବିଦ୍ରୋହ (୧୯୩୮), ବଳାଙ୍ଗୀ (୧୯୩୪), ରୋଡ଼ଙ୍ଗ ବକ୍ସି (୧୯୩୪), ଧଡ଼ିଆ ବାବାଜୀ (୧୯୪୬), ହିଡ଼ମାଟି (୧୯୪୭), କଣାମାମୁଁ (୧୯୪୭), ଅଠର ଶହ ସତର (୧୯୩୨), ଅନ୍ନପୂର୍ଣ୍ଣା (୧୯୩୪), ଅଦ୍ଭୁତ ପରିଣାମ (୧୯୧୫), ନଅତୁଣ୍ଡି (୧୯୨୫), କାଳୀବୋହୂ (୧୯୨୫), ରଘୁ ଅରକ୍ଷିତ (୧୯୨୮), ପରଶମଣି (୧୯୩୩), ନୀଳକମଳ (୧୯୪୪), ହାତୀକା ଦାନ୍ତ (୧୯୪୭), ପୂଜାରବଳି (୧୯୩୧), ହୋମଶିଖା (୧୯୩୭), ମରୀଚିକା (୧୯୪୬) ପ୍ରଭୃତି ଉପନ୍ୟାସର ସ୍ଥାନ ଯେ ଅତି ଉର୍ଦ୍ଧ୍ୱରେ କହିବା ଅନାବଶ୍ୟକ ।

ଏହି ଉପନ୍ୟାସଗୁଡ଼ିକୁ ବିଶ୍ଳେଷଣ କରି ଦେଖିଲେ ତତ୍କାଳୀନ ମଣିଷ ଜୀବନର ଚିତ୍ର ଯେ ସ୍ପଷ୍ଟ ରୂପେ ପାଠକଙ୍କ ଦୃଷ୍ଟି ପଥାରୂଢ଼ ହୁଏ, ଏହାକୁ ଯେ କେହି ଅବଶ୍ୟ ସ୍ୱୀକାର କରିବେ । ମୁଖ୍ୟତଃ ସମାଜରେ ରକ୍ଷଣଶୀଳ ମନୋବୃତ୍ତି, ସ୍ୱାଧୀନଚେତାର ମୂଳରେ କୁଠାରାଘାତ ମାନବବାଦ ପ୍ରତିଷ୍ଠା କରିବା ପାଇଁ ଚେଷ୍ଟା, ବାଲ୍ୟବିବାହ ଓ ବିଧବା ବିବାହର ପ୍ରଚଳନ ପାଇଁ ସ୍ୱର ଉତ୍ତୋଳନ ଯେଉଁଭଳି ଭାବରେ କରାଯାଇଛି, ତା'ର ଏକ ବାସ୍ତବ ଚିତ୍ର ଆଲୋଚ୍ୟ ଉପନ୍ୟାସଗୁଡ଼ିକରେ ଦେଖିବାକୁ ମିଳେ । ଏହି ପରିପ୍ରେକ୍ଷୀରେ ବିଚାର କଲେ ଔପନ୍ୟାସିକ କାହ୍ନୁଚରଣ ମହାନ୍ତିଙ୍କ ସ୍ୱାଧୀନତା ପୂର୍ବବର୍ତ୍ତୀ ଉପନ୍ୟାସ 'ଶାସ୍ତି'ରେ ଜୀବନବୋଧ ସଂପର୍କରେ ଯେଉଁ ବାର୍ତ୍ତା ପ୍ରଦତ୍ତ ତାହାକୁ ନିମ୍ନରେ ପ୍ରକାଶ କରାଯାଇପାରେ ।

'ଶାସ୍ତି' କାହ୍ନୁଚରଣଙ୍କ ଏକ ସଫଳ ଉପନ୍ୟାସ । ଏହାର ରଚନା କାଳ ଯଦିଓ ୧୯୪୫ ମସିହା କିନ୍ତୁ ଏହା ୧୯୪୬ ମସିହାରେ ପ୍ରକାଶିତ । ସେତେବେଳେ ଭାରତ ପରାଧୀନତାର ଶୃଙ୍ଖଳ ଭିତରେ ଆବଦ୍ଧ । ଗୋରା ସାହେବମାନଙ୍କର ଶାସନ ସାଙ୍ଗକୁ ଜମିଦାରୀ ପ୍ରଥାର ପ୍ରଚଳନ ସମଗ୍ର ଭାରତୀୟ ସମାଜକୁ ଅତିଷ୍ଠ କରି ଦେଇଥିଲା । ଏମାନଙ୍କ ନିର୍ଯ୍ୟାତନା ଓ ଅତ୍ୟାଚାରରୁ କେତେ ଶୀଘ୍ର ମୁକ୍ତି ମିଳିବ, ସେଥିଲାଗି ଚାଲିଥିଲା ବିଭିନ୍ନ ପ୍ରଚେଷ୍ଟା । ଏହିଭଳି ସମୟରେ ଅର୍ଥାତ୍ ଅଶିତିପର ବର୍ଷ ପୂର୍ବରୁ ଓଡ଼ିଶାକୁ ମାଡ଼ି ଆସିଲା ପ୍ରଳୟଙ୍କରୀ ଦୁର୍ଭିକ୍ଷ ଓ ମହାମାରୀ । ୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷ, ୧୯୧୫-୧୬ ମସିହାରେ ଉତ୍ତର ଓଡ଼ିଶାରେ ଘଟିତ ଅନ୍ୟ ଏକ ଦୁର୍ଭିକ୍ଷ ଜନମାନସକୁ ଅସ୍ଥିର କରି ପକାଇଥିଲା । ଦୁର୍ଭିକ୍ଷର କରାଳ ଆଁ ଭିତରେ ଲକ୍ଷ ଲକ୍ଷ ଶିଶୁ, ବାଳକ ବାଳିକା, ଯୁବକ ଯୁବତୀ, ବୁଢ଼ା ବୁଢ଼ୀ ଆହାର ମୁଠାଏ ନପାଇ ରାସ୍ତାକଡ଼ରେ, ଗାଁ ଦାଣ୍ଡରେ ଟଳି ପଡ଼ିଲେ । ଶବକୁ

Click Here & Upgrade
Expanded Features
Unlimited Pages
PDF Complete
Documents



ବୋହିନେବା ପାଇଁ ଲୋକମାନଙ୍କ ମନରେ ସାହସ ଓ ସମ୍ବଳର ଅଭାବ ଥିଲା ସେଦିନ । ମଣିଷର ମଣିଷ ପଣିଆ, ଗର୍ବ, ଅହଙ୍କାର ସବୁ ଧ୍ୱଂସାଭିମୁଖୀ ହେବାକୁ ଲାଗିଲା । ଅନ୍ନଚିନ୍ତା ଚମତ୍କାର ନ୍ୟାୟରେ ଜାତି-ବର୍ଣ୍ଣ-ଧର୍ମ ନିର୍ବିଶେଷରେ ସମସ୍ତେ ହାତ ପତାଇଲେ ଧନୀକ ଗୋଷ୍ଠୀଙ୍କ ଦୁଆରରେ । ଏହି ସମୟରେ ଜମିଦାରମାନଙ୍କର ଶୋଷଣ ଥିଲା ମୁଖ୍ୟ କାର୍ଯ୍ୟ । ଜୀବନବୋଧରେ ଆସିଲା ପରିବର୍ତ୍ତନ । ମଣିଷ କଙ୍କାଳର ଶରୀର ନେଇ ସ୍ୱାଧୀନ ଭାବେ ବିଚରଣ କଲା ସତ, କିନ୍ତୁ ସମାଜ ଚକ୍ଷୁରେ ସେ ହେଲା ଘୃଣ୍ୟ, ପତିତ ଓ ଧର୍ମଛଡ଼ା ଅଜାତିଆ । ମଣିଷକୁ ମଣିଷ ଚିହ୍ନିଲା ନାହିଁ । କାଙ୍ଗାଳ ମଣିଷର ଛାଇ ପଡ଼ିଲେ କାୟା ଅପବିତ୍ର ହେବା ଭୟ ଲୋକଙ୍କ ମନରେ ଭୀତି ସଞ୍ଚାର କଲା । ଏହି ଜୀବନବୋଧର ବାସ୍ତବ ଚିତ୍ର ଦେବାକୁ ଯାଇ କାହ୍ନୁଚରଣ ଯେଉଁ ଚରିତ୍ରଗୁଡ଼ିକ ଦୁର୍ଭିକ୍ଷର ବଳୟ ମଧ୍ୟରୁ ଟାଣି ଆଣିଥିଲେ ସେମାନେ ହେଉଛନ୍ତି ବନେଇ ପରିଡ଼ା, ସନେଇ ପରିଡ଼ା, ଚିନ୍ତେଇ ସୋଇଁ, ଧୋବୀ, ରାମ ପ୍ରହରାଜ, କଇଁ ପରିଡ଼ା ଓ ଜିତେଇ ନାଏକ ।

ମୃତ୍ୟୁମୁଖୀ ମଣିଷର ତୁଣ୍ଡରେ ମୁଠାଏ ଖାଦ୍ୟ ଦେବା ବଦଳରେ ଚିନ୍ତେଇ ସୋଇଁ ଭଳି ବ୍ୟକ୍ତିବିଶେଷ ଏହି ନିରୀହ ଜନସାଧାରଣଙ୍କୁ ଶୋଷଣ କରିବାକୁ ପଶ୍ଚାତପଦ ହୋଇନଥିଲେ । ଯେଉଁମାନେ କାଙ୍ଗାଳମାନଙ୍କ ପାଇଁ ଅନ୍ନଛତ୍ର ଖୋଲିଥିଲେ, ସେହି ଅନ୍ନଛତ୍ର ବନ୍ଦ କରି ଦେବା ପାଇଁ ପରାମର୍ଶ ମଧ୍ୟ ଦେଇଥିଲେ । ସେହିଭଳି ଏକ ପ୍ରତିନିଧି ମୂଳକ ଚରିତ୍ର ହେଉଛନ୍ତି ଚିନ୍ତେଇ ସୋଇଁ । ଜିତେଇ ନାଏକ ଅନ୍ନଛତ୍ର ଖୋଲିଥିଲେ ସତ, କିନ୍ତୁ ଏତେ ଲୋକଙ୍କୁ ଖାଇବାକୁ ଦେଇ ବଞ୍ଚାଇ ରଖିବା ତାଙ୍କ ପକ୍ଷରେ ହୋଇଥିଲା ଅସମ୍ଭବ । କ'ଣ କରିବେ ବୁଦ୍ଧିବାଟ ତାଙ୍କୁ ଦେଖାଗଲା ନାହିଁ । ସେତିକିବେଳେ ଚିନ୍ତେଇ ସୋଇଁ ପ୍ରହରାଜଙ୍କୁ ସଙ୍ଗରେ ନେଇ ଝିଅ ପାଖରେ ପହଞ୍ଚିଲେ । ଜିତେଇ ନାଏକଙ୍କୁ ବୁଝାଇ କହିଲେ, ସମ୍ଭାଳି ପାରିବ ନାହିଁ ସମୁଦୀ, ଦିନୁ ଦିନ କାଙ୍ଗାଳ ପଲ ବଢ଼ିବେ, ଶେଷକୁ ଅନର୍ଥ ଘଟିବ ।

ଏହି ଦୁର୍ଭିକ୍ଷ କାଳରେ ସମଗ୍ର ଓଡ଼ିଶା ଏକ ମହାଶ୍ମଶାନରେ ପରିଣତ ହୋଇଥିଲା । ଲକ୍ଷ ଲକ୍ଷ ବୁଭୁକ୍ଷୁ କାଙ୍ଗାଳର ହା' ଅନ୍ନ ଚିତ୍କାରରେ ସମଗ୍ର ଗଗନପବନ ବେଦନା ବିଧୂର ହୋଇ ଉଠିଥିଲା । ଦୁର୍ଭିକ୍ଷର ଏହି ବାସ୍ତବ ଚିତ୍ରଟିକୁ 'ଶାସ୍ତି' ଉପନ୍ୟାସର ନାୟିକା ଧୋବୀର ଶାଶୁଘର ଅଭିମୁଖେ ଯାତ୍ରାକାଳୀନ ଦୃଶ୍ୟରୁ ବେଶ୍ ଉପଲବ୍ଧି କରିହୁଏ । କାହ୍ନୁଚରଣଙ୍କ ଭାଷାରେ 'ବିଦାବିଦି ହୋଇ ଯେତେବେଳେ ସବାରୀରେ ବସି ଧୋବୀ ଶ୍ୱଶୁରଘରକୁ ଚାଲିଲା, ସବାରୀର କବାଟ ଫାଙ୍କରେ ସେ ଦୁଇକଡ଼କୁ ଚାହୁଁଥିଲା । ଯେଉଁଠି ଆଖିପଡ଼େ ସେ ଦେଖେ କେବଳ କଙ୍କାଳ ଦଳ, ହାତ ଟେକି ଖାଇବାକୁ ମାଗୁଛନ୍ତି, ପେଟର ଚମ ପିଠିରେ ଲାଗିଛି ।'

ଦୁର୍ଭିକ୍ଷ କାଳର ମଣିଷ ପାଇଁ ଖାଦ୍ୟ ଅଖାଦ୍ୟ ସମାନ ହୋଇ ଉଠିଥିଲା । ପ୍ରାଣ ବଞ୍ଚାଇବା ପାଇଁ ଭୋକ ବିକଳରେ ମଣିଷକୁ ଘାସ ଡାଳ ପତ୍ର ମଧ୍ୟ ଖାଇବାକୁ ହୋଇଥିଲା । ଦଳ ଦଳ ହୋଇ ମଣିଷ ପଲ ମାଙ୍କଡ଼ଙ୍କ ଭଳି ତେନ୍ତୁଳି ଗଛରେ ଚଢ଼ି ପତ୍ର ଖୁଣ୍ଟି ଖାଇବା ଏକ ସାଧାରଣ ଦୃଶ୍ୟ ଥିଲା । ଦୁର୍ଭିକ୍ଷର ପ୍ରଭାବରେ ମଣିଷର ସମସ୍ତ କୋମଳ ମାନବିକ ପ୍ରବୃତ୍ତି ନଷ୍ଟ ହୋଇଯାଇଥିଲା । ମନୁଷ୍ୟ ପାଲଟି ଯାଇଥିଲା ଏକ ପ୍ରକାର ହିଂସ୍ର ପଶୁ । ଏହି ପ୍ରବୃତ୍ତି ବଳରେ ସନେଇ ପରିଡ଼ା ନିଜର ଛୋଟ ଛୋଟ ଭାଇଭଉଣୀ ତଥା ଆସନ୍ନ ମୃତ୍ୟୁମୁଖୀ ବାଘ ମୁହଁରୁ ଆହାର ଛଡ଼େଇ ଖାଇପାରିଥିଲା । ମଣିଷ ମାଂସ ମଣିଷ ସିଝେଇ ଖାଇଲା । କେଉଁଠି ହୁଏତ ସଜ ମଡ଼ାର କଞ୍ଚା ହାତଟି ଧରି ଉନ୍ନତ କାଙ୍ଗାଳ କାପାଳିକ ନୃତ୍ୟ ଆରମ୍ଭ କରି ଦେଇଥିଲା । ଅନ୍ୟ କେଉଁଠି ଅଇଁଠାପତ୍ରକୁ କେନ୍ଦ୍ର କରି ମଣିଷ ଓ କୁକୁର ମଧ୍ୟରେ କାମୁଡ଼ା କାମୁଡ଼ି ଲାଗିଥିଲା । ଏହି ଦୁର୍ଭିକ୍ଷ କାଳରେ 'କଇଁ' ଭଳି ଅନେକ କୁମାରୀ କନ୍ୟା ମୁମୂର୍ଷୁ ପିତାର ଜୀବନ ବଞ୍ଚାଇବା ପାଇଁ ନିଜର କୁମାରୀତ୍ୱକୁ ପରପୁରୁଷ ନିକଟରେ ସମର୍ପଣ କରି ଦେଇଥିଲେ । ପୁନର୍ବାର ଅନ୍ୟ କୌଣସି କୁଳବଧୂ ଲଜ୍ଜାରେ ଘରୁ ଗୋଡ଼ କାଢ଼ିବା ପାଇଁ ସମର୍ଥ ନହୋଇ ମାଧୋଇ ରାଉତଙ୍କ ପତ୍ନୀ ଭଳି ଦଉଡ଼ା ଦେଇ ଆତ୍ମହତ୍ୟାର ପଥ ବାଛି ନେଇଥିଲେ । ତଥାପି ମଣିଷର ପ୍ରାଣ ବଞ୍ଚାଇବା ପାଇଁ ସଂଗ୍ରାମ ଶେଷ ହୋଇନଥିଲା । ଏହାର ପ୍ରତ୍ୟେକଟି ଦୃଶ୍ୟ ଏବଂ ସେତେବେଳର ସମାଜର ବିଗଳିତ ଜୀବନବୋଧକୁ ଆଲୋଚ୍ୟ କାଳର ଉପନ୍ୟାସ ପୃଷ୍ଠାରୁ ସ୍ପଷ୍ଟତଃ ଅନୁଭବ କରିହୁଏ ।' (ସ୍ୱାଧୀନତା ପୂର୍ବ ଓଡ଼ିଆ ଉପନ୍ୟାସରେ ଜୀବନବୋଧ - ଡଃ. ଶରତଚନ୍ଦ୍ର ବିଶୋୟୀ, ପି.ଏଚ୍.ଡି. ସନ୍ଦର୍ଭ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଅପ୍ରକାଶିତ)

ଏହି ଦୁର୍ଭିକ୍ଷର ଲେଲିହାନ ଶିଖା ମଧ୍ୟରୁ ଯେଉଁମାନେ ବର୍ତ୍ତିଯାଇ କାଙ୍ଗାଳର ଦେହଧରି ଫେରି ଆସିଥିଲେ ଓ ବଞ୍ଚିବା ପାଇଁ ସଂଗ୍ରାମ ଚଳାଇଥିଲେ, ସେମାନେ ଜାତି, ଗୋତ୍ର, ଧର୍ମ ଆଭିଜାତ୍ୟକୁ ପଛରେ ପକାଇ ଅନ୍ନଛତ୍ରରେ ପଶିବାକୁ କୁଣ୍ଠା କରି ନଥିଲେ । 'ହା' ଅନ୍ନ'ର ଜମିଦାର ସାମନ୍ତ ସୁନ୍ଦର ପଟ୍ଟନାୟକ, ମହନ୍ତ ପରମାନନ୍ଦ ପରମହଂସ ମହାରାଜ, 'ଶାସ୍ତି'ର ନିତେଇ ଓ ଜିତେଇ ନାଏକ ଦୟାର୍ଦ୍ର ଚିତ୍ତରେ ଅନ୍ନଛତ୍ର ଖୋଲି ଦୁର୍ଭିକ୍ଷ ପ୍ରପୀଡ଼ିତ ଲୋକଙ୍କ ତୁଣ୍ଡରେ ଆହାର ଯୋଗାଇ ପାରିଥିଲେ । ଏହି ଅନ୍ନଛତ୍ରରେ ଦେଖାଯାଇଥିଲା ନାହିଁ ନଥିବା ଭିଡ଼ । ୧୯୧୫-୧୬ ମସିହାରେ ଔପନ୍ୟାସିକ ବାଳକ ସମୟରେ ଯେଉଁ ଦୁର୍ଭିକ୍ଷର ଭୟାବହ ଦୃଶ୍ୟ ଦେଖିଥିଲେ, ତାହାକୁ ନିମ୍ନରେ ଉଦ୍ଧାର କରାଯାଉଛି ମାତ୍ର ।

ମୋର ମନେ ଅଛି ଆଖପାଖ ଗଡ଼ଜାତମାନଙ୍କରୁ ସହସ୍ର ସହସ୍ର ବୁଭୁକ୍ଷୁ ନରନାରୀ, ବାଳକ ବାଳିକା ଆସି ଛୋଟ ସୋନପୁର ସହରରେ ରୁଣ୍ଡ ହେଲେ । ଦିନୁ ଦିନ କଙ୍କାଳଙ୍କର ସଂଖ୍ୟା ବଢ଼ିବାକୁ ଲାଗିଲା । ବାଟଘାଟ, ଗଛମୂଳ ସର୍ବତ୍ର କେତେ କାଙ୍ଗାଳ । କିଏ କେତେ ଭିକ୍ଷା ଦେବ ? ସମସ୍ତେ ତ କ୍ଷୁଧାରେ ଛଟପଟ ହେଉଛନ୍ତି । ଅତି ଧାର୍ମିକ, ଅତି ଉଦାର ବୋଲି ଯେଉଁମାନଙ୍କର ନାମ ଡାକ ଥିଲା, ସେମାନଙ୍କ ଦ୍ୱାରରୁ ମଧ୍ୟ ନାସ୍ତିବାଣୀ ଶୁଣି କାଙ୍ଗାଳମାନେ ଫେରିଲେ । ଏହି ଦୃଶ୍ୟର ଅବିକଳ ବର୍ଣ୍ଣନାରେ ଶାସ୍ତିର କେତୋଟି ପୃଷ୍ଠା ବିମଣ୍ଡିତ । ଯେତେବେଳେ ବନେଇ ପରିଡ଼ା ଓ ତାଙ୍କ ଭଳି ଅନେକ ଦୁର୍ଭିକ୍ଷର ଦାଉ ସହିନପାରି ଜମିଦାର ଚିନ୍ତେଇ ସୋଇଁଙ୍କ ଦୁଆରରେ କଂସାବାସନ ବନ୍ଧା ଦେଇ ପ୍ରତିବଦଳରେ କିଛି ପାଇବାର ଆଶାରଖି ଧାଇଁ ଯାଇଥିଲେ, ସେମାନେ

Click Here & Upgrade
Expanded Features
Unlimited Pages
PDF Complete



ନିରାଶ ହୋଇ ସେଠାରୁ ଫେରି ଆସିଲେ । କାରଣ ସୋଇଁଏ ଧାନ ଦେବା ବନ୍ଦ କଲେ । ଯିଏ ଆଶା ମୁଖରେ ଧାଇଁ ଆସିଲେ ପିଲା କୁଟୁମ୍ବ ଧରି, ସୋଇଁଙ୍କର ଗୋଡ଼ତଳେ ଲମ୍ବ ଲମ୍ବ ପଡ଼ିଲେ, ସେମାନେ ଶୁଣିଲେ, ଆଜି ନାହିଁରେ ବାଇଆ, ଯେଉଁ ଗଣ୍ଡାକ ରଖିଛି, ମୋ' ନିଜ ପିଲାକୁଟୁମ୍ବ, ଆଶ୍ରିତ ଚାକର ବାକର, ଗଲା ଅଇଲା ବନ୍ଧୁ ବାନ୍ଧବଙ୍କୁ ନିଅଣ୍ଟ, କାହୁଁ ପାଇବି । (ଶାସ୍ତି - ୨୦୦୧ ସଂସ୍କରଣ, ପୃଷ୍ଠା-୮)

ଏହାଛଡ଼ା ଯେଉଁ କେତେଜଣ ଧର୍ମାତ୍ମା କାଙ୍ଗାଳଙ୍କ ମୁଖରେ ଗଣ୍ଡାଏ ଅନ୍ନ ଦେବା ପାଇଁ ଅନ୍ନଛତ୍ର ଖୋଲିଥିଲେ ସେହି ଅନ୍ନଛତ୍ରର ଚତୁର୍ଦ୍ଦିଗକୁ କିପରି କାଙ୍ଗାଳମାନେ ଘେରି ରହି ଆର୍ତ୍ତଚିତ୍କାର କରୁଥିଲେ, ତା'ର ଏକ ଦୃଶ୍ୟ 'ଶାସ୍ତି'ରେ ବର୍ଣ୍ଣିତ । କାହ୍ନୁଚରଣଙ୍କ ବର୍ଣ୍ଣନାନୁଯାୟୀ ଦୁର୍ଗାପୁରରେ କଙ୍କାଳ ଭିଡ଼ । ଜିତେଇ ନାଏକ ଅନ୍ନଛତ୍ର ଖୋଲିଛନ୍ତି । ତାଙ୍କର କୁଳର ଲକ୍ଷ୍ମୀ, ଅନ୍ନପୂର୍ଣ୍ଣା ଧୋବୀର ଆଖିର ଲୁହ ସେ ସହିପାରି ନାହାନ୍ତି । କାଙ୍ଗାଳଟିକୁ ଦେଖିଲେ ଧୋବୀର ଆଖିରୁ ଲୁହ ଝରେ । ଜିତେଇ ନାଏକଙ୍କ ଅନ୍ନଛତ୍ରରେ କେତେ ରାଇଜର କେତେ କାଙ୍ଗାଳ ଆସି ଜମା ହେଲେ । ସମୁଦ୍ରର ଲହଡ଼ି ପରି କାଙ୍ଗାଳ ପଲ ମାଡ଼ି ଆସୁଥାନ୍ତି । ଦୁର୍ଗାପୁରର ବାଟଘାଟ ସବୁଠାରେ କାଙ୍ଗାଳ । ଗାଁ ଛାଡ଼ି ଦୁର୍ଗାପୁରର ଯେଉଁ ଲୋକମାନେ ଛତରରେ ପଶିଥିଲେ, ସେହିମାନଙ୍କର ଖୋଲାଘରେ କାଙ୍ଗାଳପଲ ପଶିଥାନ୍ତି । ପ୍ରତିଦିନ କେତେ ମରନ୍ତି, ମଡ଼ ଉଠାଇବାକୁ କେହି ଆଗେଇ ଆସନ୍ତି ନାହିଁ । ଯେଉଁଠି ମଲେ, ସେଇଠି ସଢ଼ିଲେ । ମଣିଷ ମାଂସର ପଚାଗନ୍ଧରେ ଦୁର୍ଗାପୁର ଭିତରେ ରହି ହେଲା ନାହିଁ । (ଶାସ୍ତି, ପୃ.-୧୬)

ଔପନ୍ୟାସିକ ଉପଯୁକ୍ତ ଯେଉଁ ଦୃଶ୍ୟର ବର୍ଣ୍ଣନା କରିଛନ୍ତି ତା'ର ପୃଷ୍ଠଭୂମି ଯେ ନିଶ୍ଚିତ ରୂପେ ୧୮୬୬ର ଦୁର୍ଭିକ୍ଷ ଏହା ସମ୍ପର୍କରେ ସେ ପ୍ରଦାନ କରିଥିବା ମନ୍ତବ୍ୟ ('ହା ଅନ୍ନ'ର ଅଠେଇଶ ବର୍ଷ ପରେ) 'ହା ଅନ୍ନ' ଉପନ୍ୟାସରୁ ସୁସ୍ପଷ୍ଟ ।

ତତ୍କାଳୀନ ସମାଜରେ ଜୀବନବୋଧ କିପରି ଥିଲା ଆଲୋଚକ ଡକ୍ଟର ଶରତଚନ୍ଦ୍ର ବିଶୋୟୀ 'ଶାସ୍ତି' ଓ 'ହା ଅନ୍ନ' ଉପନ୍ୟାସକୁ କେନ୍ଦ୍ର କରି କହନ୍ତି - 'ଉକ୍ତ ଦୁର୍ଭିକ୍ଷ କାଳରେ ପ୍ରତିଦିନ ଶହଶହ ଲୋକ ପୋକମାଛି ପରି ମରୁଥିଲେ । ଶବ ସଂସ୍କାର ଏକ ଅଚିନ୍ତ୍ୟ ବ୍ୟାପାର ଥିଲା । ଶଗଡ଼ ଶଗଡ଼ ଶବ ବୋଝେଇ ହୋଇ ଫିଙ୍ଗା ଯିବାର ଯେଉଁ ବାସ୍ତବ ଐତିହାସିକ ଦୃଶ୍ୟ ପୂର୍ବରୁ ଦେଖିଥିଲେ, ଉପନ୍ୟାସ ପୃଷ୍ଠାରେ ତା'ର ପ୍ରତିଫଳନଟିକୁ ଏଠି ଲକ୍ଷ୍ୟ କରାଯାଇପାରେ । ଶଗଡ଼ରେ ବୋଝେଇ ହୋଇଛି କେବଳ ମୁର୍ଦ୍ଦାର । ବଡ଼ ନିର୍ଦ୍ଦୟ ଭାବରେ ଗାଡୁଆନ ଦୁଇଜଣ ଗାଡ଼ିରେ କାଠ ବୋଝେଇଲା ପରି ଶବ ବୋଝେଇ କରିଛନ୍ତି । ଓଜନ ସହିନପାରି ଗାଡ଼ିର ଅଖଦଣ୍ଡା କଟମଟ ଡାକୁଛି । ସତେ କି ଏହିକ୍ଷଣି ଭାଙ୍ଗି ପଡ଼ିବ । ଦୁର୍ଗନ୍ଧରେ ପାଖରେ ରହି ହେଉନାହିଁ । ଏହାରି ଭିତରୁ ଗୋଟିଏ ଜାତି ଉପରେ ପଡ଼ିଥିବା ନିଷ୍ଠୁର ଅଭିଶାପର ଚରମ ଦୁର୍ଗତିଟିକୁ ବେଶ୍ ଉପଲବ୍ଧି କରିହୁଏ ।

ଦୁର୍ଭିକ୍ଷ, ଲକ୍ଷ ଲକ୍ଷ ବନେଇ ପରିଡ଼ାର ଜାତିଆଣ ଟେକକୁ ଭାଙ୍ଗି ଦେଇ ଛତରକୁ ଠେଲି ଦେଇଥିଲା । ଅନେକ ଦୀନବନ୍ଧୁ ପ୍ରଧାନର ଧନ ସାମ୍ରାଜ୍ୟ ଜଳି ପାଉଁଶ ହୋଇଯାଇଥିଲା । ଅନେକ ବେଣୁ ବୋଉଙ୍କ ଭଳି କୁଳ କାମିନୀ ଓ ସମ୍ଭ୍ରାନ୍ତ ବଂଶୀୟା ବଧୂ ଦାସୀର ଜୀବନ ବରଣ କରି ନେଇଥିଲେ । ପୁନି ଭଳି ଅନେକ ଅଲିଅଳି କୁଳକନ୍ୟା ହରିଜନ ଆଶ୍ରୟରେ ଅସ୍ପୃଶ୍ୟ ଜୀବନଯାପନ କଲେ ।

ଆଲୋଚ୍ୟ କାଳର ଔପନ୍ୟାସିକମାନଙ୍କ ପାଇଁ ଦୁର୍ଭିକ୍ଷ ଥିଲା ଏକ ଐତିହାସିକ ଘଟଣା । ଫଳରେ ଦୁର୍ଭିକ୍ଷର ବାସ୍ତବଚିତ୍ର ପ୍ରଦାନ ପାଇଁ ଐତିହାସିକ ନଥିପତ୍ର ଉପରେ ଯେ ନିର୍ଭର କରିବେ, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନଥିଲା । ଉକ୍ତ ପୃଷ୍ଠଭୂମିକୁ ଆଧାର କରି ରଚିତ କାହ୍ନୁଚରଣଙ୍କ 'ହା ଅନ୍ନ' ଓ 'ଶାସ୍ତି' ସହିତ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ 'ଅମରଚିତା', 'ମୁକ୍ତାଗଡ଼ର କ୍ଷୁଧା' ଆଲୋଚ୍ୟ କାଳର ଗୋଟିଏ ଗୋଟିଏ ଉଲ୍ଲେଖନୀୟ କୃତି । କିନ୍ତୁ ଏ ସମସ୍ତ ମଧ୍ୟରୁ 'ଶାସ୍ତି' ଉପନ୍ୟାସକୁ ଏକ ସଫଳ ତଥା କାଳଜୟୀ ସୃଷ୍ଟି ଭାବରେ ଗ୍ରହଣ କରାଯାଇପାରେ । ଏହାର କଥାବସ୍ତୁ ଓ ଘଟଣା ପରିକଳ୍ପନା, ଚରିତ୍ର ଚିତ୍ରଣ ଓ ସାମାଜିକ ଆବେଦନର ବିଚାରରେ ଏହା ସର୍ବକାଳୀୟ ହୋଇଉଠିଛି । ଏହି ଉପନ୍ୟାସର ଚରିତ୍ର ସନେଇ ପରିଡ଼ା ଔପନ୍ୟାସିକ କାହ୍ନୁଚରଣଙ୍କ କଳ୍ପନା ପ୍ରସୂତ ଏକ ସାଧାରଣ ଚରିତ୍ର ମାତ୍ର ନୁହେଁ, ଯେତେଦୂର ସମ୍ଭବ, ଔପନ୍ୟାସିକ ସ୍ୱାଧୀନତା ପୂର୍ବ କାଳର ଉତ୍କଳୀୟ ସାମାଜିକ ଓ ଅର୍ଥନୀତିକ ଜୀବନର ଏକ ପ୍ରତୀକ ଭାବେ ତାକୁ ନିର୍ମାଣ କରିଛନ୍ତି । ଦୁର୍ଭିକ୍ଷ ପୀଡ଼ିତ ସନେଇ ପରିଡ଼ା ୧୮୬୬ ପୂର୍ବ ଉତ୍କଳୀୟ ସାମାଜିକ ଓ ଅର୍ଥନୀତିକ ଜୀବନରେ ଥିବା ଦୁଃଖ, ଦୈନ୍ୟ ଓ ନିର୍ଯାତନାର ପ୍ରତୀକ ଥିଲା । ସନେଇର ବିଷ୍ଣୁପୁରକୁ ଫେରିବା, ଧୋବୀର ସାହାଯ୍ୟରେ ନବଜୀବନ ଲାଭ କରିବା, ପୁନର୍ବାର ଜାତି ହେବା, ଗାଁ ଜମିଦାରଙ୍କଠାରୁ କିଣିଥିବା ଅରମା-ଅପନ୍ତରା ଜମିକୁ ଶସ୍ୟ-ଶ୍ୟାମଳ କରିବା ଓ ବିଭିନ୍ନ ଧର୍ମ ସଂପ୍ରଦାୟର ଲୋକଙ୍କୁ ନେଇ ନୂଆ ସମାଜ ଗଠନ କରିବା ପ୍ରଭୃତି ୧୮୬୬ ପରବର୍ତ୍ତୀ କାଳର ଉତ୍କଳୀୟ ସାମାଜିକ ଜୀବନ ଜାଗରଣର ପ୍ରତୀକ ଭାବେ କଳ୍ପନା କରିହୁଏ । ଅତଏବ ଆଲୋଚ୍ୟ କେତୋଟି ଉପନ୍ୟାସ ଦୁର୍ଭିକ୍ଷକାଳୀନ ଜୀବନବୋଧକୁ ପ୍ରତିଫଳନ କରିବା କ୍ଷେତ୍ରରେ ଯଥେଷ୍ଟ ସଫଳତା ଲାଭ କରିଥିବା କଥା ନିର୍ବିବାଦରେ ଗ୍ରହଣ କରାଯାଇ ପାରେ ।

ଔପନ୍ୟାସିକ କାହ୍ନୁଚରଣ ତାଙ୍କ ସଫଳକୃତି 'ଶାସ୍ତି' ଉପନ୍ୟାସରେ ତତ୍କାଳୀନ ସମାଜର ଜୀବନବୋଧକୁ ଉପଯୁକ୍ତ ଚରିତ୍ରମାନଙ୍କ ଦ୍ୱାରା ଯେପରି ପରିସ୍ଫୁଟନ କରିଅଛନ୍ତି, ତାହା ତାଙ୍କ କଳାକୁଶଳତାର ପରିଚୟ ଯେ ବହନ କରିଛି, କହିବା ଅଯଥାର୍ଥ ମନେହୁଏ ନାହିଁ ।

ମୁଖ୍ୟ ଅଧ୍ୟାପକ, ଓଡ଼ିଆ ସାହିତ୍ୟ
ମା' ମାର୍କମା ମହାବିଦ୍ୟାଳୟ
ବିଷମ କଟକ-୭୬୫୦୧୯
ରାୟଗଡ଼ା

Click Here & Upgrade
Expanded Features
Unlimited Pages
PDF Complete Documents



# ଗ୍ରାମ୍ୟ ସମୃଦ୍ଧି ପଥେ ଓଡ଼ିଶା

ସୌରଜିତ ଦାସ

କେନ୍ଦ୍ରରେ କ୍ଷମତାସୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ ସରକାର ଏବଂ ରାଜ୍ୟରେ ବି.ଜେ.ଡି. ଓ ବି.ଜେ.ପି. ମିଳିତ ସରକାର ତାଙ୍କର ଜାତୀୟ ଓ ରାଜ୍ୟସ୍ତରରେ ସାଧାରଣ ସର୍ବନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମକୁ ବିଶେଷ ଭାବରେ ଗୁରୁତ୍ୱ ଆରୋପ କରୁଛନ୍ତି । ଏହି କାର୍ଯ୍ୟକ୍ରମର ନୀତିଗତ ଦୃଷ୍ଟିଭଙ୍ଗୀକୁ ପରିବର୍ତ୍ତନ କରାଯାଇ ଗ୍ରାମାଞ୍ଚଳ ବିକାଶର ପରିବର୍ତ୍ତନ ଅଣାଯାଇଛି ଏବଂ ଗ୍ରାମାଞ୍ଚଳର ଦରିଦ୍ର ଲୋକଙ୍କୁ ଏ ଦିଗରେ ଏକ ସମ୍ବଳ ରୂପେ ବିବେଚନା କରାଯାଉଛି । ସେମାନଙ୍କର ନିଜସ୍ୱ ଚିନ୍ତାଧାରା, ଅଭିଜ୍ଞତା ଓ କାର୍ଯ୍ୟକ୍ରମକୁ ଆଧାର କରି ନୂତନ ବିକାଶମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଉଛି ଏବଂ ଏ ଦିଗରେ ଗ୍ରାମାଞ୍ଚଳର ଦାରିଦ୍ର୍ୟ ଓ କ୍ଷୁଧା ଦୂର କରିବା ନିମନ୍ତେ ବର୍ତ୍ତମାନର ସଂଗ୍ରାମରତ ସରକାର ପ୍ରତିଶ୍ରୁତିବଦ୍ଧ ଅଟନ୍ତି ।

ବିଶେଷକରି ପଞ୍ଚାୟତରାଜ ଅନୁଷ୍ଠାନ ମାଧ୍ୟମରେ ଗ୍ରାମାଞ୍ଚଳର ସମୃଦ୍ଧି ବାର୍ତ୍ତାକୁ ସାକାର କରିବା ନିମନ୍ତେ ପଞ୍ଚାୟତିରାଜ ବିଭାଗ ପ୍ରୟାସ ଜାରି ରଖିଛନ୍ତି । ବିଗତ ୫ ବର୍ଷ ଧରି ପଞ୍ଚାୟତିରାଜ ଅନୁଷ୍ଠାନମାନେ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନାର ସଫଳ ରୂପାୟନ କରି ଗ୍ରାମାଞ୍ଚଳର ଜୀବନଧାରାରେ ଗୁଣାତ୍ମକ ବିକାଶ ଆଣିପାରିଛନ୍ତି । ଗରିବ ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କଲା ଭଳି କେତେକ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମଗୁଡ଼ିକ ଉପରେ ବର୍ତ୍ତମାନର କର୍ମ ଚଞ୍ଚଳ ସରକାର ବିଶେଷଭାବେ ଗୁରୁତ୍ୱ ଆରୋପ କରୁଛନ୍ତି । ଗରିବ ଲୋକମାନଙ୍କୁ କର୍ମ ନିଯୁକ୍ତି ତଥା ସେମାନଙ୍କର ଥଇଥାନ ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି । ମଜୁରୀଭିତ୍ତିକ କର୍ମନିଯୁକ୍ତି ଯୋଗାଇ ଦେବା ପାଇଁ ଉଦ୍ଦିଷ୍ଟ ସଂପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନା ଏବଂ ଆତ୍ମନିଯୁକ୍ତି ଯୋଗାଇଦେବା ପାଇଁ ଉଦ୍ଦିଷ୍ଟ ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଲା ୩ ବର୍ଷ ମଧ୍ୟରେ ଗରିବ ପରିବାରଗୁଡ଼ିକୁ ବ୍ୟାଙ୍କ ଋଣ ଓ ସରକାରୀ ରିହାତି ମାଧ୍ୟମରେ ଉପାର୍ଜନକ୍ଷମ କରାଯାଇ ସେମାନଙ୍କୁ ଥଇଥାନ କରିବା । ଏହି ଯୋଜନା ମାଧ୍ୟମରେ ବର୍ତ୍ତମାନ ସୁଦ୍ଧା ୩,୬୯,୭୮୪ ଜଣ ହିତାଧିକାରୀଙ୍କୁ ମାଇକ୍ରୋ କ୍ରେଡିଟ୍ କାର୍ଡ଼ ଯୋଗାଇ ଦିଆଯାଇଛି । ଏହି ଯୋଜନାରେ ବ୍ୟୟ କରାଯାଉଥିବା ମୋଟ ଅର୍ଥର ୭୫ ଭାଗ କେନ୍ଦ୍ର ସରକାର ବହନ କରୁଥିବାବେଳେ ୨୫ ଭାଗ ଅର୍ଥ ରାଜ୍ୟ ସରକାର ବହନ କରୁଛନ୍ତି । ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଅର୍ଥନୈତିକ ଅନଗ୍ରସର ପରିବାରଗୁଡ଼ିକୁ ବ୍ୟାଙ୍କ ଋଣ ଏବଂ ସରକାରୀ ରିହାତି ପ୍ରଦାନ କରି ଗ୍ରାମାଞ୍ଚଳର ଅର୍ଥନୈତିକ ଅନଗ୍ରସର ଲୋକମାନଙ୍କର ଉପାର୍ଜନ ବୃଦ୍ଧି କରିବା ଏହି ଯୋଜନାର ମୂଳଲକ୍ଷ୍ୟ । ୨୦୦୪-୦୫ ଆର୍ଥିକ ବର୍ଷରେ ଆତ୍ମ ନିଯୁକ୍ତି ଯୋଜନାରେ ୬୬ କୋଟି ୩୮ ଲକ୍ଷ ଟଙ୍କା କେନ୍ଦ୍ରୀୟ ଅନୁଦାନ ମିଳିଥିଲା । ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୫୮ କୋଟି ୫୫ ଲକ୍ଷ ଟଙ୍କା କେନ୍ଦ୍ରୀୟ ଅନୁଦାନ ମିଳିଥିଲା । ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୫୮ କୋଟି ୫୫ ଲକ୍ଷ ଟଙ୍କା ଋଣ ଅଂଶ ସହିତ ମୋଟ ୧୧୨.୩୫ କୋଟି ଟଙ୍କା ବିନିଯୋଗ କରାଯାଇ ୫୮,୭୨୯ ଜଣ ସ୍ୱରୋଜଗାରୀଙ୍କ ମଧ୍ୟରୁ ୪୮,୪୪୯ ଜଣଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ୨୦୦୧ ସେପ୍ଟେମ୍ବର ମାସ ୨୫ ତାରିଖରେ ପ୍ରଚଳନ କରାଯାଇଥିବା ସମ୍ପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନା ମୁଖ୍ୟତଃ ମହିଳା, ଅନୁସୂଚିତ ଜାତି, ଜନଜାତି ଏବଂ ବିଭିନ୍ନ ବୃତ୍ତିରୁ ଉଦ୍ଧାର କରାଯାଇଥିବା ଶିଶୁମାନଙ୍କ ପିତାମାତାଙ୍କୁ ଜରୁରୀଭିତ୍ତିକ ନିଯୁକ୍ତି ଯୋଗାଇ ଦେବା ନିମନ୍ତେ ଉଦ୍ଦିଷ୍ଟ । ଏହି କାର୍ଯ୍ୟକ୍ରମ ନିମନ୍ତେ ଶ୍ରମିକମାନଙ୍କୁ ସର୍ବନିମ୍ନ ୫ କି.ଗ୍ରା ଖାଦ୍ୟ ଶସ୍ୟ ଏବଂ ୨୫ ପ୍ରତିଶତ ନଗଦ ଅର୍ଥ ଆକାରରେ ସର୍ବନିମ୍ନ ମଜୁରୀ ପ୍ରଦାନ କରାଯାଇଥାଏ । ଏ ଦିଗରେ ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା ଗ୍ରାମାଞ୍ଚଳରେ ଆତ୍ମନିଯୁକ୍ତିର ସୃଷ୍ଟି ଓ ତା'ର କାର୍ଯ୍ୟକାରିତା ପ୍ରତି ଦୃଷ୍ଟି ଦେଉଛି ।

ଗ୍ରାମାଞ୍ଚଳର ଲୋକମାନଙ୍କୁ ସଂଗଠିତ କରାଇ ସ୍ୱୟଂସହାୟକ ଗୋଷ୍ଠୀ ଗଠନ, ସେମାନଙ୍କୁ ତାଲିମ ପ୍ରଦାନ, ଋଣ ଯୋଗାଣ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ସମ୍ବନ୍ଧୀୟ ଭିତ୍ତିଭୂମି ବ୍ୟବସ୍ଥା ଭଳି ସହାୟତା ଯୋଗାଇ ଦିଆଯାଇ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ପରିବାରଗୁଡ଼ିକୁ ଏହି ଯୋଜନାରେ ସାମିଲ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅଦ୍ୟାବଧି ୧,୫୮,୦୬ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଥିବାବେଳେ ଏଥିରେ ୧୯,୮୮,୬୨୫ ଜଣ

Click Here & Upgrade
Expanded Features
Unlimited Pages
PDF Complete Documents



ମହିଳା ସଭ୍ୟଭୁକ୍ତ ଅଛନ୍ତି ଏବଂ ୧୪,୭୯,୫୧ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୩୪୩ କୋଟି ଟଙ୍କା ଋଣ ସହାୟତା ପ୍ରଦାନ କରାଯାଇଛି ।

ଅଧିକରୁ ଅଧିକ ମଜୁରୀଭିତ୍ତିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ଗ୍ରାମାଞ୍ଚଳର ଦରିଦ୍ର ଲୋକମାନଙ୍କୁ ଖାଦ୍ୟ ନିରାପତ୍ତା ଯୋଗାଇ ଦେବା ନିମନ୍ତେ ଜିଲ୍ଲାମାନଙ୍କରେ 'ଜାତୀୟ ଖାଦ୍ୟ ପାଇଁ କାମ' ଯୋଜନା କାର୍ଯ୍ୟକ୍ରମ ପ୍ରଚଳନ କରାଯାଇଛି । ୨୦୦୪ ନଭେମ୍ବର ୧୪ ତାରିଖରୁ ସମଗ୍ର ଦେଶର ୧୫୦ ଜିଲ୍ଲାରେ ଏହି ଯୋଜନା କାର୍ଯ୍ୟକାରୀ ହେଉଅଛି । ଓଡ଼ିଶାର ସର୍ବାଧିକ ୧୮ଟି ଜିଲ୍ଲାରେ ଏହି ଯୋଜନା ବର୍ତ୍ତମାନ କାର୍ଯ୍ୟକାରୀ ହେଉଛି । ପ୍ରଥମ ବର୍ଷ ଏଥିପାଇଁ ୩୬୫ କୋଟି ଟଙ୍କା ବ୍ୟବସ୍ଥା ହୋଇଥିଲା । ଏଥିରୁ ମୟୂରଭଞ୍ଜ ଜିଲ୍ଲାକୁ ଛାଡ଼ି ଅବଶିଷ୍ଟ ୧୭ଟି ଜିଲ୍ଲାରେ ପ୍ରାୟ ୬୫ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଥିବା ସମୀକ୍ଷାରୁ ପ୍ରକାଶ । ଏଥିପାଇଁ ବର୍ତ୍ତମାନ ୫ ବର୍ଷିଆ ଭବିଷ୍ୟତ ଓ ବିକାଶ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନାକୁ ପଞ୍ଚାୟତ ସ୍ତରରେ କାର୍ଯ୍ୟକାରୀ କରିବା ପାଇଁ ଯୋଜନା କମିଶନ ଗୁରୁତ୍ୱାରୋପ କରିଛନ୍ତି । ଏଥିପାଇଁ ପଞ୍ଚାୟତ ସ୍ତରରେ ସ୍ଥାୟୀ ସମ୍ପତ୍ତି, ଗ୍ରାମରାସ୍ତା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭିତ୍ତିଭୂମି ନିର୍ମାଣ ଉପରେ ବିଶେଷ ଭାବେ ଗୁରୁତ୍ୱ ଦିଆଯାଉଛି । ଏକାଦଶ ଅର୍ଥ କମିଶନଙ୍କ ଅନୁଦାନ ଓ ଜାତୀୟ ଖାଦ୍ୟ ପାଇଁ କାମ ଯୋଜନାର ଅନୁଦାନକୁ ବିନିଯୋଗ କରି ଓଡ଼ିଶାର ଗ୍ରାମାଞ୍ଚଳବାସୀଙ୍କ ପାଇଁ ୪.୫ ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ମହଜୁଦ ରଖିବାପାଇଁ ୫୬୬୫ଟି ଗୋଦାମ ଘର, ୪୦୭୬ କିଲୋମିଟର ଦୈର୍ଘ୍ୟର ଗାଁ ଦାଣ୍ଡକୁ ପକ୍କା ଓ ୯୧୧୦ଟି ଦୋକାନ ଘରର ନିର୍ମାଣ କରାଯାଇ ହିତାଧିକାରୀମାନଙ୍କୁ ପ୍ରଦାନ କରାଯାଇଛି । ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଏହି ଯୋଜନାର ସଫଳ ରୂପାୟନ ପାଇଁ ୨୩୨.୮୯ କୋଟି ଟଙ୍କା ଏବଂ ୨,୨୮,୮୬୩ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ପ୍ରଦାନ କରିଛନ୍ତି ।

ଗ୍ରାମାଞ୍ଚଳର ଦରିଦ୍ର ବାସହୀନ ଲୋକମାନଙ୍କୁ ବାସଗୃହ ଯୋଗାଇ ଦେବା ଏବଂ ବାସଗୃହର ଅଭାବ ଜନିତ ସମସ୍ୟାର ମୁକାବିଲା କରିବା ଲାଗି ଇନ୍ଦିରା ଆବାସ ଯୋଜନା ପ୍ରଚଳନ କରାଯାଇଛି । ୨୦୦୪-୦୫ ଆର୍ଥିକ ବର୍ଷରେ ଇନ୍ଦିରା ଆବାସ ଯୋଜନା ମାଧ୍ୟମରେ ୬୭୮୯୨ଟି ବାସଗୃହ ନିର୍ମାଣ କରାଯାଇ ହିତାଧିକାରୀମାନଙ୍କୁ ଯୋଗାଇ ଦିଆଯାଇପାରିଛି । ଗ୍ରାମାଞ୍ଚଳର ଗରିବ ଲୋକମାନଙ୍କୁ ସୁବିଧାରେ ବାସଗୃହ ଯୋଗାଇ ଦେବା ପାଇଁ ଇନ୍ଦିରା ଆବାସ ଯୋଜନାକୁ ଅଧିକ ସକ୍ରିୟ କରାଯାଇ ଆଗ୍ରହୀ ହିତାଧିକାରୀମାନଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ସଂଗେସଂଗେ ଗ୍ରାମପଞ୍ଚାୟତ ତଥା ବ୍ଲକ୍ କାର୍ଯ୍ୟାଳୟରୁ ବିନାମୂଲ୍ୟରେ ଆବେଦନପତ୍ର ପାଇବାର ବ୍ୟବସ୍ଥା ମଧ୍ୟ ସରକାର କରିଛନ୍ତି । ଆଗାମୀ ଦୁଇବର୍ଷ ମଧ୍ୟରେ ଗ୍ରାମାଞ୍ଚଳର ସମସ୍ତ ବାସହୀନ ପରିବାରଙ୍କୁ ଘରଡିହ ଯୋଗାଇ ଦେବା ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇଛି । ବର୍ତ୍ତମାନ ସୁଦ୍ଧା ୨୫,୦୦୦ ପରିବାରଙ୍କୁ ବାସୋପଯୋଗୀ ଜମି ପ୍ରଦାନ କରାଯାଇସାରିଛି । ଆମ ରାଜ୍ୟର ଲୋକସଂଖ୍ୟାର ୩୮.୬୫ ଶତାଂଶ ହେଉଛି ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ହରିଜନ ଓ ଆଦିବାସୀ ସଂପ୍ରଦାୟର । ଏମାନଙ୍କର ଛୁଆମାନଙ୍କୁ ଯେପରି ଅନ୍ୟାନ୍ୟ ବର୍ଗର ଲୋକମାନଙ୍କ ସହ ସମକକ୍ଷ କରାଯାଇପାରିବ, ସେଥିପାଇଁ ସେମାନଙ୍କର ଶିକ୍ଷା ଉପରେ ସବୁଠାରୁ ଅଧିକ ନଜର ଦିଆଯାଉଛି । ଏଥିପାଇଁ ଆଦିବାସୀ ହରିଜନ ଓ ଅନ୍ୟାନ୍ୟ ପଛୁଆବର୍ଗ ଛାତ୍ରଛାତ୍ରୀମାନଙ୍କ ବୃତ୍ତି ପାଇଁ ୨୦୦୪-୦୫ ମସିହାରେ ୫୯.୧୪ କୋଟି ଟଙ୍କା ରଖାଯାଇ ଥିବାବେଳେ ୨୦୦୫-୦୬ ବର୍ଷରେ ଏହା ୬୪.୭୯ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

ଗ୍ରାମାଞ୍ଚଳରେ ବସବାସ କରୁଥିବା ସାଧାରଣ ତଥା ଗରିବ ଲୋକମାନଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ରାସ୍ତା ନିର୍ମାଣ, ରାସ୍ତାର ଉନ୍ନତିକରଣ, ନିରାପଦ ପାନୀୟ ଜଳ ଯୋଗାଣ ଓ ଉତ୍ତମ ପରିମଳ ସେବା ପ୍ରଦାନ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇ କାର୍ଯ୍ୟକାରୀ କରାଯାଉଅଛି । ଏହି ସମସ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ୨୦୦୫-୦୬ ଆର୍ଥିକ ବର୍ଷ ବଜେଟରେ ରାଜ୍ୟ ଯୋଜନାରେ ଏଥିପାଇଁ ୧୦୭.୫୮ କୋଟି ଟଙ୍କା ବ୍ୟୟ ବରାଦର ବ୍ୟବସ୍ଥା କରାଯାଇଛି ।

ଗ୍ରାମାଞ୍ଚଳର ସାମାଜିକ ତଥା ଅର୍ଥନୈତିକ ବିକାଶ ଏବଂ ରାଜ୍ୟର ସାମଗ୍ରିକ ବିକାଶ କ୍ଷେତ୍ରର ସମବାୟ ସମିତିଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛନ୍ତି । କିଷାନ୍ କ୍ରେଡିଟ୍ କାର୍ଡ଼ ମାଧ୍ୟମରେ କୃଷକମାନଙ୍କୁ ଟଙ୍କା ଓ ସାମଗ୍ରୀ ଯୋଗାଇ ଦେବା ବାବଦରେ ତତ୍କାଳ କୃଷି ଋଣ ପ୍ରଦାନ କରାଯାଉଛି । ୨୦୦୪ ମସିହା ଡିସେମ୍ବର ମାସ ଶେଷ ସୁଦ୍ଧା ପ୍ରାୟ ୨୧.୨୪ ଲକ୍ଷ କିଷାନ୍ କ୍ରେଡିଟ୍ କାର୍ଡ଼ ଯୋଗାଇ ଦେବାର ବ୍ୟବସ୍ଥା ଥିବା ସ୍ଥଳେ ସେଥିମଧ୍ୟରୁ ୨୦୦୪-୦୫ ଆର୍ଥିକ ବର୍ଷ ମଧ୍ୟରେ ୩.୦୨ ଲକ୍ଷ କିଷାନ୍ କ୍ରେଡିଟ୍ କାର୍ଡ଼ ବଣ୍ଟନ କରାଯାଇଛି । ବର୍ତ୍ତମାନ ସରକାରଙ୍କ ଦ୍ୱାରା ସମୟଭିତ୍ତିକ ବହୁମୁଖୀ ବିବିଧ କାର୍ଯ୍ୟକ୍ରମ ଓ ପଦକ୍ଷେପ କାର୍ଯ୍ୟକାରୀ କରାଯାଉଥିବା ପରିପ୍ରେକ୍ଷୀରେ ଗ୍ରାମାଞ୍ଚଳର ବିକାଶ କ୍ଷେତ୍ରରେ ଆଶାନୁରୂପ ସଫଳତା ହାସଲ କରୁଥିବା ପରିଲକ୍ଷିତ ହେଉଅଛି । ଆର୍ଥିକ ପ୍ରତିବନ୍ଧକ ସତ୍ତ୍ୱେ ରାଜ୍ୟର ଜନସାଧାରଣ ସର୍ବୋପରି ଗ୍ରାମାଞ୍ଚଳର ଗରିବ ଲୋକମାନଙ୍କର କଲ୍ୟାଣ ନିମନ୍ତେ ସମସ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବର୍ତ୍ତମାନର ସରକାର ସଂକଳ୍ପବଦ୍ଧ ଅଟନ୍ତି । ଗ୍ରାମାଞ୍ଚଳର ଗରିବ ଲୋକଙ୍କର ବଞ୍ଚିବାର ମାନଦଣ୍ଡ ଯେପର୍ଯ୍ୟନ୍ତ ସୁଦୃଢ଼ ନ ହୋଇ ପାରିଛି, ସେପର୍ଯ୍ୟନ୍ତ ଓଡ଼ିଶାର ଉନ୍ନତି ସମ୍ଭବ ନୁହେଁ ବୋଲି ଅନୁଭବ କରାଯାଇ ସମସ୍ତ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଏବଂ ଏସବୁ କାର୍ଯ୍ୟକ୍ରମ ଯେପରି ଶତକଡ଼ା ଶହେ ଭାଗ ହିତାଧିକାରୀମାନଙ୍କ ନିକଟରେ ପହଞ୍ଚିପାରିବ, ସେଥିପ୍ରତି ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଏହା ଫଳରେ ବିକାଶର ଧାରା ତ୍ୱରାନ୍ୱିତ ହୋଇପାରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ
ଭୁବନେଶ୍ୱର

Click Here & Upgrade
Expanded Features
Unlimited Pages
PDF Complete Documents



# ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ଏହାର ବିକାଶୋନ୍ମୁଖୀ ଧାରା

ପ୍ରଦୀପ କୁମାର ଗାଁଣ

ଫକୀରମୋହନ ବିଶ୍ୱବିଦ୍ୟାଳୟର ସପ୍ତମ ପ୍ରତିଷ୍ଠା ଦିବସ ୧୧ ଜୁଲାଇ, ୨୦୦୫ରେ ଶେଷ ହୋଇଛି । ତେବେ ଏହି ଛଅ ବର୍ଷ ମଧ୍ୟରେ ତା'ର ବିକାଶୋନ୍ମୁଖୀ ଧାରା କେତେ ଦୂରକୁ ଆଗେଇ ଯାଇଛି ତାହା ରେମୁଣା ଗୋଲେଇରୁ କଟକ ଅଭିମୁଖେ ଯାଇଥିବା ୫ ନମ୍ବର ଜାତୀୟ ରାଜପଥରୁ ଯେକୌଣସି ବ୍ୟକ୍ତି ଦେଖି ଅନୁଭବ କରିପାରିବ । ବିଭିନ୍ନ ଝଡ଼ଝଞ୍ଜା ଭିତରେ ବାଲେଶ୍ୱରବାସୀ ଯେଉଁ ସଂଗ୍ରାମ କରି ଏହି ବିଶ୍ୱବିଦ୍ୟାଳୟ ସ୍ଥାପନ କରିଥିଲେ, ତା'ର ଏକ ଜ୍ୱଳନ୍ତ ସନ୍ତକ ହିସାବରେ ଏହା ଚିରଦିନ ପାଇଁ ରହିଥିବ ।

ବାଲେଶ୍ୱର ଜିଲ୍ଲାରେ ଉଚ୍ଚଶିକ୍ଷାର ବହୁଳ ପ୍ରଚାର ଓ ପ୍ରସାର କରିବା ପାଇଁ ବ୍ୟାସକବି ଫକୀରମୋହନଙ୍କ ନାମରେ ଏକ ବିଶ୍ୱବିଦ୍ୟାଳୟ ଗଢ଼ି ତୋଳିବା ପାଇଁ ୧୯୬୮ ମସିହାରୁ ସଂଗ୍ରାମ ଆରମ୍ଭ ହୋଇଆସିଛି । ରାଜେନ୍ଦ୍ର ପ୍ରସାଦ ଦାସ, ପ୍ରଫୁଲ୍ଲ କୁମାର ରଥ ଓ ପ୍ରହ୍ଲାଦ ଚରଣ ମହାନ୍ତିଙ୍କ ନେତୃତ୍ୱରେ ଗଠିତ Educational Foundation, Balasore ଏହି ସ୍ୱପ୍ନକୁ ସାକାର କରିଛି । ଏହି ସଂଗଠନ ଜରିଆରେ ବିଭିନ୍ନ ରାଜନୈତିକ ଦଳ, ଛାତ୍ର, ସାମ୍ବାଦିକ, ଓକିଲ ଓ ସମାଜସେବୀମାନେ ବିଭିନ୍ନ ଆଲୋଚନା ସଭା ମାଧ୍ୟମରେ ବିଶ୍ୱବିଦ୍ୟାଳୟ ସ୍ଥାପନ ଉପରେ ଗୁରୁତ୍ୱ ଦେଇ ଆସିଥିଲେ ।

ଏହା ପରେ ସ୍ୱର୍ଗତ ମଇଉଦ୍ଦିନ ଅହମ୍ମଦ, ଗାନ୍ଧୀବାଦୀ ନେତା ରବୀନ୍ଦ୍ର ମୋହନ ଦାସ, ବିଶିଷ୍ଟ ଡାକ୍ତର ହରିଶ ଚନ୍ଦ୍ର ଜେନାଙ୍କ ଜରିଆରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଉଦ୍ୟମ ଚାଲୁ ରହିଲା । ଜିଲ୍ଲାର ବିଭିନ୍ନ ସହର ଓ ସଦର ମହକୁମା ତଥା ବ୍ଲକ୍‌ମାନଙ୍କରେ ବିକ୍ଷୋଭ ଓ ସମାବେଶମାନ ଆୟୋଜନ କରାଗଲା । ବିଭିନ୍ନ ଶୋଭାଯାତ୍ରା, ଆଲୋଚନାଚକ୍ରମାନଙ୍କରେ ହଜାର ହଜାର ବାଲେଶ୍ୱରବାସୀ ଯୋଗ ଦେଇ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାରଙ୍କଠାରେ ନିଜର ଆବେଦନ ଉତ୍ଥାପନ କଲେ ।

ବର୍ତ୍ତମାନର ଫକୀରମୋହନ ବିଶ୍ୱବିଦ୍ୟାଳୟ ଯାହାକି ଏବେ ବ୍ୟାସବିହାର ପରିସରରେ ଚାଲୁଅଛି, ତାହା ଏହି ସଂଗଠନର ପ୍ରଧାନ ଦାନ । ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସଂଗ୍ରାମକୁ କେବଳ ବାଲେଶ୍ୱରବାସୀ ନୁହଁନ୍ତି, ପ୍ରବାସୀ ବାଲେଶ୍ୱରବାସୀଙ୍କର ମଧ୍ୟ ଯଥେଷ୍ଟ ଅବଦାନ ରହିଥିଲା । ସରକାର ଏକ କମିଟି ଗଠନ କରି ଉତ୍ତର ଓଡ଼ିଶାରେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ସ୍ଥାନ ନିରୂପଣ ଦାୟିତ୍ୱ ଦେଲେ । ଏହି କମିଟିର ସଦସ୍ୟମାନେ ବାଲେଶ୍ୱର ଓ ବାରିପଦା ସହର ପରିକ୍ରମା କରି ସରକାରଙ୍କୁ ରିପୋର୍ଟ ଦେଲେ । ଏହି ସମୟରେ ମୟୂରଭଞ୍ଜବାସୀ ବାରିପଦାରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ପାଇଁ ଦାବି କରୁଥିବା ବେଳେ ବାଲେଶ୍ୱରବାସୀ ବ୍ୟାସବିହାରଠାରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଦାବି କରି ଚାଲିଥିଲେ । ଏହି ସଂଘର୍ଷମୟ ସମୟରେ ସରକାର ୨୨.୧୨.୧୯୯୬ରେ ଭୁବନେଶ୍ୱରଠାରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାରମ୍ଭିକ ଅଫିସ୍ ଖୋଲିଲେ । ଏହା ଭୁବନେଶ୍ୱରରେ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଥିବା ବେଳେ ସରକାର ଏକ କମିଟି ଗଠନ କରି ଏହି ଦୁଇ ଜିଲ୍ଲାର ବିଶିଷ୍ଟ ବ୍ୟକ୍ତିଙ୍କ ଅଭିମତ ଚାହିଁଲେ ବିଶ୍ୱବିଦ୍ୟାଳୟର ସ୍ଥାୟୀ ପ୍ରତିଷ୍ଠା ପାଇଁ ।

ଉତ୍ତର ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଚାଲିଥିବା ସଂଘର୍ଷକୁ ସମାଧାନ କରିବା ପାଇଁ ସରକାର ବାଲେଶ୍ୱରରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ବାରିପଦାରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ସିଦ୍ଧାନ୍ତ ନେଲେ । ସରକାର ମଧ୍ୟ ସମାନ ଦିନରେ (୧୯୯୯ ମସିହା ଜୁଲାଇ ୧୧ ତାରିଖ) ଦୁଇଟିଯାକ ବିଶ୍ୱବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କଲେ ।

ଏହି ସମୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟ କେବଳ ଏକ ପରୀକ୍ଷା ନିୟନ୍ତ୍ରଣ କରାଉଥିବା ଓ ଆଫିଲେସନ ଦେଉଥିବା ବିଶ୍ୱବିଦ୍ୟାଳୟ ରୂପେ କାର୍ଯ୍ୟ କରି ଆସୁଥିଲା । ୨୦୦୦ ମସିହା ସେପ୍ଟେମ୍ବର ମାସ ପରଠାରୁ ଏହି ବିଶ୍ୱବିଦ୍ୟାଳୟରେ କୁଳପତି ରୂପେ ପ୍ରଫେସର କରୁଣା ସାଗର ବେହେରା, କୁଳସଚିବ ରୂପେ ଡଃ ହେମନ୍ତ କୁମାର ପରିଜା ଏବଂ ପର ମୁହୂର୍ତ୍ତରେ ପରୀକ୍ଷା ନିୟନ୍ତ୍ରକ ଭାବେ ମେଜର ଡଃ ଅଭୟ କୁମାର ପଣ୍ଡାଙ୍କ ଯୋଗଦାନ ପରେ ଏହି ବିଶ୍ୱବିଦ୍ୟାଳୟ ଆଗ ଅପେକ୍ଷା ଅନେକ ଅଗ୍ରଗତି କରିପାରିଥିଲା । ଏହି ସମୟରେ Self-Finance Schemeରେ ୪ଟି ସ୍ନାତକୋତ୍ତର

Click Here & Upgrade
Expanded Features
Unlimited Pages
PDF Complete



ବିଷୟ ଖୋଲାଯାଇ ପିଲାମାନଙ୍କୁ ଶିକ୍ଷା ପ୍ରଦାନ ଆରମ୍ଭ କରାଗଲା । ଶିକ୍ଷାର ଉଚ୍ଚତର ବିକାଶ ପାଇଁ ଏହି ସମୟରେ ଉନ୍ନତ କମ୍ପ୍ୟୁଟର ପ୍ରୟୋଗଶାଳା, ବାୟୋଟେକ୍‌ନୋଲୋଜି ପ୍ରୟୋଗଶାଳା ସ୍ଥାପନ କରାଯିବା ସହିତ ଏକ ସ୍ୱତନ୍ତ୍ର ଲାଇବ୍ରେରୀ ଗୃହ ସ୍ଥାପନ କରାଯାଇଛି । ଏଥିପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ଅର୍ଜ୍ଜୁନ ଚରଣ ସେଠୀ ଏବଂ ପୂର୍ବତନ ରାଜ୍ୟସଭା ସଦସ୍ୟ ତଥା ବିଶିଷ୍ଟ ଐତିହାସିକ ପ୍ରଫେସର ମନ୍ମଥ ନାଥ ଦାସଙ୍କ ସାହାଯ୍ୟ ଏହି ବିଶ୍ୱବିଦ୍ୟାଳୟ ଭୁଲିପାରିବ ନାହିଁ । ଏବେ ସୁଦ୍ଧା UGCର 12(B) Act ପୂରଣ କରିପାରିନଥିବାରୁ ଏହା UGCରୁ କୌଣସି ଅନୁଦାନ ପାଇପାରିନାହିଁ । ଓଡ଼ିଶାରେ ବିଜେଡ଼ି ଓ ବିଜେପି ସରକାର ଆସିବା ପରେ ଏହି ବିଶ୍ୱବିଦ୍ୟାଳୟକୁ ବ୍ୟାସବିହାରଠାରେ ୬ ଏକର ଓ ମିତ୍ରପୁରଠାରେ ୭୩ ଏକର ଜମି ଯୋଗାଇ ଦେଇଥିଲେ ଏବଂ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଶିକ୍ଷା ପାଇଁ ୨୫ଟି Teaching Post ଦେଇଥିଲେ ।

ପର ମୁହୂର୍ତ୍ତରେ ୨୦୦୩ ସେପ୍ଟେମ୍ବର ମାସ ଅଧା ସମୟରୁ ପ୍ରଫେସର ଶୁକଦେବ ନନ୍ଦ କୁଳପତି ରୂପେ ଯୋଗଦାନ କଲାପରେ ଏହି ବିଶ୍ୱବିଦ୍ୟାଳୟ ଶିକ୍ଷାର ବିକାଶ କ୍ଷେତ୍ରରେ ବହୁମାତ୍ରାରେ ଅଗ୍ରଗତି କରିପାରିଛି । ତାଙ୍କ ସମୟରେ ମିତ୍ରପୁରଠାରେ ୭୩ ଏକର ଜମି ଅଧିଗ୍ରହଣ ହେବା ସହିତ ୩୦ଟି Teaching Postକୁ ନେଇ ୫ଟି ସ୍ଥାୟୀ ନିଯୁକ୍ତିଭିତ୍ତିକ ସ୍ନାତକୋତ୍ତର ବିଭାଗ ଖୋଲାଯାଇଛି । ଏହି ସମୟରେ ବିଶ୍ୱବିଦ୍ୟାଳୟର ଲାଇବ୍ରେରୀରେ ପୁସ୍ତକ ସଂଖ୍ୟା ବୃଦ୍ଧି ପାଇଥିଲାବେଳେ ସ୍ୱର୍ଗତଃ ମଇଉଦ୍ଦିନଙ୍କ ନାମରେ ଏକ ଉଦ୍ୟାନ 'ଓରିପ୍ଲାଷ୍ଟ' ସହାୟତାରେ ସ୍ଥାପନ କରାଯାଇଛି । ବାଲେଶ୍ୱରରେ ଆଇ.ଟି. ଓ ପ୍ରୟୋଗାତ୍ମକ ଶିକ୍ଷାର ବିକାଶ ପାଇଁ ସି.ଏମ୍.ସି. ସଂସ୍ଥା ତଥା R.J. School of Management ସହାୟତାରେ ଚୁକ୍ତିଭିତ୍ତିକ କେତେକ ଶିକ୍ଷା ପ୍ରଦାନ ଏହି ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଉଅଛି । ଦୂର ନିରନ୍ତର ଶିକ୍ଷା ବ୍ୟବସ୍ଥା ଜରିଆରେ କମ୍ପ୍ୟୁଟର, ମ୍ୟାନେଜମେଣ୍ଟ ତଥା ଏଚ୍.ଆଇ.ଭି. ଉପରେ ଶିକ୍ଷା ଦେବାର ବ୍ୟବସ୍ଥା ହୋଇଛି । ପରୀକ୍ଷା ନିୟନ୍ତ୍ରକ ତଥା ଉକ୍ତ ବିଭାଗର କର୍ମଚାରୀଙ୍କ ଉଦ୍ୟମରେ ଲଗାତର ଗତ କିଛି ବର୍ଷ ଧରି ଓଡ଼ିଶାର ସମସ୍ତ ବିଶ୍ୱବିଦ୍ୟାଳୟମାନଙ୍କ ମଧ୍ୟରେ ଏହି ବିଶ୍ୱବିଦ୍ୟାଳୟ ପ୍ରଥମେ ଡିଗ୍ରୀ ରେଜଲ୍ଟ ପ୍ରକାଶ କରି ଛାତ୍ରଛାତ୍ରୀ ତଥା ଅଭିଭାବକଙ୍କ ନିକଟରେ ପ୍ରଶଂସାର ପାତ୍ର ହୋଇପାରିଛି ।

ୟୁ.ଜି.ସି. ତଥା କେନ୍ଦ୍ର ସରକାରଙ୍କର ବିନା ଆର୍ଥିକ ସହାୟତାରେ ଏହାର କୁଳପତି ଓ କୁଳସଚିବ କିପରି ବିଶ୍ୱବିଦ୍ୟାଳୟଟିକୁ ଚଳାଇଛନ୍ତି, ତାହା ଏକ ଆଶ୍ଚର୍ଯ୍ୟର ବିଷୟ । ସରକାର ଦେଉଥିବା ଅନୁଦାନ ସମୁଦ୍ରକୁ ଶଙ୍ଖେ ପରି ମନେ ହେଉଥିଲାବେଳେ ଏହାର ଆର୍ଥିକ ବିକାଶ ଉପରେ ଅଧିକ ଧ୍ୟାନ ଦେବା ଦରକାର । ଏହାର କର୍ମଚାରୀଙ୍କ ସଂଖ୍ୟାବୃଦ୍ଧି ନିହାତି ଆବଶ୍ୟକ ହୋଇଥିବାବେଳେ ଏଠାରେ ଥିବା କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ।

ତେବେ ଶେଷରେ ଆଜି ପରି ଏହି ଶୁଭ ଦିବସରେ ସମସ୍ତ ବିଶ୍ୱବିଦ୍ୟାଳୟର କର୍ମଚାରୀ ଓ ଅଫିସର ଏକତ୍ରିତ ହୋଇ ଏହାକୁ ଆଗେଇ ନେବାର ଶପଥ ନେବା ସହିତ ଏହାର ପ୍ରଗତିରେ ସାହାଯ୍ୟ କରିବା ଉଚିତ । କେବଳ ବିଶ୍ୱବିଦ୍ୟାଳୟର କର୍ମଚାରୀ ନୁହଁନ୍ତି, ସମଗ୍ର ବାଲେଶ୍ୱର ଓ ଭଦ୍ରକବାସୀ, ଏହାର ରାଜନେତା, ଛାତ୍ରଛାତ୍ରୀ, ସମାଜସେବୀ, ଓକିଲ, ଡାକ୍ତର ପୁଣିଥରେ ପୂର୍ବଭଳି ସଂଗ୍ରାମ କରି ଏହାର ବିକାଶ ପାଇଁ କାର୍ଯ୍ୟ କରିବା ଉଚିତ୍ । ଯାହାଦ୍ୱାରା କି ଏହା ଉତ୍କଳ ବିଶ୍ୱବିଦ୍ୟାଳୟ, ଜବାହରଲାଲ ବିଶ୍ୱବିଦ୍ୟାଳୟ ପରି ଏକ ବିଶ୍ୱବିଦ୍ୟାଳୟ ହୋଇପାରିବ ।

ଫକୀରମୋହନ ବିଶ୍ୱବିଦ୍ୟାଳୟ
ବ୍ୟାସ ବିହାର, ବାଲେଶ୍ୱର

---

# ସେକାଳର ବିଷଚାରା

ବସନ୍ତ କୁମାର ଦେବ

ଅନେକ ବରଷ ତଳେ ଦରିଆ ସେପାରି ଦେଶୁ ଆସିଥିଲା ବିଦେଶୀ ବଣିକ
ମେଲିବାକୁ ବଣିଜ ପସରା ସାଥେ ନେଇ ଭାଇ ବନ୍ଧୁ କୁଟୁମ୍ବ ଅନେକ ।
କପଟାଚାରୀ ଫିରିଙ୍ଗି ହୃଦେ ଭରି ଛଳନାର ହଳାହଳ ବିଷ
ଏ ମାଟିର ସନ୍ତାନଙ୍କୁ ମଧୁବୋଳା କଥା କହି କରିଦେଲା ବଶ ।
ଜାଣେନା ଛନ୍ଦ କପଟ ଶାନ୍ତ ସରଳ ସ୍ନେହୀ ଏ ମାଟି ସନ୍ତାନ
ଆପଣାର ବନ୍ଧୁ ମଣି ବିଦେଶୀଙ୍କୁ ସସମ୍ମାନେ କଲା ଆଲିଙ୍ଗନ ।
ଧୀରେ ଧୀରେ ଏ ପବିତ୍ର ଭୂମିରେ ଗଢ଼ି ସୁଦୃଢ଼ ଆସ୍ଥାନ ନିଜର
କଳେ ବଳେ କୌଶଳେ ହାତେଇ ନେଲା ଶାସନର ବାଗ୍‌ଡୋର ।
ବନ୍ଧୁ ଅପମାନ ଲାଞ୍ଛନା କଷଣ ସହି ସହି ଏ ଭାରତବାସୀ
ଭାରତମାତାର ବନ୍ଧନ କାଳେ ନୀରବରେ ଲୋତକ ଢାଳିଲେ ବସି ।

ଏ କାଳେ ଆସିଲେ ଦେବଦୂତ ଜଣେ ମୋହନ ମୂରଲୀ ବାଇ
ଭାରତୀୟ ଜନଗଣଙ୍କୁ କହିଲେ - ଡର ନାହିଁ ଡର ନାହିଁ ।
ତୋପ ଗୁଳିଗୁଳା ବନ୍ଧୁକ ଆଗରେ ଅହିଂସା ଆମର ମନ୍ତ୍ର
ସତ୍ୟାଗ୍ରହୀ ସାଜି ମାଡ଼ିଚାଲ ସର୍ବେ ଲୋଡ଼ା ନାହିଁ ଅନ୍ୟ ଯନ୍ତ୍ର ।
ମହାତ୍ମା ଗାନ୍ଧୀଙ୍କ ବଚନେ ଭାରତ ସନ୍ତାନ କରିଲେ ପଣ
ମାଆର ମୁକ୍ତି ସମରରେ ପ୍ରାଣ କରି ଦେବେ ବିସର୍ଜନ ।
ନାହିଁ ଜାତିଭେଦ ନାହିଁ ଧର୍ମଭେଦ ସଭିଏଁ ହୋଇଲେ ଏକ
ସଂଗ୍ରାମୀ ସାଜି ଆଗେଇ ଚାଲିଲେ ରଖିବେ ମାଆର ଟେକ ।

ଘର ନଂ- ଇ/୭୫
ଇ-କଲୋନୀ, ୟୁନିଟ୍-୮, ଭୁବନେଶ୍ୱର

Click Here & Upgrade
Expanded Features
Unlimited Pages
PDF Complete Documents





ପଦ୍ମନାଭ ବେହେରା

# ପୋସ୍କୋ ରାଜିନାମା

ପଦ୍ମନାଭ ବେହେରା

ଓଡ଼ିଶାରେ ବାର୍ଷିକ ୧୨ ନିୟୁତ ଟନ୍ ଉତ୍ପାଦନକ୍ଷମ ଏକ ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା କରିବା ପାଇଁ ପୃଥିବୀର ଅନ୍ୟତମ ବୃହତ୍ ଇସ୍ପାତ ଉତ୍ପାଦନକାରୀ ସଂସ୍ଥା ଦକ୍ଷିଣ କୋରିଆର ପୋସ୍କୋ କମ୍ପାନୀ ସହିତ ରାଜ୍ୟ ସରକାର ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ଏହି ପ୍ରକଳ୍ପରେ ୧୨ ନିୟୁତ ଆମେରିକୀୟ ଡଲାର ବା ୫୧ ହଜାର କୋଟି ଟଙ୍କାର ପୁଞ୍ଜି ଖଟାଯିବ । ଏହା ହେଉଛି ଭାରତରେ ପ୍ରତ୍ୟକ୍ଷ ବୈଦେଶିକ ପୁଞ୍ଜି ଲଗାଣ କ୍ଷେତ୍ରରେ ସର୍ବାଧିକ । ଏହି ପ୍ରକଳ୍ପ ଦ୍ୱାରା ରାଜ୍ୟର ରାଜସ୍ୱ ଆଦାୟ ବୃଦ୍ଧି ପାଇବ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହି ଶିଳ୍ପକୁ କେନ୍ଦ୍ର କରି ଅନେକଗୁଡ଼ିଏ ଆନୁଷଙ୍ଗିକ ଶିଳ୍ପ ଗଢ଼ି ଉଠିବ ଏବଂ ଅନ୍ୟାନ୍ୟ ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଇବ । ସେଥିପାଇଁ ଏହି ପ୍ରକଳ୍ପକୁ କେନ୍ଦ୍ର ସରକାର ଓ ବିଭିନ୍ନ ସ୍ତରରୁ ସ୍ୱାଗତ କରାଯାଇଛି । କେନ୍ଦ୍ର ସରକାର ଭିତ୍ତିଭୂମିର ବିକାଶ ପାଇଁ ଆଗେଇ ଆସିଛନ୍ତି । ଏଥିରେ ୬୫୦ କିଲୋମିଟରର ଚାରି ଲାଇନ ବିଶିଷ୍ଟ ରାସ୍ତା ଏବଂ ୪୪୧ କିଲୋମିଟରର ରେଳପଥ ଅନ୍ତର୍ଭୁକ୍ତ । ଏଥିପାଇଁ ମୋଟ ପ୍ରାୟ ୪୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ ଓ ଏହା ଭାରତ ସରକାର ବହନ କରିବେ । ଏହି ପ୍ରକଳ୍ପର ଅଗ୍ରଗତି ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦପ୍ତର ପ୍ରତ୍ୟକ୍ଷ ଭାବରେ ତଦାରଖ କରୁଛନ୍ତି । ବୁଝାମଣାପତ୍ରରେ ସ୍ଥାନିତ କେତେଗୁଡ଼ିଏ ପ୍ରସଙ୍ଗକୁ ନେଇ ଜନସାଧାରଣଙ୍କ ମଧ୍ୟରେ କିଛିଟା ସନ୍ଦେହ ସୃଷ୍ଟି ହୋଇଛି, ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ମଧ୍ୟ ପ୍ରତିବାଦର ସ୍ୱର ଉଠିଛି । ଏହିସବୁ ସନ୍ଦେହ ମୋଚନ କରିବା ପାଇଁ ଏହି ପ୍ରବନ୍ଧରେ ପ୍ରୟାସ କରାଯାଇଛି ।

**ପ୍ର.୧** - ପୋସ୍କୋକୁ ୬୦୦ ମିଲିୟନ ଟନ୍ ଲୁହାପଥର ଦିଆଯିବା ଯଥାର୍ଥ କି ?

**ଉ** - ଇସ୍ପାତ ଶିଳ୍ପ ପାଇଁ ଲୁହାପଥରର ଆବଶ୍ୟକତା ୧:୧.୬ ଅନୁପାତରେ ହିସାବ କରାଯାଏ । ଯେହେତୁ ପୋସ୍କୋ ୧୨ ମିଲିଅନ ଟନ୍ କ୍ଷମତା ବିଶିଷ୍ଟ ପ୍ଲାଣ୍ଟ ଓଡ଼ିଶାରେ ବସାଇବାକୁ ଚାହେଁ, ୩୦ ବର୍ଷ ପାଇଁ ଏହାର ଲୁହାପଥରର ଆବଶ୍ୟକତା ହେଉଛି- ୧୨ x ୧.୬ x ୩୦ = ୫୭୬ ନିୟୁତ ଟନ୍ ଅଥବା ୬୦୦ ନିୟୁତ ଟନ୍ । ସୁତରାଂ ପୋସ୍କୋର ଲୁହାପଥର ଆବଶ୍ୟକତା ହିସାବ କରିବାରେ କୌଣସି ଭୁଲ୍ ହୋଇନାହିଁ । ପ୍ରକଳ୍ପର ଆବଶ୍ୟକତାଠାରୁ ଅଧିକ ଲୁହାପଥର ନ ଦେବା ପାଇଁ ବୁଝାମଣାପତ୍ରରେ ସତର୍କତା ଅବଲମ୍ବନ କରାଯାଇଛି । ପ୍ରକଳ୍ପର ଅଗ୍ରଗତିକୁ ଆଖିଆଗରେ ରଖି ଦୁଇଟି ପର୍ଯ୍ୟାୟରେ ଖଣିପଟା ପାଇଁ ସୁପାରିଶ କରିବା ପାଇଁ ବ୍ୟବସ୍ଥା ରଖାଯାଇଛି । ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ୬ ନିୟୁତ ଟନ୍ କାରଖାନା ମଧ୍ୟରୁ ଅନ୍ତତଃ ୩ ମିଲିୟନ ଟନ୍‌ର ଉତ୍ପାଦନ ଆରମ୍ଭ ହେବା ପରେ ହିଁ ଦ୍ୱିତୀୟ ପର୍ଯ୍ୟାୟର ଖଣି ପାଇଁ ସୁପାରିଶ କରାଯିବ । ଏହାପୂର୍ବରୁ କରାଯାଇଥିବା ୩୬ଟି MOU ମଧ୍ୟରୁ କୌଣସିଥିରେ ଏଭଳି କଠିନ ସର୍ତ୍ତ ନାହିଁ ।

**ପ୍ର.୨** - ବଜାର ଦରରେ ପୋସ୍କୋକୁ ଲୁହାପଥର ଦିଆ ନଯାଇ କାହିଁକି ଖଣି ଲିଜ୍ ଦିଆଯାଇଛି ?

**ଉ** - ଭାରତବର୍ଷରେ ଯେତେଗୁଡ଼ିଏ ଇସ୍ପାତ କାରଖାନା ଅଛି, ଯଥା- SAIL, TISCO, ESSAR, JINDAL ଆଦି ସେ ସମସ୍ତଙ୍କୁ ଭାରତ ସରକାରଙ୍କ ପ୍ରଚଳିତ ନିୟମ ଅନୁଯାୟୀ ନିଜସ୍ୱ ଖଣି ଲିଜ୍ ଆକାରରେ ଦିଆଯାଇଛି । ଏହି ନୀତି ଭାରତର ଅନ୍ୟାନ୍ୟ ରାଜ୍ୟମାନେ ମଧ୍ୟ ଅନୁସରଣ କରିଆସୁଛନ୍ତି । କୌଣସି ଶିଳ୍ପ କାରଖାନାକୁ ବଜାର ଦରରେ ଲୁହାପଥର ନେବା ପାଇଁ କୌଣସି ରାଜ୍ୟ ସରକାର ବା କେନ୍ଦ୍ର ସରକାର ବାଧ କରିନାହାନ୍ତି । ଯେଉଁ ବୃହତ୍ ଇସ୍ପାତ୍ କାରଖାନା ପାଇଁ ରାଜ୍ୟ ସରକାର MOU କରିଛନ୍ତି, ସେମାନେ ସମସ୍ତେ ଯେଉଁ ଖଣି ସୁବିଧା ପାଇବେ, ସେହି ସୁବିଧା ପୋସ୍କୋକୁ ମଧ ଦିଆଯିବ । ନିଜସ୍ୱ ଖଣି ମିଳିଲେ ହିଁ ଶିଳ୍ପ ପ୍ରତିଷ୍ଠା ପାଇଁ ଶିଳ୍ପୋଦ୍ୟୋଗୀମାନେ ଆଗ୍ରହୀ ହେବେ । ବଜାର ଦରରେ ଲୁହାପଥର ଯଦି ଶିଳ୍ପକୁ ଦିଆଯାଏ ତେବେ ଓଡ଼ିଶାରେ ତାହା ସ୍ଥାପନ କରିବା ପାଇଁ କୌଣସି ଆଗ୍ରହ ରହିବ ନାହିଁ । ଏହା ଫଳରେ ରାଜ୍ୟର ଶିଳ୍ପାୟନ ବାଧାପ୍ରାପ୍ତ ହେବ ।

**ପ୍ର.୩** - ବୁଝାମଣାପତ୍ରରେ ବ୍ୟବସ୍ଥା ରହିଥିବା ୩୦ ପ୍ରତିଶତ ଲୁହାପଥର ଅଦଳବଦଳ ଦ୍ୱାରା ରାଜ୍ୟର ସ୍ୱାର୍ଥ ହାନି ହେବ ନାହିଁ ତ ?

**ଉ** - ପ୍ରଥମରୁ ବୁଝି ରଖିବା ଉଚିତ ଯେ ଲୁହାପଥର ରପ୍ତାନୀ ପାଇଁ ବର୍ତ୍ତମାନ କୌଣସି କଟକଣା ନାହିଁ । କେବଳ ୨୦୦୪-୦୫ ମସିହାରେ ଭାରତରୁ ୭୦ ମିଲିୟନ ଯନ୍ ଓ କେବଳ ଓଡ଼ିଶାରୁ ୯ ମିଲିୟନ ଟନ୍

Click Here & Upgrade
Expanded Features
Unlimited Pages
PDF Complete



ଲୁହାପଥର ରପ୍ତାନୀ କରାଯାଇଛି । ଭାରତ ସରକାରଙ୍କର ଖଣି ନୀତି ଅନୁସାରେ ଯେକୌଣସି ବହୁରାଷ୍ଟ୍ରୀୟ କମ୍ପାନୀ ଖଣିକ୍ଷେତ୍ରରେ ଶତକଡ଼ା ୧୦୦ ଭାଗ ପୁଞ୍ଜି ନିବେଶ କରିପାରିବେ ଓ ସମସ୍ତ ଲୁହାପଥରକୁ ରପ୍ତାନୀ ମଧ କରିପାରିବେ । କିନ୍ତୁ ଓଡ଼ିଶା ସରକାର ଏଥିରେ ସହମତ ହୋଇନାହାନ୍ତି ଓ ଖଣି ପ୍ରଦାନ କ୍ଷେତ୍ରରେ ପ୍ରତିବନ୍ଧକ ଲଗାଇଛନ୍ତି । ଏହି ପ୍ରତିବନ୍ଧକ ହେଲା ଖଣିରୁ ଉତ୍ପାଦିତ ସମସ୍ତ ଲୁହାପଥର କେବଳ ଓଡ଼ିଶା ମଧରେ ଇସ୍ପାତ ପ୍ରସ୍ତୁତି ପାଇଁ ଦିଆଯିବ । ଯଦି ଇସ୍ପାତର ମାନ ରକ୍ଷା ଦୃଷ୍ଟିରୁ କିଛି ପରିମାଣର ଲୁହାପଥର ବିଦେଶରୁ ଆମଦାନୀ କରିବା ଆବଶ୍ୟକ ହୁଏ, ତେବେ ସମପରିମାଣର ଲୁହାପଥର ପୋସ୍କୋର କୋରିଆ କାରଖାନାରେ ବ୍ୟବହାର ପାଇଁ ରପ୍ତାନୀ କରିବାକୁ ଅନୁମତି ଦିଆଯିବ । ପ୍ରଥମେ ଲୁହାପଥର ବାହାରୁ ଆମଦାନୀ ହେବା ପରେ ହିଁ ରପ୍ତାନୀ ପାଇଁ ଅନୁମତି ଦିଆଯିବ । ଫଳରେ ପୋସ୍କୋକୁ ଅବାଧରେ ରପ୍ତାନୀ କରିବାକୁ ପ୍ରଶୟ ଦିଆଯିବ ନାହିଁ । ଆମଦାନୀ କରାଯାଉଥିବା ଲୁହାପଥରର ମାନ ରପ୍ତାନୀ କରାଯାଉଥିବା ଲୁହାପଥରଠାରୁ ଉନ୍ନତତର । ଏହି ଆମଦାନୀ-ରପ୍ତାନୀର ପରିମାଣ ଉପରେ ମଧ୍ୟ ଅଙ୍କୁଶ ଲଗାଯାଇଛି । ଯେତେ ପରିମାଣର ଲୁହାପଥର ଆମଦାନୀ କଲେ ମଧ ରପ୍ତାନୀର ପରିମାଣ ପୋସ୍କୋର ବାର୍ଷିକ ବ୍ୟବହୃତ ଲୁହାପଥରର ଶତକଡ଼ା ୩୦ ଭାଗରୁ ଅଧିକ ହେବ ନାହିଁ ।

**ପ୍ର.୪ -** ପୋସ୍କୋକୁ ଖଣି ଲିଜ୍ ଦିଆଗଲେ ଓଡ଼ିଶାର ଲୁହାପଥର ଶେଷ ହୋଇଯିବ କି ?

**ଉ -** ପୋସ୍କୋକୁ ମିଶାଇ ୩୭ଟି ଇସ୍ପାତ ପ୍ରକଳ୍ପ ପାଇଁ ଓଡ଼ିଶା ସରକାର ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି । ଏ ସମସ୍ତ ଶିଳ୍ପ ପାଇଁ ଆବଶ୍ୟକ ପଡୁଥିବା ଲୁହାପଥରର ପରିମାଣ ୧୬୨୭ ନିୟୁତ ଟନ୍ ଅଟେ । ବର୍ତ୍ତମାନ ପର୍ଯ୍ୟନ୍ତ କରାଯାଇଥିବା ଆକଳନ ଅନୁଯାୟୀ ଓଡ଼ିଶାରେ ଗଚ୍ଛିତ ଲୁହାପଥରର ପରିମାଣ ୫୨୮୪ ନିୟୁତ ଟନ୍‌ରୁ ଅଧିକ ଅଟେ । ତନ୍ମଧ୍ୟରୁ OMC, SAIL, TISCO, NINL ଓ MESCO ଆଦି ଇସ୍ପାତ ଶିଳ୍ପମାନଙ୍କୁ ପ୍ରାୟ ୩୧୩୩ ନିୟୁତ ଟନ୍ ଲୁହାପଥର ଲିଜ୍ ଆକାରରେ ଦିଆଯାଇଛି ଏବଂ ୨୧୫୧ ନିୟୁତ ଟନ୍ ଲୁହାପଥର ଆବଣ୍ଟନ ପାଇଁ ଗଚ୍ଛିତ ଅଛି ।

**ପ୍ର.୫ -** ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ (SEZ) ସୁବିଧା ଦେବା ଫଳରେ ରାଜ୍ୟ ଓ କେନ୍ଦ୍ର ସରକାର କିଛି ରାଜସ୍ୱ ପାଇବେ ନାହିଁ ?

**ଉ -** ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ (SEZ) ପ୍ରତିଷ୍ଠା ହେଲେ ଯଦି ରାଜ୍ୟ ବା କେନ୍ଦ୍ର ସରକାର କୌଣସି ରାଜସ୍ୱ/ଲାଭ ପାଉ ନଥାନ୍ତେ, ତେବେ ସେଥିପାଇଁ ସମଗ୍ର ଭାରତବର୍ଷରେ ରାଜ୍ୟ ରାଜ୍ୟ ମଧରେ ଏହାର ପ୍ରତିଷ୍ଠା ପାଇଁ ପ୍ରତିଯୋଗିତା ହେଉ ନଥାନ୍ତା । ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ (SEZ) ପ୍ରତିଷ୍ଠା ପାଇଁ ଭାରତ ସରକାର ଇତିମଧରେ ଏକ ଆଇନ ପ୍ରଣୟନ କରିଛନ୍ତି ଏବଂ ଉକ୍ତ ଜୋନ୍‌ରେ ଅବସ୍ଥାପିତ ପ୍ରକଳ୍ପ ପାଇଁ କେତେକ କେନ୍ଦ୍ରୀୟ ଟିକସରେ ରିହାତି ଘୋଷଣା କରିଛନ୍ତି । ଏହି ସୁବିଧା ପୋସ୍କୋ ତଥା ଅନ୍ୟ SEZ ଅଞ୍ଚଳରେ ଥିବା ଯେକୌଣସି ଶିଳ୍ପ ପାଇଁ ସମାନ ଭାବରେ ପ୍ରଯୁଜ୍ୟ । ପ୍ରକାଶ ଥାଉ କି, SEZରେ ଅବସ୍ଥିତ ଶିଳ୍ପ ଯଦି ବିଦେଶକୁ ରପ୍ତାନୀ ନ କରି ଦେଶ ମଧରେ ତାହାର ଉତ୍ପାଦିତ ଦ୍ରବ୍ୟ ବିକ୍ରୀ କରେ, ତେବେ ତାହା ଉପରେ ସମସ୍ତ କେନ୍ଦ୍ରୀୟ ଓ ରାଜ୍ୟ ଟିକସ ଲାଗୁ ହେବ । ରିହାତି ବ୍ୟବସ୍ଥା ମୁଖ୍ୟତଃ ରପ୍ତାନୀ ପାଇଁ ଉଦ୍ଦିଷ୍ଟ । ଏହା ମଧ ମନେ ରଖିବା ଉଚିତ୍ ଯେ, SEZ ବାହାରେ ଅବସ୍ଥିତ ଯେକୌଣସି ଶିଳ୍ପ ତାହାର ଉତ୍ପାଦିତ ଦ୍ରବ୍ୟ ରପ୍ତାନୀ କଲେ ତହିଁରେ ମଧ କେନ୍ଦ୍ରୀୟ ଅବକାରୀ ଶୁଳ୍କ ଓ ରାଜ୍ୟ ବିକ୍ରୀ କର ଲାଗୁ ହୋଇନଥାଏ । ସୁତରାଂ ଏ କ୍ଷେତ୍ରରେ ପୋସ୍କୋକୁ କୌଣସି ସ୍ୱତନ୍ତ୍ର ରିହାତି ଦିଆଯିବାର ପରିକଳ୍ପନା ନାହିଁ । ପୋସ୍କୋ କାରଖାନାରୁ ଯେଉଁ ୨୨,୫୦୦ କୋଟି ଟଙ୍କା ରାଜସ୍ୱ ଆଦାୟ ହେବ ବୋଲି ଆକଳନ କରାଯାଇଛି, ତାହା ଉତ୍ପାଦନର ଶତକଡ଼ା ୫୦ ଭାଗ ରପ୍ତାନୀ ଓ ୫୦ ଭାଗ ଦେଶ ମଧରେ ବିକ୍ରୀ କରାଯିବା ଭିତ୍ତିରେ ହିସାବ କରାଯାଇଛି ।

ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍‌ରୁ ଉତ୍ପାଦିତ ହେଉଥିବା ସାମଗ୍ରୀ ଉପରେ କୌଣସି ଟିକସ ଲାଗୁ ହେବ ନାହିଁ ବୋଲି ଅନ୍ୟ ଏକ ଭ୍ରାନ୍ତଧାରଣା ରହିଛି । ଯେଉଁ ସାମଗ୍ରୀଗୁଡ଼ିକୁ କେବଳ ରପ୍ତାନୀ କରାଯିବ, ତା' ଉପରେ ବିକ୍ରୀକର ଓ ଅବକାରୀ ଶୁଳ୍କ ଲାଗୁ ହେବ ନାହିଁ । ଦେଶର ଯେକୌଣସି ଅଞ୍ଚଳରୁ ଉତ୍ପାଦିତ ହେଉଥିବା ସାମଗ୍ରୀ ପାଇଁ ଏହି ବ୍ୟବସ୍ଥା ରହିଛି । ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳରୁ ଉତ୍ପାଦିତ ହେଉଥିବା ଇସ୍ପାତ ଦେଶ ଭିତରେ ଯେକୌଣସି ଅଞ୍ଚଳରେ ବିକ୍ରୀ ହେଲେ ବି ଏହା ଉପରେ ବିକ୍ରୀକର ଓ ଅନ୍ୟାନ୍ୟ ଶୁଳ୍କ ଲାଗୁ ହେବ । ସୁତରାଂ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ପରିସରରେ ଥିବା କାରଖାନାରୁ ଉତ୍ପାଦିତ ଜିନିଷ ଉପରେ ଆଦୌ ଟିକସ ଲାଗୁ ହେବ ନାହିଁ ବୋଲି କହିବା ଭ୍ରମାତ୍ମକ । କେତେ ପରିମାଣରେ ଟିକସ ଆଦାୟ ହେବ, ତାହା ଦେଶ ଭିତରେ ବିକ୍ରୀ କରାଯାଇଥିବା ସାମଗ୍ରୀର ପରିମାଣ ଉପରେ ନିର୍ଭର କରେ ।

**ପ୍ର.୬ -** ପ୍ରକଳ୍ପ ଦ୍ୱାରା କେତେ ଲୋକ ବିସ୍ଥାପିତ ହେବେ ?

**ଉ -** ଏ ଧରଣର ବୃହତ୍ ପ୍ରକଳ୍ପରେ କିଛି ଲୋକ ବିସ୍ଥାପିତ ହେବା ସ୍ୱାଭାବିକ । ତେବେ ଗୁଜବ ହେଉଛି ଯେ, ପ୍ରାୟ ୪୦ ହଜାର ଲୋକ ଏହି ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହେବେ । ଏହା ସଂପୂର୍ଣ୍ଣ ଅମୂଳକ । ବିସ୍ଥାପିତ ଲୋକଙ୍କର ସଂଖ୍ୟା ପ୍ରାରମ୍ଭିକ ଅଟକଳ ଅନୁସାରେ ଚାରି ହଜାରରୁ କମ୍ ହେବ । ଯେଉଁମାନେ ପ୍ରକଳ୍ପ ପାଇଁ ନିଜର ଭିଟାମାଟି ଓ ଜୀବିକା ହରାଇବେ, ସେମାନଙ୍କର ଉପଯୁକ୍ତ ଥାଇଥାନ ପାଇଁ ଏକ ଆକର୍ଷଣୀୟ ପ୍ୟାକେଜ ପ୍ରସ୍ତୁତ କରାଯାଉଛି ।

Click Here & Upgrade
Expanded Features
Unlimited Pages
PDF Complete Documents



**ପ୍ର.୭** - ନିଯୁକ୍ତି କ୍ଷେତ୍ରରେ ସ୍ଥାନୀୟ ଲୋକ ବା ଓଡ଼ିଶାର ଲୋକଙ୍କୁ ଅଗ୍ରାଧିକାର ଦିଆଯିବ କି ?

ଉ - କିଛି ଲୋକ ସଂଶୟ ପ୍ରକାଶ କରିଛନ୍ତି ଯେ, ଏହି କାରଖାନାରେ କେବଳ ୩୦୦ରୁ ୪୦୦ କିରାଣୀ ଓ ଚପରାଶି ନିଯୁକ୍ତି ପାଇବେ । ଏହି ଚିନ୍ତାଧାରା ସଂପୂର୍ଣ୍ଣ ଅବାସ୍ତବ । ପୋସ୍କୋ ଯେଉଁ Project Report ପ୍ରସ୍ତୁତ କରିଛି, ତାହା M.N. Dastur & Co.ଙ୍କ ପରି ପ୍ରତିଷ୍ଠିତ ବିଶେଷଜ୍ଞଙ୍କ ଦ୍ୱାରା ପରୀକ୍ଷିତ ହୋଇଛି । ଆକଳନ ଅନୁଯାୟୀ ପ୍ରତ୍ୟକ୍ଷ ଭାବରେ ପ୍ରାୟ ୧୩୦୦୦ ଏବଂ ପରୋକ୍ଷ ଭାବରେ ପ୍ରାୟ ୩୫୦୦୦ ଲୋକ ନିଯୁକ୍ତି ପାଇବେ । ଓଡ଼ିଶାର ଶିକ୍ଷିତ ଯୁବକଯୁବତୀମାନଙ୍କ ନିଯୁକ୍ତି କ୍ଷେତ୍ରରେ ଗୁରୁତ୍ୱ ଦିଆଯିବ । ବୃହତ୍ ଶିଳ୍ପ ପ୍ରତିଷ୍ଠା ହେଲେ ସେଥିପାଇଁ ଦରକାର ହେଉଥିବା ହୋଟେଲ, ଗମନାଗମନ, ଉଚ୍ଚମାନର ସ୍କୁଲ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ନିଯୁକ୍ତିର ବ୍ୟାପକ ସୁଯୋଗ ସୃଷ୍ଟି ହେବ ଏବଂ ଏହି ସୁଯୋଗ ପ୍ରାୟତଃ ସ୍ଥାନୀୟ ଅଧିବାସୀମାନଙ୍କୁ ମିଳିବ ।

**ପ୍ର.୮** - ଘରୋଇ ବନ୍ଦର ଦେଇ ଆମଦାନୀ ରପ୍ତାନୀ କରିବା ସମୟରେ କେତେ ପରିମାଣର କଞ୍ଚାମାଲ ଆମଦାନୀ ରପ୍ତାନୀ ହେଉଛି ଏହା କିପରି ଜଣାପଡ଼ିବ ?

**ଉ** - ଘରୋଇ ବନ୍ଦର ଦେଇ ମାଲ ରପ୍ତାନୀ ବା ଆମଦାନୀ କରିବା ସମୟରେ ମଧ୍ୟ ସରକାରଙ୍କର ଯଥେଷ୍ଟ ନିୟନ୍ତ୍ରଣ ଥାଏ । ତେଣୁ ଏ ବାବଦରେ କୌଣସି ଠକାମୀର ପ୍ରଶ୍ନ ହିଁ ଉଠୁନାହିଁ ।

**ପ୍ର.୯** - ପୋସ୍କୋ ଚୁକ୍ତି ପାଇଁ ମନ୍ତ୍ରିମଣ୍ଡଳର ଅନୁମୋଦନ ନିଆଯାଇ ନାହିଁ କାହିଁକି ?

**ଉ** - ଓଡ଼ିଶା ସରକାର ଯେଉଁ ୩୬ଟି ଇସ୍ପାତ କାରଖାନାର ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି, ତନ୍ମଧ୍ୟରୁ କୌଣସିଟି କ୍ୟାବିନେଟର ଅନୁମୋଦନ ଲାଭ କରିନାହିଁ । ପ୍ରଚଳିତ ପଦ୍ଧତି ଅନୁଯାୟୀ ସେଗୁଡ଼ିକ Industrial Infrastructure Advisory Committeeର ସୁପାରିଶକ୍ରମେ ଶିଳ୍ପ ବିଭାଗ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ ହୋଇଛି । ବରଂ ପୋସ୍କୋ କ୍ଷେତ୍ରରେ ଏହା Orissa Industries Facilitation Act - 2004 ଅନୁଯାୟୀ ଗଠିତ ମନ୍ତ୍ରୀସ୍ତରୀୟ କମିଟି ଦ୍ୱାରା ଅନୁମୋଦିତ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିର ସଭ୍ୟମାନେ ହେଲେ ଶିଳ୍ପ ମନ୍ତ୍ରୀ, ଅର୍ଥ ମନ୍ତ୍ରୀ, ଖଣି ଓ ଇସ୍ପାତ ମନ୍ତ୍ରୀ, ଶକ୍ତି ମନ୍ତ୍ରୀ, ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଏବଂ ପଦସ୍ଥ ବିଭାଗୀୟ ଅଧିକାରୀ । ତେଣୁ ପୋସ୍କୋ କ୍ଷେତ୍ରରେ ସମସ୍ତ ନୀତି ନିୟମ ନିଷ୍ଠା ସହକାରେ ଅନୁପାଳନ କରାଯାଇଛି ।

ସୁତରାଂ, ଏହା ସୁସ୍ପଷ୍ଟ ଯେ ପୋସ୍କୋ ଦ୍ୱାରା ଓଡ଼ିଶାର ଦ୍ରୁତ ଶିଳ୍ପାୟନ ତ୍ୱରାନ୍ୱିତ ହୋଇପାରିବ । ଏହି ପ୍ରକଳ୍ପ ଦ୍ୱାରା ଆମ ରାଜ୍ୟର ଭିତ୍ତିଭୂମିରେ ଯଥେଷ୍ଟ ବିକାଶ ହେବ । ବନ୍ଦର ସମ୍ପ୍ରସାରଣ, ସଡ଼କ, ହାଇୱେ ଓ ରେଳପଥର ବିକାଶ ପ୍ରକଳ୍ପଦ୍ୱାରା ତ୍ୱରାନ୍ୱିତ ହେବ । ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୪୮ ହଜାର ଲୋକ ନିଯୁକ୍ତି ପାଇବେ । ରାଜ୍ୟକୁ ବାର୍ଷିକ ୭୦୦ରୁ ୮୦୦ କୋଟି ଟଙ୍କା ପର୍ଯ୍ୟନ୍ତ ରାଜସ୍ୱ ମିଳିବ । ପୋସ୍କୋ କମ୍ପାନୀ ପରିବେଶର ସୁରକ୍ଷା ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ବିକାଶ ପ୍ରତି ବିଶେଷ ଧ୍ୟାନ ଦେବ । ତେଣୁ ପୋସ୍କୋ ପ୍ରକଳ୍ପ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ବିଶେଷ ସହାୟକ ହେବ ବୋଲି ନିଃସନ୍ଦେହରେ କୁହାଯାଇପାରେ । ଏଭଳି ବୃହତ୍ ଶିଳ୍ପ ପ୍ରତିଷ୍ଠା ପାଇଁ ପଡ଼ୋଶୀ ରାଜ୍ୟମାନେ ଆଗଭର ହୋଇ ଆସୁଥିବା ବେଳେ ଅଯଥା ବିତର୍କ ସୃଷ୍ଟି କରି ଏହାର ବିରୋଧ କରିବା ଓଡ଼ିଶାର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସମୀଚୀନ ନୁହେଁ ।

** ବୁଝାମଣାପତ୍ରର ଅବିକଳ ନକଲ ରାଜ୍ୟ ସରକାରଙ୍କ ୱେବସାଇଟ (www.orissagov.nic.in)ରେ ଉପଲବ୍ଧ ।

ମନ୍ତ୍ରୀ, ଇସ୍ପାତ ଓ ଖଣି
ଏବଂ ସଂସଦୀୟ ବ୍ୟାପାର ବିଭାଗ
ଭୁବନେଶ୍ୱର



ଗୋଷ୍ଠୀଭିତ୍ତିକ ଗ୍ରାମ୍ୟ ପାଇପ୍ ଜଳଯୋଗାଣ ପ୍ରକଳ୍ପ, ମୂଳକୁମାରୀ

Click Here & Upgrade
Expanded Features
Unlimited Pages
PDF Complete Documents



# ସୂଚନା ଅଧିକାର ଆଇନ - ୨୦୦୫

ତାରାକାନ୍ତ ମହାନ୍ତି

ବହୁ ପ୍ରତୀକ୍ଷିତ ସୂଚନା ଅଧିକାର ବିଲ୍-୨୦୦୪ ଅବଶେଷରେ ୨୦୦୫ ମସିହା ପାର୍ଲାମେଣ୍ଟ ଅଧିବେଶନ କାଳରେ ଲୋକସଭାରେ ମଇ ୧୧ ତାରିଖ ଓ ରାଜ୍ୟସଭାରେ ମଇ ୧୨ ତାରିଖ ଦିନ ପାରିତ ହେଲା । ଏହା ୨୦୦୫ ମସିହା ଜୁନ୍ ୧୫ରେ ମାନ୍ୟବର ରାଷ୍ଟ୍ରପତିଙ୍କ ସମ୍ମତି ବା ଅନୁମୋଦନ ଲାଭ କଲା । ଏହା ଭାରତ ସରକାରଙ୍କ (ଭାରତକା ରାଜପତ୍ର) ବା ଗେଜେଟ୍ ଅଫ୍ ଇଣ୍ଡିଆରେ ଜୁନ୍ ୨୧ ତାରିଖ ୨୦୦୫ ଦିନ ଆଇନ ଓ ବିଚାର ମନ୍ତ୍ରଣାଳୟର (ଲେଜିସ୍ଲେଟିଭ୍ ଡିପାର୍ଟମେଣ୍ଟ) ବା ବିଧି ବିଭାଗ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଯାଇଛି । ଏହି ଆଇନ ଦ୍ୱାରା ଭାରତର ପ୍ରତ୍ୟେକ ନାଗରିକଙ୍କୁ ସମସ୍ତ ବିଷୟରେ ତଥ୍ୟ ଯଥା- ପବ୍ଲିକ୍ ଅଥରିଟି ବା ସର୍ବସାଧାରଣ କର୍ତ୍ତୃପକ୍ଷଙ୍କଠାରୁ ସୂଚନା ପାଇବାରେ ଆଉ ବିଳମ୍ବ ପ୍ରକାଶ ପାଇବ ନାହିଁ । ଏହି ଆଇନ୍ ପ୍ରଣୟନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ/ପବ୍ଲିକ୍ ଅଥରିଟି ବା ସର୍ବସାଧାରଣ କର୍ତ୍ତୃପକ୍ଷଙ୍କଠାରୁ ସୂଚନା ପାଇବାରେ ଭାରତର ନାଗରିକମାନେ ସ୍ୱଚ୍ଛତା ଓ ଉତ୍ତର ଦାୟିତ୍ୱତାକୁ ବଜାୟ ରଖିବା ସଂଗେ ସଂଗେ ଏହା ଦ୍ୱାରା ସର୍ବସାଧାରଣ ସ୍ୱଚ୍ଛନ୍ଦରେ କିପରି ସବୁ ତଥ୍ୟ ପବ୍ଲିକ ଅଥରିଟିଠାରୁ ପାଇପାରିବେ, ତାହାର ବିଧିବଦ୍ଧ ବ୍ୟବସ୍ଥା ଏହି ଆଇନର ଅନ୍ତର୍ଭୁକ୍ତ । ଏହାବ୍ୟତୀତ ଏକ ସେଣ୍ଟ୍ରାଲ ଇନ୍‌ଫରମେସନ୍ କମିଶନ ବା କେନ୍ଦ୍ରୀୟ ସୂଚନା କମିଶନ ଏବଂ ଷ୍ଟେଟ୍ ଇନ୍‌ଫରମେସନ୍ କମିଶନମାନ ଗଠନ କରିବା ବା ରାଜ୍ୟ ସୂଚନା କମିଶନମାନ ଗଠନ କରିବା ଏହି ଆଇନର ହେଉଛି ଅନ୍ୟ ଏକ ବିଶେଷ ଦିଗ ।

## ଇନ୍‌ଫରମେସନ୍ ବା ସୂଚନା

ଇନ୍‌ଫରମେସନ୍ ବା ସୂଚନାର ସଂଜ୍ଞା ହେଉଛି ସମସ୍ତ ସୂଚନାବସ୍ତୁ ଯଥା- ରେକର୍ଡ଼ସ୍, ଡକ୍ୟୁମେଣ୍ଟ, ମେମୋଜ୍, ଇ-ମେଲ୍ ଓପିନିୟନସ୍ (ମତାମତ), ଆଡଭାଇସ (ପରାମର୍ଶ) ପ୍ରେସ୍ ରିଲିଜ୍‌ମାନ, ସର୍କୁଲାର୍ସ, ଅର୍ଡରସ୍ (ଆଦେଶନାମା), ଲଗ୍‌ବୁକ୍‌ସ, କଣ୍ଟ୍ରାକ୍ଟସ୍ (ଚୁକ୍ତିନାମା), ଆନୁଷଙ୍ଗିକ କାଗଜପତ୍ର, ସାଂପୁଲ୍‌ସ, ମଡେଲ୍ସ (ନମୁନା), ଡାଟା ମ୍ୟାଟେରିଆଲ୍ସ ଯାହାକି ଇଲେକ୍‌ଟ୍ରୋନିକ୍‌ସ ଗଣମାଧମ ଦ୍ୱାରା ସଂରକ୍ଷିତ ହୋଇ ରଖାଯାଇଥାଏ, ତାହାକୁ ଉପଲବ୍‌ଧ କରିବା । ଏହା ବ୍ୟତୀତ ଘରୋଇ ସଂସ୍ଥାମାନଙ୍କରୁ ମଧ ତଥ୍ୟ ଆହରଣ କରିବା ପ୍ରୟାସ ସହଜସାଧ୍ୟ ହେବ । ଏହାର ଅନ୍ୟ ଏକ ଦିଗ ହେଉଛି ଏହି ଆଇନ ପ୍ରଣୟନ କରିବାର ୧୦୦ ଦିନ ମଧରେ ପ୍ରତ୍ୟେକ ପବ୍ଲିକ୍ ଅଥରିଟି ବା ସର୍ବସାଧାରଣ କର୍ତ୍ତୃପକ୍ଷ ବ୍ୟକ୍ତିବିଶେଷଙ୍କୁ ସୂଚନା ଯୋଗାଇ ଦେବା ପାଇଁ ସମସ୍ତ ପ୍ରଶାସନିକ ୟୁନିଟ୍, ସଂସ୍ଥା ଏବଂ କାର୍ଯ୍ୟାଳୟମାନଙ୍କରେ ଯେତେଦୂର ସମ୍ଭବ ସେତେଜଣ ଯଥା- କେନ୍ଦ୍ରୀୟ ସୂଚନା ଅଧିକାରୀ, ରାଜ୍ୟସ୍ତରୀୟ ସୂଚନା ଅଧିକାରୀମାନଙ୍କୁ ଚିହ୍ନଟ କରାଇ ଅବସ୍ଥାପିତ କରିବେ । ଏହାବ୍ୟତୀତ ଏହି ଆଇନ ଅନୁଯାୟୀ ପ୍ରତ୍ୟେକ ସବ୍‌ଡିଭିଜନସ୍ତର ବା ଉପଖଣ୍ଡୀୟ ସ୍ତରରେ ବା ଉପଜିଲ୍ଲା ସ୍ତରରେ ଜଣେ କେନ୍ଦ୍ରୀୟ ଆସିଷ୍ଟାଣ୍ଟ ପବ୍ଲିକ୍ ଇନ୍‌ଫରମେସନ୍ ଅଫିସରଙ୍କୁ ଚିହ୍ନଟ କରାଇ ଅବସ୍ଥାପିତ କରିବେ ଓ ସେ ଦରଖାସ୍ତ ଏବଂ ଆବଶ୍ୟକୀୟ ସୂଚନା ପାଇବା ପାଇଁ ନାଗରିକମାନେ ଯେଉଁ ଦରଖାସ୍ତ ଦେଇଥିବେ ବା ଏହି ଆଇନ ଅନୁସାରେ ଅପିଲ୍ କରିଥିବେ ସେଗୁଡ଼ିକୁ ସେଣ୍ଟ୍ରାଲ୍ ପବ୍ଲିକ୍ ରିଲେସନ୍ ଅଫିସର ବା ଷ୍ଟେଟ୍ ପବ୍ଲିକ୍ ଇନ୍‌ଫରମେସନ୍ ଅଫିସର ବା ବରିଷ୍ଠ ଅଧିକାରୀଙ୍କୁ ପ୍ରଦାନ କରିପାରିବେ ।

ଏହି ଆଇନ ବଳରେ ସାଧାରଣ ନାଗରିକ ଯେପରି ପର୍ଯ୍ୟାପ୍ତ ସୂଚନା ପାଇପାରିବେ ତାହାର ବିଶଦ ବିବରଣୀ ଏହି ୨୨ ପୃଷ୍ଠା ବ୍ୟାପୀ ଗେଜେଟ୍‌ରେ ସବିଶେଷ ଉଲ୍ଲେଖ ରହିଛି ।

## ସେଣ୍ଟ୍ରାଲ ଇନ୍‌ଫରମେସନ୍ କମିଶନ ବା କେନ୍ଦ୍ରୀୟ ସୂଚନା କମିଶନ

କେନ୍ଦ୍ର ସରକାର ଏକ ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ଜାରି କରି ସେଣ୍ଟ୍ରାଲ୍ ଇନ୍‌ଫରମେସନ୍ କମିଶନ ଗଠନ କରିପାରିବେ । ଏହି ସେଣ୍ଟ୍ରାଲ ଇନ୍‌ଫରମେସନ୍ କମିଶନରେ ଜଣେ ମୁଖ୍ୟ ସୂଚନା କମିଶନର ବା ଚିଫ୍ ଇନ୍‌ଫରମେସନ୍ କମିଶନର ଏବଂ ତାଙ୍କ ବ୍ୟତୀତ ସେଣ୍ଟ୍ରାଲ ଇନ୍‌ଫରମେସେନ୍ କମିଶନର ଯେଉଁ ନିଯୁକ୍ତି ଦେଇଥିବେ ଯାହାଙ୍କ ସଂଖ୍ୟା ୧୦ରୁ ଉର୍ଦ୍ଧ୍ୱ ହେବ ନାହିଁ । ଚିଫ୍ ଇନ୍‌ଫରମେସନ୍ କମିଶନର ଏବଂ ଇନ୍‌ଫରମେସନ୍ କମିଶନରମାନେ ମାନ୍ୟବର ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତି ପାଇବେ । ନିମ୍ନଲିଖିତ ଗଣ୍ୟମାନ୍ୟ ବ୍ୟକ୍ତିମାନଙ୍କ ଦ୍ୱାରା ସଙ୍ଗଠିତ ହୋଇଥିବା କମିଟିଙ୍କ ସୁପାରିଶକ୍ରମେ ଯାହାର ଅଧ୍ୟକ୍ଷ ଖୋଦ୍ ପ୍ରଧାନମନ୍ତ୍ରୀ ହୋଇଥିବେ ଏବଂ ଅନ୍ୟ ଦୁଇଜଣ ଗଣ୍ୟମାନ୍ୟ ବ୍ୟକ୍ତି ହେଲେ ଲୋକସଭାର ବିରୋଧୀ ଦଳର ନେତା ଏବଂ ପ୍ରଧାନମନ୍ତ୍ରୀଙ୍କ

Click Here & Upgrade
Expanded Features
Unlimited Pages
PDF Complete
Documents



ଦ୍ୱାରା ମନୋନୀତ ହୋଇଥିବା ଜଣେ ୟୁନିୟନ କ୍ୟାବିନେଟ୍ ମନ୍ତ୍ରୀ । ଚିଫ୍ ଇନ୍‌ଫରମେସନ୍ କମିଶନରଙ୍କର ଅବଧି ହେଉଛି ୫ ବର୍ଷ । ୬୫ ବର୍ଷରୁ ଉର୍ଦ୍ଧ୍ୱ ବୟସରେ ପଦାର୍ପଣ କରିଥିବା କୌଣସି ବ୍ୟକ୍ତି ବା ଅଧିକାରୀ ଉକ୍ତ ପଦବୀ ପାଇଁ ଯୋଗ୍ୟବିବେଚିତ ହେବେ ନାହିଁ ବା ତାଙ୍କୁ ନିଯୁକ୍ତି ଦିଆଯାଇ ପାରିବ ନାହିଁ । ଚିଫ୍ ଇନ୍‌ଫରମେସନ୍ କମିଶନର ବା ମୁଖ୍ୟ ସୂଚନା କମିଶନର ମୁଖ୍ୟ ନିର୍ବାଚନ କମିଶନରଙ୍କର ସମକକ୍ଷ ହୋଇଥିବେ । ସୂଚନା କମିଶନର ମଧ୍ୟ ତତ୍ତୁଲ୍ୟ ଇଲେକ୍‌ସନ କମିଶନର ବା ନିର୍ବାଚନ କମିଶନରଙ୍କ ପାହ୍ୟା ହୋଇଥିବେ ।

### ଷ୍ଟେଟ୍ ଇନ୍‌ଫରମେସନ କମିଶନ ବା ରାଜ୍ୟ ସୂଚନା କମିଶନ

ଏହି ଆଇନ୍ ବଳରେ ପ୍ରତ୍ୟେକ ରାଜ୍ୟ ସରକାର ଅଫିସିଆଲ୍ ଗେଜେଟରେ ବିଜ୍ଞପ୍ତି ଜାରି କରି ଅନୁରୂପ କମିଶନ ଗଠନ କରିପାରିବେ । ଏଥିରେ ଜଣେ ଷ୍ଟେଟ୍ ଚିଫ୍ ଇନ୍‌ଫରମେସନ୍ କମିଶନର ବା ରାଜ୍ୟ ମୁଖ୍ୟ ସୂଚନା କମିଶନର ରହିବେ ଓ ୧୦ ଜଣରୁ ଉର୍ଦ୍ଧ୍ୱ ଷ୍ଟେଟ୍ ଇନ୍‌ଫରମେସନ୍ କମିଶନର ବା ରାଜ୍ୟ ସୂଚନା କମିଶନର ରହିପାରିବେ ନାହିଁ । ଷ୍ଟେଟ୍ ଚିଫ୍ ଇନ୍‌ଫରମେସନ୍ କମିଶନର ଓ ଷ୍ଟେଟ୍ ଇନ୍‌ଫରମେସନ୍ କମିଶନର ସେହି ରାଜ୍ୟର ରାଜ୍ୟପାଳ ଏକ କମିଟିର ସୁପାରିଶକ୍ରମେ ନିଯୁକ୍ତି ଦେଇପାରିବେ । ଉକ୍ତ କମିଟିର ଅଧ୍ୟକ୍ଷ ସେହି ରାଜ୍ୟର ଖୋଦ୍ ମୁଖ୍ୟମନ୍ତ୍ରୀ ହୋଇଥିବେ ଏବଂ ଅନ୍ୟ ଦୁଇ ଜଣ ହେଲେ ରାଜ୍ୟ ବିରୋଧୀ ଦଳର ନେତା ଏବଂ ମୁଖ୍ୟମନ୍ତ୍ରୀଙ୍କ ମନୋନୀତ ହୋଇଥିବା ଜଣେ କ୍ୟାବିନେଟ୍ ମନ୍ତ୍ରୀ । ଷ୍ଟେଟ୍ ଚିଫ୍ ଇନ୍‌ଫରମେସନ୍ କମିଶନର ବା ରାଜ୍ୟ ମୁଖ୍ୟ ସୂଚନା କମିଶନର ଇଲେକ୍‌ସନ୍ କମିଶନରଙ୍କ ପାହ୍ୟା ବା ତତ୍ତୁଲ୍ୟ ହୋଇଥିବେ ଏବଂ ଷ୍ଟେଟ୍ ଇନ୍‌ଫରମେସନ୍ କମିଶନର ବା ରାଜ୍ୟ ସୂଚନା କମିଶନର ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ପାହ୍ୟା ବା ତତ୍ତୁଲ୍ୟ ହୋଇଥିବେ ।

### ସୂଚନା ପ୍ରଦାନ କରୁଥିବା ଅଫିସରଙ୍କ ବିରୁଦ୍ଧରେ ଦଣ୍ଡ ବିଧାନ

ଯେଉଁ ସ୍ଥଳରେ ସେଣ୍ଟ୍ରାଲ ପବ୍ଲିକ୍ ଇନ୍‌ଫରମେସନ୍ ଅଫିସର ବା ଷ୍ଟେଟ୍ ପବ୍ଲିକ୍ ଇନ୍‌ଫରମେସନ୍ ଅଫିସର ସୂଚନା ଦେବାକୁ କୁଣ୍ଠିତ ହୁଅନ୍ତି ବା ରୋକ୍‌ଠୋକ୍ ମନା କରିଦିଅନ୍ତି, ଦରଖାସ୍ତ ଗ୍ରହଣ କରନ୍ତି ନାହିଁ କିମ୍ବା ଭୁଲ୍ ବା ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରନ୍ତି ବା ସତ୍ୟର ଅପଳାପ କରନ୍ତି, ସେ କ୍ଷେତ୍ରରେ ସେଣ୍ଟ୍ରାଲ୍ ପବ୍ଲିକ୍ ଇନ୍‌ଫରମେସନ୍ କମିଶନ ଓ ଷ୍ଟେଟ୍ ପବ୍ଲିକ ଇନ୍‌ଫରମେସନ୍ କମିଶନ ଏବଂ ସୂଚନା ପ୍ରଦାନ ଅଧିକାରୀଙ୍କୁ ସୂଚନା ମାଗି ମାଗି ଥକି ପଡ଼ିଥିବା ନାଗରିକଙ୍କୁ କୌଣସି କ୍ଷେତ୍ରରେ ସଠିକ୍ ତଥ୍ୟ ପ୍ରଦାନ ନକରନ୍ତି, ତେବେ ଯେଉଁ କ୍ଷେତ୍ରରେ ନାଗରିକ ସୂଚନା ପାଇପାରିନାହାନ୍ତି ବା ସୂଚନା ପ୍ରଦାନ କରା ନହୋଇଥାଏ, ସେହି କ୍ଷେତ୍ରରେ ଦାୟିତ୍ୱବୋଧ ନଥିବା ସୂଚନା ଅଧିକାରୀଙ୍କୁ ଦୈନିକ ୨୫୦ ଟଙ୍କା ଜୋରିମାନା ଦେବାକୁ ପଡ଼ିବ, ସେମାନେ ଯେତେ ଦିନ ପର୍ଯ୍ୟନ୍ତ ସୂଚନା ପ୍ରଦାନ ନକରିଛନ୍ତି ଏବଂ ଏହା କୌଣସି କ୍ଷେତ୍ରରେ ୨୫ ହଜାରରୁ ଉର୍ଦ୍ଧ୍ୱ ହୋଇପାରିବ ନାହିଁ ।

ସୂଚନା ଅଧିକାର ଆଇନ୍ ୨୦୦୫କୁ ଆମ ରାଜ୍ୟରେ କାର୍ଯକାରୀ କରିବା ପାଇଁ ମୁଖ୍ୟ ଶାସନ ସଚିବ ବିଭିନ୍ନ ବିଭାଗର ସଚିବସ୍ତରୀୟ ବୈଠକରେ ଏହାକୁ ଅକ୍ଟୋବର ୧୨ ତାରିଖ, ୨୦୦୫ରୁ ବିଧିବଦ୍ଧ ଏବଂ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦେଇସାରିଲେଣି ଏବଂ ଆବଶ୍ୟକୀୟ ନଥିପତ୍ର ପ୍ରସ୍ତୁତି ଓ ତଥ୍ୟ ସଂଗ୍ରହ ପାଇଁ ସେମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆସରିଲାଣି । ସୂଚନା ଅଧିକାର ଆଇନ୍ ୨୦୦୫ (Right to Information Act - 2005) ପ୍ରଣୟନ ଦିନରୁ ଓ ଏହାର ୧୨୦ ଦିନ ମଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । Freedom of Information Act-2002ବା ସୂଚନା ସ୍ୱାଧୀନ ଆଇନ୍ ୨୦୦୨ର ଉଚ୍ଛେଦ ହୋଇସାରିଲାଣି । ଏହି ଆଇନ୍ ବସ୍ତୁତଃ ଅକାମୀ ହୋଇପଡ଼ିଲାଣି ।

ଦାରିଦ୍ର୍ୟ ସୀମାରେଖା ତଳେ ଯେଉଁ ନାଗରିକ ରହିଥିବେ, ସେମାନେ ସବୁ କାର୍ଯ୍ୟାଳୟରୁ ସୂଚନା ପାଇପାରିବେ । ଏଥିପାଇଁ ତାଙ୍କୁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ, କିନ୍ତୁ ସ୍ୱଚ୍ଛଳ ବର୍ଗଙ୍କ ପାଇଁ ସେମାନେ ମାଗୁଥିବା ତଥ୍ୟ ବା ଡକ୍ୟୁମେଣ୍ଟ ପାଇଁ ତାଙ୍କୁ ସାମାନ୍ୟ ଦେୟ ଦେବାକୁ ପଡ଼ିବ ।

ରାଜ୍ୟରେ ତଥ୍ୟ ଜାଣିବାର ଆଇନକୁ ଆଗାମୀ ଅକ୍ଟୋବର ୧୨ ତାରିଖରୁ ବିଧିବଦ୍ଧ ଭାବେ କାର୍ଯ୍ୟକାରୀ କରାଇବା ପାଇଁ ମୁଖ୍ୟଶାସନ ସଚିବ ଡକ୍ଟର ସୁବାସ ପାଣିଙ୍କ ଅଧକ୍ଷତାରେ ଉଚ୍ଚ କ୍ଷମତା ସଂପନ୍ନ ୧୧ ଜଣିଆ ସଚିବସ୍ତରୀୟ କୋର କମିଟି ଗଠନ କରାଯାଇଛି । ଏଥି ସଙ୍ଗେ ସଙ୍ଗେ ଆଇନ ସଂକ୍ରାନ୍ତରେ ଯୋଜନାବଦ୍ଧ ଭାବରେ ପ୍ରଶିକ୍ଷଣ ପ୍ରଦାନ କରିବା ନିମନ୍ତେ ବିଭିନ୍ନ ଅନୁଷ୍ଠାନଗୁଡ଼ିକୁ ଚିହ୍ନଟ କରାଯାଇଛି ।

ରାଜ୍ୟ ସରକାର ଏହି ଆଇନକୁ କାର୍ଯ୍ୟକାରୀ କରାଇବା ପାଇଁ ଯେଉଁ ସବୁ ପଦକ୍ଷେପ ଗ୍ରହଣ କରାଇବା ଆବଶ୍ୟକ, ସେ ସଂକ୍ରାନ୍ତରେ ସମନ୍ୱୟ ରକ୍ଷା କରିବା ଏବଂ ଦିଗ୍‌ଦର୍ଶନ ଦେବା ନିମନ୍ତେ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଯେଉଁ କୋର କମିଟି ଗଠିତ ହୋଇଛି, ସେଥିରେ ଉନ୍ନୟନ କମିଶନର, କୃଷି ଉତ୍ପାଦନ କମିଶନର, ଅର୍ଥ, ଘରୋଇ, ରାଜସ୍ୱ, ଆଇନ, ସରକାରୀ ଉଦ୍ୟୋଗର ପ୍ରମୁଖ ସଚିବବୃନ୍ଦ, ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ସଚିବ ଓ ପଞ୍ଚାୟତିରାଜ ବିଭାଗ ଶାସନ ସଚିବ ଏଥିରେ ସଦସ୍ୟ ରହିବେ ।

ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଯେଉଁ ସମ୍ବଳର ଆବଶ୍ୟକତା ରହିଛି, ତାହାର ଆକଳନ କରିବା ସଙ୍ଗେ ସଙ୍ଗେ ଏଥିପାଇଁ ସ୍ୱତନ୍ତ୍ର ପାଣ୍ଠି ଗଠନ କରାଯିବା ସକାଶେ ସ୍ଥିରୀକୃତ ହୋଇଛି । ଅର୍ଥ ବିଭାଗ ପକ୍ଷରୁ ଏଥିନିମନ୍ତେ ପ୍ରକ୍ରିୟା ଆରମ୍ଭ କରାଯିବ । ଆଇନକୁ ଯେଉଳି ନିର୍ଦ୍ଦିଷ୍ଟ ସମୟ ସୀମା ମଧରେ କାର୍ଯ୍ୟକାରୀ କରାଯିବ । ସେଥିପାଇଁ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ନିୟମାବଳୀ ପ୍ରସ୍ତୁତ କରାଯାଇଛି । କାରଣ ଏହି ନିୟମାବଳୀ ଆଧାରରେ ଆଇନ କାର୍ଯ୍ୟକାରୀ ହେବ । କେନ୍ଦ୍ର ସରକାର ଆଇନ ପ୍ରସ୍ତୁତ କରି ନିୟମାବଳୀ ପ୍ରଣୟନ ନିମନ୍ତେ ରାଜ୍ୟ ସରକାରଙ୍କୁ ଅଧିକାର ପ୍ରଦାନ କରିଛନ୍ତି । ରାଜ୍ୟ ସ୍ତରରେ ଏହି ଆଇନ ସଂକ୍ରାନ୍ତରେ ପ୍ରଶିକ୍ଷଣ ପ୍ରଦାନ କରିବା

Click Here & Upgrade
Expanded Features
Unlimited Pages
PDF Complete



ପାଇଁ ଗୋପବନ୍ଧୁ ପ୍ରଶାସନ ଏକାଡେମୀକୁ ଦାୟିତ୍ୱ ଦେବାପାଇଁ ସ୍ଥିର ହୋଇଛି । ଏଥି ସଙ୍ଗେସଙ୍ଗେ ତ୍ରିସ୍ତରୀୟ ପଞ୍ଚାୟତିରାଜ ସଂଗଠନଗୁଡ଼ିକୁ ପ୍ରଶିକ୍ଷଣ ଦେବା ପାଇଁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପଦକ୍ଷେପ ଗ୍ରହଣ କରିବେ । ସ୍ୱେଚ୍ଛାସେବୀ ସଂଗଠନ ଏବଂ ଏଥିସହିତ ସଂପୃକ୍ତ ବ୍ୟକ୍ତିମାନଙ୍କୁ ପ୍ରଶିକ୍ଷଣ ଦେବା ସକାଶେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ସଂସ୍ଥା (ଓସ୍ଡମା)କୁ ଦାୟିତ୍ୱ ଅର୍ପଣ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । କାରଣ ଓସ୍ଡମା ସ୍ୱେଚ୍ଛାସେବୀ ସଂଗଠନମାନଙ୍କର ତାଲିକା ରଖିବା ସଙ୍ଗେସଙ୍ଗେ ପୂର୍ବରୁ ପ୍ରଶିକ୍ଷଣ ପ୍ରଦାନ କରିବା ଦାୟିତ୍ୱ ତୁଲାଇଛନ୍ତି । ପ୍ରଶିକ୍ଷଣ ପ୍ରଦାନ ସଙ୍ଗେସଙ୍ଗେ ରାଜ୍ୟ ଜିଲ୍ଲା ପଞ୍ଚାୟତ ସମିତି ସ୍ତରରେ କର୍ମଶାଳାମାନ ଆୟୋଜନ କରାଯାଇ ଏ କ୍ଷେତ୍ରରେ ସଚେତନତା ବଢ଼ାଇବା ସକାଶେ ସରକାର ପଦକ୍ଷେପ ଗ୍ରହଣ କରିବେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ପ୍ରତ୍ୟେକ ବିଭାଗ ସର୍ବସାଧାରଣ ସଂସ୍ଥାମାନେ ସୂଚନା ଅଧିକାରୀ ଓ ସହସୂଚନା ଅଧିକାରୀମାନଙ୍କୁ ଚିହ୍ନଟ କରିବା ସଙ୍ଗେସଙ୍ଗେ ତାଙ୍କ ଉପରେ ଅପିଲ୍ ଅଧିକାରୀମାନଙ୍କୁ ନାମିତ କରିବା ସକାଶେ ପଦକ୍ଷେପ ଗ୍ରହଣ କରିବା ପାଇଁ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ସୂଚିତ କରି ଦିଆଯାଇଛି । ଏଥି ସଙ୍ଗେସଙ୍ଗେ ସୂଚନା କମିଶନର ଏବଂ ସୂଚନା କମିଶନରମାନଙ୍କୁ ଅବସ୍ଥାପିତ କରିବା ପାଇଁ ରାଜ୍ୟ ସରକାର ଖୁବ୍ ଶୀଘ୍ର ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳନେତା ଓ ମନ୍ତ୍ରିମଣ୍ଡଳର ଜଣେ ସଦସ୍ୟଙ୍କୁ ନେଇ ଏକ ଚୟନ କମିଟି ଗଠନ କରିବାକୁ ସ୍ଥିର କରିଛନ୍ତି । ରାଜ୍ୟ ସୂଚନା କମିଶନ ହାତରେ ତଥ୍ୟ ସଂଗ୍ରହ ପାଇଁ ଅଖଣ୍ଡ କ୍ଷମତା ରହିବ । ଏହା ସହିତ ଯେଉଁ ସବୁ ସଂସ୍ଥାଗୁଡ଼ିକ ସଂକ୍ରାନ୍ତରେ ତଥ୍ୟପଦାକୁ ଜାରି କରାଯିବ ନାହିଁ, ସେଗୁଡ଼ିକୁ ମଧ୍ୟ ଚିହ୍ନଟ କରାଯିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି ।

**ସୂଚନା ଅଧିକାରୀମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ବ୍ୟବସ୍ଥା**

ସୂଚନା ଜାଣିବାର ଅଧିକାର ଆଇନ୍ ସଂକ୍ରାନ୍ତରେ ଯୋଜନାବଦ୍ଧ ପ୍ରଶିକ୍ଷଣ ପ୍ରଦାନ କରିବା ନିମନ୍ତେ ରାଜ୍ୟ ସରକାର ଏକ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିଛନ୍ତି । ରାଜ୍ୟସ୍ତରଠାରୁ ଆରମ୍ଭ କରି ପଞ୍ଚାୟତସ୍ତର ପର୍ଯ୍ୟନ୍ତ କାର୍ଯ୍ୟରତ ଅଧିକାରୀମାନଙ୍କୁ ଏ ସଂକ୍ରାନ୍ତରେ ପ୍ରଶିକ୍ଷଣ ପ୍ରଦାନ କରାଯିବ ।

ମୁଖ୍ୟ ଶାସନ ସଚିବ ଡଃ ସୁବାସ ପାଣିଙ୍କ ଅଧ୍ୟକ୍ଷତାରେ ଗଠିତ କୋର୍ କମିଟି ଏଥିସକାଶେ ସୁବିସ୍ତୃତ ପ୍ରଶିକ୍ଷଣ ଯୋଜନାରେ ରୂପରେଖ ପ୍ରସ୍ତୁତ କରୁଥିବା ଜଣାଯାଇଛି । ରାଜ୍ୟସ୍ତରରେ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ଅଧିବାସୀମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ସେହିଭଳି ରାଜ୍ୟ ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଏସ୍.ଆଇ.ଆର୍.ଡି.) ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରତିନିଧିମାନଙ୍କୁ ପ୍ରଶିକ୍ଷଣ ଦେବେ ଏବଂ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ ସଂସ୍ଥା (ଓସ୍ଡମା) ସ୍ୱେଚ୍ଛାସେବୀ ସଂଗଠନମାନଙ୍କୁ ପ୍ରଶିକ୍ଷଣ ଦେବେ ।

ରାଜ୍ୟସ୍ତରରେ ଏଭଳି ପ୍ରଶିକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଥିବା ବେଳେ ପ୍ରତ୍ୟେକ ରାଜସ୍ୱ ଡିଭିଜନ ଅଧୀନରେ ରାଜସ୍ୱ ଆୟୁକ୍ତମାନେ ପ୍ରଶିକ୍ଷଣ ପ୍ରଦାନ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ଏଥିସକାଶେ ପ୍ରଶିକ୍ଷଣ ମାନୁଆଲ୍ ପ୍ରସ୍ତୁତ କରାଯାଇଛି । ବୈଷୟିକ ବିଶେଷଜ୍ଞମାନଙ୍କୁ ଏହାର ପ୍ରବନ୍ଧନ ପାଇଁ ଲୋଡ଼ାଯିବ । କାରଣ ଜୁନ୍ ୧୫ ତାରିଖ ଦିନ ରାଷ୍ଟ୍ରପତି ଏହି ଆଇନ୍‌କୁ ଅନୁମୋଦନ କରିଥିବା ଦୃଷ୍ଟିରୁ ୧୨୦ ଦିନ ମଧ୍ୟରେ ତାହାକୁ କାର୍ଯ୍ୟକାରୀ କରାଯିବ । ଜିଲ୍ଲାସ୍ତରରେ ପ୍ରଶିକ୍ଷଣ ପ୍ରଦାନ ପାଇଁ ଜିଲ୍ଲାପାଳମାନେ ପଦକ୍ଷେପ ଗ୍ରହଣ କରିବେ । ତେବେ ଏହା ପୂର୍ବରୁ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ରାଜସ୍ୱ କମିଶନରଙ୍କ ସ୍ତରରେ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଆଗାମୀ ମାସଠାରୁ ଏହି ପ୍ରଶିକ୍ଷଣ ପ୍ରଦାନ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିବା ସରକାରୀ ସୂତ୍ରରୁ ପ୍ରକାଶ । ତେବେ ଏଥିସକାଶେ ଯେଉଁ ଆର୍ଥିକ ସମ୍ବଳର ଆବଶ୍ୟକତା ରହିଛି, ସେଥିପାଇଁ ଏକ ସ୍ୱତନ୍ତ୍ର ପାଣ୍ଠି ଗଠନ କରାଯିବା ପାଇଁ ବିଚାର ଆଲୋଚନା ଚାଲିଥିବା ଜଣାଯାଇଛି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ସୂଚନା ଓ ଲୋକ ସଂପର୍କ ବିଭାଗ ଇତିମଧ୍ୟରେ ଏହି ନୂତନ ଆଇନ୍ ପାଇଁ ନିୟମାବଳୀ ପ୍ରସ୍ତୁତ କରିବା ସକାଶେ ପଦକ୍ଷେପ ଗ୍ରହଣ କରିଛନ୍ତି । ତେବେ ଏହାକୁ ଆଇନ୍ ବିଶେଷଜ୍ଞମାନେ ତର୍ଜମା କରିବା ସଙ୍ଗେସଙ୍ଗେ ରାଜ୍ୟ ମନ୍ତ୍ରିମଣ୍ଡଳର ବୈଠକରେ ତାହା ଉପରେ ଚର୍ଚ୍ଚା ହେବ । ଏଥିସଙ୍ଗେ ରାଜ୍ୟ ବିଧାନସଭାରେ ନିୟମାବଳୀ ଉପସ୍ଥାପନ କରାଯିବାର ବ୍ୟବସ୍ଥା ରହିଛି । କେନ୍ଦ୍ର ସରକାର ମଧ୍ୟ ଏହି ଆଇନ୍ ଉପରେ ନିୟମାବଳୀ ପ୍ରସ୍ତୁତ କରୁଥିବା ଜଣାଯାଇଛି ।

ପ୍ରଶିକ୍ଷଣ ପ୍ରଦାନ ବ୍ୟବସ୍ଥା ପାଇଁ ପ୍ରଶିକ୍ଷଣକାରୀମାନଙ୍କର ଆବଶ୍ୟକତା ରହିଛି । ଏଥିସକାଶେ ରାଜ୍ୟ ସରକାର ବିଶେଷଜ୍ଞମାନଙ୍କର ସହାୟତା ଲୋଡ଼ିବେ । ସୂଚନା ଅଧିକାର ଆଇନ୍ ସଂକ୍ରାନ୍ତରେ ସଚେତନତା ସୃଷ୍ଟି ପାଇଁ ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରିବା ସକାଶେ ବିଭାଗୀୟ ମନ୍ତ୍ରୀ ଦେବାଶିଷ ନାୟକ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି । କାରଣ ଏହି ଆଇନ୍ ସଂକ୍ରାନ୍ତରେ ଲୋକେ ସଚେତନ ହେବା ଦ୍ୱାରା ସେମାନେ ଏହାର ବିଧିବଦ୍ଧ ସଦୁପଯୋଗ କରିପାରିବେ ।

ଇତିମଧ୍ୟରେ ସୂଚନା କମିଶନ ଗଠନ ନିମନ୍ତେ ପ୍ରକ୍ରିୟା ଜାରି ରହିଛି ଓ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ତିନି ଜଣିଆ କମିଟି ଗଠନ କରାଯାଇଛି । ଏଥିରେ ରାଜ୍ୟ ବିଧାନସଭାର ବିରୋଧୀ ଦଳନେତା ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମନୋନୀତ ରାଜ୍ୟ ପଞ୍ଚାୟତିରାଜ ଓ ସଂସ୍କୃତି ମନ୍ତ୍ରୀ ଡାଃ ଦାମୋଦର ରାଉତ ଅଛନ୍ତି । ଏହି କମିଟିର ସୁପାରିଶକ୍ରମେ ମାନ୍ୟବର ରାଜ୍ୟପାଳ ରାଜ୍ୟ ମୁଖ୍ୟ ସୂଚନା କମିଶନର ଓ ଦଶଜଣଙ୍କ ମଧ୍ୟରେ ସୀମିତ ସୂଚନା କମିଶନରମାନଙ୍କୁ ନିଯୁକ୍ତି ପ୍ରଦାନ କରିବେ ।

ଉପନିର୍ଦ୍ଦେଶକ ତଥା ଉପଶାସନ ସଚିବ
ସୂଚନା ଓ ଲୋକ ସଂପର୍କ ବିଭାଗ, ଭୁବନେଶ୍ୱର

Click Here & Upgrade
Expanded Features
Unlimited Pages
PDF Complete Documents



# ସ୍ୱାଧୀନତା ପରବର୍ତ୍ତୀ - ଭାରତରେ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି

ଅଧ୍ୟାପକ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତ୍‌ସ)

**ସ୍ୱା**ଧୀନତା ପ୍ରାପ୍ତିର ପର ସମୟରେ ଆମ ଦେଶ ଭାରତ ସମଗ୍ର ବିଶ୍ୱରେ ଅର୍ଥନୈତିକ ସ୍ଥିତିରେ ଦ୍ରୁତ ଅଭିବୃଦ୍ଧି ଆଣିବାକୁ ଯାଉଛି । ଅନ୍ୟ ବିକଶିତ ଓ ବିକାଶଶୀଳ ଦେଶମାନଙ୍କ ମଧ୍ୟରେ ତୁଳନା କଲେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ହାର ଅଧିକ । ଅବଶ୍ୟ ଏ କ୍ଷେତ୍ରରେ ଚୀନ ଆମକୁ ପଛରେ ପକାଇ ଦେଇଛି । ରିଜର୍ଭ ବ୍ୟାଙ୍କର ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ବିଶ୍ୱର ଅନ୍ୟ ବିପଣୀକ ଅର୍ଥନୈତିକ ପର୍ଯ୍ୟାୟଭୁକ୍ତ (Emerging Market Economies) ଦେଶମାନଙ୍କ ମଧ୍ୟରେ ଭାରତର ଅଭିବୃଦ୍ଧି ଉତ୍ତମ । ଆଗରୁ ସମଗ୍ର ବିଶ୍ୱର ରାଷ୍ଟ୍ରମାନେ ଭାରତକୁ ଏକ ଗରିବ ଓ ଋଣଗ୍ରସ୍ତ ଦେଶ ଭାବରେ ଚିହ୍ନି ଥିଲେ । ଏବେ କିନ୍ତୁ ସେହି ଅବସ୍ଥା ନାହିଁ । ଆଗରୁ ନିଜ ଦେଶ ଜନତାଙ୍କର ଖାଦ୍ୟ ଚାହିଦା ମେଣ୍ଟାଇବା ପାଇଁ ଅଧିକାଂଶ ସମୟରେ ବିଦେଶ ଉପରେ ନିର୍ଭର କରିବାକୁ ପଡୁଥିଲା । ଭାରତକୁ ବିଶେଷତଃ ବୈଦେଶିକ ଋଣ, ବୈଦେଶିକ ସାହାଯ୍ୟ ଓ ଅନୁକମ୍ପାମୂଳକ ଦାନ ଇତ୍ୟାଦି ଉପରେ ନିର୍ଭର କରି ନିଜର ଅର୍ଥନୈତିକ ଦୈନ୍ୟତା ପ୍ରକାଶ କରିବାକୁ ପଡୁଥିଲା । ବିଶ୍ୱ ମାନଚିତ୍ରରେ ଅବହେଳିତ ଓ ରୋଗାକ୍ରାନ୍ତ ଅନୁନ୍ନତ ଆଫ୍ରିକୀୟ ଦେଶମାନଙ୍କ ଭଳି ଭାରତ ଏକ କାଙ୍ଗାଳ ପୃଷ୍ଟିସାର ବିହୀନ ଭୁଭୁକ୍ଷୁ ମା' ଓ ଶିଶୁର ଭିକ୍ଷାଥାଳ ଧରି ସାହାଯ୍ୟ ପାଇଁ ଆବେଦନ କରୁଥିବାର ଯେଉଁ ଲଜ୍ଜାକର ଚିତ୍ର ଭାରତ ପାଇଁ ଚିତ୍ରଣ କରାଯାଇଥିଲା - ଆଜି ସେହି ଅବସ୍ଥାରେ ଆମର ଢେର୍ ପରିବର୍ତ୍ତନ ଆସିଛି । ଆମେ ଆମ ଅନ୍ତରୀଣ ଖାଦ୍ୟଶସ୍ୟ ଉତ୍ପାଦନ ଓ ବଣ୍ଟନର ଆତ୍ମନିର୍ଭରଶୀଳ । କହିବାକୁ ଗଲେ ଆତ୍ମନିର୍ଭରଶୀଳ ନୁହଁ ବରଂ ଆମ ଦେଶରୁ ଅନ୍ୟ ଦେଶମାନଙ୍କୁ କୃଷିଜାତ ସାମଗ୍ରୀ ତଥା ପ୍ରମୁଖ ଖାଦ୍ୟଶସ୍ୟ ରପ୍ତାନି ଆମ ଦେଶର କୃଷି, ଜଳସେଚନ, ରୋଗପୋକ ନିରୋଧ ପାଇଁ କୀଟନାଶକ, ସାର, ଉତ୍ତମ ଗୁଣମାନର ଅଧିକ ଅମଳକ୍ଷମ ବିହନ ବ୍ୟବହାର ସହ ଆଧୁନିକ କୃଷି ଭିତ୍ତିକ ଓ ଅନ୍ୟ ଆନୁଷଙ୍ଗିକ ଜ୍ଞାନକୌଶଳର ଉପଯୋଗ ଆମକୁ ଏ କ୍ଷେତ୍ରରେ ସଫଳତା ଆଣି ଦେଇଛି । ଭିତ୍ତିଭୂମି କ୍ଷେତ୍ରରେ ମଧ୍ୟ ଆମେ ପୂର୍ବାପେକ୍ଷା ଢେର ଉନ୍ନତି ଲାଭ କରିଛେ । ପରିବହନ, ଗଣଯୋଗାଯୋଗ, କୃଷି ଓ ଶିଳ୍ପ ଋଣ ଓ ବିଦ୍ୟୁତ୍ ଯୋଗାଣ, କୃଷି, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ ଇତ୍ୟାଦିରେ ଆମେ ଅନ୍ୟ ବିକଶିତ ଦେଶମାନଙ୍କ ସହ ସମତାଳରେ ବିକାଶ ଲାଭ କରିପାରିନଥିଲେ ମଧ୍ୟ ଆଗାମୀ କିଛି ବର୍ଷ ମଧ୍ୟରେ ସେମାନଙ୍କୁ ପଛରେ ପକାଇ ଯିବାର ଅଭିବୃଦ୍ଧି ହାର ହାସଲ କରିଯିବାର ଆମର ଅଶେଷ ସାମର୍ଥ୍ୟ ରହିଛି । ନିଜ ଦେଶର ଆର୍ଥିକ ଗୁଜରାଣ ମେଣ୍ଟାଇବା ପାଇଁ ଯେଉଁ ଦେଶ ଋଣ ପାଇଁ ଅନ୍ୟ ଦେଶ ଆଗରେ ଆସ୍ଥା ହରାଇ ଉଡ଼ାଜାହାଜରେ ଭର୍ତ୍ତି ସୁନାକୁ ନେଇ ଲଣ୍ଡନର ବ୍ୟାଙ୍କରେ ବନ୍ଧା ଦେଇ ଋଣ ପାଇବାରେ ଯୋଗ୍ୟ ହୋଇଥିଲା, ଆଜି ସେହି ଲଜ୍ଜାଜନକ ଅବସ୍ଥା ଆଉ ନାହିଁ । ବିଶ୍ୱବ୍ୟାଙ୍କ୍, ଆନ୍ତର୍ଜାତୀୟ ମୁଦ୍ରାପାଣ୍ଠି ସହ ଅନ୍ୟ ଧନୀକ ରାଷ୍ଟ୍ରମାନେ ବିନା ବନ୍ଧକରେ ମାଗିବା କ୍ଷଣି ଆମ ଦେଶରେ ଋଣ ଖଟାଇବା ପାଇଁ ଚାହିଁ ରହିଛନ୍ତି । ଆମେ ମଧ୍ୟ ଋଣ ସର୍ବସ୍ୱ ଅର୍ଥନୀତିରେ ପରିଚାଳିତ ନହୋଇ ନିଜ ଘରୋଇ ଉତ୍ପାଦର ବୃଦ୍ଧି କରି ଅର୍ଥନୀତିରେ ସ୍ୱାବଲମ୍ବୀ ହେବାରେ ଲାଗିଛୁ । ପୁଣି ଅନ୍ୟ ଅଣ-ବିକଶିତ ଓ ପଡ଼ୋଶୀ ରାଷ୍ଟ୍ରମାନଙ୍କୁ ବଡ଼ଭାଇ ପଣିଆରେ ଖାଲି ଋଣ ନୁହଁ, ଜରୁରୀକାଳୀନ ଓ ଅନୁକମ୍ପାମୂଳକ ସାହାଯ୍ୟ ଯୋଗାଇ ଦେବାରେ ଢେର ଆଗରେ ନିଜକୁ ଉପସ୍ଥାପିତ କଲୁଣି ।

ଆମ ଦେଶର ବୈଦେଶିକ ବାଣିଜ୍ୟ ସ୍ଥିତିର ଉନ୍ନତି ଆମ ଭାରତୀୟ ବଂଶଭବଙ୍କ ନିଜ ଦେଶକୁ ସମ୍ବଳ ଯୋଗାଣ ସହ ଅନ୍ୟ ରାଷ୍ଟ୍ରରେ ଉଚ୍ଚ ଧୀ-ଜ୍ଞାନକୌଶଳ ବିତରଣ ପାଇଁ ନିଯୁକ୍ତ ଭାରତୀୟଙ୍କ ବୈଦେଶିକ ମୁଦ୍ରା ପ୍ରେରଣ ଆଦି କାରଣଗୁଡ଼ିକ ଯୋଗୁଁ ଆମ ବୈଦେଶିକ ମୁଦ୍ରାଭଣ୍ଡାର ବିଶ୍ୱର ଅନ୍ୟ ପ୍ରମୁଖ ରାଷ୍ଟ୍ରମାନଙ୍କଠାରୁ ଅପେକ୍ଷାକୃତ ଅଧିକ ବୈଦେଶିକ ମୁଦ୍ରା ଗଚ୍ଛିତ ରଖି ପାରିଛି ଓ ଆବଶ୍ୟକ ସ୍ଥଳେ ଅନ୍ୟ ଦେଶମାନଙ୍କୁ ବୈଦେଶିକ ମୁଦ୍ରା ଋଣ ଆକାରରେ ବା ସାହାଯ୍ୟ ଆକାରରେ ଯୋଗାଇ ଦେଇପାରୁଛି । ଆମ ବୈଦେଶିକ ମୁଦ୍ରାର ଗଚ୍ଛିତ ଭଣ୍ଡାର କେଉଁ ଦିନରୁ ବିଲୟନ ଆମେରିକୀୟ ଡଲାରରୁ ଅଧିକ ହେଲାଣି । ଆମ ଦେଶର ନାଗରିକମାନଙ୍କ ମଧ୍ୟରେ ସଂଚୟ ମନୋଭାବର ଢେର ଉନ୍ନତି ଘଟିଛି । ଯାହା ଆମ ଦେଶର ଉଦ୍ୟୋକ୍ତା ସଂସ୍କୃତି ଓ ପୁଂଜି ଗଠନକୁ ତ୍ୱରାନ୍ୱିତ କରିବା ସଂଗେସଂଗେ ଶିଳ୍ପ ଓ ସେବା କ୍ଷେତ୍ରରେ ଢେର ଅର୍ଥନୈତିକ ଅଭିବୃଦ୍ଧି ପ୍ରାପ୍ତ ହେବାରେ ସମର୍ଥ ହେଉଛି । ବିଦେଶରେ ସଂସ୍ଥାପିତ ଭାରତୀୟଙ୍କ ଦ୍ୱାରା ଦେଶକୁ

Click Here & Upgrade
Expanded Features
Unlimited Pages
PDF Complete Documents



ପଠାଯାଉଥିବା ବୈଦେଶିକ ମୁଦ୍ରାର ସ୍ରୋତ ୧୫,୧୭୪ ମିଲିୟନ ଡଲାରରୁ ଅଧିକ-ସେବା ରପ୍ତାନିରୁ ସମ୍ଭବ ହୋଇଛି । ସ୍ୱାଧୀନତାପ୍ରାପ୍ତିର ପରବର୍ଷମାନଙ୍କରେ ଭାରତ ତା'ର ଅର୍ଥନୈତିକ ସ୍ଥିତିରେ ଢେର ଉନ୍ନତି ଆଣିବାରେ ସମର୍ଥ ହୋଇଛି କହିବା ଅତ୍ୟୁକ୍ତି ନୁହଁ କିନ୍ତୁ ବେଳେବେଳେ ଦେଶରେ ଅନୁଭୂତ, ଅନୁକୂଳ ରାଜନୈତିକସ୍ଥିତି, ପ୍ରତିକୂଳ ପାଣିପାଗରୁ ସୃଷ୍ଟ ବନ୍ୟା, ବାତ୍ୟା, ମରୁଡ଼ି ଆଦିର ଭୟାବହତା ଯୋଗୁଁ କେତେକାଂଶରେ ଆମର ଅର୍ଥନୈତିକ ବିକାଶ ବାଧାପ୍ରାପ୍ତ ହେଉଛି । ନଚେତ୍ବା ବିଶ୍ୱର ଏକ ଶ୍ରେଷ୍ଠ ସମୃଦ୍ଧ ଆର୍ଥିକ ସ୍ଥିତିର ଦେଶ ଭାବରେ ବିକାଶ ଲାଭ କରିସାରନ୍ତାଣି । ଗଲା ୨୦୦୨ ଓ ୨୦୦୩ ଆର୍ଥିକ ବର୍ଷରେ ସମଗ୍ର ବିଶ୍ୱର ଅର୍ଥନୈତିକ ଅଭିବୃଦ୍ଧିକୁ ଅନୁମାନ କଲେ ଜାଣିହୁଏ, ଆମ ଦେଶ ଭାରତର ଅଭିବୃଦ୍ଧି ହାର ସମଗ୍ର ବିଶ୍ୱର ଅଭିବୃଦ୍ଧି ହାର (୩%)ଠାରୁ ୪ ଶତାଂଶରୁ ଅଧିକ ଭାଗ ବୃଦ୍ଧି କରିଛି । ବିକଶିତ ରାଷ୍ଟ୍ରମାନଙ୍କ ଅଭିବୃଦ୍ଧି ୧.୮ ଶତାଂଶରେ ସୀମିତ ଥିଲାବେଳେ ଆମ ଭାରତର ଅଭିବୃଦ୍ଧି ହୋଇଛି ପ୍ରାୟ ୮ ଶତାଂଶ । ପୁଣି ବିକାଶଶୀଳ ରାଷ୍ଟ୍ରମାନଙ୍କର ଅଭିବୃଦ୍ଧି ହାରାହାରି ୪ରୁ ୫ ଶତାଂଶ ମଧ୍ୟରେ ରହିଥିଲାବେଳେ ଭାରତ ସେମାନଙ୍କଠାରୁ ପ୍ରାୟ ତିନି ଶତାଂଶରୁ ଅଧିକ ଅଭିବୃଦ୍ଧି କରିଛି । ଏ ଦୃଷ୍ଟିରୁ ଇଣ୍ଡୋନେସିଆ, ମାଲେସିଆ, ମେକ୍ସିକୋ, ପଡ଼ୋଶୀ ପାକିସ୍ଥାନ, ଶ୍ରୀଲଙ୍କା, ଫିଲିପାଇନ୍ସ, ଥାଇଲାଣ୍ଡ ଆଦି ଦେଶ ଭାରତର ବିକାଶ ହାରଠାରୁ ଢେର ପଛରେ (ସାରଣୀ-୧) ।

ସ୍ୱାଧୀନତା ପରେ ରାଷ୍ଟ୍ରୀୟ ଉତ୍ପାଦ ଓ ମୁଣ୍ଡ ପିଛା ହାର କ୍ରମାଗତ (ସାରଣୀ-୨) ଭାବରେ ବୃଦ୍ଧି ପାଇବାରେ ଲାଗିଛି । ୧୯୫୦-୮୦ ତିନି ଦଶକ ମଧ୍ୟରେ ଆମ ଦେଶର ରାଷ୍ଟ୍ରୀୟ ଉତ୍ପାଦର ଅଭିବୃଦ୍ଧି ୩.୫ ଶତାଂଶ ଥିଲାବେଳେ ୧୯୮୦-୯୦ ଦଶକରେ ୫.୫ ଶତାଂଶ ଏବଂ ୧୯୯୦-୨୦୦୦ ଦଶକରେ ଏହା ୬ ଶତାଂଶକୁ ବୃଦ୍ଧି ପାଇଥିଲା । ଆଗାମୀ (୨୦୦୦-୨୦୧୦) ୨୦୧୦ରେ ଶେଷ ହେବାକୁ ଥିବା ଦଶକ ପାଇଁ ଅର୍ଥନୀତିଜ୍ଞମାନେ ଏହି ବୃଦ୍ଧି ହାର ଅନ୍ୟୂନ ୭.୫ ଶତାଂଶ ରହିବା ଅନୁମାନ କରିଛନ୍ତି । ଯାହାଫଳରେ ଭାରତର ବିକାଶଧାରା ଅପ୍ରତିହତ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଦୀର୍ଘ ତିନିଶତ ବର୍ଷର ଇତିହାସକୁ ଅନୁଧ୍ୟାନ କଲେ ଏବଂ ବିଶ୍ୱ ଘରୋଇ ଉତ୍ପାଦରେ ବିଭିନ୍ନ ଦେଶମାନଙ୍କର ଅଂଶକୁ ନିରୀକ୍ଷଣ କଲେ ମଧ୍ୟ ଆମ ଦେଶ ସ୍ୱାଧୀନତା ପରବର୍ତ୍ତୀ ସମୟରେ ତା'ର ଭାଗକୁ ୧୯୯୫ ସୁଦ୍ଧା ୩.୪ରୁ ୪.୬କୁ ବୃଦ୍ଧି କରିଛି । ୧୯୯୫ର ଏହି ତଥ୍ୟରେ ଚୀନର ଭାଗ ୧୦.୯, ଋଷିଆର ଭାଗ ମାତ୍ର ୨.୨ (ସାରଣୀ-୩) । ବର୍ତ୍ତମାନ ପାଇଁ ଆମ ଦେଶର ଅଭିବୃଦ୍ଧିକୁ ଆଠରୁ ଦଶ ଶତାଂଶରେ ପହଞ୍ଚାଇବାକୁ ହେଲେ ଆମକୁ ବିଶେଷତଃ କୃଷିର ଅଭିବୃଦ୍ଧିକୁ ଅନ୍ତତଃ ୪ ଶତାଂଶ, ଶିଳ୍ପ ଓ ସେବାକ୍ଷେତ୍ରରେ ଅନ୍ୟୂନ ୧୫ ଶତାଂଶର ଅଭିବୃଦ୍ଧି ହାସଲ କରିବାକୁ ପଡ଼ିବ । ତା'ହେଲେ ଯାଇ ଆଗାମୀ ଦିନମାନଙ୍କରେ ଭାରତ ଏକ ସ୍ୱୟଂ ସମୃଦ୍ଧ ସ୍ୱାଧୀନ ରାଷ୍ଟ୍ରଭାବରେ ସମଗ୍ର ବିଶ୍ୱରେ ପରିଚିତ ହେବ ଏଥିରେ ସନ୍ଦେହ ନାହିଁ ।

### ସାରଣୀ-୧

### ବିଶ୍ୱରେ ଘରୋଇ ଉତ୍ପାଦର ଅଭିବୃଦ୍ଧି ହାର - ଶତାଂଶରେ

| ଦେଶ | ୨୦୦୨ | ୨୦୦୩* | ଦେଶ | ୨୦୦୨ | ୨୦୦୩ |
|---|---|---|---|---|---|
| ସମଗ୍ର ବିଶ୍ୱ | ୩.୦୦ | ୩.୨ | **ଭାରତ | ୪.୩ | ୭.୦ |
| ବିକଶିତ ରାଷ୍ଟ୍ର | ୧.୮ | ୧.୮ | ଇଣ୍ଡୋନେସିଆ | ୩.୭ | ୩.୫ |
| ବିକାଶଶୀଳ ରାଷ୍ଟ୍ର | ୪.୬ | ୫.୦ | ମାଲେସିଆ | ୪.୧ | ୪.୨ |
| ଆର୍‌ଜେଣ୍ଟିନା | ୧୦.୯ | ୫.୫ | ମେକ୍ସିକୋ | ୦.୭ | ୧.୫ |
| ବଙ୍ଗଳାଦେଶ | ୪.୯ | ୫.୪ | ପାକିସ୍ଥାନ | ୪.୪ | ୫.୪ |
| ବ୍ରାଜିଲ | ୧.୫ | ୧.୫ | ଫିଲିପାଇନ୍ସ | ୪.୪ | ୪.୦ |
| ଚିଲି | ୨.୧ | ୩.୩ | ଶ୍ରୀଲଙ୍କା | ୪.୦ | ୫.୫ |
| ଚାଇନା | ୮.୦ | ୭.୫ | ଥାଇଲାଣ୍ଡ | ୫.୩ | ୫.୦ |

* ଆଇ.ଏମ୍.ଏଫ୍. ପ୍ରୋଜେକ୍ଟସ - ଅପ୍‌ୱାର୍ଡ଼ ବାଇଆସ୍

** ଭାରତ ପାଇଁ ସି.ଏସ୍.ଓ. (ସେଣ୍ଟ୍ରାଲ ଷ୍ଟାଟିସ୍‌ଟିକାଲ୍ ଅର୍ଗାନାଇଜେସନ) ଏପ୍ରିଲଠାରୁ ମାର୍ଚ୍ଚ ।

ଆଧାର : ୱାରଲଡ୍ ଇକୋନୋମିକ୍ ଆଉଟ୍ ଲୁକ୍ (ଦି ହିନ୍ଦୁ, ୨୯.୧.୨୦୦୪, ପୃ.୧୮ରୁ ସଂଗୃହୀତ) ।

Click Here & Upgrade
Expanded Features
Unlimited Pages
PDF Complete Documents



**ସାରଣୀ-୨**

**ଭାରତରେ ଅର୍ଥନୈତିକ ଅଭିବୃଦ୍ଧି (ରାଷ୍ଟ୍ରୀୟ ଉତ୍ପାଦରେ)**

| ବର୍ଷ | ରାଷ୍ଟ୍ରୀୟ ଉତ୍ପାଦ | ମୁଣ୍ଡପିଛା ହାର |
|---|---|---|
| ୧୯୫୦-୧୯୮୦ | ୩.୫ | ୧.୩ |
| ୧୯୮୦-୧୯୯୦ | ୫.୫ | ୩.୫ |
| ୧୯୯୦-୨୦୦୦ | ୬.୦ | ୪.୩ |
| *୨୦୦୦-୨୦୧୦ | ୭.୫ | ୬.୦ |

* ପରିକଳ୍ପିତ

ଆଧାର : ଇଣ୍ଡିଆନ ଇକୋନୋମି ସିନ୍‌ସ ଇନ୍‌ଡେପିନ୍‌ଡେନ୍‌ସ, ପଞ୍ଚଦଶ ସଂପାଦନା, ୨୦୦୩-୦୪, ପୃ.୯୧ ।

**ସାରଣୀ-୩**

**ବିଭିନ୍ନ ଦେଶର ବିଶ୍ୱ ଘରୋଇ ଉତ୍ପାଦର ଅଂଶ (୧୭୦୦-୧୯୯୫)**

| ଦେଶର ନାମ | ୧୭୦୦ | ୧୮୨୦ | ୧୮୯୦ | ୧୯୫୨ | ୧୯୭୮ | ୧୯୯୫ |
|---|---|---|---|---|---|---|
| ଚୀନ | ୨୩.୧ | ୩୨.୪ | ୧୩.୨ | ୫.୨ | ୫.୦ | ୧୦.୯ |
| ଭାରତ | ୨୨.୬ | ୧୫.୭ | ୧୧.୦ | ୩.୮ | ୩.୪ | ୪.୬ |
| ଜାପାନ | ୪.୫ | ୩.୦ | ୨.୫ | ୩.୪ | ୭.୭ | ୮.୪ |
| ୟୁରୋପ | ୨୩.୩ | ୨୬.୬ | ୪୦.୩ | ୨୯.୭ | ୨୭.୯ | ୨୩.୮ |
| ଯୁକ୍ତରାଷ୍ଟ୍ର ଆମେରିକା | ୦.୦ | ୧.୮ | ୧୩.୮ | ୨୮.୪ | ୨୧.୮ | ୨୦.୯ |
| ସୋଭିଏତ୍ ୟୁନିଅନ୍ ରଷିଆ | ୩.୨ | ୪.୮ | ୬.୩ | ୮.୭ | ୯.୨ | ୨.୨ |

ଆଧାର : ଇକୋନୋମି ସିନ୍‌ସ ଇଣ୍ଡେପିଣ୍ଡେନ୍‌ସ, ପୃ.୮୬ ।

ବାଣିଜ୍ୟ ବିଭାଗ
ଆସିକା ବିଜ୍ଞାନ ମହାବିଦ୍ୟାଳୟ
ଆସିକା - ୭୬୧୧୧୧, ଗଂଜାମ




ଜୟଦେବ ଭବନଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଡିଜିଟାଲ ଡିସ୍‌ପ୍ଲେ ବୋର୍ଡର ଉଦ୍‌ଘାଟନ କରୁଛନ୍ତି । ସୂଚନା ଓ ଲୋକ ସଂପର୍କ ଏବଂ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ଦେବାଶିଷ ନାୟକ, ସାଂସଦ ଶ୍ରୀ ପ୍ରସନ୍ନ ପାଟଶାଣୀ ଓ ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ବୈଷ୍ଣବ ପ୍ରସାଦ ମହାନ୍ତି ଉପସ୍ଥିତ ଅଛନ୍ତି । ୩୦.୭.୦୫

Click Here & Upgrade
Expanded Features
Unlimited Pages
PDF Complete



# ଗଞ୍ଜାମ ଜିଲ୍ଲାରେ ଭଗିରଥଙ୍କ ଭାଗିରଥୀର ସ୍ୱଜଳ ଧାରା

ଦାମୋଦର ପାଢ଼ୀ



ସୁନ୍ଦର ସ୍ୱାସ୍ଥ୍ୟ, ସୁସ୍ଥ ଶରୀର, ସରସ ପ୍ରକୃତିର ସାରସ ପରିବେଶ ନିମନ୍ତେ ସ୍ୱଚ୍ଛ ଜଳଧାରା ମାନବ ସମାଜ ନିମନ୍ତେ ନିତାନ୍ତ ଆବଶ୍ୟକ । ଦେଶ ସ୍ୱାଧୀନତା ପ୍ରାପ୍ତିର ଅର୍ଦ୍ଧ ଶତାବ୍ଦୀ ବିତି ଯାଇଥିଲେ ମଧ୍ୟ ସ୍ୱଚ୍ଛ ଜଳ ପାନୀୟ ଜଳଯୋଗାଣ ସୁବିଧା ଗଞ୍ଜାମ ଜିଲ୍ଲାର ହାତ ଗଣତି କେତୋଟି ସହରକୁ ମିଳିଥିଲା ଯାହା ୧୮ଟିରୁ ଅଧିକ ନଥିଲା, ଯେଉଁଥିରେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ହୋଇପାରୁଥିଲା । କିନ୍ତୁ ୨୦୦୩ ଜୁଲାଇରୁ ଡିସେମ୍ବର ୨୦୦୪ ମଧ୍ୟରେ ଗଞ୍ଜାମ ଜିଲ୍ଲାର ୧୮୪ଟି ଗ୍ରାମରେ ପାଇପ ଯୋଗେ ପାନୀୟ ଜଳଯୋଗାଣ ସମ୍ଭବ ହୋଇ ପାରିଛି । ଗ୍ରାମାଞ୍ଚଳ ପାନୀୟ ଜଳ ଯୋଗାଣ ପରିଯୋଜନା (Sector Reform) 'ପ୍ରକଳ୍ପ ଋଷିକୁଲ୍ୟା'କୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗଞ୍ଜାମ ଜିଲ୍ଲାରେ ଶୁଭାରମ୍ଭ କରିଥିଲେ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏହି ପାଇଲଟ୍ ପ୍ରକଳ୍ପକୁ ଗଞ୍ଜାମ ଜିଲ୍ଲାରେ ଆରମ୍ଭ କରିବା ପରେ ଜିଲ୍ଲା ଜଳ ଓ ପରିମଳ ମିଶନ ଦ୍ୱାରା ଗ୍ରାମାଞ୍ଚଳରେ ଗ୍ରାମ୍ୟ ଜଳ ଓ ପରିମଳ କମିଟି ଗଠନ କରାଗଲା । ସରକାରଙ୍କ ସହାୟତା ୯୦ ଭାଗ ଓ ଗ୍ରାମ୍ୟ ଜଳ ଓ ପରିମଳ କମିଟି ୧୦ ଭାଗ ଖର୍ଚ୍ଚ ବହନ କରି ନିଜ ଗ୍ରାମ ଓ ଘର ପାଇଁ ପାନୀୟ ଜଳ ପାଇପ ଯୋଗେ ବ୍ୟବସ୍ଥା କରିବାର ଗଣ ଆନ୍ଦୋଳନ ରୂପେ ବ୍ୟାପକ ହୋଇ ଗୋଟିଏ ପରେ ଗୋଟିଏ ଗ୍ରାମରେ ପାନୀୟ ଜଳ ଯୋଗାଣ କାର୍ଯ୍ୟ ଆରମ୍ଭ କରାଗଲା । ଏଥିପାଇଁ ସରକାର ୨୨.୪୪ କୋଟି ଟଙ୍କା ଗଞ୍ଜାମ ଜିଲ୍ଲାକୁ ୩୧.୧୨.୨୦୦୪ ମଧ୍ୟରେ ପ୍ରଦାନ କରିଥିଲେ । ଏଥିରେ ୧୮୪ଟି ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ କରାଯାଉଥିବାବେଳେ କେତେକ ଜଳକ୍ଳିଷ୍ଟ ଗ୍ରାମକୁ ନଳକୂପ ଓ ପରିମଳ କୂପ ଦ୍ୱାରା ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇପାରିଛି । ଏହି ପାଇଲଟ୍ ପ୍ରୋଜେକ୍ଟର ଗଞ୍ଜାମ ଜିଲ୍ଲାରେ ସଫଳତା ମିଳିଥିବା ଦେଖି ଆଜି ପ୍ରତ୍ୟେକ ଜିଲ୍ଲାରେ ଜାନୁଆରୀ, ୨୦୦୫ରୁ 'ସ୍ୱଜଳ ଧାରା' ରୂପେ ଏହା ଆରମ୍ଭ ହୋଇଛି । ଜନସାଧାରଣଙ୍କ ନିଜସ୍ୱ ସଂପତ୍ତି, ପ୍ରକଳ୍ପ ରୂପେ ଏହାକୁ କାର୍ଯ୍ୟକାରୀ କରାଯାଇ ଏହାର ପରିଚାଳନା, ରକ୍ଷଣାବେକ୍ଷଣ କାର୍ଯ୍ୟ ଲୋକଙ୍କୁ ହିଁ ଅର୍ପଣ କରାଯାଇପାରିଛି । ଚଳିତ ବର୍ଷ 'ସ୍ୱଜଳ ଧାରା'ରେ ପାନୀୟ ଜଳ ଯୋଗାଣ ଗ୍ରାମାଞ୍ଚଳରେ କରିବା ନିମନ୍ତେ ୨୦ଟି ଗ୍ରାମକୁ ମନୋନୀତ କରାଯାଇଛି । ଏଥିପାଇଁ ପାଇପ ଯୋଗେ ପାନୀୟ ଜଳଯୋଗାଣ କରିବାକୁ ଏବଂ ନଳକୂପ, ପରିମଳ କୂପ ଦ୍ୱାରା ଯୋଗାଇବାକୁ ଗଞ୍ଜାମ ଜିଲ୍ଲାକୁ ୧ କୋଟି ୨୦ ଲକ୍ଷ ଟଙ୍କା ଚଳିତ ବର୍ଷ ମଞ୍ଜୁର ହୋଇ କାର୍ଯ୍ୟକାରୀ କରାଯାଇଛି ।

ଋଷିକୁଲ୍ୟା ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ ୧୮୪ଟି ଗ୍ରାମବାସୀ ଆଜି ଉପକୃତ । କେବଳ ଯେ ପାନୀୟ ଜଳ ପାଇ ପାରିଛନ୍ତି ତାହା ନୁହେଁ, ତାହା ସହିତ ଗ୍ରାମ ଗ୍ରାମରେ ଜଳ ଓ ପରିମଳ କମିଟି ଗଠନ ହୋଇପାରିଥିବାରୁ ଲୋକଙ୍କର ଦାୟିତ୍ୱ ଲୋକେ ନିଜେ ନେଇ ପାରିଛନ୍ତି ଓ ଗ୍ରାମରେ ସଦିଚ୍ଛା, ସହଯୋଗର ବାତାବରଣ ସୃଷ୍ଟି ହୋଇପାରିଛି । କେତୋଟି ଗ୍ରାମର ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ନିଜେ ପରିଦର୍ଶନ କରି ଓ ପରେ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରି ଗ୍ରାମବାସୀଙ୍କ ନିମନ୍ତେ ଉତ୍ସର୍ଗ କରିଛନ୍ତି । ନିମ୍ନରେ କେତୋଟି ଗ୍ରାମର ସଫଳତାର କାହାଣୀ ଉଲ୍ଲେଖ କରାଗଲା ।

### ମୂଳକୁମାରୀ ଗ୍ରାମରେ ପ୍ରକଳ୍ପ ଋଷିକୁଲ୍ୟା

ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ବ୍ଲକ୍ ଅନ୍ତର୍ଗତ ହାଣ୍ଡିଘର ଗ୍ରାମପଞ୍ଚାୟତର ମୂଳକୁମାରୀ ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ୧୦.୧୧.୨୦୦୪ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରି ଗ୍ରାମବାସୀଙ୍କ ବହୁଦିନର ପାନୀୟ ଜଳ ଅଭାବକୁ ଦୂର କରାଯାଇପାରିଛି । ୭୦ଟି ପରିବାରର ୪୨୨ ଜଣ ଗ୍ରାମବାସୀ ମୂଳକୁମାରୀ ଗ୍ରାମରେ ଜଳ ଓ ପରିମଳ କମିଟି ଗଠନ କରିଛନ୍ତି । ଗ୍ରାମକୁ ପାନୀୟ ଜଳର ଆବଶ୍ୟକତା ବର୍ତ୍ତମାନର ଲୋକସଂଖ୍ୟା ଅନୁଯାୟୀ ୨୩,୬୪୦ ଲିଟର ପ୍ରତ୍ୟହ ଆବଶ୍ୟକ ଥିବାବେଳେ ଏଠାରେ ୨୦୨୧ ମସିହାରେ ୫୯୧

Click Here & Upgrade
Expanded Features
Unlimited Pages
PDF Complete Documents



ଜନସଂଖ୍ୟାକୁ ପାନୀୟ ଜଳ ଯୋଗାଣ କ୍ଷମତା ବିଶିଷ୍ଟ ପ୍ରକଳ୍ପ ସ୍ଥାପନା କରାଯାଇପାରିଛି । ୨୦୦ ମି.ମି. x ୧୫୦ ମି.ମି. ବିଶିଷ୍ଟ ଗୋଟିଏ ଅଗଭୀର କୂପ ଦ୍ୱାରା ପମ୍ପ ଯୋଗେ ପାନୀୟ ଜଳଯୋଗାଣ ନିମନ୍ତେ ୨ ଏଚ୍.ପି.ର ପମ୍ପସେଟ୍ ସ୍ଥାପନା କରାଯାଇଛି । ଗ୍ରାମରେ ୬ଟି ଷ୍ଟାଣ୍ଡପୋଷ୍ଟ ସର୍ବସାଧାରଣଙ୍କ ନିମନ୍ତେ ବ୍ୟବସ୍ଥା କରାଯାଇଛି । ଉଦ୍‌ଘାଟନ ସମୟକୁ ୨ଟି ପରିବାର ନିଜ ଘର ପାଇଁ ପାଇପ ଲାଇନ ନେଇଥିଲେ । ଏହି ପ୍ରକଳ୍ପ ନିମନ୍ତେ ଖର୍ଚ୍ଚ ଅଟକଳ ୪ ଲକ୍ଷ ୩୦ ହଜାର ୭୦୦ ଟଙ୍କା ମଧ୍ୟରୁ ଗ୍ରାମବାସୀ ୪୪ ହଜାର ଟଙ୍କା ଖର୍ଚ୍ଚ ବହନ କରିଥିବା ବେଳେ ଜିଲ୍ଲା ଜଳ ଓ ପରିମଳ ମିଶନ ୩ ଲକ୍ଷ ୮୬ ହଜାର ୭୦୦ ଟଙ୍କା ବହନ କରିଛନ୍ତି । ମୂଳକୁମାରୀ ଗ୍ରାମବାସୀ ଆଜି ସ୍ୱଚ୍ଛ ପାନୀୟ ଜଳକ୍ଳିଷ୍ଟରୁ ଉଦ୍ଧାର ପାଇ ପାରିଛନ୍ତି । ବହୁଦିନ ଧରି ବର୍ଷା ଛାଡ଼ିଯିବା ଦ୍ୱାରା ଚଳିତ ବର୍ଷ ଚାରିଆଡ଼େ ପାନୀୟ ଜଳ ନିମନ୍ତେ ହାହାକାର ଦେଖାଯାଇଥିବାବେଳେ ଚଳିତ ଗ୍ରୀଷ୍ମଋତୁରେ ମୂଳକୁମାରୀ ଗ୍ରାମବାସୀ ନିଜର ଆବଶ୍ୟକତା ମୁତାବକ ପାନୀୟଜଳ ପାଇ ପାରିଛନ୍ତି । ଏହା ହିଁ ସରକାରଙ୍କ ସଫଳତା ଜନସାଧାରଣଙ୍କୁ ବିଶେଷ କରି ଗ୍ରାମାଞ୍ଚଳ ଜନତାଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାରେ ଏକ ସାହସିକ ପଦକ୍ଷେପ ।

### ଚଢ଼ିଆପଲ୍ଲୀ ଗ୍ରାମରେ ଭଗୀରଥର ସ୍ୱଜଳ ଧାରା

ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ବ୍ଲକ୍ ଅନ୍ତର୍ଗତ ଆଟୁଲୀ ଗ୍ରାମପଞ୍ଚାୟତର ଚଢ଼ିଆପଲ୍ଲୀ ଗ୍ରାମର ଲୋକସଂଖ୍ୟା ୬୬୫ ଓ ୧୩୦ଟି ପରିବାର ବାସ କରନ୍ତି । ବର୍ଷର ସବୁଦିନ ପାନୀୟ ଜଳ ଅଭାବ ଗ୍ରାମବାସୀଙ୍କୁ ଚିନ୍ତାରେ ପକାଇଥାଏ । ଜଳକ୍ଳିଷ୍ଟ ଗ୍ରାମରେ 'ପ୍ରକଳ୍ପ ଋଷିକୁଲ୍ୟା'ର ବାର୍ତ୍ତା ପହଞ୍ଚାଇବା ମାତ୍ରେ ଗ୍ରାମବାସୀ ଏକତ୍ରିତ ହୋଇ ଜିଲ୍ଲା ଜଳ ଓ ପରିମଳ ମିଶନକୁ ଗ୍ରାମ୍ୟ ଜଳ ଓ ପରିମଳ କମିଟି ଗଠନ କରି ଆବେଦନ କଲେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ନିମନ୍ତେ । ଗ୍ରାମର ୧୩୦ଟି ପରିବାର ଏକାସାଙ୍ଗରେ ନିଜ ଘରକୁ ପାଇପ ସଂଯୋଗ ନିମନ୍ତେ ମଧ୍ୟ ଆଗେଇ ଆସି ଦରଖାସ୍ତ କରିଲେ । ୩୪୦୦୦ ଲିଟର କ୍ଷମତା ବିଶିଷ୍ଟ ପାଣିଟାଙ୍କି ନିର୍ମାଣର ପରିଯୋଜନା ସ୍ଥାନ ପାଇଲା ଏହି ପ୍ରକଳ୍ପ ନିମନ୍ତେ । ଦୈନିକ ଗ୍ରାମର ପାନୀୟ ଜଳ ଚାହିଦା ୩୭,୨୪୦ ଲିଟର ଥିବାବେଳେ ୪୦ ଏଲ୍.ପି.ସି.ଡି. ପାଣି କ୍ଷମତା ଯୋଗାଇବା ବ୍ୟବସ୍ଥା କରାଗଲା । ଏଥିପାଇଁ ୨୦୦ ମି.ମି. x ୧୫୦ ମି.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଗଭୀର କୂପର ବ୍ୟବସ୍ଥା କରାଗଲା । ୩ ଏଚ୍.ପି. ବିଦ୍ୟୁତ ଚାଳିତ ପମ୍ପସେଟ୍ ଜଳ ଉଠାଇବା ବ୍ୟବସ୍ଥା ରଖାଗଲା । ଏହି ପ୍ରକଳ୍ପର ଖର୍ଚ୍ଚ ଅଟକଳ ୭ ଲକ୍ଷ ୨୬୫୦ ଟଙ୍କା ମଧ୍ୟରୁ ଗ୍ରାମବାସୀ ୭୨ ହଜାର ୬୫୦ ଟଙ୍କା ପ୍ରଦାନ କରିଥିବାବେଳେ ସରକାର ୬ ଲକ୍ଷ ୩୦ ହଜାର ଟଙ୍କା ଖର୍ଚ୍ଚ ବହନ କରି ଏହାକୁ ସଂପୂର୍ଣ୍ଣ କରିଥିଲେ । ମୁଖ୍ୟମନ୍ତ୍ରୀ ୧୦.୧୧.୨୦୦୪ ତାରିଖ ଦିନ ଏହାକୁ ଉଦ୍‌ଘାଟନ କରି ଗ୍ରାମବାସୀଙ୍କ ନିମନ୍ତେ ଉତ୍ସର୍ଗ କରିଥିଲେ । ୨୦୦୫ର ନିଦାଘ ଗ୍ରୀଷ୍ମ ପ୍ରବାହ, ଅସ୍ତବ୍ୟସ୍ତ ଭରା ପାନୀୟ ଜଳାଭାବ ଲୋକଙ୍କୁ ହନ୍ତସନ୍ତ କରିଥିବାବେଳେ କୂପ, ପୋଖରୀ ଶୁଖି ଯାଇଥିବାବେଳେ ଚଢ଼ିଆପଲ୍ଲୀ ଗ୍ରାମବାସୀ ପାନୀୟ ଜଳ ଦୁଶ୍ଚିନ୍ତାରୁ ମୁକ୍ତି ପାଇ ସରକାରଙ୍କର ଗ୍ରାମ ଅଭ୍ୟୁଦୟ ଯୋଜନା ସୁଫଳ ପାଇ ପାରିଥିଲେ ।

### ପ୍ରକଳ୍ପ ଋଷିକୁଲ୍ୟାର ପୋଷ୍ୟଗ୍ରାମ୍ୟ ନାରାୟଣପୁର

ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ୍ ଅନ୍ତର୍ଗତ ନାରାୟଣପୁର ଗ୍ରାମପଞ୍ଚାୟତ ସଦର ଗ୍ରାମକୁ ପାନୀୟ ଜଳ ଅଭାବ ଆବହମାନ କାଳରୁ ଲାଗି ରହିଥିଲା । ସମୁଦ୍ର ବେଳାଭୂମି ସହର ଗୋପାଳପୁରଠାରୁ ନାରାୟଣପୁର ଗ୍ରାମଟି ୩ କି.ମି. ଦୂର । ସ୍ୱାଦିଷ୍ଟ ପାନୀୟ ଜଳ ପରିମଳ ଜଳାଭାବ ସଦାସର୍ବଦା ଲାଗି ରହିଥିଲା । ୨୨୦ଟି ପରିବାର ଓ ୧୦୭୧ ଜନସଂଖ୍ୟା ବିଶିଷ୍ଟ ଗ୍ରାମ ନାରାୟଣପୁର ଗ୍ରାମବାସୀ 'ପ୍ରକଳ୍ପ ଋଷିକୁଲ୍ୟା'କୁ ନିଜ ଗ୍ରାମରେ କାର୍ଯ୍ୟକାରୀ କରିବା ନିମନ୍ତେ ନିଷ୍ପତ୍ତି ନେଇ ଏକତ୍ରିତ ହୋଇ ଗ୍ରାମ୍ୟ ଜଳ ଓ ପରିମଳ କମିଟି ଗଠନ କରିଥିଲେ । କରଣ ଗ୍ରାମରେ ମାତ୍ର ୨ଟି କୂପ ଓ ୫ଟି ନଳକୂପ, ଯାହା ଗ୍ରୀଷ୍ମ ଦିନ ଆରମ୍ଭରୁ ଶୁଖିଯାଏ । ଏଥିପାଇଁ ସମସ୍ତ ଗ୍ରାମବାସୀ ହନ୍ତସନ୍ତ ହେଉଥିଲେ । ଜିଲ୍ଲା ଜଳ ଓ ପରିମଳ ମିଶନ ଦ୍ୱାରା ଗ୍ରାମକୁ ଆଗାମୀ ୨୦ ବର୍ଷର ଜନସଂଖ୍ୟାର ଜଳ ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ଯୋଜନା ପ୍ରସ୍ତୁତ କରି ୧୫ ଲକ୍ଷ ୬୦ ହଜାର ଟଙ୍କା ବ୍ୟୟଅଟକଳରେ ଗଭୀର କୂପ ୨୦୦ ମି.ମି. x ୧୫୦ ମି.ମି. ବ୍ୟାସାର୍ଦ୍ଧର, ୧୦ ହଜାର ଲିଟର କ୍ଷମତା ବିଶିଷ୍ଟ ୨ଟି ପାଣିଟାଙ୍କି, ୧୨ଟି ସର୍ବସାଧାରଣ ବ୍ୟବହୃତ ଷ୍ଟାଣ୍ଡପୋଷ୍ଟ ଓ ୫୦ଟି ଘରକୁ ପାଇପ ଯୋଗାଣର ବ୍ୟବସ୍ଥା କଲେ । ଏଥିରେ ଗ୍ରାମବାସୀଙ୍କ ଦ୍ୱାରା ୧ ଲକ୍ଷ ୬୦ ହଜାର ଟଙ୍କା ପ୍ରଦାନ କଲେ ଓ ସରକାରଙ୍କର ୧୪ ଲକ୍ଷ ଟଙ୍କା ବ୍ୟୟ କରାଯାଇ ଏହାକୁ ସଂପୂର୍ଣ୍ଣ କରାଗଲା । ଦୈନିକ ଗ୍ରାମବାସୀଙ୍କୁ ୬୦୦୦ ଲିଟର ପାଣିର ଆବଶ୍ୟକତା ବର୍ତ୍ତମାନ ଥିବାବେଳେ ୪୦ ଏଲ୍.ପି.ସି.ଡି. ଯୋଗାଣର କ୍ଷମତା ରଖାଯାଇ ଏହା ସଂପୂର୍ଣ୍ଣ କରାଯାଇଛି । ୩.୯.୨୦୦୪ ତାରିଖ ଦିନ ଓଡ଼ିଶାର ତତ୍କାଳୀନ ମାନ୍ୟବର ରାଜ୍ୟପାଳ ଏହାକୁ ଉଦ୍‌ଘାଟନ କରି ନାରାୟଣପୁର ଗ୍ରାମବାସୀଙ୍କୁ ଅର୍ପଣ କରିଛନ୍ତି । ଚଳିତ ବର୍ଷର ଗ୍ରୀଷ୍ମ ପ୍ରବାହ ଜନିତ ଜଳାଭାବ ଗ୍ରାମରେ ଦେଖାଯାଇନଥିଲା । ଏହା ହିଁ ସରକାରଙ୍କ ଗ୍ରାମାଞ୍ଚଳ ଜନତାଙ୍କ ନିମନ୍ତେ ସେବାର ସଫଳତା ।

'ପ୍ରକଳ୍ପ ଋଷିକୁଲ୍ୟା' ଦ୍ୱାରା ସେକ୍ଟର ରିଫର୍ମ ପାଇଲେଟ ଯୋଜନାରେ ୨୫ କୋଟି ୪୯ ଲକ୍ଷ ୨୦ ହଜାର ଟଙ୍କା ବିନିଯୋଗରେ ୩୧.୧୨.୨୦୦୪ ତାରିଖ ସୁଦ୍ଧା ଗଞ୍ଜାମ ଜିଲ୍ଲାରେ ୧୮୪ଟି ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ କରାଯାଇଥିବାବେଳେ ୬୩୩ଟି ଗ୍ରାମାଞ୍ଚଳ ନଳକୂପ, ୧୧୧ଟି ପରିମଳ କୂପ ଗ୍ରାମମାନଙ୍କରେ କରାଯାଇଛି ଓ ୪୨୭ଟି ବିଦ୍ୟାଳୟ ନଳକୂପ ଓ ୪୧ଟି ପରିମଳ କୂପ କରାଯାଇପାରିଛି ।

ବର୍ତ୍ତମାନ ଓଡ଼ିଶା ସରକାରଙ୍କ ଗ୍ରାମାଞ୍ଚଳ ଅଭ୍ୟୁଦୟ ଯୋଜନା ଓ ଗ୍ରାମାଞ୍ଚଳର ପ୍ରଗତିରେ ରାଜ୍ୟର ପ୍ରଗତି ନିମନ୍ତେ 'ଗାଁକୁ ଚାଲ' ଆଭିମୁଖ୍ୟର ସଫଳ ପ୍ରତିଫଳନ ହୋଇପାରିଛି ଗଞ୍ଜାମ ଜିଲ୍ଲାରେ ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ
ଛତ୍ରପୁର, ଗଞ୍ଜାମ

Click Here & Upgrade
Expanded Features
Unlimited Pages
PDF Complete



# ନାରୀ ନିର୍ଯ୍ୟାତନା ଓ ତା'ର ନିରୋଧ

ସୁମତୀ ବେହେରା

**ଆ**ମ ସମାଜରେ ନାରୀ ନିର୍ଯ୍ୟାତନା କିଛି ନୂଆ କଥା ନୁହେଁ । ଏହା ବହୁକାଳରୁ ସବୁ ଧର୍ମରେ ସବୁ ଯୁଗରେ ସବୁ ସମାଜ ଓ ସଂସ୍କୃତିରେ ଏବଂ ସବୁ ସ୍ଥାନରେ ହୋଇ ଆସୁଛି । ଆଶ୍ଚର୍ଯ୍ୟର ବିଷୟ ଯେ ଭାରତ ପରି ଦେଶ ଯେଉଁଠାରେ ନାରୀକୁ ମା' ଓ ଦେବୀ ଭାବରେ ପୂଜା କରାଯାଉଥିଲା ଓ ଯେଉଁଠୁ ପଞ୍ଚଶୀଳନୀତିର ଆରମ୍ଭ, ସେହିଠାରେ ସେଇ ନାରୀକୁ କିପରି ଏତେ ଅସମ୍ମାନ କରାଯାଉଛି ।

ଇତିହାସ ଅନୁଧ୍ୟାନ କଲେ ଦେଖାଯାଏ ଯେ ବୈଦିକ ଯୁଗରେ ନାରୀ ଜାତିର ଯଥେଷ୍ଟ ସ୍ୱାଧୀନତା ଥିଲା । ସେମାନେ ବାସ୍ତବରେ ପୁରୁଷର ସହଧର୍ମିଣୀ, ସହକର୍ମିଣୀ ହୋଇ ପ୍ରତ୍ୟେକ ସ୍ଥାନରେ ସମାନ ଆସନ ପାଉଥିଲେ । ଧୀରେ ଧୀରେ ସ୍ତ୍ରୀ ତାହାର ସମସ୍ଥିତି ହରାଇଲା । ସାମାଜିକ, ପାରିବାରିକ, ମାନସିକ, ଶାରୀରିକ ସବୁପ୍ରକାର ଅତ୍ୟାଚାରର ବୋଝ ତା' ଉପରେ ପଡ଼ିଲା । ସେମାନଙ୍କର ବୁଲାବୁଲି ବେଶ, ପୋଷାକ, ଖାଦ୍ୟ, ବିବାହ ଇତ୍ୟାଦି ବ୍ୟକ୍ତିଗତ କାର୍ଯ୍ୟମାନଙ୍କରେ ମଧ୍ୟ କୌଣସି ସ୍ୱାଧୀନତା ରହିଲା ନାହିଁ । ପୁରୁଷମାନେ ଜବରଦସ୍ତି ସ୍ତ୍ରୀକୁ ସମ୍ପତ୍ତି ରୂପେ ବ୍ୟବହାର କଲେ । ଏପରିକି ସ୍ଥଳବିଶେଷରେ ସେମାନଙ୍କର କିଣାବିକା ମଧ୍ୟ ଚାଲିଲା । କନ୍ୟାମାନଙ୍କୁ ଦେବଦାସୀ କରି ସମାଜରେ ବେଶ୍ୟାବୃତ୍ତିର ପ୍ରଚଳନ ହେଲା ।

ଖ୍ରୀଷ୍ଟ ଜନ୍ମର ପ୍ରାରମ୍ଭରେ ମନୁଙ୍କର ହିନ୍ଦୁ ସ୍ତ୍ରୀମାନଙ୍କ ପାଇଁ ଲିଖିତ ନିୟମମାନ ପ୍ରଚଳିତ ହେଲା । ଏହା ଅନୁଯାୟୀ ସ୍ତ୍ରୀ ତା'ର ସ୍ୱାମୀକୁ ଦେବତା ପରି ଜ୍ଞାନ କରିବ, ତା'ର ଇଚ୍ଛା ଅନୁଯାୟୀ ଚଳିବ, ସେ କନ୍ୟା, ସ୍ତ୍ରୀ, ଭଉଣୀ ଅଥବା ମା' ଯାହା ହେଲେ ମଧ୍ୟ, ସର୍ବଦା ପୁରୁଷର ଅଧୀନରେ ରହିବ । ସେମାନେ ସାତ୍ତ୍ୱିକ ଜୀବନଯାପନ କରିବେ । ବିଧବାମାନଙ୍କ ପାଇଁ ବହୁ କଷ୍ଟଦାୟକ ନିୟମାବଳୀ ସହିତ ତାଙ୍କୁ ନାନା ଭାବରେ ଅତ୍ୟାଚାର କରାଯାଉଥିଲା । ଷଷ୍ଠ ଶତାବ୍ଦୀ ପରେ ସେମାନଙ୍କଠାରୁ ତାଙ୍କ ବଂଚିବାର ଅଧିକାର ଟିକକ ମଧ୍ୟ ଛଡ଼ାଇ ନିଆଗଲା ସତୀଦାହ ପ୍ରଥାର ପ୍ରଚଳନ କରି । ମନୁଙ୍କ ଲିଖିତ ସ୍ତ୍ରୀ ଧର୍ମରେ ସେ ସ୍ୱାମୀଠାରୁ ଯେତେ ମାଡ଼ ଖାଇଲେ ବି ପ୍ରତିବାଦ କରିପାରିବ ନାହିଁ । ଏହିପରି ନାରୀ ନିର୍ଯ୍ୟାତନା ଏକପ୍ରକାର ସାମାଜିକ ସ୍ୱୀକୃତି ପାଇଥିଲା ।

ମଧ୍ୟଯୁଗରେ ମୁସଲମାନଙ୍କର ଭାରତରେ ପ୍ରବେଶ ହୋଇ ଶାସନ ଆରମ୍ଭ ଫଳରେ ଦୁଇଟି ଧର୍ମୀୟ ସଂସ୍କୃତିର ମିଳନ ହେଲା । ଏହା ଫଳରେ ସ୍ତ୍ରୀଲୋକମାନଙ୍କର ପର୍ଦ୍ଦା ପ୍ରଥା, କନ୍ୟାଶିଶୁ ବଧ (ରାଜପୁତ ପରିବାରରେ) ଓ ଅବହେଳା, ବାଲ୍ୟବିବାହ ଏପରିକି ସଦ୍ୟଜାତ ଶିଶୁ କନ୍ୟାର ବିବାହ, ପୁରୁଷଙ୍କର ବହୁବିବାହ ପ୍ରଥା, ଧର୍ଷଣ, ଜବରଦସ୍ତି ବିବାହ, ବିବାହ ବିଚ୍ଛେଦ ପାଇଁ ସ୍ତ୍ରୀକୁ ଭୟ ପ୍ରଦର୍ଶନ ଇତ୍ୟାଦି ବହୁ ଅତ୍ୟାଚାର ହେବାକୁ ଲାଗିଲା ସ୍ତ୍ରୀ ଜାତି ଉପରେ । ଏହିସବୁ ଅତ୍ୟାଚାର ହେତୁ ଭୟରେ ସ୍ତ୍ରୀମାନେ ସ୍ୱର ଉତ୍ତୋଳନ ନକରି ଚୁପ ରହିଲେ ।

ଏହା ପରେ ବ୍ରିଟିଶମାନେ ଦେଶ ଶାସନ କଲେ । ସେମାନେ ମଧ୍ୟ ବିଶେଷ କିଛି ପରିବର୍ତ୍ତନ ଆଣିପାରିଲେ ନାହିଁ । ତଥାପି ଈଶ୍ୱର ଚନ୍ଦ୍ର, ରାମମୋହନ ଇତ୍ୟାଦିଙ୍କ ଚେଷ୍ଟାରେ ବିଧବା ବିବାହ ପ୍ରଚଳନ, ସତୀଦାହ ପ୍ରଥା ବନ୍ଦ, ଶିଶୁକନ୍ୟା ହତ୍ୟା ବନ୍ଦ ଇତ୍ୟାଦି ପାଇଁ ଆଇନ ପ୍ରଣୟନ ହେଲା । କନ୍ୟା ହତ୍ୟା ପାଇଁ କଠିନ ଶାସ୍ତି ହେଉଥିଲା । (ସେତେବେଳେ ବିଜ୍ଞାନର ପ୍ରଗତି ହୋଇନଥିବାରୁ କନ୍ୟାଭ୍ରୂଣ ହତ୍ୟାଟି ହୋଇପାରୁନଥିଲା ।)

ଦେଶ ସ୍ୱାଧୀନ ହେଲା । ସ୍ୱାଧୀନ ଭାରତର ସ୍ତ୍ରୀ ମଧ୍ୟ ସେଇ ଏକା ଭାବରେ ରହିଲା, ଅତ୍ୟାଚାର ଟିକେ ମାତ୍ର ବି କମ୍ ହେଲା ନାହିଁ । କନ୍ୟାଟିଏ ମାତୃଗର୍ଭରେ ସଞ୍ଚାର ହେଲେ ବିଜ୍ଞାନର ଉନ୍ନତି ହେତୁ କନ୍ୟାଭ୍ରୂଣ ହତ୍ୟା ହେବାରେ ଲାଗିଲା ଓ ଅଦ୍ୟାବଧି ତାହା ଚାଲୁ ରହିଛି ।

ଯୌତୁକ ନିର୍ଯ୍ୟାତନା ଆଉ ଏକ ସାମାଜିକ ବ୍ୟାଧି । ଏହା ବହୁକାଳରୁ ଦେଶରେ ପ୍ରଚଳିତ ଥିଲା । ଅତୀତରେ କନ୍ୟାମାନେ ବିବାହ କଲେ ପୈତୃକ ସମ୍ପତ୍ତିରୁ ଭାଗ ପାଉ ନଥିଲେ । ତେଣୁ ବିବାହ ସମୟରେ ସେମାନଙ୍କୁ ଟଙ୍କା ସୁନା, ଗାଈ ଓ ଅନ୍ୟାନ୍ୟ ଜିନିଷପତ୍ର ଉପହାର ସ୍ୱରୂପ ଦିଆଯାଉଥିଲା । ତାହା ସ୍ତ୍ରୀ ଧନ କୁହାଯାଉଥିଲା । ମାତ୍ର ଧୀରେ ଧୀରେ ସେଇ ଉପହାର ଶବ୍ଦଟି ପାଉଣାରେ ପରିଣତ ହୋଇଗଲା ଓ ବରପକ୍ଷ ତାହାକୁ ଜବରଦସ୍ତି ଆଦାୟ କରିବାକୁ ଲାଗିଲେ । ଆଜିକାଲି

Click Here & Upgrade
Expanded Features
Unlimited Pages
PDF Complete Documents



ଅଧିକାଂଶ କ୍ଷେତ୍ରରେ ମା' ବାପା ତାଙ୍କ ଶକ୍ତି ବର୍ହିଭୂତ ଯୌତୁକ ଦେବା ପରେ ମଧ୍ୟ ବରପକ୍ଷ କନ୍ୟାକୁ କଷ୍ଟ ଦେଉଛନ୍ତି । ଫଳରେ ବଧୂ ନିର୍ଯ୍ୟାତନା ବୃଦ୍ଧି ପାଇବାରେ ଲାଗିଛି ।

ଆଜିକାଲି ନାରୀ ଉପରେ ଅତ୍ୟାଚାର ପ୍ରତି କ୍ଷେତ୍ରରେ ହେଉଅଛି ଓ ବଢ଼ି ଚାଲିଛି, କନ୍ୟାଭ୍ରୂଣ ହତ୍ୟା, ଶିଶୁକନ୍ୟାକୁ ଅବହେଳା ଲିଙ୍ଗଭେଦ ଦ୍ୱାରା କନ୍ୟାର ମାନସିକତା ନଷ୍ଟ, ଖାଦ୍ୟପେୟ ଓ ସ୍ୱାସ୍ଥ୍ୟର ଯତ୍ନରେ ବିଭେଦ, ବିବାହ ସମୟରେ କନ୍ୟାର ରୂପଗୁଣର ଅପମାନଜନକ ପରୀକ୍ଷାନିରୀକ୍ଷା, ଯୌତୁକ, କନ୍ୟା ଜନ୍ମରେ ମା'କୁ ଦୋଷୀ ସାବ୍ୟସ୍ତ । ସାମାନ୍ୟ ଦୋଷରେ ମାଡ଼, ଛାଡ଼ପତ୍ର, ବହୁ ବିବାହ ଇତ୍ୟାଦି ପ୍ରାୟ ତିରିଶି ପ୍ରକାର ମାନସିକ ଓ ଶାରୀରିକ ଅତ୍ୟାଚାର କରାଯାଉଛି ନାରୀ ଉପରେ । ପୁଣି କେତେକ ସ୍ଥାନରେ ବାଲ୍ୟବିବାହ, ଇଭ୍ ଟିଜିଂ, ବିଧବାକୁ ଲାଞ୍ଛନା, ବୃଦ୍ଧାଙ୍କୁ ଅବହେଳା ଇତ୍ୟାଦି କଷ୍ଟ ମଧ୍ୟ ଦିଆଯାଉଛି ।

ତେବେ ଏହା ସତ୍ୟ ଯେ ନାରୀ ନିଜର ସ୍ଥିତି ପାଇଁ ବେଶି ଅତ୍ୟାଚାରିତା ହେଉଛି । ଅଧିକାଂଶ କ୍ଷେତ୍ରରେ ସେ ଆତ୍ମନିର୍ଭରଶୀଳା ହୋଇ ନଥିବାରୁ ତାକୁ ସହିବାକୁ ପଡ଼େ । ପୂର୍ବଲିଖିତ ସବୁଗୁଡ଼ିକ ପ୍ରାୟ ଘରୋଇ ଅତ୍ୟାଚାର । ମାତ୍ର ବାହାରେ ମଧ୍ୟ ତାର ଲାଞ୍ଛନାର ସୀମା ନାହିଁ, ଧର୍ଷିତା, ଦୁର୍ବ୍ୟବହାର ତ ସାଧାରଣ କଥା ।

ସରକାର ଆଇନ୍ ଉପରେ ଆଇନ୍ ପ୍ରଣୟନ କରୁଛନ୍ତି କିନ୍ତୁ ସେଗୁଡ଼ିକ ଠିକ୍ ମାର୍ଗରେ କାର୍ଯ୍ୟକାରୀ ହୋଇ ପାରୁନାହିଁ । ଧର୍ଷିତା ସ୍ତ୍ରୀଟିଏ ପୋଲିସ ନିକଟକୁ ଆପତ୍ତି କରିବା ପାଇଁ ଯାଏ ନାହିଁ । ସମସ୍ତେ ଜାଣିଲେ ତାକୁ ଘୃଣା କରିବା ଭୟରେ । ଯିଏ ବା ସାହସ କରି ଯାଏ ସେ ନା ପୋଲିସ ପାଖରୁ ନା ସମାଜପକ୍ଷରୁ ସାହାଯ୍ୟ ସହାନୁଭୂତି ପାଏ !

ଜାତି ଧର୍ମ ପାଇଁ ମଧ୍ୟ ନାରୀଟିଏ ନିର୍ଯ୍ୟାତନା ଭୋଗେ । ଛୋଟ ଜାତିର ଗରିବ ସ୍ତ୍ରୀ ଲୋକଟିକୁ ପ୍ରାୟ ସହଜ ଲକ୍ଷ୍ୟ, ଶସ୍ତା ବୋଲି ଭାବି ଅତ୍ୟାଚାର କରେ । ଏହାଦ୍ୱାରା ସ୍ତ୍ରୀ ପ୍ରଚଣ୍ଡ ଶାରୀରିକ ଯନ୍ତ୍ରଣା ସହିତ ମାନସିକ ଯନ୍ତ୍ରଣା ମଧ୍ୟ ଭୋଗ କରନ୍ତି । ଅନେକ ଧର୍ମ ବିଦ୍ୱେଷର ମଧ୍ୟ ଶିକାର ହୁଅନ୍ତି ।

ସମସ୍ତ ନିର୍ଯ୍ୟାତନାର ଶିକାର ହୋଇ ମଧ୍ୟ ନାରୀଟିଏ ସ୍ୱର ଉତ୍ତୋଳନ କରେ ନାହିଁ । ଜାଣେ ଅତି ସହଜରେ ତାକୁ ଦମନ କରାଯାଇପାରେ, ତା'ର ଏ ଅବସ୍ଥା ସମାଜ ଉପରେ କୁପ୍ରଭାବ ପକାଏ । ପିଲାଟିଏ ତା' ମା' ଉପରେ ଅତ୍ୟାଚାର ହେବା ଦେଖିଲେ ତା'ର ନିଜ ପରିବାର ଓ ସମାଜ ଉପରେ ଛୋଟ ବେଳୁ ଘୃଣା ହୁଏ ଓ ତା'ର ମାନସିକ ଗଠନ ଠିକ୍ ହୁଏ ନାହିଁ ।

ତେବେ ଏହାର ନିରୋଧ କେମିତି କରାଯିବ ? ସାଧାରଣତଃ ତିନୋଟି କାରଣରୁ ସ୍ୱାମୀ ସ୍ତ୍ରୀ ଉପରେ ଆଧିପତ୍ୟ ଜମାଏ । (୧) ଲୋଭ (୨) ସ୍ତ୍ରୀର ଅର୍ଥନୈତିକ ଓ ଶାରୀରିକ ଦୁର୍ବଳତା (୩) ପଶୁ ପ୍ରବୃତ୍ତିର ଉଦ୍ରେକ । ଲୋଭ ହେତୁ ସ୍ୱାମୀ ସ୍ତ୍ରୀକୁ ପିଟାପିଟି କରେ । ସେ ଜାଣେ ସ୍ତ୍ରୀ ଉପାୟହୀନ ହୋଇ ସମସ୍ତ ସହିବ, କାରଣ ତା'ର ଅର୍ଥନୈତିକ ସ୍ୱଚ୍ଛଳତା ନାହିଁ । ଅଧିକାଂଶ ସମୟରେ ସେ ପୁରୁଷ-ଏଇ ଅହଂ ପାଇଁ ମଧ୍ୟ ସେ ସ୍ତ୍ରୀ ଉପରେ ଅତ୍ୟାଚାର କରେ । ମରାମରି ଭଙ୍ଗାରୁଜା ଇତ୍ୟାଦି କରେ । ତା' ସହିତ ତା'ର ବାପାମା ଭାଇଭଉଣୀମାନେ ମଧ୍ୟ ଯୋଗ ଦିଅନ୍ତି । ଏହିସବୁ କାରଣରୁ ନାରୀ ଦ୍ୱିତୀୟ ଶ୍ରେଣୀ ନାଗରିକ ଭାବେ ପରିଗଣିତ । ଯଦିଓ ଆଇନତଃ ମୌଳିକ ଅଧିକାର ସ୍ତ୍ରୀ ଓ ପୁରୁଷର ଏକା, ମାତ୍ର ସ୍ତ୍ରୀ କେବେ ବି କୌଣସିଥିରେ ସମାନ ଅଧିକାର ପାଇ ନାହିଁ । ସେ ସଂଖ୍ୟାରେ ପଚାଶ ପ୍ରତିଶତ ହେଲେ ମଧ୍ୟ ଲଘୁ ସଂପ୍ରଦାୟରେ ଅଛି । ପାରିପାର୍ଶ୍ୱିକ ଅବସ୍ଥା, ସାମାଜିକ ମନୋଭାବ, ନାରୀମାନଙ୍କ ମଧ୍ୟରେ ଏକତାର ଅଭାବ, ଏଇସବୁ କାରଣରୁ ସେ ଦୁର୍ବଳ ହୋଇ ରହିଛି । ତାହା ଦୂର କରିବା ପାଇଁ କେବଳ ସରକାର ନୁହଁନ୍ତି ତା'ର ନିଜର ଯଥେଷ୍ଟ ଚେଷ୍ଟା ଦରକାର । ନିଜ ଘରେ ପୁଅ ଝିଅମାନଙ୍କୁ ସମାନ ଦୃଷ୍ଟିରେ ଦେଖି, ସମାନ ଆଦର ଯତ୍ନ କରି ପିଲାଦିନୁ ସେମାନଙ୍କ ମନରେ ଲିଙ୍ଗଭେଦ ଯେପରି ନ ରହେ ତାହା ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ପୁଅଟିକୁ ଜମିବିକ୍ରି ବା ଧାର କରି ଯେପରି ମା' ବାପା ସ୍ୱାବଲମ୍ବୀ କରିବାକୁ ଚେଷ୍ଟା କରନ୍ତି, ଝିଅଟିକୁ ମଧ୍ୟ ସେଇ ଭଳି ଗଢ଼ିବା ଉଚିତ୍ । ନାରୀର ଉନ୍ନତି ପାଇଁ କେବଳ ଆଇନ ପ୍ରଣୟନ କଲେ ହେବ ନାହିଁ । ଆଇନ୍‌ର ସଦୁପଯୋଗ ହେବା ଉପରେ ନଜର ଦେବାକୁ ପଡ଼ିବ । ଆଜିକାଲି ଅନେକ ସ୍ତ୍ରୀ ନିଜେ ରୋଜଗାର କରି ସ୍ୱାବଲମ୍ବୀ ମଧ୍ୟ ହେଲେଣି । ମାତ୍ର ତଥାପି ତାଙ୍କର ଦୁର୍ଗତି ବଢ଼ୁଛି ସିନା କମୁନି ।

ତେବେ ନାରୀର ମନରେ ସାହସ, ଦେହରେ ଶକ୍ତି ରହିବା ନ ରହିବାଟା ତା ନିଜ ଉପରେ ହିଁ ନିର୍ଭର କରେ । ଅଧିକାର ନିଜେ ନେବାକୁ ହୁଏ - ଦରକାର ହେଲେ ଛଡ଼ାଇକରି । ପରିବାରରେ ଅନ୍ୟାୟର ପ୍ରତିବାଦ, ଦଳବାନ୍ଧି ସାମାଜିକ ଅତ୍ୟାଚାରର ପ୍ରତିବାଦ, ଆଇନ୍ ସମ୍ବନ୍ଧରେ ଜ୍ଞାନ ଆଜିର ନାରୀର ନିତାନ୍ତ ଦରକାର ।

ନାରୀକୁ ସ୍ୱୟଂ ଶକ୍ତିର ଆଧାର କୁହାଯାଏ । ତାହାର ସଶକ୍ତିକରଣ ପାଇଁ ସରକାରଙ୍କ ଚେଷ୍ଟା କେବଳ ନୁହେଁ, ସେ ନିଜେ ନିଜକୁ ମଧ୍ୟ ସଶକ୍ତ କରୁ ।

ସୂଚନା ଅଧିକାରୀ
ସୂଚନା ଓ ଲୋକ ସଂପର୍କ ବିଭାଗ
ଭୁବନେଶ୍ୱର

Click Here & Upgrade
Expanded Features
Unlimited Pages
PDF Complete
Documents






# ସମ୍ବାଦ ପରିକ୍ରମା



## ଚଳିତ ବର୍ଷ ୧୦୫ ଜଣ ଅଣବନ୍ଦୀ ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ପ୍ରଦାନ କରାଯିବ

ଦେଶକୁ ସ୍ୱାଧୀନ କରିବା ପାଇଁ ବହୁ ଲୋକ ସ୍ୱାଧୀନତା ସଂଗ୍ରାମରେ ନିଜକୁ ସାମିଲ କରି କାରାବରଣ କରିବା ସହ ବହୁ ସଂଗ୍ରାମୀ ମଧ୍ୟ ମୃତ୍ୟୁବରଣ କରିଥିଲେ । ସେମାନଙ୍କୁ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ଦେବା ପାଇଁ ୧୯୭୨ ଏବଂ ୧୯୮୦ର ଅନୁସୃତ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଆମ ରାଜ୍ୟରୁ ୨୨୦୦ ଜଣ ବନ୍ଦୀ ସ୍ୱାଧୀନତା ସଂଗ୍ରାମୀଙ୍କୁ ଭତ୍ତା ପ୍ରଦାନ କରାଯାଉଛି । ଏତଦ୍ ବ୍ୟତୀତ ଅଣବନ୍ଦୀ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ପ୍ରଦାନ ନିମନ୍ତେ ରାଜ୍ୟ ସରକାର ୨୦୦୨ ମସିହାରେ ନିଷ୍ପତ୍ତି ଗ୍ରହଣ କରିଥିଲେ । ତଦନୁଯାୟୀ ଅଣବନ୍ଦୀ ସ୍ୱାଧୀନତା ସଂଗ୍ରାମୀମାନଙ୍କଠାରୁ ମିଳିଥିବା ଦରଖାସ୍ତଗୁଡ଼ିକ ବିଚାର କରାଯାଇ ୨୦୦୪ ମସିହା ସୁଦ୍ଧା ୩୫୬ ଜଣ ଅଣବନ୍ଦୀ ସ୍ୱାଧୀନତା ସଂଗ୍ରାମୀଙ୍କୁ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ପ୍ରଦାନ କରାଯାଉଛି । ସେହିପରି ଚଳିତ ବର୍ଷ ୧୦୫ ଜଣ ଅଣବନ୍ଦୀ ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ଅର୍ଥମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ପ୍ରକାଶ କରିଛନ୍ତି ।

ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଭତ୍ତା କମିଟିର ସୁପାରିଶ କ୍ରମେ ଯେଉଁ ୧୦୫ ଜଣ ଚଳିତ ବର୍ଷ ଅଣବନ୍ଦୀ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ କଟକ ଜିଲ୍ଲାରୁ ୧୨ ଜଣ, ଜଗତସିଂହପୁର ଜିଲ୍ଲାରୁ ୭ ଜଣ, ଯାଜପୁର ଜିଲ୍ଲାରୁ ଜଣେ, ବାଲେଶ୍ୱର ଜିଲ୍ଲାରୁ ୨୦ ଜଣ, ଭଦ୍ରକ ଜିଲ୍ଲାରୁ ୨୪ ଜଣ ଢେଙ୍କାନାଳ ଜିଲ୍ଲାରୁ ୩ ଜଣ, ପୁରୀ ଜିଲ୍ଲାରୁ ୭ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୩ ଜଣ, ନୟାଗଡ଼ ଜିଲ୍ଲାରୁ ୮ ଜଣ, ବୌଦ୍ଧ ଜିଲ୍ଲାରୁ ୬ ଜଣ, ଗଂଜାମ ଜିଲ୍ଲାରୁ ଜଣେ, ବଲାଙ୍ଗୀର ଜିଲ୍ଲାରୁ ଜଣେ, କଳାହାଣ୍ଡି ଜିଲ୍ଲାରୁ ୫ ଜଣ ଏବଂ ମୟୂରଭଞ୍ଜ ଜିଲ୍ଲାରୁ ୬ ଜଣ ଅନ୍ତର୍ଭୁକ୍ତ । ଏହି ଅଣବନ୍ଦୀ ସ୍ୱାଧୀନତା ସଂଗ୍ରାମୀମାନେ ମାସିକ ୭୦୦ ଟଙ୍କା ହାରରେ ୯.୧୦.୨୦୦୨ ମସିହାରୁ ଭତ୍ତା ପାଇବେ । ଏଥିପାଇଁ ରାଜ୍ୟ ରାଜକୋଷରୁ ୧,୧୭,୩୭,୬୦୦ ଟଙ୍କା ଅତିରିକ୍ତ ବ୍ୟୟ ହେବ ।

ପୂର୍ବରୁ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ପାଉଥିବା ୨୨୦୦ ଜଣ ବନ୍ଦୀ ସ୍ୱାଧୀନତା ସଂଗ୍ରାମୀଙ୍କ ମଧ୍ୟରୁ ୧୨୦୦ ଜଣ କେନ୍ଦ୍ରୀୟ ଭତ୍ତା ପାଇବା ସହ ରାଜ୍ୟ ସରକାରଙ୍କଠାରୁ ମାସିକ ୮୦୦ ଟଙ୍କା ଲେଖାଏଁ ଭତ୍ତା ପାଉଛନ୍ତି । ସେହିପରି ୧୦୦୦ ଜଣ ବନ୍ଦୀ ସ୍ୱାଧୀନତା ସଂଗ୍ରାମୀ କେବଳ ରାଜ୍ୟ ସରକାରଙ୍କଠାରୁ ୧୦୦୦ ଟଙ୍କା ଲେଖାଏଁ ଭତ୍ତା ପାଉଛନ୍ତି । ଏହି ଭତ୍ତା ପ୍ରଦାନ ବାବଦରେ ରାଜ୍ୟ ରାଜକୋଷରୁ ବାର୍ଷିକ ୨ କୋଟି ୩୫ ଲକ୍ଷ ୨୦ ହଜାର ଟଙ୍କା ଖର୍ଚ୍ଚ ହେଉଛି । ଅଣବନ୍ଦୀ ସ୍ୱାଧୀନତା ସଂଗ୍ରାମୀ ୩୫୬ ଜଣ ଓ ଚଳିତ ବର୍ଷର ୧୦୫ ଜଣ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ବାବଦକୁ ବାର୍ଷିକ ୩୮,୭୨,୪୦୦ ଟଙ୍କା ରାଜ୍ୟ ରାଜକୋଷରୁ ଖର୍ଚ୍ଚ ହେବ । ଏହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଭତ୍ତା ଦେବା ଉଦ୍ଦେଶ୍ୟରେ ରାଜ୍ୟ ବଜେଟ୍‌ରେ ୪୨୫ ଲକ୍ଷ ୧୦ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି । ଚଳିତ ବର୍ଷର ନିଷ୍ପତ୍ତି ଅନୁଯାୟୀ ୧୦୫ ଜଣଙ୍କୁ ମିଶାଇ ରାଜ୍ୟର ମୋଟ ୨୬୬୧ ଜଣଙ୍କୁ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ପ୍ରଦାନ କରାଯିବ ଏବଂ ଏଥିପାଇଁ ମୋଟ ୪ କୋଟି ୬ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ।

ସୂଚନାଯୋଗ୍ୟ ଯେ ରାଜ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ କେନ୍ଦ୍ର ଭତ୍ତାଭୋଗୀ ବନ୍ଦୀ ସ୍ୱାଧୀନତା ସଂଗ୍ରାମୀମାନେ ପାଉଥିବା ରାଜ୍ୟର ପ୍ରତୀକ ଭତ୍ତାର ପରିମାଣ ମାସିକ ୫୦୦ ଟଙ୍କାରୁ ୮୦୦ ଟଙ୍କା ଏବଂ କେବଳ ରାଜ୍ୟ ଭତ୍ତା ପାଉଥିବା ବନ୍ଦୀ ସ୍ୱାଧୀନତା

Click Here & Upgrade
Expanded Features
Unlimited Pages
PDF Complete



ସଂଗ୍ରାମୀମାନଙ୍କ ମାସିକ ଭତ୍ତାର ପରିମାଣ ୭୦୦ ଟଙ୍କାରୁ ୧୦୦୦ ଟଙ୍କାକୁ ୧.୪.୨୦୦୫ ମସିହାଠାରୁ ବୃଦ୍ଧି କରାଯାଇଛି ବୋଲି ଅର୍ଥମନ୍ତ୍ରୀ ଶ୍ରୀ ଘଡାଇ କହିଛନ୍ତି ।

## ମାଛ ଚାଷରେ ଆତ୍ମନିର୍ଭରଶୀଳତା ଆଣିବା ପାଇଁ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ

ଆଧୁନିକ ଜ୍ଞାନକୌଶଳ ଦ୍ୱାରା ରାଜ୍ୟରେ ମାଛ ଚାଷକୁ ବ୍ୟାପକ କରିବା ପାଇଁ ସରକାର ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି । ମାଛ ଚାଷ ପାଇଁ ଜଳାଶୟ ବୃଦ୍ଧି ସହ ଦରିଦ୍ରତମ ଜନସାଧାରଣଙ୍କୁ ରୋଜଗାରକ୍ଷମ କରିବା ଓ ମାଛ ଉତ୍ପାଦନ ପରିମାଣକୁ ଆଶାତୀତ ବୃଦ୍ଧି କରିବା ଲକ୍ଷ୍ୟ ରଖି ପ୍ରାରମ୍ଭିକ ପର୍ଯ୍ୟାୟରେ ଇଚ୍ଛୁକ ବି.ପି.ଏଲ୍. ହିତାଧିକାରୀଙ୍କ ଜମିରେ ପୋଖରୀ ଖୋଳିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ପୋଖରୀ ଖୋଳିବା ପାଇଁ ଆବଶ୍ୟକ ଖର୍ଚ୍ଚ ସରକାର ବହନ କରିବା ସହ ହିତାଧିକାରୀଙ୍କୁ ରିହାତି ଦରରେ ଋଣ ଯୋଗାଣ, ଯାଆଁଳ ଯୋଗାଣ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସୁଯୋଗ ପ୍ରଦାନ କରାଯିବ । ଏଥିପାଇଁ ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଯୋଗାଯୋଗ କରାଯିବ । ଜିଲ୍ଲାପାଳମାନେ ବିଭିନ୍ନ କାର୍ଯ୍ୟକ୍ରମ ବରାଦରେ ଥିବା ଆର୍ଥିକ ଅଟକଳରେ ଏହି ଖର୍ଚ୍ଚ ଭରଣା କରିବେ ।

ଇଚ୍ଛୁକ ହିତାଧିକାରୀମାନଙ୍କୁ ଖୁବ୍‌ଶୀଘ୍ର ଚିହ୍ନଟ କରି 'ଗ୍ରୁପ୍‌ଶୈଳୀ' ବା କ୍ଲଷ୍ଟ ଆପ୍ରୋଚ୍‌ରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯିବ । ମାଛ ଚାଷ ପାଇଁ ଉପଯୁକ୍ତ ଅନାବାଦି ଓ ଗୋଚର ଜମିଗୁଡ଼ିକରେ ମଧ ଜଳାଶୟ ଖନନ କରାଯାଇ ରାଜ୍ୟ ଭିତରେ ଓ ରାଜ୍ୟ ବାହାରୁ ଘରୋଇ ଉଦ୍ୟୋଗମାନଙ୍କୁ ଟେଣ୍ଡର ଜରିଆରେ ଲିଜ୍ ସୂତ୍ରରେ ପ୍ରଦାନ କରାଯିବ । ଏହାବ୍ୟତୀତ ବିଭିନ୍ନ କୋ-ଅପରେଟିଭ୍ ସୋସାଇଟି ଓ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ମଧ ଲିଜ୍ ସୂତ୍ରରେ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି ।

ମାଛ ଉତ୍ପାଦନରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ପ୍ରସଙ୍ଗରେ ମୁଖ୍ୟ ଶାସନ ସଚିବ ଡଃ ସୁବାସ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଉପରଲିଖିତ ନିଷ୍ପତ୍ତିଗୁଡ଼ିକ ନିଆଯିବା ସହ ବିଭିନ୍ନ ଗ୍ରାମପଞ୍ଚାୟତଗୁଡ଼ିକୁ ଲିଜ୍ ସୂତ୍ରରେ ଦିଆଯାଇଥିବା ଓ ମତ୍ସ୍ୟ ବିଭାଗ ଅଧୀନରେ ଥିବା ଜଳାଶୟଗୁଡ଼ିକରେ ଏକକାଳୀନ ଭିତ୍ତିରେ ମାଛ ଯାଆଁଳ ଛଡ଼ାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଦୀର୍ଘ ଦିନ ଧରି ଅବ୍ୟବହୃତ ଭାବେ ପଡ଼ି ରହିଥିବା ଜଳାଶୟଗୁଡ଼ିକରେ ଏକାଥରରେ ୧୧ କୋଟି ଯାଆଁଳ ଛାଡ଼ିବା ପାଇଁ ଯୋଜନା ରହିଛି । ପ୍ରତ୍ୟେକ ଜିଲ୍ଲାକୁ ଏଥିପାଇଁ ୭.୫ କୋଟି ଆର୍ଥିକ ସହାୟତା ଦିଆଯିବ । ବିଶେଷଜ୍ଞମାନଙ୍କ ମତରେ ଏହି ପ୍ରଣାଳୀରେ ଅତିରିକ୍ତ ଖର୍ଚ୍ଚ ବିନା ଏକ ବର୍ଷ ପରେ ୫୫ କୋଟି ଟଙ୍କାର ମାଛ ଉତ୍ପାଦନ ହୋଇପାରିବା ସହ ଆଉ ୪୦ କୋଟି ଟଙ୍କାର ମାଛ ପୋଖରୀରେ ରହିପାରିବ । ଅଗ୍ରାଧିକାର ଭିତ୍ତିରେ ମତ୍ସ୍ୟଚାଷ ସମବାୟ ସମିତି ବା ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକୁ ୫ ବର୍ଷିଆ ଲିଜ୍ ସୂତ୍ରରେ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି ।

ଏହାବ୍ୟତୀତ ଗହୀରମଥା ଓ ଦେବୀମୁହାଣ ନିକଟବର୍ତ୍ତୀ ବସବାସ କରୁଥିବା ମତ୍ସ୍ୟଜୀବୀମାନେ କଇଁଛମାନଙ୍କ ପ୍ରଜନନ ସମୟରେ ୭ ମାସ ମାଛଧରା ନିଷେଧ ସମୟରେ ଦୁଃଖ ଦୁର୍ଦ୍ଦଶା ମଧ୍ୟରେ ରହିବା ପରିପ୍ରେକ୍ଷୀରେ ସେମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା ପାଇଁ କେନ୍ଦ୍ର ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯିବା ପାଇଁ ନିଷ୍ପତ୍ତି ହୋଇଛି ।

ଉପଯୁକ୍ତ ମାର୍କେଟିଂ ପାଇଁ ମାଛଧରା କେନ୍ଦ୍ରଗୁଡ଼ିକୁ ରାସ୍ତା ସଂଯୋଗୀକରଣ ପାଇଁ ବିଭିନ୍ନ ଗ୍ରାମ୍ୟଭିତ୍ତିକ ଯୋଜନାରେ ଏହାକୁ ସାମିଲ କରାଯିବା ପାଇଁ ମଧ ଜିଲ୍ଲାପାଳମାନଙ୍କୁ ଅନୁରୋଧ କରାଯିବ ।

ମାଛ ସଂରକ୍ଷଣ ପାଇଁ କୋଲ୍ଡ ଚେନ୍ ମାଧ୍ୟମରେ (କୋଲ୍ଡ ଷ୍ଟୋରେଜ୍, ଆଇସ୍, ପ୍ଲାଣ୍ଟ, ଆଇସିଂ ଭ୍ୟାନ୍ ଇତ୍ୟାଦି) ଆବଶ୍ୟକୀୟ ପଦକ୍ଷେପ ନିଆଯିବ । ଆଦୃତ ନଥିବା ମାଛଗୁଡ଼ିକୁ ଚଟଣୀ, ସ୍ୱାସ୍ଥ୍ୟପ୍ରଦ ଶୁଖୁଆ ଆଦି ପ୍ରସ୍ତୁତ କରାଯିବା ପାଇଁ ପ୍ରୋସେସିଂ ପ୍ଲାଣ୍ଟ ସ୍ଥାପନ କରାଯିବ । ଏଥିପାଇଁ ଆଗ୍ରହୀ ଉଦ୍ୟୋଗୀମାନଙ୍କୁ ରିହାତି ଋଣ ଦ୍ୱାରା ଆକୃଷ୍ଟ କରାଯିବ ।

ଏହାବ୍ୟତୀତ କେରଳ ଢାଞ୍ଚାରେ ୟୁଜର୍ସ ସୋସାଇଟି ମାଧ୍ୟମରେ ୟୁଜର୍ସ ଫି ସଂଗ୍ରହ କରାଯାଇ ମାଛଧରା ବନ୍ଦର ଓ ମାଛ ଅବତରଣ କେନ୍ଦ୍ରର ରକ୍ଷଣାବେକ୍ଷଣ କରାଯିବା ଉପରେ ନିଷ୍ପତ୍ତି ନିଆଯାଇଛି ।

ଅନ୍ୟାନ୍ୟ ରାଜ୍ୟଗୁଡ଼ିକ ପରି ସାଟେଲାଇଟ୍ ଜରିଆରେ ମାଛମାନଙ୍କରେ ଗତିବିଧି ସଂପର୍କରେ ଚାଷୀମାନଙ୍କୁ ସୂଚନା ଦେବା ପାଇଁ ସରକାରଙ୍କ ଯୋଜନା ରହିଛି ।

ଏହାବ୍ୟତୀତ ଉପକୂଳବର୍ତ୍ତୀ ନିୟନ୍ତ୍ରଣାଧୀନ ଜୋନ୍‌ରେ ଖାରିପାଣି ମାଛଚାଷ ନିଷେଧ ଥିବାରୁ ସି.ଆଇ. ବାହାରେ ଥିବା ଜୋନ୍‌ରେ ମାଛ ଚାଷ ପାଇଁ ରାଜସ୍ୱ ବିଭାଗ ଓ ଓର୍‌ସାକ୍‌ର ମିଳିତ ଉଦ୍ୟୋଗରେ ସର୍ଭେକ୍ଷଣ କରାଯିବ । ଓ.ଆର୍.ଏଲ୍. ଆକ୍ଟ ଅନୁସାରେ ମାଛ ଚାଷକୁ କୃଷିର

Click Here & Upgrade
Expanded Features
Unlimited Pages
PDF Complete



ସମ୍ମାନ ଦେବା, ସରକାରଙ୍କ ଲିଜ୍ ପଲିସିର ସଂଶୋଧନ, ମାଛ ଚାଷୀମାନଙ୍କୁ ବୀମାଭୁକ୍ତ କରିବା ଓ ଚନ୍ଦ୍ରଭାଗା ହ୍ୟାଚେରୀଠାରେ ସାମୁଦ୍ରିକ ଜୈବ ପ୍ରଯୁକ୍ତି ପାର୍କ ପ୍ରତିଷ୍ଠା ସଂପର୍କରେ ନିଷ୍ପତ୍ତି ନିଆଯାଇଛି ।

କେନ୍ଦ୍ରୀୟ ସହାୟତା ପାଇଁ ମତ୍ସ୍ୟ ବିଭାଗର ଅଂଶଧନ ତୁଳନାତ୍ମକ ଭାବରେ କମ୍ ହେଉଥିବାରୁ ଏହାକୁ ମ୍ୟାଚିଂ ସେୟାରକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି ।

ଏହି ଉଚ୍ଚସ୍ତରୀୟ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୃଷି ଉତ୍ପାଦନ କମିଶନର ଶ୍ରୀ ଆର୍.ଏନ୍. ବହିଦାର, ମତ୍ସ୍ୟ ଓ ପଶୁସଂପଦ ବିଭାଗ ଶାସନ ସଚିବ ସି.ଜେ. ବେଣୁଗୋପାଳ, ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ, ମିଃ ରାଜପୁତ୍, ଅର୍ଥ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀ କେ.ସି. ବଡୁ, ପଞ୍ଚାୟତିରାଜ, ଜଙ୍ଗଲ ଓ ପରିବେଶ, ରାଜସ୍ୱ, ପୂର୍ତ୍ତ ଇତ୍ୟାଦି ବିଭାଗଗୁଡ଼ିକର ଶାସନ ସଚିବ ଓ ବରିଷ୍ଠ ପଦାଧିକାରୀମାନେ ଯୋଗ ଦେଇଥିଲେ ।

## ସମବାୟ ସମିତି ମାଧ୍ୟମରେ ଜଣେ ଚାଷୀଙ୍କ ସଫଳ କାହାଣୀ

ସୁବର୍ଣ୍ଣପୁର ଜିଲ୍ଲାର ଚେରପାଲି ଗ୍ରାମରେ ଶ୍ରୀ ଶିବ ପ୍ରସାଦ ତ୍ରିପାଠୀଙ୍କ ଜନ୍ମ ଏକ ଚାଷୀ ପରିବାରରେ । ୧୯୭୪ ମସିହା ମାର୍ଚ୍ଚ ମାସ ୨୧ ତାରିଖରେ ପ୍ରଥମ କରି ଶ୍ରୀ ତ୍ରିପାଠୀ ସମବାୟ ସମିତିରେ ସଭ୍ୟ ହୁଅନ୍ତି । ମାତ୍ର ସେବା ସମବାୟ ସମିତିରୁ ପ୍ରଥମ କରି ୧୯୭୮ ମସିହା ଡିସେମ୍ବର ମାସରେ ଋଣ ନିଅନ୍ତି । ଏହି ଅର୍ଥରେ ନିଜର ଚାଷ ଜମି ୧୨ ଏକରରେ ଫସଲ ଉତ୍ପାଦନ କରି ନିଜକୁ ଜଣେ ସଫଳ ଚାଷୀ ଭାବେ ସମଗ୍ର ରାଜ୍ୟରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି ।

ଖରିଫ୍ ଋତୁରେ ଧାନ, ଆଖୁ ଏବଂ ରବି ଋତୁରେ ଚିନାବାଦାମ ଓ ବିଭିନ୍ନ ପନିପରିବା ଚାଷ କରି ବେଶ୍ ରୋଜଗାରକ୍ଷମ ହୋଇ ପାରିଛନ୍ତି ଶ୍ରୀ ତ୍ରିପାଠୀ । ସମବାୟ ସମିତିରୁ ଋଣ ନେଇ ପରିଶୋଧ କରିବାରେ ଶ୍ରୀ ତ୍ରିପାଠୀ ଜଣେ ଆଗୁଆ ସଭ୍ୟ । ସେ ସମିତିର ଖିଲାପି ତାଲିକାରେ କେବେ ତାଙ୍କ ନାମକୁ ରଖିବାକୁ ଚାହିଁ ନାହାନ୍ତି । ଏଭଳି ରାଜ୍ୟ ସମବାୟ ବ୍ୟାଙ୍କ୍ ତରଫରୁ ତାଙ୍କୁ ଉତ୍ସାହିତ କରିବା ପାଇଁ କଳିଙ୍ଗ କିଷାନ ଗୋଲ୍ଡକାର୍ଡ଼ ପ୍ରଦାନ କରାଯାଇଛି ।

ଆମ ରାଜ୍ୟରେ ବାସ କରୁଥିବା ପ୍ରାୟ ୫୦ ଲକ୍ଷ ୪୦ ହଜାର କୃଷି ପରିବାର ମଧ୍ୟରୁ ୪୦ ଲକ୍ଷ ପରିବାର ସମବାୟ ସମିତିର ସଭ୍ୟଭୁକ୍ତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୧୯ ଲକ୍ଷ ସଭ୍ୟ ସେବା ସମବାୟ ସମିତିମାନଙ୍କରୁ ଗ୍ରହଣ କରୁଛି । କିନ୍ତୁ ମାତ୍ର ୧୦ ଲକ୍ଷ ସଭ୍ୟ ସମିତି ସହ ନିୟମିତ ଋଣ କାରବାର କରିଥାଆନ୍ତି । ଶ୍ରୀ ତ୍ରିପାଠୀ ସମବାୟ ସମିତିରୁ ଋଣ ନେଇ ସଫଳ ବିନିଯୋଗ କରି ଉତ୍ପାଦନ ବୃଦ୍ଧି କରିବା ସହ ଋଣ ପରିଶୋଧ କରିବାକୁ ପ୍ରାଥମିକ କର୍ତ୍ତବ୍ୟ ଭାବେ ଗ୍ରହଣ କରିଛନ୍ତି । ତାଙ୍କ କର୍ତ୍ତବ୍ୟ, ନିଷ୍ଠା, ପ୍ରେରଣା ଓ ନୀତିନିଷ୍ଠ ପାଇଁ ରାଜ୍ୟରେ ସମବାୟ ଆନ୍ଦୋଳନ ଆଜି ଗର୍ବିତ ।

## ଓଡ଼ିଶାରେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ୍ କାର୍ଯ୍ୟକ୍ରମ

କେନ୍ଦ୍ର ସରକାର ଓଡ଼ିଶା ସମେତ ଦେଶର ୧୮ଟି ରାଜ୍ୟରେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ୍ କାର୍ଯ୍ୟକାରୀ କରିଛନ୍ତି । ଯେଉଁଠାରେ ସ୍ୱାସ୍ଥ୍ୟସେବା ନିମ୍ନସ୍ତରରେ ରହିଛି ଏବଂ ପ୍ରମୁଖ ବିଷୟଗୁଡ଼ିକର ଉନ୍ନତି ଅପରିହାର୍ଯ୍ୟ, ସେହିଠାରେ ଏହି ଆହ୍ୱାନ ସର୍ବାଧିକ ହୋଇଛି । ଗତ ୧୭ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ଅମ୍ବୁମଣି ରାମଦୋସ୍ ଏହି ମିଶନ୍‌ର ଶୁଭ ଉଦ୍‌ଘାଟନ କରିଥିଲେ । ଏହି ମିଶନ୍ ମାଧ୍ୟମରେ ସାଧାରଣ ସ୍ୱାସ୍ଥ୍ୟସେବା ପାଇଁ ବଜେଟ୍ ଅଟକଳ ବୃଦ୍ଧି କରାଯିବା ସମେତ ବ୍ୟୟଅଟକଳରେ ସ୍ୱାସ୍ଥ୍ୟ ବ୍ୟବସ୍ଥାର ସାମର୍ଥ୍ୟ ବୃଦ୍ଧି ଓ ସାଧାରଣ ସ୍ୱାସ୍ଥ୍ୟସେବାଗୁଡ଼ିକର ସର୍ବାଙ୍ଗୀନ ଉନ୍ନତି କରାଯିବ । ଗ୍ରାମାଞ୍ଚଳ ଜନସାଧାରଣ, ମହିଳା ଓ ଶିଶୁଙ୍କ ସମେତ ଅସୁବିଧାର ସମ୍ମୁଖୀନ ହେଉଥିବା ଲୋକମାନଙ୍କୁ ଫଳପ୍ରଦ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଏଥିରେ ବ୍ୟବସ୍ଥା ରହିଛି । ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ଆଣି ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସହିତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଜାତୀୟ ସ୍ୱାସ୍ଥ୍ୟମାନଙ୍କ ଉପଲବ୍ଧ ହେବା ଦିଗରେ ରାଜ୍ୟ ସରକାରଙ୍କ ଉଦ୍ୟମକୁ ସଫଳ କରିବା ପାଇଁ ଏହି ମିଶନ୍ ଯଥେଷ୍ଟ ସହାୟକ ହୋଇପାରିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂତ୍ରରୁ ପ୍ରକାଶ ।

## ୧୭ ଗୋଟି ଇସ୍ପାତ କାରଖାନାର ଅଗ୍ରଗତି ସଂପର୍କରେ ଇସ୍ପାତ ଓ ଖଣି ମନ୍ତ୍ରୀଙ୍କ ସମୀକ୍ଷା

ଓଡ଼ିଶାର ସମ୍ବଲପୁର, ଝାରସୁଗୁଡ଼ା ଓ ରାଉରକେଲା ଅଞ୍ଚଳରେ ସ୍ଥାପିତ ହେବାକୁ ଯାଉଥିବା ୧୭ ଗୋଟି ଇସ୍ପାତ କାରଖାନାର ଅଗ୍ରଗତି ସଂପର୍କରେ ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ପଦ୍ମନାଭ ବେହେରା ସମୀକ୍ଷା କରିଛନ୍ତି ।

Click Here & Upgrade
Expanded Features
Unlimited Pages
PDF Complete Documents



ରାଜ୍ୟ ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ରାଜ୍ୟରେ ସ୍ଥାପିତ ହେବାକୁ ଯାଉଥିବା ଇସ୍ପାତ କାରଖାନାଗୁଡ଼ିକର ୩୭ ଗୋଟି ରାଜିନାମା ସ୍ୱାକ୍ଷରିତ ହେବା ଦ୍ୱାରା ଏହା ଏକ ପ୍ରମୁଖ ବିଭାଗ ଭାବେ ବିବେଚିତ ହେବ ବୋଲି ମନ୍ତ୍ରୀ ଶ୍ରୀ ବେହେରା ସମୀକ୍ଷା ବୈଠକରେ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ବିଭାଗର ପ୍ରମୁଖ ଶାସନ ସଚିବ ତଥା ଓଡ଼ିଶା ଖଣି ନିଗମର ଅଧ୍ୟକ୍ଷ ଶ୍ରୀ ଭାସ୍କର ଚାଟାର୍ଜୀ ସବୁ ଇସ୍ପାତ କାରଖାନାର ମାଲିକମାନଙ୍କର ସହଯୋଗ କାମନା କରିଥିଲେ । ଇପିକଲର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପ୍ରିୟବ୍ରତ ପଟ୍ଟନାୟକ କାରଖାନାଗୁଡ଼ିକର ଜମି ଅଧିଗ୍ରହଣ, ବିଦ୍ୟୁତ୍ ବଣ୍ଟନ, ପରିବହନ, ଜଳଯୋଗାଣ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ସବିଶେଷ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ଓଡ଼ିଶା ରାଜ୍ୟର ଲୋକମାନଙ୍କୁ କାରଖାନାଗୁଡ଼ିକରେ ନିଯୁକ୍ତି ପାଇଁ ଶ୍ରୀ ଚାଟାର୍ଜୀ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ଓଡ଼ିଶାର ଜିନିଷ କ୍ରୟ କରି ସେଥିରେ ବ୍ୟବହାର ପାଇଁ ଆହ୍ୱାନ ଦେଇଥିଲେ । ଓଡ଼ିଶାର କାରଖାନାଗୁଡ଼ିକ ଓଡ଼ିଶାପ୍ରେମୀ ହେବା ବିଧେୟ ବୋଲି ସମୀକ୍ଷାରେ ସର୍ବସମ୍ମତି ମତ ପ୍ରକାଶ ପାଇଥିଲା । ଜଳସଂପଦ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ୟୁ.ପି.ସିଂ ଜଳଯୋଗାଣ ପାଇଁ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିବା ପାଇଁ ସମସ୍ତ କାରଖାନା ମାଲିକମାନଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ଗ୍ରୀଡ଼କୋ କର୍ତ୍ତୃପକ୍ଷ ପାୱାରପ୍ଲାଣ୍ଟ ସ୍ଥାପନ ପାଇଁ ପଦକ୍ଷେପ ନେବାକୁ ଏବଂ ଏଥିପାଇଁ ଆବଶ୍ୟକୀୟ ଜମି କାରଖାନା ମାଲିକମାନେ ପ୍ରଦାନ କରିବେ ସମ୍ମତି ପ୍ରଦାନ କରିଥିଲେ । ସମୀକ୍ଷା ବୈଠକରୁ ପ୍ରାୟ ସମସ୍ତ କାରଖାନା ଦ୍ରୁତ ଗତିରେ କାର୍ଯ୍ୟ କରୁଥିବାର ଜଣାପଡ଼ିଥିଲା ।

ଏହି ସମୀକ୍ଷା ବୈଠକରେ ଶିଳ୍ପ ବିଭାଗ କମିଶନର ତଥା ଶାସନ ସଚିବ, ଇଡ଼କୋର ସି.ଏମ୍.ଡି., ଏମ୍.ଡି., ଓ.ଏସ୍.ଆଇ.ସି., ଏମ୍.ଡି, ଓ.ଏମ୍.ସି., ଜଙ୍ଗଲ ଓ ପରିବେଶ, ରାଜସ୍ୱ, ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଗ୍ରୀଡ଼କୋ, ସେସ୍‌କୋ, ୱେସ୍‌କୋର ବରିଷ୍ଠ ଅଧିକାରଙ୍କ ସମେତ ୧୭ ଗୋଟି ଇସ୍ପାତ କାରଖାନାର କର୍ମକର୍ତ୍ତାମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି କାରଖାନାଗୁଡ଼ିକ ହେଲା - ଭୂଷଣ, ଏସ୍.ଏମ୍.ସି. ଷ୍ଟ, ନେପାଳର ଶ୍ୟାମ ଡି.ଆର୍.ଆଇ., ଏସ୍.ପି.ଏସ୍., ଦେଓ, ଏମ୍.ଏସ୍.ପି., ମନେଟ୍, ଆକ୍‌ସନ୍, ଅଗ୍ରୀମ, ଆରୟାନ୍, ଜୈନ କୋଣାର୍କ, ବିରାଜ, ରଥି ଏବଂ ବି.ଆର୍.ଜି. ।

## 'କୁଟୀର ଜ୍ୟୋତି' ଯୋଜନାରେ ଚଳିତ ବର୍ଷ ମଇ ମାସ ସୁଦ୍ଧା ୧୨,୦୯୦ ହିତାଧିକାରୀଙ୍କୁ ବିଦ୍ୟୁତ୍ ଯୋଗାଣ

କେନ୍ଦ୍ର ସରକାରଙ୍କ 'କୁଟୀର ଜ୍ୟୋତି' ଯୋଜନା ଅନୁଯାୟୀ ରାଜ୍ୟରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୩୩,୩୩୪ ପରିବାରଙ୍କ ଗୃହକୁ ବିଦ୍ୟୁତ୍ ଯୋଗାଣ କରାଯିବାର ଲକ୍ଷ୍ୟ ରଖାଯାଇ ୫୦୦ ଲକ୍ଷ ଟଙ୍କା ଅଗ୍ରୀମ ଆକାରରେ ବଣ୍ଟନ କମ୍ପାନୀମାନଙ୍କୁ ପ୍ରଦାନ କରାଯାଇଛି । ଏହି ଅର୍ଥ ମଧ୍ୟରୁ ସେସ୍‌କୋକୁ ୧୪୬ ଲକ୍ଷ ଟଙ୍କା, ନେସ୍‌କୋକୁ ୧୧୯ ଲକ୍ଷ ଟଙ୍କା, ୱେସ୍‌କୋକୁ ୧୨୨ ଲକ୍ଷ ଟଙ୍କା ଏବଂ ସାଉଥ୍‌କୋକୁ ୧୧୩ ଲକ୍ଷ ଟଙ୍କା ଦିଆଯାଇଛି । ସେସ୍‌କୋ ୯୭୪୦ ହିତାଧିକାରୀଙ୍କୁ ବିଦ୍ୟୁତ୍ ଯୋଗାଣ କରିବା ପାଇଁ ଲକ୍ଷ୍ୟ ଥିବାବେଳେ ଚଳିତ ବର୍ଷ ମଇ ମାସ ଶେଷ ସୁଦ୍ଧା ୨୨୮୧ ଜଣ, ନେସ୍‌କୋ ୭୯୨୮ ହିତାଧିକାରୀଙ୍କ ମଧ୍ୟରୁ ୨୮୧୮ ଜଣ, ୱେସ୍‌କୋ ୮୧୫୪ ହିତାଧିକାରୀଙ୍କ ମଧ୍ୟରୁ ୧୭୭୨ ଜଣ ଏବଂ ସାଉଥ୍‌କୋ ୭୫୧୨ ହିତାଧିକାରୀଙ୍କ ମଧ୍ୟରୁ ୫୨୨୯ ଜଣ ହିତାଧିକାରୀଙ୍କ ଗୃହକୁ ବିଦ୍ୟୁତ୍ ସଂଯୋଗ କରିଛନ୍ତି । ଅବଶିଷ୍ଟ ହିତାଧିକାରୀଙ୍କ ଗୃହକୁ ବିଦ୍ୟୁତ୍ ସଂଯୋଗ କରିବା ନିମନ୍ତେ ୪ ଗୋଟି ବଣ୍ଟନ କମ୍ପାନୀ ଉଦ୍ୟମ ଜାରି ରଖିଛନ୍ତି । ୨୮.୨.୨୦୦୫ ସୁଦ୍ଧା ୧୦,୩୨୩ ହିତାଧିକାରୀଙ୍କ ଗୃହକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିବା ବେଳେ ୩୧.୫.୨୦୦୫ ସୁଦ୍ଧା ୧୨,୦୯୮ ହିତାଧିକାରୀଙ୍କ ଗୃହକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି ।

ବିଦ୍ୟୁତ୍‌କରଣ ହୋଇ ନଥିବା ରାଜ୍ୟର ସମସ୍ତ ଗ୍ରାମକୁ ବିଭିନ୍ନ ଯୋଜନାରେ ବିଦ୍ୟୁତ୍‌କରଣ କରାଯିବ ବୋଲି ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଅସୀତ କୁମାର ତ୍ରିପାଠୀ ପ୍ରକାଶ କରିଛନ୍ତି ।

## ଚାଷୀମାନଙ୍କ ପାଇଁ କୃଷି ବିଶ୍ୱବିଦ୍ୟାଳୟର ୪ଟି ନୂଆ ଧାନ ବିହନ

ଚଳିତ ବର୍ଷ ରାଜ୍ୟରେ ମୌସୁମୀ ପ୍ରବାହ ବିଳମ୍ବ ହୋଇଥିବାରୁ ଧାନ ଅମଳରେ ବାଧା ସୃଷ୍ଟି ହୋଇପାରେ । କୃଷି ବିଶ୍ୱବିଦ୍ୟାଳୟର ଗବେଷଣା କେନ୍ଦ୍ର ପକ୍ଷରୁ ଜଣାଯାଏ ଯେ ଅଗଷ୍ଟ ମାସ ଦ୍ୱିତୀୟ ସପ୍ତାହ ପରେ ବୁଣାବୁଣି ଓ ରୁଆ ହେଉଥିବା ଧାନ ହେକ୍ଟର ପିଛା ୧୦ କିଲୋଗ୍ରାମରୁ ଅଧିକ ପରିମାଣର ଅମଳ ହ୍ରାସ ପାଇବ । ଗତବର୍ଷ ଜୁନ୍ ମାସ ତୁଳନାରେ ଚଳିତ ବର୍ଷ ରାଜ୍ୟରେ ଧାନ ବୁଣାବୁଣି ବହୁ କମ୍ ହୋଇଛି, ଯାହାକି ଗତବର୍ଷ ତୁଳନାରେ ୪୦ ପ୍ରତିଶତ କମ୍ । ମୌସୁମୀ ପ୍ରବାହର ବିଳମ୍ବକୁ ଦୃଷ୍ଟିରେ ରଖି କୃଷି ବିଶ୍ୱବିଦ୍ୟାୟଳ ପକ୍ଷରୁ ୪ଟି ନୂତନ ଧାନ ବିହନ ପରୀକ୍ଷିତ ହୋଇ ଚାଷ ଉପଯୋଗୀ ଭାବେ ଘୋଷଣା କରାଯାଇଛି ।

Click Here & Upgrade
Expanded Features
Unlimited Pages
PDF Complete



ଏହି ୪ଟି ଧାନ ବିହନ ହେଲା - ଯୋଗେସ, ସିଦ୍ଧାନ୍ତ, ଉପହାର ଓ ପ୍ରତୀକ୍ଷା । ଯୋଗେସ ଓ ସିଦ୍ଧାନ୍ତ ଧାନ ବିହନ ଉଚ୍ଚ ଜମି ପାଇଁ ଉଦ୍ଦିଷ୍ଟ ଥିଲାବେଳେ ଉପହାର ନିମ୍ନ ଜମି ପାଇଁ ଓ ପ୍ରତୀକ୍ଷା ବିହନ ମଧ୍ୟମ ଧରଣ ଚାଷ ଜମି ପାଇଁ ଉପଯୁକ୍ତ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ଚାଷୀମାନଙ୍କୁ ଜଣାଇ ଦିଆଯାଇଛି । କୃଷି ବିଭାଗର ତଥ୍ୟ ଅନୁଯାୟୀ ସିଦ୍ଧାନ୍ତ ଓ ଯୋଗେସ ବିହନ ୯୫ ଦିନ ମଧ୍ୟରେ ଅମଳକ୍ଷମ ହେଉଥିଲା ବେଳେ ଉପହାର ଏବଂ ପ୍ରଗଣା ଯଥାକ୍ରମେ ୧୬୦ ଦିନ ଓ ୧୪୦ ଦିନ ମଧ୍ୟରେ ଅମଳ ହୋଇପାରିବ ।

ସିଦ୍ଧାନ୍ତ କିସମର ଧାନ ହେକ୍ଟର ପିଛା ହାରାହାରି ୩୪ କ୍ୱିଣ୍ଟାଲରୁ ୭୦ କ୍ୱିଣ୍ଟାଲର, ଯୋଗେସ କିସମ ଧାନ ୨୨ କ୍ୱିଣ୍ଟାଲରୁ ୫୬ କ୍ୱିଣ୍ଟାଲ, ଉପହାର କିସମ ଧାନ ୩୫ କ୍ୱିଣ୍ଟାଲରୁ ୬୨ କ୍ୱିଣ୍ଟାଲ ଓ ପ୍ରତୀକ୍ଷା କିସମ ଧାନ ୪୮ କ୍ୱିଣ୍ଟାଲରୁ ୭୨ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଅମଳ ହେବ ବୋଲି ଜଣାପଡ଼ିଛି । ଏହି ୪ଟି ନୂତନ ବିହନକୁ ମିଶାଇ ବର୍ତ୍ତମାନ ସୁଦ୍ଧା ଗବେଷଣା କେନ୍ଦ୍ର ପକ୍ଷରୁ ୫୧ କିସମର ବିହନ ଚାଷୀମାନଙ୍କୁ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି ।

ସେହିଭଳି ଉତ୍କଳ ଅନୁଶ୍ରୀ ନାମକ ଅଧିକ ଅମଳକ୍ଷମ ବାଇଗଣ ବିହନ, ଉତ୍କଳ ମାଣିକ ନାମକ ନୂତନ ଝୁଡଙ୍ଗ ବିହନ, ପ୍ରସାଦ ଓ ଉଜ୍ଜ୍ୱଳା ନାମକ ଦୁଇଟି କିସମର ବିରି ବିହନ ମଧ୍ୟ ପରୀକ୍ଷିତ ହୋଇ ଚାଷୀମାନଙ୍କ ଉଦ୍ଦେଶ୍ୟରେ ଯୋଗାଇ ଦିଆଯାଉଛି ବୋଲି ଗବେଷଣା କେନ୍ଦ୍ର ପକ୍ଷରୁ ଜଣାପଡ଼ିଛି ।

## ପ୍ରାଥମିକ ସ୍କୁଲରେ ନାମ ଲେଖାଇବା ପାଇଁ ଜନ୍ମ ପ୍ରମାଣପତ୍ର ବାଧ୍ୟତାମୂଳକ ନୁହେଁ

**- ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନ**

ରାଜ୍ୟର ପ୍ରାଥମିକ ସ୍କୁଲରେ ନାମ ଲେଖାଇବା ପାଇଁ ଜନ୍ମ ପ୍ରମାଣପତ୍ର ବାଧ୍ୟତାମୂଳକ ନୁହେଁ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନଗେନ୍ଦ୍ର କୁମାର ପ୍ରଧାନ କହିଛନ୍ତି । ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କର ନାମଲେଖା ପାଇଁ ପ୍ରଧାନ ଶିକ୍ଷକମାନେ ଜନ୍ମ ପ୍ରମାଣପତ୍ର ଆବଶ୍ୟକ କରୁଛନ୍ତି । ଏହାକୁ ବିଚାରକୁ ନେଇ ମନ୍ତ୍ରୀ ଶ୍ରୀ ପ୍ରଧାନ ନିର୍ଦ୍ଦେଶ ଦେଇଛନ୍ତି ଯେ ପ୍ରାଥମିକ ସ୍କୁଲରେ ଛାତ୍ରଛାତ୍ରୀମାନେ ନାମ ଲେଖାଇବା ପାଇଁ ଜନ୍ମ ପ୍ରମାଣପତ୍ର ଦାଖଲ କରିବା ବାଧ୍ୟତାମୂଳକ ନୁହେଁ । କୌଣସି ଅଭିଭାବକ ଜନ୍ମ ପ୍ରମାଣପତ୍ର ନାମଲେଖା ସମୟରେ ଦାଖଲ କଲେ, ତାହା ସ୍ୱାଗତଯୋଗ୍ୟ । ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ରାଜ୍ୟର ଶିକ୍ଷା ବିଭାଗର ସମସ୍ତ ସି.ଆଇ. ଏବଂ ଡି.ଆଇ.ମାନଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

## ମା’ ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀର ସଫଳତା

ଦାରିଦ୍ର୍ୟର ତାଡ଼ନାରେ ସନ୍ତୁଳିତ ହେଉଥିବା ମହିଳାମାନେ ନିଜର ଉଚ୍ଚ ଆକାଂକ୍ଷା ଓ ପରିଶ୍ରମ ବଳରେ କିପରି ରୋଜଗାରକ୍ଷମ ହୋଇ ପାରିଛନ୍ତି, ତାହାର ଏକ ନିଚ୍ଛକ ଉଦାହରଣ ସୃଷ୍ଟି କରିଛନ୍ତି ମା’ ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ।

ଅନୁଗୁଳ ବସ୍ଷ୍ଟାଣ୍ଡରୁ ୨ କି.ମି. ଉତ୍ତର ଦିଗକୁ ଗଲେ ପଡ଼େ ରାଜକିଶୋରପଡ଼ା ବସ୍ତି । ଏଠାରେ ବାସ କରୁଥିବା ୧୧୪ଟି ପରିବାର ମଧ୍ୟରୁ ପ୍ରାୟତଃ ସମସ୍ତେ ହେଉଛନ୍ତି ଭୂମିହୀନ । ସରକାରୀ ଜମିରେ ଖଣ୍ଡିଏ ଲେଖାଏଁ ଅସ୍ଥାୟୀ ଘର ତିଆରି କରି କାହିଁ କେତେ ଦିନରୁ ରହିଛନ୍ତି । ଛୋଟ ମୋଟ ବ୍ୟବସାୟ ଓ ଦିନମଜୁରୀରେ ଗୁଜୁରାଣ ମେଣ୍ଟାଇବା ବ୍ୟତୀତ ତାଙ୍କର ଅନ୍ୟ କୌଣସି ପନ୍ଥା ନାହିଁ । ସେଠାକାର ମହିଳାମାନଙ୍କ ଆର୍ଥିକ ଅବସ୍ଥା ମଧ୍ୟ ଅନୁନ୍ନତ । ସେମାନେ ପାଠ ଦି’ ଅକ୍ଷର ପଢ଼ିଥିଲେ ମଧ୍ୟ ସମ୍ବଳ ଅଭାବରୁ ରୋଜଗାରକ୍ଷମ ହେବା ପାଇଁ ଅକ୍ଷମ । ପୁରୁଷମାନଙ୍କ ସୀମିତ ରୋଜଗାର ମଧ୍ୟରେ ପରିବାର ଚଳାଇବା ତାଙ୍କ ପକ୍ଷରେ କଷ୍ଟକର ହୋଇପଡ଼େ । ଫଳରେ ସେମାନେ ପିଲାମାନଙ୍କର ଉପଯୁକ୍ତ ଶିକ୍ଷା, ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ଦେଇପାରୁନଥାନ୍ତି ।

ଏହି ବସ୍ତିରେ ଥିବା ମହିଳାମାନଙ୍କର ଅଧିକ ଅର୍ଥ ଉପାର୍ଜନ କରିବାର ସୁବିଧା ସୁଯୋଗ ଥିବା ସତ୍ତ୍ୱେ ସେମାନେ ତାହା ଉପଭୋଗ କରୁ ନଥିବା କଥା ଦୃଷ୍ଟିଗୋଚର ହୋଇଥିଲା ଜାତୀୟ ସମବାୟ ୟୁନିୟନ, ଶିକ୍ଷା କ୍ଷେତ୍ର ପରିଯୋଜନା, ଅନୁଗୁଳ ମହିଳା ପ୍ରଶିକ୍ଷିକାଙ୍କର । ତେଣୁ ମହିଳାମାନଙ୍କୁ ସଂଗଠିତ କରି ସେମାନଙ୍କ ଅର୍ଥନୈତିକ, ସାମାଜିକ ଏବଂ ସାଂସ୍କୃତିକ ଅଭିବୃଦ୍ଧି ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀର ଆବଶ୍ୟକତା ସମ୍ବନ୍ଧରେ ପ୍ରଶିକ୍ଷକ ବୁଝାଇ ଦେଲେ । ଏହାକୁ ହୃଦୟଙ୍ଗମ କରି ପ୍ରଥମେ ୧୪ ଜଣ ସଭ୍ୟା ମିଶି ୯.୧୧.୨୦୦୩ ମସିହାରେ ଗଢ଼ିଲେ ମା’ ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ । ଗୋଷ୍ଠୀର ପ୍ରତ୍ୟେକ ସଭ୍ୟା ତାଙ୍କର ଦୈନନ୍ଦିନ ଖର୍ଚ୍ଚରୁ ମାସିକ ୫୦ ଟଙ୍କା ଲେଖାଏଁ ଅମାନତ ପଇଠ କରି ଅନୁଗୁଳ

Click Here & Upgrade
Expanded Features
Unlimited Pages
PDF Complete



ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖାରେ ଗୋଷ୍ଠୀ ନାମରେ ଏକ ସଂଚୟ ଜମା ବହି ଖୋଲିଲେ । ଗଣତାନ୍ତ୍ରିକ ପଦ୍ଧତିରେ ସେମାନଙ୍କ ମଧ୍ୟରୁ ଜଣକୁ ସଭାନେତ୍ରୀ ଏବଂ ସଂପାଦିକା ଭାବେ ମନୋନିତ କଲେ । ମାସର ୯ ତାରିଖରେ ଗୋଷ୍ଠୀର ମାସିକ ବୈଠକ ବସାଇଲେ । ଗୋଷ୍ଠୀ ମେମ୍ବର ରେଜିଷ୍ଟାର, ସଭାବହି, ଏବଂ ଋଣବହି, କ୍ୟାସ ବହି ଇତ୍ୟାଦି ରେକର୍ଡ଼ ବ୍ୟବହାର କଲେ । ପ୍ରଥମେ ଗୋଷ୍ଠୀର ସଭ୍ୟମାନେ ସେମାନଙ୍କର ସାଧାରଣ ପାଣ୍ଠିରୁ ସ୍ୱଳ୍ପ ଋଣ ନେଇ ବଡ଼ି, ପାନ ଦୋକାନ ଏବଂ ମସଲା ବ୍ୟବସାୟ ଇତ୍ୟାଦି କରୁଥିଲେ । ମାତ୍ର ବିଭିନ୍ନ ପ୍ରକାର ହାତ ତିଆରି ଜିନିଷ ଯଥା- ଧୂପକାଠି, ଫିନାଇଲ ଏବଂ ବିଭିନ୍ନ ସୌଖୀନ ସାମଗ୍ରୀର ଚାହିଦା ଏବଂ ବିକ୍ରିବଟାର ସୁବିଧା ଥିବା ଉପଲବ୍ଧ କରି ଜନଶିକ୍ଷଣ ସଂସ୍ଥା ଜରିଆରେ ତାଲିମର ବ୍ୟବସ୍ଥା ଭାରତ ଜାତୀୟ ସମବାୟ ୟୁନିୟନ କରାଇବା ଫଳରେ ସଭ୍ୟାମାନେ ଏବେ ଉପରୋକ୍ତ ଜିନିଷ ତିଆରି କରୁଛନ୍ତି ।

ପ୍ରଥମ ପର୍ଯ୍ୟାୟରେ ମହିଳା ଶାଖାରୁ ୧୪ ହଜାର ଟଙ୍କା ମାଇକ୍ରୋ କ୍ରେଡିଟ୍ ଋଣ ନେଇ ଧୂପକାଠି ଓ ଫିନାଇଲ ପ୍ରସ୍ତୁତ କରି ମାସକୁ ୨୦୦୦ରୁ ୩୦୦୦ ଟଙ୍କା ପର୍ଯ୍ୟନ୍ତ ସଭ୍ୟାମାନେ ରୋଜଗାର କଲେ । ନିର୍ଦ୍ଧାରିତ ସମୟ ପୂର୍ବରୁ ଏହି ଋଣ ପରିଶୋଧ କରି ପୁନର୍ବାର ୫୦,୦୦୦ ଟଙ୍କା ଋଣରେ ଫିନାଇଲ ଓ ଧୂପକାଠି ବ୍ୟବସାୟ କରିବା ସହିତ ୧୦,୫୦୦ ଟଙ୍କା ଦେଇ ଏକ ଗ୍ରାଇଣ୍ଡର ମେସିନ ମଧ୍ୟ କିଣିଛନ୍ତି । ବସ୍ତିର ଲୋକମାନଙ୍କର ବିରି, ଚାଉଳ ବାଟି ବେଶ୍ ଦୁଇ ପଇସା ରୋଜଗାର ମଧ୍ୟ କରୁଛନ୍ତି । ଗୋଷ୍ଠୀ ମାସକୁ ୭୦୦୦ ଟଙ୍କାରୁ ୮୦୦୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଅଛି । ଚଳିତବର୍ଷ ଛତୁ ଚାଷ କରି ଅଧିକ ଦୁଇ ପଇସା ରୋଜଗାର କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ।

ଗୋଷ୍ଠୀର ସଭ୍ୟାମାନଙ୍କର ଯେ ଖାଲି ଅର୍ଥନୈତିକ ବିକାଶ ହୋଇଛି, ତାହା ନୁହେଁ, ମହିଳା ସାକ୍ଷରତା, ଜନସେଚତନତା, ସ୍ୱାସ୍ଥ୍ୟ ଶିକ୍ଷା, ସାହି ପରିମଳ ଇତ୍ୟାଦି ସାମାଜିକ କାର୍ଯ୍ୟକ୍ରମରେ ମଧ୍ୟ ନିଜକୁ ସାମିଲ କରିଅଛନ୍ତି । ଏତଦ୍‌ବ୍ୟତୀତ ସଭ୍ୟାମାନଙ୍କ ମଧ୍ୟରେ ଏକତା ବଜାୟ ରଖିବାକୁ ଯାଇ ପିକ୍‌ନିକ୍ ଏବଂ ଭୋଜିଭାତ କରି ମଉଜ ମଜଲିସ୍ ମଧ୍ୟ କରୁଅଛନ୍ତି । ଗୋଷ୍ଠୀ ଚଳିତବର୍ଷ ଅନୁଗୁଳ ସଂଯୁକ୍ତ ସମବାୟ ବ୍ୟାଙ୍କ୍ ଦ୍ୱାରା ଆୟୋଜିତ ସମବାୟ ସପ୍ତାହ ପାଳନ ଉତ୍ସବରେ ଶ୍ରେଷ୍ଠ ସ୍ୱୟଂ ସହାୟକ ଗୋଷ୍ଠୀ ଭାବେ ପୁରସ୍କୃତ ହୋଇଅଛି ।

ମା' ଦୁର୍ଗା ଆମ୍ବ ସହାୟକ ଗୋଷ୍ଠୀର ଏସବୁ ସଫଳତା ଦେଖି ଅନୁଗୁଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଡକ୍ଟର ସରୋଜ ମିଶ୍ର ସନ୍ତୋଷ ବ୍ୟକ୍ତ କରିବା ସହିତ ଗୋଷ୍ଠୀକୁ ଆବଶ୍ୟକୀୟ ଅର୍ଥ ଯୋଗାଇ ଦେବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି ।

ବାସ୍ତବରେ ଆଜିର ଏହି ପୁରୁଷ ପ୍ରଧାନ ସମାଜରେ ମହିଳାମାନଙ୍କୁ ରୋଜଗାରକ୍ଷମ କରି ସ୍ୱାବଲମ୍ବୀ କରିବାରେ ମା' ଦୁର୍ଗା ଆମ୍ବ ସହାୟକ ଗୋଷ୍ଠୀର ଯେଉଁ ପ୍ରୟାସ ତା' ନିଶ୍ଚୟ ସ୍ୱାଗତଯୋଗ୍ୟ ।

ସୌଜନ୍ୟ : ହେମନ୍ତ କୁମାର ନାୟକ, ସହ ସୂଚନା ଅଧିକାରୀ

Click Here & Upgrade
Expanded Features
Unlimited Pages
PDF Complete
Documents

ସମ୍ପାଦକୀୟ

# ଆଜିର ସଂକଳ୍ପ




**ଭା**ରତବର୍ଷର ସ୍ୱାଧୀନତା ସଂଗ୍ରାମର ଇତିବୃତ୍ତି ଆକଳନ କଲେ ସ୍ୱୀକାର କରିବାକୁ ହେବ ଯେ, ସମଗ୍ର ବିଶ୍ୱରେ ଏହାର ସ୍ୱରୂପ ଏବଂ ଫଳାଫଳ ଅନନ୍ୟ ସାଧାରଣ । ଅହିଂସା ମାର୍ଗରେ ସାଧିତ ଏ ସଂଗ୍ରାମର ଫଳଶ୍ରୁତି ହେଉଛି ଗଣତାନ୍ତ୍ରିକ ସମାଜବାଦ ଢାଞ୍ଚାରେ ନିଜକୁ ନିଜେ ଶାସନ କରିବାର ଅପୂର୍ବ ପୂର୍ଣ୍ଣତା । ଏହି ସ୍ୱାତନ୍ତ୍ର୍ୟ ଆଜି ହିଁ ଆସିଥିଲା । ପାଖାପାଖି ଛଅ ଦଶନ୍ଧି ତଳେ । ଅଗଷ୍ଟ ପନ୍ଦରର ପୁଣ୍ୟ ତିଥିରେ । ୧୯୪୭ ମସିହାରେ । ଯେଉଁମାନଙ୍କର ଦୂରଦୃଷ୍ଟି, ତ୍ୟାଗ, ଉତ୍ସର୍ଗ, ଦୃଢ଼ ମନୋବଳ, ପ୍ରାଣବଳି ଏହି ଅଳଭ୍ୟ ଉପଲବ୍ଧକୁ ସାର୍ଥକ କରିଗଲା, ଆଜି ସେମାନଙ୍କ ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାର ଅବସର ।

ଏଇ ସ୍ୱପ୍ନଦର୍ଶୀମାନେ ସେଦିନ ଦେଖିଥିଲେ - ଏକ ସ୍ୱର୍ଣ୍ଣପ୍ରସୂ ଭାରତର ରୂପ । ଏଠି ସବୁଜ ବିପ୍ଳବ ମାଧ୍ୟମରେ ହସି ଉଠିବ ଜନଜୀବନର ଧାରା । ଶିଳ୍ପ ବିପ୍ଳବ ମାଧ୍ୟମରେ ପୂର୍ଣ୍ଣ ହୋଇ ଉଠିବ ବ୍ୟକ୍ତିଗତ ଜୀବନ ଭଣ୍ଡାର । ସ୍ୱପ୍ନକୁ ସାକାର କରିବାରେ ଆମେ ବହୁତ ଆଗକୁ ଆସିଛୁ । ସ୍ୱାସ୍ଥ୍ୟ, ଶିକ୍ଷା, ବିଜ୍ଞାନ, କୃଷି, ଶିଳ୍ପ, ସୂଚନା ପ୍ରଯୁକ୍ତି ବିଦ୍ୟା, ଜୈବପ୍ରଯୁକ୍ତି ବିଦ୍ୟା, ମହାକାଶ ଗବେଷଣା, ପରମାଣୁ ଶକ୍ତିର ଶାନ୍ତିପୂର୍ଣ୍ଣ ପ୍ରୟୋଗ ପାଇଁ ସ୍ୱୀକୃତ ଅନୁରକ୍ତି - ସବୁ କ୍ଷେତ୍ରରେ ଆମେ ଅଗ୍ରଗତି କରୁଛେ - ସେମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଯଥାଯଥ ପଦକ୍ଷେପ ନେଉଛେ ।

ତଥାପି ଆମେ ସଂଗ୍ରାମ କରୁଛୁ । ସଂଗ୍ରାମ କରୁଛୁ ପ୍ରାକୃତିକ ବିପର୍ଯ୍ୟୟ ବିରୁଦ୍ଧରେ, ଦାରିଦ୍ର୍ୟ ବିରୁଦ୍ଧରେ, ଅଭାବି ବିରୁଦ୍ଧରେ - ମାନସିକ ଅପୂର୍ଣ୍ଣତା ବିରୁଦ୍ଧରେ । ଏ ଲଢ଼େଇରେ ସଂକଳ୍ପ, ନିଷ୍ଠା ଓ ସାଧନା ଯାହା ଦରକାର ଆମର ନେତୃବର୍ଗ ତାହା ସଫଳ ଭାବେ ଦେଇ ଆସିଛନ୍ତି - ସାଧାରଣ ଜନତା ଆଜି ଉଦ୍‌ବୁଦ୍ଧ ଏହି ଉତ୍ସର୍ଗୀକୃତ ସରଳ, ନିରଳସ ନେତୃତ୍ୱର ଅଧୀନରେ ।

ଏଇ ପରିପ୍ରେକ୍ଷୀରେ ଓଡ଼ିଶାର ଅଗ୍ରଗତି ଓ ପରିଚିତି ସ୍ୱତନ୍ତ୍ର । ବହୁ ପ୍ରତିକୂଳ ପରିବେଶ, ପ୍ରାକୃତିକ ପ୍ରତିକୂଳତା ସତ୍ତ୍ୱେ ଆମେ ଦୃପ୍ତ ଅଥଚ ଧୀର ପଦକ୍ଷେପରେ ଆଗେଇ ଚାଲିଛେ । ଓଡ଼ିଶା ଆଜି ଶିଳ୍ପ ବିପ୍ଳବର ଏକ ଅଭିନବ ପ୍ରଗତିର ଦ୍ୱାରଦେଶରେ । ମାଟି ତଳର ବିପୁଳ ସମ୍ପତ୍ତିର ଐଶ୍ୱର୍ଯ୍ୟକୁ ମାଟିର ମଣିଷର ହିତରେ ବିନିଯୋଗ କରିବା ପାଇଁ ସରକାର ସଂକଳ୍ପବଦ୍ଧ । ବିଶ୍ୱର ବୃହତ୍ ଇସ୍ପାତ୍ କମ୍ପାନୀ ପୋସ୍କୋର ୫୧ ହଜାର କୋଟି ଟଙ୍କାର ପୁଞ୍ଜି ଲଗାଣ ଓଡ଼ିଶାର ଶିଳ୍ପ ମାନଚିତ୍ରରେ ୨୦୦୫ ମସିହାର ଏକ ଅଭୂତପୂର୍ବ ଚିତ୍ର ଓ ସଫଳତାର କାହାଣୀ । ଭାରତବର୍ଷର ଶିଳ୍ପ କ୍ଷେତ୍ରରେ ବିଦେଶୀ ପୁଞ୍ଜି ଲଗାଣରେ ଏହା ସବୁଠାରୁ ଅଧିକ । ପୋସ୍କୋକୁ ଛାଡ଼ି ସରକାର ଓଡ଼ିଶାରେ ବିଭିନ୍ନ ଧରଣର ଖଣିଜ ଶିଳ୍ପର ପ୍ରତିଷ୍ଠା ପାଇଁ ଆଉ ୩୬ଟି କମ୍ପାନୀମାନଙ୍କ ସହ ବୁଝାମଣାପତ୍ରରେ ସ୍ୱାକ୍ଷର କରି ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି । ହଜାର ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ ପୁଣି

Click Here & Upgrade
Expanded Features
Unlimited Pages
PDF Complete

୧୦ ଲକ୍ଷ ଓଡ଼ିଆଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତିର ଯୋଜନା ଓ ଓଡ଼ିଶାର ବିକାଶ କ୍ଷେତ୍ରରେ ଯେ ଏକ ଯୁଗାନ୍ତକାରୀ ପଦକ୍ଷେପ ଏଥିରେ ସନ୍ଦେହ ନାହିଁ ।

ଏଇ ସ୍ୱପ୍ନର ସଫଳତା ଆମକୁ ଦାରିଦ୍ର୍ୟରୁ ମୁକ୍ତି ଦେବ । ବେରୋଜଗାରୀ ଏବଂ ବେକାରୀରୁ ମୁକ୍ତି ଦେବ । ଏକ ନୂତନ ସୁସ୍ଥ ସମୃଦ୍ଧ ଉତ୍କଳର ପରିଚୟରେ ବିମୁଗ୍ଧ କରିବ ଉତ୍କଳବାସୀଙ୍କୁ । ଓଡ଼ିଶାର ଶିଳ୍ପ ଇତିହାସରେ ଆଗାମୀ ଶତାବ୍ଦୀ ସମୃଦ୍ଧିର ସ୍ୱର୍ଣ୍ଣଯୁଗ ରୂପେ ଲିପିବଦ୍ଧ ହୋଇ ରହିବ ।

୫୯ତମ ସ୍ୱାଧୀନତା ଦିବସରେ - ଏଇ ସଂକଳ୍ପର ସୂର୍ଯ୍ୟ ରଶ୍ମିରେ ପୂର୍ଣ୍ଣ ହେଉ ଆଜିର ସକାଳ ।

ଜୟହିନ୍ଦ୍ ।



Click Here & Upgrade
Expanded Features
Unlimited Pages
PDF Complete Documents

# ଉତ୍କଳ ପ୍ରସଙ୍ଗ

## The Utkal Prasanga

୬୨ ଭାଗ　　୧ମ ସଂଖ୍ୟା　　ଶ୍ରାବଣ-ଭାଦ୍ର　　ଅଗଷ୍ଟ - ୨୦୦୫

**ଦିଗମ୍ବର ମହାନ୍ତି**
କମିଶନର ତଥା ଶାସନ ସଚିବ

**ବୈଷ୍ଣବ ପ୍ରସାଦ ମହାନ୍ତି**
ନିର୍ଦ୍ଦେଶକ

**ଶରତଚନ୍ଦ୍ର ସାମନ୍ତରାୟ**
କାର୍ଯ୍ୟ ନିର୍ବାହୀ ସମ୍ପାଦକ

ସମ୍ପାଦନା ସହଯୋଗୀ
**ଗୋବିନ୍ଦଚନ୍ଦ୍ର ମଲ୍ଲିକ**
**ସଚ୍ଚିଦାନନ୍ଦ ବାରିକ**

ପ୍ରଚ୍ଛଦପଟ ଓ ଲେ-ଆଉଟ ଡ଼ିଜାଇନିଂ
**ମାନସ ନାୟକ**

କମ୍ପ୍ୟୁଟର ସେଟିଂ ଓ ଡ଼ିଜାଇନିଂ
**ମନୋଜ କୁମାର ପାତ୍ର**
**ହେମନ୍ତ କୁମାର ସାହୁ**

**ବାର୍ଷିକ ଦେୟ : ଟ.୫୦.୦୦**
**ପ୍ରତିଖଣ୍ଡ : ଟ.୫.୦୦**

ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ଓଡ଼ିଶା ସରକାରଙ୍କର ସୂଚନା ଓ ଲୋକ ସମ୍ପର୍କ ବିଭାଗଦ୍ୱାରା ପ୍ରକାଶିତ ଏବଂ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ - ୧୦ରେ ମୁଦ୍ରିତ ।

ଠିକଣା : 'ଉତ୍କଳ ପ୍ରସଙ୍ଗ', ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ, ଲୋକ ସଂପର୍କ ଭବନ, ଭୁବନେଶ୍ୱର - ୭୫୧୦୦୧
ଫୋନ : ୨୪୦୪୫୧୩, ଇ-ମେଲ୍ : iprsec@rediffmail.com, ୱେବ୍‌ସାଇଟ୍ : www.orissagov.nic.in

Click Here & Upgrade
Expanded Features
Unlimited Pages
PDF Complete Documents

# ସୂଚୀ


- ଆମେ ଓ ଆମର ସ୍ୱାଧୀନତା — ଗୁରୁକଲ୍ୟାଣ ମହାପାତ୍ର --- ୧
- ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ — ଡଃ ଚନ୍ଦ୍ରଭାନୁ ପଟେଲ --- ୪
- ଗାନ୍ଧୀ ମନ୍ତର — ଓମ୍ ପ୍ରକାଶ ମହାପାତ୍ର --- ୭
- ଓଡ଼ିଆ କାବ୍ୟକବିତାରେ ଜାତୀୟ ଚେତନା — ଡକ୍ଟର ସୋମାଚାନ୍ଦ --- ୮
- ନୂଆ ସକାଳର କଥା — ଡକ୍ଟର ପ୍ରମୋଦ କୁମାର ପରିଡ଼ା --- ୧୪
- ଏକତା ହିଁ ଶ୍ରେଷ୍ଠ ପନ୍ଥା — ଦେବରାଜ ସାମନ୍ତରାୟ --- ୧୫
- ସ୍ୱାଧୀନତା ସଂଗ୍ରାମରେ ବନ୍ଦୀ ଜୀବନ — କାଞ୍ଚି ନାରାୟଣ ମହାନ୍ତି --- ୧୬
- ଖୋର୍ଦ୍ଧାରେ ଇଂରେଜ ଶକ୍ତି ପ୍ରତିବାଦର ପ୍ରତିଧ୍ୱନି — ଡକ୍ଟର ଜନ୍ମେଜୟ ଚୌଧୁରୀ --- ୨୦
- ନୟାଗଡ଼ରେ ସ୍ୱାଧୀନତା ବିଦ୍ରୋହ — ପଙ୍କଜ ସାହୁ --- ୨୩
- ମୁକ୍ତି ସଂଗ୍ରାମରେ ବୀର ସୁରେନ୍ଦ୍ର ସାଏ — ଡକ୍ଟର ସତ୍ୟଭାମା ପତି --- ୨୯
- ମୁକ୍ତି ଯୁଦ୍ଧରେ ଓଡ଼ିଶାର ଆଦିବାସୀ ସଂପ୍ରଦାୟ — ଆରତୀରାଣୀ ଡାକୁଆ --- ୩୩
- ପ୍ରଣାମ — ଶାନ୍ତନୁ କୁମାର ଦାସ --- ୩୫
- ବର୍ଷୀୟାନ ସଂଗ୍ରାମୀ ଓ କବି ଗୌରଚନ୍ଦ୍ର ମହାପାତ୍ର — କୃଷ୍ଣଚନ୍ଦ୍ର ସୁଆର --- ୩୬
- ଅଲିଭା ସଳିତା ସରଳା ଦେବୀ — ପ୍ରଶାନ୍ତ କୁମାର ଦାଶ --- ୪୦
- ସ୍ୱାଧୀନତା ସଂଗ୍ରାମୀ ଅନନ୍ତ ଚରଣ ବେଉରାୟ — ସୁରେଶ କୁମାର ପ୍ରଧାନ --- ୪୨
- ଗଡ଼ଜାତ ସ୍ୱାଧୀନତା ସଂଗ୍ରାମରେ ସଂଗ୍ରାମୀ କାହ୍ନୁଚରଣ ଦାଶ — ବୀରକିଶୋର ଦାଶ --- ୪୪
- ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅମ୍ଳାନ ଜ୍ୟୋତି ସଂଗ୍ରାମୀ ଗୌରୀଶ୍ୟାମ ନାୟକ — ବ୍ରଜ ପାଇକରାୟ --- ୪୭
- ସ୍ୱାଧୀନତା ଆନ୍ଦୋଳନରେ ନିମାପଡ଼ାର ମୋହନ ଦାଶ — ଶ୍ରୀନିବାସ ଆଚାର୍ଯ୍ୟ --- ୪୯
- ସ୍ୱାଧୀନତା ସଂଗ୍ରାମରେ ବରଗଡ଼ ଜିଲ୍ଲାର ନାରୀ — ଅଧ୍ୟାପକ ପବିତ୍ର ମୋହନ ବାରିକ --- ୫୨
- ସ୍ୱାଧୀନତା ପୂର୍ବବର୍ତ୍ତୀ ଉପନ୍ୟାସ ‘ଶାସ୍ତି’ରେ ଜୀବନବୋଧ — ଡକ୍ଟର ସୀମାଞ୍ଚଳ ପ୍ରଧାନ --- ୫୫
- ଗ୍ରାମ୍ୟ ସମୃଦ୍ଧି ପଥେ ଓଡ଼ିଶା — ସୌରଜିତ ଦାସ --- ୫୮
- ଫକୀର ମୋହନ ବିଶ୍ୱବିଦ୍ୟାଳୟ ଓ ଏହାର ବିକାଶୋନ୍ମୁଖୀ ଧାରା — ପ୍ରଦୀପ କୁମାର ଗାଁଣ --- ୬୦
- ସେକାଳର ବିଷଚାରା — ବସନ୍ତ କୁମାର ଦେବ --- ୬୧
- ପୋସ୍ଟୋ ରାଜିନାମା — ପଦ୍ମନାଭ ବେହେରା --- ୬୨
- ସୂଚନା ଅଧିକାର ଆଇନ - ୨୦୦୫ — ତାରାକାନ୍ତ ମହାନ୍ତି --- ୬୫
- ସ୍ୱାଧୀନତା ପରବର୍ତ୍ତୀ-ଭାରତରେ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି — ଅଧ୍ୟାପକ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି --- ୬୮
- ଗଞ୍ଜାମ ଜିଲ୍ଲାରେ ଭଗିରଥଙ୍କ ଭାଗିରଥୀର ସ୍ୱଜଳ ଧାରା — ଦାମୋଦର ପାଢ଼ୀ --- ୭୧
- ନାରୀ ନିର୍ଯ୍ୟାତନା ଓ ତା’ର ନିରୋଧ — ସୁମତୀ ବେହେରା --- ୭୩
- ସମ୍ବାଦ ପରିକ୍ରମା --- ୭୫

Click Here & Upgrade
Expanded Features
Unlimited Pages
PDF Complete

# ଜାତୀୟ ସଙ୍ଗୀତ



ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା
ପଞ୍ଜାବ-ସିନ୍ଧୁ-ଗୁଜରାଟ-ମରାଠା
ଦ୍ରାବିଡ଼-ଉତ୍କଳ-ବଙ୍ଗ
ବିନ୍ଧ୍ୟ-ହିମାଚଳ-ଯମୁନା-ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶିଷ ମାଗେ
ଗାହେ ତବ ଜୟ ଗାଥା
ଜନଗଣ-ମଙ୍ଗଳଦାୟକ ଜୟ ହେ,
ଭାରତ-ଭାଗ୍ୟ-ବିଧାତା
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ ।

- ରବୀନ୍ଦ୍ରନାଥ ଠାକୁର

Click Here & Upgrade
Expanded Features
Unlimited Pages
PDF Complete Documents



# ବନ୍ଦେ ମାତରମ୍

ସୁଜଳାମ୍, ସୁଫଳାମ୍, ମଳୟଜ ଶୀତଳାମ୍
ଶସ୍ୟ ଶ୍ୟାମଳାମ୍ ମାତରମ୍ ।
ଶୁଭ୍ରଜ୍ୟୋସ୍ନାଂ ପୁଲକିତ ଯାମିନୀମ୍
ଫୁଲ୍ଲ କୁସୁମିତ ଦ୍ରୁମଦଳ ଶୋଭିନୀମ୍
ସୁହାସିନୀମ୍ ସୁମଧୁର ଭାଷିଣୀମ୍
ସୁଖଦାଂ ବରଦାଂ ମାତରମ୍ ।।
ବନ୍ଦେ ମାତରମ୍ ।।।

- ବଙ୍କିମଚନ୍ଦ୍ର ଚାଟାର୍ଜୀ

Click Here & Upgrade
Expanded Features
Unlimited Pages
PDF Complete



ଭାରତଛାଡ଼ ଆନ୍ଦୋଳନରେ ଗାନ୍ଧିଜୀ



ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ ରୂପେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଶପଥ ଗ୍ରହଣ

Click Here & Upgrade
Expanded Features
Unlimited Pages
PDF Complete



**ଭିନ୍ନ ଏକ ଉନ୍ମାଦନା :** ସ୍ୱାଧୀନତା ଆନ୍ଦୋଳନ କାଳରେ ଆଜାଦ୍ ହିନ୍ଦ୍ ଫୌଜର ଏକ ପ୍ୟାରେଡରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ।



**ସେହି ଶୁଭ ମୁହୂର୍ତ୍ତ :** ୧୯୪୭ ଅଗଷ୍ଟ ୧୫ ତାରିଖ ପ୍ରତ୍ୟୁଷରେ ଦିଲ୍ଲୀ ଲାଲକିଲାର ଏକ ଦୃଶ୍ୟ ।

Click Here & Upgrade
Expanded Features
Unlimited Pages
PDF Complete

# ଓଡ଼ିଶାର ଅମର ଶହୀଦ



ଜୟୀ ରାଜଗୁରୁ



ବୀର ସୁରେନ୍ଦ୍ର ସାଏ



ବିର୍ସା ମୁଣ୍ଡା



ବାଜି ରାଉତ



ରଘୁନାଥ ମହାନ୍ତି



ଦିବାକର ପରିଡ଼ା



ଲକ୍ଷ୍ମଣ ନାୟକ

Click Here & Upgrade
Expanded Features
Unlimited Pages
PDF Complete

# ଆମ ଜାତୀୟତାର ପ୍ରତୀକ



ଜାତୀୟ ଫୁଲ - ପଦ୍ମଫୁଲ

ଜାତୀୟ ପଶୁ - ବ୍ୟାଘ୍ର





ଜାତୀୟ ପକ୍ଷୀ - ମୟୂର

Click Here & Upgrade
Expanded Features
Unlimited Pages
PDF Complete



# ୬୯ତମ ସ୍ୱାଧୀନତା ଦିବସ ଅବସରରେ ଓଡ଼ିଶାର ମହାମାନ୍ୟ ରାଜ୍ୟପାଳ

# ଶ୍ରୀ ରାମେଶ୍ୱର ଠାକୁରଙ୍କ ବାର୍ତ୍ତା

ପ୍ରିୟ ଭଉଣୀ ଓ ଭାଇମାନେ,

ସ୍ୱାଧୀନତା ଦିବସ ପାଳନର ପବିତ୍ର ଅବସରରେ ମୁଁ ଆପଣ ସମସ୍ତଙ୍କୁ ମୋର ଗଭୀର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଆମ ଇତିହାସର ପୃଷ୍ଠାରେ ଅଗଷ୍ଟ ପନ୍ଦର ଏକ ସ୍ମରଣୀୟ ଦିବସ । ବ୍ରିଟିଶ ସାମ୍ରାଜ୍ୟ ବିରୁଦ୍ଧରେ ଦୀର୍ଘ ଦିନ ସଂଗ୍ରାମ ପରେ ୧୯୪୭ ମସିହାର ଏହି ଦିନ ବିଦେଶୀ ଶାସନର ଶୃଙ୍ଖଳରୁ ନିଜକୁ ମୁକ୍ତ କରି ଭାରତ ସ୍ୱାଧୀନତା ଲାଭ କରିଥିଲା । ଆଜି ଆମେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଉଛୁ । ତାଙ୍କ ନେତୃତ୍ୱରେ ଜାତୀୟ ବିପ୍ଳବ ତ୍ୱରାନ୍ୱିତ ହୋଇଥିଲା ଏବଂ ଶେଷରେ ଭାରତ ସ୍ୱାଧୀନତା ଲାଭ କରିଥିଲା । ସ୍ୱାଧୀନତା ପାଇଁ ଏହି ସଂଗ୍ରାମରେ ଯେଉଁ ଅଗଣିତ ଦେଶଭକ୍ତ ପ୍ରାଣବଳି ଦେଇଛନ୍ତି, ଆମେ ସେମାନଙ୍କୁ ମଧ୍ୟ ଭକ୍ତିର ସହ ସ୍ମରଣ କରୁଛୁ । ବାହ୍ୟ ଆକ୍ରମଣ ଓ ଆନ୍ତଃ-ସୀମା ଆତଙ୍କବାଦ ବିପକ୍ଷରେ ଲଢ଼ି ଯେଉଁ ସୈନିକ ଓ ବୀର ଯବାନମାନେ ମୃତ୍ୟୁବରଣ କରିଛନ୍ତି, ସେମାନଙ୍କ ନିକଟରେ ଆମେ କୃତଜ୍ଞ ।

ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଅବଦାନ କିଛି କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଓଡ଼ିଶାର ଦେଶପ୍ରେମୀମାନେ ସେମାନଙ୍କର ଅଦମ୍ୟ ସାହସ ଓ ଅବିଚଳ ଦେଶପ୍ରେମ ପ୍ରଦର୍ଶନ କରିଥିଲେ ଏବଂ ଜାତୀୟ ଆନ୍ଦୋଳନରେ ସେମାନଙ୍କର ଅବଦାନ ଥିଲା ଉଲ୍ଲେଖନୀୟ । ସେହି ମହାନ୍ ନେତାମାନଙ୍କୁ ଆମେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ ।

ସ୍ୱାଧୀନତା ପରେ ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଦୂରଦୃଷ୍ଟି ପାଇଁ ବିକାଶର ବିଭିନ୍ନ କ୍ଷେତ୍ରରେ ଆମ ରାଷ୍ଟ୍ର ଦ୍ରୁତ ପ୍ରଗତି ହାସଲ କରିପାରିଛି ଏବଂ ବିଶ୍ୱର ରାଷ୍ଟ୍ରମାନଙ୍କ ମଧ୍ୟରେ ଗୌରବମୟ ସ୍ଥାନ ଅଧିକାର କରିପାରିଛି ।

ସ୍ୱାଧୀନତା ପରେ, ସମସ୍ତ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ହାସଲ କରି ଓଡ଼ିଶା ଆଗେଇ ଚାଲିଛି । ସମଗ୍ର ଭାରତବର୍ଷ ମଧ୍ୟରେ ଓଡ଼ିଶାକୁ ଏକ ପ୍ରଗତିଶୀଳ ଓ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ମୋ’ ସରକାର ନିଷ୍ଠାପର ଉଦ୍ୟମ ଜାରି ରଖିଛନ୍ତି । ଦାରିଦ୍ର୍ୟ ଦୂରୀକରଣ, ମୁଣ୍ଡପିଛା ଆୟ ବୃଦ୍ଧି ଏବଂ ଆମ ଲୋକମାନଙ୍କର ଜୀବନଧାରଣର ମାନ ଉନ୍ନତ କରାଇବା ପାଇଁ ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକ ପୂର୍ଣ୍ଣମାତ୍ରାରେ ଆଗେଇ ଚାଲିଛି ।

ଓଡ଼ିଶା ପ୍ରଭୂତ ଖଣିଜ ସଂପଦରେ ଭରପୂର । ଏହି ସମସ୍ତ ଖଣିଜ ସଂପଦକୁ ମୂଲ୍ୟଯୁକ୍ତ ସମ୍ବଳରେ ରୂପାନ୍ତରିତ କରିବା ପାଇଁ ମୋ’ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ରାଜ୍ୟରେ ଇସ୍ପାତ ଏବଂ ଆଲୁମିନିୟମ କ୍ଷେତ୍ରରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଅନ୍ୟୁନ ୩୭ଟି କମ୍ପାନୀ ଆଗ୍ରହ ପ୍ରକାଶ କରିଛନ୍ତି । ନିକଟରେ ଦକ୍ଷିଣ କୋରିଆର ବୃହତ୍ ଇସ୍ପାତ୍ କମ୍ପାନୀ ପୋସ୍କୋ ପାରାଦୀପଠାରେ ୫୧ ହଜାର କୋଟି ଟଙ୍କା ବିନିଯୋଗରେ ୧୨ ନିୟୁତ ଟନ୍ ଶକ୍ତି ବିଶିଷ୍ଟ ବୃହତ୍ ଇସ୍ପାତ କାରଖାନା ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛି । ଏହା ଭାରତରେ ସର୍ବବୃହତ୍ ଏକକ ବିଦେଶୀ ପୁଞ୍ଜି ବିନିଯୋଗ ଅଟେ ।

ଏହି ସମସ୍ତ କାରଖାନା ରାଜ୍ୟ ରାଜକୋଷକୁ ରାଜସ୍ୱ ବାବଦରେ ବିପୁଳ ଅର୍ଥ ଯୋଗାଇବ ଏବଂ ରାଜ୍ୟର ଯୁବକଯୁବତୀମାନଙ୍କ ପାଇଁ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିବ ।

ମୋ’ ସରକାର ରାଜ୍ୟର ଯୁବାବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଇବା ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ନିଯୁକ୍ତି ମିଶନ ଗଠନ କରିଛନ୍ତି ଏବଂ ବହୁମୁଖୀ ଆତ୍ମନିଯୁକ୍ତି କାର୍ଯ୍ୟକ୍ରମଗୁଡ଼ିକର ରୂପରେଖ ସ୍ଥିରୀକୃତ ହେବାରେ ଲାଗିଛି । ସ୍ଥାନୀୟ ସମ୍ବଳ ସବୁକୁ ସ୍ଥାନୀୟ ଆବଶ୍ୟକତା ସହିତ ଖାପଖୁଆଇ କିପରି ଅଧିକ ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରାଯାଇପାରିବ, ସେଥିପାଇଁ ସରକାର ବିହିତ ପଦକ୍ଷେପ ନେଉଛନ୍ତି ।

କୃଷି ଏବଂ ଉଦ୍ୟାନ ଚାଷର ବିକାଶ ଉପରେ ସରକାର ଗୁରୁତ୍ୱାରୋପ କରୁଛନ୍ତି । ପନିପରିବା, ଫଳ ଓ ଫୁଲଚାଷ ଦ୍ୱାରା କୃଷକମାନଙ୍କର ଆୟ ଆଶାତୀତ ଭାବେ ବୃଦ୍ଧି ପାଇବ । ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୨୦ଟି ଜିଲ୍ଲାରେ ଜାତୀୟ ଉଦ୍ୟାନ ମିଶନ କାର୍ଯ୍ୟକାରୀ କରାଯିବ ।

Click Here & Upgrade
Expanded Features
Unlimited Pages
PDF Complete

ଜଳସେଚନ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଏବଂ ପରିଚାଳନା ଦାୟିତ୍ୱ ପାଣିପଞ୍ଚାୟତଗୁଡ଼ିକୁ ହସ୍ତାନ୍ତର କରାଯାଉଛି । ଏହିପରି ୧୦ ଲକ୍ଷ ହେକ୍ଟର ଜମିର ଦାୟିତ୍ୱ ୧୨,୯୦୨ଟି ପାଣିପଞ୍ଚାୟତକୁ ଦିଆଯାଇଛି । ଝରଣା ଏବଂ ଛୋଟ ନଈ ଉପରେ କ୍ଷୁଦ୍ର ଜଳସେଚନ ବ୍ୟବସ୍ଥାର ନିର୍ମାଣ କରାଇ ତୁରନ୍ତ ଜଳସେଚନ ସୁବିଧା ଯୋଗାଇ ଦେବା ପାଇଁ ବିଜୁ କୃଷକ ବିକାଶ ଯୋଜନା ଅଧୀନରେ ସରକାର ଏକ ଅଭିନବ ପରିକଳ୍ପନାର ଶୁଭାରମ୍ଭ କରିଛନ୍ତି ।

ଅନୁସୂଚିତ ଜାତି ଓ ଜନଜାତିମାନଙ୍କର ସର୍ବାଙ୍ଗୀନ ବିକାଶକୁ ସରକାର ଅଗ୍ରାଧିକାର ଦେଉଛନ୍ତି । ଜମି ଓ ଜଙ୍ଗଲ ସଂପର୍କିତ ସମସ୍ୟା ତଥା ଅନୁସୂଚିତ ଅଞ୍ଚଳଗୁଡ଼ିକରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକର ରୂପାୟନ ପାଇଁ ଜିଲ୍ଲା ଓ ଉପଖଣ୍ଡ ସ୍ତରରେ ଟାସ୍କଫୋର୍ସମାନ ଗଠନ କରାଯାଇଛି ।

ମିଶନ ଶକ୍ତି ନାମକ ଏକ କାର୍ଯ୍ୟକ୍ରମ ମାଧ୍ୟମରେ ମହିଳାମାନଙ୍କର ସଶକ୍ତିକରଣକୁ ସରକାର ଅଗ୍ରାଧିକାର ଦେଉଛନ୍ତି । ଆମ ରାଜ୍ୟରେ ଏ ଯାବତ୍ ୧,୩୯,୦୫୯ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଛି । ଏହି ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ବିଭିନ୍ନ ଆୟ ସୃଷ୍ଟିକାରୀ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ମିଶନଶକ୍ତି ଅଭୂତପୂର୍ବ ସଫଳତା ହାସଲ କରିଛି ଏବଂ ଏହାର ଅଗ୍ରଗତି ଏତେ ଉତ୍ସାହଜନକ ଯେ ସରକାର ଏହାକୁ ଆହୁରି ପ୍ରୋତ୍ସାହିତ କରିବାକୁ ସଂକଳ୍ପବଦ୍ଧ ।

ରାଜ୍ୟ ସରକାର ଏକ ଓଡ଼ିଶା ଟେକ୍ନୋଲୋଜି ମିଶନ ପ୍ରତିଷ୍ଠା କରିବା ପାଇଁ ଆଇ.ଆଇ.ଟି, ଖଡଗପୁର ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ଏହି ଲକ୍ଷ୍ୟରେ ଯେ ଏହାଦ୍ୱାରା ଜୈବ ପ୍ରଯୁକ୍ତି ବିଜ୍ଞାନ ଓ ଜୈବ ସୂଚନା ବିଜ୍ଞାନକୁ ଯଥାର୍ଥ ଭାବେ ପ୍ରୋତ୍ସାହିତ କରିହେବ । ଭୁବନେଶ୍ୱରଠାରେ ଏକ ଜୈବ ପ୍ରଯୁକ୍ତି ପାର୍କ ଏବଂ କୋଣାର୍କଠାରେ ଏକ ସାମୁଦ୍ରିକ ଜୈବ ପ୍ରଯୁକ୍ତି ପାର୍କ ପ୍ରତିଷ୍ଠା କରାଯିବ । ଭୁବନେଶ୍ୱର ପାଇଁ ଏକ ମାଷ୍ଟରପ୍ଲାନ, ଭିଜନ-୨୦୩୦ ଏବଂ ଉପକୂଳ ଅଞ୍ଚଳ ପରିଚାଳନା ଯୋଜନା ପ୍ରସ୍ତୁତ କରିବା ଏହି ମିଶନର ଲକ୍ଷ୍ୟ ମଧ୍ୟରୁ ଅନ୍ୟତମ । କଟକ ଓ ଭୁବନେଶ୍ୱର ଯୌଥ ନଗରର ସାମଗ୍ରିକ ବିକାଶ ପାଇଁ ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରିବା ନିମନ୍ତେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇସାରିଛି ।

ବୈଦେଶିକ ମୁଦ୍ରା ଅର୍ଜନ କରିବା, ଉନ୍ନତମାନର ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ଆମ ଅର୍ଥନୀତିରେ ଉତ୍ପାଦିକା ଶକ୍ତି ବୃଦ୍ଧି କରାଇବା ଦିଗରେ ସୂଚନା ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଅସୀମ ସମ୍ଭାବନା ରହିଛି । ବିଭିନ୍ନ କ୍ଷେତ୍ରରେ ଆଇ.ଟିର ବ୍ୟବହାର କ୍ରମଶଃ ଜୀବନର ଅନେକ କ୍ଷେତ୍ରରେ କାର୍ଯ୍ୟ କରିବାର ପଦ୍ଧତିରେ ପରିବର୍ତ୍ତନ ଆଣିଛି । ସରକାରୀ ୱେବସାଇଟ୍ ପରିଚାଳନା ପାଇଁ ଏକ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୂପ ସରକାର ଷ୍ଟେଟ୍ ପୋର୍ଟାଲ ଗ୍ରୁପ୍ ଆରମ୍ଭ କରିଛନ୍ତି । ଇ-ଗଭର୍ଣ୍ଣାସ୍ ଅଭିଯାନ ଦ୍ୱାରା ସେବା ଯୋଗାଇବା ପ୍ରକ୍ରିୟାକୁ ଆହୁରି ଉନ୍ନତ ଓ ସୁସଂହତ କରିବା ନିମନ୍ତେ ଯଥାଯଥ ଆଇ.ଟି. ନୀତି ପ୍ରଣୟନ କରାଯାଇଛି । ଏହାଦ୍ୱାରା ରାଜ୍ୟରେ ଇଣ୍ଟରନେଟ୍ ସୁବିଧା କ୍ରମବର୍ଦ୍ଧିଷ୍ଣୁ ଭାବେ ଉପଲବ୍ଧ ହେବ ଏବଂ ରାଜ୍ୟରେ ଇଣ୍ଟରନେଟ୍‌ର ପ୍ରସାର ପ୍ରକ୍ରିୟା ସହଜ ହୋଇପାରିବ । ଇ-କମର୍ସ କ୍ଷେତ୍ରରେ ସିଧାସଳଖ ବିଦେଶୀ ପୁଞ୍ଜି ବିନିଯୋଗକୁ ଆକୃଷ୍ଟ କରିବା ପାଇଁ ସରକାର ଆଗେଇ ଆସିଛନ୍ତି ଏବଂ ସମସ୍ତ ଆର୍ଥିକ ଅସାମଞ୍ଜସ୍ୟକୁ ସୁବ୍ୟବସ୍ଥିତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ।

ନବଜାତ ଶିଶୁ ମୃତ୍ୟୁ ସମସ୍ୟାର ସମାଧାନ ପାଇଁ ସରକାର ଶିଶୁ ମୃତ୍ୟୁହ୍ରାସ ମିଶନ ଗଠନ କରିଛନ୍ତି । ଏହାକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିବା ଏବଂ 'ନବଜ୍ୟୋତି' ପରି ଅଭିନବ ଯୋଜନା ମାଧ୍ୟମରେ ଏହାକୁ ଜାତୀୟ ହାର ସ୍ତରକୁ ଆଣିବା ପାଇଁ ସରକାର ଆଗ୍ରହୀ ।

୨୦୦୫ ମସିହା ଅକ୍ଟୋବର ୧୨ ତାରିଖଠାରୁ ମୋ' ସରକାର ସୂଚନା ଅଧିକାର ଆଇନ-୨୦୦୫କୁ କାୟମନବାକ୍ୟରେ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି । ଏହି ଆଇନ ଅନୁଯାୟୀ ନାଗରିକମାନଙ୍କ ପାଇଁ ସୂଚନା ଅଧିକାରର ଏକ ପ୍ରାୟୋଗିକ ପ୍ରଶାସନିକ ଢାଞ୍ଚା ପ୍ରତିଷ୍ଠା ହୋଇପାରିବ, ଯଦ୍ଦ୍ୱାରା କି ନାଗରିକମାନଙ୍କର ସୂଚନା ଜାଣିବାର ଅଧିକାର ନିରାପଦ ହେବା ସଂଗେସଂଗେ ପ୍ରତ୍ୟେକ ସରକାରୀ କର୍ମକର୍ତ୍ତାଙ୍କର କାର୍ଯ୍ୟଧାରାରେ ସ୍ୱଚ୍ଛତା ଏବଂ ଉତ୍ତର ଦାୟିତାକୁ ପ୍ରୋତ୍ସାହିତ କରାଯିବ । ମୁଁ ଆନନ୍ଦିତ ଯେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ତିନି ସଦସ୍ୟ ବିଶିଷ୍ଟ କମିଟି ଗଠନ କରାଯାଇଛି, ଯାହାଙ୍କ ଅନୁମୋଦନକ୍ରମେ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ଏବଂ ଅନ୍ୟାନ୍ୟ ଆୟୁକ୍ତମାନଙ୍କୁ ନିଯୁକ୍ତି ଦିଆଯିବ । ସର୍ବୋପରି ଗ୍ରାମାଞ୍ଚଳରେ କୃଷି, ଶିଳ୍ପ, ସୂଚନା ବିଜ୍ଞାନ, ଜୈବ ପ୍ରଯୁକ୍ତି ବିଜ୍ଞାନ, ଉଦ୍ୟାନ ଏବଂ ଫଳଚାଷ ଓ ପର୍ଯ୍ୟଟନର ବିକାଶ ମାଧ୍ୟମରେ ରାଜ୍ୟର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି ।

ଓଡ଼ିଶା ପ୍ରଭୂତ ବିକାଶର ଦ୍ୱାରଦେଶରେ ଉପନୀତ । ଓଡ଼ିଶାକୁ ଏକ ଅଗ୍ରଣୀ, ସ୍ପନ୍ଦନଶୀଳ ରାଜ୍ୟରେ ପରିଣତ କରିବା ପାଇଁ ଆମର ପ୍ରଚୁର ପ୍ରାକୃତିକ ସଂପଦ ଓ ମାନବସମ୍ବଳ ରହିଛି । ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ଆମର ପ୍ରଧାନମନ୍ତ୍ରୀ ଅତ୍ୟନ୍ତ ସହାନୁଭୂତିଶୀଳ ଓ ଚିନ୍ତିତ । ରାଜ୍ୟ ସରକାରଙ୍କ ବିଭିନ୍ନ ପଦକ୍ଷେପ, କେନ୍ଦ୍ର ସରକାରଙ୍କ ସକାରାତ୍ମକ ମନୋଭାବ ଏବଂ ଜନସାଧାରଣଙ୍କ ପ୍ରତ୍ୟକ୍ଷ ସଂପୃକ୍ତି ଦ୍ୱାରା ଜନସାଧାରଣଙ୍କ କଲ୍ୟାଣ ଏବଂ ରାଜ୍ୟର ବିକାଶ ପ୍ରକ୍ରିୟା ଆଶାତୀତ ଭାବେ ତ୍ୱରାନ୍ୱିତ ହୋଇପାରିବ । ଆମମାନଙ୍କର କର୍ତ୍ତବ୍ୟ ବିଶ୍ୱସ୍ତଭାବେ ସଂପାଦନ କରିବା ପାଇଁ ଆମେ ସମସ୍ତେ ତ୍ୱରିତ ମାନସିକତା ପ୍ରଦର୍ଶନ କରିବା ଉଚିତ ।

ସ୍ୱାଧୀନତା ଦିବସ ପାଳନର ପବିତ୍ର ଅବସରରେ ଓଡ଼ିଶାକୁ ଏକ ସମୃଦ୍ଧ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବା ପାଇଁ ଆସନ୍ତୁ ଆମେ ସମସ୍ତେ ଶପଥ ନେବା ।

ଜୟହିନ୍ଦ୍ ।

Click Here & Upgrade
Expanded Features
Unlimited Pages
PDF Complete
Documents



# ୫୯ତମ ସ୍ୱାଧୀନତା ଦିବସ ଅବସରରେ
# ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
# **ଶ୍ରୀ ନବୀନ ପଟ୍ଟନାୟକଙ୍କ**
# ବାର୍ତ୍ତା

ପ୍ରିୟ ଭାଇ ଓ ଭଉଣୀମାନେ,

ସ୍ୱାଧୀନତା ଦିବସ ପାଳନର ଶୁଭ ଅବସରରେ ମୁଁ ଆପଣମାନଙ୍କୁ ସମସ୍ତଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ସ୍ୱାଧୀନତା ଦିବସ ଆମ ସମସ୍ତଙ୍କ ପାଇଁ ଏକ ମହାନ୍ ଓ ପବିତ୍ର ଦିବସ । ଏହି ଦିନ ଆମ ଦେଶ ବ୍ରିଟିଶ୍ ଶାସନରୁ ମୁକ୍ତ ହୋଇଥିଲା । ସ୍ୱାଧୀନତା ସଂଗ୍ରାମରେ ଆମର ଅନେକ ସଂଗ୍ରାମୀ ଶହୀଦ୍ ହୋଇଛନ୍ତି । ସ୍ୱାଧୀନତା ଦିବସ ପାଳନ ଅବସରରେ ମୁଁ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଶହୀଦ୍ ସଂଗ୍ରାମୀମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ସ୍ୱାଧୀନତା ସଂଗ୍ରାମରେ ଆମ ରାଜ୍ୟର ଯେଉଁ ସଂଗ୍ରାମୀମାନେ ସେମାନଙ୍କର ତ୍ୟାଗ ଓ ଦେଶପ୍ରେମ ଦେଖାଇଛନ୍ତି, ସେମାନଙ୍କ ପ୍ରତି ମଧ ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି ।

ସ୍ୱାଧୀନତା ପରେ ଆମ ଦେଶ ବିଭିନ୍ନ କ୍ଷେତ୍ରରେ ପ୍ରଗତି ହାସଲ କରିଛି । ଆଜି ଭାରତ ସାରା ବିଶ୍ୱରେ ଏକ ସମ୍ମାନଜନକ ସ୍ଥାନ ହାସଲ କରିପାରିଛି । ଆମ ରାଜ୍ୟ ଓଡ଼ିଶା ମଧ ପ୍ରଗତି ପଥରେ ଆଗେଇ ଚାଲିଛି ।

ଆମ ରାଜ୍ୟରେ ପ୍ରଚୁର ସମ୍ପଦ ଭରପୂର ରହିଛି । ଏହି ଖଣିଜକୁ ବ୍ୟବହାର କରି ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବାପାଇଁ ଆମେ ଚେଷ୍ଟା ଜାରି ରଖିଛୁ । ଇସ୍ପାତ ଓ ଆଲୁମିନିୟମ ଶିଳ୍ପ ପାଇଁ ବିଭିନ୍ନ କମ୍ପାନୀମାନଙ୍କ ସହିତ ଛତିଶିଟି MoU କରାଯାଇଛି । ଦକ୍ଷିଣ କୋରିଆର ବଡ଼ ଇସ୍ପାତ କମ୍ପାନୀ POSCO ସହିତ ମଧ ଆମର MoUହୋଇଛି । POSCO ପାରାଦୀପରେ ୧୨ ମିଲିୟନ ଟନ୍‌ର ଏକ ବିରାଟ ଇସ୍ପାତ କାରଖାନା ବସାଇବା ପାଇଁ ରାଜି ହୋଇଛି । ଏଥିରେ ୫୧ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ । ଏହା ଆମ ଦେଶର ସବୁଠାରୁ ବଡ଼ ବିଦେଶୀ ପୁଞ୍ଜି । ଏହିସବୁ କଳକାରଖାନା ବସିଲେ ଆମର ଯୁବକଯୁବତୀମାନେ ନିଯୁକ୍ତି ସୁଯୋଗ ପାଇବେ ଏବଂ ରାଜ୍ୟର ରାଜସ୍ୱ ଆଦାୟ ବୃଦ୍ଧି ପାଇବ । ଏହାଛଡ଼ା ରେଳପଥ ଓ ବନ୍ଦରର ବିକାଶ ଉପରେ ଆମେ ବିଶେଷ ଗୁରୁତ୍ୱ ଦେଉଛୁ । ଧାମରା, ପାରାଦୀପ ଓ ଗୋପାଳପୁରରେ ନୂଆ ବନ୍ଦର ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହେଉଛି ।

ମୋ' ସରକାର Information Technology, Bio-Technology ଓ Tourismର ବିକାଶ ଉପରେ ଗୁରୁତ୍ୱ ଦେଉଛି । ଏସବୁ କ୍ଷେତ୍ରରେ ନିଯୁକ୍ତିର ବହୁତ ସୁଯୋଗ ରହିଛି ଏବଂ ଏହାଦ୍ୱାରା ଆମ ରାଜ୍ୟ ଶୀଘ୍ର ପ୍ରଗତି ହାସଲ କରିପାରିବ ।

ଆମ ରାଜ୍ୟରେ ଗଢ଼ି ଉଠୁଥିବା ଶିଳ୍ପ ପାଇଁ ଭଲ Technician ସୃଷ୍ଟି କରିବା ଉପରେ ଆମେ ଗୁରୁତ୍ୱ ଦେଉଛୁ । ଏଥିପାଇଁ ରାଜ୍ୟର ୧୦ଟି ITIକୁ Centre of Excellence ଭାବରେ ଗଢ଼ିବା ପାଇଁ ସ୍ଥିର କରାଯାଇଛି । ଚଳିତ ବର୍ଷ କଟକ ଓ ରାଉରକେଲା

Click Here & Upgrade
Expanded Features
Unlimited Pages
PDF Complete

ITIକୁ Centre of Excellence ଭାବରେ ଗଢ଼ିବା ପାଇଁ ପଦକ୍ଷେପ ନିଆଯାଇଛି । ସେହିପରି Self-Employment କ୍ଷେତ୍ରରେ ଆମର ଯୁବକଯୁବତୀମାନଙ୍କୁ ସହାୟତା କରିବା ପାଇଁ ମୋ ସରକାର Employment Mission ଗଠନ କରିଛି ।

କୃଷି, Horticulture, ମାଛ ଚାଷ, ପଶୁପାଳନ ଉପରେ ଆମେ ଜୋର ଦେଉଛୁ । National Horticulture Mission ଦ୍ୱାରା ଆମ ରାଜ୍ୟର ୨୦ଟି ଜିଲ୍ଲାରେ ବଡ଼ଧରଣର Horticulture କାମ ହାତକୁ ନିଆଯାଉଛି । ଫୁଲ, ଫଳ ଓ ପନିପରିବା ଚାଷ ଦ୍ୱାରା ଆମର ଚାଷୀ ଅଧିକ ଲାଭ ପାଇବ । ଚାଷ ଓ ଚାଷୀର ସୁବିଧା ପାଇଁ ଆମ ସରକାର ପାଣିପଞ୍ଚାୟତ ଓ ବିଜୁ କୃଷକ ବିକାଶ ଯୋଜନା କାର୍ଯ୍ୟକ୍ରମ ଚାଷୀଭାଇମାନଙ୍କ ଆଦର ଲାଭ କରିଛି । ଚାଷୀମାନଙ୍କ ସୁବିଧା ପାଇଁ ବର୍ଷକ ଭିତରେ ଜମି ପାଶ୍ ବୁକ୍ ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି ମୁଁ ଘୋଷଣା କରୁଛି । ଗାଁକୁ ଭଲରାସ୍ତା, ପିଇବା ପାଣି ଓ ବିଜୁଳି ଯୋଗାଣ ପାଇଁ କାର୍ଯ୍ୟକ୍ରମ ଜୋରସୋରରେ ଚାଲିଛି ।

ଆଦିବାସୀ, ହରିଜନ ଓ ସଂଖ୍ୟାଲଘୁମାନଙ୍କ ଉନ୍ନତି ମୋ' ସରକାରର ଏକ ବଡ଼ କାର୍ଯ୍ୟକ୍ରମ । ଆଦିବାସୀ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟର ବିକାଶ କାମ ଜୋରସୋରରେ ଚାଲିଛି । ଆଦିବାସୀ, ହରିଜନ, ପଛୁଆବର୍ଗ ଓ ସଂଖ୍ୟାଲଘୁଙ୍କ ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ବିଶେଷ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।

ମହିଳାମାନଙ୍କ ଉନ୍ନତି ପାଇଁ ଆମେ ଆରମ୍ଭ କରିଥିବା ମିଶନ ଶକ୍ତି କାର୍ଯ୍ୟକ୍ରମ ଏକ ଗଣଆନ୍ଦୋଳନରେ ପରିଣତ ହୋଇଛି । ଏହି କାର୍ଯ୍ୟକ୍ରମରେ ମହିଳାମାନେ ବିଶେଷ ଲାଭ ପାଉଛନ୍ତି ।

ପ୍ରାଥମିକ ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ରାଜ୍ୟ ସରକାର ଖୁବ୍ ସଚେତନ ଅଛନ୍ତି । ଆପଣମାନେ ଜାଣି ଖୁସି ହେବେ ଆମ ରାଜ୍ୟର ଶିଶୁ ମୃତ୍ୟୁହାର ଆଗଠାରୁ କମ୍ ହୋଇପାରିଛି । ଏହାକୁ ଆହୁରି କମାଇବା ପାଇଁ ଉଦ୍ୟମ ଚାଲିଛି ।

ମୋ' ସରକାର ବିଭିନ୍ନ କ୍ଷେତ୍ରରେ ଓଡ଼ିଶାକୁ ଆଗେଇ ନେଇ ଏକ ଉନ୍ନତ ଓ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ସଂକଳ୍ପ ନେଇଛି ।

ପବିତ୍ର ସ୍ୱାଧୀନତା ଦିବସ ପାଳନ ଅବସରରେ ଆମ ରାଜ୍ୟକୁ ଭାରତର ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ, ଆସନ୍ତୁ, ଆଜି ଆମେ ସମସ୍ତେ ସଂକଳ୍ପ ନେବା ।

ଜୟହିନ୍ଦ୍ ।

Click Here & Upgrade
Expanded Features
Unlimited Pages
PDF Complete Documents



# ୫୯ତମ ସ୍ୱାଧୀନତା ଦିବସ ଅବସରରେ
# ମାନ୍ୟବର ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ
# **ଶ୍ରୀ ଦେବାଶିଷ ନାୟକଙ୍କ**
# ବାର୍ତ୍ତା

୫୯ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଅଗଣିତ ସ୍ୱାଧୀନତା ସଂଗ୍ରାମୀ ଓ ଦେଶ ମାତୃକା ପାଇଁ ପ୍ରାଣବଳି ଦେଇଥିବା ଅମର ଶହୀଦମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଓ ବିନୀତ ପ୍ରଣତି ଜଣାଉଛି ।

ବିଶ୍ୱ ଇତିହାସରେ ଭାରତର ସ୍ୱାଧୀନତା ସଂଗ୍ରାମ ଏକ ଅନନ୍ୟ ସାଧାରଣ ଘଟଣା । ବିଶ୍ୱର ବିଭିନ୍ନ ପ୍ରାନ୍ତରେ ସଂଗଠିତ ହୋଇଥିବା ସବୁ ସ୍ୱାଧୀନତା ସଂଗ୍ରାମ ତଥା ରାଷ୍ଟ୍ର ବିପ୍ଳବ ରକ୍ତପାତରେ ହୋଇଛି । ଫରାସୀ ରାଷ୍ଟ୍ର ବିପ୍ଳବ, ଆମେରିକା ସ୍ୱାଧୀନତା ସଂଗ୍ରାମ, ରୁଷ ବିପ୍ଳବ ତଥା ବହୁ ରାଷ୍ଟ୍ରର ସ୍ୱାଧୀନତା ସଂଗ୍ରାମର ପରିଣତି ପ୍ରାୟ ଏକାପରି । ଦୁଇ ଶହ ବର୍ଷର ପରାଧୀନ ଭାରତବର୍ଷରୁ ବ୍ରିଟିଶରାଜକୁ ତଡ଼ିବା ପାଇଁ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଆନ୍ଦୋଳନ ଆରମ୍ଭ ହୋଇଥିଲା, ତା'ର ମାର୍ଗ ଥିଲା ଭିନ୍ନ । ଅହିଂସା, ସତ୍ୟାଗ୍ରହ ଓ ଅସହଯୋଗ ଆନ୍ଦୋଳନ ଭିତ୍ତିରେ ଭାରତ ମାଟିରୁ ବ୍ରିଟିଶରାଜ ଶକ୍ତିକୁ ହଟାଇବା ପାଇଁ ଗାନ୍ଧିଜୀ ଏହି ପନ୍ଥା ବାଛିଥିଲେ । ଅହିଂସା, ସତ୍ୟାଗ୍ରହ ଓ ଅସହଯୋଗ ଜରିଆରେ ସ୍ୱାଧୀନତା କିଭଳି ହାସଲ କରାଯାଇପାରେ, ସେ ତା'ର ଏକ ନୂତନ ଦିଗଦର୍ଶନ ଦେଇଯାଇଛନ୍ତି ।

ଯେଉଁ ବୀର ସଂଗ୍ରାମୀମାନେ ସର୍ବସ୍ୱ ତ୍ୟାଗ କରି ମୁକ୍ତି ସଂଗ୍ରାମରେ ଝାସ ଦେଇଥିଲେ, ବ୍ରିଟିଶ ଶାସନର ଦାରୁଣ ଦମନ ଓ ନିର୍ମମ ନିର୍ଯ୍ୟାତନା ସହି ଥିଲେ, ସେମାନେ ଏ ଜାତିର ଚିର ବରେଣ୍ୟ ଓ ନମସ୍ୟ ।

ଗାନ୍ଧିଜୀ କହିଥିଲେ ଯେଉଁଦିନ ଦରିଦ୍ର ଲୋକଟିର ଆଖିରୁ ଲୁହ ପୋଛି ହୋଇଯିବ, ପ୍ରକୃତ ସ୍ୱାଧୀନତା ମିଳିଛି ବୋଲି ସେ ସେହିଦିନ ଅନୁଭବ କରିବ । ଆଜି ସ୍ୱାଧୀନତା ସଂଗ୍ରାମୀମାନଙ୍କର ଦେଶ ପାଇଁ ନିଜର ତ୍ୟାଗ, ତପସ୍ୟା ଓ ସଂଗ୍ରାମର ସ୍ମୃତିଚାରଣ କଲାବେଳେ ସମାଜର ନୈତିକ ଅଧୋଗତି, ଆଦର୍ଶବୋଧର ଅବକ୍ଷୟ ଅଧୋଗତିର ଚରମ ସୀମାରେ ପହଞ୍ଚିଛି । ଦେଶପ୍ରୀତି, ଜାତୀୟତାବୋଧ, ମୈତ୍ରୀ ଓ ସଂହତିଭାବ ଆମ ମନରୁ ଦୂରେଇ ଯାଇଛି । ମହାତ୍ମା ମହାପୁରୁଷମାନଙ୍କ ପ୍ରଦର୍ଶିତ ମାର୍ଗରୁ ଆମେ ଦୂରେଇ ଯାଇଛୁ । ଏହି ନୈତିକ ଅଧୋଗତିରୁ ଭାରତୀୟ ମହାଜାତିକୁ ରକ୍ଷା କରିବା ଉତ୍ତର ପୁରୁଷଙ୍କ ବ୍ରତ ହେଉ ।

ବର୍ତ୍ତମାନ ସରକାର ଓଡ଼ିଶାକୁ ଏକ ପ୍ରଗତିଶୀଳ ଓ ସମୃଦ୍ଧ ରାଜ୍ୟ ରୂପେ ଗଢ଼ି ତୋଳିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ରାଜ୍ୟବାସୀଙ୍କ ସାମାଜିକ ଓ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବା ନିମନ୍ତେ ଯେଉଁ ଉଦ୍ୟମ କରାଯାଉଛି, ତାହା ଅନ୍ୟମାନଙ୍କ

Click Here & Upgrade
Expanded Features
Unlimited Pages
PDF Complete

ନିମନ୍ତେ ନୂତନ ଉଦାହରଣ ସୃଷ୍ଟି କରିଛି । ଗଭୀର ନିଷ୍ଠା ଓ ଦୃଢ଼ ମନୋବଳ ସହିତ ରାଜ୍ୟ ସରକାର ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ବ୍ୟବସ୍ଥାର ସୁଦୃଢ଼ୀକରଣ, ମହିଳାମାନଙ୍କ କ୍ଷମତା ପ୍ରଦାନ, ଆର୍ଥିକ ସଂସ୍କାର, ପୁଂଜିନିବେଶ ଦ୍ୱାରା ଅଧିକ ସମ୍ବଳ ସଂଗ୍ରହ, ସୂଚନା ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ବିକାଶ, ଦ୍ରୁତ ଶିଳ୍ପାୟନ, ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାରେ ଉନ୍ନତି ଏବଂ ଆଗାମୀ ଦିନ ପାଇଁ ସୁଚିନ୍ତିତ ଫଳପ୍ରସୂ ଯୋଜନା ଉପରେ ଅଗ୍ରାଧିକାର ଦେଇଛନ୍ତି । କ୍ରୀଡ଼ାର ପ୍ରସାର ନିମନ୍ତେ ରାଜ୍ୟରେ ଏକ କ୍ରୀଡ଼ା ଏକାଡେମୀ ଖୁବ୍‌ଶୀଘ୍ର ପ୍ରତିଷ୍ଠା ହେବାକୁ ଯାଉଛି । ଶାସନରେ ସ୍ୱଚ୍ଛତା ଆଣିବା ପାଇଁ ଆସନ୍ତା ଅକ୍ଟୋବର ମାସ ୧୨ ତାରିଖରୁ ରାଜ୍ୟରେ ସୂଚନା ଅଧିକାର ଆଇନ-୨୦୦୫ କାର୍ଯ୍ୟକାରୀ ହେଉଛି । ଏଥିପାଇଁ ବିଧିବଦ୍ଧ ପଦକ୍ଷେପ ଗ୍ରହଣ କରାଯାଇ ପ୍ରକ୍ରିୟା ଜାରି ରହିଛି ।

ଚାଲନ୍ତୁ, ଏହି ପବିତ୍ର ଦିନ ଅବସରରେ ଆମେ ବଜ୍ର ଶପଥ ନେବା 'ଓଡ଼ିଶାକୁ ଏକ ଅଗ୍ରଣୀ, ସମୃଦ୍ଧ ଓ ପ୍ରଗତିଶୀଳ ରାଜ୍ୟ ରୂପେ ଗଢ଼ି ତୋଳିବା ।'

ଜୟହିନ୍ଦ୍ ।